# ଓଡ଼ିଆ

## +୩ ସମ୍ମାନ - ଦ୍ୱିତୀୟ ବର୍ଷ ଷଷ୍ଠ ପତ୍ର

## ( ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ )

UTKAL UNIVERSITY
D.D.C.E
Education for All

ଦୂର ଓ ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର, ଓଡ଼ିଶା

A

# ଓଡ଼ିଆ

(ସମ୍ମାନ)

ଦ୍ୱିତୀୟ ବର୍ଷ - ଷଷ୍ଠ ପତ୍ର

(ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ)

ସମ୍ପାଦନା

ଦୁର୍ଗେଶ ନନ୍ଦିନୀ ସ୍ୱାଇଁ

UTKAL UNIVERSITY

ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର

B

© ଲେଖକ ଓ ପ୍ରକାଶକଙ୍କ ଦ୍ୱାରା ସର୍ବସତ୍ୱ ସଂରକ୍ଷିତ
ଏହି ପାଠ୍ୟର କୌଣସି ପ୍ରସଙ୍ଗ, କୌଣସି ପରିସ୍ଥିତିରେ ବି ଲେଖକ ଓ ପ୍ରକାଶକଙ୍କ ବିନା ଅନୁମତିରେ ଅନ୍ୟ କୌଣସି କ୍ଷେତ୍ରରେ ବ୍ୟବହୃତ ହୋଇପାରିବ ନାହିଁ ।

ଦୁର୍ଗେଶ ନନ୍ଦିନୀ ସ୍ୱାଇଁ

ପ୍ରକାଶକ ଓ ମୁଦ୍ରାକର:
ନନ୍ଦଲାଲ ପ୍ରକାଶନ
ଏଫ୍-୭୫୫/୪, ସେକ୍ଟର-୯,
ସି.ଡ଼ି.ଏ, କଟକ-୭୫୩୦୧୪
E_mail : nandalalprakashan@gmail.com

# ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

## ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

### ଭୁବନେଶ୍ୱର - ୭୫୧୦୦୭

## ନିର୍ଦ୍ଦେଶକଙ୍କ କଲମରୁ...



୧୯୬୨ ମସିହା ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରତିଷ୍ଠା ହୋଇଥିବା ସାନ୍ଧ୍ୟ ମହାବିଦ୍ୟାଳୟ, ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟରେ ପରିଣତ ହୋଇ ସଫଳତାର ଦୀର୍ଘ ୫୨ ବର୍ଷର ପଥ ଅତିକ୍ରମ କରିଛି। "ସମସ୍ତଙ୍କ ପାଇଁ ଶିକ୍ଷା" ଏହି ଅନୁଷ୍ଠାନର ମୂଳ ଆଭିମୁଖ୍ୟ। ତେଣୁ ସ୍ଥାନ, କାଳ, ପାତ୍ର ନିର୍ବିଶେଷରେ ଆମେ ଶିକ୍ଷାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ସର୍ବଦା ଯତ୍ନଶୀଳ ରହିଛୁ। ପ୍ରାୟ ୯୦ ହଜାର ଛାତ୍ରଛାତ୍ରୀ ଏହି ଶିକ୍ଷା ମନ୍ଦିରକୁ ପ୍ରବେଶାଧିକାର ପାଇ ଜୀବନର ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ହୋଇପାରିଛନ୍ତି। କେବଳ ସଂଖ୍ୟା ଦୃଷ୍ଟିରୁ ନୁହେଁ, ଗୁଣାତ୍ମକ ମାନବୃଦ୍ଧିରେ ମଧ୍ୟ ଏହି ଅନୁଷ୍ଠାନ ଅଗ୍ରବାହୀ। ବୃତ୍ତିଗତ ଅଭିବୃଦ୍ଧିରେ ଆମର ସହଯୋଗ ବହୁ ବ୍ୟକ୍ତି ବିଶେଷଙ୍କ ଜୀବନର ଗତିପଥ ବଦଳାଇ ଦେଇଛି। ସେମାନଙ୍କ ସ୍ୱୀକାରୋକ୍ତି ଅନୁଯାୟୀ ସେମାନେ ଆଜି ଯେଉଁଠି ପହଞ୍ଚି ପାରିଛନ୍ତି ତା'ର ସମସ୍ତ ଶ୍ରେୟ ଏହି ଅନୁଷ୍ଠାନର ପ୍ରାପ୍ୟ। ଦୂରଶିକ୍ଷା ମାଧ୍ୟମରେ ପାଠପଢ଼ି ମଧ୍ୟ ଅନେକ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ରହିପାରିଛନ୍ତି। ଚଳିତ ୨୦୧୫ ମସିହାରେ ଇଂରାଜୀ, ପବ୍ଲିକ ଆଡ୍‌ମିନିଷ୍ଟ୍ରେସନ, ଏଜୁକେଶନ, ଆକାଉଣ୍ଟିଙ୍ଗ, ମ୍ୟାନେଜ୍‌ମେଣ୍ଟ ଆଦି ଅନର୍ସରେ ୧୫ ଜଣ ବିଦ୍ୟାର୍ଥୀ ପ୍ରଥମ ୧୦ ଜଣଙ୍କ ମଧ୍ୟରେ ଅଛନ୍ତି। ଆମର ଛାତ୍ରଛାତ୍ରୀମାନେ ନୈରାଶ୍ୟବାଦୀ କିମ୍ବା ପ୍ରତିକୂଳ ମନୋଭାବ ସମ୍ପନ୍ନ ନୁହନ୍ତି। ସେମାନେ ବେଶ୍ ଉତ୍ସାହୀ, ଆତ୍ମବିଶ୍ୱାସୀ ଓ ସାମର୍ଥ୍ୟସଂପନ୍ନ ଅଟନ୍ତି। ସେମାନଙ୍କ ବୃହତ୍ତର ସ୍ୱାର୍ଥର ପରିପୂରଣ ପାଇଁ ଆମେମାନେ ଆତ୍ମଶିକ୍ଷଣ ପଦ୍ଧତିରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରି ଯୋଗାଇ ଦେଉଛୁ। ଏହି ଅତ୍ୟାବଶ୍ୟକୀୟ କାର୍ଯ୍ୟରେ ଆମ ସହିତ କେତୋଟି ଘରୋଇ ପ୍ରକାଶନ ସଂସ୍ଥାର ସହଯୋଗ ଗ୍ରହଣ କରିଛୁ। ଫଳରେ ଆମର ଧାର୍ଯ୍ୟଲକ୍ଷ୍ୟରେ ଶୀଘ୍ର ପହଞ୍ଚିବାକୁ ସକ୍ଷମ ହୋଇପାରିବୁ। ଆଶାକରୁ ଏହି ଛାପା ପୁସ୍ତକ ବାହାରେ ଜ୍ଞାନ ବିଜ୍ଞାନର ଅନ୍ୟାନ୍ୟ ଅନେକ ଦିଗକୁ ଆମର ବିଦ୍ୟାର୍ଥୀମାନେ ଛୁଇଁପାରିବେ। ଯଦିଓ ଆମର ଅଧିକାଂଶ ଛାତ୍ରଛାତ୍ରୀ କୌଣସି ନା କୌଣସି ବୃତ୍ତିଗତ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ତଥାପି ଆମେ ବିଶ୍ୱାସ କରୁ ସମୟର ଉପଯୁକ୍ତ ବିନିଯୋଗ କରୁଥିବା ବ୍ୟକ୍ତିବିଶେଷ ପାଇଁ ସମସ୍ତ ସମୟ ହାତ ପାହାନ୍ତାରେ ରହିପାରେ ଏବଂ ଆଳସ୍ୟ ପରାୟଣ ବ୍ୟକ୍ତିଙ୍କୁ ସମୟ ଆଦୌ ଧରାଛୁଆଁ ଦିଏ ନାହିଁ। ଆମର ଲକ୍ଷ୍ୟ, ଦୂରଶିକ୍ଷା ଦ୍ୱାରା ଯେକୌଣସି ବ୍ୟକ୍ତି ଉଚ୍ଚଶିକ୍ଷିତ ହେବା ସହିତ ନିଜ ମେଧାର ବିକାଶ କରିପାରିବେ। ଆମେ ଯୋଗାଇଦେଉଥିବା ପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ସହାୟକ ପୁସ୍ତକ, ଇଣ୍ଟରନେଟ୍, ଟେଲିଭିଜନ ଓ ରେଡ଼ିଓ ଭଳି ମାଧ୍ୟମଗୁଡ଼ିକୁ ନିଜ ଜ୍ଞାନର ଅଭିବୃଦ୍ଧି ପାଇଁ ବିନିଯୋଗ କରିବା ଉଚିତ୍। ଆମର ସୀମିତ କ୍ଲାସ୍‌ରୁମ ପାଠ୍ୟଦାନ ବ୍ୟବସ୍ଥା ମାଧ୍ୟମରେ ଅଭିଜ୍ଞ ଶିକ୍ଷକମାନେ ବିଦ୍ୟାର୍ଥୀମାନଙ୍କ ପ୍ରଶ୍ନ ଓ ସଂଶୟ ଦୂର କରିବାକୁ ଚେଷ୍ଟା କରିଥାନ୍ତି। ତେବେ ଏଥିପାଇଁ ଛାତ୍ରଛାତ୍ରୀମାନଙ୍କର ଆଗ୍ରହ ଓ ପୂର୍ବ ପ୍ରସ୍ତୁତି ରହିବା ବାଞ୍ଛନୀୟ। ପ୍ରସ୍ତୁତ ଛାତ୍ର ହିଁ କେବଳ ଉପଯୁକ୍ତ ପ୍ରଶ୍ନମାନ ଉତ୍‌ଥାପନ କରିପାରେ।

**ନିର୍ଦ୍ଦେଶକ**

# SYLLABUS

## ଓଡ଼ିଆ

(ସମ୍ମାନ)

### ଦ୍ୱିତୀୟ ବର୍ଷ - ଷଷ୍ଠ ପତ୍ର

(ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ)

**ପୂର୍ଣ୍ଣ ମୂଲ୍ୟ : ୧୦୦ ନମ୍ବର** **ସମୟ - ୩ ଘଣ୍ଟା**

**ୟୁନିଟ୍-୧** **(୨୦ ନମ୍ବର)**

ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ - ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ।
(ଦୁଇଟି ପ୍ରଶ୍ନ ଆସିବ ମାତ୍ର ଗୋଟିକର ଉତ୍ତର ଦେବାକୁ ହେବ)

**ୟୁନିଟ୍-୨** **(୨୦ ନମ୍ବର)**

ଲୋକ ଗୀତ, ପ୍ରବାଦ ଓ ପ୍ରବଚନ - ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ।
(ଦୁଇଟି ପ୍ରଶ୍ନ ଆସିବ ମାତ୍ର ଗୋଟିକର ଉତ୍ତର ଦେବାକୁ ହେବ)

**ୟୁନିଟ୍-୩** **(୨୦ ନମ୍ବର)**

ଲୋକ ନାଟକ - ସଂଜ୍ଞା, ପ୍ରକାରଭେଦ ଓ ଲୋକପ୍ରିୟତା
(ଦୁଇଟି ପ୍ରଶ୍ନ ଆସିବ ମାତ୍ର ଗୋଟିକର ଉତ୍ତର ଦେବାକୁ ହେବ)

**ୟୁନିଟ୍-୪** **(୨୦ ନମ୍ବର)**

ଲୋକକଥା - ସ୍ୱରୂପ ଓ ବୈଶିଷ୍ଟ୍ୟ ନିରୂପଣ
(ଦୁଇଟି ପ୍ରଶ୍ନ ଆସିବ ମାତ୍ର ଗୋଟିକର ଉତ୍ତର ଦେବାକୁ ହେବ)

**ୟୁନିଟ୍-୫** **(୫×୪)**

ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ୟୁନିଟ୍‌ରୁ ୧୦ଟି
ସଂକ୍ଷିପ୍ତ ଟିପ୍ପଣୀ ଆସିବ, ସେଥିରୁ ୫ଟିର ଉତ୍ତର ଦେବାକୁ ହେବ

■

F

# ବିଷୟ ସୂଚୀ


| କ୍ର.ନ. | ବିଷୟ | ପୃଷ୍ଠା |
|---|---|---|
| | ୟୁନିଟ୍-୧ | ୧-୯ |
| | ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ - ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ । | |
| | ୟୁନିଟ୍-୨ | ୧୦-୧୨୨ |
| | ଲୋକ ଗୀତ, ପ୍ରବାଦ ଓ ପ୍ରବଚନ - ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ । | |
| | ୟୁନିଟ୍-୩ | ୧୨୩-୧୬୭ |
| | ଲୋକ ନାଟକ - ସଂଜ୍ଞା, ପ୍ରକାରଭେଦ ଓ ଲୋକପ୍ରିୟତା | |
| | ୟୁନିଟ୍-୪ | ୧୬୮-୨୧୦ |
| | ଲୋକକଥା - ସ୍ୱରୂପ ଓ ବୈଶିଷ୍ଟ ନିରୂପଣ | |


■

୧
ୟୁନିଟ୍

# ଲୋକ ସଂସ୍କୃତି ଓ ଲୋକ ସାହିତ୍ୟ
## ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ

ସାହିତ୍ୟ କୌଣସି କ୍ଷେତ୍ରରେ ବା କୌଣସି ଯୁଗରେ ଜନଜୀବନ ଠାରୁ ପୃଥକ୍ ହୋଇ ଭିନ୍ନ ସରଣୀରେ ଗତି କରିନାହିଁ । ଜୀବନ ସହିତ ଏହାର ସଂପର୍କ ଅବିଚ୍ଛେଦ୍ୟ । ମଣିଷର ଜୀବନ ସହିତ ତା'ର ସଂସ୍କୃତି କେଉଁ ଆବହମାନ କାଳରୁ ଜଡ଼ିତ ହୋଇ ରହିଆସିଛି । ସାହିତ୍ୟ ମାନବ ଭାବାବେଗର କଳାତ୍ମକ ବାହ୍ୟ ପରିପ୍ରକାଶ ହେଲେ ସଂସ୍କୃତି ହେବ ତା'ର ଅନ୍ତରାତ୍ମା । ଗୋଟିଏ ଶରୀର ହେଲେ ଅନ୍ୟଟି ତା'ର ଆତ୍ମା। ଏହି ସଂସ୍କୃତିର ଇଂରାଜୀ ଶବ୍ଦ Culture। ଏହି Culture ସଂପର୍କରେ ମତବ୍ୟକ୍ତ କରିବାକୁ ଯାଇ E.B. Tylor କୁହନ୍ତି – 'Culture or civilization takes in its wide ethnographic sense, is that complex whole which includes knowledge, belief, art, morals law, custom and any other capabilities and habits acquired by man as a member of the Society" ଯେ କୌଣସି ଗୋଟିଏ ସମାଜର ନୀତି–ନିୟମ, ପରମ୍ପରା, ନୈତିକତା, ଜ୍ଞାନ, ବିଶ୍ୱାସ ଆଦି ସମସ୍ତ ବିଷୟ ଏହାର ଅଙ୍ଗୀଭୂତ ହୋଇପାରେ । ପୁଣି ଏହି 'ସଂସ୍କୃତି, ସାମାଜିକ ମାନରେ ବ୍ୟକ୍ତିତ୍ୱକୁ ମାର୍ଜିତ ଓ ସମୃଦ୍ଧ କରୁଥିବା ମାନବିକ ମହନୀୟ ଗୁଣରାଜିକୁ ବୁଝାଏ । ସେହିପରି କୌଣସି ଦେଶର ସଂସ୍କୃତି ବିଷୟରେ କୁହାଗଲାବେଳେ ସେ ଦେଶର ସଙ୍ଗୀତ, ସ୍ଥାପତ୍ୟ କଳା ଓ ବୌଦ୍ଧିକତା ଆଦି କ୍ଷେତ୍ରରେ ବିକାଶ ଲାଭ କରିଥିବା ଏକ ବିଶେଷ ଧରଣର ସମୃଦ୍ଧି କଥା ବିଚାରକୁ ନିଆଯାଇଥାଏ, ଯାହାକି ସେ ଦେଶର ଅଗଣିତ ନରନାରୀକୁ ପରମ୍ପରାକ୍ରମେ ଅନୁପ୍ରାଣିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଦୈନନ୍ଦିନ ଜୀବନ ଓ ଚଳଣିର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପ୍ରତିଷ୍ଠା ଲାଭ କରିଥାଏ।' ଏହି ଦୃଷ୍ଟିରୁ ଲୋକସଂସ୍କୃତି କହିଲେ ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ସମସ୍ତ ଚାଲିଚଳଣ, ଆଚାର-ବିଚାର, ବିଶ୍ୱାସବୋଧ, ନ୍ୟାୟନୀତି ତଥା ଅନ୍ୟାନ୍ୟ ସମସ୍ତ ସାମାଜିକ ଗୁଣଗୁଡିକ ଏହାର ଅନ୍ତର୍ଭୁକ୍ତ । 'ସଂସ୍କୃତି ଏକ ସଂପତ୍ତି ନୁହେଁ, ତାହା ଏକ ଜୀବନ । ସଂସ୍କୃତି ଜୀବନର ଭୂମି ହୋଇ ରହିଥାଏ, ଜୀବନର ଅନ୍ତରାକାଶରେ ଏକ ଜଳବାୟୁ ପରି ହୋଇ ରହିଥାଏ, ପୁଣି ସଂସ୍କୃତି ସେହି ଜୀବନର ଏକ ବିପୁଳତର ସମ୍ଭାବନା ରୂପେ ଜୀବନର ଯାବତୀୟ ପ୍ରୟାସ ଏବଂ ପ୍ରେରଣା ମଧ୍ୟରେ ସମାବିଷ୍ଟ ବି ହୋଇଥାଏ ।' ସେଥିପାଇଁ ସଂସ୍କୃତି ଶବ୍ଦର ଅର୍ଥ ବ୍ୟାପକ । ନିର୍ଦ୍ଦିଷ୍ଟ ସଂଜ୍ଞା ମଧ୍ୟରେ ଏହାକୁ ଆବଦ୍ଧ କରିବା ଅସମ୍ଭବ ।

'ଲୋକ' ଶବ୍ଦର ଅର୍ଥକୁ ବିଶ୍ଳେଷଣ କଲେ ଜଣାଯାଏ - 'ଲୋକ' ଶବ୍ଦର ଅର୍ଥ ଅତ୍ୟନ୍ତ ବ୍ୟାପକ ଏବଂ ଏହା ପ୍ରଧାନତଃ ସର୍ବସାଧାରଣ ଜନତାକୁ ବୁଝାଇଥାଏ । କନ୍ଧ, କୋହ୍ଲ, ଗଣ୍ଡ, ପରଜା, ଗଦବା, ଭୂୟାଁ ପ୍ରଭୃତି ଆଦିବାସୀଙ୍କ ଠାରୁ ଆରମ୍ଭ କରି ପଲ୍ଲୀ ଓ ନଗରର ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଜନତା ପର୍ଯ୍ୟନ୍ତ ସମସ୍ତେ ଏହାର ଅନ୍ତର୍ଗତ । ଏମାନଙ୍କ

ଟିପ୍ପଣୀ

ସଂସ୍କୃତିକୁ ଲୋକସଂସ୍କୃତି କୁହାଯାଏ । ଲୋକକଳା, ଲୋକସାହିତ୍ୟ, ଲୋକସଙ୍ଗୀତ, ଲୋକାଚାର ପ୍ରଭୃତି ଜନତାର ସମସ୍ତ କୃତିତ୍ୱକୁ ଘେନି ଏହି ଲୋକସଂସ୍କୃତି ଗଠିତ ଏବଂ ଏହା ନିତ୍ୟ ଜୀବନର ସଂସ୍କୃତି ।' ଅଗ୍ନିପୁରାଣ'ର ଏକ ଶ୍ଳୋକରୁ 'ଲୋକ' ଶବ୍ଦ ଅର୍ଥର ବ୍ୟାପକତା ଜାଣି ହୋଇଥାଏ–

ଭୂର୍ଭୁବଃ ସ୍ୱର୍ମହଶ୍ଚୈବ ଜନଶ୍ଚ ତପ ଏବ ଚ

ସତ୍ୟଲୋକଶ୍ଚ ସପ୍ତୈତେ ଲୋକାସ୍ତ ପରିକୀର୍ତ୍ତିତାଃ

ଏହା ପାର୍ଥିବ, ଅନ୍ତରୀକ୍ଷ ଓ ଭାବଲୋକ ଭାବରେ ଭୂଲୋକ, ଭୂବଲୋକ ଓ ସ୍ୱଲୋକ ଭେଦରେ ତ୍ରିବିଧା । "ଆୟୁର୍ବେଦ ଶାସ୍ତ୍ର ଅନୁସାରେ 'ଲୋକ' ଶବ୍ଦ ସଂଯୋଗାପେକ୍ଷୀ । ଲୋକରେ ଉତ୍ପତ୍ତି, ବୃଦ୍ଧି, ଉପପ୍ଲବ ଓ ବିୟୋଗାଦି କାରଣ - ଚତୁଷ୍ଟୟ ବିଦ୍ୟମାନ । ଉତ୍ପତ୍ତି ଜନ୍ମର କାରଣ, ବୃଦ୍ଧି ଆପ୍ୟାୟନ, ଉପପ୍ଲବ ଦୁଃଖାଗମ ଏବଂ ବିୟୋଗ ଷଡ଼ ଧାତୁର ବିଭାଗକୁ ବୁଝାଇଥାଏ । ସ୍ଥାବର ଓ ଜଙ୍ଗମ ଭେଦରେ ଲୋକକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ତେଣୁ ପ୍ରକୃତି ଓ ପ୍ରାକୃତିକ ବିକୃତି ସହିତ ଲୋକ ଘନିଷ୍ଠଭାବେ ସଂପୃକ୍ତ ।' ଆଲୋଚିକା ପଣ୍ଡା ମଧ୍ୟ ଅନୁରୂପ ମନ୍ତବ୍ୟ ପ୍ରଦାନ କରି କୁହନ୍ତି' - 'ଲୋକ (Folk) ଏକ ଲକ୍ଷଣାର୍ଥକ ପଦ । ବ୍ୟକ୍ତି, ଜନ-ସମୁଦାୟ, ଭୂମଣ୍ଡଳ ଇତ୍ୟାଦି ଏହାର ଆଭିଧାନିକ ଅର୍ଥ । କିନ୍ତୁ ପାରିଭାଷିକ ଅର୍ଥରେ ଏହାର ସଂଜ୍ଞା ସଂପୂର୍ଣ୍ଣ ସ୍ୱତନ୍ତ୍ର । ଏହାର ତାତ୍ପର୍ଯ୍ୟ କେବଳ ଜନ-ସମୁଦାୟ ନୁହେଁ, ଏକ ପ୍ରାଚୀନ ପାରମ୍ପରିକ ପ୍ରଥାବଦ୍ଧ ବିଶ୍ୱାସନିଷ୍ଠ ଆନ୍ତଃସମ୍ବନ୍ଧ-ସଂପନ୍ନ ଜନସମୁଦାୟକୁ ହିଁ ନିର୍ଦ୍ଦେଶ କରେ । ଆଧୁନିକ ବା ପ୍ରଗତିଶୀଳ ବା ବ୍ୟକ୍ତି ସ୍ୱାତନ୍ତ୍ର୍ୟବାଦୀ ଗୋଷ୍ଠୀ ସନ୍ଦର୍ଭରେ ଏହା ଅପ୍ରଯୋଜ୍ୟ ।' ଓଡ଼ିଶାର ଲୋକ ସଂସ୍କୃତି କହିଲେ ଏଠାରେ ବସବାସ କରୁଥିବା ତିନି ଶ୍ରେଣୀର ଅଧିବାସୀଙ୍କ କଳା, ସାହିତ୍ୟ, ସଙ୍ଗୀତ, ପରମ୍ପରା, ଆଚାର-ବିଚାର, ଚାଲି-ଚଳଣ ଆଦିକୁ ବୁଝାଇଥାଏ । ଏହି ତିନି ଶ୍ରେଣୀର ଅଧିବାସୀ ହେଲେ ପ୍ରଥମେ ଶବର ସମ୍ପ୍ରଦାୟ । ଏହିମାନେ ବାସ୍ତବରେ ଏଠାକାର ଆଦିମ ଅଧିବାସୀ । ସେମାନଙ୍କ ଦ୍ୱାରା ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ପୂଜିତ ହେଉଥିଲେ । ତା'ପରେ ଆସିଲେ ଦ୍ରାବିଡ଼ ଗୋଷ୍ଠୀ ଓ ସର୍ବଶେଷରେ ଆର୍ଯ୍ୟ ଗୋଷ୍ଠୀ । ଆର୍ଯ୍ୟମାନେ ଏଠାରେ ପ୍ରବେଶ ପରେ ଯେଉଁମାନେ ସେମାନଙ୍କର ବଶ୍ୟତା ସ୍ୱୀକାର କରି ରହିଲେ, ସେମାନେ ଏ ସମାଜର ନୀଚସ୍ତରର ମଣିଷ ଭାବରେ ପରିଚିତ ହେଲେ । ଚମାର, ପାଣ, ହାଡ଼ି, ଧୋବା, କଣ୍ଡରା ଆଦି ଏହି ଗୋଷ୍ଠୀର । ଅନ୍ୟ ଯେଉଁମାନେ ସେମାନଙ୍କର ଅଧୀନତା ସ୍ୱୀକାର କଲେ ନାହିଁ, ଅଥଚ ପରାଜୟ ଲାଭ କରି ବଣ ପାହାଡ଼ରେ ଆଶ୍ରୟ ନେଲେ, ସେମାନେ ପରିଚିତ ହେଲେ ଗିରିଜନ ବା ଆଦିବାସୀ ଭାବରେ । କନ୍ଧ, କୋହ୍ଲ, ଭୂୟାଁ ଆଦି ଏକ ଶ୍ରେଣୀର । ଏହି ତିନି ଶ୍ରେଣୀର କଳାଠାରୁ ଆରମ୍ଭ କରି ଆଚାର-ବ୍ୟବହାର ପର୍ଯ୍ୟନ୍ତ ହିଁ ଓଡ଼ିଶାରେ ଲୋକ ସଂସ୍କୃତି ।

ଏହିମାନଙ୍କର ସାହିତ୍ୟ ଲୋକ-ସାହିତ୍ୟ । ଲୋକ-ସାହିତ୍ୟ ହିଁ ଜନ ସାହିତ୍ୟ । ଏହା ବାସ୍ତବରେ ଜନଜୀବନର ପ୍ରକୃତ ପ୍ରତିଛବି । ସମ୍ପ୍ରତି ଏହି ସାହିତ୍ୟର ଚର୍ଚ୍ଚା ପାଇଁ ପ୍ରତ୍ୟେକ ଦେଶର ପଣ୍ଡିତ ଓ ଗୁଣୀ ବ୍ୟକ୍ତିମାନଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଛି । ଲୋକସାହିତ୍ୟ ଆଲୋଚନାର ପ୍ରଥମ ପର୍ଯ୍ୟାୟରେ 'ଲୋକ' ଶବ୍ଦକୁ ହୀନ ଅର୍ଥରେ ଗ୍ରହଣ କରାଯାଇଥିବାର ଲକ୍ଷ୍ୟ କରାଯାଇଥାଏ । ପରବର୍ତ୍ତୀ ସମୟରେ ଏହି ଶବ୍ଦ ପ୍ରତି ଲୋକମାନଙ୍କ ମନରେ ଥିବା ସଂକୀର୍ଣ୍ଣ ଦୃଷ୍ଟିଭଙ୍ଗୀ ପରିବର୍ତ୍ତିତ ହୋଇଯାଇଛି । 'ଲୋକ' ଶବ୍ଦ ମଧ୍ୟରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ମଧ୍ୟ ଦ୍ୟୋତିତ ହୋଇପାରେ । ଇଂରାଜୀରେ 'ଲୋକ' ଶବ୍ଦର ପାରିଭାଷିକ ଶବ୍ଦ ରୂପେ Folk ଶବ୍ଦଟି ବ୍ୟବହୃତ । ପ୍ରାଥମିକ ସ୍ତରରେ ସମାଜର ନିମ୍ନସ୍ତରରେ ବସବାସ କରୁଥିବା ବ୍ୟକ୍ତିବିଶେଷଙ୍କ ପ୍ରତି ଏହା ପ୍ରଯୁଜ୍ୟ ଥିଲା । ବାସ୍ତବରେ ଏହି ଲୋକ ବା Folk ଶବ୍ଦକୁ ବ୍ୟାପକ ଅର୍ଥରେ ପ୍ରଥମେ Herder ହିଁ ବ୍ୟବହାର କଲେ । ଲୋକ ସାହିତ୍ୟ ସମ୍ପର୍କରେ ସେ ଯେଉଁ ପ୍ରାଥମିକ ଆଲୋଚନା ଧାରାଟି ଆରମ୍ଭ

ଟିପ୍ପଣୀ


କରିଥିଲେ ତାହା ଜର୍ମାନ୍ ମଧ୍ୟଦେଇ Thomas ଙ୍କ ଆଲୋଚନାରେ ଏକ ନିର୍ଦ୍ଦିଷ୍ଟ ଓ ନୂତନ ରୂପରେଖ ପରିଗ୍ରହ କଲା । ସେ ପ୍ରଥମ କରି 'Folklore' ଶବ୍ଦଟିକୁ ଲୋକବିଦ୍ୟା ପାଇଁ ବ୍ୟବହାର କଲେ । ସମାଜର ନିମ୍ନବର୍ଗ ପରେ କୃଷକ ସମାଜ ଏହି Folk ଶବ୍ଦ ଦ୍ୱାରା ପରିଚିତ ହେଲେ । ସମାଜତତ୍ତ୍ୱବିତ୍ ବର୍ଣ୍ଣେ (Burne)ଙ୍କ ନୂତନ ଆଲୋଚନା ପ୍ରଣାଳୀ ଓ ଦୂରଦୃଷ୍ଟି ଯୋଗୁଁ ପାଶ୍ଚାତ୍ୟ ଚିନ୍ତାରାଜ୍ୟରେ ଏହି ଶବ୍ଦଟିର ଅର୍ଥ ବ୍ୟାପକତର ହେଲା । Oral ବା ମୌଖିକ ଶବ୍ଦଟି ସେ ଲୋକସାହିତ୍ୟ ଓ କଳା ଅର୍ଥରେ ବ୍ୟବହାର କଲେ । ତାଙ୍କର ଆଲୋଚନା-ପ୍ରଣାଳୀ ଦ୍ୱାରା ଲୋକସାହିତ୍ୟ ଏକ ଶାସ୍ତ୍ରୀୟ ମର୍ଯ୍ୟାଦା ଲାଭ କଲା । ତାଙ୍କ ପରେ ପରେ ଫୋଷ୍ଟର, ରଥବେନିଡିକଟ, ରେଡ୍ ଫିଲଡ୍, ପୋଟର ଆଦି ଏହି ଆଲୋଚନାକୁ ଅଧିକ ଭାବରେ ବ୍ୟାପକ କଲେ ଓ ସେମାନଙ୍କ ନୂତନ ଦୃଷ୍ଟିଭଙ୍ଗୀ ଯୋଗୁଁ ସାହିତ୍ୟରେ 'ଲୋକସାହିତ୍ୟ' ଏବଂ 'ବିଦଗ୍ଧ ସାହିତ୍ୟ' - ଏହିପରି ଦୁଇଟି ବିଭାଗର ନାମକରଣ ହେଲା । ଲୋକସାହିତ୍ୟ ପ୍ରାକୃତିକ ସୁଷମାମଣ୍ଡିତ ଏକ ଅରଣ୍ୟ ସଦୃଶ ପ୍ରତୀୟମାନ ହେବାବେଳେ 'ବିଦଗ୍ଧ ସାହିତ୍ୟ' କୃତ୍ରିମ ସୁସଜ୍ଜିତ ଏକ ଉପବନରେ ପରିଣତ ହୋଇଗଲା ।

ବାସ୍ତବରେ ଲୋକ ସାହିତ୍ୟ କିଏ - ଏହାକୁ ନେଇ ବହୁ ତର୍କବିତର୍କ ହୋଇଯାଇଛି । ଭିନ୍ନ ଭିନ୍ନ ମତ ସୃଷ୍ଟି ହୋଇଛି । ମାତ୍ର କୌଣସି ଗୋଟିଏ ମତ ଲୋକ ସାହିତ୍ୟର ନିର୍ଦ୍ଦିଷ୍ଟ ରୂପରେଖ ଦେଇପାରି ନାହିଁ । ରବୀନ୍ଦ୍ରନାଥ ସାହୁ ମତ ଦେଇ କୁହନ୍ତି - 'ଯେଉଁ ସାହିତ୍ୟ ଲୋକଗ୍ରାହ୍ୟ, ତାହାହିଁ ଲୋକସାହିତ୍ୟ ।' ଲୋକମାନଙ୍କ ଦ୍ୱାରା ଅନେକ ଜିନିଷ ଗ୍ରହଣୀୟ ଓ ବର୍ଜନୀୟ ହୋଇପାରେ । ସେଥିରୁ କାହାକୁ ଏହି ସାହିତ୍ୟର ଆଖ୍ୟା ପ୍ରଦାନ କରାଯିବ, ନିର୍ଦ୍ଦିଷ୍ଟ ଭାବରେ ସୂଚିତ ହେଉନାହିଁ । ଡଃ ଗୌରାଙ୍ଗ ଚରଣ ଦାଶ ଏହାକୁ ଆଉ ଟିକିଏ ବ୍ୟାପକ ଭାବରେ ଆଲୋଚନା କରି କହିଛନ୍ତି - ସମାଜର ପ୍ରତ୍ୟେକ ଶ୍ରେଣୀ, ରୁଚି, ଆଦର୍ଶର ମଣିଷମାନଙ୍କୁ ଯାହା ଭଲଲାଗେ, ସେମାନଙ୍କ ଚେତନାକୁ ଯାହା ଅଭିଭୂତ କରେ, ଯାହା ଭିତରେ ସେମାନେ ଆପଣା ଆପଣା ମୁଁ ଟିକୁ ଖୋଜି ପାଆନ୍ତି - ତାହାହିଁ ସେମାନଙ୍କ ସାହିତ୍ୟ, କଳା, ସଙ୍ଗୀତ ଏବଂ ଏକ ବୃହତ୍ତର ପରିଭାଷାରେ ଜୀବନ-ବେଦର ଉଦ୍‌ଗାନ - ଲୋକବେଦ ।' 'ଲୋକସାହିତ୍ୟ ମଣିଷର କଥା ହିଁ କୁହେ । ତା'ର ନିତିଦିନିଆ ଜୀବନର ହସକାନ୍ଦ, ସୁଖଦୁଃଖ, ଅଶ୍ରୁ ଓ ସ୍ୱେଦରେ ଏ ସାହିତ୍ୟ ଅନୁରଞ୍ଜିତ । । ସବୁକାଳର ଲୋକସାହିତ୍ୟରେ ଜୀବନ ହିଁ ସର୍ବଦା ପ୍ରତିପାଦ୍ୟ, ନିର୍ବାଣ ନୁହେଁ । ସେଠି ତତ୍ତ୍ୱ ବା ପରମାର୍ଥର ବ୍ୟଞ୍ଜନା ନାହିଁ, ଅଛି ନିତିଦିନିଆ ଜୀବନର ବ୍ୟାବହାରିକ ତଥା ବାସ୍ତବ ଜୀବନଚର୍ଯ୍ୟା ଆଉ ତା'ର ସଶ୍ରଦ୍ଧ କାହାଣୀ, ସୁଖଦୁଃଖ ହାନିଲାଭର ସହଜ ଚିତ୍ର ।' ଏ ସାହିତ୍ୟରେ କୌଣସି ଧରାବନ୍ଧା ନୀତିନିୟମ ନାହିଁ । ମୁକ୍ତ ଆକାଶର ପକ୍ଷୀପରି ଏହା ସ୍ୱାଧୀନ । 'ହୁଗୁଳା ମନର ମୁକୁଳା ଭାବରାଶି ଏହାର ଶ୍ରେଷ୍ଠ ସମ୍ପଦ । ଏହାର ବିଷୟବସ୍ତୁ ଭିତରେ ଜାତି ଅଜାତି କିଛି ବାରଣ ନାହିଁ । କୌଣସି ବାହ୍ୟ ବନ୍ଧନ ବା ନୀତିନିୟମରେ ଏହାର ରୂପ ନିୟନ୍ତ୍ରିତ ନୁହେଁ । ମନଫୁଲାଣିଆ ପ୍ରାଣ ଏହାର ପ୍ରାଣ ଉତ୍ସ ଓ କ୍ଷଣିକ ଭାବୋଚ୍ଛ୍ୱାସ ହିଁ ଏହାର ଏକ ପରମ ବୈଶିଷ୍ଟ୍ୟ । ଅବିରତ ରୂପ ପରିବର୍ତ୍ତନ ଏହାର ସର୍ବଶ୍ରେଷ୍ଠ ଶରୀରଧର୍ମ ଓ ଏହାର ସଙ୍ଗୀତ ହିଁ ରସୋପଲବ୍ଧିର ଏକ ମୌଳିକ ପ୍ରକୃଷ୍ଟ ମାନଦଣ୍ଡ ।' ବରାଦିଆ ସାହିତ୍ୟ ହୋଇ ନଥିବାରୁ ଏଥିରେ ମୁକ୍ତ ଭାବର ଅବାଧ ସଞ୍ଚରଣ ରହିଛି । ଅଲିଖିତ ଭାବରେ ବହୁଦିନ ଧରି ତୁଣ୍ଡ ଓ କାନ ଏହାର ପ୍ରସାରକ ଓ ପ୍ରଚାରକର କାର୍ଯ୍ୟ କରିଆସିଛି । 'ମଣିଷ ସମାଜର ଦୈନନ୍ଦିନ ଜୀବନର ଚଳଣି ମଧ୍ୟରେ ହୃଦୟର ଭାବୋଚ୍ଛ୍ୱାସ ପରିବେଶ ଅନୁସାରେ ବହୁଭାବରେ ସ୍ୱତଃ ପ୍ରକାଶ ପାଇଛି ଏଗୁଡ଼ିକୁ କେଉଁ ଅଜ୍ଞାତ କାଳରୁ ଏ ପର୍ଯ୍ୟନ୍ତ ଗତିଶୀଳ । ଲୋକଜୀବନ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିଥିବାରୁ ନିଜର ପ୍ରସାର ପାଇଁ ସେ କୌଣସି ବିଜ୍ଞାପନର ସାହାଯ୍ୟ ନେଇନାହିଁ ।

**ଲୋକସାହିତ୍ୟର ବିଭାଗୀକରଣ** - ବିଭିନ୍ନ ଦୃଷ୍ଟିକୋଣରୁ ଲୋକ ସାହିତ୍ୟର ବିଭାଗୀକରଣ କରାଯାଇ ଏହାର ଏକ ନିର୍ଦ୍ଦିଷ୍ଟ ରୂପରେଖ ପ୍ରସ୍ତୁତ କରାଯିବାର ଉପକ୍ରମ ହୋଇଛି । ଡଃ ନାରାୟଣ ଶତପଥୀ କୁହନ୍ତି - 'ଲୋକସାହିତ୍ୟ

ଟିପ୍ପଣୀ

ପ୍ରକାଶ୍ୟ ରୂପରେ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ । ଗୋଟିଏ ହେଉଛି ପଦ୍ୟାତ୍ମକ, ଯେଉଁଥିରେ ଲୋକକାର୍ଯ୍ୟ କାରୁଣ୍ୟ ଗାଡ଼ିବାଠାରୁ ନାଁ ଦିଆ, ମଙ୍ଗଳମଙ୍ଗଳିବ, ଖେଳ-କୌତୁକ, ଆନନ୍ଦ-ଉତ୍ସବ, କୃଷି-ବାଣିଜ୍ୟ, ଢଗ-ଢମାଳି, ପ୍ରବଚନ-ଗାଡ଼ିବା, ପ୍ରହେଳିକା, ଗାଳ-ବଚନ, ଭିକ୍ଷା-ଗୀତ, ଓଷା-ବ୍ରତ ଗୀତ, ଜନ୍ତା, ମଙ୍ଗଳଗୀତି ଯାଏଁ ଗର୍ଭିତ ହୁଏ । ଅନ୍ୟଟି ହେଉଛି ଗଦ୍ୟାତ୍ମକ, ଯେଉଁଥିରେ ଲୋକଚରିତର ଅଜସ୍ର ଜୟ-ବିଜୟ, ବିସ୍ମୟ, ଭୟ, ନୂତନ ଓ ପୁରାତନ ଅଭିଜ୍ଞତା, ପର୍ଯ୍ୟଟନ କାଳୀନ ଘଟଣା, ବିଶ୍ୱାସ ଓ ବିଶ୍ୱାସ - ଘାତକତା, ଥଟ୍ଟା ମଜା କାହାଣୀ ରୂପରେ ପ୍ରକଟିତ ।' ଲୋକ ସାହିତ୍ୟର ବାହ୍ୟରୂପ ଦ୍ୱିବିଧ ହେଲେ ହେଁ ବିଷୟ ବିନ୍ୟାସ ଦୃଷ୍ଟିରୁ ଏହାକୁ ତିନି ଭାଗରେ ବିଭକ୍ତ କରାଯାଇପାରେ । ଯଥା ଗଦ୍ୟ, ପଦ୍ୟ ଓ ନାଟ୍ୟ । ଗଦ୍ୟ ମଧ୍ୟରେ ଆମେ ବିଭିନ୍ନ କାହାଣୀ ଯଥା - ଅଲୌକିକ, ପର୍ଯ୍ୟଟନ, ଶିକାର, ହାସ୍ୟ-ବ୍ୟଙ୍ଗ, ବିଶ୍ୱାସବୋଧ, ବାଣିଜ୍ୟ ତଥା ବିଭିନ୍ନ ଜଡ଼ ଓ ପଶୁପକ୍ଷୀ ସମ୍ପର୍କୀୟ କଥାଗୁଡ଼ିକୁ ଅନ୍ତର୍ଭୁକ୍ତ କରିପାରିବା । ପଦ୍ୟ ମଧ୍ୟରେ ବିଶେଷଭାବରେ ନାରୀ ଜୀବନର କ୍ରୀଡ଼ା, ହାସ୍ୟ, ବିଶ୍ୱାସ, କାନ୍ଦ, ଆନନ୍ଦ, କୃଷି ସମ୍ପର୍କୀୟ, ଥଟ୍ଟା ମଜାକିଆ ବଚନ, ସାମାଜିକ ନ୍ୟାୟ-ନୀତି, ବିଭିନ୍ନ ବୋଲି, ପଲ୍ଲୀ-ମଣିଷର କର୍ମମୁଖର ଜୀବନର ବହୁ ଅନୁଭୂତି, ମାତୃହୃଦୟର ସ୍ନେହ-ମମତା, ବୁଦ୍ଧିପରୀକ୍ଷା ସମ୍ପର୍କୀୟ ବହୁ ଗୀତକୁ ଆଲୋଚନା ମଧ୍ୟକୁ ଅଣାଯାଇପାରେ । ଏଠାରେ ସ୍ମରଣୀୟ ଯେ, ଲୋକସାହିତ୍ୟ ଅନ୍ତର୍ଭୁକ୍ତ ଏପରି କେତେକ କୃତି ପରିଲକ୍ଷିତ ହୋଇଥାଏ, ଯାହାର ରୂପ ଉଭୟ ଗଦ୍ୟ ଓ ପଦ୍ୟରେ ଦେଖିବାକୁ ମିଳିଥାଏ । ଉଦାହରଣ ନିମିତ୍ତ ନାଁ'ଦିଆ ବୁଦ୍ଧି ପରୀକ୍ଷା ଓ ଢଗଢମାଳି ଆଦିକୁ ଗ୍ରହଣ କରାଯାଇପାରେ । ଏହାର ରୂପ ଉଭୟ ଗଦ୍ୟ ଓ ପଦ୍ୟ । ସେହିପରି ଲୋକନାଟ୍ୟରେ ଉଭୟ ଗଦ୍ୟ ଓ ପଦ୍ୟର ସଂଯୋଜନା ଘଟିଥାଏ । ଏପରିକି ଲୋକ-କାହାଣୀରେ ମଧ୍ୟ ବିଭିନ୍ନ ପ୍ରକାର ଢଗ ଓ ପଦ୍ୟର ସଂଯୋଜନା ହୋଇଥାଏ । ଏହି ବିଭାଗୀକରଣର ଏକ ଚାର୍ଟ ନିମ୍ନରେ ପ୍ରଦର୍ଶିତ କରାଗଲା :



ଟିପ୍ପଣୀ

**ଲୋକସାହିତ୍ୟର ବୈଶିଷ୍ଟ୍ୟ** – ପୂର୍ବରୁ ସୂଚନା ପ୍ରସଙ୍ଗରେ କୁହାଯାଇଛି, କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ଲୋକସାହିତ୍ୟ ସ୍ରଷ୍ଟା ତା'ର ସାହିତ୍ୟ ସୃଷ୍ଟି କରିନାହିଁ । ଜୀବନର କଣ୍ଟକିତ ପଥରେ ଗତି କରିବା ସମୟରେ ଯାହା ତା'ର ଭାବକୁ ଆସିଛି, ତାକୁ ସେ ଗାଇଯାଇଛି ବା କହିଯାଇଛି । ସେହି ଗାଇବା ଓ କହିବା ମଧ୍ୟରେ କେତୋଟି ବୈଶିଷ୍ଟ୍ୟ ଫୁଟି ଉଠିଛି । ଆଲୋଚକମାନେ ତାହାକୁ ଆଧାର କରି ତାର କେତେକ ଲାକ୍ଷଣିକ ବୈଶିଷ୍ଟ୍ୟ ନିର୍ଦ୍ଦିଷ୍ଟ କରିଯାଇଛନ୍ତି । ଓଡ଼ିଶା ପଲ୍ଲୀ ସାହିତ୍ୟରେ ଡଃ ନଟବର ସାମନ୍ତରାୟ ଏହାର ସାତୋଟି ବୈଶିଷ୍ଟ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି । ଯଥା – (୧) ପଲ୍ଲୀପ୍ରାଣତା, (୨) ପଲ୍ଲୀଜୀବନର ପ୍ରାଣପୂର୍ଣ୍ଣ ପରିପ୍ରକାଶ, (୩) ମୌଖିକ ପ୍ରବାହ, (୪) ଏକକ ବା ସାମୂହିକ ଆବୃତ୍ତି, (୫) ରଚୟିତାଙ୍କ ନାମହୀନତା, (୬) ସଙ୍ଗୀତର ମଧୁର ମୂର୍ଚ୍ଛନା, (୭) ବିଷୟବସ୍ତୁର ଅର୍ଥହୀନତା ।

ଉପରୋକ୍ତ ବୈଶିଷ୍ଟ୍ୟ ବ୍ୟତୀତ ଆହୁରି କେତେକ ବୈଶିଷ୍ଟ୍ୟ ଏଥିରେ ପରିଲକ୍ଷିତ ହୋଇଥାଏ । ସେଗୁଡ଼ିକ ହେଲା –

୧। ଏହାର ନିର୍ଦ୍ଦିଷ୍ଟ ଶୈଳୀ ନାହିଁ

୨। କୌଣସି ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ନୁହେଁ

୩। ଏହା ଦେଶ, ଧର୍ମ ଓ କାଳାତୀତ

୪। ନିର୍ଦ୍ଦିଷ୍ଟ ସଂପ୍ରଦାୟର ହୋଇନ ନଥିବାରୁ ସାର୍ବଜନୀନ

୫। ସମୟ, କଥକ ଓ ଆବୃତ୍ତିକାରୀ ଅନୁସାରେ ପରିବର୍ତ୍ତନଶୀଳ

୬। ମାନବଧର୍ମୀ ବା ମାନବତାବାଦର ପ୍ରଚାରକ

୭। ଏହାର ଚରିତ୍ର ସଜୀବ, ନିର୍ଜୀବ, ଜଡ଼ ଓ ଚଞ୍ଚଳ

୮। ନିୟମର ଅନୁଶାସନରୁ ବିରମୁକ୍ତ

୯। ଏହା ବାସ୍ତବ । ତେଣୁ କଳ୍ପନାର ଯଥେଚ୍ଛାଚାର ବା ଅବାଧ ସଞ୍ଚରଣ ନାହିଁ

୧୦। ପ୍ରାକୃତିକ ହୋଇଥିବାରୁ ଜନଗଣଙ୍କ ନିକଟବର୍ତ୍ତୀ

୧୧। ହୃଦୟ-ସମ୍ଭୂତ ହୋଇଥିବାରୁ ହୃଦୟସ୍ପର୍ଶୀ

୧୨। ସରଳ ପଲ୍ଲୀର ସରଳ ଜୀବନଯାପନ ପ୍ରଣାଳୀକୁ ପ୍ରକାଶ କରୁଥିବାରୁ ଭାଷା, ଭାବ ଓ ଶୈଳୀ ମଧ୍ୟ ସରଳ ।

**ଲୋକ ସାହିତ୍ୟ ଓ ବିଦଗ୍ଧ ସାହିତ୍ୟ** – ସାହିତ୍ୟ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ, ଯଥା – ଲୋକସାହିତ୍ୟ ଓ ବିଦଗ୍ଧ ସାହିତ୍ୟ । ଲୋକ-ଜୀବନର ହସ-କାନ୍ଦ, ସୁଖ-ଦୁଃଖ, ଆଶା-ନିରାଶା ଆଦି ପ୍ରାକୃତିକ ଭାବରେ ଯେଉଁଥିରେ ଆତ୍ମପ୍ରକାଶ କରିଥାଏ, ତାହାହିଁ ଲୋକସାହିତ୍ୟ । ଗାଣିତିକ ଧରାବନ୍ଧା ନିୟମର ବଶବର୍ତ୍ତୀ ହୋଇ ନଥିବାରୁ ଏହା ସ୍ୱାଭାବିକତା ଓ ପ୍ରାକୃତିକତାକୁ ବହୁ ପରିମାଣରେ ରକ୍ଷା କରିଥାଏ । ସାମାଜିକ ବିଶ୍ୱାସବୋଧ ଓ ଚଳଣି ଏଥିରେ ଅପରୂପ ଲାଭ କରିଥାଏ । "ଲୋକ ସାହିତ୍ୟରେ ଜୀବନ ଏକ ମହିମା-ମଣ୍ଡିତ ଆଦର୍ଶ ବା ତତ୍ତ୍ୱର ବିଷୟ ନୁହେଁ । ତାହା ସୁଖ-ଦୁଃଖ, ହାନି-ଲାଭର ଚଉହଦି ଭିତରେ ସାଧାରଣ ଜୀବନ; ଯାହା ପରମାର୍ଥ ସହିତ ନୁହେଁ, ବଞ୍ଚିବା ସହିତ ବରଂ ଅଧିକ ସମ୍ବନ୍ଧିତ ।" ଲୋକ-ଜୀବନର ନିଛକ ବାସ୍ତବତା ଓ ସତ୍ୟ ଘଟଣା ଏଥିରେ ରୂପ ପାଇଥିବାରୁ ଏହାର ସାର୍ବଜନୀନ ଓ ସାର୍ବକାଳିକ ମୂଲ୍ୟବୋଧ ରହିଛି ।

ଟିପ୍ପଣୀ

ଲୋକସାହିତ୍ୟକୁ କେହି କେହି ପଲ୍ଲୀସାହିତ୍ୟ, ଲଘୁସାହିତ୍ୟ ବା ଗାଉଁଲୀ ସାହିତ୍ୟର ଆଖ୍ୟା ଦେଇଥାନ୍ତି । ଓଡ଼ିଶା ଏକ ପଲ୍ଲୀ-ବହୁଳ ରାଜ୍ୟ ଏବଂ ଅଧିକାଂଶ ଜନତା ପଲ୍ଲୀରେ ହିଁ ବସବାସ କରିଥାନ୍ତି । ସେହିମାନଙ୍କର ଜୀବନକଥା ଏଥିରେ ପ୍ରକାଶଲାଭ କରିଥିବାରୁ ଏହାର ଅନ୍ୟ ନାମ ପଲ୍ଲୀସାହିତ୍ୟ । ସମସ୍ତ ଶାସ୍ତ୍ରୀୟ ନିୟମକୁ ଉପେକ୍ଷା କରି ଏହା ନିଜସ୍ୱ ଶୈଳୀ ଓ ଭାଷାରେ ପ୍ରକାଶଲାଭ କରିଥିବାରୁ ଏହାକୁ କେହି କେହି ବୋଧହୁଏ ସେଇଥିପାଇଁ ଲଘୁ ସାହିତ୍ୟ ଆଖ୍ୟା ଦେଇଥାନ୍ତି । ଅନୁରୂପ ଭାବରେ ଗ୍ରାମର ଲୋକମାନଙ୍କ ଦ୍ୱାରା ଓ ସେହି ଲୋକମାନଙ୍କ ପାଇଁ ସୃଷ୍ଟି ହୋଇଥିବା ସାହିତ୍ୟ ହିଁ ଗାଉଁଲୀ ସାହିତ୍ୟ । ତୁଣ୍ଡରୁ ତୁଣ୍ଡ ଓ କାନରୁ କାନ ଦେଇ ଗତି କରିଥିବାରୁ ଏହାକୁ ଲୋକବେଦ ମଧ୍ୟ କୁହାଯାଇପାରେ । ଏଇଥି ପାଇଁ ଲୋକସାହିତ୍ୟକୁ ମୌଖିକ ସାହିତ୍ୟ କୁହାଯାଇଥାଏ । ଅତୀତରେ ଏହାର କୌଣସି ଲିଖିତ ରୂପ ନ ଥିବାରୁ ଏବଂ ଶ୍ରୁତି ମଧ୍ୟ ଦେଇ ଅବାରିତ ଭାବରେ ଗତି କରୁଥିବାରୁ ଏହା ମୌଖିକ ସାହିତ୍ୟ ଭାବରେ ପରିଗୃହୀତ ହୋଇଥିଲା । ଏହି ସାହିତ୍ୟ ସମ୍ପର୍କରେ ମତ ଦେଇ ଆଲୋଚକ ବୃନ୍ଦାବନଚନ୍ଦ୍ର ଆଚାର୍ଯ୍ୟ କୁହନ୍ତି - "ମୌଖିକ ସାହିତ୍ୟ ପଲ୍ଲୀଜୀବନର ଏକ ସ୍ୱତଃସ୍ଫୂର୍ତ୍ତ ଝରଣା । ଯେ କୌଣସି ଲୋକ-ସମାଜର ଏହାହିଁ ଆଦିମ ସଙ୍ଗୀତ, ତେଣୁ ଅଲିଖିତ, ନିତ୍ୟନୂତନ, ସହଜ, ସରଳ, ସମ୍ଭ୍ରାନ୍ତ ଓ ସ୍ୱାଭାବିକ । ପଲ୍ଲୀ ଜୀବନର ହସକାନ୍ଦ, ସୁଖଦୁଃଖ ସହିତ ଓତପ୍ରୋତ ଭାବରେ ଜଡ଼ିତ ଥିବା ହେତୁ ଏହା ପ୍ରାଣସ୍ପର୍ଶୀ ଓ ଲୋକପ୍ରିୟ । ଏହା ଲୌକିକ ଭାଷା ଓ ଲୋକମାନସର ପ୍ରକୃଷ୍ଟ ବାର୍ତ୍ତା ବହନ କରିଥାଏ ।"

ଲୋକ ସାହିତ୍ୟର ଇତିହାସ ଅଜଣା । ଏହାର ଜନ୍ମଜାତକ ନିରୂପଣ କରିବା ଅସମ୍ଭବ ମଧ୍ୟ । ମାନବଜୀବନ ସହିତ ଏହାର ସମ୍ପର୍କ ନିବିଡ଼ । ଲୋକସାହିତ୍ୟ ସ୍ରଷ୍ଟା କେବଳ ନିଜକଥା ଓ ତା'ର ସମାଜକଥା ହିଁ କହିଛି । ସମକାଳୀନ ସମାଜର ରୁଚି, ଆଦର୍ଶ ଓ ବିଶ୍ୱାସବୋଧ ଏଥିରେ ପ୍ରକାଶଲାଭ କରିଛି ଅତ୍ୟନ୍ତ ଅକପଟ ଓ ସରଳ ଭାବରେ । ସେଥିପାଇଁ ଡଃ ଦାଶ କହିଛନ୍ତି - "ସମାଜର ପ୍ରତ୍ୟେକ ଶ୍ରେଣୀ, ରୁଚି, ଆଦର୍ଶର ମଣିଷମାନଙ୍କୁ ଯାହା ଭଲ ଲାଗେ, ସେମାନଙ୍କ ଚେତନାକୁ ଯାହା ଅଭିଭୂତ କରେ, ଯାହା ଭିତରେ ସେମାନେ ଆପଣା ଆପଣା 'ମୁଁ'ଟିକୁ ଖୋଜି ପାଆନ୍ତି - ତାହାହିଁ ସେମାନଙ୍କ ସାହିତ୍ୟ, କଳା, ସଙ୍ଗୀତ ଏବଂ ଏକ ବୃହତ୍ତର ପରିଭାଷାରେ ଜୀବନ-ବେଦର ଉଦ୍‌ଗାନ- ଲୋକ ବେଦ ।" ଲୋକସାହିତ୍ୟ ମଣିଷ ଜୀବନ କଥା ବ୍ୟତୀତ ଅନ୍ୟ କିଛି କହିନାହିଁ, କହିବାର ଅବକାଶ ମଧ୍ୟ ପାଇନାହିଁ । ମଳୟ ପବନ ପରି ଏହା ଆମୋଦିତ କରିଛି, ଆନନ୍ଦ ଦେଇଛି, ସର୍ବୋପରି ମଣିଷକୁ ନିଜ ସଂପର୍କରେ, ନିଜର ପରିବେଶ ଓ ପାରିପାର୍ଶ୍ୱିକ ଅବସ୍ଥା ବିଷୟରେ ସଚେତନ କରିଛି । ତେଣୁ ଲୋକ ନିଜକୁ ଖୋଜିବାକୁ ବା ନିଜ ବିଷୟରେ ଜାଣିବାକୁ ଅନ୍ୟ କାହା ପାଖକୁ ଯାଇନାହିଁ । ତା' ହାତପାଆନ୍ତାରେ ଏବଂ ତୁଣ୍ଡରୁ ବାହାରୁଥିବା ତଥା କାନରେ, ଶୁଣୁଥିବା ସାହିତ୍ୟକୁ ହିଁ ପାଇଛି । ଏହାକୁ ବୁଝିବାକୁ ବିଦ୍‌ବତାର ପ୍ରୟୋଜନ ହୋଇନାହିଁ, ମସ୍ତିଷ୍କ ଖେଳାଇବାର ଆବଶ୍ୟକତା ପଡିନାହିଁ । ଏହାର ଅର୍ଥ ହୃଦୟଙ୍ଗମ କରିବାକୁ ଅଭିଧାନର ଅଭାବ ଅନୁଭୂତ ହୋଇନାହିଁ । ସ୍ୱଚ୍ଛ, ସରଳ, ଧୀରଗମନା କଳକଳ ନାଦିନୀ ଝରଣା ପରି ତନୁ ଏବଂ ମନକୁ ଅପୂର୍ବ ରସରେ ରସାଣିତ କରି ଯୁଗଯୁଗ ଧରି ପାଠକସମାଜକୁ ମୋହାବିଷ୍ଟ କରିଆସିଛି । ସେଥିପାଇଁ ଏହା ପ୍ରାକୃତିକ ଓ ବାସ୍ତବ ।

ବିଦଗ୍ଧ ସାହିତ୍ୟ ଲୋକମାନଙ୍କର ସାହିତ୍ୟ ନୁହେଁ, ମୁଷ୍ଟିମେୟ ପଣ୍ଡିତ ବର୍ଗଙ୍କର ସାହିତ୍ୟ । ଜନସାଧାରଣଙ୍କ ଜୀବନ-ଗାଥାରେ ଏ ସାହିତ୍ୟ ମୁଖରିତ ନୁହେଁ ବରଂ ଏକ କୃତ୍ରିମ ସୁଶୋଭିତ ଜଳାଶୟ ପରି ଚିତ୍ତ ମୁଗ୍ଧକାରୀ । "ବିଦଗ୍ଧ ସାହିତ୍ୟ କହିଲେ ସୁଧୀବର୍ଗ ବା ପାଶ୍ଚାତ୍ୟ-ଆଧାରିତ ଶିଷ୍ଟ ସାହିତ୍ୟ । ଅନ୍ୟ ଭାବରେ କହିଲେ ସ୍ଥାପତ୍ୟ

ଟିପ୍ପଣୀ

ଅଳଙ୍କାର ନିହିତ ସାହିତ୍ୟର ନାମାନ୍ତର ବିଦଗ୍ଧ ସାହିତ୍ୟ ××× ଏ ସାହିତ୍ୟ ପୁର-ଜୀବନଭିତ୍ତିକ । ତାହା ଉଦ୍ୟାନ ସୌନ୍ଦର୍ଯ୍ୟର ଅପେକ୍ଷା ରଖେ । ବିଦଗ୍ଧ ସାହିତ୍ୟର ସ୍ରଷ୍ଟା ହେଉଛନ୍ତି ବିଦ୍ୱାନ୍ ବା ପଣ୍ଡିତବର୍ଗ । ଏଥିପାଇଁ ପ୍ରତିଭା, ବିଦ୍‌ବତ୍ତା, ଅଭ୍ୟାସ ଓ ଶାସ୍ତ୍ରାନୁଶୀଳନ ଲୋଡ଼ା । ଏହାର ଅବବୋଧ ପାଇଁ ବ୍ୟାଖ୍ୟାନ ଓ ପର୍ଯ୍ୟାଲୋଚନା ଦରକାର । ରସିକ ଓ ଗ୍ରାହକମାନେ ହିଁ ତାର ଭୋକ୍ତା । ସଭ୍ୟତା ସଂସ୍କୃତିର ଶିଷ୍ଟରୂପ ଏଥିରେ ଅଭିବ୍ୟକ୍ତ । ଏହା ପ୍ରଜ୍ଞାଦୀପ୍ତ ଓ ଶିଳ୍ପ-ସୌନ୍ଦର୍ଯ୍ୟରେ ମହିମାମୟ । ଏହାର ଆବେଦନ ବିଜ୍ଞଗୋଷ୍ଠୀ ମଧ୍ୟରେ ସୀମିତ ।' ମାନବଜୀବନର ବାହ୍ୟରୂପ ଏଥିରେ ପ୍ରକାଶିତ । ଜୀବନ ପରିବର୍ତ୍ତେ କଳା ସହିତ ଏହାର ସଂପର୍କ ନିବିଡ଼ । Art for Ari's sake ନୀତିର ଏହା ସମର୍ଥକ । ନଗରଜୀବନ ସହିତ ଏହା ସଂପର୍କାନ୍ୱିତ ଥିବାରୁ ସାମଗ୍ରିକ ଭାବରେ ବିରାଟ ଜନଜୀବନକୁ ଅବହେଳା ପ୍ରଦର୍ଶନ କରିଥାଏ । ନୀତି, ନିୟମ ଓ ସୂତ୍ରଦ୍ୱାରା ଆବଦ୍ଧ ରହିଥିବାରୁ ବାସ୍ତବ କଳାର ଯଥାର୍ଥ ଗୌରବ ବିଦଗ୍ଧ ସାହିତ୍ୟ ହରାଇ ବସିଥାଏ । ଆଭିଧାନିକ ଜ୍ଞାନର ଅପେକ୍ଷା ରଖୁଥିବାରୁ ଏକା ନିଃଶ୍ୱାସକେ ବା ଅଖଣ୍ଡିତ ଧାରାରେ ଏହାକୁ ପାଠ କରିବା ସମ୍ଭବ ହୋଇ ନଥାଏ । ଏକ ନିର୍ଦ୍ଦିଷ୍ଟ ଆଦର୍ଶ ଓ ମୁଷ୍ଟିମେୟ ପାଠକକୁ ଆଖିରେ ରଖି ଏହା ରଚିତ ହେଉଥିବାରୁ ଜନଜୀବନ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିପାରେ ନାହିଁ କି ସାମୂହିକ ସମବେଦନା ଲାଭ କରିପାରେ ନାହିଁ । ଏହାର ପାଠକ ସୀମିତ, ଉଦ୍ଦେଶ୍ୟ ନିର୍ଦ୍ଦିଷ୍ଟ । ଏ ସାହିତ୍ୟରେ ମୁଗ୍‌ଧତା ରହିଛି, କିନ୍ତୁ ପ୍ରଶାନ୍ତି ନାହିଁ, ଦୀପ୍ତି ରହିଛି, ଦ୍ୟୁତି ନାହିଁ । ମନ ବା ଆତ୍ମା ପରିବର୍ତ୍ତେ ଶରୀର ସହିତ ସଂପର୍କ ସ୍ଥାପନ କରୁଥିବାରୁ ଏହା ସାର୍ବକାଳିକ ମୂଲ୍ୟ ହରାଇ ବସିଥାଏ । ଏହି ଦୃଷ୍ଟିରୁ ଲୋକସାହିତ୍ୟ ଓ ବିଦଗ୍ଧ ସାହିତ୍ୟର ନିମ୍ନଲିଖିତ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ ।

**ଲୋକ ସାହିତ୍ୟ**

୧ । ମାନବର ହୃଦୟ ସହିତ ସଂପର୍କ

୨ । ପ୍ରାକୃତିକ

୩ । ଅଯତ୍ନବର୍ଦ୍ଧିତ ଅରଣ୍ୟର ସୁଷମା

୪ । କଳକଳ-ନାଦିନୀ ଝରଣା

୫ । ମନ୍ଦମଳୟ ଅନିଳ

୬ । ସ୍ନିଗ୍‌ଧ ଜ୍ୟୋତ୍ସ୍ନାଲୋକ

୭ । ସରଳ ପଲ୍ଲୀର ସୁଷମା

୮ । ସରଳତା, ସ୍ୱାଭାବିକତା ଏହାର ଆଦର୍ଶ

୯ । ବଂଶୀର ମଧୁରିମା

୧୦ । ବାସ୍ତବ ଜୀବନ ସହିତ ସଂପର୍କ

୧୧ । ସ୍ୱତଃସ୍ଫୂର୍ତ୍ତତା, ଆବେଗଧର୍ମିତା

୧୨ । ଗୋଷ୍ଠୀ ଜୀବନର ପ୍ରକାଶକ

୧୩ । ଜାତୀୟ ଜୀବନ ସହିତ ସଂପର୍କ

ଟିପ୍ପଣୀ

**ବିଦଗ୍ଧ ସାହିତ୍ୟ**

୧। ବାହ୍ୟ ଶରୀର ସହିତ ସଂପର୍କ
୨। କୃତ୍ରିମ
୩। କୃତ୍ରିମ ଉପବନ ବା ପାର୍କ
୪। ନିଷ୍ପନ୍ଦହୀନ ଜଳାଶୟ
୫। ଶକ୍ତିଚାଳିତ ପଙ୍ଖା
୬। ଆଖି ଝଲସା ବିଦ୍ୟୁତ୍ ଆଲୋକ
୭। କୃତ୍ରିମ ନଗରର ଚାକଚକ୍ୟ
୮। ବୌଦ୍ଧିକତା, ବହ୍ୟାଡ଼ମ୍ବର ଏହାର ଆଦର୍ଶ
୯। ଅର୍କେଷ୍ଟ୍ରାର କର୍ଣ୍ଣକଟୁ ଧ୍ୱନି
୧୦। କଳ୍ପନା ଓ ପାଣ୍ଡିତ୍ୟ ସହିତ ସମ୍ପର୍କ
୧୧। ଚିନ୍ତାଶୀଳତା, ଭାବାନୁଲମ୍ବିତା
୧୨। ମୁଷ୍ଟିମେୟ ଜୀବନର ପ୍ରକାଶକ
୧୩। ସଭ୍ୟତା ଓ ଶିକ୍ଷା ସହିତ ସମ୍ପର୍କ

## ଓଡ଼ିଶା ଲୋକସଂସ୍କୃତି

ସମାଜ ଜୀବନର ଗତିଭଙ୍ଗୀ ଯେମିତି ଇତିହାସର ସ୍ଥାନ ପାଇଥାଏ, ସେମିତି ମଧ୍ୟ ସାହିତ୍ୟରେ ଏହାର ଛାପ କରିଯାଏ । କାରଣ ସାମାଜିକ ପ୍ରତିକ୍ରିୟା ବ୍ୟକ୍ତି ମାନସକୁ ବହୁ ଭାବରେ କରିଥାଏ ପ୍ରଭାବିତ । "ସମାଜ-ଚେତନା ବ୍ୟକ୍ତି-ଚେତନାର ସ୍ୱତନ୍ତ୍ର ଭାବ-ଭଙ୍ଗୀର ସଂସ୍ପର୍ଶରେ ସାହିତ୍ୟକୁ ରୂପାନ୍ତରିତ ହୁଏ । ଏଇ ସମୟରେ ବ୍ୟକ୍ତିର ଭାବନା ଜଗତ ଶିଳ୍ପୀର ରସ-ଲୋକକୁ ଉତ୍ତୀର୍ଣ୍ଣ ଲାଭକରେ । ସମାଜରୁ ସୃଷ୍ଟି ହୋଇଥିବା ସାହିତ୍ୟ ଶେଷରେ ଗୋଟିଏ ଜାତି ଓ ସଂସ୍କୃତିକୁ ପଥ ନିର୍ଦ୍ଦେଶ କରିବାର ସ୍ପର୍ଦ୍ଧା ପୋଷଣ କରେ ।"

ସାହିତ୍ୟର ରୂପବୋଧ ଭିତରେ ସଂସ୍କୃତିର ସ୍ଥିତି ଧରାଦେଇଥାଏ । ହୁଏତ କୌଣସି ସମାଜ ଧ୍ୱଂସ ହୋଇପାରେ, ମାତ୍ର ସାହିତ୍ୟ ଧ୍ୱଂସ ହୋଇପାରେନା । ସମାଜ ଜୀବନର ସାଂସ୍କୃତିକ ଅବଶେଷକୁ ସାହିତ୍ୟ ଭିତରୁହିଁ ଧରାଯାଇପାରେ । ସମାଜ ଜୀବନ ସହିତ ସଂସ୍କୃତିର ସ୍ଥିତିକୁ ଆକଳନ କରିବା ଦିଗରେ ସାହିତ୍ୟହିଁ ସର୍ବଶ୍ରେଷ୍ଠ ସଂଯୋଗ ସେତୁ, ସର୍ବୋତ୍କୃଷ୍ଟ ପ୍ରକାଶ-ମାଧ୍ୟମ । ଆଲୋଚକଙ୍କ ଭାଷାରେ "ସାହିତ୍ୟ ହେଉଛି ଏକ ବୃହତ୍ତର ସାମୂହିକ ଜୀବନ ଜଳବାୟୁର ଅଂଶ ଯାହାକୁ ସଂସ୍କୃତି ବୋଲି କୁହାଯାଏ । ଏହି ଜଳବାୟୁ ଅନ୍ତଃ ପରିବେଶ ଓ ବହିଃ ପରିବେଶ ଉଭୟଟି ଦ୍ୱାରା ପ୍ରଭାବିତ ହୋଇ ଆପଣାକୁ ଗଢ଼ଣମାନ ଦେଇ ଗତି କରୁଥାଏ । ସଂସ୍କୃତି ସାହିତ୍ୟକୁ ନିର୍ଦ୍ଦିଷ୍ଟ ମାର୍ଗ ଦିଏ ଏବଂ ସାହିତ୍ୟ ସଂସ୍କୃତି ଲାଗି ସର୍ବଦା ଏକ ପ୍ରେରଣାତ୍ମକ ସାହଚର୍ଯ୍ୟ ଆଣି ଯୋଗାଇ ଦେଇଥାଏ ।"

ସାମାଜିକ ମଣିଷର ତୀବ୍ର ସଂସ୍କାରବୋଧ ଏବଂ ଉତ୍ତମ ଆଚରଣଗତ ମର୍ଯ୍ୟାଦାହିଁ ସଂସ୍କୃତି । ଏହା ମଣିଷ ମାନସର କ୍ରମ ଶୋଧନ ବୃତ୍ତିରେ ଏକ ପରିପ୍ରକାଶ । ସାହିତ୍ୟ ହେଉଛି ଏହାର ଅନ୍ୟତମ ପ୍ରକାଶ ମାଧ୍ୟମ । ଆଲୋଚକଙ୍କ ମତରେ ସଂସ୍କୃତି ହୃଦୟର ଅର୍ଘ୍ୟଥାଳୀ । ମହନୀୟ ଦିବ୍ୟ ଚେତନାର ଏହା ଜନନୀ । ଜାନ୍ତବ ସ୍ତରରୁ ମୁକ୍ତି ପାଇଁ ଏହା ମଣିଷର ଅଭୀପ୍ସା ଓ ତଜ୍ଜନିତ ତପସ୍ୟାର ଦ୍ୟୋତନା । ସଂସ୍କୃତି ଭିତରେ ଗୋଟିଏ ଜାତିର ଅନ୍ତରାତ୍ମା ସ୍ପନ୍ଦିତ ହୁଏ, ତା'ର ଆଭିମୁଖ୍ୟ, ଦୃଷ୍ଟିକୋଣ ଓ ଆଦର୍ଶ ବ୍ୟଞ୍ଜିତ ହୁଏ । ଏହା ଗୋଟିଏ ଜାତିର ଏକକ ସ୍ୱାତନ୍ତ୍ର୍ୟର ସ୍ମାରକୀ । ପ୍ରକୃତିର ବିବର୍ତ୍ତନ ପରି ସଂସ୍କୃତିର ପରିବର୍ତ୍ତନ ମଧ୍ୟ ସଂଘଟିତ ହୁଏ । ଏହାର ପ୍ରସାରିତ ଅୟନରେ ମଣିଷର ବୌଦ୍ଧିକତା ସଂଜାତ ବିଚାରବୋଧ ଓ ହୃଦୟର ସୌକୁମାର୍ଯ୍ୟ ଓ ମନର ଶ୍ୟାମଳିମା ଫୁଟି ଉଠେ" । ଏଇ ବିଚାରବୋଧ ଉପରେ ଯଦି ଲୋକ ସାହିତ୍ୟକୁ ପର୍ଯ୍ୟାଲୋଚନା କରାଯାଏ, ତେବେ ଓଡ଼ିଆ ଲୋକ ସଂସ୍କୃତିର ସୁବିସ୍ତୃତ ଗତିଭଙ୍ଗୀ ଲୋକ ସାହିତ୍ୟର ହିଁ ସ୍ଥାନ ପାଇଥିବା ଲକ୍ଷ୍ୟ କରାଯିବ ।

ଓଡ଼ିଆ ଜାତିର ଯାବତୀୟ ଓଡ଼ିଆକୁ ବେଳ ଲୋକ ସଂସ୍କୃତି ଭିତରେ ଭରି ରହିଛି । କାରଣ ଓଡ଼ିଶା ଉପରେ ବୈଦେଶିକ ଆକ୍ରମଣ ଓ ପାଶ୍ଚାତ୍ୟ ଶାସନ ହେତୁ ଓଡ଼ିଶାର ସାଂସ୍କୃତିକ ଗତିଭଙ୍ଗୀରେ ଅନେକ ପରିବର୍ତ୍ତନ ଦେଖାଦେଲା । କିନ୍ତୁ ଓଡ଼ିଆ ଚଳଣିର ମୌଳିକତା ଓଡ଼ିଆ ଲୋକ ସାହିତ୍ୟରେ ପ୍ରମୂର୍ତ୍ତ ଥିଲା । ତତ୍କାଳୀନ ସମୟ ଓ ସାଂପ୍ରତିକ ସମୟ ମଧ୍ୟରେ ଓଡ଼ିଶା ଲୋକାଚାରରେ ବହୁ ପରିବର୍ତ୍ତନ ସାଧିତ ହୋଇଛି । କୃଷିଭିତ୍ତିକ ଓଡ଼ିଶା ଚଳଣିର ପ୍ରକୃତ ପ୍ରତିରୂପ ହିଁ ଓଡ଼ିଆ ଲୋକ ସାହିତ୍ୟ । ଓଡ଼ିଆ ସଂସ୍କୃତିର ଉପଯୁକ୍ତ ପ୍ରତିଲିପି ଓଡ଼ିଆ ଲୋକ ସାହିତ୍ୟ । ଏହା ପୁଣି ଗଳ୍ପ, ଗୀତ, ଢଗ-ଢମାଳି, ପ୍ରବାଦ, ପ୍ରବଚନ ଓ ଲୋକନାଟକ ଇତ୍ୟାଦି ଭେଦରେ ବିଭିନ୍ନ । କିନ୍ତୁ ପ୍ରତ୍ୟେକଟି ବିଭାଗରେ ସ୍ଥାନ ପାଇଛି ଓଡ଼ିଆ ସଂସ୍କୃତିର ପ୍ରକୃଷ୍ଟ ରୂପ । ଓଡ଼ିଆର ଚାଲିଚଳଣି, ଆଚାର-ବ୍ୟବହାର, ଧର୍ମ-ଧାରଣା, ଆଧ୍ୟାତ୍ମିକ ଅନୁଚିନ୍ତା, ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଚଳଣି, ଓଷା, ବ୍ରତ-ଧର୍ମାଚାର, ପୂଜା-ପାର୍ବଣ, ପର୍ବ-ପର୍ବାଣି, ଶିକ୍ଷା-ସଭ୍ୟତା, କୃଷି-ବାଣିଜ୍ୟ, ଓଡ଼ିଆ ଜନଜୀବନର, କ୍ରୀଡ଼ା-କୌତୁକ, ହାସ୍ୟ, କାରୁଣ୍ୟ, ବିବାଦ-ସମସ୍ୟା, ଜାତି-ଅଜାତି ଇତ୍ୟାଦିର ସମସ୍ତ ପ୍ରକାର ଅନୁଭବର ନିର୍ଭୁଲ ଦଲିଲ୍ ସହିତ ହେଉଛି ଓଡ଼ିଆ ଲୋକ ସାହିତ୍ୟ । ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ପ୍ରେକ୍ଷାପଟର ସୁବିସ୍ତୃତ ସାହିତ୍ୟ ବିବରଣୀ ଏଥିରେ ଆଲୋଚିତ ଏବଂ ଆଲୋକିତ ।

**ଉପସଂହାର :**

ଓଡ଼ିଆ ଲୋକ ସାହିତ୍ୟ ମୌଖିକ ସାହିତ୍ୟ । ତୁଣ୍ଡରୁ ତୁଣ୍ଡକୁ ଏହାର ଗତି, ତୁଣ୍ଡେ ତୁଣ୍ଡେ ଏହା ବିସ୍ତୃତି । କିନ୍ତୁ ମୌଖିକ ସାହିତ୍ୟ ହେଲେ ମଧ୍ୟ ସମକାଳର ଲିଖିତ ସାହିତ୍ୟ ଠାରୁ, ଓଡ଼ିଆ ସଂସ୍କୃତି ଓ ସମାଜର ଚିତ୍ର ପ୍ରଦାନ କରିବାରେ ଏହାର ମୌଳିକତାରେ ମିଶ୍ରଣ ଘଟିଥାଇପାରେ, ହେଲେ ଓଡ଼ିଆ ସଂସ୍କୃତିର ସ୍ୱରୂପ ଆକଳନରେ ଏହା ଯଥେଷ୍ଟ ସହାୟକ ।

## ପ୍ରଶ୍ନାବଳୀ


ପ୍ର.୧ । ଲୋକସଂସ୍କୃତି ଓ ଲୋକ ସାହିତ୍ୟର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଆଲୋଚନା କର ।

■■■

୨
ୟୁନିଟ୍

# ଲୋକ ଗୀତ, ପ୍ରବାଦ ଓ ପ୍ରବଚନ
## ସଂଜ୍ଞା ଓ ସ୍ୱରୂପ ନିର୍ଣ୍ଣୟ

## ଲୋକଗୀତ



ଟିପ୍ପଣୀ

## ଓଡ଼ିଆ ଲୋକଗୀତରେ ସଂଜ୍ଞା ଓ ସ୍ୱରୂପ :

ଲୋକଗୀତ ହେଉଛି ଲୋକଜୀବନର ଜୀବନ ବେଦ । ଲୋକ ଜୀବନାନୁଭୂତିର ସ୍ୱାକ୍ଷର ଏଥିରେ ଅଜ୍ଞାତ । ଲୋକର ବ୍ୟକ୍ତି ଜୀବନ, ପାରିବାରିକ ଚଳଣି, ଗୋଷ୍ଠୀବଦ୍ଧ ଚେତନା, ଲୋକ ସମାଜର ସାର୍ବିକ ପରିପ୍ରକାଶ ଏଇ ଲୋକଗୀତ । ଏହାର ବ୍ୟକ୍ତି ଅପରିମେୟ । ବହୁ ଶାଖା ବନସ୍ପତି ଭଳି ସର୍ବତ୍ର ଏହାର ବ୍ୟାପ୍ତି । ଗଭୀରତମ ସ୍ଥିତି ବିଶିଷ୍ଟ ସାହିତ୍ୟର ମପାଚୁପା ନିୟମ ନିଗଡ଼ ଓ ଯାବତୀୟ କୃତ୍ରିମତା ଠାରୁ ଏହା ଅନେକ ଦୂରରେ । ଏଥିରେ ବଚନ ବିଦଗ୍ଧତାର ଆଟୋପ ନାହିଁ । ଆଳଙ୍କାରିକତାରେ ଏହା ଭାରାକ୍ରାନ୍ତ ନୁହେଁ । ରାଶି ରାଶି ବିଶିଷ୍ଟ ଶବ୍ଦର ଶୃଙ୍ଖଳାର ଅନୁବନ୍ଧକୁ ଏହା ସ୍ୱୀକାର କରେ ନାହିଁ । ବୈଦଗ୍ଧର ଗାମ୍ଭୀର୍ଯ୍ୟ ନିବଦ୍ଧିତ ହୋଇ ଏହା ସରଳରୁ ସରଳତମ । ଓଡ଼ିଆ ଜାତିର ଯାବତୀୟ ସାରଲ୍ୟକୁ ଏହା ବହନ କରିଛି । ତୁଣ୍ଡେ ତୁଣ୍ଡେ ଏହାର ବ୍ୟାପ୍ତି ଆଉ ପ୍ରଚାର ।

ଲୋକସଂଗୀତ ମୌଖିକ ଗୀତ । ଏହାର କୌଣସି ନିର୍ଦ୍ଦିଷ୍ଟ ରଚୟିତା ନାହାନ୍ତି । ବଂଶ ପରଂପରା ଭିତରେ ଏହାର ପ୍ରବାହ । ଏ ସମ୍ପର୍କରେ ଅଭିମତ ଦେଇ କ୍ୟାସେଲ୍ ବିଶ୍ୱକୋଷ କହନ୍ତି ଯେ, "ଲୋକଗୀତ ହେଉଛି ମୌଖିକ ଗୀତିମୟତା ଓ ଭାବର ସରଳତା ଏହାର ସର୍ବଶ୍ରେଷ୍ଠ ଲକ୍ଷଣ । ତାଙ୍କ ଭାଷାରେ "It is essentially an oral literature lended down for generation after generation by word of mouth x x x the folk defined is a lyric poem with melody, originating anonymously in times past among unlettered folk and remaining in currency for considerable time usually for centuries."

ଲୋକଗୀତ, ସ୍ୱତଃସ୍ଫୂର୍ତ୍ତ ପାହାଡ଼ିଝରଣା ପରି ଏହାର ପ୍ରବାହ, ବ୍ୟାପ୍ତିହୀନ ଏହାର ଗତି । ଆଲୋଚକ ପଠାଣି ପଟ୍ଟନାୟକଙ୍କ ଭାଷାରେ, "କବି ଗୌରବ ଲାଭ କରିବା ଆଶାରେ କେହି ଗ୍ରାମ୍ୟଗୀତି ରଚନା କରିନଥାଏ । ପଲ୍ଲୀବାସୀ ଜନସାଧାରଣ କଳ୍ପନା ବିଳାସୀ ନୁହନ୍ତି । ସେମାନେ ବାସ୍ତବ ଜୀବନର ସଂଗ୍ରାମୀ ଅନୁଭୂତିକୁ ପାଥେୟ କରି ଜୀବନର କଙ୍କରିଳ ପଥରେ ପଥିକ ହୋଇଥିଲାବେଳେ ଆପେ ଆପେ ଏଇ ମନଚିଆଁ ଏବଂ ମନଛୁଆଁ ଗୀତର ଉଦୟ ହୋଇଥାଏ । ଏହା ଏପରି ପ୍ରାଣସ୍ପର୍ଶୀ ହୁଏ ଯେ ତାହା ଆଉ ରଚକ ପାଖରେ ସୀମିତ ହୋଇ ନରହି ସମଗ୍ର ସମାଜର ସମ୍ପତ୍ତି ହୋଇଯାଏ । ତୁଣ୍ଡରୁ ତୁଣ୍ଡକୁ ଅତିକ୍ରମ କରି, ଗାଁର ସୀମା ପାରିହୋଇ ବିସ୍ତୃତ ଅଂଚଳରେ ଆଦାନପ୍ରଦାନ ସୂତ୍ରରେ ବ୍ୟାପ୍ତ ହୋଇଯାଏ । ପୁରୁଷାନୁକ୍ରମେ କ୍ଷତବିକ୍ଷତ ଜୀବନର ଏଇ ରସାଳ ଅଥଚ ସରଳ ପଦଗୁଡ଼ିକ ଅପୂର୍ବ ସାହିତ୍ୟିକ ସୌନ୍ଦର୍ଯ୍ୟରେ ଉଦ୍ଭାସିତ ହୋଇଉଠେ । ମହାକବିମାନଙ୍କର ରଚନା ଯେଉଁ ପରିମାଣରେ ସାମାଜିକ ଜୀବନକୁ ପ୍ରଭାବିତ ଏବଂ ଅନୁପ୍ରବେଶ କରେ ଲୋକ ସାହିତ୍ୟ ମଧ ପଲ୍ଲୀ ସଂସାରକୁ ଆଲୋକିତ କରି ରଖିଥାଏ । କେତେ ସୁଖଦୁଃଖର ମଧୁମୟ ଅନୁଭୂତି ପଲ୍ଲୀ ସାହିତ୍ୟ ମାଧ୍ୟମରେ ରୂପାୟିତ ହୋଇ ଗ୍ରାମ୍ୟ ଜୀବନରେ ଝଙ୍କୃତ ହୋଇଉଠେ । ଗ୍ରାମ୍ୟ ଗୀତିକବିତା ଗିରିନିର୍ଝରିଣୀ ପରି ଅତ୍ୟନ୍ତ ସରଳ, କଳକଳ ଛଳଛଳ ଅଥଚ ସୁଦୂରପ୍ରସାରୀ ।"

ଆଲୋଚକ ଡଃ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ମତଦେଇ କୁହନ୍ତି, "ଲୋକଗୀତର ଧାରା ସ୍ୱତଃସ୍ଫୂର୍ତ୍ତ ଏବଂ ଅବିଚ୍ଛିନ୍ନ, ସରଳତା ଏହାର ପ୍ରକୃତ ପରିଚୟ । କୁଟୀର କୁଟାକୁ ନିଆଁ ସଞ୍ଚରିଲା ପରି ଗ୍ରାମ୍ୟ କବିଙ୍କ ଏ କବିତା ଓ ଗଳ୍ପସବୁ କାଳକ୍ରମେ ଜଣଙ୍କ ମୁହଁରୁ ଆଉ ଜଣଙ୍କ ମୁହଁକୁ, ଗାଁରୁ ଜିଲ୍ଲାକୁ ଓ ଶେଷରେ ସମଗ୍ର ପ୍ରଦେଶକୁ ବ୍ୟାପିଯାଇଥାଏ । ଏହିଭଳି ଭାବରେ ଏହା ସମଗ୍ର ସମାଜର ସମ୍ପତ୍ତି ରୂପେ ପରିଗଣିତ ହୁଏ ।

ଓଡ଼ିଆ ଲୋକସାହିତ୍ୟର ବିଶିଷ୍ଟ ଗବେଷକ ଡଃ. କୁଞ୍ଜବିହାରୀ ଦାଶଙ୍କ ଭାଷାରେ, "ଲୋକଗୀତ ପ୍ରାଚୀନ ପୁଣି ଚିରନବୀନ । ଯୁଗେ ଯୁଗେ ଏହାର ରୂପର ଘଟାନ୍ତର ଘଟିଲେ ବି ପ୍ରାଚୀନ ଧାରା ଅକ୍ଷୁଣ୍ଣ ରହେ । ପ୍ରାଚୀନତମ ଯୁଗର

ଟିପ୍ପଣୀ

ସନ୍ଦେଶ ଲୋକଗୀତ ଜରିଆରେ ଆମ ନିକଟରେ ଆସି ପହଞ୍ଚିଛି । ସେ ଦିଗରୁ ଦେଖିଲେ ଲୋକ ସାହିତ୍ୟ ବିଦଗ୍ଧ ସାହିତ୍ୟର ଜନକ । ଅକ୍ଷର ଉଦ୍ଭାବିତ ହେବା ପୂର୍ବରୁ ଏହା ମୁଖେ ମୁଖେ ଚାଲିଥିଲା । କ୍ରମେ ଲିପିବଦ୍ଧ ହେଲା । ପରେ ହୁଏତ ଏଇ ଧାରାରୁ ବିଛିନ୍ନ ହୋଇ ସ୍ୱତନ୍ତ୍ର ରୀତିରେ ବିଦଗ୍ଧ ସାହିତ୍ୟ ନବନବ ରୂପଧରି ରଚିତ ହେଲା । କିନ୍ତୁ ପ୍ରାଚୀନ ରଚିତ ସାହିତ୍ୟ ଅଧିକାଂଶରେ ସେଇ ଯୁଗର ବାହକ ହୋଇ ରହିଲା, ଯୁଗର ଢେଉ ଲଂଘି ଗତି କରିବାର ଶକ୍ତି ତା'ର ନଥିଲା ।

ଓଡ଼ିଆ ଲୋକଗୀତର ସଂଜ୍ଞା ଭିତରୁ ଏହାର ପ୍ରକୃତି, ସ୍ୱରୂପ ଏବଂ ବୈଶିଷ୍ଟ୍ୟ ସମ୍ପର୍କରେ ଅବଧାରଣା କରାଯାଇପାରେ । ଏହାର ଅନେକ ବିଶେଷତ୍ୱ ମଧ୍ୟରୁ ଏହିଗୁଡ଼ିକ ବିଶେଷ ଭୂମିକା ଗ୍ରହଣ କରିଥାଏ ଯଥା– ପଲ୍ଲୀପ୍ରାଣତା, ମୌଖିକତା, ଗୀତ ରଚୟିତାଙ୍କ ନାମହୀନତା, ଆବୃତ୍ତିଧର୍ମିତା, ସାଙ୍ଗୀତିକ ପ୍ରାଣପ୍ରବାହ, ନିରାକ୍ଷରର ଭାବସଂପଦ, ସଂକ୍ଷିପ୍ତତା, ଭାଷାଗତ ସରଳତା, ଲୋକଜୀବନର ମର୍ମବାଣୀ, ଲୋକବିଶ୍ୱାସର ପଞ୍ଚଚିତ୍ର ଇତ୍ୟାଦି ।

ଲୋକଗୀତର ସୃଷ୍ଟି ହୋଇଛି ମାନବିକ ଆବେଦନ, ସମ୍ବେଦନ ଓ ସଂପ୍ରୀତିରୁ । ଏଥିପାଇଁ ବେଦବେଦାନ୍ତ ପରି ଏହି ଲୋକଗୀତରେ କୌଣସି ନିର୍ଦ୍ଦିଷ୍ଟ ତତ୍ତ୍ୱ ବା ସିଦ୍ଧାନ୍ତର ବିଧିବଦ୍ଧ ଚିନ୍ତାଧାରା ପ୍ରକାଶ ପାଏନାହିଁ । କାରଣ ସେମାନଙ୍କର ସଂକ୍ଷିପ୍ତ ଚିନ୍ତା ପରି ସେମାନଙ୍କ ସୃଷ୍ଟିଗୀତ ମଧ୍ୟ ବିକ୍ଷିପ୍ତ ଓ ଅସଜଡ଼ା । ଲୋକଗୀତର ସେଇ ସାଧାରଣ ସ୍ରଷ୍ଟା ପ୍ରକୃତ ଅର୍ଥରେ ଦର୍ଶନ ବୋଇଲେ କିଛି ବୁଝନ୍ତି ନାହିଁ । କିନ୍ତୁ ଉଚ୍ଚଚିନ୍ତା ତଥା ଗଭୀର ଆତ୍ମୀୟତା ହିଁ ସେହିସବୁ ଲୋକଗୀତ ମଧ୍ୟରେ ଆପଣା ଛାଏଁ ଦର୍ଶନର ଯୁକ୍ତିନିଷ୍ଠ ତଥ୍ୟ ଭରପୂର କରି ରଖିଛି ।

ଲୋକଗୀତରେ ସେଥିପାଇଁ ଅର୍ଥରେ ଦାର୍ଶନିକ ତତ୍ତ୍ୱ ସନ୍ନିଶ୍ରିତ ହୋଇ ନଥିଲେ ମଧ୍ୟ ଲୋକ କବିର ଗଭୀର ଜିଜ୍ଞାସାବୋଧ ଏବଂ ବିଶୁଦ୍ଧ ଆତ୍ମିକ ଚିନ୍ତା ଓ ତା'ର ରଚନାକୁ ଦାର୍ଶନିକ ଭାବସମ୍ପନ୍ନ କରିଅଛି । ଗ୍ରାମର ଏମିତି ଅନେକ ଆନୁଷ୍ଠାନିକ ଶିକ୍ଷାବିହୀନ ଲୋକ ଥାଆନ୍ତି ଯେଉଁମାନଙ୍କର ଚିନ୍ତାଧାରା ହିଁ ଦାର୍ଶନିକ ଭାବସମ୍ପନ୍ନ । ସେ ନିଜର ଚିନ୍ତା ଚେତନାର ପ୍ରସୂତ ତତ୍ତ୍ୱକୁ ସାଧାରଣ ଲୋକ ସମାଜରେ ପ୍ରସାରିତ କରି ଲୋକଙ୍କର ଜ୍ଞାନାଲୋକକୁ ପ୍ରଜ୍ୱଳିତ କରନ୍ତି । ସାଧାରଣ ଲୋକ ଜଗତର ସତ୍ୟ, ମିଥ୍ୟା, ନ୍ୟାୟ, ଅନ୍ୟାୟ, ଈର୍ଷା, ଅସୂୟା, ଲୋଭ, ମୋହ ସମ୍ପର୍କରେ ହୁଏତ ସଚେତନ ନଥାନ୍ତି । ସେମାନଙ୍କୁ ଏହିସବୁ ମାନବିକ ସୂକ୍ଷ୍ମ ଅନୁଭବଗୁଡ଼ିକ ସମ୍ପର୍କରେ ଅବଗତ କରିବା ସହ ଉନ୍ନତ ଜୀବନଯାପନ ଲାଗି ଏହି ଲୋକ କବିମାନଙ୍କ ରଚନା ପ୍ରେରଣା ଯୋଗାଇଥାଏ । ମଣିଷର ମନ ଥରେ ସ୍ୱଚ୍ଛ ହୋଇଗଲେ ସେ ସକଳ ପାର୍ଥିବ ମୋହରୁ ନିଜକୁ ଦୂରେଇ ରଖେ । ତା' ମନରେ ଇହଲୋକ ଅପେକ୍ଷା ପରଲୋକର ଚିନ୍ତା ଅଧିକ ମାତ୍ରାରେ ରେଖାପାତ କରେ । ସେହି ସମୟରେ ଲୋକକବିର ଦାର୍ଶନିକ ତତ୍ତ୍ୱ ଅଧିକ ଚିନ୍ତାର ଖୋରାକ ଯୋଗାଏ । ଯଥା–

"ସେହି କାଳଯମ ବଡ଼ ଦାରୁଣରେ ନ' ଜାଣଇ ସୁଖ ଦୁଃଖ ।
ବାଛି ନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ ଦୁଃଖ ।"

ସଂସାରର ମୋହ ମାୟାରେ ଲିପ୍ତ ରହି ଯେଉଁ ମଣିଷ ଅଶେଷ କାଳ ପର୍ଯ୍ୟନ୍ତ ନିଜକୁ ଆୟୁଷ୍ମାନ୍ ବୋଲି ଭାବୁଥାଏ ତାକୁ ଉପରୋକ୍ତ ମତେ ଲୋକକବି ପ୍ରେରଣା ଦିଏ ଯେ ମୃତ୍ୟୁ ନିକଟରେ ବୟସ୍କ ବା ତରୁଣର କୌଣସି ବାଛ ବିଚାର ନାହିଁ । କାହାର ସୁଖ ଅଛି ବା ଦୁଃଖ ଅଛି ସେ କଥା ମୃତ୍ୟୁ ପାଖରେ ହିସାବ କରିବାକୁ ପଡ଼େ ନାହିଁ । ସେହିପରି

ଯେଉଁମାନେ ନାରୀର ଦେହକୁ ସବୁଠାରୁ ସୁନ୍ଦର ଓ ସବୁଠାରୁ ଉପଭୋଗ୍ୟ ଭାବି ମଦମତ୍ତ ହୋଇଥାନ୍ତି ସେମାନଙ୍କୁ ସଚେତନ କରିବା ଲାଗି ଲୋକକବି ସାଧାରଣତଃ ଗୀତ ମାଧ୍ୟମରେ ଦର୍ଶନ ଶୁଣାଇ କହେ–

**"ରଙ୍ଗ ଶିମୁଳିରେ କି ଦେଖୁ ଭୁଲୁକୁ ଫୁଟିଲେ ଉଡ଼ିବ ତୂଳା ।"**

ଲୋକକବି ପୁଣି ଉଦାର କଣ୍ଠରେ ଘୋଷଣା କରିଛି ଯେ ଏ ଜଗତରେ ହିଁ ଏକମାତ୍ର ଈଶ୍ୱର ସତ୍ୟ ଆଉ ସବୁ ମିଛ । ତେଣୁ ସେ ଗାଇଛି–

"ଘଟେ ଘଟେ ବ୍ରହ୍ମ ପୂରିଛି ଆତ୍ମାର ରୂପେ
ଘୋଟିଛି ତିନିପୁର ବିରାଟ ସ୍ୱରୂପ ।"

ଭଗବାନଙ୍କର ଏହି ସର୍ବମୟ ତଥା ସର୍ବଶକ୍ତିମାନ ସ୍ୱରୂପ ସମ୍ପର୍କରେ ସଚେତନ କରୁଥିବା ଲୋକକବି ପୁଣି ମଣିଷକୁ ସୂଚେଇଦିଏ ଯେ ଏ ଜଗତରେ ଭାଇ, ବନ୍ଧୁ, ମାତା ସମସ୍ତେ ସୁଖର ସାଥୀ । ହେଲେ ମୃତ୍ୟୁବେଳକୁ କେବଳ ମାତ୍ର ଈଶ୍ୱର ହିଁ ସାଥୀ । ତେଣୁ ସେ ଗାଇଛି–

"ଭାଇ ବୋଲ ବନ୍ଧୁ ବୋଲ ସମ୍ପଦର ସାଥୀ ।
ଜୀବ ଯିବା ବେଳେ ଏକା ଗୋବିନ୍ଦ ସାରଥି ।"

ଭଗବାନ ହିଁ ସର୍ବନିୟନ୍ତା । ସେ ଦୁଷ୍ଟକୁ ଦମନ କରି ସନ୍ଥ ପରିପାଳନ ନିମିତ୍ତ ଧରାବକ୍ଷରେ ଅବତାର ଗ୍ରହଣ କରନ୍ତି । ତାଙ୍କରି ଇଚ୍ଛାରେ ଏ ସକଳ ସୃଷ୍ଟି ଆତଯାତ । ତାଙ୍କ ଇଚ୍ଛା ବିନା ଏ ପୃଥିବୀରେ ସାମାନ୍ୟ ତୃଣଟିଏ ମଧ୍ୟ ହଲିପାରେ ନାହିଁ । କର୍ମ ମଣିଷ କରେ ସିନା, କିନ୍ତୁ ସକଳ କର୍ମର ଫଳଦାତା ସେଇ ଏକମାତ୍ର ଈଶ୍ୱର । ଏହି କର୍ମର ହେତୁକୁ ଲୋକକବି ଘୋଷଣା କରିଛି–

"ଯେମିତି କର୍ମକୁ ସେମିତି ଫଳ ।"

ଲୋକକବିର ଦାର୍ଶନିକ ତତ୍ତ୍ୱ ଅନୁସାରେ ସମଗ୍ର ସମାଜ ଚାରିଭାଗରେ ବିଭକ୍ତ । ସେଥିରୁ ଦୁଇ ଗୋଟି ହେଲା ଇହଲୋକ ଓ ପରଲୋକ । ତା' ମତରେ ସାଧୁଲୋକ ବ୍ୟତୀତ ଉଭୟ ଲୋକରେ ଅନ୍ୟ କେହି ସୁଖୀ ହୋଇପାରନ୍ତି ନାହିଁ । ଏହି କଥାକୁ ଇଙ୍ଗିତାତ୍ମକ ଭାଷାରେ ଲୋକଗୀତରେ କବି ଲେଖିଛନ୍ତି–

"ଏଠାରେ ଅଛି, ସେଠାରେ ନାହିଁ
ସେଠାରେ ଅଛି, ଏଠାରେ ନାହିଁ ।
ଏଠାରେ ଅଛି, ସେଠାରେ ଅଛି
ଏଠାରେ ନାହିଁ, ସେଠାରେ ନାହିଁ ।

ଅର୍ଥାତ୍ ସଂସାରୀର ଇହଲୋକରେ ସୁଖ ଅଛି, ପରଲୋକରେ ନାହିଁ । ସନ୍ନ୍ୟାସୀର ପରଲୋକରେ ସୁଖ ଅଛି, ଇହଲୋକରେ ନାହିଁ । ସାଧୁଲୋକର ଇହଲୋକ ଓ ପରଲୋକ ଉଭୟତ୍ର ସୁଖ ଅଛି । ପାଷାଣ୍ଡର ଇହଲୋକ ବା ପରଲୋକ କେଉଁଠାରେ ସୁଖନାହିଁ ।

ଟିପ୍‌ପଣୀ

ଶରୀରର ଅଳୀକତା ସମ୍ପର୍କରେ ଲୋକକବିର ଦର୍ଶନ ହେଲା–

"ମାଟିଘଟ ପିଞ୍ଜରୀକି ସୁବର୍ଣ୍ଣର ଶୁଆ,
ଭଲାରଙ୍ଗେ ଖଞ୍ଜାଇଛି ଭାବ ବିନୋଦିଆ ।"

ଅର୍ଥାତ୍ ଏ ଶରୀର ଗୋଟିଏ ମାଟିର ପଞ୍ଜୁରୀ । ଏହା ମଧ୍ୟରେ ସୁନାର ଶୁକପକ୍ଷୀ ପରି ଆତ୍ମା ଅବସ୍ଥାନ କରୁଅଛି । ଏ ପଞ୍ଜୁରୀ କ୍ରମଶଃ ଜରାଜୀର୍ଣ୍ଣ ହୁଏ ଓ ଭାଙ୍ଗିଯାଏ । ତା'ପରେ ମାଟି ଘଟ ମଧ୍ୟରୁ ଶୁଆ ଉଡ଼ିଯାଏ । ସେ ଶୁଆରୂପୀ ଆତ୍ମାକୁ ଚିରଦିନ ଧରି ରଖିବାର ଶକ୍ତି ମାଟି ଘଟ ପରି କ୍ଷୟଶୀଳ ପଞ୍ଜୁରୀର ନାହିଁ । ଶରୀର କ୍ଷଣଭଙ୍ଗୁର, ଆତ୍ମା ସନାତନ । ଆତ୍ମା ଭିନ୍ନ ଭିନ୍ନ ଶରୀରକୁ ଅବଲମ୍ବନ କରି ସଂଖ୍ୟାତୀତ ଜନ୍ମଲାଭ କରେ । ମୃତ୍ୟୁର ଅବ୍ୟବହିତ ପୂର୍ବରୁ ସେ ଅନ୍ୟ ଆଶ୍ରୟ ସ୍ଥଳର ଚିନ୍ତା କରେ । ଏହି କଥାଟି ଲୋକକବିର ଭାଷାରେ ରୂପ ପାଇଛି–

"ଏ ଜୀବନ ମରଣ ନିକଟେ, ବେଗେ ଚିନ୍ତଇ ଅନ୍ୟ ଘଟେ ।"

ଏହିପରି ଓଡ଼ିଆ ଲୋକଗୀତରେ ଭରିରହିଥିବା ଦାର୍ଶନିକ ବ୍ୟାଖ୍ୟା ସମ୍ପର୍କରେ ନିଜସ୍ୱ ମତ ପ୍ରଦାନ କରି ଲୋକରତ୍ନ ଡଃ. କୁଞ୍ଜବିହାରୀ ଦାଶ, ଲେଖିଛନ୍ତି–

"ଦାର୍ଶନିକ ଭାବପୂର୍ଣ୍ଣ "ଯୋଗୀନ୍ଦ୍ର ଗୀତିକା' ଗଞ୍ଜାମର ହଳିଆମାନଙ୍କ ମୁଖରୁ ଶୁଣାଯାଏ । ଏହା ଏକ ଚଉତିଶା । ଏଥିରେ ଇଅଁଳା, ପିଅଁଳା, ବଙ୍କୁନାଳ ସହସ୍ର ଜଳପଦ୍ମ ଉପରେ ହଂସର ବିହାର, ଅନାହତ ଧ୍ୱନି, ଗୋଲା ହାଟ, ବ୍ରହ୍ମରନ୍ଧ୍ର ପ୍ରଭୃତି କାୟା ସାଧନାର ରୂପକ ଯୌଗିକ ଶବ୍ଦମାନ ବ୍ୟବହୃତ ହୋଇଛି । ଶୂନ୍ୟ ନିରଞ୍ଜନ (ନିରଞ୍ଜନ ପରେ ଜପନ୍ତୁ ଅବଳା) ସାଧନା, ସାକାର ଜଗନ୍ନାଥ (ରତ୍ନ ସିଂହାସନେ ଦେଖି ଚତୁର୍ଦ୍ଧା ମୂରତି) ଆରାଧନାରେ ପର୍ଯ୍ୟବେଶିତ ହୋଇଅଛି । ଶୂନ୍ୟ ପ୍ରଚାରରେ ଉଦାର ଜଗନ୍ନାଥ ଧର୍ମର ଆଦର୍ଶ ଏଡ଼ିଯିବା ଲୋକ ଦାର୍ଶନିକ ପକ୍ଷରେ ସମ୍ଭବ ହୋଇପାରିନାହିଁ । ପଞ୍ଚସଖା ଯୁଗର ଚିନ୍ତାଧାରା ତା' ପ୍ରାଣକୁ ପ୍ଲାବିତ କରିଛି । ସମସ୍ତ ଦାର୍ଶନିକ ଚିନ୍ତାର ପରିମାଣ ସ୍ୱରୂପ ମୈତ୍ରୀ ଦେବତା ଜଗନ୍ନାଥ ଉଜ୍ଜ୍ୱଳତମ ରୂପରେ ତା' ପ୍ରାଣରେ ପ୍ରତିଷ୍ଠିତ ହୋଇଅଛି । ତାଙ୍କ ବାହାରେ ଦର୍ଶନ ନାହିଁ, ସେ ଦର୍ଶନର ମୂଳାଧାର । ଦର୍ଶନର ସହସ୍ରଦଳ କମଳ ଉପରେ ତାଙ୍କର ଅବସ୍ଥିତ ।"

ଲୋକକବିମାନେ ଶରୀର ଭେଦ ବା କାୟା ସାଧନାର ଦର୍ଶନ ଉପରେ ଅତ୍ୟଧିକ ସଚେତନ । ସେହି ଅନୁସାରେ ଓଡ଼ିଶାର ପୁରପଲ୍ଲୀରେ ଦାଶକାଠିଆ ଓ ଖଞ୍ଜଣୀ ବଜାଇ ସରଳ ଜନତା ଯେଉଁସବୁ ଭଜନ ପ୍ରତି ସଂଧ୍ୟାରେ ଗାନ କରନ୍ତି ତନ୍ମଧ୍ୟରୁ ଅଧିକାଂଶ ସେହି ଲୋକକବିର କାୟାସାଧନା ଦର୍ଶନମୂଳକ । ଯଥା–

"ମନର ବଳଦକୁ ପବନ ହଳିଆ
ତ୍ରିବେଣୀ ଘାଇରେ ପଡ଼ିଛି ଘଳିଆ ।
ବିଲ ବୁଲିଗଲେ ଅଖଣ୍ଡ ମଣ୍ଡଳ
କଡି ଦେଉଥିଲେ ଶିରୀ ଦାମୋଦର
ହେତୁ ଥାଇ ଗଛ ଉଠିବ ଫଳିବ ଜ୍ଞାନ ମଞ୍ଜିଲୋ ।"

ସେହିପରି ଶ୍ରୀମଦ ଭଗବତ୍ ଗୀତାରେ ସଂସାରକୁ ଗୋଟିଏ ଅଶ୍ୱତ୍ଥ ବୃକ୍ଷ ସହିତ ତୁଳନା କରାଯାଇଅଛି । ଏହାର ମୂଳ ଉପରକୁ ଡାଳ ତଳକୁ । ପରମାତ୍ମାଙ୍କଠାରୁ ଉଦ୍ଭୂତ ହୋଇ ପ୍ରକୃତି ଗୁଣରେ ଏହା ମାୟାମୟ ସଂସାରରେ ବିସ୍ତୃତି ଲାଭ

କରିଅଛି । ବିଭିନ୍ନ ଇନ୍ଦ୍ରିୟ ଲବ୍ଧ ପଦାର୍ଥ ଏହାର ପୁଷ୍ପ ବୈରାଗ୍ୟ ବଳରେ ଏହି ବୃକ୍ଷକୁ ଛିନ୍ନ କରି ମନୁଷ୍ୟ ମୃତ୍ୟୁଞ୍ଜୟ ହୁଏ । ଅନନ୍ତ ପରମାତ୍ମାଙ୍କ ରାଜ୍ୟରେ ପ୍ରବେଶ ଲାଭ କରେ । ହଳିଆ ଗୀତରେ ଅବିକଳ ସେହି ଭାବ ଅତି ସହଜରେ ପ୍ରକାଶିତ ହୋଇଅଛି ।

"ମୂଳ ତା' ଉପରକୁ ଡାଳ ତା' ତଳକୁ
ସେ ଡାଳ ମାଡ଼ିଛି ପାତାଳ ପୁରକୁ ।
ଅବନୀ ଡାଳରେ ପୁଷ୍ପ ଫୁଟିଅଛି
ଡେମ୍ଫି ନାହିଁ ତା'ର ଶୂନ୍ୟରେ ରହିଛି ।

ଓଡ଼ିଆ ଲୋକଗୀତର ଅନ୍ୟତମ ବିଶିଷ୍ଟ ଧାରା ହେଉଛି ଢଗଢ଼ମାଳି, ବୋଲି, ପହଳି, ବଚନ । ଲୋକ ସାହିତ୍ୟର ଏକ ବିସ୍ତୃତ ବଡ଼ଦାଣ୍ଡ ହେଉଛି ଢଗଢ଼ମାଳି । କେତେକ ଢଗ ଗଦ୍ୟାତ୍ମକ ଓ କେତେକ ପଦ୍ୟାତ୍ମକ । ଢଗ ହେଉଛି ନାରୀ ଅଧରର ଅଳଙ୍କାର । ଢଗର ରଚୟିତା କବିତ୍ୱ ଶକ୍ତିର ଅଧିକାରୀ । ସେ କବିତ୍ୱ ଆଶୁ କବିତ୍ୱ । ବିଦ୍ୟୁତ୍ ଝଟ୍‌କା ପରି ତତ୍‌କ୍ଷଣାତ୍ ସ୍ଫୁରେ । ତତ୍‌କାଳିକ ପରିସ୍ଥିତି ଓ ମନୋବୃତ୍ତିରୁ ଢଗର ଜନ୍ମ । କିନ୍ତୁ ପରବର୍ତ୍ତୀ କାଳରେ ତାଦୃଶ ପରିସ୍ଥିତିରେ ଏହା ପ୍ରୟୋଗ ହୋଇଥାଏ । ଗୀତ ଅପେକ୍ଷା ଢଗ ଅଧିକ ବୌଦ୍ଧିକ । ନୈସର୍ଗିକ ପ୍ରେରଣା ବା ଭାବପ୍ରବଣତା ଅପେକ୍ଷା ଢଗ ରଚନା ଲାଗି ପ୍ରତ୍ୟୁତ୍ପନ୍ନ ମତିତା ବୁଦ୍ଧିର କ୍ଷିପ୍ରତା ଅଧିକ ଆବଶ୍ୟକ । ସଂସାରର ବ୍ୟାପକ ଅନୁଭୂତିରୁ ଢଗ କବି ସାଧାରଣ ସତ୍ୟ ବାହାର କରିପାରେ । ତାକୁ ସଂକ୍ଷିପ୍ତତମ ଓ ରସାଳତମ ରୂପ ଦେବାରେ ହିଁ ତା'ର କୃତିତ୍ୱ ପ୍ରକାଶ ପାଏ ।

ଢଗଢ଼ମାଳି ଲୋକଚରିତ୍ରର ପ୍ରତ୍ୟେକଟି ଦିଗକୁ ସ୍ପର୍ଶ କରି ରଚିତ । ଏଥିରେ ଲୋକ ଚରିତ୍ରର ବାସ୍ତବ ବିଶ୍ଳେଷଣ ଯେମିତି ରହିଛି, ସେମିତି ମଧ୍ୟ ରହିଛି ଲୋକଚରିତ୍ର ପ୍ରତି ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣ । ସମାଜରେ କେତେ ପ୍ରକାରର ଲୋକ ଅଛନ୍ତି । କିଏ ଚତୁର ତ କିଏ ବୋକା, କିଏ ଧନୀ ତ କିଏ ନିର୍ଦ୍ଧନ, କିଏ ଜ୍ଞାନୀ ତ କିଏ ଅଜ୍ଞାନ, କିଏ ଧର୍ମଜ୍ଞାତ ତ କିଏ ଧର୍ମଭୀରୁ, କିଏ ଶଠ ତ କିଏ ସଚ୍ଚୋଟ, କିଏ ସତ୍ ଲୋକ ତ କିଏ ଖଣ୍ଡ, କିଏ ଅହଂକାରୀ ତ କିଏ ବିନୟୀ । ଏମିତି ଆଚାର ଆଉ ଆଚରଣରେ ଭିନ୍ନ ଭିନ୍ନ ମଣିଷ ଅଛନ୍ତି । ଲୋକକବି ସେମାନଙ୍କ ପ୍ରକୃତିକୁ ନେଇ ସୃଷ୍ଟିକରିଛି ରାଶି ରାଶି ଢଗ ଆଉ ପ୍ରବଚନ । ଦୃଷ୍ଟାନ୍ତ କ୍ରମରେ ଏଠାରେ କେତେକ ଢଗଢମାଳିକୁ ନିଆଯାଇପାରେ ।

ସମାଜରେ ବ୍ୟବସାୟିକ ବୁଦ୍ଧି ନଥିବା ଲୋକଙ୍କର ବ୍ୟବସାୟ କରିବା ବୃଥା । ଏଥିପାଇଁ ଢଗ କହେ—

"ଅକାଳେ ଗୋରୀ କଲା ବେଉସା
ଲାଭ ଖାଇଗଲା ଚୁଟିଆ ମୂଷା ।"

ଅଧିକ ଆହାର କରୁଥିବା ନାରୀ ପ୍ରତି ପରିହାସ କରି କୁହାଯାଏ—

"ଅଖାଇ କରିଛି ଓଷା
ଡୋଲିକ ଚାଉଳ ଓଳିକେ ଖାଇଲା
ଦାନ୍ତ ଅଛି ଦରଘସା ।"

ଦୁଇଟି ସ୍ତ୍ରୀ ଥିବା ପୁରୁଷ ପ୍ରତି ଆପେକ୍ଷ କରି କୁହାଯାଏ—

"ଚଇତା ଦୁଇ ମାଇପର ଘଇତା
ତବତ ଖାଇବୁ କି ପଖାଳ ଖାଇବୁ
ଦିନ ଥାଉ ଥାଉ କହିଥା ।"

ଟିପ୍ପଣୀ

ସୁନ୍ଦରୀ ନାରୀର ସ୍ମିତ ହାସ୍ୟକୁ ଲକ୍ଷ୍ୟ କରି ପୁରୁଷର ଯନ୍ତ୍ରଣା, କବି ଦୃଷ୍ଟିରେ–

"ଚାଳକି ଟିକେ ଗୋରୀ
ଚମ୍ପା ଫୁଲ ଠଣ୍ଟି ବଳି ସୁନ୍ଦରୀ
ଦେଖି ପେଟ ଯାଏ ପୂରି ।"

ଦିଅର ଭାଉଜ ପ୍ରୀତି ଅସଙ୍ଗତ । ଭାଉଜ ଏହାକୁ ଅନୁମୋଦନ କରିପାରେ ନାହିଁ । ତେଣୁ ଲୋକକବି ମଧ୍ୟ ଚେତାଇ ଦିଅନ୍ତି–

"ଜର କଲେ ହାତୀ ମଲା
ଭାଉଜ ପୀରତି ଅଢ଼ଇ ଦିନଲୋ
ଭାରିଜା ଅଇଲେ ଗଲା ।"

କିମ୍ବା

"ଉଡ଼ି ଉଡ଼ି ଗଲା ହରଡ଼ ଚଢ଼େଇ
ବଡ଼ ବଡ଼ ତା'ର ଆଖି
ଦିଅର ଟୋକାଟା, ବଡ଼ ବିକଳିଆ
ସଦା ମାରୁଥାଏ ଆଖି ।"

ସଂସାର କରିଥିଲେ ବହୁ ଅଘଟଣ ଘଟେ । ଏସବୁକୁ ସହିବାକୁ ଧୈର୍ଯ୍ୟ ଦରକାର । ସାଂସାରିକ ଜୀବନର ଉତ୍ଥାନ ପତନରେ ଭାଙ୍ଗିପଡୁଥିବା ମଣିଷଙ୍କ ପ୍ରତି ସଚେତନତା ଆଣି ଲୋକକବି କହେ–

"ଚକ ବୁଲୁଥିଲେ ଅଖ ବୁଲୁଥାଇ
ବୁଲି ପଡୁଥାଏ ପହି
ସଂସାର ଭିତରେ ଘର କରିଥିଲେ
ପଥର ପଡ଼ିଲେ ସହି ।"

ସଂସାରରେ ସୁଗୁଣବତୀ ନାରୀ ଯେମିତି ଅଛନ୍ତି ସେମିତି ମଧ ରହିଛନ୍ତି ଅଲକ୍ଷ୍ମୀ ନାରୀ । ସେମାନଙ୍କ ଚରିତ୍ର ଆଚରଣ ସବୁ କିଛି ଦୂଷଣୀୟ । ଲୋକକବି ଭାଷାରେ ଏଇ ଶାଳୀନତା ବିହୀନ ଚରିତ୍ରର ଅବତାରଣା କରି କହନ୍ତି–

"ଚେକା ପାରି ଯେ ନାରୀ ଖାଇ ବସେ
ବଡ଼ ପାଟିକରି ଦାଣ୍ଡରେ ହସେ
ତେଲ ନ ଜରୁଣୁ ଆଇଁଷ କଷେ
ପହରେ ବସି ଦୁଠେ ଗୋଡ଼ ଘଷେ
ମୁଣ୍ଡ ପୋତି ନଖେ ମହୀକୁ ଚଷେ
ନଙ୍ଗଳା ହୋଇଣ ପାଣିରେ ପଶେ
ଅତି ଅଲକ୍ଷଣୀ ଦନାଇ ଭାଷେ ।"

ଏଥି ସହିତ ଓଡ଼ିଆ ଲୋକଗୀତମାନଙ୍କ ମଧ୍ୟରୁ ଯେଉଁ କେତୋଟିରେ ସରଳ ଅର୍ଥରେ ସାମାଜିକ ଦର୍ଶନର ତତ୍ତ୍ୱ ମିଳିଥାଏ, ସେଗୁଡ଼ିକ ହେଲା–

ଟିପ୍ପଣୀ

(କ) ତଳ ବରଡ଼ା ଖସୁଛି, ଉପର ବରଡ଼ା ହସୁଛି
ମଝି ବରଡ଼ା ଥାଇ କହୁଛି ମୋ ଦିନ କାଲ ଆସୁଛି ।

(ଖ) ଏ ମନ ଭାବୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା ।

(ଗ) ମାରେ ହରି ରଖେ କୌନ, ରଖେ ହରି ମାରେ କୌନ୍ ।

(ଘ) ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ ।

(ଙ) ଦେବାଠାରୁ ପୁଣ୍ୟ ନାହିଁ, ମାଗିବା ଠାରୁ ହୀନ ନାହିଁ ।

(ଚ) ମନ ପୂତ କଲେ ଗଡ଼ିଆ ଗଙ୍ଗା ।

(ଛ) ଅଧର୍ମ ବିତ୍ତ ବଢ଼େ ବହୁତ, ଗଲା ବେଳେ ଯାଏ ମୂଳ ସହିତ ।

(ଜ) ମନ ଯେବେ ପ୍ରସନ୍ନ ହୁଅଇ ଦିଅଇ ଅଭୟ ବର ।
ଏଇ ମନ ଯେବେ ଅବୁଝା ହୁଅଇ କରୁଥାଇ ନାରଖାର ।

(ଝ) ମନରେ ନାହିଁ ନା ମାଳାରେ ନାହିଁ, ଭଜି ଭଜି କରି ପାଇବୁ କାହିଁ ।

ଏହିପରି ଭାବରେ ଓଡ଼ିଆ ଲୋକଗୀତରେ ସ୍ୱତଃସ୍ଫୂର୍ତ୍ତ ଦର୍ଶନର ତତ୍ତ୍ୱ ବହୁ ପରିମାଣରେ ଦେଖିବାକୁ ମିଳେ ।

## ଲୋକଗୀତର ସାହିତ୍ୟିକ ମୂଲ୍ୟ :

ସାହିତ୍ୟ ଚିର ପରିବର୍ତ୍ତନଶୀଳ । ଭଲଭାବରେ ନିରୀକ୍ଷଣ ନକଲେ ଏହାର ଆଙ୍ଗିକ ଓ ଆତ୍ମିକରେ ପରିବର୍ତ୍ତନକୁ ସହଜରେ ଜାଣି ହୁଏ ନାହିଁ । ପରିବର୍ତ୍ତନ ସାହିତ୍ୟ କ୍ଷେତ୍ରରେ ଏକ ସ୍ୱାଭାବିକ ନିୟମ । ମୌଖିକ ଭାବପ୍ରକାଶରୁ ଲୋକସାହିତ୍ୟର ସୃଷ୍ଟି । ମାତ୍ର ଲିଖିତ ରୂପେ ପରିଗ୍ରହ କରିବା ପରେ ହୁଏତ ଏହାର ଉଭୟ ଆଙ୍ଗିକ ଓ ଆତ୍ମିକରେ କେତେକ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । କହିବା କଥାକୁ ଶୁଣି ଲେଖିବା ସମୟରେ ଲିଖନକାର ତା'ର ଅନ୍ୟମନସ୍କତାରେ ହେଉ ଅବା ଜାଣି ଜାଣି ହେଉ କଳାତ୍ମକ ମୂଲ୍ୟକୁ ଆଖିରେ ରଖି ସେ ଏଥିରେ କେତେକ ନୂତନ ଶବ୍ଦ ସଂଯୋଗ କରିଛି ।

ଲୋକସାହିତ୍ୟର ଅନ୍ୟାନ୍ୟ ବିଭାଗ ତୁଳନାରେ ଲୋକଗୀତ ହେଉଛି ସବୁଠାରୁ ଅଧିକ ସମୃଦ୍ଧିଶାଳୀ ବିଭାଗ । ଲୋକଚିନ୍ତାର ଅପୂର୍ବ ପ୍ରତିଫଳନ ଏଥିରେ ଯେପରି ରୂପାୟିତ, ଅନ୍ୟ କୌଣସି ବିଭାଗରେ ତାହା ସମ୍ଭବ ହୋଇନାହିଁ । ଗୀତ ଗାଇବା ମଣିଷର ଏକ ସ୍ୱାଭାବିକ ପ୍ରବୃତ୍ତି । ଏହି ଗୀତ ଗାଇବାବେଳେ ସେ ସମ୍ପୂର୍ଣ୍ଣ ରୂପେ ଅନ୍ୟମାନଙ୍କ ନିକଟରେ ନିଜକୁ ଖୋଲିଦେଇଛି । ଲୋକକବି ସଚେତନ ଭାବରେ ଏହାର କଳାତ୍ମକ ଦିଗପ୍ରତି ଦୃଷ୍ଟି ଦେଇ ନାହିଁ । ବରଂ ଆପେ ଆପେ ଏଥିରେ ଯେଉଁ କଳାଗତ ସୁଷମା ପ୍ରକାଶିତ ହୋଇଛି, ତାହା ଏହାକୁ ସାହିତ୍ୟିକ ମୂଲ୍ୟରେ ବିଭୂଷିତ କରିଛି । ଏଥିରେ ପରିଦୃଷ୍ଟ ହୋଇଥିବା ସାହିତ୍ୟିକ ମୂଲ୍ୟକୁ ନିମ୍ନ ଭାବରେ ଆଲୋଚନା କରାଯାଇପାରେ ।

**(କ) ଲୋକଗୀତରେ ରସ ପରିଚର୍ଯ୍ୟା :** – 'ରସ୍ୟତେ ଇତି ରସଃ' – ଯାହା ଆସ୍ୱାଦନ କରାଯାଏ ତାହା ହିଁ ରସ । ଲୋକକବି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପରିବେଶର ସମ୍ପର୍କରେ ଆସୁଥିବାରୁ ତା' ସୃଷ୍ଟିରେ ଏକାଧିକ ରସର ପରିପ୍ରକାଶ ଘଟିଛି । ସେଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

ଟିପ୍ପଣୀ

(i) **ଶୃଙ୍ଗାର ରସ :-** ଶୃଙ୍ଗାର ରସକୁ ଅଳଙ୍କାର ଶାସ୍ତ୍ରରେ ଆଦି ରସର ଗୌରବ ପ୍ରଦାନ କରାଯାଇଛି । ରତି ହେଉଛି ଶୃଙ୍ଗାର ସ୍ଥାୟୀ ଭାବ ନାରୀପୁରୁଷର ପରସ୍ପର ପ୍ରତି ଅନୁରାଗ ଦ୍ୱାରା ହିଁ ଏହା ସୃଷ୍ଟି ଲାଭ କରିଥାଏ । ଲୋକଗୀତିକାର ଦୋଳିଗୀତ, ନାଉରିଆ ଗୀତ, ମଇଁଷିଆଳ ଗୀତ, ହଳିଆ ଗୀତ ଆଦିରେ ଏହା ଲକ୍ଷ୍ୟ କରାଯାଇଥାଏ । ଗ୍ରାମର ଯୁବକ ଯୁବତୀ ରଜପର୍ବରେ ଦୋଳି ଖେଳିବା ସମୟରେ ନିଜର ପରସ୍ପର ପ୍ରତି ଥିବା ଆକର୍ଷଣକୁ ବିଭିନ୍ନ ଗୀତ ମାଧ୍ୟମରେ ପ୍ରକାଶ କରିଥାନ୍ତି ।

ବୁଣିଗଲି ମାଘି ରାଶି
ଭେଣ୍ଡା ଲୋଡୁଥିଲା ଷୋଳ ବରଷି
ଦେଉଳ ପଛଆଡ଼େ ଗଲି ପଶି ।
× × ×
"କାଟିଲି ସୁଗନ୍ଧି ବେଣା
ନାଗ୍ତି କରୁ କରୁ ଧଇଲେ ଡେଣା
କରି ନପାରିଲି ମନା ।"

(ii) **କରୁଣ ରସ :-** ଭବଭୂତି କରୁଣ ରସକୁ ମୁଖ୍ୟ ରସର ସ୍ଥାନ ପ୍ରଦାନ କରିଛନ୍ତି । ଶୋକ ହେଉଛି ଏହି ରସର ସ୍ଥାୟୀ ଭାବ । ଦୁଃଖାନ୍ତକ ପରିବେଶ, ପ୍ରିୟର ବିରହ ବା ନିର୍ଯାତନା ଦ୍ୱାରା ଏହି ରସର ସୃଷ୍ଟି ଲାଭ କରିଥାଏ । ଲୋକଗୀତରେ କାନ୍ଦଣା ଗୀତଗୁଡ଼ିକ ହେଉଛି ଏହି ରସ ସର୍ବଶ୍ରେଷ୍ଠ ଉଦାହରଣ । ବିବାହ ପରେ ଝିଅ ବିଦାୟ ବେଳେ ଆସନ୍ନ ବିଚ୍ଛେଦ ଆଶଙ୍କାରେ କାନ୍ଦିଉଠିଥାଏ–

"ବାରି ପୋକଶୁଂଘା ମରି ପଡ଼ିଛି ଲୋ ଖୁଡ଼ୀ
ମତେ ତ ସଙ୍କଟ ମାଡ଼ି ପଡୁଛି ଲୋ ଖୁଡ଼ୀ
କଷି କରମଙ୍ଗା ହେଲୁ ଆଚାର ଲୋ ଖୁଡ଼ୀ
କଂସେଇ ହୃଦରେ ନାହିଁ ବିଚାର ଲୋ ଖୁଡ଼ୀ... ଇତ୍ୟାଦି ।"

(iii) **ହାସ୍ୟ ରସ :-** ଯେକୌଣସି ଅସଙ୍ଗତି, ବାକ୍‌ଚାତୁରୀ ବା ଭଙ୍ଗୀର ବିକୃତି ମନରେ ହାସ୍ୟ ଉଦ୍ରେକ କରିଥାଏ । ହସ ହେଉଛି ଏହାର ସ୍ଥାୟୀଭାବ । କର୍ମକଠୋର ଜୀବନକୁ କ୍ଷଣିକ ଉଲ୍ଲସିତ କରିବା ପାଇଁ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଲୋକକବି ହାସ୍ୟରସିକ । ସେ ସହଜରେ ଅନ୍ୟମାନଙ୍କୁ ହସାଇପାରେ–

"ପାଣି ମୁନ୍ଦିଏ ଦିଅନ୍ତି ବନ୍ଧୁ, ଘରେ ନାହିଁ ନୋଟା
ପଡ଼ିଶା ଘରୁ ଆଣନ୍ତି ବନ୍ଧୁ, ଗୋଡ଼ ଅଟେ ଛୋଟା ।
ତଇଳ କିଛି ଦିଅନ୍ତି ବନ୍ଧୁ, ଅଙ୍ଗେ ଦୁଅନ୍ତ ମାଖି
ରାଗ ଗୁଣ୍ଡ ପଡ଼ିଛି ବନ୍ଧୁ, ଜଳିଉଠିବ ଆଖି ।"

(iv) **ବୀର ରସ :-** ଯେଉଁ ଗୀତ ଶ୍ରବଣ ମାତ୍ରେ ହୃଦୟରେ ଉତ୍ସାହ ଓ ବୀରଭାବ ପରିପୂର୍ଣ୍ଣ ହୋଇଉଠେ ତାହାକୁ ବୀରରସ କୁହାଯାଏ । ଉତ୍ସାହ ଏହାର ସ୍ଥାୟୀ ଭାବ । ଯୁଦ୍ଧ ବା ଯୁଦ୍ଧ ପୂର୍ବରୁ ପାଇକମାନଙ୍କ ମନରେ ଉତ୍ସାହ ଓ ଉଦ୍ଦୀପନା

ଟିପ୍ପଣୀ

ଭରିଦେବାପାଇଁ ଅତୀତରେ ଏହିସବୁ ଗୀତ ଲୋକଗୀତ ମାଧ୍ୟମରେ ପ୍ରଚଳିତ ଥିବା ଜଣାଯାଏ–

"ଛାତିରେ ବସିବ କାତି
ବାହାରିବ ପିଉ କରିବୁ ବାତିରେ
ଛିଣ୍ଡିଯିବ ତୋର ସବୁ ଅନ୍ତିରେ ।

(୪) **ବାତ୍ସଲ୍ୟ ରସ :–** ପିଲାମାନଙ୍କ ପ୍ରତି ପିତାମାତାଙ୍କର ସ୍ନେହ ମମତା ହେଉଛି ବାତ୍ସଲ୍ୟରସ । ସ୍ନେହ ଏହାର ସ୍ଥାୟୀଭାବ । ପିଲାମାନଙ୍କୁ ଖୁଆଇଦେବା, ଶୁଆଇ ଦେବା, ତେଲ ଘଷିଦେବା ବା କାନ୍ଦୁଥିବା ସମୟରେ ତାକୁ ବୁଝାଇବା ପାଇଁ ମା'ମାନେ ଯେଉଁ ଗୀତ ଗାଆନ୍ତି, ସେଥିରୁ ବାତ୍ସଲ୍ୟ ରସର ସୂଚନା ମିଳିଥାଏ–

"ଆ ଜହ୍ନମାମୁ ଶରଦ ଶଶୀ
ମୋ କାହ୍ନୁ ହାତରେ ପଡ଼ରେ ଖସି ।"

(୫) **ଭକ୍ତି ରସ :–** ଈଶ୍ୱର ବିଷୟକ ରଚନାରେ ଏହି ରସର ଅବତାରଣା ଘଟିଥାଏ । ଈଶ୍ୱର ସମ୍ପର୍କୀୟ ପ୍ରେମ ହେଉଛି ଏହା ଉତ୍ସାହୀ ଭାବ । କେତେକ ଆଳଙ୍କାରିକ କେବଳ ଶ୍ରୀକୃଷ୍ଣଙ୍କ ବିଷୟକ ଶୃଙ୍ଗାରାଦି ରସକୁ ଭକ୍ତିରସ କହିଥାନ୍ତି ।

"ଶ୍ରୀକୃଷ୍ଣ ନାଉରିଆ ନମ ନମ ଅଣ୍ଟ
ଉଡ଼ିଯାଇ ବୁଡ଼ି ଧଇଲେ ରାଧିକା ବେନିଭୁଜ
ରାଧିକା ବେନିଭୁଜ ଭାଗ୍ୟେ ଥିଲେ ପାଇ
ନିଆଁ ପାଶେ ଜଉ ଯେସନେ ତରଳଇ ।"

**(ଖ) ବର୍ଣ୍ଣନା ବିଳାସ :** – ଲୋକକବି କେବଳ ବାସ୍ତବବାଦୀ ଦୃଷ୍ଟିକୋଣରୁ କବିତା ରଚନା କରିନାହିଁ । ସମୟେ ସମୟେ ବର୍ଣ୍ଣନା ଚାତୁରୀରେ ସେ ମଧ୍ୟଯୁଗୀୟ କବିମାନଙ୍କର ମଧ୍ୟ ସମକକ୍ଷ ହୋଇପାରିଛି । ଏଥିରେ କଳ୍ପନା ବିଳାସର ଅବାଧ ସଞ୍ଚରଣ ଯେପରି ଘଟିଛି, ସେହିପରି ତା'ର ରସିକତାର ମଧ୍ୟ ପରିଚୟ ମିଳିଛି । ବିଶେଷ ଭାବରେ ରୂପବର୍ଣ୍ଣନା ଓ ତୁଳନାତ୍ମକ ଚିତ୍ର ପ୍ରଦାନ କ୍ଷେତ୍ରରେ ଲୋକକବି ପାରଦର୍ଶିତା ଅବଲମ୍ବନ କରିଛି ।

"ଅତି ଯତ୍ନେ କୁଡ଼ା ବାନ୍ଧିଲେ ଦେଲେ ସିନ୍ଦୁର ବିନ୍ଦୁ
ନୟନେ ଅଞ୍ଜନ ଖଞ୍ଜିଲେ ନିନ୍ଦେ କୋଟିଏ ଇନ୍ଦୁ
ରତ୍ନ ଚୁଡ଼ି ଦୁଇ ହସ୍ତରେ ଦିଶେ ଅତ୍ୟନ୍ତ ଶୋଭା
ବେନିକରେ ଦେଲେ କଙ୍କଣ ମୁନିମାନଙ୍କୁ ଲୋଭା ।"

**(ଗ) ଛନ୍ଦ ବୈଚିତ୍ର୍ୟ :** – ଲୋକଗୀତିକାଗୁଡ଼ିକରେ ବିଭିନ୍ନ ଛନ୍ଦର ପରିଚୟ ମିଳିଥାଏ । ତ୍ର୍ୟକ୍ଷର ଛନ୍ଦ, ଚତୁରକ୍ଷର ଛନ୍ଦ, ପଞ୍ଚାକ୍ଷର ଛନ୍ଦ, ଷଡ଼କ୍ଷର ଛନ୍ଦ, ସପ୍ତାକ୍ଷର ଛନ୍ଦ ଆଦି ଭାଟିଆରୀ, ମଙ୍ଗଳଧନଶ୍ରୀ, ଭୈରବୀ ଆଦି ବହୁପ୍ରକାର ଛନ୍ଦ ବୈଚିତ୍ର୍ୟ ପରିଲକ୍ଷିତ ହୋଇଥାଏ ।

**(ଘ) ଉପମା, ରୂପକ ଓ ପ୍ରତୀକ :** – ଉପମା, ରୂପକ ଓ ପ୍ରତୀକର ବ୍ୟବହାର କ୍ଷେତ୍ରରେ ଲୋକକବି କୌଣସି ଗୁଣରେ ବିଦଗ୍ଧ କବିମାନଙ୍କଠାରୁ ନ୍ୟୂନ ନୁହେଁ । ଲୋକକବି ଯେତେବେଳେ ପ୍ରାକୃତିକ ଘଟଣା ଓ ମାନବିକ ପ୍ରକୃତି ଓ

ଟିପ୍ପଣୀ

ଅବସ୍ଥା ମଧ୍ୟରେ ସମାନତା ଦେଖେ ସେତେବେଳେ ସେ ଉଭୟ ମଧ୍ୟରେ ତୁଳନା କରେ । ହୃଦୟହୀନା ଶାଶୂ ନଣନ୍ଦଙ୍କ ଘରେ ପଲ୍ଲୀ ବଧୂର ଅସହାୟତାକୁ 'ଆମ୍ବଲଟିକା' ଓ 'ଶିମ୍ବଲଟିକା' ମଧ୍ୟରେ ଶ୍ୱାସରୁଦ୍ଧ ନଡ଼ିଆ ଗଛର ଅବସ୍ଥା ସହ ତୁଳନା କରେ । ସେ ଯେତେବେଳେ ଶାଶୂଘର କଥା ପ୍ରକାଶ କରେ ବା ଶାଶୂଘରକୁ ଯିବା ପୂର୍ବରୁ ନିଜର ସନ୍ତୋଷହୀନତା ପ୍ରକାଶ କରେ, ସେତେବେଳେ ସେ କହେ–

"ଟୁପୁଟୁପୁ ପାଣି କାନ୍ଥକୁ ଛାଟେ
ଟୁପୁଟୁପୁ କଥା କଲିଜା କାଟେ ।"

ଅଥବା– "ସମୁଦ୍ର ସଙ୍ଗରେ ଶଙ୍ଖ ସଂଗାତ
ଗୁଲିଗେଣ୍ଡା ଦେଖି ବସିଲ ମିତ ହେ ବାପା ।"

ଦୋଳିଗୀତରେ ଗ୍ରାମର ତରୁଣୀ ମନ ମଉଜରେ ଗୀତ ଗାଇବାବେଳେ ସୁନ୍ଦର ଉପମାର ବ୍ୟବହାର କରି ଭାବର ଗଭୀରତାକୁ ପ୍ରକାଶ କରିପାରେ–

"ପଟାକୁ ପଟା ଲାଗିଛି
ଏ କଣା ପଟାରେ ମଲ୍ଲୀ ଶୋଇଛି
ଗହମ ନିଦ ଲାଗିଛି ।"

ଏହା ବ୍ୟତୀତ ଲୋକଗୀତରେ ପୁତ୍ରକୁ ସୁନା ଚନ୍ଦ୍ରମା ସହିତ, ମୁଖକୁ ଚନ୍ଦ୍ର ସହିତ, କୋଇଲି ସ୍ୱରକୁ ଭାରୀ କଣ୍ଠସ୍ୱର ସହିତ, ବଳବାନ୍ ବ୍ୟକ୍ତିକୁ ସିଂହ ସହିତ, କେଶକୁ ଭ୍ରମର ସହିତ, ଚମ୍ପାକୁ ଦେହ ରଙ୍ଗ ସହିତ, ପଦ୍ମକୁ ମୁଖ ସହିତ, ପିତଳ ଓ ଲୁହା– ନୀଚ ଜାତୀୟା ସ୍ତ୍ରୀ, ସୁନା ଓ ରୁପା– ସମ୍ଭ୍ରାନ୍ତ ବଂଶୀୟ ସ୍ତ୍ରୀ, ନିର୍ଦ୍ଦୟ ବ୍ୟକ୍ତିକୁ ଚାଣ୍ଡାଳ ସହିତ ତୁଳନା କରାଯାଇ ଉପମା ରୂପକର ସାର୍ଥକ ପ୍ରୟୋଗ ହୋଇଥିବାର ଲକ୍ଷ୍ୟ କରାଯାଇପାରେ ।

ଲୋକଗୀତଗୁଡ଼ିକରେ ମଧ୍ୟ ପ୍ରତୀକର ଯଥାର୍ଥ ପ୍ରୟୋଗ ହୋଇଥିବାର ଦେଖାଯାଇଥାଏ । କୌଣସି ଏକ ପଦାର୍ଥକୁ ଅନ୍ୟ ଏକ ପଦାର୍ଥର ସମ୍ପର୍କାନ୍ୱିତ କରି ଭିନ୍ନ ମାଧ୍ୟମରେ ପ୍ରକାଶିତ ହେଲେ ପ୍ରତୀକ ହୋଇଥାଏ । ବିଶେଷ ଭାବରେ ନାଁ ଦିଆ ବା ଢଗଢ଼ମାଳି ଆଦିରେ ପ୍ରତୀକବାଦର ଯଥାର୍ଥ ଉଦାହରଣ ଦେବାକୁ ମିଳେ । ଯଥା–

"ସ୍ୱର୍ଗରୁ ପଡ଼ିଲା ଟେକାଟିଏ
ତା ମୁଣ୍ଡରେ ଟୋପିଟାଏ (ତାଳ)
ଏତିକି ଟିକିଏ ମାଙ୍କଡ଼
ଭୂଇଁକି ମାରେ ଚାପଡ଼ (କୋଡ଼ି)
ଏ ଖମ୍ବ ସେ ଖମ୍ବ ବାଜେ ଘୁମ ଘୁମ
ମଝି ଖୁମ୍ବ ହେଲା ପାନିଆଁ
ଶହ ଶହ ବର ଜଗିବସିଛନ୍ତି
କେଉଁ ବାଟେ ଗଲା କନିଆଁ । (ଜୀବନ)

ଲୋକଗୀତରେ ଉପମା, ରୂପକ ଓ ପ୍ରତୀକର ସାର୍ଥକ ପ୍ରୟୋଗ ହେବା ସଂଗେ ସଂଗେ ଆଧୁନିକ ସାହିତ୍ୟରେ ଏହି ତିନୋଟି ବିଭାଗକୁ ଯଥାର୍ଥ ଭାବରେ ନିଜର କଳେବର ଅନ୍ତର୍ଭୁକ୍ତ କରିପାରିଛି ।

**(ଙ) ସାଙ୍ଗୀତିକତା :** – ଲୋକଗୀତର ଜନପ୍ରିୟତାର ଅନ୍ୟତମ କାରଣ ହେଉଛି ତା'ର ସାଙ୍ଗୀତିକତା । ଏଥିରେ ନିହିତ ଛନ୍ଦ ମାଧୁର୍ଯ୍ୟ ଓ ଗୀତିମୟତା ଯେକୌଣସି ମାନବକୁ ଆକୃଷ୍ଟ କରିପାରେ । ଯଥାର୍ଥରେ ଡଃ ସାମନ୍ତରାୟ କୁହନ୍ତି, "ସଙ୍ଗୀତର ମଧୁର ମୂର୍ଚ୍ଛନା ହେଉଛି ପଲ୍ଲୀ କବିତାର ଏକ ପରମ ରସ ସମ୍ପଦ । ସଙ୍ଗୀତର ସ୍ୱରଝଙ୍କାର ଏ ଉଭୟର ମଧୁର ସମନ୍ୱୟରେ ପଲ୍ଲୀ ସଂଗୀତ ତା'ର ସାର୍ଥକ ରୂପସମ୍ପଦ ବହନ କରି ଆତ୍ମପ୍ରକାଶ କରିଥାଏ ।" ସଂଗୀତ ବ୍ୟତିରେକ ପଲ୍ଲୀବାସୀର ଜୀବନ ରସଶୂନ୍ୟ । ସରଳ ପଲ୍ଲୀର ପ୍ରାକୃତିକ ସୁଷମା ଭିତରେ ଚତୁର୍ଦ୍ଦିଗରେ ସେ ଅନୁଭବ କରିଛି ସଂଗୀତର ପ୍ରାଚୁର୍ଯ୍ୟ । ଅନେକ ଲୋକଗୀତରେ ସାଙ୍ଗୀତିକ ମାନ ଖୁବ୍ ଉଚ୍ଚସ୍ତରର । ଶାସ୍ତ୍ରୀୟରାଗ ମାନଙ୍କର ଅନେକ ନିୟମ ଏଥିରେ ରହିଛି । ଲୋକଗୀତରୁ ହିଁ ଶାସ୍ତ୍ରୀୟ ସଂଗୀତ ଜନ୍ମ ଲାଭ କରିଛି ବୋଲି ବଡ଼େ ଗୁଲାମ ଅଲ୍ଲୀ ଖାଁଙ୍କ ପରି ପ୍ରସିଦ୍ଧ ସଂଗୀତଜ୍ଞ ମଧ୍ୟ ମତ ଦେଇଥାନ୍ତି । ଯଥା–

"କହିବି ଗୋଟିଏ କଥା ଜାମୁଡାଳୀ
କହିବି ଗୋଟିଏ କଥା
କହିବା ମୋତେ ଡର ଲାଗୁଛି ମୋ' ଜାମୁଡାଳୀରେ
କାଳେ କଟିଯିବ ମଥା, ଜାମୁଡାଳୀରେ ।"

ଏହା "ଜାମୁଡାଳୀ ଗୀତ' ନାମରେ ଜଣାଶୁଣା । ଏଥିରେ ନଟ ଓ ହିନ୍ଦୁସ୍ତାନୀ 'ବିଲାବଲ୍' ରାଗର ସ୍ୱରୂପ ରହିଛି । ତାଳ–ଖେମଟା ।

ମହକିଲା ବଣ ମଲ୍ଲୀ
ଗାଁ ଗୋଟାକରେ ବୁଲି ଅଇଲି ବୁଲି ଅଇଲି
କିଏ ନକହିଲେ ବସ ବୋଲି ।

ଏହା ସାଧାରଣତଃ ରଜଗୀତରେ ବୋଲାଯାଏ । ଗୀତଟି ମଧ୍ୟମାକୁ ସା' କରି । ଏହା 'ପିଲୁ' ରାଗ ସଦୃଶ । ଏକତାଳୀ (ଓଡ଼ିଶୀ), କହରୱା (ହିନ୍ଦୁସ୍ତାନୀ) ହୋଇଥାଏ ।

ଲୋକଗୀତିକାର ଯେକୌଣସି ଗୀତକୁ ଲକ୍ଷ୍ୟ କଲେ ସେଥିରେ ଥିବା ସାଂଗୀତିକତା ଯେ କୌଣସି ପାଠକର ଦୃଷ୍ଟି ଆକର୍ଷଣ କରିପାରେ । ଯଥାର୍ଥରେ ସାଙ୍ଗୀତିକତା ହିଁ ଲୋକଗୀତିକାର ମୌଳିକ ସୌନ୍ଦର୍ଯ୍ୟ ।

**(ଚ) ନାରୀ ମନସ୍ତତ୍ତ୍ୱ :** – ଆଧୁନିକ ସାହିତ୍ୟର ମନସ୍ତତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାର ଲକ୍ଷ୍ୟ କରାଯାଇପାରେ । ବିଶ୍ୱସାହିତ୍ୟରେ ଯେତେବେଳେ ମନସ୍ତତ୍ତ୍ୱ ବିକାଶ ଲାଭ କରିନଥିଲା, ସେତେବେଳେ ଲୋକସାହିତ୍ୟରେ ଏହାର ଅପୂର୍ବ ବିକାସ ପରିଲକ୍ଷିତ ହୋଇଥିଲା । ବାସ୍ତବରେ କହିଲେ ଲୋକସାହିତ୍ୟ ସ୍ରଷ୍ଟା ଜଣେ ଜଣେ ମନସ୍ତତ୍ତ୍ୱବିତ୍ । ବିଶେଷ ଭାବରେ ନାରୀ ମନସ୍ତତ୍ତ୍ୱ ପ୍ରକାଶ କରିବାରେ ସେ ପାରଦର୍ଶିତା ଦେଖାଇପାରିଛି । 'କାନ୍ଦଣାଗୀତରେ' ନାରୀ ତା'ର ମନ କଥାକୁ ଯେପରି ଭାବରେ ଅକୃତ୍ରିମ ଭାବରେ ପ୍ରକାଶ କରିଛି ସେଥିରୁ ତା'ର ଯଥାର୍ଥ ମନସ୍ତତ୍ତ୍ୱର ପରିଚୟ ମିଳିଥାଏ ।

ପ୍ରବାସରେ ଥିବା ସ୍ୱାମୀକୁ ଅପେକ୍ଷା କରି କରି ଯେତେବେଳେ ଅପେକ୍ଷାମାଣା ନାରୀଟି ହତୋସାହ ହୋଇପଡ଼େ, ପତି ବିରହରେ ତା'ର ଜୀବନ ବିମର୍ଷ ହୋଇପଡ଼େ, ସେ ତା'ର ମନର କଥା ପ୍ରକାଶ କରିବାକୁ ଯାଇ କହିଥାଏ–

"ପାଚିଲା ଆମ୍ବ ପଣସ
ବୃଥା ହେଲା ମୋର ଯୁବା ବୟସ
ଧନ ରହିଲେ ବିଦେଶ ।"

କନ୍ୟା ବାମୟତେ ରୂପ– କେଉଁ ନାରୀ ସୁନ୍ଦର ପୁରୁଷକୁ ପତି ଭାବରେ ବରଣ କରିବାକୁ ନ ଚାହେଁ ? ସେ ପଛେ ନିର୍ଦ୍ଧନ ଓ ଅଶିକ୍ଷିତ ହୋଇଥାଉ । ଐଶ୍ୱର୍ଯ୍ୟଶାଳୀ ବୃଦ୍ଧ ବର ତା'ର ଦେହକୁ ଅଧିକାର କରିଥାଏ, ମାତ୍ର ମନ ତ କୌଣସି ବିଭବର କାରାରେ ବନ୍ଦୀ ନୁହେଁ । ମନର ମଣିଷ ହେବାକୁ ହେଲେ ସୁନ୍ଦର ରୂପ ହିଁ ଦରକାର । ନାରୀ ଜୀବନର ଏହି ସାର୍ବକାଳୀକ ସତ୍ୟଟି ଲୋକଗୀତିକାର ଗୋଟିଏ ପଦରେ ପ୍ରକାଶିତ–

"ଖଣ୍ଡିଆ ଘର, ଭେଣ୍ଡିଆ ବର
ହସ ମାଡୁଥାଏ କର କର
ପକ୍କା ଘର, ବୁଢ଼ା ବର
ଲୁହ ବହୁଥାଏ, ଝର ଝର ।"

ବାସ୍ତବିକ ଲୋକ ସାହିତ୍ୟର ଅନ୍ୟାନ୍ୟ ବିଭାଗ ତୁଳନାରେ ଲୋକଗୀତ ହେଉଛି ସବୁଠାରୁ ସମୃଦ୍ଧିଶାଳୀ ବିଭାଗ ।

## ଓଡ଼ିଆ ଲୋକଗୀତର ଆଳଙ୍କାରିକ ବୈଶିଷ୍ଟ୍ୟ :

କାବ୍ୟନାୟିକାକୁ ଅଧିକ ରୂପସୀ ତଥା ଅଧିକ ବର୍ଣ୍ଣମୟ କରିବା ପାଇଁ ଅଳଙ୍କାର ଏକାନ୍ତ ଆବଶ୍ୟକ । ଅନ୍ୟ ଅର୍ଥରେ କହିବାକୁ ଗଲେ ଅଳଙ୍କାର କାବ୍ୟାଂଶର ଅଳଙ୍କରଣ ଏବଂ କାବ୍ୟର 'ଅସ୍ଥିର ଧର୍ମ' । ସାହିତ୍ୟରେ ଅଳଙ୍କାରର ଭୂମିକା ଉପଯୋଗିତା ସମ୍ପର୍କରେ ସଂସ୍କୃତ ବୈୟାକରଣିକମାନେ ମୁଖ୍ୟତଃ ଦ୍ୱିବିଧ ମତ ପ୍ରକାଶ କରିଛନ୍ତି । ଆଚାର୍ଯ୍ୟ ଦଣ୍ଡୀ, ଭାମହ, ଉଦ୍ଭଟ ରୁଦ୍ରଟାଦିଙ୍କ ମତରେ ଅଳଙ୍କାର କାବ୍ୟାତ୍ମା କାବ୍ୟ ସୌନ୍ଦର୍ଯ୍ୟ-ଦୀପ୍ତି କାରକା ବନିତା ମୁଖ ସୁନ୍ଦର ହୋଇଥିଲେ ମଧ୍ୟ ଅଳଙ୍କାର ଶୂନ୍ୟ ହେଲେ ଆଭା ପ୍ରକାଶିତ ନ' ହେଲାପରି ଅଳଙ୍କାରହୀନ କାବ୍ୟ ଦୀପ୍ତିହୀନ । ସେହିପରି ପ୍ରାଚ୍ୟ ସାହିତ୍ୟର ବିଶିଷ୍ଟ ଆଳଙ୍କାରିକ ଭାମହ, ଶୃଙ୍ଗାରାଦି ରସଯୁକ୍ତତାକୁ ମଧ୍ୟ ଅଳଙ୍କାର ଭାବରେ ଗ୍ରହଣ କରିଅଛନ୍ତି । ଅପର ପକ୍ଷରେ ଆଚାର୍ଯ୍ୟ ବାମନ, ଆନନ୍ଦବର୍ଦ୍ଧନ, ମମ୍ମଟ, ବିଶ୍ୱନାଥାଦିଙ୍କ ମତରେ ଅଳଙ୍କାର କେୟୁରକଙ୍କଣ ଆଦି ପରି କାବ୍ୟ ଶରୀର ସୌନ୍ଦର୍ଯ୍ୟବର୍ଦ୍ଧକ ବାହ୍ୟ ଉପାଦନ ମାତ୍ର । କିନ୍ତୁ ଏସବୁ ମତ-ବୈବିଦ୍ଧ ସତ୍ତ୍ୱେ ଅଳଂକାର ଯେ କାବ୍ୟର ଆଡ଼ମ୍ବର, ଆଭିଜାତ୍ୟ, ପ୍ରସାଧନ, କାବ୍ୟୋତ୍କର୍ଷ ସାଧନକାରୀ ଶବ୍ଦ ଓ ଅର୍ଥର ଶୋଭାବିଧାୟକ ଧର୍ମ; ଏହା ସର୍ବଜନସ୍ୱୀକୃତ । ସାହିତ୍ୟରେ ଏହାର ବ୍ୟାପକତା ସୁଦୂରପ୍ରସାରୀ ।

ଅଳଂକାରର ଏହି ବ୍ୟାପକ ପରିସର ପରିପ୍ରେକ୍ଷୀରେ ଲୋକଗୀତରେ ଏହାର ସ୍ଥାନବିଚାର କରାଯାଇପାରେ । ସରଳ ଅର୍ଥରେ କହିବାକୁ ଗଲେ ଲୋକ ଅର୍ଥ ସାଧାରଣ ଜନତା । ଲୋକଗୀତ ଅର୍ଥାତ୍, ସାଧାରଣ ଜନତାଙ୍କ ମୁଖର ଗୀତ । ଶ୍ରୁତି ପରି ଏହି ଲୋକଗୀତ ମୌଖିକ ରୂପରେ ଲୋକରୁ ଲୋକଯାଏ ତିଷ୍ଠି ରହିଥିଲା । ମୁଖରୁ ମୁଖ, ଲୋକରୁ ଲୋକ ଏହା ଗତି କରିବାବେଳେ, ଏଥିରେ ପରିବର୍ତ୍ତନର ବାସ୍ନା ଆସିବା ସ୍ୱାଭାବିକ । କିନ୍ତୁ ଆଧୁନିକ କାଳରେ ମଣିଷ ଏହିସବୁ ମୌଖିକ ଲୋକଗୀତକୁ ଲିପିବଦ୍ଧ କରି ସଂରକ୍ଷିତ କରିବାର ସ୍ଥାୟୀ ଉଦ୍ୟମ କଲା । ଯାହାଫଳରେ ଏହାର ପରିବର୍ତ୍ତନ ଆଉ ଅଧିକ ସଂଘଟିତ ନହେଲେ ମଧ, ଏହା ସୁନ୍ଦର ଓ ଦୃଷ୍ଟି ଆକର୍ଷଣକାରୀ ହୋଇପାରିଲା । ଅନ୍ୟ ଅର୍ଥରେ କହିବାକୁ ଗଲେ ଆଜିର ଆଧୁନିକ କାଳରେ ସଂରକ୍ଷଣର ବ୍ୟବସ୍ଥା ଫଳରେ ଲୋକଗୀତର ବିବର୍ତ୍ତନଜନିତ ଚାରିତ୍ରିକ ଉତ୍କର୍ଷ ସାଧନକାରୀ ଦିଗଟି କ୍ରମେ ସଂକୁଚିତ ହୋଇଆସୁଛି ।

ଓଡ଼ିଆ ଲୋକଗୀତର ଅଳଂକାରର ସ୍ଥାନ ସମ୍ପର୍କରେ ମତାମତ ପ୍ରଦାନ କରି ଶ୍ରୀମତୀ ଗରିବାଳା ମହାନ୍ତି ଲେଖିଛନ୍ତି, "ଲୋକଗୀତରେ ଅଳଂକାର ବ୍ୟବହାର ସୁଯୋଗ ସୀମିତ । ଏହାର ସୃଷ୍ଟିକ୍ରିୟା ମୌଖିକ ହୋଇଥିବାରୁ ଅର୍ଥାତ୍, ଆଶୁ ବା

ତତ୍‌କ୍ଷଣିକ ହୋଇଥିବାରୁ ଲିଖିତ ସାହିତ୍ୟରେ ବ୍ୟବହୃତ ସୁଚିନ୍ତିତ, ବିସ୍ମୟୋଦ୍ରେକକାରୀ ଅଳଂକାର ମହାଯମକ, ଚ୍ୟୁତାକ୍ଷର, ଗୋମୂତ୍ର ବା ସଭଙ୍ଗାଭଙ୍ଗ ଶ୍ଳେଷାଦିର ବିଧିବଦ୍ଧ ସୃଷ୍ଟି ଉଦ୍ୟମ ଏଥିରେ ଦୁର୍ଲ୍ଲଭ ଓ ଅସାଧ । ଲୋକଗୀତରେ ସ୍ଫୂର୍ତ୍ତ ଅଳଂକାର ସାହିତ୍ୟର ମହିମା ବୃଦ୍ଧି ନିମନ୍ତେ ଚେଷ୍ଟା ସୃଷ୍ଟି ନୁହଁ । ସ୍ୱାଚ୍ଛନ୍ଦ୍ୟ ସହଯୋଗୀ । ଲୋକସାହିତ୍ୟର ପରମ୍ପରା ଲିଖିତ ସାହିତ୍ୟର ପରମ୍ପରାଠାରୁ ପ୍ରାଚୀନତର । ସାହିତ୍ୟରେ ଅଳଂକାରର ବିଧିବଦ୍ଧ ସଂଯୋଜନା ପରମ୍ପରା ଏକାନ୍ତ ଅର୍ବାଚୀନ । ନିୟମର ନିଗଡ଼ରେ ବାନ୍ଧି ହେବା ଲୋକଗୀତର ସ୍ୱଭାବ ଧର୍ମ- ବିରୁଦ୍ଧ । ତେଣୁ ଲୋକ କବି ଅଳଂକାରକୁ 'ଗୀତଦର୍ଶୀ' ଭାବରେ ଗ୍ରହଣ କରି ସୃଷ୍ଟି ରତ ହୋଇଥିବା ଏକାନ୍ତ ଅସମ୍ଭବ । କାରଣ ଲୋକଗୀତର ମହିମାରେ ଅଳଂକାର ମୁଖ୍ୟ ଉପାଦାନ ନୁହଁ; ଅନୁଷଙ୍ଗୀ ମାତ୍ର ।'

ଏତେସବୁ ପ୍ରତିକୂଳ ଅବସ୍ଥା ସତ୍ତ୍ୱେ ଲୋକଗୀତରେ ଅଳଂକାରର ସ୍ଥାନ ଗୌଣ ନୁହେଁ । ଲୋକଗୀତରେ ମଧ ବହୁଭାବରେ ଶବ୍ଦାଳଂକାର ଓ ଅର୍ଥାଳଂକାର ପରିଲକ୍ଷିତ ହୁଏ । ଅନୁଧ୍ୟାନ କଲେ ଜଣାଯାଏ ଯେ, ଲୋକଗୀତରେ ସ୍ଫୂର୍ତ୍ତି ଅଳଙ୍କାରଗୁଡ଼ିକ ମଧ୍ୟରୁ ଅନୁପ୍ରାସ, ଉପମା ଓ ବ୍ୟାଜସ୍ତୁତି ଅଳଙ୍କାରର ପ୍ରାବଲ୍ୟ ଅନୁଭୂତ ହୁଏ । ତେବେ ସାଧାରଣ ଭାବେ କାବ୍ୟ କବିତାରେ ଅନୁପ୍ରାସ ସର୍ବାପେକ୍ଷା ଆକାଂକ୍ଷିତ ଅପରିହାର୍ଯ୍ୟ ଅଳଙ୍କାର ସାଧାରଣ ଅଳଙ୍କାର । ଲୋକଗୀତରେ ଦେଖାଯାଏ, ଅନୁପ୍ରାସ ବିଶେଷତଃ ଅନ୍ତ୍ୟାନୁପ୍ରାସ ସର୍ବାପେକ୍ଷା ଆକାଂକ୍ଷିତ ଅଳଙ୍କାର; ମାତ୍ର ସର୍ବଦା ଅପରିହାର୍ଯ୍ୟ ଅଳଙ୍କାର ନୁହେଁ । ଏହି ଅଳଙ୍କାର ବିନା ମଧ ପ୍ରାଚୀନ ଲୋକକବିମାନେ ସରସ ସୁନ୍ଦର ଗୀତ ସଂରଚନା କରିପାରିଛନ୍ତି ।

ସାହିତ୍ୟର ସୂକ୍ଷ୍ମ ବିଶ୍ଳେଷଣ ପର୍ଯ୍ୟାୟରେ ଜଣାପଡ଼େ ଯେ, ଅନୁପ୍ରାସ ଚିରକାଳ କବିତାକୁ ଅନୁପମ କଳାତ୍ମକ ରୂପ ପ୍ରଦାନ କରୁଥିବା ପରି ଲୋକଗୀତର ମଧ ମାଧୁର୍ଯ୍ୟ ବୃଦ୍ଧି ଓ ପ୍ରସାର ସୁଗମ କରିଥାଏ । ଅନୁପ୍ରାସ ଯୋଗୁ ପଦ ମଧରେ ବ୍ୟଞ୍ଜନବର୍ଣ୍ଣ ପର୍ଯ୍ୟାୟକ୍ରମେ ଉଚ୍ଚାରିତ ହେଉଥିବାରୁ 'ଗୀତ' ସ୍ମରଣ ସହଜ ଓ ଗାନ-ସରସ ହୋଇଉଠେ । ତେବେ ଲୋକଗୀତରେ ସାଧାରଣ ଭାବେ ପରିଦୃଷ୍ଟ ହେଉଥିବା ଅନୁପ୍ରାସଗୁଡ଼ିକ ମଧ୍ୟରୁ ନିମ୍ନମତେ କେତୋଟି ଆଲୋଚିତ କରାଯାଇପାରେ । ଯଥା-

ଛେକାନୁପ୍ରାସ- ଛୁଆ କାଖା, ପଟିଆ କାଖା
ପୋଡ଼ିଯାଉ ତୋ ଯାତରା ଦେଖା ।

ବୃତ୍ତ୍ୟାନୁପ୍ରାସ-(୧) ପର୍ବତ ଶିଖରେ ପାଣି ଢାଳୁଟେ
ପାଣି ଢାଳଟାକୁ ବରଣ କଲି
କାକତ ପୁଡ଼ାରେ କିଣି ଆଣିଲି
ମତେ ପେଲି ଦେଇ ପରଘରକୁ
ପରଘର କାଞ୍ଜି ଖାଇବି ନାହିଁ
ପାଣି ଯୋଡ଼ା ଯୋଡ଼ା ବୋହିବି ନାହିଁ ।

(୨) ଗୋରୁ ହତ୍ୟା, ବ୍ରହ୍ମହତ୍ୟା, ତୀର୍ଥ ଗଲେ ଯିବ
ସ୍ତ୍ରୀରୀ ହତ୍ୟା ମହାପାପ କେବେ ନ ଛାଡ଼ିବ ।

ଅନୁପ୍ରାସ- ଦେବୁ ଯେ ତାମ୍ବୁଳ ଭାଜି ତୁମ୍ଭ ମନ ଜାଣି
ତୃଷା କଲେ ପ୍ରାଣନାଥ ଆଣି ଦେବୁ ପାଣି ।

ଟିପ୍ପଣୀ

ଆଦ୍ୟ ପ୍ରାନ୍ତ୍ୟାନୁପ୍ରାସ (୧) ତୋ ମଲ୍ଲି କଢ଼ି
ମୋ ମଲ୍ଲି କଢ଼ି
ପେଡ଼ିରେ ସାଇତି ଦେବା
ତୋ ବିଭାଦିନ,
ମୋ ବିଭା ଦିନ
ଗାଁ ଚମକାଇ ଦେବା ।

(୨) ସରୁ ସରୁ ସାପା ଗୋଟି ଶୋଇଛନ୍ତି ହିଡ଼ରେ
ସରୁ ମୁହାଁ ଡାକଦେଲା କେନ୍ଦୁରୀ ଗଡ଼ରେ ।

(୩) ଅତି କାନ୍ଥ ଲିପନାଲୋ ଦିନେ ଫାଟିବ
ଅତି ପ୍ରୀତି କରନା ଲୋ ଦିନେ ତୁଟିବ ।

କେବଳ ଅନୁପ୍ରାସ ନୁହେଁ ଲୋକଗୀତର ଉପମା ଅଳଙ୍କାରର ସ୍ଥାନ ମଧ୍ୟ ବେଶ୍ ମର୍ଯ୍ୟାଦାପୂର୍ଣ୍ଣ । ଲୋକକବିମାନେ ସେମାନଙ୍କ ସୃଷ୍ଟି ସମ୍ପଦକୁ ରୁଚିପୂର୍ଣ୍ଣ କରିବା ସହ ଜନସାଧାରଣରେ ଏହାକୁ ସ୍ମରଣୀୟ କରି ରଖିବା ପାଇଁ ମଧ୍ୟ ପରୋକ୍ଷରେ ଯତ୍ନଶୀଳ ଥିଲେ । ତେଣୁ ସେହି ଲୋକକବିତା ଓ ଲୋକଗୀତଗୁଡ଼ିକରେ ଉପମା ଅଳଂକାରର ବିଭବ ପୂର୍ଣ୍ଣମାତ୍ରାରେ ଅନୁଭୂତ ହେଉଥିଲା । ସେହିସବୁ ଉପମା ଯଥା– ସାଧର୍ମ ଉପମା : ସମାନ ଧର୍ମ ବିଶିଷ୍ଟ ଦୁଇ ବିଷମ ପଦାର୍ଥର ବାଚ୍ୟ ସାଦୃଶ୍ୟକୁ ଉପମାଳଂକାର କୁହାଯାଏ । ଏହାର ଚାରିଗୋଟି ବିଭାବ ଉପମାନ, ଉପମେୟ-ସାଦୃଶ୍ୟବାଚକ ଶବ୍ଦ ଏବଂ ସାଧାରଣ ଧର୍ମ । ଯେଉଁ ପଦରେ ଏହି ଚାରିବିଭାବ ମଧ୍ୟରୁ ଏକ ବା ଏକାଧିକ ବିଭାବର ସ୍ଫୂର୍ତ୍ତି ଘଟିଥାଏ, ସେଠାରେ ଉପମାଳଙ୍କାର ହୁଏ । ଲୋକଗୀତରେ ପ୍ରାୟ ସର୍ବବିଧ ଉପମାଳଙ୍କାର ସ୍ଫୂର୍ତ୍ତି ଲକ୍ଷିତ ହୁଏ । ଏ ଅଳଙ୍କାର ଅପେକ୍ଷାକୃତ ସହଜସାଧ୍ୟ ହୋଇଥିବାରୁ ଲୋକକବି ଭାବ ପ୍ରକାଶ କାଳରେ ନିର୍ଦ୍ୱନ୍ଦ୍ୱରେ ଏହାକୁ ଆଶ୍ରୟ କରେ । ଯଥା–

ପୂର୍ଣ୍ଣୋପମା– ଉଡ଼ନ୍ତା ମାଛି ପ୍ରାୟ ଉଠୁଛି ମୁହିଁ
ଗଛ ତ ନାହିଁ ମାଛି ବସିବ କାହିଁ ।

ଲୁପ୍ତୋପମା– ମାଡ଼ ଲୋ ଖାଇ ମୁହଁ ଚାହେଁ ନିରେଖି
ନିଆଁ ମୁଣ୍ଡା ପରି ଲୋ ଶାଶୁଙ୍କ ଆଖି ।

ମାଳୋପମା– କୃଷ୍ଣଙ୍କ ବଇରୀ ମୁରା ଅସୁର
ଦୁର୍ଗାଙ୍କ ବଇରୀ ମହିଷାସୁର
ବାଳିର ସୁଗ୍ରୀବ ଥିଲା ବଇରୀ
ମୁଁ ହୋଇଥିଲି ତୁମ୍ଭ ବଇରୀ ।

ଲୋକଗୀତରେ ପ୍ରୟୋଗ କରାଯାଉଥିବା ଏହି ଉପମାଳଙ୍କାରକୁ ବିଶ୍ଳେଷଣ କଲେ ଜଣାଯାଏ କେବଳ ଶବ୍ଦଗୌରବ ବା ଅର୍ଥଗୌରବ ପାଇଁ ଏହା ବ୍ୟବହୃତ ହୋଇନାହିଁ, ବରଂ ମଣିଷ ମନର ସୂକ୍ଷ୍ମ ଅନୁଭବଗୁଡ଼ିକୁ ରୂପ ଦେବାରେ ଏହି ଅଳଂକାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି । ମଣିଷ ମନର ସୁଖ ଦୁଃଖ ପରି ଅନୁଭବଗୁଡ଼ିକ ମଧ୍ୟ ଓଡ଼ିଆ ଲୋକଗୀତରେ ଅତି ସୁନ୍ଦରଭାବେ ପ୍ରକଟିତ ହୋଇଛି । ଯଥା– ସୁଖର ଅର୍ଥ ବ୍ୟକ୍ତ କରୁଥିବା ଅଳଂକାର ହେଲା–

୧. ଖାଇବାକୁ ସୁଖ ପାକଳ ପାନ
ଦେଖିବାକୁ ସୁଖ ଜନମ ଥାନ ।

୨. ଦୁବ ଛନ ଛନ କାକର ମେଳେ
ମୁଁ ତ ଛନ ଛନ ତୋହରି କୋଳେ ।

୩. କେତେକୀ ଫୁଲର ବାସ ଚହଟ
ସେହିପରି ତୋର ମୁଖ ଚହଟ ।
ଆମ୍ବ ଗଛ ଡାଳେ ରାବଇ ପିକ
ସେହିପରି ତୋର ମଧୁର ଡାକ ।

ସେହିପରି ଅଳଂକାର ପ୍ରୟୋଗ ମାଧ୍ୟମରେ ଓଡ଼ିଆ ଲୋକଗୀତର ଦୁଃଖର ପ୍ରାବଲ୍ୟ କିପରି ପ୍ରକାଶ ପାଇଛି ତାହା ଲକ୍ଷଣୀୟ ।

୧. ଆଈ ତ ନାହିଁ ମାମୁଁ ଘର ନିରେଖ
ଜନମୁଁ ପିତାଘର ହୋଇଛି ଦୁଃଖ ।
ବାପଘରକୁ ମୁଁ ଲୋ ଦିନେ ନ ଗଲି
ସାପ ପେଡ଼ାରେ ମୁଦି ହୋଇ ରହିଲି ।
× × ×
ସବୁ ଲୋ ସହି ବୋଉ ବାନ୍ଧିଛି ଦମ୍ଭ
ଛାତି କରିଛି ମୋର ପଥର ଖମ୍ବ ।

୨. ଦୁବ ବଢୁଥିଲା କାକର ଖାଇ
ମୁଁ ତ ବଢୁଥିଲି ତୋ ସ୍ନେହ ପାଇ ।
ଦୁବକୁ କାକର ସହିଲା ନାହିଁ
ମୋ ଅଲିଅଳି ତ ରହିଲା ନାହିଁ ।

୩. ଟୋପି ଟୋପି ପାଣି ବସୁଧା ଭେଦେ
ଟୁପୁ ଟୁପୁ କଥାରେ ହୃଦୟ କାନ୍ଦେ ।

ଏହିପରି ଭାବରେ ଲୋକଗୀତରେ ଗ୍ରହଣ କରାଯାଇଥିବା ଓଡ଼ିଆ ଘରର ଝିଅମାନଙ୍କର କାନ୍ଦଣାରେ ମାଳୋପମାର ବହୁଳ ବ୍ୟବହାର ଦେଖାଯାଏ ।

ଲୋକଗୀତରେ ମଧ ବ୍ୟାଜ ସ୍ତୁତି ଅଳଂକାର ବହୁଳ ମାତ୍ରାରେ ଦେଖାଯାଏ । ଓଡ଼ିଆ ଲୋକଗୀତ ଗାଥା ଗୀତି, ମାଇପିଙ୍କ ଛଟା ଇତ୍ୟାଦିରେ ଏହି ସ୍ତୁତିରୁ ନିନ୍ଦା ଚାତୁରୀଟି ବିଶେଷ ଭାବେ ପରିଲକ୍ଷିତ ହୁଏ । ଏହି ବ୍ୟାଜ ସ୍ତୁତିରେ ସାଧାରଣତଃ ବକ୍ତାର ବକ୍ତବ୍ୟ– ଚାତୁରୀ ଫୁଟି ଉଠେ ଓ ବକ୍ତବ୍ୟର ତୀବ୍ରତା ବୃଦ୍ଧିପାଏ ଯଥା–

୧. ଶଶୁରେ ମୋତେ ବଡ଼ ପାରନ୍ତି ଦେଖି
ନାଁ ଦେଇଛନ୍ତି ଏ ହତଲଖୀ ।
ଶାଶୂଙ୍କ ସ୍ନେହଭାବ କହିବି କେତେ
କାଳସର୍ପ ବୋଲିଣ ଡାକନ୍ତି ମୋତେ ।

ଟିପ୍ପଣୀ

୨. ଆମ ସାଉକାର ବଡ଼ ଦେଣ ଦାନୀ
କାଞ୍ଜି ତୋରାଣିକି ରାନ୍ଧନ୍ତି ଲେଥାପାଣି ।

ଓଡ଼ିଆ ଝିଅମାନଙ୍କର ଏହି କାନ୍ଦଣା କେବେ କେଉଁ ରଚୟିତାମାନଙ୍କ ଦ୍ୱାରା ସୃଷ୍ଟି ହେଲା, ତାହାର କୌଣସି ସୂଚନା ନାହିଁ । କିନ୍ତୁ ବିବାହ ବେଦୀକୁ ଯିବାବେଳେ, ଝିଅମାନେ ଯେପରି ଆଳଂକାରିକ ବାକ୍ୟରେ ବାହୁନନ୍ତି ତାହା ଓଡ଼ିଆ ଅଳଙ୍କାର ଶାସ୍ତ୍ରର ଏକ ପ୍ରକୃଷ୍ଟ ଉଦାହରଣ ।

ସେହିପରି ଓଡ଼ିଆ ଲୋକଗୀତରେ ଶ୍ଳେଷାଳଂକାରର ମଧ୍ୟ ବିଶେଷ ପ୍ରୟୋଗ ଦେଖାଯାଏ । ପଦ ମଧ୍ୟରେ ଏକ ଶବ୍ଦ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କଲେ ଶ୍ଳେଷାଳଙ୍କାର ହୁଏ ଲୋକଗୀତ ନାଁ ଦିଆ ଓ ଡଗଡମାଳିରେ ବିଶେଷଭାବେ ଏହି ଶ୍ଳେଷାଳଂକାରର ପ୍ରୟୋଗ ଦେଖାଯାଏ ଯଥା–

୧. ହଳଧରଭାଇ ଜଳଧର
ଚକ୍ରଧର ଭାଇ କେମିତି ମଲେ
ଉପରୁ ଆସିଲେ ପଞ୍ଚପାଣ୍ଡବ
ମାରି ବନବାସ ଗଲେ ।

(ଏଠାରେ ଶ୍ଳେଷରେ କୁହାଯାଇଛି– ହଳଧର ଅର୍ଥ ଚାଷୀ, ଜଳଧର ଅର୍ଥ ଶେଉଳ ମାଛ, ଚକ୍ରଧର ଅର୍ଥ ସର୍ପ, ପଞ୍ଚପାଣ୍ଡବ ଅର୍ଥ ଓଉ ।)

୨. ଏଣୁ ଆଇଲେ ବାପପୁଅ
ତେଣୁ ଆଇଲେ ଏକା
ବାପ ଯାହାକୁ ନମସ୍କାର
ତାକୁ ପୁଅ ଗୋଡ଼ତଳେ ପକା ।

ଏହାର ଶ୍ଳେଷ ଅର୍ଥ କୃଷ୍ଣ ଏବଂ ବସୁଦେବ ।

୩. ଚାରି ଚାଲୁଣି ଚଳଉଚି, ଦୁଇ କୁଲା ହଲଉଚି
ଧଣ୍ଡ ସାପ ଖେଳୁଛି ମାଣିକ ଦୀପ ଜଳୁଛି । (ଅର୍ଥ –ହାତୀ)

୪. ଅମଜିମଜି, ସୁନାର ଗଞ୍ଜନେ ଲୋ ପରିବାରୀ
ଯେଉଁ ପରିବାର ପତର ନାହିଁ ସେ ପରିବାରକୁ ତରକାରି । (ଛତୁ)

ଏହିସବୁ ଅଳଙ୍କାର ସହିତ ଓଡ଼ିଆ ଲୋକଗୀତ ମଧ୍ୟ ଆହୁରି ଅନେକ ଅଳଙ୍କାରରେ ବେଶ ସମୃଦ୍ଧ । ସେଥିପାଇଁ ଓଡ଼ିଆ ଲୋକଗୀତ ମନେହୁଏ ଏକ ଅପୂର୍ବ କଳାର କୋଣାର୍କ ପରି ଯେଉଁଥିରେ ଜ୍ଞାନ, ଚାତୁରୀ, କଳା ତଥା ଶୈଳୀର ଅପୂର୍ବ ସମନ୍ୱୟ ସମ୍ଭବ ହୋଇପାରିଛି । ଓଡ଼ିଆ ଲୋକଗୀତରେ ବ୍ୟବହୃତ ଅନ୍ୟସବୁ ଅଳଙ୍କାରଗୁଡ଼ିକ ହେଲା ରୂପକ, ଉତ୍ପ୍ରେକ୍ଷା, ଅର୍ଥାନ୍ତରନ୍ୟାସ, ବିଶେଷୋକ୍ତି, ବିଷମ, ସ୍ୱଭାବୋକ୍ତି ଇତ୍ୟାଦି । ଏହିସବୁ ଅଳଙ୍କାରଗୁଡ଼ିକର ପ୍ରୟୋଗକୁ ଲୋକ ସାହିତ୍ୟରେ ନିମ୍ନମତେ ଆଲୋଚନା କରାଯାଇପାରେ ।

**୧. ରୂପକ :–** ଲିଖିତ ସାହିତ୍ୟରେ ରୂପକାଳଙ୍କାରର ପ୍ରାଧାନ୍ୟ ବେଶ୍ ସ୍ୱୀକୃତ ସାଧାରଣତଃ ଲିଖିତ ସାହିତ୍ୟରେ ଅର୍ଥାଳଙ୍କାରର ପ୍ରାବଲ୍ୟ ଅନୁଭୂତ ହେବାବେଳେ ମୌଖିକ ଲୋକସାହିତ୍ୟରେ ଏହାର ଏପରି ଗୁରୁତ୍ୱ ନ'ଥାଏ । ତଥାପି

ଓଡ଼ିଆ ଲୋକସାହିତ୍ୟରେ ସ୍ଥଳବିଶେଷରେ ଲୋକଙ୍କ ଅନେକ ରୂପକାଳଙ୍କାର ଅତି ଚମତ୍କାର ଭାବେ ପ୍ରୟୋଗ କରିଥିବା ଦେଖାଯାଏ । ଯଥା–

"କହିଲା କେଣେଗଲୁ ନୟନ ତାରା
ତୋ ବିନୁ ଅନ୍ଧକାର ଜଗତ ସାରା ।"

**୨. ଉତ୍ପ୍ରେକ୍ଷା :-** ପ୍ରକୃତ ପଦାର୍ଥରେ ଅପ୍ରକୃତ ପଦାର୍ଥର ଯେଉଁଠି ତର୍କଣା କରାଯାଏ ସେଠାରେ ଉତ୍ପ୍ରେକ୍ଷାଳଙ୍କାର ହୁଏ । ଓଡ଼ିଆ ଲୋକଗୀତର କାନ୍ଦଣାଗୁଡ଼ିକରେ ଏହି ଉତ୍ପ୍ରେକ୍ଷା ଅଳଙ୍କାର ବିଶେଷଭାବେ ପରିଲକ୍ଷିତ ହୁଏ । ଯଥା–

"ଚିତଉ ପିଠା ତ ଅଣ ଲେଉଟା
ସତେ କି ମାଡ଼ିବି ଜନମ କୋଠା ?

**୩. ଅର୍ଥାନ୍ତର ନ୍ୟାସ :-** ସାମାନ୍ୟ ଦ୍ୱାରା ବିଶେଷର ବା ବିଶେଷ ଦ୍ୱାରା ସାମାନ୍ୟର ଅଥବା କାର୍ଯ୍ୟଦ୍ୱାରା କାରଣର ବା କାରଣ ଦ୍ୱାରା କାର୍ଯ୍ୟର ସମର୍ଥନ କରାଗଲେ ଅର୍ଥାନ୍ତରନ୍ୟାସ ଅଳଙ୍କାର ହୁଏ । ଓଡ଼ିଆ ଲୋକଗୀତ ପରିପ୍ରେକ୍ଷୀରେ ଏହି ଅର୍ଥାନ୍ତର ନ୍ୟାସ ଅଳଙ୍କାରର ବହୁଳ ବ୍ୟବହାର ଦେଖାଯାଏ । ଯଥା–

ଦୁଧ ଗୁଡ଼ ନିମ ମୂଳେ ଥୋଇ
ନିମ କି ମଧୁର ହୋଇବ
ଯେତେ ପରକାରେ ବୁଝାଇ କହିଲେ
ପର କି ଆପଣା ହୋଇବ ?

୪. ବିଶେଷୋକ୍ତି: ଅଳଙ୍କାର ଶାସ୍ତ୍ରାନୁସାରେ ଯେଉଁଠାରେ କାରଣ ଥିଲେ ମଧ୍ୟ କାର୍ଯ୍ୟର ଉତ୍ପତ୍ତି ଘଟେ ନାହିଁ, ସେଠାରେ ବିଶେଷୋକ୍ତି ଅଳଙ୍କାର ହୁଏ । ଓଡ଼ିଆ ଘରର ଝିଅମାନଙ୍କ କାନ୍ଦଣାରେ ଏହି ବିଶେଷୋକ୍ତି ଲକ୍ଷ୍ୟ କରିବା କଥା–

୧. ବାଘର ଝିଅ ମୁଁ ନାଗ ଝିଆରୀ
କଂସର ଭଉଣୀ ସିଂହ ଭଉଣୀ
ସିଂହ ହୋଇ କରି ଶୃଗାଳ ହେଲ
ଉଚ୍ଚ ହୋଇ କରି ନୀଚକୁ ଗଲ ।

ବିଷମ :- କାନ୍ଦଣାମାନଙ୍କର ବିଷମ ଅଳଙ୍କାର ମଧ୍ୟ ଏକ ଆଲୋଚ୍ୟ ଉପାଦାନ । ଏହି ବିଷମ ଅଳଙ୍କାରରୁ ନିତାନ୍ତ ଅସମ୍ଭବ ଘଟଣା ଘଟିଥିବାର ଦୃଷ୍ଟାନ୍ତ ମିଳିଥାଏ । ସାଙ୍ଗସାଥୀ, ବନ୍ଧୁପରିଜନଙ୍କୁ ଏକାବେଳେକେ ପର କରିଦେଇ ଝିଅଟି ଯେତେବେଳେ ଚାଲିଯାଇ ଶାଶୁଘରେ ଜୀବନ ବଞ୍ଚେ ସେତେବେଳେ ସେମିତି ବଞ୍ଚିବା ସାଧାରଣଭାବେ ଏକ ଅସମ୍ଭବ ଘଟଣା ସେଇ ଘଟଣା ବିଷମ ଅଳଙ୍କାର ପ୍ରୟୋଗରେ ଓଡ଼ିଆ କାନ୍ଦଣାରେ କିପରି ପ୍ରତିଫଳିତ ହୋଇଛି ତାହା ଲକ୍ଷ୍ୟ କରିବା କଥା–

"ଆଣ୍ଟୁଏ ପାଣିରେ ଅଗାଡ଼ି ଭାସେ
ଜଳ ଛାଡ଼ି ମୀନ କିପରି ବଞ୍ଚେ ।"

ସ୍ୱଭାବୋକ୍ତି : ଆଳଙ୍କାରିକମାନଙ୍କ ମତରେ, ପ୍ରକୃତି ବା ପ୍ରାକୃତିକ ବସ୍ତୁ ବା ବ୍ୟକ୍ତିର ସ୍ୱଭାବ ସୁନ୍ଦର ଚମତ୍କାର ବର୍ଣ୍ଣନାକୁ ସ୍ୱଭାବୋକ୍ତି ଅଳଙ୍କାର କୁହାଯାଏ । ଏହି ଦୃଷ୍ଟିରୁ ବିଚାର କଲେ, ଓଡ଼ିଆ ଲୋକଗୀତରେ ଏହି ସ୍ୱଭାବୋକ୍ତି

ଟିପ୍ପଣୀ

ଅଳଙ୍କାରର ବିଶେଷ ପ୍ରୟୋଗ ଦେଖାଯାଏ । କାରଣ ସାଧାରଣ ଭାବେ ପ୍ରକୃତ ପ୍ରାକୃତିକ ବସ୍ତୁ ସାଧାରଣ ମଣିଷର ଦୈନନ୍ଦିନ ଜୀବନ ଓ ବ୍ୟକ୍ତିକୁ ନେଇ ଓଡ଼ିଆ ଲୋକଗୀତର ଆତ୍ମା ଚିତ୍ରିତ ହେତୁ ସେହିସବୁ ବସ୍ତୁ ବା ଦୃଶ୍ୟର ବର୍ଣ୍ଣନା ଛଳରେ ସ୍ୱଭାବୋକ୍ତି ଅଳଙ୍କାରର ପ୍ରୟୋଗ ହେବା ସ୍ୱାଭାବିକ ଯଥା–

୧. ଚନ୍ଦ୍ରପଥ ବୋଲି ବାରିକି ଗଲି ପଡ଼ିଛି ମୟୂର ଛାଇ
ଅତି ଯତନରେ ସୋରିଷ ଫୁଲ ଲବ କୁଶ ବେନି ଭାଇ ।
ଲବ କୁଶ ବୋଲି ଯାହାକୁ କହିଲି ଧରୁ ଧରୁ ପଳାଇଲେ
ରୁପାର କୋଲପ ସୁନାର କଣ୍ଠି କେତେ ଖିଣି ପିଟାଇଲେ ।

୨. ଆଦ୍ୟ ଯେ ମଗୁଶିର ବହିଲା ଶିଶିର କଂସର ଛଏଲ
ରାଧାର ତନୁ ଜରଜର କି ଗୋବିନ୍ଦ ହରି ।
ପୁଷ୍ପେ ଯେ ନାରାୟଣ ହୋଇଲେ ଅଭିଷେକ
ବୃକ୍ଷେ ବା ନନ୍ଦିନୀ କି ଘେନି
ରାମର ଅଭିଷେକ ଦେଖିଲେ ନଗ୍ର ଲୋକ
ବ୍ରହ୍ମା କରିଲେ ଯଜ୍ଞ ଧ୍ୱନି କି ଗୋବିନ୍ଦ ହରି ।"

ଓଡ଼ିଆ ଲୋକଗୀତରେ ଏହିପରି ଅଳଙ୍କାରର ବହୁଳ ପ୍ରୟୋଗ ପରିପ୍ରେକ୍ଷୀରେ ଆଲୋଚିକା ଶ୍ରୀମତୀ ଗିରିବାଳା ମହାନ୍ତି ଲେଖିଛନ୍ତି– "ଅଳଙ୍କାର ସାହିତ୍ୟ-କଳା ସାଧନାର ଏକ ପରିଛନ୍ନ, ପରିମିତ ଭଙ୍ଗୀ । ଏହାର ସୃଷ୍ଟି ବ୍ୟାକରଣ ଅନୁସାରୀ । ଲୋକ ଗୀତର ଲିପିବଦ୍ଧ ରୂପକୁ ନେଇ ସମାଲୋଚକ ଆଲୋଚକମାନେ ଏଥିରେ ସ୍ଫୂର୍ତ୍ତ ଅଳଙ୍କାରଗୁଡ଼ିକର ନାମ ପରିଚୟାଦି ନିର୍ଦ୍ଧାରଣ କରିଛନ୍ତି । ମାତ୍ର ଗୀତ ସୃଷ୍ଟି କାଳରେ ଲୋକଙ୍କର ଏସବୁ ନାମ ସହ ପରିଚୟ ନଥିବ ।

## ଓଡ଼ିଆ ଲୋକଗୀତର ବୈଶିଷ୍ଟ୍ୟ :

ଓଡ଼ିଆ ଲୋକଗୀତ ସନ୍ନ୍ୟାସୀର ଗୀତ ନୁହେଁ ସଂସାରୀର ଗୀତ । ଏହି ଗୀତ ପୁଣି କୌଣସି ନିର୍ଦ୍ଦିଷ୍ଟ ସମୟର ଆବଶ୍ୟକତା ଯୋଗୁ ବା ନିର୍ଦ୍ଦିଷ୍ଟ ଲୋକର ରୁଚି ଯୋଗୁ ସୃଷ୍ଟି ହୋଇନାହିଁ । ଏହା ଲୋକମାନଙ୍କର ଦୈନନ୍ଦିନ ଜୀବନର କୋଉ ସୁନ୍ଦର ମୁହୂର୍ତ୍ତମାନଙ୍କରୁ ଆପେ ନିଃସୃତ ହୋଇଛି ଏବଂ ସେଇ ଲୋକମୁଖରେ କ୍ରମେ ପ୍ରସାରିତ ହୋଇଅଛି । ତେଣୁ ଲୋକଗୀତ ସୃଷ୍ଟି ହୋଇଛି ମାନବିକ ଆବେଦନ ସମ୍ବେଦନ ଓ ସଂପ୍ରୀତିରୁ । ସେଥିପାଇଁ ବେଦ ବେଦାନ୍ତ ପରି ଏହି ଲୋକଗୀତରେ କୌଣସି ନିର୍ଦ୍ଦିଷ୍ଟ ତତ୍ତ୍ୱ ବା ସିଦ୍ଧାନ୍ତର ବିଧିବଦ୍ଧ ଚିନ୍ତାଧାରା ପ୍ରକାଶ ପାଏନାହିଁ । ଲୋକଗୀତର ସେଇ ସାଧାରଣ ସ୍ରଷ୍ଟା ପ୍ରକୃତ ଅର୍ଥରେ ଦର୍ଶନ ବୋଇଲେ କିଛି ବୁଝନ୍ତି ନାହିଁ । କିନ୍ତୁ ଉଚ୍ଚଚିନ୍ତା ତଥା ଗଭୀର ଆତ୍ମୀୟତା ହିଁ ସେହିସବୁ ଲୋକଗୀତ ମଧ୍ୟରେ ଆପଣା ଛାଏଁ ଦର୍ଶନର ଯୁକ୍ତିନିଷ୍ଠ ତଥ୍ୟ ଭରପୂର କରି ରଖିଛି ।

ଲୋକଗୀତରେ ସେଥିପାଇଁ ନିର୍ଦ୍ଦିଷ୍ଟ ଅର୍ଥରେ ଦାର୍ଶନିକ ତତ୍ତ୍ୱ ସମ୍ମିଶ୍ରିତ ହୋଇ ନଥିଲେ ମଧ୍ୟ ଲୋକକବିର ଗଭୀର ଜିଜ୍ଞାସାବୋଧ ଏବଂ ବିଶୁଦ୍ଧ ଆତ୍ମିକ ଚିନ୍ତା ଓ ତାର ରଚନାକୁ ଦାର୍ଶନିକ ଭାବସମ୍ପନ୍ନ କରିଅଛି । ଗ୍ରାମର ଏମିତି ଅନେକ ଆନୁଷ୍ଠାନିକ ଶିକ୍ଷାବିହୀନ ଲୋକ ଥାଆନ୍ତି, ଯେଉଁମାନଙ୍କର ଚିନ୍ତାଧାରା ହିଁ ଦାର୍ଶନିକ ଭାବସମ୍ପନ୍ନ । ସେ ନିଜ ଚିନ୍ତା ଚେତନାର ପ୍ରସୂତ ତତ୍ତ୍ୱକୁ ସାଧାରଣ ଲୋକସମାଜରେ ପ୍ରସାରିତ କରି ଲୋକଙ୍କର ଜ୍ଞାନାଲୋକକୁ ପ୍ରଜ୍ୱଳିତ କରନ୍ତି । ସାଧାରଣ ଲୋକ,

ଟିପ୍ପଣୀ

ଜଗତରେ ସତ୍ୟ, ମିଥ୍ୟା, ନ୍ୟାୟ, ଅନ୍ୟାୟ ଓ ଈର୍ଷା ଅସୂୟା, ଲୋଭ ମୋହ ସମ୍ପର୍କରେ ହୁଏତ ସଚେତନ ନଥାନ୍ତି । ସେମାନଙ୍କୁ ଏହିସବୁ ମାନବିକ ସୂକ୍ଷ୍ମ ଅନୁଭବଗୁଡ଼ିକ ସମ୍ପର୍କରେ ଅବଗତ କରିବା ସହ ଉନ୍ନତ ଜୀବନଯାପନ ଲାଗି ଏହି ଲୋକକବିମାନଙ୍କ ରଚନା ପ୍ରେରଣା ଯୋଗାଇଥାଏ । ମଣିଷର ମନ ଥରେ ସ୍ୱଚ୍ଛ ହୋଇଗଲେ, ସେ ସକଳ ପାର୍ଥିବ ମୋହରୁ ନିଜକୁ ଦୂରେଇ ରଖେ । ତା' ମନରେ ଇହଲୋକ ଅପେକ୍ଷା ପରଲୋକ ଚିନ୍ତା ଅଧିକ ମାତ୍ରାରେ ରେଖାପାତ କରେ । ସେହି ସମୟରେ ଲୋକକବିର ଦାର୍ଶନିକ ତତ୍ତ୍ୱ ଅଧିକ ଚିନ୍ତାର ଖୋରାକ ଯୋଗାଏ । ଯଥା–

"ସେହି କାଳଯମ ବଡ଼ ଦାରୁଣରେ ନ'ଜାଣଇ ସୁଖଦୁଃଖ
ବାଛିନେବ କଣ୍ଠା ରଖିବ ପାଚିଲା ଦେବଟି ଦାରୁଣ ଦୁଃଖ ।

ସଂସାରର ମୋହମାୟାରେ ଲିପ୍ତ ରହି ଯେଉଁ ମଣିଷ ଅଶେଷକାଳ ପର୍ଯ୍ୟନ୍ତ ନିଜକୁ ଆୟୁଷ୍ମାନ ବୋଲି ଭାବୁଥାଏ ତାକୁ ଉପରୋକ୍ତ ମତେ ଲୋକକବି ପ୍ରେରଣା ଦିଏ, ଯେ ମୃତ୍ୟୁ ନିକଟରେ ବୟସ୍କ ଓ ତରୁଣର କୌଣସି ବିଚାର ନାହିଁ । କାହାର ସୁଖ ଅଛି ବା ଦୁଃଖ ଅଛି ସେକଥା ମୃତ୍ୟୁ ପାଖରେ ହିସାବ କରିବାକୁ ପଡ଼େ ନାହିଁ । ସେହିପରି ଯେଉଁମାନେ ନାରୀର ଦେହକୁ ସବୁଠୁ ସୁନ୍ଦର ଓ ସବୁଠୁ ଉପଭୋଗ୍ୟ ବୋଲି ଭାବି ମଦମତ୍ତ ହୋଇଥାଆନ୍ତି, ସେମାନଙ୍କୁ ସଚେତନ କରିବାପାଇଁ ଲୋକକବି ସାଧାରଣ ଗୀତ ମାଧ୍ୟମରେ ଅଶେଷ ଦର୍ଶନ ଶୁଣାଇ କହେ–

"ରଙ୍ଗ ଶିମୁଳିରେ କି ଦେଖି ଭୁଲୁଛି ଫୁଟିଲେ ଉଡ଼ିବ ତୁଳା ।"

ଲୋକକବି ପୁଣି ଉଦାର କଣ୍ଠରେ ଘୋଷଣା କରିଛି ଯେ, ଏ ଜଗତରେ ହିଁ ଏକମାତ୍ର ଈଶ୍ୱର ସତ୍ୟ ଆଉସବୁ ମିଛ । ତେଣୁ ସେ ଗାଇଛି–

"ଘଟେ ଘଟେ ବ୍ରହ୍ମ ପୂରିଛି ଆତ୍ମାରୂପେ
ଘୋଟିଛି ତିନିପୁର ବିରାଟ ସ୍ୱରୂପେ ।"

ଭଗବାନଙ୍କର ଏହି ସର୍ବମୟ ତଥା ସର୍ବଶକ୍ତିମାନ ସ୍ୱରୂପ ସମ୍ପର୍କରେ ସଚେତନ କରୁଥିବା ଲୋକକବି ପୁଣି ମଣିଷକୁ ସୂଚେଇ ଦିଏ ଯେ, ଏ ଜଗତରେ ଭାଇବନ୍ଧୁ, ପିତା, ମାତା ସମସ୍ତେ ସୁଖର ସାଥୀ । ହେଲେ ମୃତ୍ୟୁ ବେଳକୁ କେବଳ ମାତ୍ର ଈଶ୍ୱର ହିଁ ସାଥୀ । ତେଣୁ ସେ ଗାଇଛି–

"ଭାଇ ବୋଲ ବନ୍ଧୁ ବୋଲ ସମ୍ପଦର ସାଥୀ
ଜୀବ ଯିବା ବେଳେ ଏକା ଗୋବିନ୍ଦ ସାରଥି ।"

ଭଗବାନ ହିଁ ସର୍ବନିୟନ୍ତା, ସେ ଦୁଷ୍ଟକୁ ଦମନ କରି ସନ୍ଥ ପରିପାଳନ ନିମିତ୍ତ ଧରା ବକ୍ଷରେ ଅବତାର ଗ୍ରହଣ କରନ୍ତି । ତାଙ୍କରି ଇଚ୍ଛାରେ ଏ ସକଳ ସୃଷ୍ଟି ଆତଯାତ । ତାଙ୍କ ଇଚ୍ଛା ବିନା ଏ ପୃଥିବୀରେ ସାମାନ୍ୟ ତୃଣଟିଏ ମଧ୍ୟ ହଲିପାରେ ନାହିଁ । କର୍ମ ମଣିଷ କରେ ସିନା; କିନ୍ତୁ ସକଳ କର୍ମର ଫଳଦାତା ସେଇ ଏକମାତ୍ର ଈଶ୍ୱର । ସେଇ କର୍ମଫଳକୁ ସମସ୍ତେ ଭୋଗିବାକୁ ପଡ଼ିବ । ମଣିଷ ତା'ର ଜନ୍ମାନ୍ତର ଅଭୁକ୍ତ କର୍ମଫଳ ମଧ୍ୟ ଏ ଜୀବନରେ ଭୋଗକରେ । ଉତ୍ତମ କର୍ମ କରିଥିଲେ ମନୁଷ୍ୟ ଉଚ୍ଚତର ଜନ୍ମ ଲାଭ କରେ । ନୀଚକର୍ମ କରିଥିଲେ ନୀଚଯୋନିରେ ଜାତହୁଏ । ଅତଏବ ଏହି କର୍ମର ହେତୁକୁ ଲୋକକବି ଘୋଷଣା କରିଛି–

"ଯେମିତି କର୍ମକୁ ସେମିତି ଫଳ ।"

ଟିପ୍ପଣୀ

ଲୋକକବିର ଦାର୍ଶନିକତତ୍ତ୍ୱ ଅନୁସାରେ ସମଗ୍ର ସମାଜ ୪ ଭାଗରେ ବିଭକ୍ତ । ସେଥିରୁ ଦୁଇଗୋଟି ହେଲା ଇହଲୋକ ଓ ପରଲୋକ । ତା' ମତରେ ପୁଣି ସାଧୁଲୋକ ବ୍ୟତୀତ ଉଭୟ ଲୋକରେ ଅନ୍ୟ କେହି ସୁଖୀ ହୋଇପାରନ୍ତି ନାହିଁ । ଏହିକଥାକୁ ଇଙ୍ଗିତାତ୍ମକ ଭାଷାରେ ଲୋକଗୀତର କବି ଲେଖିଛନ୍ତି–

"ଏଠାରେ ଅଛି, ସେଠାରେ ନାହିଁ
ସେଠାରେ ଅଛି, ଏଠାରେ ନାହିଁ ।
ଏଠାରେ ଅଛି, ସେଠାରେ ଅଛି
ଏଠାରେ ନାହିଁ, ସେଠାରେ ନାହିଁ ।"

ଅର୍ଥାତ୍ ସଂସାରର ଇହଲୋକରେ ସୁଖ ଅଛି, ପରଲୋକରେ ନାହିଁ । ସନ୍ନ୍ୟାସୀର ପରଲୋକରେ ସୁଖ ଅଛି ଇହଲୋକରେ ନାହିଁ । ସାଧୁଲୋକର ଇହଲୋକ ଓ ପରଲୋକ ଉଭୟତ୍ର ସୁଖଅଛି । ପାଷାଣ୍ଡର ଇହଲୋକ ବା ପରଲୋକ କେଉଁଠାରେ ସୁଖ ନାହିଁ ।

ଶରୀରର ଅଳୀକତା ସମ୍ପର୍କରେ ଲୋକକବି ଦର୍ଶନ ହେଲା– "ମାଟିଘର ପଞ୍ଜୁରୀକି ସୁବର୍ଣ୍ଣର ଶୁଆ, ଭଳାରଙ୍ଗେ ଖଞ୍ଜାଇଛି ଭାବବିନୋଦିଆ ।" ଅର୍ଥାତ୍ ଏ ଶରୀର ଗୋଟିଏ ମାଟିର ପଞ୍ଜୁରୀ, ଏହା ମଧ୍ୟରେ ସୁନାର ଶୁକପକ୍ଷୀ ପରି ଆତ୍ମା ଅବସ୍ଥାନ କରୁଅଛି । ଏ ପଞ୍ଜୁରୀ କ୍ରମଶ ଜରାଜୀର୍ଣ୍ଣ ହୁଏ ଓ ଭଙ୍ଗାଯାଏ । ତା' ପରେ ମାଟିଘର ମଧ୍ୟରୁ ଶୁଆ ଉଡ଼ିଯାଏ । ସେ ଶୁଆରୂପୀ ଆତ୍ମାକୁ ଚିରଦିନ ଧରିରଖିବାର ଶକତି ମାଟିଘଟପରି କ୍ଷୟଶୀଳ ପଞ୍ଜୁରୀର ନାହିଁ । ଶରୀର କ୍ଷଣଭଙ୍ଗୁର, ଆତ୍ମା ସନାତନ । ଆତ୍ମା ଭିନ୍ନ ଭିନ୍ନ ଶରୀରକୁ ଅବଲମ୍ବନ କରି ସଂଖ୍ୟାତୀତ ଜନ୍ମଲାଭ କରେ, ମୃତ୍ୟୁର ଅବ୍ୟବହିତ ପୂର୍ବରୁ ସେ ଅନ୍ୟ ଆଶ୍ରୟ ସ୍ଥଳର ଚିନ୍ତା କରେ । ଏହି କଥାଟି ଲୋକକବିର ଭାଷାରେ ରୂପପାଇଛି–

"ଏ ଜୀବ ମରଣ ନିକଟେ, ବେଗେ ଚିନ୍ତଇ ଅନ୍ୟ ଘଟେ ।"

ଏହିପରି ଓଡ଼ିଆ ଲୋକଗୀତରେ ଭରିରହିଥିବା ଦାର୍ଶନିକ ବ୍ୟାଖ୍ୟା ସମ୍ପର୍କରେ ନିଜସ୍ୱ ମତ ପ୍ରଦାନ କରି ଡଃ. କୁଞ୍ଜବିହାରୀ ଦାସ ଲେଖିଛନ୍ତି–

"ଦାର୍ଶନିକ ଭାବପୂର୍ଣ୍ଣ 'ଯୋଗୀନ୍ଦ୍ର ଗୀତିକା' ଗଞ୍ଜାମର ହଳିଆମାନଙ୍କ ମୁଖରୁ ଶୁଣାଯାଏ । ଏହା ଏକ ଚଉତିଶା । ଏଥିରେ ଇଅଁଳା, ପିଅଁଳା, ବଙ୍କନାଳ ସହସ୍ର ଜଳପଦ୍ମ ଉପରେ ହଂସର ବିହାର, ଅନାହତ ଧ୍ୱନି, ଗୋଲାହାଟ, ବ୍ରହ୍ମରନ୍ଧ୍ର ପ୍ରଭୃତି କାୟା ସାଧନାର ରୂପକ ଯୌଗିକ ଶବ୍ଦମାନ ବ୍ୟବହୃତ ହୋଇଛି । ଶୂନ୍ୟ ନିରଞ୍ଜନ (ନିରଞ୍ଜନ ପରେ ଜପଇ ଅବଳା) ସାଧନା, ସାକାର ଜଗନ୍ନାଥ (ରତ୍ନ ସିଂହାସନେ ଦେଖି ଚତୁର୍ଦ୍ଧାମୂର୍ତ୍ତି) ଆରାଧନାରେ ପର୍ଯ୍ୟବସିତ ହୋଇଅଛି । ଶୂନ୍ୟ ପ୍ରଚାରରେ ଉଦାର ଜଗନ୍ନାଥ ଧର୍ମର ଆଦର୍ଶ ଏଡ଼ିଯିବା ଲୋକ ଦାର୍ଶନିକ ପକ୍ଷରେ ସମ୍ଭବ ହୋଇପାରିନାହିଁ । ପଞ୍ଚସଖା ଯୁଗର ଚିନ୍ତାଧାରା ତା' ପ୍ରାଣକୁ ପ୍ଲାବିତ କରିଛି, ସମସ୍ତ ଦାର୍ଶନିକ ଚିନ୍ତାର ପରିମାଣ ସ୍ୱରୂପ ମୈତ୍ରୀ ଦେବତା ଜଗନ୍ନାଥ ଉଜ୍ଜ୍ୱଳତମ ରୂପରେ ତା ପ୍ରାଣରେ ପ୍ରତିଷ୍ଠିତ ହୋଇଅଛି । ତାଙ୍କ ବାହାରେ ଦର୍ଶନ ନାହିଁ, ସେ ଦର୍ଶନର ମୂଳାଧାର । ଦର୍ଶନର ସହସ୍ରଦଳ କମଳ ଉପରେ ତାଙ୍କର ଅବସ୍ଥିତି ।"

ଲୋକକବିମାନେ ଶରୀର ଭେଦ ବା କାୟା ସାଧନାର ଦର୍ଶନ ଉପରେ ଅତ୍ୟଧିକ ସଚେତନ । ସେହି ଅନୁସାରେ ଓଡ଼ିଶାର ପୁରପଲ୍ଲୀରେ ଦାଣ୍ଡକାଠିଆ ଓ ଖଞ୍ଜଣୀ ବଜାଇ ସରଳ ଜନତା ଯେଉଁସବୁ ଭଜନ ପ୍ରତି ସଂଧ୍ୟାରେ ଗାନ କରନ୍ତି ତନ୍ମଧ୍ୟରୁ ଅଧିକାଂଶ ସେହି ଲୋକକବିର କାୟାସାଧନ ଦର୍ଶନମୂଳକ । ଯଥା–

"ମନର ବଳଦକୁ ପବନ ହଳିଆ
ତ୍ରିବେଣୀ ଘାଇରେ ପଡ଼ିଛି ଘଳିଆ ।
ବିଲ ବୁଲିଗଲେ ଅଖଣ୍ଡ ମଣ୍ଡଳ
କତି ଦେଉଥିଲେ ଶିରୀ ଦାମୋଦର
ହେତୁ ଥାଇ ଗଛ ଉଠିବ ଫଳିବ ଜ୍ଞାନ ମଞ୍ଜିଲୋ ।"

ସେହିପରି ଶ୍ରୀମଦ୍ ଭଗବତ୍ ଗୀତାରେ ସଂସାରକୁ ଗୋଟିଏ ଅଶ୍ୱତ୍ଥ ବୃକ୍ଷ ସହିତ ତୁଳନା କରାଯାଇଅଛି । ଏହାର ମୂଳ ଉପରକୁ ଡାଳ ତଳକୁ । ପରମାତ୍ମାଙ୍କଠାରୁ ଉଦ୍ଭୂତ ହୋଇ ପ୍ରକୃତି ଗୁଣରେ ଏହା ମାୟାମୟ ସଂସାରରେ ବିସ୍ତୃତି ଲାଭ କରିଅଛି । ବିଭିନ୍ନ ଇନ୍ଦ୍ରିୟଲବ୍ଧ ପଦାର୍ଥ ଏହାର ପୁଷ୍ପ ବୈରାଗ୍ୟ ବଳରେ ଏହି ବୃକ୍ଷକୁ ଛିନ୍ନ କରି ମନୁଷ୍ୟ ମୃତ୍ୟୁଞ୍ଜୟ ହୁଏ । ଅନନ୍ତ ପରମାତ୍ମାଙ୍କ ରାଜ୍ୟରେ ପ୍ରବେଶ ଲାଭ କରେ । ହଳିଆ ଗୀତରେ ଅବିକଳ ସେହି ଭାବ ଅତି ସହଜରେ ପ୍ରକାଶିତ ହୋଇଅଛି ।

"ମୂଳ ତା' ଉପରକୁ ଡାଳ ତା' ତଳକୁ
ସେ ଡାଳ ମାଡ଼ିଛି ପାତାଳ ପୁରକୁ ।
ଅବନୀ ତାଳରେ ପୁଷ୍ପ ଫୁଟିଅଛି
ଡେମ୍ଫି ନାହିଁ ତା'ର ଶୂନ୍ୟରେ ରହିଛି ।"

ଏଥି ସହିତ ଓଡ଼ିଆ ଲୋକଗୀତମାନଙ୍କ ମଧ୍ୟରୁ ଯେଉଁ କେତୋଟିର ସରଳ ଅର୍ଥରେ ସାମାଜିକ ଦର୍ଶନର ତତ୍ତ୍ୱ ମିଳିଥାଏ, ସେଗୁଡ଼ିକ ହେଲା–

(୧) ତଳ ବରଡ଼ା ଖସୁଛି, ଉପର ବରଡ଼ା ହସୁଛି
ମଝି ବରଡ଼ା ଥାଇ କହୁଛି ମୋ ଦିନ କାଳ ଆସୁଛି ।'

(୨) ଏ ମନ ଭାବୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା ।

(୩) ମାରେ ହରି ରଖେ କୌନ, ରଖେ ହରି ମାରେ କୌନ୍ ।

(୪) ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ ।

(୫) ଦେବାଠାରୁ ପୂଣ୍ୟ ନାହିଁ, ମାଗିବା ଠାରୁ ହୀନ ନାହିଁ ।

(୬) ମନ ପୁତ କଲେ ଗଡ଼ିଆ ଗଙ୍ଗା ।

(୭) ଅଧର୍ମ ବିତ୍ତ ବଢ଼େ ବହୁତ, ଗଲା ବେଳେ ଯାଏ ମୂଳ ସହିତ ।

(୮) ମନ ଯେବେ ପ୍ରସନ୍ନ ହୁଅଇ ଦିଅଇ ଅଭୟ ବର ।
ଏଇ ମନ ଯେବେ ଅବୁଝା ହୁଅଇ କରୁଥାଇ ନାରଖାର ।

(୯) ମନରେ ନାହିଁ ନା ମାଳାରେ ନାହିଁ, ଭଜି ଭଜି କରି ପାଇବୁ କାହିଁ ।

ଏହିପରି ଭାବରେ ଓଡ଼ିଆ ଲୋକଗୀତରେ ସ୍ୱତଃସ୍ଫୂର୍ତ୍ତ ଦର୍ଶନର ତତ୍ତ୍ୱ ବହୁ ପରିମାଣରେ ଦେଖିବାକୁ ମିଳେ ।

ଟିପ୍ପଣୀ

## ଲୋକଗୀତର ବିଭାଗୀକରଣ :

ଲୋକଗୀତର ସରହଦ ସୁଦୂର ପ୍ରସାରୀ । ତେଣୁ ଏହାର କୌଣସି ଶାସ୍ତ୍ର ସମ୍ମତ ବିଭାଗୀକରଣ କରିବା ସହଜସାଧ୍ୟ ନୁହେଁ । ଲୋକସମାଜ ପରି ଏହା ପରିବ୍ୟାପ୍ତ । ଏହା ପୁଣି କାନ୍ଦଣା, ପ୍ରବାଦ, ପ୍ରବଚନ, ଢଗ, ଢ଼ମାଳି, କୃଷି ବଚନ ଇତ୍ୟାଦି ଭେଦରେ ବହୁଧା ବିଭକ୍ତ । ଅରଣ୍ୟର ବୃକ୍ଷ ରାଜିକୁ ଯେମିତି ବିଭାଗ କରି ଚିହ୍ନିବା ସଂଭବ ନୁହେଁ, ସେପରି ଏହାର ବିଭାଜନ ମଧ୍ୟ ଅସହଜ ବ୍ୟାପାର । ତଥାପି ଆଲୋଚକମାନେ ଏହାକୁ ଭିନ୍ନ ଭିନ୍ନ ଭାଗରେ ବିଭକ୍ତ କରିଅଛନ୍ତି । ଆଲୋଚକ ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାସ ଏହାକୁ ଗୀତିକା, ଦୋଳିଗୀତ, ନାଟଗୀତ, ଯୁଦ୍ଧଗୀତ, ଚକୁଳିଆ ପଣ୍ଡାଗୀତ, ଶ୍ରମକଷ୍ଟ ଲାଘବଜନିତ ଗୀତ, ଯୋଗୀ ଗୀତ, ଗାଧୁଆ ଗୀତ, ଶିଶୁ ଗୀତ, କାନ୍ଦଣା ଗୀତ, ଚଷାଗୀତ, ପ୍ରବାଦ, ପ୍ରବଚନ ଓ ଢଗ ଢ଼ମାଳି ଇତ୍ୟାଦି ବିଭିନ୍ନ ଭାଗରେ ବିଭକ୍ତ କରିଛନ୍ତି ।

ଲୋକ ଗୀତର ବିଶିଷ୍ଟ ସଂଗ୍ରାହକ ଚକ୍ରଧର ମହାପାତ୍ର ଲୋକଗୀତକୁ ଝିଅଙ୍କ ଗୀତିକା, ବୋହୂଙ୍କ ଗୀତିକା, ହୁଳହୁଳି କାନ୍ଦଣା ଆଆଣିମଙ୍ଗଳ ବୋଲି, କିଶୋରୀଙ୍କ ମେଳ ଗୀତିକା, ଲୋଲିଗୀତ, ପିଲାଙ୍କ ଖେଳଗୀତ, ପିଲାଙ୍କ ଆବୃତ୍ତି ଗୀତ, ବାତ୍ସଲ୍ୟ ଗୀତି, ଉପଦେଶ ଗୀତି, ଗ୍ରାମ୍ୟ ବନ୍ଦନାଗୀତ, ଢଗ-ଢ଼ମାଳି, ବଚନ, କୃଷକବୋଲି, ସମରବୋଲି, ନୃତ୍ୟଗୀତିକା, ଯାତ୍ରାଉତ୍ସବ ଗୀତିକା, ମନ୍ତ୍ରରା ଗୀତ ଓ ଦାରିଦ୍ର୍ୟ ଗୀତିକା ଇତ୍ୟାଦି ଭେଦରେ ବିଭିନ୍ନ ଭାଗରେ ବିଭକ୍ତ କରିଅଛନ୍ତି ।

ଆଲୋଚନାର ସୁବିଧା ଦୃଷ୍ଟିରୁ ଲୋକଗୀତକୁ ପୁରୁଷ କଂଠର ଗୀତ, ନାରୀ କଣ୍ଠର ଗୀତ, ଏବଂ ଶିଶୁକଣ୍ଠର ଗୀତ ଓ ଉପଦେଶ ବଚନ ଇତ୍ୟାଦି ବିଭିନ୍ନ ଭାଗରେ ବିଭକ୍ତ କରାଯାଇପାରେ । ଗୀତ ଗୁଡ଼ିକର ଭାବଧର୍ମ ଦୃଷ୍ଟିରୁ ଏଠାରେ କେତେକ ପ୍ରମୁଖ ବିଭାଗ ପ୍ରତି ଦୃଷ୍ଟି ଦିଆଯାଇପାରେ ।

### କ) ପୁରୁଷ କଣ୍ଠର ଗୀତ :

ସାଧାରଣତଃ ପୁରୁଷଙ୍କ ଦ୍ୱାରା ଏଇ ସଙ୍ଗୀତ ସବୁ ଗାନ କରାଯାଇଥାଏ । ଉପଦେଶ ଗୀତିକା, ଗ୍ରାମ୍ୟ ବନ୍ଦନାଗୀତ, ବଚନ, କୃଷକ ବୋଲି, ସମରବୋଲି, ଗୋପାଳ ବୋଲି, କେତେକ ନୃତ୍ୟ ଗୀତିକା ଏବଂ ଯାତ୍ରାଗୀତ ମନ୍ତ୍ର ଯନ୍ତ୍ର ଭିତ୍ତିକ ଗୀତ ଏବଂ ଅନ୍ୟାନ୍ୟ କେତେକ ଗୀତକୁ ପୁରୁଷ କଣ୍ଠର ଲୋକଗୀତ ବୋଲି କୁହାଯିବ । କାରଣ ଏସବୁ ଗୀତ କେବଳ ପୁରୁଷଙ୍କ ଦ୍ୱାରା ଆବୃତ୍ତ ହୁଏ । ଏଥିରେ ପୁରୁଷଙ୍କ କଣ୍ଠରୁ କେତେକ ସାବଧାନୀ ବାଣୀ, ନୀତି ବଚନ, କୃଷି ସମ୍ବନ୍ଧୀୟ ବଚନ, ଫସଲ ଅମଳକାଳୀନ ଗୀତ, ଶୁଣାଯାଇଥାଏ ।

### ଖ) ନାରୀ କଣ୍ଠର ଗୀତ :

ଏଇ ଧରଣର ଲୋକଗୀତ କେବଳ ନାରୀମାନଙ୍କ କଣ୍ଠରେ ଆବୃତ୍ତ ହୋଇଥାଏ । ଝିଅବୋହୂଙ୍କ ସୁଖ ଦୁଃଖ ଗୀତିକା, ସେମାନଙ୍କ ପାରିବାରିକ ସୁଖ-ଦୁଃଖର ଗୀତ, ବୋହୂଙ୍କ କାନ୍ଦଣାଗୀତ, ମଙ୍ଗଳଗାନ, ଓଷାମନାସ, ଲୋଲିଗୀତ, ବାତ୍ସଲ୍ୟ-ସଂଗୀତ ଇତ୍ୟାଦି ନାରୀ ମାନଙ୍କ କଣ୍ଠରୁ ହିଁ ଶୁଣାଯାଏ । ଏଇ ଧରଣର ସଂଗୀତରେ କୁମାରୀ, ଗ୍ରାମ୍ୟବଧୂର ଜୀବନ ଯନ୍ତ୍ରଣାର ସ୍ୱର ଅତି ପ୍ରାଣସ୍ପର୍ଶୀ । ଏହା ବ୍ୟତୀତ ସନ୍ତାନବତୀ ନାରୀର ବାତ୍ସଲ୍ୟ ଗୀତିକା, କେତେକ କୃଷି ବଚନ ଓ ଢ଼ମାଳିକୁ ଏଇ ଶ୍ରେଣୀର ପର୍ଯ୍ୟାୟଭୁକ୍ତ କରାଯାଇପାରେ ।

### ଗ) ପୁରୁଷ ଓ ନାରୀ କଣ୍ଠର ଗୀତ :

କେତେକ ଲୋକ ଗୀତ ଉଭୟ ନାରୀ ଓ ପୁରୁଷଙ୍କ ଦ୍ୱାରା ପରିବେଷିତ ହୋଇଥାଏ । ମଙ୍ଗଳବୋଲି, କୃଷି ବଚନ, ଢ଼ମାଳି, ଯାତ୍ରାଗୀତ ଏବଂ ନାଚଗୀତ ଇତ୍ୟାଦିକୁ ଏଇ ଶ୍ରେଣୀର ପର୍ଯ୍ୟାୟଭୁକ୍ତ କରାଯାଇଥାଏ ।

ଟିପ୍ପଣୀ

**ଘ) ଶିଶୁ ଗୀତ :**

ଲୋକ ଗୀତରେ କେବଳ ଶିଶୁଙ୍କ ନିମିତ୍ତ କେତେକ ରଚନା ସ୍ଥାନ ପାଇଛି । ଶିଶୁମାନଙ୍କ ଦେବଦେବୀ ବନ୍ଦନା, ଚାଟଶାଳୀ ପାଠ ସମୟର ଗୀତିକା, ପିଲାମାନଙ୍କ କ୍ରୀଡ଼ା କସରତ କାଳୀନ କେତେକ ସଂଗୀତକୁ ଏଇ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇପାରେ । ଏଥିରେ ଶିଶୁର ସରଳ ମାନସିକତା ଅପେକ୍ଷା ବରଂ ନିରର୍ଥକ ଆବୃତ୍ତିଧର୍ମିତା ଅଧିକତର ଭାବରେ ପ୍ରଭାବ ସୃଷ୍ଟି କରିଥାଏ ।

**ଙ) ଅନ୍ୟାନ୍ୟ ଗୀତିକା :**

ଲୋକଗୀତର ଭାବଧର୍ମ ଦୃଷ୍ଟିରୁ ଏହାକୁ କେତେକ ବିଶେଷ ବିଭାଗରେ ବିଭକ୍ତ କରାଯାଇପାରେ । କାରଣ ଜୀବନର ପ୍ରତିଟି ପର୍ଯ୍ୟାୟର ଚିତ୍ର ଏଥିରେ ଅଙ୍କିତ । ଲୋକ ଗୀତ ହେଉଛି ଲୋକ ଜୀବନର ମହାଭାଷ୍ୟ । ଏଥିରେ ଲୋକଚାର, ଲୋକଙ୍କ ଧର୍ମଧାରଣା ଶିକ୍ଷା, କୃଷି, ବାଣିଜ୍ୟ, ଯୁଦ୍ଧ, ନୃତ୍ୟଗୀତ, ବାତ୍ସଲ୍ୟ ନୈତିକତା ଇତ୍ୟାଦି ସବୁ ଧରଣର ଚେତନା ପ୍ରକାଶିତ । ଏଠାରେ କେତେକ ଦୃଷ୍ଟାନ୍ତ ନିଆଯାଇପାରେ ।

**୧ । ଝିଅ ବୋହୂଙ୍କ ଦୁଃଖ-ସୁଖ-ଗୀତିକା :**

ଗ୍ରାମ୍ୟ ନାରୀର ଜୀବନର ଧାରା ସ୍ୱତନ୍ତ୍ର । ସେ କନ୍ୟା, ମାତା, ଜାୟା, ଜନନୀ । କନ୍ୟା ଜୀବନ ପରେ ସେ ବଧୂ ସାଜି ସ୍ୱାମୀ ଗୃହକୁ ଯାଏ । ତାର ଗେଲବସରର ଦିନ ସରିଯାଏ, ଶାଶୁଘରେ ପାଦଦେଲାପରେ ସୁକୁମାରୀ ଗ୍ରାମ୍ୟବାଳା ଅସରନ୍ତି, ଗଞ୍ଜଣା ଭିତରେ କାଳକାଟିବାକୁ ବାଧହୁଏ । ଶାଶୁ, ନଣନ୍ଦଙ୍କ ଲାଞ୍ଛନା ଭିତରେ ସ୍ମରଣ କରେ ତା'ର ଅତୀତର ସୁଖର ଦିନକୁ, ପିତ୍ରାଳୟରେ କାଟିଥିବା ଅଲିଅଳ ଜୀବନକୁ । ଝିଅ ସମୟର ସୁଖ, ବୋହୂ ସାଜିବା ପରେ ଗଭୀର ସନ୍ତାପରେ ପରିଣତ ହୁଏ । ନାରୀ ଜୀବନର ଏଇ ସନ୍ତୁଳନ ଲୋକଗୀତରେ ଅତି ଚମତ୍କାର ଭାବରେ ସ୍ଥାନ ପାଇଛି । "ଝିଅ ଜନମ ପର ଘରକୁ" - ପହିଲିପାଳି ଶାଶୁଘରକୁ ଯାଇଥିବା ଝିଅ ଜାଣିପାରେ । ଶାଶୁଘରେ ପାଦଦେଉ ନ ଦେଉଣୁ ଆରମ୍ଭ ହୁଏ ତା'ର ଜୀବନ ଯନ୍ତ୍ରଣା । ଶାଶୁ ତାକୁ ଉଲୁଗୁଣା ଦେଇ କହନ୍ତି -

"ବୁଢ଼ୀ କାଳକୁ ମୋର ଆସୁଛି ଭାର
ବୁଢ଼ି ନମଲୁ ତୁଲୋ ବାରିରେ ଯୋରଲୋ ।
ତା' ଶୁଣି ଦେଢ଼ଶୁର ଦିଅନ୍ତି ଗାଳି
ତା' ଶୁଣି ଖୁଡ଼ିଶାଶୁ ଲଗାନ୍ତି କଳି ଲୋ ।
ଅନ୍ୟ ଗାଳିଲୋ ତୋର ତୁଣ୍ଡରେ ନାହିଁ
ଆଣ୍ଠୁକୁଡ଼ୀ ଝିଅଟୁ ବୋଲୁଂ କିମ୍ପାଇ ଲୋ ।
ଶାଗ କାଟିବି ବୋଲି ପନିକି ଥୋଇ
ମନ ବିକଳ ହେଲା ପଡିଲି ଶୋଇଲୋ ।"

କିନ୍ତୁ କେତେକ କ୍ଷେତ୍ରରେ ପିତ୍ରାଳୟରେ ଯନ୍ତ୍ରଣାବୋଧ ଭିତରେ ରହିଥିବା କନ୍ୟା ଶାଶୁଘରେ ବୋହୂ ରୂପେ ଅତି ଆଦର ପାଇଥାଏ । ଏହାର ଏକଚିତ୍ର ଲୋକ କବି ଦୃଷ୍ଟିରେ ପ୍ରକାଶ ପାଇଛି ।

ଟିପ୍ପଣୀ

"ମାଆ ଚଣ୍ଡାଳୁଣୀ ଏଡ଼େ ଚଣ୍ଡାଳୁଣୀ
କୋଠା ତୁଚ୍ଛାକରି ଦେଲା
ଭାଇ ଚାଣ୍ଡାଳ ସେ ଏଡ଼େ ଚାଣ୍ଡାଳ
ଅଧାବାଟେ ଛାଡ଼ିଦେଲା ।
ଦେଢ଼ଶୁର ଥିଲେ ତୁଳସୀ ବୃକ୍ଷସେ
ଖଣ୍ଡେଦୂରୁ ଆଡ଼ହେଲେ
ଦିଅର ଥିଲେ ସେ ପରିହାସୀ ଲୋକ
ଖଣ୍ଡେ ଦୂରୁଁ ହସିଦେଲେ ।
ଶଶୁର ଯେ ଥିଲେ ଘର ସାଆଁତ ସେ
ଚଉଡା ଚଢ଼ାଇ ନେଲେ,
ଶାଶୁଏ ଥିଲେ ଯେ ଘର ସାଆଁତାଣୀ
ଚାଳକ ବୁରୁଷି କଲେ ।
ଯାଆଯେ ଥିଲେ ସେ ସାଙ୍ଗ ସରିସା
ହାତଧରି ଘରେ ନେଲେ
ନଣନ୍ଦ ଥିଲେ ଯେ ପର ଭୁଆଷୁଣୀ
ଦୁଆରଜଗି ବସିଲେ ।"

ବିବାହପରେ କନ୍ୟା ବଧୂ ବେଶ ସାଜେ । ଶାଶୁଘରର ଅଜଣା ସ୍ଥାନରେ ସେ କିପରି ଚଳିବ, କାହାପ୍ରତି କିପରି ବ୍ୟବହାର ପ୍ରଦର୍ଶନ କରିବ, ଏ ସଂପର୍କରେ କନ୍ୟାର ମାତା ଏବଂ ଭାଉଜମାନେ ତାକୁ ନାନା ଉପଦେଶ ଦିଅନ୍ତି ଯଥା -

"ସେ ଯେ ଶାଶୁ ଶଶୁର
ତାଙ୍କୁ କରିବ ମୋର
ତାଙ୍କୁ ମୋର କଲେ ଜେମା କରିବ ଘର ।
ନିଜ ଗେରସ୍ତ ଠାଇଁ
ଆଶାଥିବ ଲଗାଇ
କଥା ନ କହିବ ଜେମା ମୁହଁକୁ ଚାହିଁ ।"
ସେ ଯେ ଦିଅର ଭାବ
ଗେଲ ହାତେ ମାରିବ
ସେ କଥାକୁ ଜେମା ଆଉ ରୋଷ ନୋହିବ ।

ଟିପ୍ପଣୀ

ବୋହୂ ନୂଆ ସଂସାରକୁ ଆଦରି ନିଏ । ମାଆ, ନାନୀ, ଖୁଡ଼ୀ, ଅପାଙ୍କ ଉପଦେଶକୁ ମନେରଖି ଶାଶୂ ଶ୍ୱଶୁରଙ୍କ ସେବା କରିବାକୁ ଆଗେଇଯାଏ । କିନ୍ତୁ ଶାଶୁଙ୍କ ବ୍ୟବହାରରେ ଦୁଇ ଆଖି ତା'ର ସଜଳ ହୋଇଉଠେ । ଏହାର ଚିତ୍ର ଲୋକଗୀତରେ ଅଧିକ ସ୍ଥାନ ଅଧିକାର କରିଛି । ଯଥା -

ଘଷି ଦେବାକୁ ଗଲେ ଲଗାନ୍ତି ଗୋଳ
ଅରକ୍ଷିତ ଟୋକୀ ମୋର ଛୁଆଁନ୍ତା ଗୋଡ଼ ଯେ ।
ଫିଙ୍ଗି ଯେ ଦ୍ୟନ୍ତି ପାହୁଣ୍ଡ ତଳ
କବାଟ ଯେ କିଳି ଦିଅନ୍ତି ସେ ଅନ୍ଧାର ଘର ଯେ ।
ପହୁଣ୍ଡରେ ଠିଆ ହୋଇ ବୁହାଏ ଲୁହ
ବୋଉ ନନା କଲେ ଇୟା ସହିଲା ଦିହଗୋ ।"

ବୋହୂଙ୍କ କାନ୍ଦଣା ଭିତରେ ରହିଛି ଭାଇ, ବାପା ଓ ମାଆ, ଭାଉଜ ଇତ୍ୟାଦିଙ୍କ ପ୍ରତି ଅଭିମାନ ବ୍ୟଞ୍ଜକବାଣୀ । କେଉଁଠି ନବବଧୂଟି ବାପ ବା ଭାଇର ପଥକୁ ଚାତକୀ ପରି ଅନାଇ ରହିଛି, ବାପ ଓ ଭାଇ ନ ଆସିବା ହେତୁ ସେ ଶାଶୁ ଓ ନଣନ୍ଦଙ୍କର ପରିହାସର ପାତ୍ରୀ ହୋଇଛି । ଭାଇ ଭଉଣୀକୁ ନେବାକୁ ଆସେ, ମାତ୍ର ଶାଶୁ ଶ୍ୱଶୁର ତାକୁ ଫେରାଇ ଦିଅନ୍ତି - ଗାଧୋଇ ଆସି ଓଦାଲୁଗା ପିନ୍ଧି ସେ କାନ୍ଦି ପକାଏ ।

"ଓଦାଲୁଗା ଯେ ମୁହଁ ପାଲଟି ନାହିଁ
ଓଦା ଲୁଗାରେ କାନ୍ଦେ ମୁଁ ଠିଆ ହୋଇ ।"

ବାପ ତାକୁ ନିରାଶ କରନ୍ତି, ବୈଶାଖ ମାସରେ କଳା କୁମ୍ଭପକା ଶାଢ଼ୀ ନେଇ ଦେବେ ବୋଲି ପ୍ରତିଶ୍ରୁତି ଦିଅନ୍ତି । ବାପା ନ ଆସିବାରୁ ଘୋର ଅଭିମାନରେ ଫାଟି ପଡ଼େ ଝିଅର ହୃଦୟ ସେ ବଖାଣି ବସେ -

"କଳାକୁମ୍ଭ ଶାଢ଼ୀ କଅଣ ହେବ
ଅହ୍ୟ ଡେଙ୍ଗୁରାରେ ମୋ ଜୀବ ଯିବ ।
ଆଗରେ ଚାଲିବ ଲିଆ କଉଡ଼ି
ପଛରେ ବାଜିବ ଶଙ୍ଖ ମହୁରୀ ।
ଦି'ପଟେ ଯିବେ ଦି ଦିଅର
ମଝିରେ ଚାଲିବେ ଆମରି ବର ।

ଏଇପରି ଅନେକ ଲୋକଗୀତରେ ଗ୍ରାମ୍ୟ ବଧୂର ଦୁଃଖ-ଯନ୍ତଣାର ମର୍ମବାଣୀ ଉଦ୍‌ଘୋଷିତ ଯେଉଁଥିରେ ରହିଛି ନିରୀହ ଗ୍ରାମ୍ୟ-ବଧୂଟିର ଅସୀମ ଦୁଃଖ ଓ ଅମାପ ଯନ୍ତଣାର ମର୍ମଲିପି, ଆତ୍ମ ସନ୍ତୁଳନର ଉଚ୍ଛକ ଓ ସ୍ୱଚ୍ଛନ୍ଦ ପ୍ରବାହ । ନିଜର ଦାମ୍ପତ୍ୟ ସୁଖଠାରୁ, ଶାଶୁ ନଣନ୍ଦଙ୍କର ଗଞ୍ଜଣା, ଯାଆ, ଦିଅରଙ୍କର ପରିହାସ ତା' ନିକଟରେ ଅସହ୍ୟ ହୋଇଉଠିଛି, ଏବଂ ଶେଷରେ ଜୀବନଠାରୁ ସେ ମୃତ୍ୟୁକୁ ବରଂ ଶ୍ରେୟ ମନେ କରିଛି ।

ଟିପ୍ପଣୀ

୨ । କାନ୍ଦଣା ଗୀତ :

ସବୁଦିନ ପାଇଁ ପିତା ଘରୁ କନ୍ୟା ବଧୂବେଶରେ ସ୍ୱାମୀ ଘରକୁ ବିଦାୟ ନିଏ । ଓଡ଼ିଆ ଲୋକାଚାରରେ ଏଇ ବିଦାୟ କାଳୀନ ଦୃଶ୍ୟ ଅତି ମର୍ମନ୍ତୁଦ । ନିଜର ଜନ୍ମମାଟି, ଜନ୍ମଦାତା ଓ ଜନ୍ମଦାତ୍ରୀ, ବନ୍ଧୁ-ପରିଜନ, ସାଙ୍ଗସାଥି, ଭାଇ-ଭାଉଜ, ସହି-ସଙ୍ଗାତ, ବଉଳ ମକର, ଗାଁର ସେଇ ପରିବେଶ, ଗାଁ ଆମ୍ବତୋଟାର ରଜଦୋଳି, ଗାଁ ପୋଖରୀର କଇଁଫୁଲ ତୋଳା ଏସବୁ ସହିତ ସେ ସବୁଦିନ ପାଇଁ ସଂପର୍କ ତୁଟାଇ ଚାଲିଯାଇଛି । ଛାତି ତାର ଫାଟି ଯାଉଛି ଗଭୀର ଦୁଃଖ ଓ ବେଦନାରେ । ଏଣୁ ଝିଅଟି ଏଇ ସମୟରେ ତା'ର ସ୍ୱାମୀଙ୍କୁ ନେଇ ସୁଖର ସ୍ୱପ୍ନ ଦେଖିପାରେନା, ତା'ର ସ୍ମୃତି ଆଉ ଅନୁଭୂତିବିଜଡ଼ିତ ଦିନଗୁଡ଼ିକ ଆଉ ଫେରିବ ନାହିଁ, ଏଇ ଦୁଃଖରେ ସେ ବାପା, ଭାଇ, ମାଆ, ଭାଉଜ, ସାଙ୍ଗସାଥୀଙ୍କୁ ଧରି କାନ୍ଦିବାକୁ ଆରମ୍ଭ କରେ । ଓଡ଼ିଆ ଲୋକ ଗୀତରେ ଏଇ ସବୁ କାନ୍ଦଣାକୁ ନୂଆ ବୋଉ, କାନ୍ଦଣା, ବରଧରା କାନ୍ଦଣା, କନକ ଆଞ୍ଜୁଳି କାନ୍ଦଣା, ଲବଣ ଚଉଁରୀ କାନ୍ଦଣା, ବେଦୀ ଫେରନ୍ତି କାନ୍ଦଣା, ବାରମାସୀ କାନ୍ଦଣା, ପହିଲିପାଳିତିଥି କାନ୍ଦଣା, ଇତ୍ୟାଦି ବିଭିନ୍ନ ବୁକୁବିଦାରକ କାନ୍ଦଣା ଗୀତ ସବୁସ୍ଥାନ ପାଇଛି । ନୂଆବୋଉକୁ ଧରି ଝିଅ କହିଛି -

ଚକୁଳି ପିଠାତ ଅଣ ଲେଉଟା, ହେ ନୂଆବୋଉ
ଆଉକି ଦେଖିବି ଜନମ କୋଠା, ହେ ନୂଆବୋଉ

ହାଣ୍ଡି ମଙ୍ଗୁଳା କାଳରେ ମାଆକୁ ଧରି ଝିଅ କାନ୍ଦିକାନ୍ଦି କହେ -

ଫଳିଲା ଗଛକୁ କାଟି ଦେଉଛୁ ଲୋ ବୋଉ
ବଞ୍ଚିଥିଲା ଜୀବମାରି ଦେଉଛୁ ଲୋ ମୋ ବୋଉ ।
ଜନମ ବେଳରେ ଅନ୍ତୁଡ଼ି ଶାଳୁ ଲୋ ମୋ ବୋଉ
ତଣ୍ଟିକାଟି ଯାହା ମାରି ନ ଦେଲୁ ଲୋ ମୋ ବୋଉ ।

ବେଦୀରୁ ଫେରି ବାପାଙ୍କୁ ଧରି ଝିଅ କାନ୍ଦି ପକାଇ କହିଥାଏ -

ଶଙ୍ଖେ ପାଣି ଟେକିଦେଇ ହେଲ ଅଚିନ୍ତା ହେ ବାପା
ତମ କନ୍ୟାକୁ ଯାହାଯୋଗୀ ହାତରେ ଦେଇଭିକ୍ଷା, ହେ ବାପା ।
ଯୋଗୀ କପଟ କେଭେ ଜାଣି ନ ପାରିଲ, ହେ ବାପା
ଲାଉତୁମ୍ବାରେ ରତ୍ନଗୁଣ୍ଡି ଯାଚି ଭରିଲ ହେ ବାପା ।

ଭାଇକୁ ଧରି ସେଇପରି ଗଭୀର ସନ୍ତୁଳନ ଭିତରେ ଝିଅ କହେ -

ଅଦେଶକୁ ଦେଶ କରି ଆସିଲ, ହେ ଭାଇ
ଅବାଟକୁ ବାଟ କରି ଫେରିଲ, ହେ ଭାଇ ।
ଅରଣ୍ୟରେ ଅଗ୍ନିକୁଣ୍ଡ ଖୋଳିଲ, ହେ ଭାଇ
ତା'ଭିତରେ ମୋତେ ଆହୂତିଦେଲ, ହେ ଭାଇ ।

ଟିପ୍ପଣୀ

ସେହିପରି ସାନଭାଇ ଭଉଣୀ, ଝିଆରି ଓ ପୁତୁରା ମାନଙ୍କୁ ନିଜର ସ୍ନେହଶୀଳତାର ପରିଚୟ ପ୍ରଦାନ କରି ଝିଅ କହେ -

ରଜତିନି ଦିନ ଶିବ ଜାଗର ଲୋ ଧନମାଳୀମାନେ
ହସିଖେଳି ଦିନ ଯାଏ ଆମ୍ଭର ଲୋ ଧନମାଳୀମାନେ ।
ଭୋଦୁଅ ମାସରେ ଖୁଦୁରକୁଣି ଲୋ ଧନମାଳୀମାନେ
ମନେ ପାଇଁ ଗାଇବେ ସେ ଦୋଳିଗୀତ, ମୋସାଙ୍ଗମାନେ ।
ତାଆସ କଉଡ଼ି ଖେଳିଲା ବେଳେ, ମୋସାଙ୍ଗମାନେ
ଆଗ ଟାଣିନେବେ କାହାକୁ ବଳେ, ମୋସାଙ୍ଗମାନେ
ମିଛେ ଆମଘରେ ଆସି ଡାକିବ, ମୋସାଙ୍ଗମାନେ
ନ ଦେଖି ମରିଛି ବୋଲି ଜାଣିବ, ମୋସାଙ୍ଗମାନେ ।
କାଉଙ୍କ ମେଳନ ଆମ୍ବ ତୋଟାରେ, ମୋସାଙ୍ଗମାନେ
ଆମରି ମେଳନ ରଜ କୋଠାରେ, ମୋସାଙ୍ଗମାନେ ।
ଠାକୁର ମେଳଣ ଦୋଳ ପୂର୍ଣ୍ଣୀରେ, ମୋସାଙ୍ଗମାନେ
ଆମରି ମେଳଣ ହୁରି ଖେଳରେ, ମୋସାଙ୍ଗମାନେ ।

କାନ୍ଦଣା ଗୁଡିକରେ ଭାଇ, ବନ୍ଧୁ, କୁଟୁମ୍ବ ଓ ଆତ୍ମୀୟ ଇତ୍ୟାଦିଙ୍କ ପ୍ରତିକନ୍ୟାର ସମଧିକ ସ୍ନେହ ମମତା, ସୌହାର୍ଦ୍ଦ୍ୟ ସହିତ ସ୍ମୃତି ବିଜଡ଼ିତ ଶୈଶବର ସ୍ମୃତି ମନ୍ଥନ ଇତ୍ୟାଦିର ଚିତ୍ର ଖୁବ୍ ସଫଳତାର ସହିତ ପ୍ରକାଶ ପାଇଥାଏ । ଏଗୁଡିକର ଅନ୍ତଃସ୍ୱର କାରୁଣ୍ୟ ଭରା, ପାଷାଣ ଭିତରେ ଏହା ଜୀବନ ସଂଚାର କରିଥାଏ । କାଠିଣ୍ୟ ପରିବେର୍ତ୍ତ ପାଷାଣରେ ଭରି ଦେଇଯାଏ ଅସଂଭବ ସମବେଦନା, ଆର୍ଦ୍ର ହୁଏ ବଜ୍ରକଠିନହିଆ ।

**୩। ମଙ୍ଗଳ ଗୀତ :**

ଆମର ଲୋକାଚାରରେ ରହିଛି କେତେକ ମଙ୍ଗଳ ବିଧାନ । ବିବାହ, ବ୍ରତ, ଷଠି ଘର ନାଭିଛେଦନ ଇତ୍ୟାଦି କର୍ମରେ ଅନ୍ତତଃ ପୁରାଙ୍ଗନାଙ୍କ କଣ୍ଠରୁ କେତେକ ଗାନ ଶୁଣାଯାଏ । ଏସବୁକୁ ଲୋକ ଗୀତରେ ମଙ୍ଗଳଗୀତ ଭାବରେ ଅଭିହତ କରାଯାଇଥାଏ । ଆଲୋଚକ ଚକ୍ରଧର ମହାପାତ୍ରଙ୍କ ଭାଷାରେ ଜାତକ ଦେଖା, ଅନୁକୂଳ, ବେଦିତିଆରି, ମଣ୍ଡପ ଧଉଳା, ବଡ଼ିପକା, ହଳଦିକୁଟ୍ୟା, ବାଟଘସ, ମୁଗଜାଇ ରଗଡ଼ା, ହାଣ୍ଡିମଙ୍ଗଳନ ତେଲୁଣୀବସା, ସିଂଗାର, ଚୁଟିଲାଗି, ବାଟବରଣ, ଶ୍ରୀବିଜେ, ବରବନ୍ଦାପନା' ବରୁଣପୂଜା, ସୂତାଧରା, କୌତୁକ ସୂତ୍ରବନ୍ଧନ, ଲବଣ ଚଉଁରୀ, ଗନ୍ଧଷଣ, ହାତଗଣ୍ଠି ହୋମ, ଜଗନ୍ନାଥ ବନ୍ଦନା, ଶ୍ଳୋକପାଠ, ଗୀତ ଗୋବିନ୍ଦପାଠ, ବୁଢ଼ାକଳସ, ବୁଢ଼ୀକଳସ, ଜୁଆଖେଳ, ପଞ୍ଚୁଗ୍ରାସୀ, ଚାରିଆଙ୍ଗୁଳି, ଗହଣିଆ, କନ୍ୟାଦେଖା, ବର ଓ କନ୍ୟାକୁ ଆଣିବା ଉଛୁଣାଧରା, ବରବିଜେ, କନ୍ୟାକୁ ଆଣିବା, ଈସାଣକୁ ଯିବା, ଅମୃତଗୃହ ପ୍ରବେଶ, ଇନ୍ଦ୍ରବନ୍ଦାପନା, ସଂବନ୍ଧରେ ମଙ୍ଗଳଗୀତମାନ ରହିଅଛି । ଏଇସବୁ ଶୁଭାନୁଷ୍ଠାନରେ କିପରି ଭାବରେ ବିଧି-ବିଧାନ କରାଯିବ, କି, କି, ପଦାର୍ଥ ପ୍ରୟୋଜନ ହେବ, ତାହାର ବିଶେଷ ବିବରଣ ଉକ୍ତ ସଂଗୀତ ମାନଙ୍କରେ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଅଛି ।" ଏଠାରେ ବିଭିନ୍ନ ମଙ୍ଗଳ ବୋଲିର କେତେକ ଦୃଷ୍ଟାନ୍ତ

ଟିପ୍ପଣୀ

ନିଆଯାଇପାରେ । ବ୍ରାହ୍ମଣ ପରିବାରରେ ବ୍ରତବିଧାନ ରହିଛି । ବ୍ରତପିଲାଙ୍କୁ ତା'ର ବନ୍ଧୁ ପରିଜନ ଲୋକେ କିଛି କିଛି ଉପହାର ଦିଅନ୍ତି । ଏପ୍ରସଙ୍ଗରେ ମଙ୍ଗଳଗାନ ହେଉଛି -

ବେଦୀ ଉପରେଭିକ୍ଷା ଥାଳ କିଏସେ ଟେକଇରେ
ବଳା ତୋ ଜ୍ୟେଷ୍ଠ ମଉଳା
ସୁବର୍ଣ୍ଣ ମୁକୁଟ ମାଳ କିଏ ସେ ବନ୍ଦାଏରେ ବଳା
ତୋ କନିଷ୍ଠ ମଉଳା ।
ଛତା, ପାଣ୍ଡୋଇଫେଟା କିଏ ସେ ବନ୍ଦାଏରେ
ବଳା ତୋ ଜ୍ୟେଷ୍ଠ ମାଉସୀ
ସୁବର୍ଣ୍ଣ କଂକଣ ନୋଳି କିଏସେ ବନ୍ଦାଏରେ
ବଳାତୋ ଜ୍ୟେଷ୍ଠ ପିଉସୀ ।

ପୁଅର ବିବାହ ବେଳେ ନାରୀମାନଙ୍କର ମଙ୍ଗଳଗାନ ହେଉଛି–

ନ ଖାଇବୁ ବାବୁତୁରେ କଳଙ୍କା ଗୁଆ
ଶାଳୀମାନେ ଚିଡାଇବେ ମାଇପ ଚାଟୁଆ ।
ନ ଖାଇବୁ ବାବୁରେ ତୁ ପାଞ୍ଚଦିନ ମଣ୍ଡା
ଗୁହାଳ କୋଣରେ ତୋତେ କରିଦେବେ ମେଣ୍ଢା ।

ପିଲାଜନ୍ମ ସମୟରେ ନାଭି ଛେଦନ, ଷଠୀଘର, ପିଲାରସ୍ନାନ ଇତ୍ୟାଦିର କେତେକ ମଙ୍ଗଳଗାନ ରହିଛି । ପିଲାକୁ କୃଷ୍ଣ ବା ରାମବୋଲି ମନେକରି ରାଜା ନନ୍ଦ ବା ଦଶରଥ ଯେପରି ଆନନ୍ଦ ପାଉଥିଲେ ସେଇ ଆନନ୍ଦର ଆଭାସ ଏଥିରେ ପ୍ରକାଶ ପାଇଥାଏ । ରାଜକୀୟ ପରିବେଶରେ ସନ୍ତାନକୁ ଅସ୍ତ୍ରଶିକ୍ଷା ପ୍ରଦାନ କରାଯାଏ । ଏହାର ମଙ୍ଗଳଗୀତି ମଧ ଲୋକଗୀତରେ ସ୍ଥାନିତ । ଯଥା -

ଶ୍ରୀ ଜଗନ୍ନାଥ ନାମ ଧରିଣ ଅନୁକୂଳ
ହେବେଟି ଶତ୍ରୁକ୍ଷୟ ରଖିବେ ଆଦିମୂଳ ।
ଶ୍ରୀ ମଧୁସୂଦନ ନାମ କରିବ ପ୍ରଶ୍ନପତ୍ର
ଶତ୍ରୁକୁ କ୍ଷୟକରି ନାସିବ ତା'ର ଗୋତ୍ର ।
ମନକୁ ଧନୁକରି ଆଗରେ ଥୋଇଦେବ
ଗୋବିନ୍ଦ ନାମଧରି ସଲଖେ ବିନ୍ଧିଦେବ ।

କୌଣସି ସ୍ଥାନକୁ ଯିବାବେଳେ ଶୁଭଲଗ୍ନ ସ୍ଥିର କରାଯାଏ । ଏଇ ସମୟର ଅନୁକୂଳ ମଙ୍ଗଳଗାନ ରହିଛି । ଯଥା-

ଜୟ ଜୟ ଜଗନ୍ନାଥ ସର୍ବ ଯେ ମଙ୍ଗଳ
ଲକ୍ଷ୍ମୀ ନରସିଂହ ଧାୟି ହୁଅ ସେ ବାହାର ।

ଟିପ୍ପଣୀ

ଦୁର୍ଗାମାଧବଙ୍କ ନାମ ଯାତ୍ରା ଯୋଗେସାର
ଦଧିବାମନ ସୁମରି ହୁଅସେ ବାହାର ।
ମଙ୍ଗଳ ମଧୁସୂଦନ ବିଘ୍ନବିନାଶନ
ମଙ୍ଗଳ ପୁଣ୍ଡରୀକାକ୍ଷ ଗରୁଡ଼ ଆସନ।

ବିବାହାଦି ଶୁଭ କର୍ମରେ ଲଗ୍ନବିଧି ବିଭିନ୍ନ ମଙ୍ଗଳବିଧାନ କରାଯାଏ । ପୁରନାରୀମାନେ ଶଙ୍ଖ ହୁଳହୁଳି ଭିତରେ ବିଭିନ୍ନ ଶୁଭକର୍ମ କରନ୍ତି ଏବଂ ଏଇ ସମୟରେ ସେମାନେ ବିଭିନ୍ନ ମଙ୍ଗଳ ବିଧାନ କରନ୍ତି ।

ଶୁଭ ଯୋଗେ ଅନୁକୂଳ କରନ୍ତି କାମିନୀ
ହୁଳହୁଳି ଦେଇ ଗୀତ ଗାଇଲେ ଗାୟଣି ।
ପୂର୍ଣ୍ଣକୁମ୍ଭ ଥାଳି ଦୀପାବଳୀ ବସାଇଲେ
ମୁକୁତା ଚୂନରେ ବାଳୀ କାନ୍ଥ ଧଉଳିଲେ
ସିନ୍ଦୁର କଜ୍ଜଳରେ ଚନ୍ଦନ ଚିତା ଦେଇ
ଅକ୍ଷତ ତଣ୍ଡୁଳ ନେଇ ଶ୍ରୀମୁଖ ବନ୍ଦାଇ ।

ଏଇପରି ଭାବରେ ଅଜସ୍ର ବନ୍ଦାପନା, ହୁଳହୁଳି ଗୀତରେ ବହୁ ସ୍ଥାନ ଦଖଲ କରି ବସିଛି । ଏସବୁ ଗୀତରେ ବରକୁ ରାମଚନ୍ଦ୍ର, କନ୍ୟାକୁ ଜାନକୀ, ବରପିତାଙ୍କୁ ଦଶରଥ ଓ କନ୍ୟାପିତାଙ୍କୁ ଜନକ ଭାବରେ ବର୍ଣ୍ଣନା କରାଯାଇଥାଏ । ରାଜକୀୟ ବିଳାସମୟତାର ଛାଞ୍ଚରେ କେବଳ ସଂଗୀତ ଗାନ କରାଯାଇ ବିଭିନ୍ନ ମଙ୍ଗଳ ଉତ୍ସବରେ ମଙ୍ଗଳଗାନମାନ ଗୀତ ହୁଏ । ଏଥିରେ ଭାବର ଗାମ୍ଭୀର୍ଯ୍ୟ ଅପେକ୍ଷା ବିଭିନ୍ନ ବିଧି-ପାଳନର ବର୍ଣ୍ଣନା ଅଧିକ ଭାବରେ ସ୍ଥାନ ପାଇଅଛି ।

**୪। କୁମାରୀ ମାନଙ୍କ କ୍ରୀଡ଼ା-କୌତୁକ ସଂଗୀତ :**

କିଶୋରୀ କଣ୍ଠର କାନ୍ଦଣାଗୀତ ପରି କୁମାରୀ ମାନଙ୍କ କ୍ରୀଡ଼ା-କୌତୁକ, ହାସ, ପରିହାସକୁ କେନ୍ଦ୍ରକରି ଅନେକ ସଂଗୀତ ରଚିତ ହୋଇଅଛି । କିଶୋରୀ ମାନେ ଏକାଠି ସାଙ୍ଗ ସରିସା ହୋଇ ରଜ, ଦୋଳ, କୁମାରପୂର୍ଣ୍ଣିମା, ଖୁଦୁରୁକୁଣି ଓଷା ଇତ୍ୟାଦି ଉତ୍ସବ ପାଳନ କଲାବେଳେ, ନାନା ହାସ-କୌତୁକରେ ଆମୋଦିତା ହୁଅନ୍ତି । ଗାଁର ଗାଧୁଆ ତୁଠ, ଗାଁ ତୋଟାରେ ରଜଦୋଳି, ଗାଁ ପୋଖରୀରୁ କଇଁଫୁଲ ତୋଳା ଇତ୍ୟାଦି ବେଳେ ଆନନ୍ଦରେ ଫାଟିପଡୁଥିବା ଏମାନଙ୍କ ହୃଦୟର ଉଚ୍ଛଳତା ଲକ୍ଷ୍ୟ କରାଯାଏ ଏଇ ଗୀତ ଗୁଡିକରେ । ଏଇ ଧରଣର ସଂଗୀତରେ ସ୍ଥାନପାଇଛି ଦୋଳି ଖେଳର ଆନନ୍ଦ ଅନୁଭବ, ନିଜର ଭବିଷ୍ୟତ ଜୀବନର ସୁଖ ପ୍ରତି ଅକପଟ ମମତାର ପରିପ୍ରକାଶ, ଓଷା ମନାସ ସଂଗୀତ, ଖୁଦୁରକୁଣୀ ଗୀତାରେ ବାଦ, ପ୍ରତିବାଦ ନାଁ ଦିଆ ଏବଂ ପୁଚିଖେଳର ସରସତା ଇତ୍ୟାଦି କୁମାରୀର ଆବେଗ ପ୍ରବଣ ହୃଦୟର ସୂକ୍ଷ୍ମ ଆବେଦନ ।

**(କ) ଦୋଳିଗୀତ :**

ଦୋଳିଗୀତ ଗୁଡିକର ଆରମ୍ଭ ଓ ସମାପ୍ତିରେ କୌଣସି ନିର୍ଦ୍ଦିଷ୍ଟତା ନାହିଁ । ଯେ କୌଣସି ପଦକୁ ଯୋଡ଼ି ଏହା ସୃଷ୍ଟି ହୋଇଥାଏ । ଭାଇ ଭାଉଜଙ୍କ ଶ୍ରଦ୍ଧାକୁ ପ୍ରକାଶ କରି କିଶୋରୀ ଗାଏ -

ଡୋଳିଲି କଳା ଗଇଶ
ଆସ ଭାଇନନା ଭାଉଜ ଡାକୁଛି
ଖେଳିବ ଆଠ ପଚିଶ ।

ଟିପ୍ପଣୀ

ମଦରଙ୍ଗୀ ଶାଗରାଇ
ନୂଆବୋଉ ଠେଇଁ ଏଡ଼େ ପୀରତି
ଦୋଳି ମଣ୍ଡାଇଲେ ଭାଇ ।
ହ କଳା ହନୁମନ୍ତ
ଭାଉଜକୁ ଧରି ଭାଇନନା ଯିବେ
ଦେଖି ପୁରସ୍ତମ ଯାତ ।

ଭାଉଜ ପାଇଁ ଭାଇ ଦୋଳି ସଜାଏ, ଭାଉଜ ଦୋଳିରେ ବସେ, କିନ୍ତୁ ଏସବୁ ଦେଖି ଦିଅର ଛିଙ୍କିଦିଏ, ଦିଅରର ହସରେ ବାଉଜ ଦୋଳିରୁ ଖସିପଡେ ।

ଦୋଳି ଖେଳୁଥିଲି ଝାଙ୍କି
ଗଭାରୁ ଛିଡ଼ିଲା ସୁନା କେତକୀ
ଦିଅର ମୋ ଦେଲେ ଛିଙ୍କି ।
ଦୋଳି ଖେଳୁଥିଲି ବସି
ମଝିଆଁ ଦିଅର ଦେଲେତ ହସି
ଦୋଳିରୁ ପଡିଲି ଖସି ।"

ବୋହୂ ନହେବା ଆଗରୁ ଗ୍ରାମ୍ୟ କୁମାରୀ ଆଖିରେ ଭାସିଉଠେ ନିଜ ଭାଉଜ ମାନଙ୍କର କଷଣ । ନିଜ ଜୀବନରେ ଏମିତି କଷଣ ସଂଭବ ହୋଇପାରେ, ଏଇକଥା ଚିନ୍ତା କରି କୁମାରୀ ଦୋଳିରେ ବସି ଗାଏ -

ଘରର ଉପରେ ଘର
ଘରେ ଥିଲାଯାକ ଘରର ଝିଅଲୋ
ବୋଉ, ଏଗୁଣ୍ଡି ତେଇଁଲେ ପର ।
ଢ଼ିଙ୍କିରେ କୁଟିଲି ବାଳ
ତୋଡ଼ାଣି କଂସାକେ ଲୁହ କଂସାଏଲୋ
ବୋଉ, ଅଢ଼େଇ ପହର ବେଳ ।
ଢ଼ିଙ୍କିରେ କୁଟିଲି ଲାଉ
ମୋ କରମକୁ ବୁଢ଼ା ଘଇତା ଲୋ
ବୋଉ, ପକେଇ ଦେବିକି ଆଉ ।

ଦୋଳି ଗୀତରେ ପୁଣି ହାସ ପରିହାସ ଓ ଚୋରା ପ୍ରୀତିର ଆକ୍ଷେପ ପ୍ରଭୃତି କୁମାରୀ କଣ୍ଠରୁ ଶୁଣାଯାଏ । କୃଷ୍ଣବର୍ଣ୍ଣା ନାରୀ ଆଭୂଷଣକୁ ବ୍ୟଙ୍ଗକରି କୁମାରୀ ଗାଏ -

ଗଛ କୋରଧରେ ଶାଗୁଣା ବସା
କାଳି କୋତରୀକୁ ତେଲିଙ୍ଗି ଖୋସା
ସାହି ସାହି ଲୋକହସା ।

ଦେଶପ୍ରୀତି ପ୍ରତି ଇଙ୍ଗିତ ପୂର୍ବ ବାଣୀ ପ୍ରକାଶ କରି ଦୋଳଗୀତରେ ଅଛି – ଟିପ୍ପଣୀ

ଦୋଳିଟାଳେ ସାଇଁ ସାଇଁ
ମଲ୍ଲୀଫୁଲ ଶେଯୁଁ ନେବି ଉଠାଇଲେ
ଚମ୍ପାଫୁଲ ମହୁରାଇ ।
କିଆର ଗାଳୁଛି ମାଟି
ଦିଅର ଚକଡ ଭାଉଜ ଶୋଷୁଛି
ପକାଇ ବେରୁହିଁ କାଠି
x x x
ବାଡ଼ିରେ ଦଣ୍ଡା ମାରିଚ
ପୀରତି ଆଶାରେ ରାତି ପାହିଗଲା
ନଇଲେ ବିଦେଶୀ ପାଶ ।

ଯୁଗ୍ମସଂଗୀତ ଦୋଳିଗୀତର ଅନ୍ୟତମ ବିଶେଷତ୍ୱ । ଏଥିରେ ନାଗର, ନାଗରୀଙ୍କର ରସିକତାପୂର୍ଣ୍ଣ ପ୍ରେମୋକ୍ତି-ମାନ ପ୍ରକାଶପାଇଥାଏ । ଯଥା –

ଅଦିନେ ଗୋଲାପ ଫୁଲ
କ୍ଷଣେ ନ ଦେଖିଲେ ପଚାରୁଥିଲ
କେମନ୍ତେ ପାଶୋରି ଦେଲ, ନାଗର ହେ ।
ପାସୋରି ନାହିଁଗୋ ତୋତେ
ମୁଖରେ ଯେତେ ମୋ ହୃଦରେ ସେତେ,
ମରିଯିବା ପରିଯନ୍ତେ, ସଜନୀଲୋ ।
x x x
କାଟିଲି କଳା କେନ୍ଦୁକୁ
ଏବେ ପାଇଗଲ ନୂଆ ସାଙ୍ଗକୁ
ପାଶୋରି ଦେଲ ଆମ୍ଭଙ୍କୁ ନାଗରହେ ।
କାଳୀଗାଇ ତଳି ପେଟ
ଛମାସ ଜଗିଲି ଗାଧୁଆ ଘାଟ
କେବେ ନ ପାଇଲି ଭେଟ, ସଜନି ଗୋ ।
ଯାଉଥିବା ଆସୁଥିବ
ଯେଉଁଦିନ ଧନ ଧରାପଡ଼ିବ
ମାମୁଘରେ ବୁଜିଯିବ, ନାଗର ହେ ।
କଂସା ତାଟିଆରେ ମହୁ
ଲାଜ ଭୟ ଛାଡ଼ି କିକଥା କହୁ
ତୋଲାଗି ଜୀବନ ଯାଉ, ସଜନୀ ଗୋ ।

ଟିପ୍ପଣୀ

**(ଖ) ଓଷା ମନସା :**

ଗ୍ରାମ୍ୟ କୁମାରୀମାନେ ବିଭିନ୍ନ ଓଷାବ୍ରତ ପାଳନ କରନ୍ତି । ନୂଆ ହୋଇ ପ୍ରସ୍ତୁତ ହୋଇଥିବା ଡାଲାରେ ବିଭିନ୍ନ ଫୁଲ, ଫଳ ସଜାଇ ଏମାନେ ବିଭିନ୍ନ ମାନସିକ କରନ୍ତି । ଏଇ ମାନସିକ ଗୁଡ଼ିକରେ ଥାଏ, ଭବିଷ୍ୟତର ସୁନେଲି ସ୍ୱପ୍ନ, ଏ ସ୍ୱପ୍ନ ସବୁ ସତ୍ୟରେ ପରିଣତ ହେଉ, ଏହା ସେମାନେ ଆଶାକରି ବିଭିନ୍ନ ମନସାଗୀତ ଗାଇଥାନ୍ତି ଯଥା -

ଘିନେ ଗଉରା ଗଇଣି, ମୁଣ୍ଡି
ମୋତେ କରିଥିବ ସିନ୍ଦୁର ମୁଣ୍ଡି
ଘିନେ ଗଉରା ଗଇଣମୁଣ୍ଡି
ମୋତେ କରିଥିବା ଆଇଁଷ ତୁଣ୍ଡି ।
ଅଥବା
ଘିନେ ଶାହାଡ଼ା ଶାହାଡ଼ାବତୀ
ଶାହାଡ଼ା ଘିନିଲେ ବିଷ୍ଣୁଭକତି ।
ଶାହାଡ଼ା ଘିନିଲେ କିଫଳ ପାଇ
କୋଳକୁ ନନ୍ଦନ, ହାତକୁ ବାହି ।

**(ଗ) ଖୁଦୁରୁକୁଣି-ବାଦ-ପ୍ରତିବାଦ :**

ଓଷା ମନସାରେ ରହିଥାଏ ଜହ୍ନିଓଷା ଓ ଖୁଦୁରୁକୁଣି ଓଷା ପାଳନର କେତେକ ବିଧି । ପୁଣି ଖୁଦୁରୁକୁଣି ଓଷାରେ କୁମାରୀମନେ ବିଭିନନ ବାଦ-ପ୍ରତିବାଦ ମୂଳକ ସଂଗୀତ ଗାନ କରି ଥାଆନ୍ତି । ଏମିତିକି ପରସ୍ପରକୁ କୁମାରୀମାନେ ପରିହାସ କରିବାକୁ ଯାଇ ଅତିକଟୁ ମନ୍ତବ୍ୟମାନ ପ୍ରକାଶ କରନ୍ତି । କୁମାରୀମାନେ ଦଳବଦ୍ଧ ହୋଇ ଅନ୍ୟ ଦଳର ଖୁଦୁରୁକୁଣି ପ୍ରତି ଆକ୍ଷେପ କରନ୍ତି ଯଥା -

ପ୍ରଥମ ଦଳ - ଆମ ଭାଲକୁଣି ଖାଏ ଖିରି
ତୁମ ଭାଲୁକୁଣି ବାଟ ହଗୁରୀ ।
ଦ୍ୱିତୀୟ ଦଳ-ଆମ ଭାଲକୁଣି ଖାଏ ମୁହାଁ
ତୁମ ଭାଲୁକୁଣି ମୁହଁରେ ନିଆଁ
ପ୍ରଥମ ଦଳ - ଆମ ଭାଲକୁଣି ହାତରେ ଖଡୁ
ତୁମ ଭାଲକୁଣି ବଉଁଶ ବୁଡୁ ।
ଦ୍ୱିତୀୟ ଦଳ - ଆମ ଭାଲୁକୁଣି ମୁଣ୍ଡରେ ବେଣୀ
ତୁମ ଭାଲକୁଣି ମୁଣ୍ଡେ ଉକୁଣି ।

**(ଘ) ପୁଚିଖେଳ ଗୀତ :**

କେତେକ ନିର୍ଦ୍ଦିଷ୍ଟ ଓ ଓଷାବ୍ରତରେ କୁମାରୀମାନେ ପୁଚି ଖେଳନ୍ତି । ରଜ ଦଶହରା ଓ କୁମାର ପୂର୍ଣ୍ଣିମା ଇତ୍ୟାଦିରେ ପୁଚିଖେଳ ହୁଏ । ରଜଦୋଳି ଖେଳିବା ସମୟରେ ଯେପରି କୁମାରୀମନେ କେତେକ ପ୍ରକାର ଗୀତ ଗାଆନ୍ତି ସେହିପରି,

ଟିପ୍ପଣୀ

ପୁଚିଖେଳ ବେଳେ ମଧ୍ୟ ବିଭିନ୍ନ ସଂଗୀତ ଗାନକରନ୍ତି । ଦୋଳିଗୀତ ମଧ୍ୟରୁ କେତେକ ଭାବପୂର୍ଣ୍ଣ ଅଥଚ ପୁଚିଗୀତରେ କେତେକ ପଦରେ ଭାବ ସଂଚରୁଥିଲେ ମଧ୍ୟ, ଭାବ ସଂହତି ରକ୍ଷା କରିବାରେ ଏସବୁ ଅକ୍ଷମ ହୋଇ ଥାଆନ୍ତି । ଏମିତି ଦୃଷ୍ଟାନ୍ତ ହେଉଚି -

"ଠିଆପୁଚି ନାରଙ୍ଗ
ଗୋଡ଼ ଦୁଇଟି ସାରଙ୍ଗ
ସାରଙ୍ଗ ବଣକୁ ଯାଇଥିଲି
ସାରଙ୍କ ଶୁଖୁଆ ଆଣିଥିଲି
ଅଧେକରି ରାଇ, ଅଧେକଲି ଭଜା
ମୋ ଭାଉଜ ରାଣୀ, ମୋ ଭାଇଟି ରଜା ।

ପୁଚି ଖେଳିବା ସମୟରେ ଯେ ଖେଳ ଆରମ୍ଭ କରେ, ସେ ଗୀତ ଗାଏ ତେଣୁ ହସ୍ତ ପଦର ସଂଚାଳନ ସମୟରେ କିଛି ଶ୍ରମକୁ ଲଘୁକରିବା ପାଇଁ କୁମାରୀ କଂଠରେ ଯାହା ଆସେ, ତାହା ପୁଚିଗୀତ ଭାବରେ ଦେଖାଦିଏ । କୁମାରୀ ହରଷ ଚିତ୍ତରେ ପୁଚି ଖେଳି ଗାଏ -

ପୁଚିଲେ ଯା ଘୁଞ୍ଚିଲୋ
ମଦରଙ୍ଗା ଶାଗ ରାଇତା
ମୋରକଳା ମୁଚୁମୁଚୁ ଘଇତା ।
ପୁଚିଲୋ ଯା ଘୁଞ୍ଚିଲୋ
ବାରିଆଡ଼େ ଗଲା ଗୋଧି
ପୁଚିନଜାଣୁତୁ ମାଇପି ଟୋକା
କିଏ ଶିଖେଇବ ବୁଦ୍ଧି ।
ଏଗୋଡ଼ ଖସିଲା, ସେ ଗୋଡ଼ ଖସିଲା
ଟୋକା ଦିଅର ମୋ ଗମ୍ଭୀର ଘରେ
ମୁଚୁ ମୁଚୁ ହସିଲା
ବଡ଼ ଭାଉଜ ରୁଷିଲେ
ବାରିପିଣ୍ଡାରେ ବସିଲେ
ହଟେଇଲିରେ ହଟେଇଲି
ଚୁଡ଼ା ଚାରିମାଣ ବତୁରାଇ ଖାଇ
ଅଇଁଠା ପତର ଚଟେଇଲି ।

ଖେଳରେ ଚାଲେ ପ୍ରତିଯୋଗିତା, ଯେ ଜିତିଯାଏ, ସେ ଖେଳୁଖେଳୁ ଚିତ୍କାର କରୁଥାଏ । ହଟେଇଲିରେ ହଟେଇଲି' । କୁମାରୀ ଜୀବନର ଏକ ଆନନ୍ଦଘନ ଅବସ୍ଥା ହେଉଛି ପୁଚିଖେଳ ।

ଟିପ୍ପଣୀ

(ଡ) ନାଁଦିଆ :

ଗ୍ରାମ୍ୟ ଜୀବନରେ ଅନ୍ଧାର ଆସିଯାଏ ବୃନ୍ଦାବତୀ ନିକଟରେ ସଂଜବତୀ ଦେଇ କୁମାରୀଏ ଘରକୁ ଫେରନ୍ତି । ସଂଧ୍ୟା ଆସରର ଗପ ଜମେ, ତାସହିତ ଆରମ୍ଭ ହୁଏ ବୌଦ୍ଧିକ କସରତ, ଏଇ କସରତର ସରସତା ଆଣିଥାଏ ନାଁଦିଆ । ଏସବୁ କ୍ଷୀଣ ଢ଼ଗ ମାଧ୍ୟମରେ ପ୍ରକାଶ ପାଇଥାଏ । ଆରମ୍ଭ ହୁଏ ପ୍ରଶ୍ନ -

ଶଶୁରକୋଇଁ, ଶଳା ଭିଣୋଇ
କଂସା ତିନିଖଣ୍ଡ ଖାଇବେ ନାହିଁ ।

ଝିଅମାନେ ଚିନ୍ତାକରନ୍ତି, ଶଶୁର, କ୍ୱାଇଁ, ଶଳା ଓ ଭିଣୋଇ ଏମିତି ଚାରିଜଣ କେମିତି ତିନିଟି କଂସାରେ ଖାଇବେ ? ବଡ଼ ଅଡୁଆରେ ପଡନ୍ତି କେତେକ । କିନ୍ତୁ ପାରିବାରିକ ଜୀବ ସମ୍ବନ୍ଧରେ ଜ୍ଞାନଥିବା କିଶୋରୀ କହିଦିଏ ଯେ କ୍ୱାଇଁ, ସେ ଭିଣୋଇ, ତେଣୁ ତିନି ଗୋଟି କଂସାରେ ଏମାନେ ଖାଇ ପାରିବେ । ସମସ୍ତେ ଆନନ୍ଦରେ ଉଛୁଳି ଉଠନ୍ତି ପ୍ରବୀଣା ଗ୍ରାମ୍ୟନାରୀ ଉତ୍‌ଥାପନ କରେ ପ୍ରଶ୍ନ -

ଛଅପାଦ ବୋଲି ନୁହ ଭଅଁର
ବଡ଼ ନୋହିକରି ବସେ ମଥାର
ବାଘ ନୋହେ ପୁଣି ରକତ ପିଏ
ପକ୍ଷୀ ନୁହଁଇ ସେ ଡ଼ିମ୍ବଟି ଦିଏ ?

ଉତ୍ତର ଆସେ ଉକୁଣି । ସମସ୍ତେ ଖୁସି ହୁଅନ୍ତି । ଏମିତି ଅନେକ ନାଁ ଦିଆ ଢ଼ଗ ରହିଛି । ପଦେପଦେ ଗୀତାରେ ଗୋଟିଏ ପ୍ରଶ୍ନ ଆସେ । ଯଥା -

୧ । ପ୍ରଶ୍ନ-ଅମଂଜା ମଂଜା
ମଞ୍ଜି କାହିଁ ତାର ଭୁଇଁରୁ ଗଜା ? (ଛତୁ)

୨ । ପ୍ରଶ୍ନ - ଟିକି ବାଛୁରୀ ବେକରେ ପଘା
ଟିକିଦାନ୍ତରେ କାମୁଡ଼େ ଲୁଗା । (ଛୁଞ୍ଚି)

୩ । ପ୍ରଶ୍ନ - ଗଛ ଲହକା, ପତର ବଙ୍କା
ତାଫଳ ଫଳି ଷାଠିଏ ଟଙ୍କା । (ଧାନ)

୪ । ପ୍ରଶ୍ନ - ବରଷକେ ଥରେ ଥାଏ
ମୁହଁମାଡ଼ି ପଡ଼ିଥାଏ ଏକା । (ଚାଳ)

୫ । ପ୍ରଶ୍ନ - ଦେଇମଲା ନଦେଇ ମଲା
ଦେଖିମଲା, ନଦେଖିମଲା ?
(ବଳୀ, ରାବଣ, କଂସ, ଦଶରଥ)

୬ । ପ୍ରଶ୍ନ - ମାମୁଁ ଘରେ ଗୋଟେ ଗାଈ
ରାତି ପହିଲେ ମୋଟେ ନାହିଁ । (ତରା)

୭ । ପ୍ରଶ୍ନ - ସଳଖ ସୁନ୍ଦର ଭେଣ୍ଡିଆଟିଏ
ହାତଗୋଡ଼ ନାହିଁ ଖଣ୍ଡିଆଟିଏ । (ହେଂସ ବା ମନ୍ଦୁରା)

ଟିପ୍ପଣୀ

ଗ୍ରାମ୍ୟ କିଶୋରୀ କଂଣ୍ଠର ଏଇ ସବୁଗୀତ ଲୋକଗୀତର ପରମ ସଂପଦ । ସମୟର ପ୍ରବାହରେ ଏବେ ଏସବୁ ବିଲୁପ୍ତ ହେବାକୁ ବସିଲାଣି । ଅନାଘ୍ରାତ କିଶଳୟ ପରି, ଘାସ ଉପରେ ପଡିଥିବା ଶିଶିରବିନ୍ଦୁ ପରି ଏଇ ଗୀତ ସତେଜ, କୋମଳ ଏବଂ ମନୋମୁଗ୍ଧକର ।

**୫ । ଶିଶୁଗୀତିକା :**

ଓଡ଼ିଆ ଗ୍ରାମ୍ୟଗୀତରେ ଅନେକ ଶିଶୁଗୀତିକା ସ୍ଥାନପାଇଛି । ଶିଶୁମାନଙ୍କୁ ଖୋଇବା, ଶୁଆଇବା, ଗାଧୋଇବା ଏବଂ ଅଝଟିଆ ଶିଶୁକୁ ବୁଝାଇବା ଉଦ୍ଦେଶ୍ୟରେ ଏସବୁ ଗୀତ ଉଦ୍ଦିଷ୍ଟ । ନାରୀ କଂଠରୁ ଏସବୁ ଗୀତଶୁଣି ଶିଶୁ, ବୋଧହୋଇଯାଏ, ହାତୀ, ଜହ୍ନମାମୁ, ବେଙ୍ଗୁଲିନାନୀ ବିଲୁଆନନା, କକ୍ମିନା, ବାଇଚଢ଼େଇ, ହନୁଅଜା, କଥାଶୁଣି ଶୁଣି ସେ ଆମୋଦିତ ହୋଇଯାଏ । ଲୋକଗୀତର ଏଇ ଶିଶୁଗୀତ ଗୁଡିକରେ ମାତୃହୃଦୟର ଅନାବିଳ ବାତ୍ସଲ୍ୟ ପ୍ରକାଶିତ ।

ଶିଶୁ ଗୀତିକାର ଶିଶୁର କ୍ରୀଡ଼ା-କୌତୁକ, ହାସ, ପରିହାସ, ଇତ୍ୟାଦି ସହିତ ଗୁରୁବନ୍ଦନା, ପ୍ରାତଃବନ୍ଦନା, ଇତ୍ୟାଦି କେତେକ ଭକ୍ତିଭାବନା ପ୍ରକାଶ ପାଇଥାଏ । ଖେଳ ସମୟରେ ଶିଶୁ ଅନେକ ଗୀତଗାଇ ଖେଳେ, ପୁଣି ବିଦ୍ୟାଭ୍ୟାସ କାଳରେ କେତେକ ଗୀତ ମଧ ଗାଇଥାଏ । ଏଇ ଗୀତ ଗୁଡିକ ଶିଶୁର ମାନସିକ ବିକାଶରେ ସହାୟତା କରିଥାଏ । କେତେ ଗୀତ ପୁଣି ସାଧାରଣତଃ ଅର୍ଥହୀନ ଭାବରେ ଆବୃତ୍ତ ହୋଇଥାଏ । କିନ୍ତୁ ବାରୋଟି କଥା କହୁଥିବା ଶିଶୁ କଂଠରେ ଶବ୍ଦ ପ୍ରବେଶ କରାଇ ଧ୍ୱନି ସୃଷ୍ଟି କରିବା ଦିଗରେ ଏସବୁର ଯଥେଷ୍ଟ ଭୂମିକା ଅଛି । ଶିଶୁକୁ ମାଆ ଝୁଲେଇ ଦେଇ ଶୁଆଇ ପକାନ୍ତି । ଏଇ ସମୟରେ ଗାଆନ୍ତି –

ଝୁଲୁ ହାତୀରେ ଝୁଲହାତୀ
ରାଜା ବିଜେକଲେ ଖଇରୀ କାତି ।
ହାତୀ ଝୁଲୁରେ, ବାଆପାଣି ଖାଇ ଫୁଲୁରେ ।

ପିଲାଙ୍କୁ ତାଳି ମାରିବା ଶିଖାଇବା ବେଳେ ମାଆ ଗାଆନ୍ତି –

ତାଳି ତାଳି ବନମାଳୀ
ତାଳିସର ତାଳିସର
ଟୋକେଇ କୁଣ୍ଢେଇ ସଜକର ।

ପିଲାଙ୍କୁ ଶୋଇବା ସମୟରେ ମାଆ ତୁଣ୍ଡରେ ଥାଏ –

ଧୋଅରେ ବାଇବା ଧୋଅ ।
ଯେଉଁ କିଆରିରେ କଅଁଳ ମାଣ୍ଡିଆ
ସେଇ କିଆରିରେ ଶୋଅ ।
ମେଘ ବରିଷିଲା ଟପର ଟପର
କେଶୁର ମାଇଲା ଗଜା
ଦୂର ବିଦେଶରୁ ଆସିଲେ ରଜା
ତେଲିଂଗି ବାଇଦ ବଜା ।

ଟିପ୍ପଣୀ

ପିଲାଙ୍କ ହାତକୁ ତଳେ ରଖି, ମାଆମାନେ ଗୋଟାଏ ଆଙ୍ଗୁଠି ତାଉପରେ ଧିରେ ଚଳାନ୍ତି ଏବଂ ଉଦୁଉଦୁମା ଖେଳାଇ କହନ୍ତି -

ଉଦୁଉଦୁମା
ତାଳ ଗୋଟମା
ତାଳ ପାହୁରାଣୀ ପିଉଳ ସମା
ଆଗ କିଏ, ପଛ କିଏ
ନାମ ଧୁନିଆଙ୍କ ଭାଇ କିଏ
ନାମଧୁନିଆଙ୍କ ଭାଇମଲା
ରକତ ମାଠିଆ ଭାସିଗଲା ।

ସେଇପରି ହାଣ୍ଡିରେ ମଧ୍ୟ ଖେଳାଯାଏ ଇଟିକିଲି ମିଟିକିଲି । ଏ ସମୟର ସେଇ ନିରର୍ଥକ ସଂଗୀତଧ୍ୱନି ସୃଷ୍ଟି କରାଯାଏ -

ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ତୁମର ଆମର ନାଲିପାଇଁଚ
ନାଲି ପେଏଁ ପେଏଁ ବାଜଇ ହୀରା
ଗୋଟିଏ ଉପରେ ଗୋଟିଏ ଛିଡ଼ା
ଆମ୍ବ ଗୋଟି ଖାଉ ଖାଉ
କୋଇଲି ଗୋଟି କଷା
କିମାଡ଼ ମାଇଲୁ ଭାଇ
ଚାରିକୋଣିଆ ପଶା ।

ଏଇପରି ଭାବରେ ଶିଶୁକୁ ଭାଷା ଶିଖାଇବା, ବିବିଧ ବାହାର ବସ୍ତୁ ସହିତ ପରିଚିତ କରିବା ଦିଗରେ, ଖେଳ କରି ତା'ର ଶାରୀରିକ ବିକାଶ କରବା ଉଦ୍ଦେଶ୍ୟରେ ଅନେକ ଗୀତ ରହିଛି । ସେଇ କାଳର କୋଇଲି ଖେଳ, ହରିଣ ଖେଳ, କାନଧରା ଖେଳ, ବଗୁଲି ଖେଳ ଇତ୍ୟାଦି ବର୍ତ୍ତମାନ କାଳରେ ସ୍ୱପ୍ନର ସଂପଦ ହୋଇ ରହିଗଲାଣି । ଏହା ବ୍ୟତୀତ ଶିଶୁଙ୍କର ଶିକ୍ଷାର ପ୍ରାରମ୍ଭିକ କାଳରେ ବର୍ଣ୍ଣପରିଚୟ କରାଇବା, ବିଭିନ୍ନ ଗଣିତ, ରଂଗ, ଇତ୍ୟାଦି ସଂପର୍କରେ ଧାରଣା ଦେବା ଉଦ୍ଦେଶ୍ୟରେ ବହୁ ସଂଖ୍ୟକ ଲୋକଗୀତ ରହିଛି । ପାଠ ସଂପର୍କରେ ଗଣିତ ପାଠର ଆଦର ଦେଖାଇ କୁହାଯାଏ-

ହର, ଗୁଣ, ଫେଡ୍ ମିଶା
ଆଉ ସବୁ ପାଠ ଫସରଫସା

ଭାଷା ଶିକ୍ଷା ସଂପର୍କରେ ଧାରଣା ଦେଇ କୁହାଯାଏ -

ଓଡ଼ିଆ ତେଲଗୁ ନଗରୀ ଜାଣ
ନ ପଢ଼ିଥଲେ କାହୁଁ କରିବ ଟାଣ ।

ଟିପ୍ପଣୀ

ପାଠପଢ଼ା ପ୍ରତି ଆଗ୍ରହ ସଂଚାର କରାଯାଇ କୁହାଯାଏ -

ପଢ଼ିଲେ ଗୁଣିଲେ ବୁଧଭାତ
ନ ପଢ଼ିଲେ ଠେଙ୍ଗାବେତ ।

ତେଣୁ ଏଇ ଧରଣର ଲୋକଗୀତ ଅବୋଧ ଶିଶୁକୁ ପ୍ରବୋଧ ଦେବା ସହିତ ଅବୋଧ ଭିତରେ ବୋଧଜ୍ଞାନ ସଂଚାର କରିବାରେ ସହାୟତା କରିଥାଏ ।

## ଢ଼ଗ ଢ଼ମାଳି ଲୋକଗୀତର ପ୍ରମୁଖ ଧାରା

ଓଡ଼ିଆ ଲୋକ ଗୀତର ଅନ୍ୟତମ ବିଶିଷ୍ଟ ଧାରା ହେଉଛି ଢ଼ଗ-ଢ଼ମାଳି, ବୋଲି ପହଳି, ବଚନ । ଲୋକ ସାହିତ୍ୟରେ ଏକ ସୁବିସ୍ତୃତ ବଡ଼ଦାଣ୍ଡ ହେଉଛି ଢ଼ଗ ଢ଼ମାଳି । କେତେକ ଢ଼ଗ ଗଦ୍ୟାତ୍ମକ, କିନ୍ତୁ ବହୁ ସଂଖ୍ୟକ ଢ଼ଗ ହେଉଛି ଗୀତାତ୍ମକ । ଢ଼ଗ ହେଉଛି ନାରୀ ଅଧରର ଅଳଂକାର । "ଢ଼ଗର ରଚୟିତା କବିତ୍ୱ ଶକ୍ତିର ଅଧିକାରୀ, ଯେ କବିତ୍ୱ ଆଶୁ କବିତ୍ୱ, ବିଦ୍ୟୁତ୍ ଝଟକପରି ତତ୍କ୍ଷଣାତ୍ ସ୍ଫୁରେ, ତାତ୍କାଳିକ ପରିସ୍ଥିତି ଓ ମନୋବୃତ୍ତିରୁ ଢ଼ଗର ଜନ୍ମିତ କିନ୍ତୁ ପରବର୍ତ୍ତୀ କାଳରେ ତା'ଦୃଶ ପରିସ୍ଥିତିରେ ଏହାର ପ୍ରୟୋଗ ହୋଇଥାଏ । + + + ଗୀତ ଅପେକ୍ଷା ଢ଼ଗ ଅଧିକ ବୌଦ୍ଧିକ । ନୈସର୍ଗିକ ପ୍ରେରଣା ବା ଭାବ-ପ୍ରବଣତା ଅପେକ୍ଷା ଢ଼ଗ ରଚନା ଲାଗି ପ୍ରତ୍ୟୁତ୍ପନ୍ନମତିତା, ବୁଦ୍ଧିର କ୍ଷିପ୍ରତା ଅଧିକ ଆବଶ୍ୟକ । ସଂସାରର ବ୍ୟାପକ ଅନୁଭୂତିରୁ ଢ଼ଗକବି ସାଧାରଣ ସତ୍ୟ ବାହାର କରିପାରେ । ତାକୁ ସକ୍ଷିପ୍ତତମ ଓ ରସାଳତମ ରୂପ ଦେବାରେ ହିଁ ତା'ର କୃତିତ୍ୱ ପ୍ରକାଶ ପାଏ ।"

ଢ଼ଗ ମୁଖ୍ୟତଃ ନାରୀ କଂଠର ଭୂଷଣ । ତଥାପି କେତେକ ଢ଼ମାଳି, ନ୍ୟାୟ ବଚନ, କୃଷିବଚନ ଏବଂ ପହଳି ପ୍ରଭୃତି ପୁରୁଷ କଂଠରେ ଆବୃତ୍ତ ହୋଇଥାଏ । ଏସବୁ ହେଉଛି ଗୀତର ସଂକ୍ଷିପ୍ତତମ ରୂପ । ଗୋଟିଏ ଗୀତରେ ବେଳେବେଳେ ଯେଉଁ କଥା ପ୍ରକାଶ କରାଯାଇ ପାରେ ନାହିଁ, ତାଠାରୁ ଅଧିକ କଥା ଗୋଟାଏ ମାତ୍ର ଢ଼ଗରେ ମଧ୍ୟ କହି ହୋଇଯାଏ । "ଗୋଟିଏ ପୋଥି କିଛି ଯାହା ବୁଝି ନହୁଏ, ଗୋଟିଏ ମାତ୍ର ଢ଼ଗରେ ଅନାୟାସରେ ସେଇ ଉଦ୍ଦେଶ୍ୟରେ ସାଧିତ ହୋଇପାରେ । ବହୁ ମୋକଦ୍ଦମାର ରାୟ, ଜୀବନର ବହୁ ସମସ୍ୟାର ସହଜ ସମାଧାନ ମିଳିଯାଏ, ଏଇ ଅନାଦୃତ ଅବହେଳିତ ଢ଼ଗରୁ ।"

ଲୋଗ ଗୀତର ଏଇ ବିଭାଗଟିର ପରିସର ଅତି ବ୍ୟାପକ । ଲୋକ ସମାଜର ଯେ କୌଣସି ସ୍ତରରେ ଏହାର ଅବାଧ ପ୍ରବେଶ, ଯେ କୌଣସି ବ୍ୟକ୍ତି ସଂପର୍କରେ ଢ଼ଗ କବି ମନ୍ତବ୍ୟ ଦେବାକୁ କଦାପି ପଶ୍ଚାତପଦ ହୁଏ ନାହିଁ, ଭୟମଧ୍ୟ କରେ ନାହିଁ । ବୌଦ୍ଧିକ ସରସତା, ପ୍ରତ୍ୟକ୍ଷ ଓ ନିର୍ଭୀକ ପ୍ରକାଶଭଙ୍ଗୀ, ଅବୟବରେ ସଂକ୍ଷିପ୍ତତା ଏହାର ଲକ୍ଷଣ । ଲୋକ ସାହିତ୍ୟର ବିଶିଷ୍ଟ ଗବେଷକ ଡକ୍ଟର କୁଞ୍ଜବିହାର ଦାଶଙ୍କ ମତରେ - "ଢ଼ଗ ସକ୍ଷିପ୍ତତମ ପଦ୍ୟ, ରମଣୀୟାର୍ଥ ପ୍ରତିପାଦକ ଓ ରସାଳ ହେଲେ ଏହା କବିତା ସ୍ତରକୁ ଉନ୍ନୀତ ହୁଏ । ଢଗର ସ୍ରଷ୍ଟା କବି ସମାଜର ମୂଳଦୁଆ, ଯେପରି ଢଗ ସାହିତ୍ୟର ମୂଳଦୁଆ, କବି ସମାଜ ଯେ କେତେ ବିପୁଳ ତାହା ଢ଼ଗ ବିସ୍ତୃତ ପରିସର ଓ ପ୍ରୟୋଗରୁ ବୁଝାଯାଏ । ଅଜଣା ଅଶୁଣା କାଠୁରିଆ ଠାରୁ କାଳିଦାସଙ୍କ ପର୍ଯ୍ୟନ୍ତ ଢଗ ସରସ୍ୱତୀଙ୍କର ସବୁଠି ପୂଜା । ପତର-କୁଡ଼ିଆରୁ ରାଜବାଟି ପର୍ଯ୍ୟନ୍ତ - ଯେଉଁଠି ଜୀବନ ସେଠି ଢ଼ଗ । ଢ଼ଗ, ସାହିତ୍ୟର ଏକ ବଡ଼ଦାଣ୍ଡ । ସମସ୍ତଙ୍କ ଚଲାବୁଲା ଓ ଚଳଣି ପାଇଁ ସେଠି ଖୋଲା, ମେଲା ଠାଇଁ ଅଛି - ବାଲୁଙ୍କା ଭୋଇଠାରୁ ବାଲ୍ମୀକି, ବାସୁଅ ବେହେରା ଠାରୁ ବ୍ୟାସଦେବ ଅଇଁଠା ବାରିକ ଠାରୁ ଉପେନ୍ଦ୍ର ଭଂଜଙ୍କ

ଟିପ୍ପଣୀ

ପର୍ଯ୍ୟନ୍ତ । କାହାର ରଚନା ମୌଖିକ, କାହାର ନ ରୈଖିକ । ଏଥିରେ ବଡ଼ସାନ ଭେଦନାହିଁ । ନିତାନ୍ତ ମଳି ମୁଣିଆର ଅନାୟାସ ରଚନା, ଆୟାସସାଧ କାବ୍ୟିକ ରଚନା ଠାରୁ ଉତ୍କୃଷ୍ଟତର ହୋଇପାରେ ।"

ଢ଼ଗ, ଢ଼ମାଳି ନିରାଭରଣତାକୁ ପସନ୍ଦ କରେ । ଏଥିରେ କଳ୍ପନା ନାହିଁ ରହିଛି ବାସ୍ତବତାର ତୀକ୍ଷ୍ଣ ଅନୁଭବ । ଢ଼ଗରେ ଚିନ୍ତାର ବିଳାସ ନାହିଁ, ବରଂ ସାଂସାରିକ ଓ ସାମାଜିକ ଜୀବନ ସହିତ ଏହାର ସଂପର୍କ ଅତି ପ୍ରତ୍ୟକ୍ଷ । ଏଥିରୁ ଓଡ଼ିଆ ଜାତିର ଚାହାଣି, ଚଳଣି ଲୋକବ୍ୟବହାର, ସାହସିକତା, ସୈଜନ୍ୟ, ଧର୍ମପ୍ରାଣତା, ସଂସ୍କୃତିବୋଧ ଏବଂ ମାନବର ସ୍ୱାଭାବିକ ଜୀବନ ଧାରାର ଯଥାର୍ଥ ପରିଚୟ ମିଳିଥାଏ । ଆଲୋଚକ କୁଞ୍ଜବିହାରୀଙ୍କ ମତରେ "ଢ଼ଗ ଢ଼ମାଳି ଆମ ମନରେ ବସା ବାନ୍ଧିଥିବା ସାହିତ୍ୟ, ଆମ ଜୀବନର ପ୍ରତ୍ୟକ୍ଷ ସମାଲୋଚନା, ଆମର ସବୁ ସମୟର ସାଥି । ଦୁଃଖରେ ଆଶ୍ୱାସନା ଦିଏ, ବୋଘାଇରେ ପଡ଼ି ବିଚାର ହରାଇଥିବା ବେଳେ ଏହା ପଥ ନିର୍ଦ୍ଦେଶ କରେ, ଅନ୍ଧାକାରରେ ଆଲୋକ ଦେଖାଏ ।"

ଓଡ଼ିଆ ଜାତିର ସାଂସ୍କୃତିକ ଇତିହାସର ପ୍ରକୃଷ୍ଟ ପରିଚୟ ଏଇ ଢ଼ଗ ଢ଼ମାଳିରେ ସ୍ଥାନ ପାଇଥାଏ । ଓଡ଼ିଆର ସଭ୍ୟତାର ସର୍ବାଙ୍ଗରେ ଏହାର ଅଖଣ୍ଡ ସର୍ଶ, ଓଡ଼ିଆ ଜନ ଜୀବନର ରସାଳ ପ୍ରାଣ ପ୍ରଭାବ ଏଥିରେ ଉତ୍‌କୀର୍ଣ୍ଣ । ଆଲୋଚକଙ୍କ ମତରେ - "ଏହା ଗୋଟିଏ ଜାତିର ଅଲିଖିତ ସାଂସ୍କୃତିକ ଇତିହାସ, କୃଷି ସଭ୍ୟତାର ସର୍ବାଙ୍ଗକୁ ସ୍ପର୍ଶ କରିଥିବା ସାହିତ୍ୟ, ଅଗଣିତ ଚମକପ୍ରଦ କବିଙ୍କ ହାସ୍ୟ, ବ୍ୟଙ୍ଗ ଓ କଟୁ କଷାୟରେ ଭରପୁର । ସେସବୁ କବିଙ୍କ ସ୍ଥାନ ଅକାଳର ପରିଚୟ ବିଲୁପ୍ତ, କିନ୍ତୁ ସେମାନଙ୍କ ନାଡ଼ିର ସ୍ପନ୍ଦନ, ହୃଦୟର ଦୁକୁଦୁକି ରକ୍ତରେ ନୁହେଁ, ରସରେ ହିଁ ଚାଲିଛି, ଏଇ ପହଳି ପବାହ ଓ ପ୍ରବଚନ ମାନଙ୍କରେ ।"

ଢ଼ଗ ଢ଼ମାଳିରେ ଲୋକ ଚରିତ୍ର ପ୍ରତ୍ୟେକଟି ଦିଗକୁ ସ୍ପର୍ଶ କରି ରଚିତ । ଏଥିରେ ଲୋକ ଚରିତ୍ରର ବାସ୍ତବ ବିଶ୍ଳେଷଣ ଯେମିତି ରହିଛି, ସେମିତି ମଧ୍ୟ ରହିଛି ଲୋକ ଚରିତ୍ର ପ୍ରତି ବ୍ୟଂଗାତ୍ମକ ଦୃଷ୍ଟିକୋଣ । ସମାଜରେ କେତେ ପ୍ରକାରର ଲୋକ ଅଛନ୍ତି, କିଏ ଚତୁର ତ କିଏ ବୋକା, କିଏ ଧର୍ମଭୀରୁ, କିଏ ଧନୀତ କିଏ ନିର୍ଦ୍ଧନ, କିଏ ଜ୍ଞାନୀ ତ କିଏ ଅଜ୍ଞାନ, କିଏ ଧର୍ମଜ୍ଞ ତ କିଏ ଧର୍ମଭୀରୁ, କିଏ ଶଠତ କିଏ ସଚ୍ଚୋଟ, କିଏ ସତ୍‌ଲୋକତ କିଏ ଖଣ୍ଡ, କିଏ ଅହଂକାରୀତ କିଏ ବିନୟୀ, କିଏ ରହିସ୍ୟପ୍ରିୟତ କିଏ ଗଂଭୀର - ଏମିତି ଆଚାର ଆଉ ଆଚରଣରେ ଭିନ୍ନ ଭିନ୍ନ ମଣିଷ ଅଛନ୍ତି । ଲୋକକବି ସେମାନଙ୍କ ପ୍ରକୃତିକୁ ନେଇ ସୃଷ୍ଟି କରିଛି ରାଶିରାଶି ଢ଼ଗ ଆଉ ପ୍ରବଚନ । ଦୃଷ୍ଟାନ୍ତ କ୍ରମରେ ଏଠାରେ କେତେକ ଢ଼ଗ ଢ଼ମାଳିକୁ ନିଆଯାଇପାରେ ।

ସମାଜରେ ବ୍ୟବସାୟିକ ବୁଦ୍ଧି ନଥିଲା ଲୋକଙ୍କର ବ୍ୟବସାୟ କରିବା ବୃଥା । ଏଥିନେଇ ଢ଼ଗ କହେ -

କ) ଅକାଳେ ଗୋରୀ କଲା ବେଉସା
ଲାଭ ଖାଇଗଲେ ଚୁଟିଆ ମୂଷା ।

ଖ) ଅକାଳେ ସକାଳେ କଲି ବେଉସା
ମୁଣ୍ଡରେ ବାଜିଲା କୁରାଢ଼ି ପସା

ଅଧିକ ଆହାର କରୁଥିବା ନାରୀପ୍ରତି ପରିହାସ କରି କୁହାଯାଏ -

କ) ଅଖାଇ କରିଛି ଓଷା
ଢ଼ୋଲିକ ଚାଉଳ ଓଳିକେ ଖାଇଲା
ଦାନ୍ତଅଛି ଦରଘଷା ।

ଖ) ଅଖାଇ ନାନୀ, ସରୁକାଟେଣୀ

ବସିଥାଏ ଚୁଲିମୁଣ୍ଡେ

ଘଇତା ଆଗରେ ସକେଇ କହେ

କିଛିଦେଇ ନାହିଁ ତୁଣ୍ଡେ ।

କୃପଣର ସ୍ୱଭାବ ସଂପର୍କରେ ସେଇପରି କୁହାଯାଇଛି -

କ) ଭଣା ଲୋକର ଗଣାସରେ

କୃପଣ ଲୋକର ତିନିଗୁଣା ସରେ ।

ଖ) ଅଣ୍ଟାରୁ ପଇସା ସାରିବି ନାହିଁ ।

ପୁଅକୁ ନୁଖୁରା କରିବି ନାହିଁ ।

ସମାଜରେ କେତେଲୋକ ପୁତ୍ର ଅଭାବରୁ ପୋଷ୍ୟପୁତ୍ର ଗ୍ରହଣ କରନ୍ତି । କିନ୍ତୁ ଜନ୍ମିତ ପୁତ୍ରପରି ପୋଷ୍ୟପୁତ୍ର କଦାପି ହୋଇପାରେନା । ଏଥିପାଇଁ କୁହାଯାଇଛି -

ଅଦିନେ କୁହୁଡ଼ି ଆସିଲା ମାଡ଼ି

ଅଦିନେ ମିଳିଲା ଦେଖା

ପରପୁଅ ପାଣି ପୋଷାପୁଅକଲେ

ସେ କେଉଁ ପୁଅରେ ଲେଖା ।

ସମାଜରେ କେତେକ ଲୋକ ସାଧାରଣ କଥାରେ ଦେଖେଇ ହୁଅନ୍ତି । ଏହା ତାଙ୍କର ଫୁଲାପଣ । ଏ ସଂପର୍କରେ କୁହାଯାଏ -

ଅଫୁଲା ଗଇସ ଫୁଲୁଛି ଏତେ

ଫୁଲିବାକୁ ଦିନ ନାହିଁ ତ ତତେ ।

ଏମିତି କେତେକ ଅବସ୍ଥା ଆସେ, ଯେତେବେଳେ ମଣିଷ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାଏ । ସମାଧାନ ନପାଇ ଛଟପଟ ହୁଏ । ମଣିଷର ଏଇ ଅବସ୍ଥା ମଧ୍ୟ ଢ଼ଗରେ ପରିସ୍ଫୁଟ ହୋଇଛି । ଯଥା -

କ) ଅଳପ ଦୁହିଁଲେ ଗୋସେଇଁ ରୁଷେ

ବହୁତ ଦୁହିଁଲେ ବାଛୁରୀ ରୁଷେ

ପରଗାଈ ଦୁହାଁ ମତେ ନ ଆସେ ।

ଖ) ଅଳପ ତେଣ୍ଡା ମାଇପ ଖେଣ୍ଡା

ମଠୁଆ ବଳଦ ଯା'ର

ଯମଘର ଯାଇ କିଫଳ ପାଇବ

ନିତି ମରଣ ତା'ର ।

ଟିପ୍ପଣୀ

ଗ) ଅମୁହାଁ ବେଦନାର ମୁହଁନାହିଁ
ଉଆଁସ ରାତିରେ ଜହ୍ନ ନାହିଁ ।

ଘ) ଆଳୁ ବାଇଗଣ ଫଡ଼ିକିଫଡ଼ି
ପାମଣ୍ଡା ମଣ୍ଡି ଯାଇଛି
ବେଦୀକି ଯିବିକି ହୋମକୁ ଯିବି
ସେଇ ଚିନ୍ତାମତେ ଖାଉଛି ।

ସମାଜରେ ଏମିତି ଅନେକ ଅଛନ୍ତି ଯେଉଁମାନେ ଦୋଘାଇରେ ପଡନ୍ତି । ଏଥିନେଇ 'ଦିଘର କୁଣଇଆ ଉପାସରହେ, ଦୋନାବରେ ଗୋଡ଼ଦେଇ ଅବସ୍ଥା ଅସମ୍ଭାଳ ହୁଏ । ଏଣୁ ଦୁଇସ୍ତ୍ରୀ ଥିବା ପୁରୁଷର ଅବସ୍ଥାକୁ ଲୋକକବି ବ୍ୟଙ୍ଗକରି ଢ଼ଗ ମେଲିଛି -

କ) ଚଇତାରେ ଆରେ ଚଇତା
ଦୁଇ ମାଇପର ଘଇତା
ତବତ ଖାଇବୁକି ପଖାଳ ଖାଇବୁ
ବେଳଥାଉଥାଉ କହିଥା ।

ଖ) ଅମନୀ ମାଇପ ମନ କରିଛି
ମନର ମାଇପ ଶେଯ ପାରିଛି
ବ୍ୟାହି ମାଇପର ପାଳି
ପୋଇଲି ମାଇପ ବନ୍ଦାପନା ଦିନ
ଘଇତା ବସିଛି ଭାଳି ।

ଲୋକ ସମାଜରେ ମର୍ଯ୍ୟାଦା ରଖିବା ସଂପର୍କରେ କୁହାଯାଏ - "ଅଲୋସଖି ଆପଣା ମହତ ଆପେରଖି" । କିନ୍ତୁ ସହ୍ରେ ସମଗୁଣର ଅଧିକାରୀ ବ୍ୟକ୍ତି ଏକାଠି ହୁଅନ୍ତି । 'ଓଧ ସାଙ୍ଗକୁ ବଣଭୁଆ' ବାଇହୁଏ, ଶୁଣ୍ଢୀ ସାକ୍ଷୀ ମାତାଲ ହୁଏ, ଏଥିନେଇ କୁହାଯାଏ -

ଆଲୋ ମୁତୁରି ଶୋଇବା
ତୁତ ମୁତୁରି ମୁଁତ ମୁତୁରି
ହେଂସ କାହିଁପାଇଁ ଧୋଇବା ।

ପୁରୁଷ ଚରିତ୍ର ପରି ମଧ୍ୟ ଲୋକକବି ନାରୀ ଚରିତ୍ରକୁ ବିଶ୍ଳେଷଣ କରିଛି । ନାରୀ ଚରିତ୍ର ଅତି ବିଚିତ୍ର । ରନ୍ଧନ ସମୟରେ ବେଳେବେଳେ ଜିହ୍ୱା ଲାଳସା ମେଣ୍ଟାଇବାକୁ ଯାଇ, କେତେକ ନାରୀ କଞ୍ଚା ଦରଶିଝା କରି ଖାଇଯାଆନ୍ତି । ଲୋକକବି ଏମାନଙ୍କ ସଂପର୍କରେ ମନ୍ତବ୍ୟ ଦିଏ -

କ) ଓଳେଇର ଦରଦର କଞ୍ଚା, ହାଣ୍ଡିଖାଇର ଦର ଶିଝା ।

ଖ) ଓଲେଇ ଚୋରଣୀ ହାଣ୍ଡିରେ ଖାଏ

ଗୋଡ଼ରେ ପଡ଼ିଲେ ଗାଧୋଇଯାଏ ।

ସେମିତି ଅନେକ ବ୍ୟଭିଚାରିଣୀ ନାରୀ ସମାଜରେ ଅଛନ୍ତି, ଯେଉଁମାନେ ଚୋରା ପ୍ରେମ କରନ୍ତି । ଏଥିନେଇ ଅନେକ ଢ଼ଗ ସୃଷ୍ଟି ହୋଇଛି । ପ୍ରେମିକକୁ ଇସାରା ଦେଇ ବ୍ୟଭିଚାରିଣୀ କହେ -

ଅଧାକାନ୍ଥି, ପାଣି ନଉଡି

ନଣନ୍ଦ ଗୋଡ଼ରେ ବଳା

ଥିରିଥିରି କରି ଆସିବୁ ଚୋର

ପୁଅକୁ ଝୁଣ୍ଟିବୁ ପରା ।

ବୋହୂର ସତୀତ୍ୱକୁ ସନ୍ଦେହ କରି ଶାଶୁ କହେ -

ଛନକା ପଶିଲା ଛାତିରେ

ମୁଁ ତ ଅନ୍ଧୁଣୀ ମୋପୁଅ ବିଦେଶୀ

ବୋହୂ, ହଗିଉଠେ ରାତିରେ ।

ଗୋପନ ପ୍ରଣୟ କରି ବ୍ୟଭିଚାରିଣୀ ସନ୍ତୁଳିତା ହୋଇ କହେ -

ଜଜାଙ୍ଗ ଭାଙ୍ଗିଲି ଦାନ୍ତ କାଠି କଲି

କିଏ କେତେ ମନ ମୋହିଲା

ଛତରା ସାଙ୍ଗରେ ପୀରତି କଲି

ଛିଣ୍ଡେଇ ବଚନ କହିଲା ।

କେବଳ ନାରୀନୁହେଁ, ପୁରୁଷ ମଧ୍ୟ ଗୋପନ ପ୍ରଣୟରେ ମାତି ରହେ । ନବନାଗରୀକୁ ସେ ସଂକେତ ଦିଏ, ପୁଣି କର୍କଶ କଥା କହିବାକୁ ଭୟ କରେ । କାରଣ ତା'ର ଚିନ୍ତା -

ଆକଟ ଗଛର କାକଟ କଷି

ତନୁ ଝରୁଝୁରୁ କରୁଛି

ନବନାଗରୀକୁ ପଦିଏ କହନ୍ତି

ଗାଳି ଦେବାପାଇଁ ଡରୁଛି ।

କ) ଚାହିଁଥିବୁ ସିନା ଛୁଇଁବୁ ନାହିଁ

ମୁରୁକି ହସାରେ ପେଟ ପୁରୁଥିବ

ଦିନେ ଆଖିବୁଜି ଶୋଇବୁ ନାହିଁ ।

ଖ) ଚାଇକି ଚିକ୍କଣ ଗୋରୀ

ଚମ୍ପାଫୁଲ ଠଉଁ ବଳି ସୁନ୍ଦରୀ

ଦେଖି ପେଟ ଯାଏ ପୂରି ।

ଟିପ୍ପଣୀ

ଦିଅର ଭାଉଜଙ୍କ ପ୍ରୀତି ଅସଂଗତ ସମାଜ ଏହାକୁ ଅନୁମୋଦନ କରି ପାରେନା । ତେଣୁ ଲୋକକବି ମଧ୍ୟ ଚେତାଇ ଦିଅନ୍ତି -

କ) ଜର କଲେ ହାତୀ ମଲା
ଭାଉଜ ପୀରତି ଅଢ଼େଇ ଦିନଲୋ
ଭାରିଯା ଅଇଲେ ଗଲା ।

ଖ) ଉଡ଼ିଉଡ଼ି ଗଲା ହରଡ଼ ଚଢ଼େଇ
ବଡ଼ ବଡ଼ ତାର ଆଖି
ଦିଅର ଟୋକାଟା ବଡ଼ ବିଟାଳିଆ
ସଦା ମାରୁଥାଇ ଆଖି ।

ସଂସାର କରିଥିଲେ ବହୁ ଅଘଟଣ ଘଟେ, ତେଣୁ ଏସବୁକୁ ସହିବାକୁ ଧୌର୍ଯ୍ୟ ଦରକାର । ସଂସାରିକ ଜୀବନର ଉତ୍ଥାନ ଭାଙ୍ଗି ପଡୁଥିବା ମଣିଷଙ୍କ ପ୍ରତି ସଚେତନତା ଆଣି ଲୋକକବି କହେ -

ଚକ ବୁଲୁଥିଲେ ଅଖବୁଲୁଥାଇ
ବୁଲୁପଡୁଥାଏ ପହି
ସଂସାର ଭିତରେ ଘର କରିଥିଲେ
ପଥର ପଡିଲେ ସହି ।

କିନ୍ତୁ ଭାଗ୍ୟ ସବୁବେଳେ ସମାନ ନଥାଏ । କେତେବେଳେ ମଣିଷ ନିଜର ସୌଭାଗ୍ୟ ପାଇଁ ଚାତର ଦେଖାଏତ, କେତେବେଳେ ଦୁର୍ଭାଗ୍ୟର ଘନଘଟାରେ ସେ ନିଜକୁ ହତଭାଗ୍ୟ ମନେକରେ । ଅଶରଣରୁ ଭଉଣୀ କ୍ୱାଇଁ ଘଇତା ହୁଏ, 'କର୍ମଅବଳରେ କୃଷ୍ଣ ଗଧ ପାଦ ଧରନ୍ତି' ପୁଣି ଯେଉଁଡାଳ ଧରିଲେ ସେ ଡାଳ ଭାଙ୍ଗିଯାଏ । ଏଥିପାଇଁ ସାଧାରଣ ଅନୁଶୋଚନା ଆସେ -

ଅବେଳରେ ଆଜି ବାଜିଲା ଶଙ୍ଖ
ମାଛ ନ ପାଇଣ ମକ୍ଷିଲି ପଙ୍କ
କପାଳ ମୋହର ପୋଡ଼ା
କିଏ ସେ ଖାଉଚି ଘିଅ ଶାକର
ମୋତେ ମିଳୁ ନାହିଁ ଖଡ଼ା ।

ଦୁର୍ଭାଗ୍ୟ ଘୋଟିଲେ ସବୁ କିଛି ସମ୍ଭବ ହୁଏ, କୁହାଯାଏ -

କ) ଅଭାଗ୍ୟକୁ ଏପରି ଘଟେ ।
ଅଣ୍ଡିସୁନା ପିଉଳ ପାଲଟେ ।

ଖ) ଅଭାଗ୍ୟ କାଳେ ବିପରୀତ ବାଣୀ
ଚାଳରୁ ମୂଷା ପଡି ମାରିଲେ କହୁଣି ।"

ଏମିତି ସମୟ ଆସେ ଦାରିଦ୍ର୍ୟ ମନୁଷ୍ୟର ସର୍ବନାଶ କରେ । ସବୁ କିଛି ଅଭାବ ହୁଏ, ମଣିଷ ଅସହାୟ ହୋଇ ଉଠେ । ଜୀବନଯାତ୍ରା ହୋଇଯାଏ ଦୁର୍ବିସହ । ଏଣୁ ଲୋକକବି କହେ -

ଛିଣ୍ଡିଲେ ଗଅଁଠେଇବାକୁ ନାହିଁ
ହଜିଲେ ଖୋଜେଇବାକୁ ନାହିଁ ।

ଲୋକ ସମାଜର ଆଚାର ବ୍ୟବହାର ସ୍ୱତନ୍ତ୍ର । ଏଠାରେ ନିଖୁରା ମୁଣ୍ଡ ସଦା ନିଖୁରା, ଏଠି ତେଲିଆ ମୁଣ୍ଡରେ ତେଲ, ଆର୍ଥିକ ସ୍ଥିତି ନେଇ ମଣିଷକୁ ମାନସମ୍ମାନ ମିଳେ, ଆଦର ଗୌରବ କରାଯାଏ । ତେଣୁ ଢ଼ଗ କବି କହନ୍ତି -

ଆଇଲେଣି ବଡ଼ ଘରଣୀ, ତାଙ୍କୁ ଦିଅ ପିଢ଼ାପାଣି
ଅଇଲାଣି ଦୁଃଖୀ ରାଣ୍ଡି, ତାକୁ ଦିଅ ଅରଟ ଖଣ୍ଡି ।

ଅତି ପରିଚୟରେ ଗୌରବ ନଷ୍ଟ ହୋଇଯାଏ । କଟକ ଭଣ୍ଡାରୀ ଦେଶରେ ରାଜା ବୋଲାଏ, କଟକ ଧୋବଣୀ ଗାଁରେ ରାଣୀ ବୋଲାଏ । ସେଇପରି ଚାକିରି ପରଦେଶରେ କଲେ ମର୍ଯ୍ୟାଦା ରହେ । ସେଥିପାଇଁ କୁହାଯାଏ -

ଆପଣା ଦେଶରେ ଚାକିରି କଲେ ଚାକର
ପରଦେଶରେ ଚାକିରି କଲେ ଠାକୁର ।

ଲୋକସମାଜରେ ଯେମିତି ସଦା କର୍ମଠ ଅଛନ୍ତି ସେମିତି ମଧ ଅଛନ୍ତି କେତେକ କର୍ମ କୋଢ଼ୀ ଆଳସ୍ୟ-ପରାୟଣ ମଣିଷ, ଯେଉଁ ମାନଙ୍କ 'ହାତ ଅଳସରେ ନିଶବଙ୍କା ହୋଇଯାଏ । ଅଳସୁଆମିରେ ଔଷଧ ନଖାଇଲେ ମଣିଷ ରୋଗଗ୍ରସ୍ତ ହୋଇଯାଏ । ଏଥିନେଇ ଅନୁଶୋଚନା ଆସେ ।

ଅଳସ ପଣରେ ତୋଟାକୁ ନଗଲି
        ଆମ୍ବ ଖାଇଗଲା ଭାଲୁ
ଅଳସ ପଣରେ ଓଷଦ ନଦେଲି
        ପିଠି ଯାଦୁ କଲା ଗଲୁ ।

ସେଇପରି କନ୍ୟାର ଅଲିଅଳ ଓ ଅଳସ ପଣିଆ ଦେଖି ତା ଉଦ୍ଦେଶ୍ୟରେ ବୋଧ ଦେଇ ତାକୁ ଗେହ୍ଲରେ କୁହାଯାଏ–

ଅତି ସେରନ୍ତାରେ ସେରନ୍ତା, ଝିଅ କାନ୍ଦେନା
ଚାଉଳ ପଛକେ ଖାଇବା, ଭାତ ରାନ୍ଧେନା ।"

କେବଳ ଆଳସ୍ୟ ନୁହେଁ, ମଣିଷ ଭିତରେ ଅନେକ ଖୁଣ ରହିଛି । ଏଇ ଦୋଷକୁ ଲୋକ କବି କ୍ଷମା ଦେଇନାହିଁ, ବରଂ ଦୃଢ଼ଭାବରେ ସେ ଏଇ ଦୋଷର ତୀବ୍ର ସମାଲୋଚନା କରି ବସିଛି । ନାରୀ ପୁରୁଷଙ୍କର କେତେକ ସ୍ୱଭାବକୁ ଲୋକକବି ରୂପେ ଦେଇଛି । ସୌନ୍ଦର୍ଯ୍ୟ ଦେଖି ଅଥବା ବେଳେବେଳେ ତା'ପ୍ରତି ସମବେଦନା ଦେଖାଇ ପୁରୁଷ ତାକୁ ବିବାହ କରେ । କିନ୍ତୁ ସମୟ ଆସିଲେ ସେଇନାରୀ ତାକୁ ଲୋକହସା କରାଏ । ସମୟ ଆସିଲେ ପୁଣି ପୁରୁଷକୁ ସେ ଜବାବ ଦିଏ । ଲୋକକବିଙ୍କ ଭାଷାରେ -

କ) ଅତି ସୁନ୍ଦରୀଲୋ ଚହଟ ଗୋରୀ
        ଆଗ ତୋତେ ହେଲିବିଭା
ଏବେଯେଉଁ ଧନ, ବୟସ ସରିଲା
        ଦାଣ୍ଡେ ବସାଇବୁ ସଭା ।

ଟିପ୍ପଣୀ

ଖ) ଛି ଛିଲୋ ପଚା-ପଙ୍କଡ଼

ଭାସି ଯାଉଥିଲୁ ମଝି ନଈରେ

ଗୋଟେଇ ଆଣିଲି ତୋତେ

ଟାକୁଆ ଗାଲରେ

ମାଉଁସ ଲାଗିଲା

ଜବାବ ଦେଉଚୁ ମୋତେ ।"

ସେଇପରି ଅତି କଥାଟା ସବୁଠାରେ ଦୂଷଣୀୟ । ଅତି ପରିଚୟରେ ଗୌରବ ନଷ୍ଟ ହୁଏ, ଅତିଦାନରେ ବଳୀ ପାତାଳଗାମୀ ହୁଏ, 'ଅତି ଗେହ୍ଲା ପୁଅ ମୁଣ୍ଡରେ ହଗେ, ଅତି ମାନରୁ କୌରବ ବଂଶ ନାଶଯାଏ ।

ଲୋକକବି ସମାଜ ବ୍ୟବସ୍ଥାରେ ରହିଥିବା ଅତି କଥାକୁ ତୀବ୍ର ଭାବରେ ବ୍ୟଙ୍ଗ କରିବାକୁ ଆରମ୍ଭ କରି କହିଛି -

ଅତି ଅଲକ୍ଷଣା ନିଇଠା କୁଣିଆ

ଦିନେଛଡ଼ା ଦିନେ ଆସେ

ଅତି ଅଲକ୍ଷଣୀ ବୁଢ଼ା ବରକୁ ଯେ

କର୍କଶ ବଚନ ଭାଷେ ।

ଅତି ଅଲକ୍ଷଣା ଖବିସା ବାଳକ

ବାପ ପାଖରେ ନବସେ

ଅତି ଅଲକ୍ଷଣା ବିରାଡ଼ି ନିଇତି

ଖଟତଳେ ହଗିବସେ ।

ସେଇପରି ଅତି କହିବା, ବା ଅତି ନୀରବ ରହିବା, କିମ୍ବା ଅତି ଖରା, ଅତି ବର୍ଷା ଭଲ ନୁହେଁ । ଲୋକକବି ମଧ୍ୟ ଏହାର ଚମତ୍କାର ଚିତ୍ର ଅଙ୍କନ କରି କହିଛି -

ଅତିଭଲ ନୁହେଁ ଚବର ଚବର

ଅତି ଭଲନୁହେଁ ଚୁପ

ଅତି ଭଲ ନୁହେଁ ବର୍ଷା ବାଦଲ

ଅତି ଭଲ ନୁହେଁ ଧୂପ ।

ସଂସାରରେ ସୁଗୁଣବତୀ ନାରୀ ଯେମିତି ଅଛନ୍ତି, ସେମିତି ମଧ୍ୟ ରହିଛନ୍ତି ଅଲକ୍ଷ୍ମୀ ନାରୀ । ସେମାନଙ୍କ ଚରିତ୍ର, ଆଚରଣ ସବୁକିଛି ଦୂଷଣୀୟ । ଲୋକକବି ଏଇ ଶାଳୀନତା ବିହୀନ ଚରିତ୍ରର ଅବତାରଣା କରିବାକୁ ପଶ୍ଚାତପଦ ନ ହୋଇ ବରଂ ତୀବ୍ର ସ୍ୱରରେ କହିଛି -

"ଚେକାପାରି ଯେନାରୀ ଖାଇବସେ

ବଡ଼ ପାଟିକରି ଦାଣ୍ଡରେ ହସେ,

ତେଲନଜଗୁଣ୍ଡ ଆଇଁଷ କଷେ

ପହରେ ବସି ଡୁଠେ ଗୋଡ଼ ଘଷେ

ମୁଣ୍ଡପାତି ନଖେ ମହୀକୁ ଚଷେ

ନଙ୍ଗଳା ହୋଇଣ ପାଣିରେ ପଶେ

ଅତି ଅଲକ୍ଷଣୀ ଦନାଇ ଭାଷେ ।

ସମାଜରେ କେତେ ସାଧାରଣ ଲୋକ ଅଛନ୍ତି, ଯେଉଁମାନଙ୍କର ଅଧିକ ଆଶା ନଥାଏ । ସାଧାରଣରେ ସେ ସନ୍ତୋଷ ପ୍ରକାଶ କରିଥାଏ । ଏପରି ଲୋକଙ୍କ ସମ୍ପର୍କରେ କୁହାଯାଇଛି ।

ଛୋଟା, କଣା, କୁଜା ଘଇତା ହେଉ

ବଉଁଶ ପୋଷିଲେ ହେଲା

ଛୋଟୀ, କାଣି, କୁଜୀ ମାଇପ ହେଉ

ପୁଅ ଜନ୍ମ କଲେ ହେଲା ।"

ତଥାପି କେତେକଙ୍କର ଅଳ୍ପରେ ସନ୍ତୋଷ ଆସେ ନାହିଁ, ଛୋଟ ମୁହଁରେ ବହୁ ବଡ଼ କଥାବି ଶୁଣାଯାଏ, ଛୋଟାକୁ ପବନସିଂହ କହିଲେ ସେ ଦୌଡ଼ିବା ଆରମ୍ଭ କରେ, ଛୋଟ ସାପର ବିଷ ଅଧିକ, ଛୋଟ ଲୋକ ବଡ଼ ପଣ ପାଇଲେ ସବୁବେଳେ ଗୀତ ଗାଏ । ଏମିତି ସମାଜରେ କେତେ ଶ୍ରେଣୀର କେତେ ପ୍ରକୃତିର ମଣିଷ । କେତେକ ଜାଣିଶୁଣି ଶୋଇ ରହନ୍ତି, ସେମାନଙ୍କୁ ଉଠେଇବା ଦରକାର କ'ଣ ? କେତେକ ଅନ୍ୟପ୍ରତି ମୁହଁରେ ସମବେଦନା ପ୍ରକାଶ କରନ୍ତି ହେଲେ ସାହାଯ୍ୟ କରିପାରନ୍ତି ନାହିଁ । ତେଣୁ ଲୋକକବି ଏମାନଙ୍କ ଚରିତ୍ରକୁ ରୂପ ଦେଇଥାଏ । ଯଥା -

କ) ଚେଇଁ ଶୋଇଥିବ ଯିଏ

ତାକୁ ଉଠେଇବ କିଏ ?

ଖ) ଆହା ଆହା କରୁଥାଏ

ସାହାହେବାକୁ ଡରୁଥାଏ ।

ବିଚିତ୍ର ଆମର ଏଇ ସମାଜ । ଏଠି ସତୀତ୍ୱର ସଂଜ୍ଞାଭିନ୍ନ । ଏଠି ସନ୍ତାନ ପାଇଁ ଉତ୍କଣ୍ଠା ପ୍ରକାଶ କରେ ବ୍ୟଭିଚାରିଣୀ ନାରୀ । ପୁତ୍ରବତୀ ହେବା ଆଶାରେ ପରପୁରୁଷକୁ ଆପଣାର କରିବାକୁ ସେ କୁଣ୍ଠିତା ହୁଏ ନାହିଁ । ଲୋକକବି ତେଣୁ କହେ -

ଚାଳଧରିଲିକି ବାଡ଼ ଧରିଲି

କରମେ ଥିଲାକୁ ପୁଅ ପାଇଲି ।

ଲୋକ ବିଶ୍ୱାସ ଅତି ବିଚିତ୍ର । ସଂସାରରେ କେତେକଙ୍କୁ ବିଶ୍ୱାସ କରଯାଏ । ମାତ୍ର କେତେକଙ୍କୁ ବିଶ୍ୱାସ କରାଯାଇ ପାରେନା । ସେମାନଙ୍କ ଆକୃତିରେ ଭରି ରହିଥାଏ ଅତି ଅବିଶ୍ୱାସରେ ଚିହ୍ନ । ଲୋକକବି ତେଣୁ ପ୍ରକାଶ କରେ -

କ) ଚୁଙ୍ଗୁ ଚୁଙ୍ଗିଆ ମାଗୁର ନିଶୁଆ

ହିଆରେ ନଥାଇ ବାଳ

ଏ ତିନିଙ୍କୁ ବିଶ୍ୱାସ ନ ଯିବ

ଜୀବ ଥିବ ଯେତେ କାଳ ।

ଟିପ୍ପଣୀ

ଖ) ଛଅ ଦଉଡ଼ିଆ ପରତେ ନଯିବୁ
ପରତେ ନଯିବୁ ଖଳକୁ
ସ୍ତ୍ରୀ ମାନଙ୍କୁଟି ପରତେ ନଯିବୁ
ଜଗିଥିବୁ ନିଜ ଘରକୁ ।

ସଂସାରରେ ଅନେକ ପ୍ରଲୁବ୍ଧ ଲୋକ ଅଛନ୍ତି, ଯେଉଁମାନେ କେବେହେଲେ ସନ୍ତୁଷ୍ଟ ନୁହନ୍ତି, ଯେତେ ପାଇଲେ ମଧ କିଛି ଅଧିକ ପାଇଁ ଏମାନେ ଲୋଭ ବଢ଼ାଇଥାନ୍ତି । ଅଧିକ ପ୍ରାପ୍ତାଶା ହେଉଛି ସେମାନଙ୍କ ଚରିତ୍ରର ବିଶେଷତ୍ୱ । ତେଣୁ କୁହାଯାଏ -

ଅଗ୍ନ, ରାଜା, ରୋଗୀ, ଦୁହିତା, ଚୋର
ଗୋରୁ, ମଇଁଷି ଅତି ଲୋଭୀ, ନର
ବେଶ୍ୟା, ହସ୍ତିନୀ, ମଦୁଆ, ମାହାନ୍ତି ।
ଯେତେ ପାଇଲେ ଏ ବୋଧ ନୁହନ୍ତି ।

ଘରର ପରମ୍ପରା ନେଇ ମଣିଷର ଆଚାର ବ୍ୟବହାର ନିୟନ୍ତ୍ରିତ ହୋଇଥାଏ । ଏଣୁ 'ଚାଟଘର ପୁଅ ଚାଟ', ଭାଟଘର ପୁଅ ଭାଟ' - ଖରାପ ଭାଷା ବ୍ୟବହାର କରନ୍ତି ଅଘରୁଆ ପୁଅ । ଏଥିପାଇଁ ଡ଼ଗଅଛି -

ଅଘରୁଆ ପୁଅ ଜାଣିବେଯେହୁ
କଥାକେ କହେ 'ତୁ' କାର
ଡ଼ରନାହିଁ ପର ଭୁଆଶୁଣିଙ୍କୁ
ତାକୁ ଜାଣିବ ଛୋକାର ।"

ସମାଜରେ କେତେକ ଶଠ ପ୍ରକୃତିର ମଣିଷ ରହିଛନ୍ତି । କେତେକ ଲୋକ ଅତି ବିକଳରେ, ବିପଦ ସମୟରେ କିଛି ଗୋଟାଏ ଦେବାର ପ୍ରତିଶ୍ରୁତି ଦିଅନ୍ତି, କିନ୍ତୁ ବିପଦ ପରେ ଚାତରଭାବ ଦେଖାନ୍ତି । ଏମାନଙ୍କ ସ୍ୱଭାବ ହେଉଛି -

ଆତଙ୍କ କାଳେ ଯାଚନ୍ତି କୁକୁଡା
ଆତଙ୍କ ଗଲେ ଦିଅନ୍ତି ନେଫେଡା

ସଂସାରରେ ଅନେକ ସ୍ୱାର୍ଥପରଲୋକ ଅଛନ୍ତି, ସେମାନଙ୍କ ଆଖିକୁ ଆଙ୍ଗୁଠି ଯାଏ ନାହିଁ, କିନ୍ତୁ ଅନ୍ୟମାନଙ୍କର ସଂମୃଦ୍ଧି ଦେଖିଲେ ଏମାନେ ଆଦୌ ସହିପାରନ୍ତି ନାହିଁ । ସେମାନଙ୍କ ସ୍ୱଭାବ ହେଉଛି -

କ) ଆପଣା ବେଳକୁ ଫାଲୁଆ ଗୁଣ୍ଡା ।
ପରବେଳକୁ ଗୋବର ଲୁଣ୍ଡା ।
ଖ) ଆପେ ରାଣ୍ଡ ସାହି ପଡ଼ୋଶୁଣୀ ଗୋଡ଼େଇ ରାଣ୍ଡ ।

ଆଗ ସମଜାରେ ନିଶା ଖାଇବାରେ କେତେଗଣ ଅଭ୍ୟସ୍ତ । ତେଣୁ କେତେ ପ୍ରକାରର ନିଶାଖୋର ଲୋକ ଅଛନ୍ତି, ଯେଉଁମାନଙ୍କ କାର୍ଯ୍ୟ କେବଳ ନିଶା ଖାଇବା ପାଇଁ । ଏମାନେ କିଛି କିଛି ଚୋରୀ କରନ୍ତି । ଏଥିନେଇ ଡ଼ଗ କହେ -

ଅପୁଆଚୋର, ଗଂଜେଇଆ ଭୋଳ
ଧୂଆଁ ପତରିଆର, ଘରେ ନିତି ଗୋଳ ।

ଟିପ୍ପଣୀ

ସମାଜରେ ସମସ୍ତେ ସୁଖର ସାଥୀ, ଦୁଃଖ ସମୟରେ କାହାର ସହଯୋଗ ମିଳେନାହିଁ । ନାରୀର ପ୍ରସୂତି ପୂର୍ବରୁ ସାଦଭାର ଆସେ, ସମସ୍ତେ ଖାଇ ଆନନ୍ଦ ହୁଅନ୍ତି, କିନ୍ତୁ ପ୍ରସବ ସମୟକୁ ତା ପାଇଁ ସ୍ଥାନ ନ ଥାଏ । ଏଥିପାଇଁ ଢ଼ଗ ସୂଚାଇଦିଏ ଯେ -

ଉଖୁଡ଼ା ଖାଇଲା ବେଳକୁ ହଣହଣ

ବେଇଲା ବେଳକୁ ଏକଣ ସେକଣ ।"

ଏଇପରି ବିଚାରି ବସିଲେ ମାନବ ପ୍ରକୃତିର ବିଶ୍ଳେଷଣ କରିବାରେ ରାଶି ରାଶି ଢ଼ଗ ରହିଛି । ଏଗୁଡ଼ିକରେ ମଣିରେ ସାର୍ବିକ ବିଶ୍ଳେଷଣ ପରିଲକ୍ଷିତ ହୋଇଥାଏ ।

ଲୋକ ସମାଜରେ ସୁସ୍ଥ ପାରିବାରିକ ଜୀବନର ଚଳଣି ଉପରେ ଗୁରୁତ୍ୱ ଆରୋପିତ ହୋଇଥାଏ । ପରିବାରର ଶୃଙ୍ଖଳା ନେଇ ସମାଜର ଶୃଙ୍ଖଳା । ଭାଇ, ବାପା, ମାଆ, ପତି, ପତ୍ନୀ, ସନ୍ତାନ ସନ୍ତତି ଇତ୍ୟାଦିଙ୍କୁ ନେଇ ସୁସ୍ଥ ପରିବାର ଗଠିତ ହୋଇଥାଏ । ପାରସ୍ପରିକ ସ୍ନେହ ମମତାର ବନ୍ଧନ ମଧ୍ୟରେ ପାରିବାରିକ ଜୀବନର ଶାନ୍ତି ଆଉ ସନ୍ତୋଷ ଆସେ । ପରିବାରରେ ବାପର ଭୂମିକା ବଡ଼ ଗୁରୁତ୍ୱପୂର୍ଣ୍ଣ । ବାପ ଥିଲେ ପୁଅକୁ 'ରାଣ୍ଡିପୁଅ ଅନନ୍ତା' କୁହାଯାଏ ନାହିଁ, ବରଂ "ବାପ ଥିଲା ପୁଅ ସଭାରେ ହାରେନି ।" ସେମିତି ଅବସ୍ଥା ଭଲ ନ ଥିବା ସମୟରେ ଅପା ଯଥେଷ୍ଟ ସାହାଯ୍ୟ କରିଥାଏ । ଅପା ଅତି ଆପଣାର । ସାନ ଭାଇ ପ୍ରତି ତାର ଅମାପ ମମତା । ସେଥିପାଇଁ କୁହାଯାଏ -

ଅଳପ ଲୋକ ବିସ୍ତରବୋଝ ତାକୁ ଜାଣିବ କପା ।

ମହର୍ଗ କାଳରେ ଯାଚି ପରଶଇ ତାକୁ ଜାଣିବ ଅପା ।

ପାରିବାରିକ ଜୀବନରେ, କଳହ ହୁଏ, କିନ୍ତୁ ଏହା କ୍ଷଣସ୍ଥାୟୀ, ସ୍ୱାମୀ ସ୍ତ୍ରୀର କଳହ ପରେ ପୁଣି ମଧୁର ପ୍ରେମ ସମ୍ବନ୍ଧ ସ୍ଥାପିତ ହୋଇଥାଏ । ପରଲୋକ କଦାପି ଆନ୍ତରିକତାର ସହିତ କାମ କରେ ନାହିଁ । ଏଥିପାଇଁ କୁହାଯାଇଛି -

ଆକଟ କାମକୁ ଥିଇରି ଚାଲି

ତାକୁ ଜାଣିବ ପର

କଳି ପଛେ ପଛେ କଅଁଳ କଥା

ତାକୁ ଜାଣିବ ବର ।

ସେମିତି ସଂସାରରେ ଯେତେ ଯାହା ଥିଲେ ମାଆର ସ୍ନେହ ସବୁଠାରୁ ଉର୍ଦ୍ଧ୍ୱରେ । ତେଣୁ ମାଆ ନାହିଁ ଯାହାର, ସାହା ନାହିଁ ତା'ଆର । ମାଉସୀ, ପିଉସୀ ଯେତେ ସ୍ନେହ କଲେ ମାହାର ସ୍ନେହ ସବୁଠାରୁ ଉତ୍କୃଷ୍ଟ । ଅମୂଲମୂଲ ତା'ର ମମତା । ଢ଼ଗ ବଖାଣେ -

ଆଳୁକୁଚି ବୋଲ ମାଳୁକୁଚି ବୋଲ

ଭାତ ପରି କିଏ ହେବରେ

ମାଉସୀ ବୋଲ ପିଉସୀ ବୋଲ

ମାଆ ପରି କିଏ ହେବରେ ।

ଟିପ୍ପଣୀ

କିନ୍ତୁ ବେଳେବେଳେ ବାପ ପୁଅଙ୍କ ସମ୍ପର୍କଟା ତିକ୍ତ ହୋଇଯାଏ । ବାପକୁ ଛାଡ଼ି ପୁଅ ନିଜର ସ୍ୱାର୍ଥ ଦେଖେ । ଏକଥା ଶୁଣାଇ ଢ଼ଗ କହେ -

ପୁଅ ବସିଛି କଚେରୀରେ
ବାପ ଖାଉଚି ପଥୁରୀରେ ।

ଦାରିଦ୍ର୍ୟ ପୀଡ଼ିତ ବାପଠାରୁ ଦୂରେଇ ଯାଇ ଆଡ଼ମ୍ବର ଦେଖାଉଥିବା ପୁତ୍ର ପ୍ରତି ଇଙ୍ଗିତ କରେ ଢ଼ଗ କବି । ପୁତ୍ରର ନାଗରପଣ ତା ନିକଟରେ ଶୋଭନୀୟ ହୁଏ ନାହିଁ । ତେଣୁ ଢ଼ଗ କହେ -

ପୁଅ, କେତେ କରୁଥାଇ ଚାତର
ବାପ ବିକୁଥିଲା ଚୁଙ୍ଗୁଡ଼ି ଶୁଖୁଆ
ମାଆ ବିକୁଥିଲା ପତର ।

ବିଭିନ୍ନ ଜାତିର ଲୋକଙ୍କର କେତେଟା ସ୍ୱାଭାବିକ ଅଭ୍ୟାସ ରହିଛି । ସେଇ ଅଭ୍ୟାସ ହେଉଛି ସେଇ ଜାତିର ଲୋକଙ୍କର ସ୍ୱଭାବ । ଏ ସମ୍ପର୍କରେ ଲୋକକବି ଢ଼ଗ ମାଧ୍ୟମରେ ନିଜସ୍ୱ ମନ୍ତବ୍ୟ ପ୍ରକାଶ କରିଥାଏ । ଲୋକକବିର ଶାଣିତ ବ୍ୟଙ୍ଗବାଣୀରୁ କୌଣସି ଲୋକ ରକ୍ଷାପାଇନାହିଁ । ସବୁଜାତିର ଲୋକଙ୍କ ପ୍ରତି ଲୋକକବି ଆକ୍ଷେପ କରେ -

(କ) ବଙ୍ଗାଳୀ ବଢ଼ିଲେ ବଢ଼ଇ ହୁକା
ପଠାଣ ବଢ଼ିଲେ ପକାନ୍ତି ଡକା
ବ୍ରାହ୍ମଣ ବଢ଼ିଲେ ଢ଼ାଳନ୍ତି ପାଣି
କରଣ ବଢ଼ିଲେ ପୂଜାର ଠାଣି ।

(ଖ) ଜାତି ଗୁଡ଼ିଆ,
ବାର ମାସରେ ତେର କୁଡ଼ିଆ ।

(ଗ) ତେଲୀ କୋଟଟ
ବୋଡ଼ିକି ପାଇଁକି ବସାନ୍ତି ହାଟ ।

(ଘ) ଚଷା କି ବୋଲଇ ପଶାର ଗୁଣ
ଶୁଙ୍ଘି ଶୁଙ୍ଘି କହେ ସୈନ୍ଧବ ଲୁଣ ।

(ଙ) ମାହାନ୍ତି ଜାତି
ଉଧାର ପାଇଲେ କିଣନ୍ତି ହାତୀ ।

ବନ୍ଧୁବାନ୍ଧବଙ୍କ ପ୍ରତି ଆଚାର ଆଚରଣ ମଧ୍ୟରେ କେତେ ପ୍ରକାରର ବ୍ୟବସ୍ଥା । କେତେକ ବନ୍ଧୁପ୍ରିୟ, ବନ୍ଧୁଙ୍କୁ ଆଦର କରନ୍ତି । ମାମୁଁଙ୍କୁ ଶ୍ରେଷ୍ଠ ବନ୍ଧୁ ଭାବରେ ମର୍ଯ୍ୟାଦା ଦିଆଯାଏ । ଏଥିପାଇଁ କୁହାଯାଏ ।

ଧାନ ଯାକରେ ବଉଳା ସାର
ବନ୍ଧୁ ଯାକରେ ମଉଳା ସାର ।

ଟିପ୍ପଣୀ

ବନ୍ଧୁ ବୀତସ୍ପୃହ ମଣିଷର ଆଚରଣ ପ୍ରତି ଲୋକକବି ସଚେତନତା ପ୍ରକାଶ କରିଥାଏ -

ଅଇଲ ବନ୍ଧୁ ଭଲ କଲ ଏବେ

ବସିବାକୁ ନାହିଁ ଠାଅ ।

ଯେଉଁ ବାଟେ ବାଟେ ଆସିଲବନ୍ଧୁ

ସେଇ ବାଟେ ବାଟେ ଯାଅ ।

ସ୍ନେହ ସମ୍ବନ୍ଧ ରଖିଥିବା ଲୋକବନ୍ଧୁଙ୍କୁ ଆଦର କରିବାକୁ ଲୋକେ ଭଲପାଆନ୍ତି । ତାକୁ ଅତି ଆପଣାର କରିବାକୁ ଯାଇ ହୁଏତ କୁହାଯାଏ -

ଆସୁଥିବା ଯାଉଥିବା ନ କରିବ ପର

ମନେ ସଦା ରଖିଥିବ ଏ ତୁମ୍ଭର ଘର ।

ଓଡ଼ିଆର ଖାଦ୍ୟରୁଚିକୁ କେତେକ ଢ଼ଗ-ଢ଼ମାଳି ମଧ୍ୟରେ ପ୍ରକାଶ କରାଯାଇଛି । କେଉଁ ମାସରେ ଓ କେଉଁ ପର୍ବରେ କି କି ଖାଦ୍ୟ ପ୍ରସ୍ତୁତ ହେବା କଥା ତାହା ଲୋକଗୀତରେ ସ୍ଥାନ ପାଇଛି । ସ୍ୱାଦଯୁକ୍ତ କେତେକ ଖାଦ୍ୟ ବିଷୟରେ ଓଡ଼ିଆ ଢ଼ଗରେ ଅଛି -

(କ) ଚୂଡ଼ାକୁ ସୁନ୍ଦର ଗୁଡ଼, ଦହି

ଦୁଧକୁ ସୁନ୍ଦର ନବାତ, ଖଇ ।

(ଖ) ଚିଙ୍ଗୁଡ଼ି ମାଛକୁ ଟାକେରା ଆମ୍ବୁଲ

ତୋଡ଼ି ମାଛ କାଞ୍ଜି ପାଣି

ମାଗୁର ମାଛରେ ସଜ ବସାଦହି

ଭାତ ନେଇଥାଏ ଟାଣି ।

(ଗ) ଅରୂପ ଯାକରେ ସ୍ୱରୂପ ମିଠା

ମନୁଷ ମିଠା ଗୋରା

ଦେବତା ଯାକରେ କାଳିଆ ମିଠା

ସବୁଠାରୁ ମିଠା କୋରା ।

ଗ୍ରାମୀଣ ପରିବେଶ ମଧ୍ୟରେ ପ୍ରେମ ପ୍ରୀତିପୂର୍ଣ୍ଣ ଉକ୍ତି ପ୍ରତ୍ୟୁକ୍ତି ବେଶ ସରସତା ଆଣିଥାଏ । ଲୋକକବି ଏହାକୁ ଅତି ଜୀବନ୍ତ ଭାବରେ ରୂପ ଦେଇଛି । ଗ୍ରାମୀଣ ନାରୀକୁ ପରପୁରୁଷ ଅନାଇ ରହିଛି, ନିଜର ସ୍ୱାମୀ ହିଁ ତା'ର ଶ୍ରେୟ, ତେଣୁ ପରପୁରୁଷକୁ ସେ ତାଚ୍ଛାଲ୍ୟ କରିଛି । ଅନୁରୂପ ଭାବରେ ପରପୁରୁଷଟି ମଧ୍ୟ ସେଇ ନାରୀଟି ନିକଟରେ ନିଜ ସ୍ତ୍ରୀର ଗୌରବ ବଖାଣିଛି । ଏହାର ଏକ ଜୀବନ୍ତ ରୂପ ନେଇ ଢ଼ଗ କବି ଲେଖିଛନ୍ତି -

ସ୍ତ୍ରୀ - ଅରୁଆ ଚାଉଳ ଖିରିକି

ତୁମ ରାଇଜଏ ନୁହେଁରେ କାଳିଆ

କେତେ ଚାହୁଁଥାଉ ନିରେଖି ।

ଟିପ୍ପଣୀ

ନେଉଟିଆ ମୂଳେ କଂସା ମୁଁ ମାଜୁଛି
ନେଉଟି ନ ଚାହାଁ ମତେରେ
ମୋର ଗୁଣମଣି ତୋଠଉଁ ସୁନ୍ଦର
ଗୋଲାମ ରଖିବେ ତତେରେ ।

ପୁରୁଷ - ଛିଲୋ ଛିକୁଣି ତୋ ମୁଣ୍ଡେ ଉକୁଣି
କିଏ ତୋତେ ମୋର ଚାହୁଁଛି
ମୋହର ଘରଣୀ ତୋଠଉଁ ସୁନ୍ଦର
ଶାଶୁ କୋଳେ ଦିନ ନଉଛି ।"

ଲୋକ ସମାଜରେ ଲୋକ ଜୀବନର ବାସ୍ତବ ଚିତ୍ର, ଲୋକଚରିତ୍ରର ସମସ୍ତ ଦିଗ, ଲୋକ ମନର ମାନସିକତା ବଖାଣିବାର ଓଡ଼ିଆ ଢ଼ଗ-ଢ଼ମାଳି ଗୁଡ଼ିକର ଦକ୍ଷତା ସର୍ବାଧିକ । ଲୋକଜୀବନର ପ୍ରତିଟି ସ୍ତରର ଚିତ୍ର ଏଥିରେ ଅଙ୍କିତ ହୋଇଥିବାରୁ ଏହାକୁ ଲୋକବେଦ କହିବା ଆଦୌ ଅସମୀଚୀନ ହେବନାହିଁ । ଲୋକ ଜୀବନର ବୀଣା ବାର୍ତ୍ତାର ଅସଂଖ୍ୟ ଉଦାହରଣ ମଧ୍ୟରୁ ଏହାର ସତ୍ୟତା ଉପଲବ୍ଧି କରାଯାଇପାରେ ।

ଓଡ଼ିଆ ଢ଼ଗରେ କେତେକ ଉପଦେଶ ବଚନ ପରିଲକ୍ଷିତ ହୋଇଥାଏ । କର୍ମବାଦ, ଭାଗ୍ୟବାଦ, ନ୍ୟାୟ-ନୀତି, ଖାଦ୍ୟ, ସ୍ୱାସ୍ଥ୍ୟ ଏବଂ ଜୀବନ ପ୍ରତି ଥିବା ଦୃଷ୍ଟିକୋଣ ସମ୍ପର୍କରେ ଏଇ ସବୁ ଢ଼ଗ ଆଣିଥାଏ ତୀବ୍ର ସଚେତନତା । ଏସବୁରେ ଅଛି ଅନୁଭୂତିର ତୀକ୍ଷ୍ଣ ଝଲକ ଏବଂ ଭାବର ସରଳତା । ଜୀବନର ସମସ୍ୟା ସଙ୍କୁଳ ମୁହୂର୍ତ୍ତରେ ଏସବୁ ପ୍ରାଣରେ ସଚେତନତା ପ୍ରକାଶ କରିଥାଏ । ଦିଗଭ୍ରଷ୍ଟ ମାନବ ପ୍ରତି ଏ ଦେଖାଇଦିଏ ଆଶାର ଆଲୋକ ବର୍ତ୍ତିକା । ଆଶା, ଆଶ୍ୱାସନା ଭିତରେ ମାର୍ଗ ଦର୍ଶନ କରାଇବା ଏ ସବୁର ସବିଶେଷ ଲକ୍ଷଣ । ଯଥା -

(କ) **କର୍ମବାଦ** - କାହା କରମରେ ଖିରି ଖିରୀସା
କାହା କରମରେ ଲଡ଼ୁ
କାହା କରମରେ କାଣ୍ଡିଆ କୁଣ୍ଡା
ଚୋବେଇ ଚୋବେଇ ମରୁ ।

(ଖ) **ଭାଗ୍ୟବାଦ** - କିଏ ଘୋଡ଼ା ପାଲିଙ୍କିରେ ହକର ହକର
କିଏ ଖଣ୍ଡିଆ କାନୁରେ ହକର ହକର ।

(ଗ) **ପ୍ରକୃତିର ଅପରିବର୍ତ୍ତନୀୟତା** -
କ୍ଷୀରରେ ଧୋଇଲେ ଖଣ୍ଡରେ ମୋହିଲେ
ନିମ୍ବକି ମଧୁର ହୋଇବ ।
ଯେତେ ପରକାରେ ବୁଝାଇ କହିଲେ
ପରକି ଆପଣା ହୋଇବ ?

*ଟିପ୍ପଣୀ*

(ଘ) **ଧର୍ମଭାବ -**

ଅଧର୍ମ ବିତ୍ତ ବଢ଼େ ବହୁତ
ଗଲାବେଳେ ଯାଏ ମୂଳ ସହିତ ।

(ଙ) **ବିପଦ ସମ୍ପଦ -** ଘରପୋଡ଼ି ଠାରୁ ବିପଦ ନାହିଁ
ଘୋଡ଼ା ଚଢ଼ା ଠାରୁ ସମ୍ପଦ ନାହିଁ ।

(ଚ) **କର୍ମପ୍ରତି ସଚେତନତା -**

ଏକା ହୋଇକରି ତପସ୍ୟା କରିବ
ଦୁଇଜଣ ମିଶି ପାଠ ପଢ଼ିବ
ତିନିଜଣ ମିଶି ସଙ୍ଗୀତ କରିବ,
ଚାରିଜଣ ମିଶି ବାଟ ଚାଲିବ
କୃଷି ଆରମ୍ଭିବ ମିଶି ପାଞ୍ଚଜଣ
ବହୁ ଲୋକ ମିଶି କରିବ ରଣ ।

(ଛ) **ଧୀରତା ଓ ସ୍ଥିରତା -**

ଅଧୀର ହୋଇ ନ ଖାଇବ ଭାତ
ଅଧୀର ହୋଇ ନ ଚାଲିବ ହାତ
ଅଧୀର ହୋଇ ନ ମାରିବ କାତ
ବୋଲେ ଦନାଇ ପଡ଼େ ଉତପାତ ।

(ଜ) **ସ୍ୱାସ୍ଥ୍ୟ ସମ୍ପର୍କରେ -**

ଅଧା ପେଟରେ ଚାଲିବ ବାଟ
ଅଧା ପେଟରେ କରିବ ନାଟ
ଅଧା ପେଟରେ ପିଠଉ ବାଟ
କହେ ଦନାଇ ଏ କଥା ନିରାଟ ।

(ଝ) **ଖାଦ୍ୟ ସମ୍ପର୍କରେ -**

ଖାଇ ଶୋଇଲେ ବଢ଼ଇ ଆୟୁ
ଖାଇ ଧାଇଁଲେ ବଢ଼ଇ ବାୟୁ
ଖାଇ ଖାଇଲେ ବଢ଼ଇ ପେଟ
ଖାଇଲେ ଅତି ଯମର ଭେଟ ।

ଟିପ୍ପଣୀ

(ଞ) **କାହାକୁ କ'ଣ କଷ୍ଟ -**

ଚୋରକୁ ଅଡୁଆ ଚାନ୍ଦିନୀ ରାତି
ଦାରୀକି ଅଡୁଆ ପୁଅ
ମାଳିକି ଅଡୁଆ ଛେଳି ବଳଦ
ଦୁଃଖୀକି ଅଡୁଆ ଝିଅ ।

(ଟ) **ମନର ସ୍ଥିତି ସମ୍ପର୍କରେ -**

ଏଇ ମନ ଗୋଟି ଭୋଗୀ
ଏଇ ମନ ଗୋଟି ଯୋଗୀ
ଏଇ ମନ ଗୋଟି ମର ହସ୍ତୀ
ଏଇ ମନ ଗୋଟି ବଇରାଗୀ ।

(ଠ) **ସହବାସ ସମ୍ପର୍କରେ -**

ପୋଖତୀ ହେବାର ସାତମାସ
ଗର୍ଭପାତର ଦଶ ମାସ
ମଧ୍ୟରେ ନଯିବ ସ୍ୱାମୀର ପାଶ ।

ଏଇ ଦୃଷ୍ଟିରୁ ଚିନ୍ତା କଲେ, ଢ଼ଗଢ଼ମାଳିରେ ଉପଦେଶ, ଶାସ୍ତ୍ରବାକ୍ୟ, ନ୍ୟାୟ ଅନ୍ୟାୟ, ଜୀବନ-ଦୃଷ୍ଟି, ଭଲମନ୍ଦ ବିଚାର ବୋଧ ଅତି ବାସ୍ତବାଶ୍ରୟୀ ଓ ପ୍ରଭାବଶାଳୀ ହୋଇଥିବା ଜଣାଯାଏ । ଗୋଟିଏ ପୋଥିରେ ଯାହା କୁହାଯାଇ ନପାରେ ବେଳେବେଳେ ଗୋଟିଏ ଢ଼ଗରେ ତାହା ପ୍ରକାଶ ପାଇଯାଏ । "ପଦ ପଦକରେ ଢ଼ଗ ଢ଼ମାଳି ଏପରି ଭାବରେ ପରିପୂର୍ଣ୍ଣ ଯେ ସେଥିରେ ପୋଥିଏ କଥା ଅନ୍ତର୍ନିହିତ ଥିଲା ପରି ମନେହୁଏ । କାବ୍ୟ-ଉପନ୍ୟାସରେ ଇତିହାସ, ପୁରାଣରେ ଯେଉଁ ଚିତ୍ର ଏବଂ ଚରିତ୍ର ପାଇଁ ଅଧ୍ୟାୟ ଅଧ୍ୟାୟ ଆବଶ୍ୟକ ହୋଇଥାଏ, ଅତି ଚୁମ୍ବକରେ ଢ଼ଗ ଜରିଆରେ ସେହି ଭାବନାକୁ ଅତ୍ୟନ୍ତ ତୀକ୍ଷ୍ଣ ଅଥଚ ପ୍ରଭାବଶାଳୀ ରୂପରେ ପ୍ରକାଶ କରଦିଆଯାଇପାରେ ।"

## ଅନ୍ତରଙ୍ଗ ପରିବେଶ

ବିଦଗ୍ଧ ସାହିତ୍ୟର କାବ୍ୟ-ଇତ୍ୟାଦିରେ କେତେକ କବି ବଚନରେ ରହିଥାଏ, ଆପ୍ତବାକ୍ୟ । ସେଗୁଡ଼ିକରେ କାବ୍ୟିକ ସତ୍ୟତା ନିହିତ । ସେହିପରି ଓଡ଼ିଆ ଲୋକଗୀତରେ କେତେକ ଢ଼ଗରେ ରହିଛି ସେଇ ସନାତନୀ ସତ୍ୟର ଉଦ୍‌ଘୋଷଣା । ଏସବୁ ପହଳି, ବଚନ ବା ଡାକବଚନ ଭାବରେ ଲୋକଗୀତରେ ପରିଚିତ । ଏଥିରେ ରହିଛି ଲୋକ କବିର ଅନୁଭୂତିସିଦ୍ଧ ପ୍ରୌଢ଼ତ୍ୱ । ଲୋକେ ସାମାଜିକ ବ୍ୟବହାରରେ ଏସବୁର ଦୃଷ୍ଟାନ୍ତ ଦେଇଥାଆନ୍ତି ଓ ଏହାକୁ ବେଦବାକ୍ୟ ପରି ମନେ କରନ୍ତି । ପହଳି ଗୁଡ଼ିକ ଜନଜୀବନର ସମସ୍ୟା ସାଧାନରେ ଅନେକ ସହାୟତା କରିଥାଏ ।

ପହଳି ବ୍ୟତୀତ ଡାକବଚନରେ ରହିଛି କୃଷି ଓ ପାଗ ସମ୍ବନ୍ଧୀୟ କେତେକ ବିବରଣୀ । ଏଗୁଡ଼ିକର ଅଧିକାଂଶ ଦନାଇ ବଚନ, ଡାକବଚନ ଏବଂ ଖନାବଚନ ଭାବରେ ଗ୍ରହଣ କରାଯାଏ । କେତେକଙ୍କ ମତରେ ଦନାଇ ବଚନର କବି ହେଉଛନ୍ତି ଗୋପୀଭାଷାର ରଚୟିତା ଦନାଇ ଦାସ । କିନ୍ତୁ ଲୋକଗୀତରେ ଦନାଇ ବଚନର ସିଦ୍ଧି ଓ ବ୍ୟାପ୍ତି ସର୍ବାଧିକ

ଟିପ୍ପଣୀ

ଓ ଏହା ଗୋପୀଭାଷାର ପୂର୍ବବର୍ତ୍ତୀ ସମୟର କୃତି । ତେଣୁ ଦନାଇ କହିଲେ ଏଠାରେ କୌଣସି ନିର୍ଦ୍ଦିଷ୍ଟକବି ନୁହନ୍ତି, ବରଂ ଅନୁଭୂତିସିଦ୍ଧ ବିଚକ୍ଷଣ ମାନବର ସେଇ ପୌଢ଼ୋକ୍ତି ଗୁଡ଼ିକ ଲୋକଗୀତରେ ଦନାଇ, ବଚନ, ଖନାବଚନ ଓ ଡାକବଚନ ଭାବରେ ଖ୍ୟାତିଲାଭ କରିଛି । ଅନୁଭୂତି ସିଦ୍ଧ ସତ୍ୟକଥା ନହିଁ ଏଇ ବଚନ ବିନ୍ୟାସର ବିଶେଷତ୍ୱ । ସତେଜତା, ସରସତା, ଅନୁଭୂତିପ୍ରାଣତା ଏବଂ ଚିରନ୍ତନୀ ସତ୍ୟବୋଧ ଏଇ ଧରଣର ବଚନ କ୍ରମର ଏକ ଏକ ସିଦ୍ଧି । "ଡାକବଚନ ଅନ୍ୟାନ୍ୟ ପ୍ରାଦେଶିକ ଭାଷା ମାନଙ୍କରେ ମଧ ଦେଖାଯାଏ । ମଡାକ', କିଏ କେଉଁଠାର ଲୋକ, କେଉଁ ସମୟର ଲୋକ, ତାହା ଜାଣିବାର ଉପାୟ ନାହିଁ । ଜ୍ୟୋତିଷ, ବାଣିଜ୍ୟ ଓ କୃଷି ପ୍ରଭୃତିରେ ଡାକ ବଚନ ଥିବାର ଦେଖାଯାଏ ।"

ଖନାବଚନ ଓ ଡାକବଚନ ତୁଳନାରେ ଦନାଇ ବଚନର ବ୍ୟାପ୍ତି କିନ୍ତୁ ଅଧିକ । ଦନାଇ ବଚନ ଅନୁଭୂତି ସିଦ୍ଧ ସତ୍ୟତାରେ ପରିପୂର୍ଣ୍ଣ । "ଦନେଇ ଭଣତିରେ ପଦ୍ୟାତ୍ମକ ଏକ ଏକ ଢ଼ଗ ଗ୍ରାମେଗ୍ରାମେ ଶୁଣାଯାଏ । ସେ 'ଦନେଇ' କିଏ ଓ ସେ ବିଚକ୍ଷଣ ପୁରୁଷ ଜଣକ କେତେ ସହସ୍ର ଅମୂଲ୍ୟରତ୍ନ ଗଢ଼ିଥିଲେ ତାହା ଅଦ୍ୟାପି ସଂଗ୍ରହ ହୋଇପାରିନାହିଁ ବା ଜଣାଯାଇନାହିଁ । ସେ ଏହା ନୁହନ୍ତି, ତାଙ୍କ ପରି ଏ ଉତ୍କଳରେ ଅନେକ ବିଜ୍ଞ ମଧ ଅଜ୍ଞାତରେ ଅଦ୍ୟାପି ରହିଛନ୍ତି ।" ଦନାଇ ବଚନର ପ୍ରତ୍ୟେକ ପହଳି ଶେଷରେ ଦନାଇଙ୍କର ଭଣତି ରହିଛି । ପୁଣି ଅନ୍ୟାନ୍ୟ ଢ଼ଗ ତୁଳନାରେ ଏଗୁଡିକରେ କବିତ୍ୱର ସ୍ଫୂର୍ତ୍ତି ରହିଛି ଓ ସ୍ଥାନେ ସ୍ଥାନେ ଏଥିରେ ଆଳଂକାରିକ ଭାବ ପୂରି ରହିଛି । ଦନାଇ ବଚନରୁ ଏଠାରେ କେତେକ ଦୃଷ୍ଟାନ୍ତ ଦିଆଯାଇପାରେ, ଯଥା–

(କ) ଟକଳା ଗୁଡ଼ିଆ ଧାଇଁଆ ତେଲୀ
ଛୋଟା ଦଣ୍ଡଆସୀ ଛେଳିଆ ମାଳୀ
ଅଗୁଟା ବ୍ରାହ୍ମଣ କୁରୁଟା ଧୋବା
ବୋଲେ ଦନାଇ ଖାଆନ୍ତି ଖୋବା ।

(ଖ) ବଡ଼ କରି ଆଶା ହୁଏ ନିରାଶ
ବୈଶ୍ୟ ବଶରେ ଯେ ପରପୁରୁଷ
ପୋଖତୀ ପେଟୁଁ ନ ଗଲେ ପରାସ
ପରାଗରେ ଯିଏ କରେ ଗିରାସ
ଅଧାଛପାଳିରେ ଉଠିଲେ କାଶ
ମାଗଣ ହଳରେ ଯେବଣ ଚାଷ
ପାଣି ବାଟେ ଯେହୁ କରେ ବିଶ୍ୱାସ
ହନ୍ତସନ୍ତ ସାର ଦନାଇ ଭାଷ ।

(ଗ) ବଡ଼ ପୋଖରୀ ଥାଏ ଯେ ଗ୍ରାମର
ପୁଷ ମାସରେ ଯେ କରେ ବେପାର
ଖିଅର ହୁଏ ଯେ ସୋମ ବୁଧର
ଦୁହାଁଳି ଗାଇ ହୋଇଲେ ସୁଧାର
ଝିଅ ଘରେ ଯେବେ ମିଳେ ଆଦର
ବୋଲେ ଦନାଇ ଏ ବଡ଼ ସାଦର ।

ଟିପ୍ପଣୀ

(ଘ) ପଢ଼ିଶାରୁ କାମ ନେବ ଦେଇ ଭଲ ଆହାର
ଠାପୁଆରୁ କାମ ଦେବ ଦେଇ ବ୍ରହ୍ମ ପାହାର ।
ଚାକରରୁ କାମ ନେବ ମୁଖ କରି ଗମ୍ଭୀର
ରାଜା ଠାରୁ କାମ ନେବ କରି ଲକ୍ଷ ଜୁହାର
ଦନାଇରୁ କାମ ନେବ କରି ମିଠା ବେଭାର ।

(ଙ) ପୁରୁଣା ବଇଦ, ନୂଆ ଜ୍ୟୋତିଷ
ପୁରୁଣା ତଇଳ, ନୂତନ ବାସ
ପୁରୁଣା ଚାକର, ପୁରୁଣା ପାନ
ନୂତନ ବାନ୍ଧିବ, ନୂତନ ଯାନ
ଉତ୍ତମ ବୋଲି, ଦନାଇ କଥନ ।

(ଚ) ପୋଷାହାତୀ ନ ମାନିଲେ ଅଙ୍କୁଶ ଅଝାମ
ଘୋଡ଼ା ହୋଇ ନ ମାନିଲେ ଚାବୁକ ଲଗାମ
ରାଜା ହୋଇ ନ ମାନିଲେ ରାଜାର ଧର୍ମକୁ
ବ୍ରାହ୍ମଣ ଯେବେ ନ ମାନେ ବୈଦିକ କର୍ମକୁ
ବିଧବା ହୋଇ ଯେ ନ ମାନଇ ଲୋକ ଲଜ୍ଜା
ପ୍ରଜା ମେଳି ହୋଇ ଯେବେ ନ ମାନିବେ ପ୍ରଜା
ସମୁଦ୍ର ଲଙ୍ଘିବ ଯେବେ ନ ମାନିବ କୂଳ
ଇନ୍ଦ୍ର ହୋଇ ଯେବେ କାଳେ ନ ବରଷେ ଜଳ
କହେ ଦନାଇ ଏହାକୁ ଅଛି କେଉଁ ବଳ ?

ଦନାଇ ବଚନ ପରି ଅନ୍ୟାନ୍ୟ କେତେଜଣ ଲୋକକବିଙ୍କର ବଚନ ମଧ୍ୟ ରହିଛି । କିନ୍ତୁ ସେଗୁଡ଼ିକ ଦନାଇ ବଚନ ପରି ଏତେ ବ୍ୟାପକ ସିଦ୍ଧିର ଅଧିକାରୀ ନୁହନ୍ତି । ଶୁଭାଶୁଭ ନିର୍ଣ୍ଣୟ ଓ କୃଷି ନିର୍ଣ୍ଣୟ କ୍ଷେତ୍ରରେ କେତେକ ଉପଦେଶ ବଚନ ମଧ୍ୟରେ ଅନେକ ସାର୍ଥକ ଉପଦେଶ ମଧ୍ୟ ପରିଲକ୍ଷିତ ହୋଇଥାଏ । ଯଥା -

(କ) ଭିକ ମାଗି ଭିକ ଦେବ
ତିନିପୁରେ କିଣୁଥିବ ।

(ଖ) ଭାଦ୍ରବରେ ଲାଉ ଆଶ୍ୱିନେ ପୂଳା
ପୁଷେ ବରକୋଳି, ମାଘରେ ମୂଳା,
ସଂକ୍ରାନ୍ତିରେ ପିଠା, ରାତିରେ ଦହି
ଦୁଇ ପ୍ରହର ଦିନବେଳେ ଖଇ
ନାଥ ବୋଲେ, ପୁତା ଖାଇବୁ ନାହିଁ ।

(ଗ) ବାମେ ଦେଖିଲି ବାମ ଶିଆଳି
ଦକ୍ଷିଣେ ଦେଖିଲି ଶଙ୍କା
ସେଇ ଅନୁକୂଳେ ଶ୍ରୀରାମ ଠାକୁର
ଜୟ କରିଥିଲେ ଲଙ୍କା ।

(ଘ) ବାଡ଼ି ଠୁକୁଠୁକୁ କାନ ନଡ଼କା
ବାଟେ ଦ୍ୱିଜବର ଦେଖିଲେ ଏକା
ପାଆନ୍ତେ କୁମ୍ଭାର, କୋଶକେ ତେଲୀ
ବାପ ଘର ହେଲେ ନ ଯିବ ପେଲି ।

(ଙ) ନିଜ ମୁଖ ଦର୍ପଣରେ ଦେଖିବା -
ନାରୀମାନଙ୍କ କେଳି ବେଶ ହେବା
ତପସ୍ୟା ମୈଥୁନ, ଯେ ମଳତ୍ୟାଗ
ଏହା ନକରିବ କାହାରି ଆଗ ।

(ଚ) ନିଆଁ, ନଦୀ, ନାଗ, ବାଇ
ଏମାନଙ୍କ ସଙ୍ଗେ ଖେଳିବ ନାହିଁ ।

(ଛ) ନଈ ଖଣ୍ଡି ଚାଷ
ନଈ ଖଣ୍ଡି ବାସ
କେବେ ନକର ଆଶ ।

ଏଇପରି ଅନେକ ଉପଦେଶ ବଚନ ଭିତରେ ଡାକବଚନ ଅନ୍ୟତମ । ଏସବୁ ସୂଚନାତ୍ମକ ଏବଂ ଉପଦେଶାତ୍ମକ, ଯଥା -

(କ) ଉଇଁ ନଦିଶେ ହସି ପଶେ
ସଜ ଗୋବରରେ ଅଁଶାଇ ପଶେ
ଉତ୍ତରମେଘ ଦକ୍ଷିଣେ ଆସେ
ଡାକ ବୋଲେ ପୁତା ନିଶ୍ଚେ ବରଷେ ।

(ଖ) ଶିଙ୍ଗ ସରୁ ଲାଙ୍ଗୁଡ଼ ମୋଟା
ଡାକ କହେ ପାଶେ ନ ଯାଆ ବେଟା ।

୮। କୃଷି ବଚନ :

ଓଡ଼ିଶାର ଲୋକ ସମାଜ ହେଉଛି କୃଷିଭିତ୍ତିକ ସମାଜ । ତେଣୁ କୃଷି ଉପରେ ନିର୍ଭର କରି ବଞ୍ଚିଥିବା ଏଇ ସମାଜରେ କୃଷିକୁ ନେଇ ଅନେକ ଅନୁଭୂତି, ଅନେକ ପ୍ରତ୍ୟକ୍ଷ ଅଭିଜ୍ଞତା ରହିଛି । କିପରି ଅବସ୍ଥାରେ ବର୍ଷା ହୁଏ, ବର୍ଷା

ଟିପ୍ପଣୀ

ଫସଲ ପାଇଁ ଉପଯୋଗୀ, ଚାଷ କରିବାର ପ୍ରଣାଳୀ କ'ଣ, ଚାଷ ପାଇଁ ଆବଶ୍ୟକ ପାଗ ଓ ସରଞ୍ଜାମ ସବୁ କ'ଣ - ଏ ସମ୍ପର୍କୀୟ ତୀବ୍ର ଅନୁଭୂତି ଓ ଅଭିଜ୍ଞତାକୁ ନେଇ ଗ୍ରାମ୍ୟ ଗୀତିକାରେ ଅନେକ କୃଷି ବଚନ ସ୍ଥାନ ପାଇଥିବା ଲକ୍ଷ୍ୟ କରାଯାଏ । ଏଠାରେ ତନ୍ମଧ୍ୟରୁ କେତୋଟି ଦୃଷ୍ଟାନ୍ତ ଗ୍ରହଣ କରାଯାଇପାରେ । ଯଥା -

**ବର୍ଷା ସମ୍ପର୍କୀୟ ବଚନ :**

(କ) ଯଦି ବରଷେ ମାଘର ଶେଷ
ଧନ୍ୟ ସେ ରାଜା ଧନ୍ୟ ସେ ଦେଶ ।

(ଖ) ପୂର୍ବେ ଇନ୍ଦ୍ରଧନୁ ପଶ୍ଚିମେ ରୋହି
ନାଥ ବୋଲେ ପୁତା ପଡ଼ଇ ଧୋଇ ।

(ଗ) ଆଠ ଦମକାଣି ଷୋଳ ଅସରା
ବତିଶି ଝିପିଝିପି ଚଉଷଠି କୁଣ୍ଡାଝରା

(ଘ) ଭୋଦୁଅ ଧୋଇ କିଛି ରହି
ଅଶିଣ ଧୋଇ ନିକଳଙ୍କ ହୋଇ ।

**ଚାଷ ସମ୍ପର୍କୀୟ ବଚନ :**

(କ) ଅଗରୁଆ ଘରକୁ
ପଛ ରୁଆ ଗୋରୁକୁ ।

(ଖ) ଫଗୁଣେ ଚଷ, ସୁନାର କଷ
ଚଇତେ ଚାଷ, କୁଟୁମ୍ବ ପୋଷ
ବୈଶାଖ ଚାଷ କୋଠକୁ ତୋଷ
ଜ୍ୟେଷ୍ଠ ଚାଷ ମୂଲିଆ ପୋଷ ।

(ଗ) ଛାଡ଼ ଚଉଦ ଚଷ ଚାରି
କରଷଣ କର କୃଷି କିଆରି
ଉଚ୍ଚ ଉଚ୍ଚ ହିଡ଼ ଦେ
ଚାରି ଚଉଦ ବୁଝିନେ

(ଘ) ଏଣୁ ତେଣୁ ପଛେ ଚଷ
ମଇ ଦୁଇପଟା ଘଷ ।

(ଙ) ଷାଠିଏ ଓଡ଼ ମୂଳା
ତହିଁର ଅଧ ତୁଳା
ତହିଁର ଅଧ ଧାନ
ତହିଁର ଅଧ ପାନ

**ବଳଦ ଲକ୍ଷଣ :** ଟିପ୍ପଣୀ

କୃଷି କର୍ମରେ ବଳଦର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉତ୍ତମ ବଳଦ ଦ୍ୱାରା ଭଲ କୃଷି କରାଯାଇପାରେ । ତେଣୁ ଲୋକକବି ବଳଦର ଲକ୍ଷଣ ନିଶ୍ଚୟ କରି କହିଥାଏ ।

(କ) ଜାଣ ନ ଜାଣ ଝାମ୍ପୁଲା ଆଣ
ଖାଡ଼ିଆ ଶିଙ୍ଗା ସବୁଠୁ ଟାଣ ।
କୁଣ୍ଡଳ ଶିଙ୍ଗା ଦେଖିବୁ ଯେବେ
ଅଣ୍ଟାରୁ ପଇସା କାଢ଼ିବୁ ତେବେ
ଆଣିଥିବୁ ମୂଳ ଶିଙ୍ଗାକୁ ରସି
କାନ୍ଦୁଥିବୁ ହିଡ଼ ମୁଣ୍ଡାରେ ବସି ।

କୃଷି-ପ୍ରବିଧିର ବିଭିନ୍ନ ଶିକ୍ଷା କୃଷି ବଚନମାନଙ୍କରେ ସ୍ଥାନ ପାଇଛି ଓ ଏସବୁ ସାଧାରଣ ବଚନ ନୁହେଁ, ବରଂ ଏହା ପ୍ରବୀଣ କୃଷିବିତ୍‌ର ଅନୁଭୂତିସିଦ୍ଧ ଅଭିଜ୍ଞତା । ଏସବୁ କୃଷିବଚନ ସହିତ କେତେକ ବୋଲି ମଧ୍ୟ ଲୋକଗୀତରେ ଦେଖାଦିଏ । କୃଷକ ହଳ ନେଇଯାଏ, ମନଖୁସିରେ ସେ ସଙ୍ଗୀତ ଗାଏ । ବିଲର ଚାଷ, ରୁଆ, ବେଉଷଣ, ଧାନକଟା ଓ ଫସଲ ଅମଳ କାଳରେ କୃଷକ ସଙ୍ଗୀତ ଗାନକରେ ସେ ସବୁ କୃଷକ ବୋଲି ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ଏଥିରେ କୌଣସି ନିର୍ଦ୍ଦିଷ୍ଟ ଭାବ ନଥାଏ, ବରଂ କେତେକ ପ୍ରେମପୂର୍ଣ୍ଣ ଭାବନା ରହିଥାଏ । ରାଧା, କୃଷ୍ଣ ଓ ରାମ ସୀତାଙ୍କୁ ଏଥିରେ ନାୟକ ଓ ନାୟିକା ଭାବରେ ଉପସ୍ଥାପିତ କରାଯାଇଥିବା ଲକ୍ଷ୍ୟ କରାଯାଏ । କୃଷକ ଗାଏ -

(କ) ପାଠ ତ ପଢ଼ିନାହିଁ ଗୋ ନାହାକ ଚାହାଳିରେ
ଗୀତ ତ ବୋଲି କାହିଁ ଲୋ ପାଞ୍ଚ ହଳିଆରେ
ଗୀତ ତ ଗୀତଲୋ ଗମ୍ଭିରୀ ମହଲାରେ
କି ଗୀତ ବୋଲିବି ଲୋ, ଧରିଛି ହଡ଼ା ହଳେ ।

(ଖ) ହଳତ ଧରି ଗଲି ଅଭୟ ପଞ୍ଚରକୁ
ସଂଜ୍ଞାତ ଟେକି ଦେଲି ହରି ଶବଦକୁ
ବିହନ ବୁଣିଲି ନବରନ୍ ମଞ୍ଜି
ହେତୁ ପାଇ ବୃକ୍ଷ ହୋ ଉଠିଲା
ଫଳିଲା ଜ୍ଞାନ ମଞ୍ଜି ହୋ ।

କୃଷକ ବୋଲିରେ ସାମଗ୍ରିକ ଭାବରେ ଭାବ ସଂହତି ନାହିଁ, ଏଣୁ ତେଣୁ ଯାହା ଯୋଡ଼ି ଦେଇ ପଦ ସଂଯୋଜିତ ହୁଏ ।

**୯। ଶଗଡ଼ିଆ ଗୀତ :**

ଗ୍ରାମ୍ୟ ପରିବେଶର ଯାନ କହିଲେ ଶଗଡ଼ ବୋଝ ବହନକରିବା ଓ ଯାତ୍ରୀଙ୍କର ଯାତାୟାତ ପାଇଁ ଏହା ବ୍ୟବହୃତ ହୁଏ । ଭୌଗୋଳିକ ଅବସ୍ଥା ଅନୁଯାୟୀ କେଉଁଠାରେ ବଳଦ ଅବା କେଉଁଠାରେ ମଇଁଷି ଏହାକୁ ଟାଣନ୍ତି । ମନ୍ଥର-ଗମନ

ଟିପ୍ପଣୀ

ଏକ ଯାନର ଚାଳକ ଶଗଡ଼ିଆ, ଦୂର ପଥ ଅତିକ୍ରମ କରିବାକୁ ତା'କୁ ଲାଗେ ଦୀର୍ଘ ସମୟ । ଦୁଇଟି ପଶୁକୁ ଧରି ଦୀର୍ଘ ସମୟର ଯାତ୍ରା ପଥରେ ଶଗଡ଼ିଆ ନୀରବ ରହି ନ ପାରି କୃଷକ ପରି ବେଳେବେଳେ ସଙ୍ଗୀତ ପଦେ ଅଧେ ଗାଇ, ବଳଦ ଅଡ଼ାଇ ସମୟ କଟାଏ । ଶଗଡ଼ିଆ ଗୀତଗୁଡ଼ିକ ଦୋହ ଶ୍ରେଣୀର । ଏଥିରେ ପୁରାଣ ଦୃଷ୍ଟାର ପୁନରାବୃତ୍ତି ପରିଲକ୍ଷିତ । ଅକ୍ଷର-ପରିଚୟହୀନ ଶଗଡ଼ିଆ ତୁଣ୍ଡରେ ଯାହା ପଇଟି ଯାଏ ତାହା ଗୀତ ହୋଇଯାଏ । ଶଗଡ଼ିଆ ଗାଏ -

ଦୂରକୁ ସୁନ୍ଦରତ ପରବତ ମାଳ
ଗାଁକୁ ସୁନ୍ଦରତ ନଡ଼ିଆ, ଗୁଆ, ତାଳ
ବନ୍ଧୁକୁ ସୁନ୍ଦରତ ଦିଶଇ ଦୂରବାଟ
ସିନ୍ଧୁକୁ ସୁନ୍ଦରତ ଲହଡ଼ା ଭଙ୍ଗା ଘାଟ
ସଭାକୁ ସୁନ୍ଦରତ ପଧାନ ସାନଭାଇ
ଗୋଠକୁ ସୁନ୍ଦରତ ଦୁହାଁଳିଆ ଗାଈ
ଘରକୁ ସୁନ୍ଦର ଯେବେଲୋ ଘରଣୀ
ନ ଯିବା ବାପ ଘର ଲୋ ।

ଶଗଡ଼ିଆ ଗୀତର କଥାବସ୍ତୁ ପ୍ରାଚୀନ ନୌବାଣିଜ୍ୟ କରିଯାଉଥିବା ସାଧବ ପୁଅର ପ୍ରତ୍ୟାବର୍ତ୍ତନ ସମୟରେ ସାଧବାଣୀର ବୋଇତବନ୍ଦାଣର ଦୃଶ୍ୟ, ରାମ, ସୀତା, ଲଙ୍କାଗଡ଼ ଜୟକରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନର ଦୃଶ୍ୟ, ପ୍ରକୃତିର ସ୍ୱଚ୍ଛ ଓ ଜୀବନ୍ତ ଦୃଶ୍ୟାବଳୀ, ପଲ୍ଲୀ ଗୃହିଣୀର ପିତୃଗୃହ ଗମନ ଇତ୍ୟାଦି ଦୃଶ୍ୟର ବର୍ଣ୍ଣନାରେ ପରିପୂର୍ଣ୍ଣ । ଡ଼ଗ ଡ଼ମାଳି ଓ ପହଳି ପରି, କିମ୍ବା କୃଷକ ବୋଲି ପରି ଏଗୁଡ଼ିକ ଆକାରରେ ଏତେ ସଂକ୍ଷିପ୍ତ ନୁହେଁ । ଦୀର୍ଘ ଗୀତର ସାମୂହିକ ଭାବ ସଂହତି ନଥିଲେ ମଧ୍ୟ ଏକକ ଭାବରେ ପଦ ଗୁଡ଼ିକର ସଂହତି ରହିଥାଏ ।

### ୧୦। କୃଷକ ସଙ୍ଗୀତ :

ସମଗ୍ର ଓଡ଼ିଶାର ଚଳଣି ହେଉଛି କୃଷିଭିତ୍ତିକ । କୃଷି ହେଉଛି ମୁଖ୍ୟ ଜୀବିକା, କୃଷି ଏକ ଶ୍ରମ ସାପେକ୍ଷ କର୍ମ । କଠିନ ଶ୍ରମ କାଳରେ କୃଷିକାର ବେଳେବେଳେ ଆନମନା ହୋଇ ସଙ୍ଗୀତ ଗାନ କରେ, ଆପଣାର ଶାରୀରିକ କ୍ଳାନ୍ତିକୁ ଦୂରେଇ ଦେବାକୁ ମାନସିକ ସ୍ତରରେ ସେ ପ୍ରସ୍ତୁତ ହୋଇଥାଏ । ବେଳେ ବେଳେ ସେ ଗାନ କରେ କେତେ ସଙ୍ଗୀତ । ତାଙ୍କଠାରୁ ଶୁଣାଯାଏ -

ରାମନେଲେ ହଳ ଯେ ଲକ୍ଷଣ ନେଲେ ମଇ
କେଉଁ ଦିଗେ ମେଘ ଯେ ବରଷା
ତିନ୍ତିଲେ ବେନି ଭାଇ ହୋ ।
ସୁବର୍ଣ୍ଣର ନଙ୍ଗଳକୁ ରୂପାର କୁଆଳି
ମନ ଚଇତନ ହୋ ବଳଦ, ହଳିଆ ବନମାଳୀ ।

କୃଷିକର୍ମ ବର୍ଷକ ମଧ୍ୟରେ ଅନେକ ସମୟରେ ସମ୍ପାଦିତ ହୋଇଥାଏ । ହଳ ବଳଦ ଯୋଚି ହଳ କରିବା, ଦେଓଚ ଚାଷ, ମଇଦିଆ, ବିହନବୁଣା, ଗୁଆ ବନ୍ଧା, ବେଉଷଣ ଏବଂ ଧାନକଟା, ଧାନ ଅମଳ ଇତ୍ୟାଦି କାମରେ କୃଷକ

ଟିପ୍ପଣୀ

ମନୋନନିବେଶ କରିଥିବା ବେଳେ ଗାନକରେ କୃଷି ସଙ୍ଗୀତ । ନିରକ୍ଷର ପୁରାଣ ଜ୍ଞାନ, ଆଧ୍ୟାତ୍ମିକ ଅନୁଚିନ୍ତା ଇତ୍ୟାଦିର ସହଯୋଗରେ ସରଳ ପଦମାନ ତା'କଣ୍ଠରୁ ନିଃସୃତ ହୁଏ । ନା' ଏଥିରେ ରହିଥାଏ ଭାଷାର ଆଟୋପ ନ ଥାଏ ଛନ୍ଦବନ୍ଧର ଶୃଙ୍ଖଳା । କର୍ମକ୍ଳାନ୍ତ ଜୀବନର ଏହା ହେଉଛି ମୁକୁଳା ପରିଭାଷା ।

**୧୧ । ମଇଁଷିଆଳ ଗୀତ :**

କୃଷିଭିତ୍ତିକ ଓଡ଼ିଶାରେ କୃଷି କାର୍ଯ୍ୟରେ ପ୍ରଧାନ ସହାୟକ ହୋଇଥାନ୍ତି ବଳଦ ଓ ମଇଁଷି । ଏହା ବ୍ୟତୀତ ଗୋପାଳମାନେ ଗୋ-ମଇଁଷାଦି ପଶୁପାଳନ କରି ସେମାନଙ୍କ କୌଳିକ ବ୍ୟବସାୟ ଚଳାନ୍ତି । ଗୋପାଳମାନେ ମଇଁଷି ଚରାନ୍ତି, ଏମାନଙ୍କୁ ମଇଁଷିଆଳ କୁହାଯାଏ । ଏମାନଙ୍କର ବହୁ ସମୟ କଟେ ଗୋଠରେ, ଏମାନେ ମଇଁଷି ଚରାନ୍ତି, ଏଇ ସମୟରେ ସେମାନଙ୍କ କଣ୍ଠରୁ ଶବ୍ଦାୟିତ ହୁଏ ଗୀତର ସୁଅ । ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ମଇଁଷିକୁ ନେଇ ମଇଁଷିଆଳ ମାନେ ଜୀବିକାନିର୍ବାହ କରନ୍ତି । ଗୋଠ ମାନଙ୍କରେ ଏମାନେ ଗାଆନ୍ତି -

"ମଇଁଷି ଖାଇଲେ ବିରି ଉଠିଆଲୋ
ଖରିପଡ଼ିଆରେ ଗୋଠ
ଦୁହାଁବରଡ଼ିଆ ଅଲଗା କରିଲୋ
ବୋହୂ ମତାଇବେ ମାଠ ।"

**୧୨ । ନାଉରି ଗୀତ :**

ନଦୀ ମାତୃକା ଦେଶ ଓଡ଼ିଶାରେ ନଦୀପାର ହେବାପାଇଁ ବିଭିନ୍ନ ସମୟରେ ନାଉରିଆର ଆବଶ୍ୟକତା ପଡେ । ନାଉରିଆ ନଈରେ ନାଆ ମେଲିଦିଏ । ସ୍ରୋତର ଅନୁକୂଳରେ ନାଆ ଚାଲେ, ଏକାକୀ ଉଦାସିଆ କଣ୍ଠରେ ବେଳେବେଳେ ଗୀତ ପଦେ ଅଧେ ଗାଇଦିଏ ନାଉରିଆ ।

କଦଳୀ ପତର ବାଆକୁ ଫରଫର
ଓଦାଲୁଗା ପିନ୍ଧି ଗୋରୀ ବାହାର
ହଳଦୀ ଜରଜର ହୋ ।

ଏ ଗୀତରେ କିଛି ଉଦ୍ଦେଶ୍ୟ ମୂଳକତା ନାହିଁ, ହେଲେ ରହିଛି ଗୋଟାଏ ଆବେଗ ପ୍ରବଣ ମନର ଆତ୍ମମୁକ୍ତି ।

**୧୩। ସବାରି ଡାକ :**

ପ୍ରାଚୀନ ଓଡ଼ିଶାର ବିବାହବିଧି ଥିଲା ସ୍ୱତନ୍ତ୍ର । କନ୍ୟାକୁ ସବାରିରେ ବସାଇ ଗୋପାଳମାନେ ସବାରି କାନ୍ଧେଇ ବରଘର ଅଭିମୁଖେ ନେଇ ଯାଆନ୍ତି । ଏମାନଙ୍କୁ ହୁଏତ ବେଳେବେଳେ ଦୀର୍ଘପଥ ଅତିକ୍ରମ କରିବାକୁ ହୋଇଥାଏ । ପୁଣି ବିଲ-ବଣ, ଖାଲ-ଖମା ଇତ୍ୟାଦି କେତେ କେତେ ଦୁର୍ଗମ ପଥ ଅତିକ୍ରମ କରିବାକୁ ହୋଇଥାଏ । ଏମାନେ କାନ୍ଧରେ ସବାରି ଥୋଇ ଧୀର୍ଘପଥ ଅତିକ୍ରମ କାଳରେ ସମ୍ମିଳିତ କଣ୍ଠରେ ଗାନ କରୁଥିବା ଗୀତାକୁ ସବାରୀ ଡାକ କୁହାଯାଏ । ଏହା ପୁଣି ଉଚ୍ଚ କଣ୍ଠରେ ଗୀତ ହେଉଥିବାରୁ ବହୁଦୂରକୁ ଶୁଣାଯାଏ । ଏମାନେ ଡାକ ମାରନ୍ତି -

ହୁମରା ଭାଇରେ ହାକୁମ ଧାବଲ
ଖବର କରିରେ ହାକୁମ ଧାବଲ

ଟିପ୍ପଣୀ

ଏଇଠି ଖାଲରେ ହାକୁମ ଧାବଲ
ଏଇଠି ଢ଼ିପରେ ହାକୁମ ଧାବଲ
ଏଇଠି ଗଛରେ ହାକୁମ ଧାବଲ
ଧୀରେ ଚାଲିବୁରେ ହାକୁମ ଧାବଲ
ଧୀରେ ଗଡ଼ିବୁରେ ହାକୁମ ଧାବଲ
ଏଇଠି ଘରରେ ହାକୁମ ଧାବଲ
ସବାରି ରଖରେ ହାକୁମ ଧାବଲ

ଏଇ ଗୀତିକାରେ ଧ୍ୱନି ଅଛି, ମାତ୍ର ଭାବ ହେଉଛି ସମ୍ପୂର୍ଣ୍ଣ ନିରର୍ଥକ । ଏଥିରେ କବିତ୍ୱର ସୁକୁମାରତା ନାହିଁ, ଅଛି ଯାତ୍ରାକାଳର ବାସ୍ତବ ଅନୁଭୂତିର ବୟାନ ।

**୧୪ । କେତେକ ନୃତ୍ୟ ଗୀତିକା :**

ଗ୍ରାମ୍ୟ ଜୀବନରେ ସାପୁଆ କେଳା ଓ ମାଙ୍କଡ଼ ନଚାଳି ସାପଖେଳ ଓ ମାଙ୍କଡ଼ ଖେଳ ଦେଖାଇ ଗ୍ରାମୀଣ ମଣିଷଙ୍କର ମନୋରଞ୍ଜନ କରନ୍ତି । ଏମାନେ ସାପ ବା ମାଙ୍କଡ଼ ନଚାଇବା ସମୟରେ ବିଭିନ୍ନ ସଙ୍ଗୀତ ଗାନକରନ୍ତି । ସାପକୁ ପେଡ଼ିରୁ ବାହାର କରି ସାପୁଆ କେଳା ଡ଼ମ୍ବରୁ ବଜାଇ ଥାଏ -

ଆରେ କାଳିରେ ବନମାଳୀରେ
ପୟରେ ନଲାଗଇ ଧୂଳି ଗୋବିନ୍ଦ ହରି ମାଧବ
କଂସର ଘରଣୀ ପଦ୍ମାବତୀ ରାଣୀ
ଦିନେ କରିଥିଲା ଧନିତ୍ରୀ ଓଷା
ଇକ୍ଷେଭାର ପଦ୍ମ ଦେବୁରେ କହ୍ନାଇ
ଗୋବିନ୍ଦ ହରି ମାଧବ ।

ସେଇପରି ଡମ୍ବରୁ ବଜାଇ ମାଙ୍କଡ଼ ନଚାଳି ଗାଏ -

ପାତି ମୋର ନାଟ କରିବ
ପାତି ମୋର ବାବୁ ହୋଇବ
ପାତି ମୋର ବୋହୂ ହୋଇବ
ପାତି ମୋର ଗାଁ ବୁଲିବ
ପାତି ମୋର ହାଟକୁ ଯିବ,
ପାତି ମୋର ସେତୁ ଡେଇଁବ
ଲଙ୍କାକୁ ଯିବ
ସୀତା ଠାକୁରାଣୀ ଠାବକରିବ ।

ଏଇପରି କେଳାମାନେ ଭାଲୁ, ମୂଷା ଓ ସଖୀନାଚ କରି ଅନେକ ଗୀତ ଗାଆନ୍ତି ।

**୧୫। ଚକୁଳିଆ ପଣ୍ଡା ଗୀତ :**

ବର୍ଷକର ବାରମାସ ମଧ୍ୟରେ କାର୍ତ୍ତିକ, ମାଘ ଓ ବୈଶାଖ ମାସକୁ ଧର୍ମମାସ ରୂପେ ବିବେଚନା କରାଯାଇଥାଏ । ଏଇ ମାସମାନଙ୍କରେ ଚକୁଳିଆ ପଣ୍ଡାମାନେ ଚନ୍ଦନ ଚର୍ଚ୍ଚିତ ହୋଇ, ତାଳପତ୍ର ଛତ୍ର ଧାରଣ କରି ଗ୍ରାମ ଦାଣ୍ଡରେ ଗୀତ ଗାଇ ଗାଇ ଭିକ୍ଷା କରନ୍ତି । ସେମାନଙ୍କ କଣ୍ଠର ସେଇ ଗୀତ ଗୁଡିକରେ ନାହିଁ ଭାବନାର ଅଭିବ୍ୟକ୍ତି, ବରଂ ପଦକୁ ପଦଯୋଡ଼ି ଏହା ସହିତ ଉପସ୍ଥିତ ବୁଦ୍ଧିକୁ ସଂଯୋଗ କରି ସେମାନେ ଭିକ୍ଷା କରନ୍ତି । ଏହା ଭିତରେ ଗ୍ରାମ୍ୟ ଜନତାଙ୍କ ମଧ୍ୟରେ ଧର୍ମୀୟ ସଚେତନତା ଆଣିବା ପାଇଁ ସେମାନେ ପୁରାଣ ପୃଷ୍ଠାର କେତେକ ଉପାଖ୍ୟାନକୁ ତୁଣ୍ଡେ ଗୀତ ବାନ୍ଧି ପ୍ରକାଶ କରନ୍ତି । ରାମନାମ, କୃଷ୍ଣନାମ ଗାନ, ଦାନଧର୍ମର ଉଚିତ ଫଳାଫଳ ସମ୍ପର୍କରେ ସେମାନେ ସେମାନଙ୍କ ଅଭିମତ ଦେଇ ସରଳ ଗ୍ରାମ୍ୟ ଜନତାଙ୍କ ଭିତରେ ଦାନାଧର୍ମର ବିଚାର ବିବେଚନା ପ୍ରକାଶ କରିଥାଆନ୍ତି । ସେମାନଙ୍କ ଗୀତ ଶୁଣି ସରଳ ପଲ୍ଲୀବାସୀ ସେମାନଙ୍କୁ ଚାଉଳ ଓ ପରିବା ଇତ୍ୟାଦି ଦାନ କରନ୍ତି ।

ଯହୁଁ ରାମନାମ ପଦକୁ ଭଜିଲେକ କୋଲନ୍ତା
ପାଞ୍ଚଗୋଟି ପୁତ୍ର ତାଙ୍କ ହେଲେ ବଳବନ୍ତା ଯେ ।
ଯହୁଁ ରାମନାମ ଭଜିଲୋକ ନକୁଳ
କୁନ୍ତବହୁଳ ଧରିତ୍ରୀକୁ କଲେ ଟଳମଳହେ ।
ଦେବ ଦିଆଇବ ହେ ଏମନ୍ତ କରିବ
ଧରିତ୍ରୀରେ ଦାତାପଣେ ଯଶ ଭିଆଇବ ।
ଏ ନନା ଘର ଦେବେ ଫଡାଏ କଖାରୁ
ଆର ନନା ଘର ଦେବେ ବଡ଼ ବଡ଼ ଆଳୁ ।
ବଡ଼ ଆଳୁ ଦେଲେ ପୁଣି ହୋଇ ଭରଥା
କୁନି ପିଲାମାନେ ତୁଣ୍ଡେ ବୋଲିବେଟି କଥା ।

**୧୬। ଯୁଦ୍ଧ ଗୀତିକା :**

ଓଡ଼ିଆ କେବଳ କୃଷି ଭୂମି ନୁହେଁ, ଏହା ବୀରପ୍ରସବିନୀ ବୀରଭୂମି ଉତ୍କଳ । କେଉଁ ସୁଦୂର ଇତିହାସରୁ ଜଣାଯାଏ ଓଡ଼ିଆ ଜାତି ଥିଲା ବୀର । ଏ ବୀର ଜାତିର ପାଇକ ପୁଅର କୁହାଟ ଦିନେ ଶତ୍ରୁ ହୃଦୟରେ ଶଙ୍କା ସୃଷ୍ଟି କରୁଥିଲା । ବୀର ଓଡ଼ିଆ ଦିନେ ଜୟ କରି ବସିଥିଲା ଆଗଙ୍ଗଗୋଦାବରୀ । ସେଇ ଓଡ଼ିଆ ଜାତିର ବୀରତ୍ୱ ବିମଣ୍ଡିତ ସମର ଦକ୍ଷତା ଓଡ଼ିଆ ଲୋକଗୀତରେ ସ୍ଥାନ ପାଇଛି । ଏଇ ଧରଣର ଗୀତିକାକୁ ସମର ବା ଯୁଦ୍ଧଗୀତିକା କହିବା ଯଥାର୍ଥ ହେବ । ଓଡ଼ିଆ ଲୋକଗୀତର ଏହି ବିଭାଗଟି ହେଉଛି ମର୍ଯ୍ୟାଦାଜନକ ଐତିହାସିକ ସମ୍ପଦ । ଓଡ଼ିଆ ଲୋକକୀତରେ ଅନେକ ପାଇକ ବୋଲି ସ୍ଥାନ ପାଇଛି ।

କୃଷକ ବୋଲିରେ ଯେପରି କୃଷି ଓ କୃଷକର ସଙ୍ଗୀତ ସ୍ଥାନପାଇଛି, ଯୁଦ୍ଧ ଗୀତିକାରେ ସମର କୌଶଳ, ସମର ସମୟର ସାହସିକତା, ସମରଭୂମିରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର, ବୀରମାନଙ୍କ ଲକ୍ଷଣ, ବିଭିନ୍ନ ଅସ୍ତ୍ରଶସ୍ତ୍ର ଧାରଣର ନିୟମ, ମୁଷ୍ଟି ଯୁଦ୍ଧ, ଅସ୍ତ୍ର ଯୁଦ୍ଧ, ମଲ୍ଲ ଯୁଦ୍ଧ ଇତ୍ୟାଦିର ବର୍ଣ୍ଣନା, ବୀରମାନଙ୍କର ବେଶ ପ୍ରକରଣ ଇତ୍ୟାଦି ବିବିଧ ବିଷୟ ବର୍ଣ୍ଣିତ । ଏଠାରେ କେତେକ ଯୁଦ୍ଧ ଗୀତିକାର ଉଦାହରଣ ଗ୍ରହଣ କରାଯାଇପାରେ ।

ଟିପ୍ପଣୀ

(କ) ଶ୍ରୀ ଶ୍ରୀ ଶ୍ରୀ ଅଷ୍ଟ ଉତ୍ତରଶ୍ରୀ
ବୀରଶ୍ରୀ ଗଜପତି ଜଗତ ଈଶ୍ୱର
ଅଖଣ୍ଡ ଖଣ୍ଡ ମହାମଣ୍ଡଳ ଲଲାଟେ କଳେବର
ବୀରାଧି ବୀରବର ପତାପି ଗଉଡ଼େଶ୍ୱର
କଳିଯୁଗ ଷଣ୍ଢା ।
ଝାଡ଼ ପାତିଶା ଖଣ୍ଡା ।
ନବକୋଟି କର୍ଣ୍ଣାଟ କଳବର୍ଗଚଣ୍ଡା
କ୍ଷତ୍ରିକୂଳ ଲଞ୍ଜା, ଭୈରବୀ ଧୂପ ଖଣ୍ଡା
ପରମେଶ୍ୱରଙ୍କ ଧଣ୍ଡା-ସୁଦର୍ଶନ ଚକ୍ର ଖଣ୍ଡା
ଆଦ୍ୟରେ ଆଦିପତି
ମହୀରେ ମହାପତି
ତଳେ ବସୁମତି
ଉପରେ ଧର୍ମ ଦେବତୀ
ଅତୁଳ ବଳ ପରାକ୍ରମ ନୃପତିଙ୍କ ନୃପତି
ସୁବର୍ଣ୍ଣ ସିଂହାସନରେ ବିଜୟ କରିଅଛନ୍ତି
ସଂଗ୍ରାମେ ସହସ୍ର ବାହୁ ବୀରଙ୍କ ଶିରୋମଣି
ପାତ୍ର ମନ୍ତ୍ରୀ ଚଉପାଶେ ସେବକ ଖଟଣି ।
ଢ଼ାଳନ୍ତି ଚାମର ପାଖ ଲୋକ ବାଜଣି କାହାଳ ମହୁରୀ ।
ଭାଟ କୈବାର କରେ ଖୁଣ୍ଟିଆ ଡାକେପୁରୀ ହୁରି ହୁରି ।

(ଖ) ସାତ ଖଣ୍ଡରେ ଖଣ୍ଡା ହୋଇଚି ଯୋଡ଼ା
ବ୍ରହ୍ମା ବିଷ୍ଣୁ ମହେଶ୍ୱର ହୋଇଲେକ ଲୋଡ଼ା ।
ଅଙ୍ଗେଇତ ରିସିପାତେ ଖଣ୍ଡା ହୁଏ ଗଢ଼ା
ଆଠ ବନ୍ଧେ ଖଣ୍ଡାରୁହିଁ ଯାହା ଲୋଡ଼ା
ଦୁଇ ମୁଖ ବହେ ଖଣ୍ଡା ମୁଖେ ତଲବାର
ମୁଣ୍ଡ ଦୁଇ ମୁଖ ହୋଇଥାଏ ତଲବାର
ପରଙ୍ଗି ରାହୁର ମାପ ଜାଣେ ଶସ୍ତକାର
କେଉଁ ଖଣ୍ଡା ରଣଜିଣେ ଶୁଣ ତା ବିଚାର ।
ଧ୍ୱଜ, ବନ୍ଧ, ଗଜବନ୍ଧ, ସିଂହ ବୃଷବନ୍ଧ
ଧ୍ୱଂସବନ୍ଧ, ପାନବନ୍ଧ, ନଖ କୁର୍ମବନ୍ଧ ।

ଟିପ୍ପଣୀ

(ଗ) ଆଠ ଚାଳିଶ ଆଙ୍ଗୁଳ ଧ୍ୱଜବନ୍ଧ କହି
ଏହାକୁ ରଖିଲେ ଯଶ ବହୁତ ହୁଅଇ
ପୌରୁଷ ହୁଅଇ, ଶତ୍ରୁଗଣ ସାଧ୍ୟ ହୋଏ
କ୍ଲେଶ ମିଳେ, ଦିନ ଦିନ କ୍ରୋଧ ହୋଇଯାଏ ।
ଦେଶରେ ଭ୍ରମଇ କିବା ବନବାସୀ ହୋଏ
ଉତ୍ତମ ବନିତା ତାକୁ ଆପେ ଲାଭ ହୁଏ ।

(ଘ) ଉଠା କଟାରୀ ଖୋ' ସେ ପେଟୀ
ଖଣ୍ଡା ତଲବାର ଭେଟା ଭେଟି,
ଶାହାଣ ଖାମଣ ବାଙ୍କ କାଠି
ପରଞ୍ଜି ମୁହଁକୁ ଘାଗୁଡ଼ି ଘଣ୍ଟି ।
ତୋଡ଼ର ଶିକୁଳି ଲଗା ବାହୁଟି ।
ସୁନଚିରା କୁନ୍ତ ଶୂନ୍ୟେ ଉଠି ।
ମାନ ମୁନ ଧରି ଖଣ୍ଡା ମୁଠି
ଯାଦବ ପୁତ୍ର ମାର କୁହାଟି ।

ଯୁଦ୍ଧ ଗୀତିକାଗୁଡ଼ିକ ସାଧାରଣତଃ ବର୍ଷର ଯେ କୌଣସି ସମୟରେ ଗୀତ ହୁଏ ନାହିଁ । ଖଣ୍ଡାୟତ, କ୍ଷତ୍ରିୟ ଓ ପାଇକ ଶ୍ରେଣୀର ଲୋକେ ଏକ ସଙ୍ଗୀତ ଗାନ କରନ୍ତି । ଏଗୁଡ଼ିକ ବୀର ରସଭିତ୍ତିକ ଗୀତିକା । ଢ଼ୋଲ, ମହୁରୀ, ଘଣ୍ଟ-କାହାଳୀ, ମର୍ଦ୍ଦଳ, ଶଙ୍ଖ ଇତ୍ୟାଦି ବାଦ୍ୟ ନାଦରେ ଏହି ଗୀତ ପାଇକ ଆଖଡ଼ା, ଫରିଖେଳ, ଇତ୍ୟାଦି କାଳରେ ଗାନ କରାଯାଏ । ଦଶହରା ସମୟର ଖଣ୍ଡେଲଚ ପଟୁଆର କିମ୍ବା ସୁନିଆ ସମୟର ପାଇକ ଆଖଡ଼ା ଇତ୍ୟାଦି ସମୟରେ ଏଇସବୁ ଗୀତ ବୋଲାଯାଏ । ଗୀତ ସହିତ ଯୁଦ୍ଧ ଅଭିନୟ ଚାଲେ ଓ ଏହା ସହିତ ବୀରବାଦ୍ୟ ବାଜିଉଠେ । ଗ୍ରାମ୍ୟ ଜୀବନର ଶାନ୍ତ-ସୁନ୍ଦର ପରିବେଶକୁ ଏଇ ଗୀତ ବୀରତ୍ୱ ବିମଣ୍ଡିତ କରେ, ଯୁଦ୍ଧପ୍ରିୟ ଓଡ଼ିଆ ଭିତରେ ପୁଣି ଅତୀତର ବୀରତ୍ୱ ଗାଥା ସ୍ମରଣ କରାଇଦିଏ ।

## ଅନ୍ୟାନ୍ୟ କେତେକ ଗୀତିକା

ଯୁଦ୍ଧ ଗୀତିକା ପରି ଲୋକଗୀତରେ ଅନ୍ୟାନ୍ୟ କେତେକ ଗୀତ ରହିଥିବା ଲକ୍ଷ୍ୟ କରାଯାଏ । ଏସବୁ ଭିତରେ ଶ୍ରମସଙ୍ଗୀତ ଓ ଗୋପାଳବୋଲି ହେଉଛି ଅନ୍ୟତମ । କ୍ଷତ୍ରିୟମାନେ ଯେପରି ଦଶହରା ସମୟରେ ଖଣ୍ଡା ଓ ବାଡ଼ି ଖେଳ କରନ୍ତି, ସେମିତି ଦୋଳପୂର୍ଣ୍ଣିମା ସମୟରେ ଗୋପାଳମାନେ ବାଡ଼ିଖେଳ ଦେଖାନ୍ତି । ଏହାକୁ ଲଉଡ଼ିଖେଳ କୁହାଯାଏ । ଏଇ ଖେଳରେ ସେମାନେ ବାଡ଼ି ବୁଲାନ୍ତି ଓ ଗୀତଗାଆନ୍ତି ଘଣ୍ଟି, ଘାଗୁଡ଼ି ଓ ଶିଙ୍ଗା ଇତ୍ୟାଦି ବାଦ୍ୟର ତାଳେ ତାଳେ ଏମାନେ ଗୀତ ଗାଆନ୍ତି । ଏଇ ଗୀତ ଗୋପାଳ ବୋଲି ନାମରେ ପରିଚିତ । ଏଥିରେ ରାଧା ଓ କୃଷ୍ଣ ହେଲେ ମୁଖ୍ୟ ଚରିତ୍ର । କୃଷ୍ଣଙ୍କର କ୍ରୀଡ଼ା କୌତୁକ ଓ ଫଗୁଖେଳ ବିଷୟ ଏଇ ଗୀତରେ ବର୍ଣ୍ଣିତ ହୋଇଥାଏ । ଗୋପାଳ ବୋଲିକୁ କେତେକ ଆଲୋଚକ

ଟିପ୍ପଣୀ

'ଆଗୁଳ' ବା 'ଓଗାଳ' ଭାବରେ ଗ୍ରହଣ କରନ୍ତି । ଏଇ ଧରଣର ଗୀତ ହେଉଛି ପ୍ରଶ୍ନ ଉତ୍ତରମୂଳକ । ପୁରୁଣା ଉପାଖ୍ୟାନ ଓ କେତେକ ଆଧ୍ୟାତ୍ମିକ ପ୍ରଶ୍ନ ଓ ଏହାର ଉତ୍ତର ମଧ୍ୟ ଏଥିରେ ସ୍ଥାନ ପାଇଥାଏ । ଏହାର କେତେକ ଦୃଷ୍ଟାନ୍ତ ହେଉଛି -

**(କ) ଗୋପାଳ ବୋଲି :**

ପ୍ରଶ୍ନ : କାହୁଁଥିଲ କାହୁଁ ଅଇଲ କାହାର ତୁମ୍ଭେ ଚାଟ
ନୟନେ ପଡ଼ିଛ ଆଜ ନ ଛାଡ଼ିବି ବାଟ ।
ଘଣ୍ଟିନେବି ଘାଗୁଡ଼ି ନେବି ହସ୍ତର ଲଉଡ଼ି
ଶିଙ୍ଗା ନେବି ବଂଶୀ ନେବି କେଭେ ନ ଦେବି ଛାଡ଼ି ।
ତୁମ୍ଭେକି ନ ଜାଣ ଆମ୍ଭର ହାଟେ
ଆଗରେ ଅଛନ୍ତି ନନ୍ଦର ଡାଟେ ।
ତୁମ୍ଭଙ୍କୁ ଦେଖିଲେ ପଥେ ଗୋଳିବେ ବାଟେ ।
ତୁମ୍ଭ ସଜ ପାଗ ଆମ୍ଭଙ୍କୁ ଦିଅ
ଲେଉଟି ଚଳାଇ ତୁମ୍ଭେ ଘରକୁ ଯାଅ ।

ଉତ୍ତର - କାହୁଁ ଥିଲ କାହୁଁ ଅଇଲ ବୋଲି ପଚାରିଲେ ମୋତେ
ଆଗୁଳକୁ ଉତ୍ତର ଯେ କହିଦେଲ ମୋତେ ।
ଆଦ୍ୟରେ ଶ୍ରୀକୃଷ୍ଣ ଅଙ୍ଗୁଜାତ କଲେ
ଗୋପାଳ ବୋଲିଣ ମୋତେ ନାମ ଦେଲେ ।
ଘଣ୍ଟି ଘାଗୁଡ଼ିକି ଯେ ଈଶ୍ୱର ଭିଆଇଲେ
ଗଛଉଣି ଲଡ଼ିକି ପାର୍ବତୀ ସମର୍ପିଲେ ।
ଶିଙ୍ଗାବାଦ୍ୟ ବୋଲି ପଚାରିଲ ଯାହା
ଅଟେଖୀ ଦେଲେ ଯେ ବେଣୁ ଶିଙ୍ଗା ବାହା ।
ବଇଁଶୀର ଆହାଲାଦ ତୁମ୍ଭେ ଯାହାଜାଣ
ବ୍ରହ୍ମା ଯେ ବଇଁଶୀ ଦେଲେ ଶ୍ରୀକୃଷ୍ଣ ଭିଆଣ ।"

**(ଖ) ଶ୍ରମ ସଙ୍ଗୀତ :**

ଶ୍ରମ ସଙ୍ଗୀତ ଓଡ଼ିଆ ଲୋକ ଗୀତର ଅନ୍ୟତମ ବୋଲି । ଗ୍ରାମ୍ୟ ଜନତାକୁ ଜୀବନ ଧାରଣ ପାଇଁ ଅନେକ ସମୟରେ ଶାରୀରିକ ଶ୍ରମ କରିବାକୁ ହୋଇଥାଏ । ଶ୍ରମ ସମୟରେ ଶ୍ରମ ଲାଘବ ପାଇଁ କେତେକ ସଙ୍ଗୀତ ଲୋକ ଗାନ କରନ୍ତି । ଏହା ପୁଣି ସ୍ଥାନ ଭେଦରେ ଭିନ୍ନ ଭିନ୍ନ ଆକାର ଓ ପ୍ରକାରର । ଏସବୁ ଢଗ ଭଳି କ୍ଷୁଦ୍ର ନୁହେଁ । ଏସବୁକୁ ଆଲୋଚକ ଓ ସଂଗ୍ରାହମାନେ ଦୀର୍ଘ ଢ଼ମାଳି ଭାବରେ ପର୍ଯ୍ୟାୟଭୁକ୍ତ କରିଅଛନ୍ତି । ହଳିଆ ହଳ କରିବା ବେଳେ, ଶ୍ରମିକ ଶ୍ରମ କରିବା ବେଳେ, କାଠ ହାଣିବା ବେଳେ, ବିଲରେ ପାଣି ବୋହିବା ବେଳେ, ଧାନ ଅମଳ ବେଳେ ଏଇ ସବୁ ଗୀତ

ଟିପ୍ପଣୀ

ଗାନ କରାଯାଏ । ଏହାଦ୍ୱାରା ଗାଇବା ଲୋକେ ଓ ଶୁଣିବା ଲୋକେ ଉତ୍ସାହିତ ହୋଇ ଶ୍ରମ କରନ୍ତି ଓ ଶ୍ରମ କଷ୍ଟ ଲାଘବ କରନ୍ତି । ଲୋକ ଗୀତର ବିଶିଷ୍ଟ ସଂଗ୍ରାହକ ଚକ୍ରଧର ମହାପାତ୍ର ଏଇ ପର୍ଯ୍ୟାୟରେ କେବାବାଡ଼ିଆ ଓ କୁମ୍ଭାମାଡ଼ ଇତ୍ୟାଦିର କେତେକ ଦୃଷ୍ଟାନ୍ତ ଦେଇଛନ୍ତି । ଯଥା -

(କ) କୋବା ପଡ଼େ ଗାଇଁ ଝାଇଁରେ
କୋବା ପଡ଼େ ଗାଇଁ ଝାଇଁ
ଗୋରିକା ମନରେ ହରଷ ନାହିଁ
ମିଛେ ବୋଲେ ନାହିଁ ନାହିଁ ।
କୋବା ପଡ଼େ ରାମ ରସରେ
କୋବା ପଡ଼େ ରାମ ରସ
ଗୋରିକା ମନରେ ହରଷ ନାହିଁ
ମିଛେ ବୋଲୁ ଥାଇ ବସ ।

(ଖ) ସୀତ ପତରିଆ କହ୍ନି
ସାତ ପରବତ ଡେଇଁ ଆସିଲି
କୁମ୍ଭାର ଶବଦ ଶୁଣି
ଲୋ ଖରା ମଉଳ ବେଳେ
ରଥ ଚାଲୁଥିଲା ଧୀରେ ଧୀରେ ।
କଅଁଳ କାକୁଡ଼ି ବହଳ ଚୋପାଲୋ ମୁଁ କାଟିଦେଲି ପରିବାକୁ
ପାନଖିଆ ସଙ୍ଗେ ପୀରତି କଲି ମୁଁ ଝୁରି ଝୁରି ମରିବାକୁ
ଲୋ ଗେଡ଼ି ମହାନ୍ତିଆଣୀ
ତୋର ନାସାରେ ଲୋ ନୋର ନାସାରେ
ଗୁଣା ବସଣି ।
ସରୁଆ କଜଳପାତି ଜାଇଫୁଲ ସରୁଆ କଜଳପାତି
ସରୁ ମୁହଁ ଦେଖି କଲି ପୀରତି ଲୋ
କି ଯୋଗେ ପାଇଲା ରାତି
ଲୋ ନଯା ଲବଙ୍ଗଲତା
ଫେରି ଆସିଲେ, ଲୋ ଫେରି ଆସିଲେ
କଥାବାରତା
ଲୋ ନଯା ଲବଙ୍ଗଲତା ।

ଟିପ୍ପଣୀ

## (ଗ) ମନ୍ତ୍ରତନ୍ତ୍ରାଦି ଗୀତ :

ସରଳ ପଲ୍ଲୀବାସୀଙ୍କ ଭିତରେ ରହିଥାଏ କେତେକ କୁସଂସ୍କାର ଓ ଅନ୍ଧବିଶ୍ୱାସ । ପଲ୍ଲୀବାସୀମାନେ ଏଇ ବିଶ୍ୱାସ ବଶବର୍ତ୍ତୀ ହୋଇ ଗାଁ ଗୁଣିଆର ମନ୍ତ୍ରତନ୍ତ୍ର ଉପରେ ହିଁ ଗଭୀର ଆସ୍ଥାସ୍ଥାପନ କରନ୍ତି । ଏମାନେ ବିଶେଷତଃ ଭୂତ, ପ୍ରେତ ଡାଆଣୀ, ଚିରୁଗୁଣୀକୁ ଭୟ କରନ୍ତି । ବେଳେବେଳେ ଗାଁରେ କାହାକୁ ଭୂତ-ପ୍ରେତ ଲାଗଲେ ଏମାନେ ଗୁଣିଆ ଡକା ଏସବୁକୁ ଘଉଡାଇବା ପାଇଁ ମନ୍ତ୍ରତନ୍ତ୍ରାଦି ଦ୍ୱାରା ଝଡ଼ାଫୁଙ୍କା କରାନ୍ତି । ଗୁଣିଆ ଆସି ଡାଆଣୀ ଛଡ଼ାଏ, ବିଭିନ୍ନ ବିଧି ଗୁଣିଆ ପୂଜା କରେ, ଏବଂ ଝଡ଼ା ଫୁଙ୍କା ବେଳେ ସେ ବିଭିନ୍ନ ପ୍ରକାରର ମନ୍ତ୍ର ଆବୃତ୍ତି କରେ । ଯଥା -

ଅଇଲା ଗୁଣିଆ ବସିଲାମାଡ଼ି
ସ୍ୱର୍ଗରୁ ଦୁଇଆଙ୍ଗୁଳି ଛାଡ଼ି
କି ଚାହୁଁଲୋ କୁମ୍ଭାରୁଣୀ ପେଟି
ଲକ୍ଷେ ଶିବ ହୋଇଲେ ଉଭା
ମୋତେ ଉହାଡ଼ୁ ନବଦ୍ୱାରା ଘାଟି
ଆଲୋ ଦାରିଆଣୀ ରକ୍ତଖାଇ
ଚୁଡ଼ଙ୍ଗରାଜ ମୋର ଭାଇ
ଦେବୀ ପରଶୁଣୀ ମୋର ମାଇ
ଲହଲହଜିଭ, ଉଭୟଙ୍କର ମୂର୍ତ୍ତି
ହର ପାର୍ବତୀ
ଯେଣିକି ପେଶିବି ତେଣିକି ଯିବୁ
ଅମୁକେଇ ଅଙ୍ଗରେ ଭୂତଥାଉ
ଦାରିଆଣୀ ଥାଉ, ଚିରୁଗୁଣୀ ଥାଉ
ଘରଦୃଷ୍ଟି, ବାହାରଦୃଷ୍ଟି
ପିତାମାତା ଦୃଷ୍ଟି, ହାଟୁଆବାଟୁଆ ଦୃଷ୍ଟି
ଛାଡ଼ ଛାଡ଼ ସବୁଛାଡ଼
ଛାଡ଼ ଛାଡ଼ ବୋଲି କାହାର ଆଜ୍ଞା
ନିତେଇ ମାଆ ଧୋବଣୀ
ପିତେଇ ମାଆ ସଉରୁଣୀର
କୋଟି କୋଟି ଆଜ୍ଞା ।

ସେଇପରି ଭାବରେ ଗୁଣିଆ ଛୋଟ ପିଲାମାନଙ୍କୁ ଝଡ଼ା, ଫୁଙ୍କା କରେ, ସେମାନଙ୍କ ଉପରେ ଯେମିତି କୌଣ ଅଶରୀରି ଦୃଷ୍ଟି ନ ପଡ଼େ, ସେଥିପାଇଁ ଦେହ କିଳି ଦେଇଥାଏ । ଦେହ କିଳିବା ପାଇଁ ସେ ଉଚ୍ଚାରଣ କରେ -

ବଜ୍ର କିଳେଣି ବଜ୍ର ଦ୍ୱାର
ଚଉକତି ଚାରି ଦୁଆର
ଡାହାଣେ ଡାହାଣ ଚଣ୍ଡୀ ବାମେ କ୍ଷେତ୍ରପାଳ
ଆଗେ ନରସିଂହ ପଛେ ଆଠବେତାଳ

ଉପରେ ମହାମୁଦ୍ରା ବଜ୍ରକପାଟ
କୋଟିଏ ଆଇଲେ ଗୋଟିଏ ନ ଛାଡ଼ିବୁ
ନ ଛାଡ଼ିବୁ ବୋଲି କାହାର ଆଜ୍ଞା
କାଉଁରୀ କାମଚଣ୍ଡୀଙ୍କର କୋଟି କୋଟି ଆଜ୍ଞା ।"

ଗ୍ରାମୀଣ ପରିବେଶରେ ଆଧୁନିକ ଚିକିତ୍ସା ବିଜ୍ଞାନ ପ୍ରବେଶ କରି ନ ଥିଲା । କେତେକ ସ୍ଥଳେ ଗ୍ରାମ୍ୟ କବିରାଜଙ୍କର ଚେରମୂଳ ଦ୍ୱାରା ଅନେକ ରୋଗକୁ ଆରୋଗ୍ୟ କରାଯାଉଥିଲା । କିନ୍ତୁ ପଲ୍ଲୀ ପରିବେଶରେ ହାତ, ଗୋଡ଼ କଟିଯାଇ ଘାଆ ହେଲେ ବା ପୋଡ଼ା ଘାଆ ହେଲେ ଲୋକେ କବିରାଜି ଔଷଧ ବ୍ୟବହାର ନ କରି ଝଡ଼ା ଫୁଙ୍କା କରୁଥିଲେ । କଟଘାଆ ଶୁଖାଇବା ପାଇଁ ଗୁଣିଆ ଆସେ, କଟା ଘାଆକୁ ଫୁଙ୍କିବା ବେଳେ ସେ ଉଚ୍ଚାରଣ କରେ -

ଦୁର୍ଗା ମୋହର ମାଆ
ମୁଁ ଫୁଙ୍କର ଖଣ୍ଡାର ଘାଆ
ରହୁ ଲହୁ ଶୁଖୁଘାଆ
ଘାଆଶୁଖୁ ବୋଲି କାହାରି ଆଜ୍ଞା
ଶ୍ରୀଦେବୀ ଦୁର୍ଗାଙ୍କର କୋଟି କୋଟି ଆଜ୍ଞା ।

ଏସବୁ ବ୍ୟତୀତ ଲୋକଗୀତରେ ଅନ୍ୟାନ୍ୟ ବିଭିନ୍ନ ଶ୍ରେଣୀର ଗୀତ ରହିଅଛି । ଲୋକଗୀତର ବିଶିଷ୍ଟ ସଂଗ୍ରାହକ ଚକ୍ରଧର ମହାପାତ୍ର ତାଙ୍କର ସଂଗୃହୀତ ପୁସ୍ତକ 'ଉତ୍କଳ ଗାଉଁଲି ଗୀତ"ରେ ଗ୍ରାମଗୀତିକା କ୍ରମରେ ନୃତ୍ୟଗୀତ ଓ ଯାତ୍ରାଗୀତ ନାମରେ କେତେକ ସଂଗୃହୀତ ଗୀତକୁ ସଂଯୋଜିତ କରି ଅଛନ୍ତି । ଏଇ ଗୀତିକାଗୁଡ଼ିକ କେତେକ ଉତ୍ସବରେ ଗୀତ ହୋଇଥାଏ । ଯାତ୍ରା ସଂଗୀତରେ ଦଣ୍ଡନାଚ ଗୀତ, ଯୋଗୀଗୀତ ପତରସଉରା ଗୀତ, ବହିଖେଳ, ଗୀତ, ରାଇଦାମୋଦରଗୀତ, ଚକୁଳିଆପଣ୍ଡାଗୀତ ଘୋଡ଼ାନାଚଗୀତ, ଇତ୍ୟାଦି ଅନେକ ପ୍ରକାରର ଗୀତ ସ୍ଥାନ ପାଇପାରେ । ଏଗୁଡ଼ିକ ମଧ୍ୟରୁ କେତେକ ଗୀତ ଆଧାତ୍ମ ଚେତନା ଭିତ୍ତିରେ ଉପସ୍ଥାପିତ ଏବଂ କେତେକ ଗୀତ ଆଦିରସାତ୍ମକ । କିନ୍ତୁ ଏସବୁ ଗୀତର ଗ୍ରାମ୍ୟତା ଉପରେ ସନ୍ଦେହ ଦେଖାଯାଏ । ଡ଼ଗ ଡ଼ମାଳି, ଇତ୍ୟାଦି ଗୀତିକା ଗୁଡ଼ିକ ଯେଉଁ ପର୍ଯ୍ୟାୟର ଭାଷା ଓ ଭାବରେ ଗୁମ୍ଫିତ ଏସବୁରେ ସେ ପ୍ରକାରର ଭାଷା ଓ ଭାବନାହିଁ । ଏସବୁ ପୁଣି ଡ଼ଗ ଡ଼ମାଳି ଇତ୍ୟାଦି ଠାରୁ କଳେବରରେ ଦୀର୍ଘ କେତେକ ଉକ୍ତି ପ୍ରତ୍ୟୁକ୍ତିମୂଳକ । ଧର୍ମୀୟ ଭାବନା ଓ ଆଦି ରସାତ୍ମକ ଚିତ୍ରଣ ଏଇ ଧରଣର ଗୀତ ଗୁଡ଼ିକର ମୁଖ୍ୟ ଲକ୍ଷଣ । ଯାତ୍ରା ଗୀତିକା ଗୁଡ଼ିକ ଓଡ଼ିଆ ଲୋକନାଟକ ସଂପର୍କୀୟ ହୋଇଥିବାରୁ ଏଗୁଡ଼ିକର ଦୃଷ୍ଟାନ୍ତ ଏ ପର୍ଯ୍ୟାୟରେ ଅନାଲୋଚିତ ରଖାଯାଇଛି ।

## ଓଡ଼ିଆ ଲୋକଗୀତର ଅଳଂକାର

ଓଡ଼ିଆ ଲୋକଗୀତ ଓଡ଼ିଆର ଜୀବନ ବେଦ, ସ୍ମୃତିହିଁ ଏହାର ପାଳକ, ଧାରକ ଓ ବାହକ, ବିଦଗ୍ଧ ସାହିତ୍ୟ ଭଳି ଏହା ଲିଖିତ ନୁହେଁ, ବରଂ ମୌଖିକତା ଏହାର ସର୍ବଶ୍ରେଷ୍ଠ କୃତିତ୍ୱ । ଲୋକକବିର ଆଶୁ-କବିତ୍ୱର ଆକସ୍ମିକ ଉଚ୍ଚାରଣ ହେଉଛି ଲୋକଗୀତ । ତେଣୁ ବିଦ୍‌ଗଧ ସାହିତ୍ୟ ଭଳି ଏଥିରେ ଅଳଂକାର ପ୍ରୟୋଗର ପରିସର ଏତେ ବ୍ୟାପକ ନୁହେଁ । ଲୋକଗୀତରେ ବିଦ୍‌ଗଧ କବିର ବଚନ ବିନ୍ୟାସର ବୈଦଗ୍ଧ୍ୟ ନାହିଁ, ଅଥବା କବିର ଅଳଂକରଣ ପ୍ରବୃତ୍ତିର ସଚେତନତା ହୋଇ ଏହା ରଚିତ ନୁହେଁ, ତଥାପି ଏଥିରେ ଲୋକକବିର ଅମନ୍ଦବର୍ଦ୍ଧିତ ବଚନ ଭଂଗୀର କେତେକ ଚାରୁତା ଓ ଚମତ୍କାରିତା

ଟିପ୍ପଣୀ

ପରିଲକ୍ଷିତ । ଅଳଂକାର ହେଉଛି ବାକ୍ୟର ଉତ୍କର୍ଷବିଧାନକାରୀ ଶବ୍ଦ ଏବଂ ଅର୍ଥର ଶୋଭାବିଧାୟକ ପ୍ରାଣଧର୍ମ । ସଜ୍ଜୀକରଣ ଏହାର ମୁଖ୍ୟ ପ୍ରବୃତ୍ତି । ଲୋକକବି ସଚେତନ ଭାବରେ କିଛି ସଜ୍ଜୀକରଣ କରିନାହିଁ, ତଥାପି ଲୋକଗୀତରେ କେତେକ ଅଳଂକାରର ଦୃଷ୍ଟାନ୍ତ ରହିଥିବା ଅନୁସଂଧାନ କରାଯାଇପାରେ ।

ଅଳଂକାରକୁ ଶବ୍ଦାଳାକାଂର ଓ ଅର୍ଥାଳଂକାର ଭେଦରେ ଦ୍ୱିଧା ବିଭକ୍ତ କରାଯାଏ । ଶବ୍ଦାଳଂକାର ଶବ୍ଦଗୌରବ ପ୍ରଖ୍ୟାପନ କରୁଥିବା ବେଳେ, ଅର୍ଥାଳଂକାର ଗୀତରେ ଅର୍ଥ ଗୌରବ ପ୍ରକାଶ କରିଥାଏ । ଲୋକଗୀତରେ ଉଭୟ ଅଳଂକାରର ଭିତ୍ତି ଓ ସ୍ଫୂର୍ତ୍ତି ପରିଲକ୍ଷିତ ।

## ଓଡ଼ିଆ ଲୋକଗୀତର ଛନ୍ଦ ରୀତି

ଓଡ଼ିଆ କାବ୍ୟ କଳାର ଜନ୍ମ ମଧ୍ୟରୁ ପଦ୍ୟ ସହିତ ଛନ୍ଦର ସମ୍ପର୍କ ଅବିଚ୍ଛିନ୍ନ । ଛନ୍ଦ ହେଉଛି କବିତାର ପାଦ, ଗୀତର ସଂବାହକ । ଲୋକଗୀତ ମୌଖିକ ଏବଂ ଲୋକ ଗୀତର ଛନ୍ଦ ରୀତି ଗୀତଗୁଡ଼ିକର ସଂବାହନରେ ଯଥେଷ୍ଟ ସହାୟତା କରିଛି । ଛନ୍ଦୋବଦ୍ଧ ହେଲେ ପଦ ପଦ୍ୟର ଯୋଗ୍ୟତା ହାସଲ କରିଥାଏ । "କୌଣସି ଏକ ବିଶେଷ ନିୟମ ଦ୍ୱାରା ପଦ୍ୟ, ଅକ୍ଷର ବା ମାତ୍ରାଯୁକ୍ତ ହୋଇ ନିର୍ଦ୍ଦିଷ୍ଟ ଗତିରେ ପ୍ରବାହିତ ହେବା ହିଁ ଛନ୍ଦ । ଶବ୍ଦ ଯୋଜନାର ଶୃଙ୍ଖଳ ରୂପ ପଦ୍ୟକୁ ଛନ୍ଦ ସୌନ୍ଦର୍ଯ୍ୟ ପ୍ରଦାନ କରେ ।"

ପ୍ରକୃତରେ ଛନ୍ଦାୟିତ ଚରଣ ଚାଳନା କରୁଥିବା ନାରୀ ଯେପରି ଆକର୍ଷଣୀୟା ଛନ୍ଦୋବଦ୍ଧ ପଦ୍ୟରେ ଛନ୍ଦର ଦୋଳନ ସେମିତି ଶ୍ରୁତି ସୁଖକର ଏବଂ ଆକର୍ଷଣୀୟ । ଗୀତର ଭାବବୋଧର ସଂପ୍ରସାରଣ ଏବଂ ସଂବାହନ କରିବା କ୍ଷେତ୍ରରେ ଗୀତର ଛନ୍ଦର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆଲୋଚକଙ୍କ ଭାଷାରେ - "ଲୋକ ଗୀତର କାବ୍ୟିକ ସୁଷମା ନିଜସ୍ୱ ଛନ୍ଦ ଉପରେ ନିର୍ଭରଶୀଳ । ଛନ୍ଦର ରୂପ ବୈଚିତ୍ର୍ୟ ଓ ପ୍ରକାଶ ସ୍ୱାତନ୍ତ୍ର୍ୟ ପାଇଁ ଲୋକଗୀତ ଏତେ ଜନାଦୃତ । ଲୋକଛନ୍ଦର ମଧୁର ସ୍ପର୍ଶରେ ଲୋକଗୀତ ପ୍ରାଣଚଞ୍ଚଳ । ଲୋକଜୀବନର ଭାବବୋଧ ଓ ନିବିଧ ଆତ୍ମାଭିବ୍ୟକ୍ତି ସେଇଥିପାଇଁ ଏଥିରେ ଏତେ ସାବଲୀଳ । ଛନ୍ଦ ସାଫଲ୍ୟ ଯୋଗୁଁ ହିଁ ଲୋକଗୀତ ସାଧାରଣ ଲୋକର ସ୍ମୃତିରୁ ଅବଲୁପ୍ତ ହେଉନାହିଁ । କାବ୍ୟରେ ଛନ୍ଦ, ଆତ୍ମିକ ବିଭାବ ଏହାର ମାଧୁରୀ, ତେଣୁ ପ୍ରକାଶ ନୁହେଁ ଅନୁଭବ୍ୟ ।"

ଲୋକଗୀତ ବ୍ୟାପ୍ତିରେ ବିଶାଳ ଏବଂ ରୂପରେ ମଧ୍ୟ ବିଚିତ୍ର । ତେଣୁ ଲୋକଗୀତରେ ଅଜସ୍ର ଛନ୍ଦର ପ୍ରୟୋଗ ସଂଘଟିତ । କୃତ୍ରିମତା ବିବର୍ଜିତ ଲୋକଗୀତରେ ସ୍ୱତସ୍ଫୂର୍ତ୍ତତା ବଡ଼ ଲକ୍ଷଣ ହୋଇଥିବାରୁ ଏଥିରେ ଧ୍ୱନିମାତ୍ରିକ ଛନ୍ଦର ବିକାଶ ଓ ବୈଚିତ୍ର୍ୟ ଲକ୍ଷଣୀୟ । କବିର ଅଜ୍ଞାତସାରରେ ଲୋକଛନ୍ଦ ଆପଣା ଛାଏଁ ଗଢ଼ା ହୋଇଛି । ଲୋକଗୀତରେ ମୁଖ୍ୟତଃ ଚରଣ, ଏବଂ ବଚନିକା ଇତ୍ୟାଦି ଦୃଷ୍ଟିରୁ ଛନ୍ଦର ବିଶେଷତା, ଲକ୍ଷ୍ୟ କରାଯାଇପାରେ । ନାଁ ଦିଆ, ଛଟା, ଢ଼ଗ ରାହାଗୀତ, ଶ୍ରେଣୀର ଲୋକଗୀତରେ ଚରଣଗତ ଛନ୍ଦ ବିନ୍ୟାସ ପରିଲକ୍ଷିତ । ଏହାର ସର୍ବନିମ୍ନ ଚରଣଗତ ସ୍ଥିତି କେବଳ ଦୁଇ ଚରଣରେ ସୀମିତ ।

### (କ) ଚରଣ ଭିତ୍ତିକ ଛନ୍ଦ ରୀତି

**୧) ଦୁଇଚରଣ :**

ଯାହାକୁ ଯେ - ୪
ବିରିକୁ ଚାଉଳ ଚିଲେଇ ଦେ ।" ୧୦ ।

ଟିପ୍ପଣୀ

ପରିଲକ୍ଷିତ । ଅଳଂକାର ହେଉଛି ବାକ୍ୟର ଉତ୍କର୍ଷବିଧାନକାରୀ ଶବ୍ଦ ଏବଂ ଅର୍ଥର ଶୋଭାବିଧାୟକ ପ୍ରାଣଧର୍ମ । ସଜ୍ଜୀକରଣ ଏହାର ମୁଖ୍ୟ ପ୍ରବୃତ୍ତି । ଲୋକକବି ସଚେତନ ଭାବରେ କିଛି ସଜ୍ଜୀକରଣ କରିନାହିଁ, ତଥାପି ଲୋକଗୀତରେ କେତେକ ଅଳଂକାରର ଦୃଷ୍ଟାନ୍ତ ରହିଥିବା ଅନୁସଂଧାନ କରାଯାଇପାରେ ।

ଅଳଂକାରକୁ ଶବ୍ଦାଳାକାଂର ଓ ଅର୍ଥାଳଂକାର ଭେଦରେ ଦ୍ୱିଧା ବିଭକ୍ତ କରାଯାଏ । ଶବ୍ଦାଳଂକାର ଶବ୍ଦଗୌରବ ପ୍ରଖ୍ୟାପନ କରୁଥିବା ବେଳେ, ଅର୍ଥାଳଂକାର ଗୀତରେ ଅର୍ଥ ଗୌରବ ପ୍ରକାଶ କରିଥାଏ । ଲୋକଗୀତରେ ଉଭୟ ଅଳଂକାରର ଭିତ୍ତି ଓ ସ୍ଫୂର୍ତ୍ତି ପରିଲକ୍ଷିତ ।

## ଓଡ଼ିଆ ଲୋକଗୀତର ଛନ୍ଦ ରୀତି

ଓଡ଼ିଆ କାବ୍ୟ କଳାର ଜନ୍ମ ମଧ୍ୟରୁ ପଦ୍ୟ ସହିତ ଛନ୍ଦର ସମ୍ପର୍କ ଅବିଚ୍ଛିନ୍ନ । ଛନ୍ଦ ହେଉଛି କବିତାର ପାଦ, ଗୀତର ସଂବାହକ । ଲୋକଗୀତ ମୌଖିକ ଏବଂ ଲୋକ ଗୀତର ଛନ୍ଦ ରୀତି ଗୀତଗୁଡିକର ସଂବାହନରେ ଯଥେଷ୍ଟ ସହାୟତା କରିଛି । ଛନ୍ଦୋବଦ୍ଧ ହେଲେ ପଦ ପଦ୍ୟର ଯୋଗ୍ୟତା ହାସଲ କରିଥାଏ । "କୌଣସି ଏକ ବିଶେଷ ନିୟମ ଦ୍ୱାରା ପଦ୍ୟ, ଅକ୍ଷର ବା ମାତ୍ରାଯୁକ୍ତ ହୋଇ ନିର୍ଦ୍ଦିଷ୍ଟ ଗତିରେ ପ୍ରବାହିତ ହେବା ହିଁ ଛନ୍ଦ । ଶବ୍ଦ ଯୋଜନାର ଶୃଙ୍ଖଳ ରୂପ ପଦ୍ୟକୁ ଛନ୍ଦ ସୌନ୍ଦର୍ଯ୍ୟ ପ୍ରଦାନ କରେ ।"

ପ୍ରକୃତରେ ଛନ୍ଦାୟିତ ଚରଣ ଚାଳନା କରୁଥିବା ନାରୀ ଯେପରି ଆକର୍ଷଣୀୟା ଛନ୍ଦୋବଦ୍ଧ ପଦ୍ୟରେ ଛନ୍ଦର ଦୋଳନ ସେମିତି ଶ୍ରୁତି ସୁଖକର ଏବଂ ଆକର୍ଷଣୀୟ । ଗୀତର ଭାବବୋଧର ସଂପ୍ରସାରଣ ଏବଂ ସଂବାହନ କରିବା କ୍ଷେତ୍ରରେ ଗୀତର ଛନ୍ଦର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆଲୋଚକଙ୍କ ଭାଷାରେ – "ଲୋକ ଗୀତର କାବ୍ୟିକ ସୁଷମା ନିଜସ୍ୱ ଛନ୍ଦ ଉପରେ ନିର୍ଭରଶୀଳ । ଛନ୍ଦର ରୂପ ବୈଚିତ୍ର୍ୟ ଓ ପ୍ରକାଶ ସ୍ୱାତନ୍ତ୍ର୍ୟ ପାଇଁ ଲୋକଗୀତ ଏତେ ଜନାଦୃତ । ଲୋକଛନ୍ଦର ମଧୁର ସ୍ପର୍ଶରେ ଲୋକଗୀତ ପ୍ରାଣଚଞ୍ଚଳ । ଲୋକଜୀବନର ଭାବବୋଧ ଓ ନିବିଧ ଆତ୍ମାଭିବ୍ୟକ୍ତି ସେଇଥିପାଇଁ ଏଥିରେ ଏତେ ସାବଲୀଳ । ଛନ୍ଦ ସାଫଲ୍ୟ ଯୋଗୁଁ ହିଁ ଲୋକଗୀତ ସାଧାରଣ ଲୋକର ସ୍ମୃତିରୁ ଅବଲୁପ୍ତ ହେଉନାହିଁ । କାବ୍ୟରେ ଛନ୍ଦ, ଆତ୍ମିକ ବିଭାବ ଏହାର ମାଧୁରୀ, ତେଣୁ ପ୍ରକାଶ ନୁହେଁ ଅନୁଭବ୍ୟ ।"

ଲୋକଗୀତ ବ୍ୟାପ୍ତିରେ ବିଶାଳ ଏବଂ ରୂପରେ ମଧ୍ୟ ବିଚିତ୍ର । ତେଣୁ ଲୋକଗୀତରେ ଅଜସ୍ର ଛନ୍ଦର ପ୍ରୟୋଗ ସଂଘଟିତ । କୃତ୍ରିମତା ବିବର୍ଜିତ ଲୋକଗୀତରେ ସ୍ୱତସ୍ଫୂର୍ତ୍ତତା ବଡ଼ ଲକ୍ଷଣ ହୋଇଥିବାରୁ ଏଥିରେ ଧ୍ୱନିମାତ୍ରିକ ଛନ୍ଦର ବିକାଶ ଓ ବୈଚିତ୍ର୍ୟ ଲକ୍ଷଣୀୟ । କବିର ଅଜ୍ଞାତସାରରେ ଲୋକଛନ୍ଦ ଆପଣା ଛାଏଁ ଗଢ଼ା ହୋଇଛି । ଲୋକଗୀତରେ ମୁଖ୍ୟତଃ ଚରଣ, ଏବଂ ବଚନିକା ଇତ୍ୟାଦି ଦୃଷ୍ଟିରୁ ଛନ୍ଦର ବିଶେଷତା, ଲକ୍ଷ୍ୟ କରାଯାଇପାରେ । ନାଁ ଦିଆ, ଛଟା, ଢଗ, ରାହାଗୀତ, ଶ୍ରେଣୀର ଲୋକଗୀତରେ ଚରଣଗତ ଛନ୍ଦ ବିନ୍ୟାସ ପରିଲକ୍ଷିତ । ଏହାର ସର୍ବନିମ୍ନ ଚରଣଗତ ସ୍ଥିତି କେବଳ ଦୁଇ ଚରଣରେ ସୀମିତ ।

### (କ) ଚରଣ ଭିତ୍ତିକୁ ଛନ୍ଦ ରୀତି

**୧) ଦୁଇଚରଣ :**

ଯାହାକୁ ଯେ – ୪
ବିରିକୁ ଚାଉଳ ତିନ୍ତେଇ ଦେ ।" ୧୦ ।

ଏହାର ପ୍ରଥମ ଚରଣ ଚାରି ଅକ୍ଷର ବିଶିଷ୍ଟ ଏବଂ ଦ୍ୱିତୀୟ ଚରଣ ଦଶ ଅକ୍ଷର ବିଶିଷ୍ଟ ହେଲେ ମଧ୍ୟ, ଛନ୍ଦ ପାତରେ କୌଣସି ଅସୁବିଧା ନାହିଁ ।

**୨) ତିନିଚରଣ :**

ନୂଆ ନ ବତନ ଗୋରୀ - ୮
ନୂଆ କରି ଯେଉଁ ବଚନ କହିଲା - ୧୨
ଅବନା ଅକ୍ଷର ଚାରି - ୮ ।

ଏହାର ପ୍ରଥମ ଧାଡ଼ି ଆଠ ଅକ୍ଷର, ଦ୍ୱିତୀୟ ବାର ଅକ୍ଷର ଓ ଶେଷ ଧାଡ଼ି ଆଠ ଅକ୍ଷର ବିଶିଷ୍ଟ । ଦ୍ୱିତୀୟ ଚରଣରେ ବକ୍ତବ୍ୟର ଆଧିକ୍ୟ ଥିଲେ ମଧ୍ୟ ଏହା ଛନ୍ଦଗୀତ ପାଇଁ ଅନୁକୂଳ ହୋଇଅଛି ।

**୩) ଚାରିଚରଣ :**

ପଟାସେ ପଟା ଛଖଣ୍ଡ ପଟା - ୧୦
ପାନି ଯାଉଅଛି କୂଅଁକୁ - ୯
ରସିଆକୁ ମୋର ଚୁମା ଦଉଛନ୍ - ୧୨
ଫାସିଆ ବାଜିଲା ମୁହଁକୁ । - ୯

ଏଥିରେ ଚରଣଗୁଡ଼ିକ ଯଥାକ୍ରମେ ଦଶ, ନଅ, ବାର ଏବଂ ନଅ ଅକ୍ଷର ବିଶିଷ୍ଟ । ତୃତୀୟ ଚରଣରେ ଅକ୍ଷର ସଂଖ୍ୟା ଅଧିକ ହେଲେ ମଧ୍ୟ ଏହା ଛନ୍ଦପାତରେ ବ୍ୟାଘାତ ଘଟାଉ ନାହିଁ ।

**୪) ପାଞ୍ଚଚରଣ :**

ନୂଆ ନାଗର
ରାଜା ବିଜେ କଲେ ଦୁଇ ପହର
ନଅରଯାକ ବାଲି
ମାଆ ମଲାଣି ଛ' ମାସ ହେଲା
ପୁଅ ଜନମିଛି କାଲି ।

ପାଞ୍ଚ ଚରଣ ବିଶିଷ୍ଟ ଏଇ ପଦ୍ୟଟିରେ ସବୁ ପାଦର ଅକ୍ଷର ସଂଖ୍ୟା ଅସମାନ ହେଲେ ମଧ୍ୟ ଏହା ଛନ୍ଦପାତ କ୍ଷେତ୍ରରେ ଯଥେଷ୍ଟ ଅନୁକୂଳ ।

**୫) ଛଅଚରଣ :**

ନୃପତି ହୋଇ ହେ ନ ପାଳେ ପୃଥ୍ୱୀ
    ଲଜ୍ଜାବତୀ ଯେବେ ଦାରୀ ହୁଅନ୍ତି
ଚିନ୍ତା ନ କରି ଯେ କଥା କହନ୍ତି
    ରାତି ଅଧରେ ଯେ ଭାତ ଖାଆନ୍ତି
ଗୁରୁବାରେ ରାମଲୀଳା ଗାଆନ୍ତି
    ବୋଲେ ଦନାଇ ଏ ହୀନ ବୋଲାନ୍ତି ।

ଟିପ୍ପଣୀ

ଛଅ ଚରଣ ବିଶିଷ୍ଟ ଏଇ ରଚନାଟିରେ ଅକ୍ଷର ସଂଖ୍ୟା ସମାନ, ତେଣୁ ଛନ୍ଦପାତର ଯଥାର୍ଥତା ରହିଛି ।

ଏହା ବ୍ୟତୀତ ଲୋକ ଗୀତରେ ସାତ ଚରଣ, ଆଠ ଚରଣ, ନଅ ଚରଣ ଇତ୍ୟାଦି ବିଭିନ୍ନ ରୀତିର ଛନ୍ଦ ପରିଲକ୍ଷିତ ହୋଇଥାଏ । ଚରଣଗତ ବୈଷମ୍ୟ ରହିଥିଲେ ମଧ୍ୟ ଛନ୍ଦପାତରେ କୌଣସି ପ୍ରତିକୂଳତା ସୃଷ୍ଟି ନ ହେବା ଓଡ଼ିଆ ଲୋକଛନ୍ଦର ଅନ୍ୟତମ ବୈଶିଷ୍ଟ୍ୟ ।

**(ଖ) ଅକ୍ଷରଭିତ୍ତିକ ଛନ୍ଦ ରୀତି**

**୧) ତିନି ଅକ୍ଷର :** (କ) ଢ଼ୋକେ ପି
ଦଣ୍ଡେ ଜୀ

(ଖ) ତଳେ ଥୋ
ଗୋଡ଼ ଧୋ

**୨) ଚାରି ଅକ୍ଷର :** (କ) ପେଟ ପୋଷ
ନାହିଁ ଦୋଷ

(ଖ) ଚାଷ ସାର
ବାସ ତାରା

**୩) ପାଞ୍ଚ ଅକ୍ଷର :** (କ) ଛାଇକି ଛତା
ପାଣିକି ଜୋତା ।

(ଖ) ଢ଼ଗ ମେଲୁଛି
ନାକ ଫୁଲୁଛି ।

**୪) ଛଅ ଅକ୍ଷର :** (କ) ମନ ଜଣେ ପାପ
ମାଆ ଜାଣେ ବାପ ।

(ଖ) ତାର ଉପବାସ
ତୋର ପୁଷ ମାସ ।

**୫) ସାତ ଅକ୍ଷର :** (କ) ତଷିଲି ଗରା ଗିରା
ବୁଣିଲି କଳା ଜୀରା ।

(ଖ) ଚରିବୁଲି ଖାଉଥା
ମୋର ହୋଇ ପଡ଼ିଥା ।

**୬) ଆଠ ଅକ୍ଷର :** (କ) ଚାଟ ଘର ପୁଅ ଚାଟ
ଭାଟ ଘର ପୁଅ ଭାଟ ।

(ଖ) ଚାଟ ପରଖ ମତିରେ
ନାରୀ ପରଖ ସତୀରେ ।

ଟିପ୍ପଣୀ

ଆଠ ଅକ୍ଷର ବିଶିଷ୍ଟ ଛନ୍ଦ ଠାରୁ ପ୍ରାୟ ଓଡ଼ିଆ ସମଛନ୍ଦକୁ କେତେକ ସଂଜ୍ଞାରେ ଚିହ୍ନିତ କରାଯାଇଥାଏ । ଏ ସବୁକୁ ରାଗ ଓ ବୃତ୍ତ ସହିତ ସଂଯୁକ୍ତ କରାଯାଇ ସଂଜ୍ଞା ଦିଆଯାଏ । ଆଠ ଅକ୍ଷର ବିଶିଷ୍ଟ ଛନ୍ଦକୁ କେତେକ 'ମୁଖାରୀ' ଓ କେତେକ 'ଭାଟିଆରୀ' ଇତ୍ୟାଦି କହନ୍ତି । ଗାନଧର୍ମର ଶାସ୍ତ୍ରୀୟତା ଦୃଷ୍ଟିରୁ ଏହାକୁ ଏପରି ନାମିତ କରାଯାଏ । କିନ୍ତୁ ଲୋକ ଛନ୍ଦର ବିକାଶ ଶାସ୍ତ୍ରୀୟ ଗାୟନ ଶୈଳୀରେ ନୁହେଁ, ବରଂ ଏସବୁର ମାହାତ୍ମ୍ୟ ଆବୃତ୍ତି ଉପରେ ନିର୍ଭରଶୀଳ । କାରଣ ଲୋକ କବି ଶାସ୍ତ୍ରସମ୍ମତ ଗାନଶୈଳୀ ଭିତ୍ତିରେ ଏଇ ଛନ୍ଦସବୁକୁ ସୃଷ୍ଟି କରିନାହାନ୍ତି, ବରଂ ଯାହା ଗୀତ ବାନ୍ଧୁ ବାନ୍ଧୁ ଆପେ ବାନ୍ଧି ହୋଇଯାଇଛି, ତାହା ଲୋକଛନ୍ଦର ମୁଖ୍ୟ ଆଦର୍ଶ ରୂପେ ବିବେଚିତ ହୋଇଅଛି ।

**୮) ନଅ ଅକ୍ଷର :**

ତୁ କହୁଥା, ମୁଁ ହସୁଥାଏଁ
ତୁ ଖାଉଥା, ମୁଁ ଚାହୁଁଥାଏ ।

ନଅ ଅକ୍ଷର ଛାନ୍ଦର ଛନ୍ଦକୁ ବିଦ୍‌ଗଧ ସାହିତ୍ୟରେ ନବାକ୍ଷରୀ ବୃତ୍ତ ବା ଗୁଜରୀ ବୃତ୍ତ କୁହାଯାଏ । ଓଡ଼ିଆ ଭାଗବତ ଏହି ବୃତ୍ତରେ ରଚିତ । କିନ୍ତୁ ଲୋକ ଗୀତରେ ନବାକ୍ଷରୀର ଯତିକ୍ରମ ସ୍ଥାନେ ସ୍ଥାନେ ରହିଥିଲେ ମଧ ସ୍ଥାନେ ସ୍ଥାନେ ନ ଥାଏ । ନବାକ୍ଷରୀ ଛନ୍ଦରେ ପଦର ପଞ୍ଚମ, ସପ୍ତମ ଓ ଶେଷାକ୍ଷର ଉପରେ ଯତି ପଡେ । ଉପରୋକ୍ତ ପଦଟିରେ ଏ ଯତିକ୍ରମ ନାହିଁ । ଏହା ବ୍ୟତୀତ ଅନ୍ୟତ୍ର ଏଇ ଯତିକ୍ରମ ରକ୍ଷା କରାଯାଇ ନ ଥିବା ଜଣାଯାଏ । ଯଥା -

(କ) ଜନମ ମରଣ ବରଷା
କହି ନ ପାରନ୍ତି ପୁରୁଷା ।

(ଖ) ଝିଅ ଦେଇଥିବା ଯାହାକୁ
ନଇଁ ପଡିଥିବ ତାହାକୁ ।

**୯) ଦଶ ଅକ୍ଷର :**

ଚନ୍ଦ୍ରମଣ୍ଡଳ ମଧରେ ଖରା
ମେଘ ବରଷେ ମୂଷଳ ଧାରା ।

ଓଡ଼ିଆ ଗୀତିକାରେ ଦଶାକ୍ଷରୀ ଛନ୍ଦକୁ କେତେକ 'ମୁଖାରୀ' ବୋଲି କହନ୍ତି । ଏହା ଦୁଇ ଚରଣ ବିଶିଷ୍ଟ ଓ ଏହାର ପଞ୍ଚମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ । ଉପରୋକ୍ତ ପଦଟି ଏହାର ଯଥାର୍ଥ ଦୃଷ୍ଟାନ୍ତ । ଲୋକ ଗୀତରେ ଦଶାକ୍ଷର ବିଶିଷ୍ଟ ଅନେକ ରଚନା ରହିଅଛି ।

**୧୦) ଏକାଦଶାକ୍ଷର :**

ଚନ୍ଦର ଶେଣାକୁ ରାଧା ଛନ୍ଦିଲା
ରାଣ୍ଡର ଦଇବ କେମିତି କଲା ?

ବହୁ ସଂଖ୍ୟକ ଢଗ ଏକାଦଶାକ୍ଷର ବିଶିଷ୍ଟ, କେତେକ ଏହାକୁ 'ବୋଲି' କହୁଥିବା ବେଳେ କେତେକ ଏହାକୁ 'ଚକ୍ରକେଳି' ନାମରେ ଅଭିହିତ କରିଛନ୍ତି । ଏଇ ଛନ୍ଦରେ ଷଷ୍ଠ ଓ ଶେଷ ଅକ୍ଷର ଉପରେ ଯତିପାତ ହୋଇଥାଏ ।

[illegible]

୧୧) [illegible] :

[illegible]

[illegible] ।

[illegible] ।

୧୨) [illegible] :

[illegible]

[illegible] ।

[illegible] । [illegible] "[illegible]" "[illegible]", "[illegible]" [illegible] ।

୧୩) [illegible] :

[illegible]

[illegible] ।

[illegible] । [illegible] ।

୧୪) [illegible] :

(କ) [illegible]

[illegible] ।

(ଖ) [illegible]

[illegible] ।

[illegible] "[illegible]" ଓ "[illegible]" [illegible] ।

୧୫) [illegible] :

(କ) [illegible]

[illegible] ।

(ଖ) [illegible]

[illegible] ।

ଟିପ୍ପଣୀ

ମୁଖ୍ୟତଃ ଏହାର ଅକ୍ଷର ବିଶିଷ୍ଟ ହୋଇଥିଲେ ମଧ୍ୟ ଦ୍ୱିତୀୟ ପଦରେ ଶେଷ ପାଞ୍ଚ ଅକ୍ଷର ଯୋଡ଼ି ଦିଆଯାଇଛି । ଲୋକ ଗୀତରେ ଏହି ଛନ୍ଦର ବ୍ୟବହାର ବ୍ୟାପକ ନୁହେଁ । ସାଧାରଣତଃ ଏହାକୁ 'ରାମକେରୀ' ବୋଲି କୁହାଯାଏ । କେତେକ କାନ୍ଦଣା ଗୀତରେ "କ୍ଷତ୍ରିୟ ବୋଲି", "ସମର ବୋଲି" ଇତ୍ୟାଦିରେ ଏହିଛନ୍ଦ ବ୍ୟବହୃତ ।

**୧୬) ସତର ଅକ୍ଷର :**

ପୁଷ ମାସରେ ଯାଉଁଳି ପାଳା ରାତିକି ଶୀତହୁଏ
ଦିନ ବେଳାରେ ଧାନ କଟାରେ ଫୁରୁସତ ନ ଥାଏ ।

ଲୋକ ଗୀତରେ ଏଇ ଛନ୍ଦର ବ୍ୟବହାର ସୀମିତ । ବିଦଗ୍ଧ ସମାଜରେ ଏଇଛନ୍ଦ 'କାଳୀ' ବୃତ୍ତ ନାମରେ ଖ୍ୟାତ ।

**୧୭) ଅଠର ଅକ୍ଷର :**

ଚାଲିତଚାଲି ହାତୀର ଚାଲି ଆଉ ତ ଚାଲି କାହାର
ଗାଳିତଗାଳି ସଉତୁଣୀର ଆଉବା ଗାଳି କାହାର ।

ଓଡ଼ିଆ ଲୋକ ଗୀତରେ ବହୁ ସ୍ଥଳରେ ଏଇ ଛନ୍ଦଟି ବ୍ୟବହୃତ । ଏହାକୁ କବିମାନେ "କୁମ୍ଭକାମୋଦୀ ବୃତ୍ତ" ଭାବରେ ଗ୍ରହଣ କରିଛନ୍ତି ।

**୧୮) ଊନବିଂଶାକ୍ଷର :**

ଚାଉଳ ପଛକେ ଅଧିଆ ହେଉ
ପେଜ ହେଉ ବହଳିଆ ।
ଘଇତା ପଛକେ ସନ୍ତିଆ ହେଉ
ଲୁଗାହେବ ତଉଁରିଆ ।

ଓଡ଼ିଆ ଲୋକଗୀତରେ ଏଇ ଛନ୍ଦର ପ୍ରୟୋଗ ଅତି ସୀମିତ ।

**୧୯) ବିଂଶାକ୍ଷର :**

ଟୋକାଙ୍କୁ ସୁନ୍ଦର ବସନ୍ତ ପଞ୍ଚମୀ
ଟୋକୀଙ୍କୁ ସନ୍ଦୁର ଯାତ ।
ବୁଢ଼ୀଙ୍କୁ ସୁନ୍ଦର ରାଇ ଦାମୋଦର
ବୁଢ଼ାଙ୍କୁ ସୁନ୍ଦର ଶୀତ ।

ଢ଼ଗ, କାନ୍ଦଣା ଓ ପହଳି ଇତ୍ୟାଦିରେ ବିଂଶାକ୍ଷଣୀ ଛନ୍ଦର ବ୍ୟାପକ ପ୍ରୟୋଗ ପରିଲକ୍ଷିତ । କବି ସମାଜରେ ଏହାକୁ 'ବଙ୍ଗଳାଶ୍ରୀ' ରାଗ ନାମରେ ଅଭିହିତ କରାଯାଇଛି । ଲୋକ ଗୀତରେ ଏହାର ଅଧିକ ପ୍ରଚଳନ ରହିଅଛି ।

**୨୦) ଏକ ବିଂଶାକ୍ଷର :**

କ୍ଷୀରରେ ଧୋଇଲେ ଖଣ୍ଡରେ ମୋହିଲେ
ନିମ୍ବକି ମଧୁର ହୋଇବ
ଯେତେ ପରକାରେ ବୁଝାଇ କହିଲେ
ପରକି ଆପଣା ହୋଇବ ।

ଏଇ ଛନ୍ଦର ବ୍ୟବହାର ଲୋକ ଗୀତରେ ସୀମିତ ସ୍ଥାନରେ ପରିଲକ୍ଷିତ ।

ଟିପ୍ପଣୀ

୨୧) ଦ୍ୱାବିଂଶାକ୍ଷର :

ଟୋପାଟୋପା ବର୍ଷ ବାଟ ବିଗାଡେ

ଟୁପୁ ଟୁପୁ କଥା ବିଗାଡ଼େ ଘର

ଚୁପ୍‌ଚାପ୍ କଥା ସଭା ବିଗାଡେ

ଟାକୁ ଟାକୁ ଖିଆ ବିଗାଡ଼େ ଜର ।

ଏକାବିଂଶାକ୍ଷରୀ ଛନ୍ଦ ପରି ଲୋକଗୀତରେ ଦ୍ୱାବିଂଶାକ୍ଷରୀ ଛନ୍ଦର ପ୍ରୟୋଗ ମଧ୍ୟ ସୀମିତ । ଏହାକୁ କେହି କେହି 'ପୋଇ' ବା ସାନ ଭୂପାଳ ବୋଲି କହନ୍ତି ।

## (ଗ) ଅକ୍ଷର ଛନ୍ଦର ଭିନ୍ନରୀତି :

ଲୋକ ଗୀତର ଅକ୍ଷରଛନ୍ଦ ପ୍ରଥମତଃ ସମାନ ଅକ୍ଷର ବିଶିଷ୍ଟ ହୋଇଥିବା ବେଳେ, ବହୁ ସ୍ଥଳରେ ଅସମାନ ଅକ୍ଷରକୁ ନେଇ ଏଥିରେ ଛନ୍ଦ ସୃଷ୍ଟି ହୋଇଥାଏ । ସମାନାକ୍ଷର ବିଶିଷ୍ଟ ନ ହୋଇଥିଲେ ମଧ୍ୟ ଲୋକଗୀତରେ ସମଛନ୍ଦ ଶ୍ରେଣୀ ଭିତ୍ତିକ ଅନ୍ୟାନ୍ୟ ଛନ୍ଦ ରହିଛି । ଏହି ଧରଣର ଛନ୍ଦ ପ୍ରୟୋଗରୀତି ଅତି ବିପୁଳ । ଏଥିରେ ପ୍ରଥମ ପାଦର ଅକ୍ଷର ସଂଖ୍ୟା ଯାହା ଦ୍ୱିତୀୟ ପାଦରେ ଅକ୍ଷର ସଂଖ୍ୟା ତାହା ନୁହେଁ ଯଥା -

କ) ଛି ଲୋ ଛତୁ - (୪)

ପାଣି ବରଷିଲେ କେତେ ମାତୁ - (୮)

ଖ) ଜହ୍ନିଫୁଲ ଫୁଟିଲା

ଗେହ୍ଲାଇନାଲୀ ଗାଧୋଇଯାଇ

ବାପ ଘରେ ଉଠିଲା - (୧୭)

ଗ) ଝିଅ ନୁହେଁ ସେ ଘିଅ - (୭)

ତାକୁ ଗମ୍ଭୀରୀ ଶିକାରେ ଥୁଅ - (୧୦)

ଘ) ଝିଅ ଝିଆଣି - (୫)

ଦବା ନବା ଯାଏ ମୁହଁ ଚାହାଁଣି - (୧୧)

ଙ) ଠାଣି ତ ଠାଣି ବଙ୍ଗାଳି ଠାଣି - (୧୦)

ଫାଳେ ରସଗୋଲାକୁ ଗିଲାସେ ପାଣି - (୧୧)

ଚ) ଠକା ଠକି କରି ଖାଉଥିବି

ଯିଏ ଡାକିଲେ ସାଆନ୍ତ ପରିକା ଧାଉଁଥିବି - (୧୦)

ଛ) ଢେଙ୍କାନାଳ ବାଉଁଶରେ ସରୁସରୁ ପୋଲ - (୧୪)

ମୂଲିଆ ଘରର ଝିଅଟିଏ ପାଇ କରୁଥାଉ କେତେ ଗଲେ - (୨୦)

ଟିପ୍ପଣୀ

ଏହିପରି ଭାବରେ ଲୋକ ଗୀତରେ ବିଭିନ୍ନ ଅକ୍ଷର ବିଶିଷ୍ଟ ଅନେକ ପ୍ରକାରର ସମଛନ୍ଦର ଦୃଷ୍ଟାନ୍ତ ରହିଛି । ଏହା ବ୍ୟତୀତ ଲୋକ ଗୀତରେ ଅକ୍ଷର ମାତ୍ରିକ ଛନ୍ଦର ଅନ୍ୟ ଏକ ରୂପ ଭାବରେ 'ଦାଣ୍ଡିବୃତ୍ତ'କୁ ଗ୍ରହଣ କରାଯାଇପାରେ । ଆଲୋଚକ ଡକ୍ଟର କୁଞ୍ଜବିହାରୀ ଦାଶଙ୍କ ମତରେ - "ଦାଣ୍ଡି ବୃତ୍ତରେ ହିଁ ସମଗ୍ର ଲୋକ ଗୀତ ଛନ୍ଦର ମୂଳତତ୍ତ୍ୱ ନିହିତ । ଯାହା ଶାସ୍ତ୍ରୀୟ ନୁହଁ, ଯାହାକୁ କବି ଦାଣ୍ଡରୁ ଅର୍ଥାତ୍ ଯେ ସେ ଲୋକ ବୋଲୁଥିବା, ଯେଉଁଠି ଇଚ୍ଛା ସେଠି ବୋଲା ହେଉଥିବା ଲୋକ ଗୀତରୁ ସାଉଁଟି ଆଣିଛନ୍ତି ତାହା ଦାଣ୍ଡିବୃତ୍ତ ।" ଲୋକଗୀତର ବିଭିନ୍ନ ବିଭାଗ ଯଥା ପାଲା, ଦାସକାଠିଆ, ଜାନ୍ଦଣାଗୀତ, ପାଟୁଆ ଓ ଡାଲଖାଇ ଇତ୍ୟାଦିରେ ଦାଣ୍ଡି ବୃତ୍ତର ପ୍ରୟୋଗ ସର୍ବାଧିକ । ଲୋକ ଗୀତ ଅପେକ୍ଷା ଲୋକ ଗାଥାରେ ଏହାର ପ୍ରୟୋଗ ଅଧିକ । ଏଇ ଧରଣର ରଚନାରେ ପ୍ରଶ୍ନୋତ୍ତର ଭିତ୍ତିରେ ପ୍ରଶ୍ନକର୍ତ୍ତା ଏବଂ ଉତ୍ତରଦାତା ନିଜ ନିଜର ବ୍ୟକ୍ତବ୍ୟକୁ ରସାଳ କରିବା ପାଇଁ ଶେଷକୁ ପଦ ମିଳାଇ ଥାଆନ୍ତି । ତେଣୁ ଏଥିରେ ଲୋକ କବି ଅଖଣ୍ଡ ସ୍ୱାଧୀନତା ଲାଭ କରିଥାଏ । ତେଣୁ କେଉଁ ଚରଣକୁ ସେ ଦୀର୍ଘ କରିଥାଏତ, କେଉଁ ଚରଣକୁ ସଂକ୍ଷିପ୍ତ କରିଥାଏ । ଲୋକ କବିର ବଚନ ଭଙ୍ଗୀର ବୈଚିତ୍ର୍ୟ ହେତୁ ଏଗୁଡିକରେ ଧ୍ୱନି ଓ ବର୍ଣ୍ଣ ପ୍ରଭୃତିର ବିଚିତ୍ରତା ମଧ ଲକ୍ଷ୍ୟ କରାଯାଏ । ଯଥା–

୧ । ଦେଉଳ ଉପରେ ବତୀ - (୮)
ଆଗୁଲି ପଛୁଲି ତିନି ମୂରତି
ସାହା ହେବେ ଥାନପତି । - (୧୯)

୨ । ଶୁଣ ପାର୍ବତୀ ଦେଇ ଏକଚିତ୍ତ
ଏ ଅଟେ ମହାଗୁପତ - (୨୧)
କୌଶିକ ଦୀପିକା ସତର ସର୍ଗରେ
ଅଣସ୍ତୁରୀ ଶ୍ଳୋକେ ଖ୍ୟାତ - (୨୦)

୩ । ପୋଖରୀ ହୁଡ଼ାକୁ ଯେ କାଟିଗଲି ଗୁଣ୍ଡି ଘାସ - (୧୫)
ଏଇଠାରେ ଗୀତ ଯେ ଭଣିଲେ ମଠକୁ ଗଲେ ଦାସହୋ -(୧୮)

ଉଦ୍ଧୃତ ଗୀତ ଗୁଡ଼ିକରେ କବି ବକ୍ତବ୍ୟର ଗତି ବେଗ ସଂରକ୍ଷିତ ହୋଇ ଉତ୍ତମ ଛନ୍ଦ ପାତରେ ସହାୟତା କରିଅଛି ।

## (ଘ) ବିଷମ ଛନ୍ଦ

ଓଡ଼ିଆ ଲୋକ ଗୀତରେ ଅନେକ ବିଷମଛନ୍ଦ ସ୍ଥାନ ପାଇଛି । ଆଲୋଚକ ଶ୍ୟାମ ସୁନ୍ଦର ରାଜଗୁରୁ ତାଙ୍କର 'ପ୍ରବନ୍ଧାବଳୀ' ଗ୍ରନ୍ଥରେ ଏହାର କେତେକ ଦୃଷ୍ଟାନ୍ତ ଦେଇଅଛନ୍ତି । ଏଠାରେ କେତେକ ବିଷମ ଛନ୍ଦର ଉଦାହରଣ ଦିଆଯାଇପାରେ ଯଥା -

୧ । ଘରଦେଖ, ବର ଦେଖ
କାନ୍ଥ ଖୋଲି, କୁଳଦେଖ ।

ଏଇ ଛନ୍ଦରେ ଚାରି ଅକ୍ଷରରେ ଯତିପଡ଼େ । ଅଷ୍ଟାକ୍ଷର ସମଛନ୍ଦରୁ ଏହାର ଉତ୍ପତ୍ତି ।

୨ । ଦେଖିଲେ ଡ଼ରି । ଖାଇଲେ ମରି
ତାହା ସଙ୍ଗେ କି ପୀରତି କରି ।

ଟିପ୍ପଣୀ

### (ଢ) ଲୋକ ଛନ୍ଦର ବୈଶିଷ୍ଟ୍ୟ

ଓଡ଼ିଆ ଲୋକ ଗୀତ ପରି ଓଡ଼ିଆ ଲୋକଛନ୍ଦ ଅତି ବ୍ୟାପକ । ଏହା ଭାବ ପ୍ରକାଶ କରିବାରେ ଯେତେ ଭାବରେ ସହାୟତା ହୋଇଥାଏ, ଗୀତ ଗୁଡ଼ିକରେ ରସ ସଂଚାର କରିବାରେ ତତୋଽଧିକ ସାହାଯ୍ୟ କରିଥାଏ । "ଛନ୍ଦର ସୁମଧୁର ଧ୍ୱନିଶୃଙ୍ଖଳା ହିଁ ଗୀତର ଭାବ ବସ୍ତୁକୁ ଯଥାର୍ଥ ଭାବେ ଅବବୋଧ କରାଇବା ନିମନ୍ତେ ଶ୍ରୋତା ମନରେ ପରିବେଶ ସୃଷ୍ଟି କରେ । ଲୋକ ଗୀତର ଛନ୍ଦରେ ଏଇ ଭାବ ଉପସ୍ଥାପନା କ୍ଷମତା ଅତ୍ୟନ୍ତ ତୀବ୍ର ।" ଲୋକ ଗୀତରେ ପ୍ରକୃଷ୍ଟ ଛନ୍ଦ ପ୍ରୟୋଗ ପ୍ରତ୍ୟେକ ପ୍ରକାରର ରସ ସଂଚାରରେ ସହାୟତା କରିଥାଏ । 'କାନ୍ଦଣା ଗୀତ' ଗୁଡ଼ିକର କାରୁଣ୍ୟ, ଗୀତର ଭାଷା ଅପେକ୍ଷା ଗୀତର ଛନ୍ଦ ପାଇଁ ହିଁ ଅଧିକ ସମ୍ବେଦନ ସୃଷ୍ଟି କରିଥାଏ । ସେଇପରି ଭାବରେ 'ସମର ବୋଲି' ଅଧିକ ବୀର ରସ ଦ୍ୟୋତକ । ବିଭିନ୍ନ ଢ଼ଗ ଢ଼ମାଳି ଯେତିକି ବ୍ୟଙ୍ଗାତ୍ମକ, ସେତିକି ହାସ୍ୟରସର ସମ୍ବର୍ଦ୍ଧକ । ସେଇପରି ଭକ୍ତିଭାବ, ଶାନ୍ତଭାବ, ସରଳ ସ୍ୱଭାବ ଇତ୍ୟାଦି ପ୍ରକଟ କରାଇବା ଦିଗରେ ଓଡ଼ିଆ ଲୋକଛନ୍ଦ ବହୁ ପରିମାଣରେ ସହାୟତା କରିଥାଏ । ସଂଖ୍ୟା, ଆକାର, ପ୍ରକାର ଇତ୍ୟାଦି ଦୃଷ୍ଟିରୁ ଲୋକଛନ୍ଦ ଅପରିମେୟ । ରାଶି ରାଶି ଲୋକ ଗୀତ ମଧ୍ୟରୁ ଏହାର ଛନ୍ଦ ବିବେଚନା କରାଯାଇ ପାରିଲେ ଲୋକଛନ୍ଦର ବିପୁଳ ଐଶ୍ୱର୍ଯ୍ୟ ଅନ୍ତତଃ ଗୋଚରୀଭୂତ ହୋଇ ପାରିବାର ସମ୍ଭାବନା ରହିଛି । ଲୋକ ଛନ୍ଦର ପ୍ରଭାବ କେବଳ ଭାବ ସଂବାହନ ଓ ରସ ସଞ୍ଚାରଣ କ୍ଷେତ୍ରରେ ସୀମିତ ନୁହେଁ, ଅପରନ୍ତୁ ଏହାର ଲୋକପ୍ରିୟତାହିଁ ବିଦଗ୍ଧ ସାହିତ୍ୟକୁ ଏହାର ଅଖଣ୍ଡ ପ୍ରଭାବରୁ ମୁକ୍ତ କରି ପାରି ନାହିଁ । ଓଡ଼ିଆ ଲୋକଗୀତ, ଏହାର ଭାବ ଏବଂ ଭାଷା ପାଇଁ ଯେତିକି ଜୀବିତ ହୋଇ ରହିଛି, ତଦପେକ୍ଷା ଲୋକଛନ୍ଦହିଁ ଲୋକଗୀତର ଜୀବନ ସଂଚାରଣ ତଥା ଗତିଶୀଳତା ପାଇଁ ଅଧିକତର ସହାୟତା କରିଛି ବୋଲି କହିବା ଯୁକ୍ତି ସଙ୍ଗତ ହେବ ।

## ଲୋକ ଗୀତରେ ସମାଜ ଓ ସଂସ୍କୃତି

ଓଡ଼ିଆ ଲୋକ ସାହିତ୍ୟର ସର୍ବାଧିକ ଜନପ୍ରିୟ ବିଭାଗ ହେଉଛି ଲୋକଗୀତ ସ୍ୱରୂପ, ଆକାର, ପ୍ରକାର ଦୃଷ୍ଟିରୁ ଏହା ବୈଚିତ୍ର୍ୟବିମଣ୍ଡିତ । ଲୋକଗୀତ ଓଡ଼ିଆର ଜୀବନବେଦ, ତେଣୁ ଓଡ଼ିଆ ଜୀବନ, ଓଡ଼ିଆର ଚଳଣି, ଓଡ଼ିଆର ସାମାଜିକ ଗତିଭଙ୍ଗୀ ଇତ୍ୟାଦିର ସୁବିସ୍ତୃତ ପଟ୍ଟଭୂମି ହେଉଛି ଲୋକଗୀତ । ଲୋକ ଗୀତରେ ସ୍ଥାନ ପାଇଛି ଓଡ଼ିଆ ଜୀବନର ପ୍ରତ୍ୟେକଟି କୋଣ ଅନୁକୋଣର ପ୍ରତିଛବି । ଓଡ଼ିଆର ବିବାହ, ବ୍ରତ, ଓଷା ଉପବାସ, ଧର୍ମଧାରଣା, ଲୋକ ବିଶ୍ୱାସ ମୂଳକ ଆଚାର ବିଚାର, ଓଡ଼ିଆର କୃଷି, ଶିଳ୍ପ, ଶିକ୍ଷା, ବାଣିଜ୍ୟ, ଐତିହ୍ୟ, ପରମ୍ପରା, ପୂଜା, ପାର୍ବଣ, ଯାନି-ଯାତ୍ରା, କଳା, ସ୍ଥାପତ୍ୟ ସବୁକିଛି ଲୋକଗୀତରେ ପ୍ରମୂର୍ତ୍ତ । ଲୋକଗୀତ ଭଳି ଏଇ ପ୍ରଭାବଶାଳୀ ବିଭାଗଠାରୁ ଓଡ଼ିଆ ସଂସ୍କୃତିର ପରିଚୟ ପ୍ରଦାନ କରିବାରେ ଅନ୍ୟ କୌଣସି ବିଭାଗ ଏତେ ସମର୍ଥ ହୋଇ ନ ପାରେ ।

### ଧର୍ମକର୍ମ :

ଲୋକ ଗୀତରେ ସ୍ଥାନ ପାଇଛି ଓଡ଼ିଆର ଧାର୍ମିକ ବିଚାର ବୋଧ । ଓଡ଼ିଆ ଅନେକ ଓଷା ଉପବାସ କରେ । ତା'ର ଭୋଜନ ପାରିପାଟୀ ମଧ୍ୟ ଏହା ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଓଡ଼ିଆର ନିଜସ୍ୱ ଚଳଣି ଏଇ ଓଷା ଉପବାସ ଭିତରେ ଫୁଟିଉଠେ । କୁମାରୀ କନ୍ୟାଠାରୁ ବୃଦ୍ଧାଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ଓଡ଼ିଆ ନାରୀ ଏଇ ଧର୍ମ ଧାରଣାର ବଶବର୍ତ୍ତୀ । ଲୋକ ଗୀତରେ ବିଭିନ୍ନ ଧର୍ମାଚାରର ବିଧି, ଫଳପ୍ରାପ୍ତି ସମ୍ପର୍କରେ ବ୍ୟାପକ ଚିତ୍ର ରହିଛି । ଓଷା ମନସା ଗୀତ ଏବଂ ବିଭିନ୍ନ ଲୋକଗାଥା, ଦଣ୍ଡନାଚ, ଘୋଡ଼ାନାଚ ଇତ୍ୟାଦିର ଗୀତରେ ଓଡ଼ିଆର ଈଶ୍ୱର ବିଶ୍ୱାସର ଗଭୀରତା ଏବଂ ଧର୍ମ ଧାରଣାର ନୀତି ନୈତିକତା ଫୁଟିଉଠିଛି ।

ଟିପ୍ପଣୀ

କୁମାର ପୂର୍ଣ୍ଣମା ଓଡ଼ିଆ ଚଳଣିରେ ଏକ ବିଶେଷ ଉତ୍ସବ । କୁମାରୀ କନ୍ୟା କନ୍ଦର୍ପ ସୁନ୍ଦର ବର-ପ୍ରାପ୍ତ ହେବା ପାଇଁ ଏହ ଉତ୍ସବ ପାଳନ କରିଥାଏ । ପ୍ରତି କୁମାରୀ ମନର ଅଜଣା ପୁଲକରେ ଭରିଯାଏ । କୁମାର ଉତ୍ସବ ପାଳନ କରି 'ଫୁଲ ବଉଳ ବେଣୀ' ଗୀତ ଗାଇ ପଲ୍ଲୀ ସନ୍ଧ୍ୟାକୁ ମୁଖରିତ କରେ । ଶାରଦୀୟ ଜହ୍ନର ଆମନ୍ତ୍ରଣ ସହିତ କୁମାରୀ ମାନଙ୍କ ସମ୍ମିଳିତ କଣ୍ଠସ୍ୱରରେ ଉଚ୍ଚାରିତ 'କୁମାର ପୁନେଇ ଜହ୍ନ ଲୋ ଫୁଲ ବଉଳବେଣୀ ଗୀତ ସହିତ ପୁଚି ଖେଳର ଉତ୍ସବ ଓଡ଼ିଆର ସାଂସ୍କୃତିକ ଜାଗରଣ ସୃଷ୍ଟି କରେ । ପୁଣି ବିଭିନ୍ନ ପ୍ରକାରର ଚିତା ଓ ମୁରୁଜ ପକାଇ ଝିଅମାନେ ଏ ସଂସ୍କୃତିର ରୂପକୁ ପ୍ରକାଶ କରିଥାଆନ୍ତି ।

**ବିବାହର ଚିତ୍ର :**

କୁମାରୀ ବିବାହ କରେ, ମହା ସମାରୋହରେ ପାଳିତ ହୁଏ ତା'ର ବିବାହ ଉତ୍ସବ । କିନ୍ତୁ ଅଜଣା ଆଶଙ୍କାରେ ଚିତ୍ତ ତା'ର ଅସ୍ଥିର ହୋଇଉଠେ । ସ୍ୱାମୀ, ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର, ଯାଆ, ଦେଢ଼ଶୁରଙ୍କୁ ନେଇ ସେ ନୂଆ ସାଂସାରିକ ବିପଦର ଆଶଙ୍କା । ଏଣୁ ସେ ପିତ୍ରାଳୟରୁ ବିଦାୟ ନେବା ସମୟରେ ବୁକୁଫଟା କ୍ରନ୍ଦନ କରେ । କାନ୍ଦଣା ଗୀତ, ହୁଳହୁଳି ଗୀତ, ବରବାହୁଡ଼ା କାନ୍ଦଣା, ବାପା ଭାଇ, ବୋଉ, ଭାଉଜ ଇତ୍ୟାଦିକୁ ଧରି କାନ୍ଦଣ ଭିତରେ ନାରୀମନର ଅବ୍ୟକ୍ତ ବେଦନାକୁ ସେ ଯେପରି ବ୍ୟକ୍ତ କରେ, ତାହା ଶୁଣିଲେ ପାଷାଣ ଭିତରେ ପ୍ରାଣ ସଂଚାରିତ ହୋଇ ସମ୍ବେଦନା ସୃଷ୍ଟି ହେବା ସ୍ୱାଭାବିକ ।

(କ) ପକ୍ୱରମ୍ଭା ଘୃତ ମୁଖେ ଥାପିଲ ହେ ବାପା
କର୍ପୂର କନାକୁ ପଙ୍କେ ମାଡ଼ିଲ ହେ ବାପା ।

(ଖ) ବାପା ବସିଥିଲେ ଗମ୍ଭୀରୀ ଘରେ ଲୋ ବୋଉ
ଟଙ୍କା ପହଞ୍ଚିଲା ଦି ପହରେ ଲୋ ବୋଉ ।
ମୋହର ଯେମନ୍ତେ ନିଶ୍ୱାସ ଥିବ ଲୋ ବୋଉ
ଟଙ୍କା ବାର କୋଡ଼ି ଅଙ୍ଗାର ହେବ ଲୋ ବୋଉ ।

(ଗ) ସେ ଯେଉଁ ମାଲୁଣି ତା ଯେଉଁ ଝିଅ ଲୋ ଖୁଡୀ
କହିବେ ବଚନ ବୋହିବ ଲୁହ ଲୋ ଖୁଡ଼ୀ
ଚାଲିଲେ ନଣନ୍ଦ ପାଦ ଭଣ୍ଡିବେ ଲୋ ଖୁଡୀ .
ପଦକ କଥାରେ କଳି କରିବେ ଲୋ ଖୁଡୀ ।

ଓଡ଼ିଆ ଘରର ବିବାହର ଯାବତୀୟ ଚିତ୍ର ଓଡ଼ିଆ ଲୋକ ଗୀତରେ ସ୍ଥାନ ପାଇଛି । ବିବାହ, ପାଣିଗ୍ରହଣ, ମଙ୍ଗଳକୃତ୍ୟ, ବରାନୁଗମନ, ଲବଣଚାମରୀ, ଲଜ୍ୟାହୋମ କନ୍ୟା ବିଦାୟ, ଚତୁର୍ଥୀ, ସପ୍ତମଙ୍ଗଳା, ମଙ୍ଗଳକୃତ୍ୟର ଅବ୍ୟବହିତ ପୂର୍ବରୁ ଅନୁକୂଳ, ବିରି ରଗଡ଼ା, କମ୍ବ ମାଜଣା, ହାତଗଣ୍ଠି, କଉଡ଼ିଖେଳ ଇତ୍ୟାଦି ବିବାହ କାର୍ଯ୍ୟର ଯାବତୀୟ ବିଧି, ମଙ୍ଗଳଗୀତମାନଙ୍କରେ ସ୍ଥାନପାଇଛି । ଓଡ଼ିଆରେ ରହିଥିବା ଏଇ ମଙ୍ଗଳଗାନମାନଙ୍କରୁ ଓଡ଼ିଆ ବିବାହ ସମ୍ପର୍କୀୟ ସମସ୍ତ ବିବରଣୀ ସଂଗ୍ରହ କରାଯାଇପାରେ । ଏଥିରେ ଜାତକ ଦେଖା ମଙ୍ଗଳ, ବିବାହ ମଙ୍ଗଳ, ବେଦି ତିଆରି ମଙ୍ଗଳ, ମଣ୍ଡପ ଧଉଳା ମଙ୍ଗଳ, ବଡ଼ିପକା ମଙ୍ଗଳ, ହଳଦୀ କୁଟା ମଙ୍ଗଳ, ବାଟଘସ ମଙ୍ଗଳ, କନ୍ୟା ପାଆ ପିଟା ମଙ୍ଗଳ, ରତ୍ନଚୁଡ଼ିଲାଗି

ଟିପ୍ପଣୀ

ମଙ୍ଗଳ, ଚାଟମଙ୍ଗଳ, ଶ୍ରୀବିନ୍ଦେମଙ୍ଗଳ ବରୁଣ ପୂଜା ମଙ୍ଗଳ, ହୁଡ଼ଧରା ମଙ୍ଗଳ, ଲଗ୍ନ ଚଢ଼ିଁଣୀ ମଙ୍ଗଳ, ଘଟସ୍ଥ ମଙ୍ଗଳ, ହାତଗଣ୍ଠି ମଙ୍ଗଳ ଇତ୍ୟାଦି ଅନେକ ମଙ୍ଗଳ ଗାନ ଭିତରେ ବିବାହର ସମସ୍ତ ରୂପ ପ୍ରକଟିତ ।

ଓଡ଼ିଆ ଲୋକଗୀତରେ ବୋଲିଗୀତ ଅନେକ ପ୍ରକାରର । ଏଥିରେ ଶିଶୁମାନଙ୍କୁ ଶୋଇବା ପାଇଁ ଗୀତ ଯେମିତି ରହିଛି, ସେମିତି ମଧ୍ୟ ରହିଛି କୁମାରୀମାନଙ୍କର କ୍ରୀଡ଼ା କୌତୁକର ସଙ୍ଗୀତ । ଏଇ ଗୀତରେ ଓଡ଼ିଆର କୃଷି, ବାଣିଜ୍ୟର ଚିତ୍ର, ପାରିବାରିକ ଜୀବନ ଚଳଣିର ଚିତ୍ର, ଦାମ୍ପତ୍ୟ ଜୀବନର ଚିତ୍ର, ମମତା ମୟୀ ମାତୃହୃଦୟର ବାତ୍ସଲ୍ୟର ଚିତ୍ର ପରିବେଷିତ । ସାଂସାରିକ ଜୀବନର ଚଳଣି ଇତ୍ୟାଦିର ସ୍ୱର ଏଥିରେ ଧ୍ୱନିତ । ଓଡ଼ିଆ ପିଲା ଶୈଶବରେ ବୋଲିରେ ବଢ଼େ, ମାଆର ମମତାକୁ ଦୂରେଇ ତାକୁ ଚାଟଶାଳୀ ଯିବାକୁ ପଡ଼େ । ଏହିପରି ଗୀତ ଅଛି –

ଯାଉ ଯାଉ ବାଳା ଚାଟଶାଳୀ ଘର
ଶିରିଶା ଦେବୀଙ୍କୁ ପୂଜାବିଧି କର ।
ଓଡ଼ିଆ, ତେଲୁଗୁ, ନାଗରୀ ଜାଣ
ନ ପଢ଼ିଲେ କାହୁଁ କରିବ ଗଣ ।
ମୂର୍ଖ ହେଲେ ବଳା କ୍ରିଷାଣେ ପଣେ
ଲୁହା ଭାର ତାର କାନ୍ଧରେ ବସେ ।

**ଶିକ୍ଷା ସଂସ୍କାର :**

ଚାଟଶାଳୀ ପାଠରେ ଅବଧାନଙ୍କର କଡ଼ା ଶାସନ ଶୃଙ୍ଖଳା ଭିତରେ ପିଲାକୁ ରହିବାକୁ ପଡ଼େ । ସେଠାରେ ପିଲାଙ୍କର ସାମାନ୍ୟ ବିଭ୍ରମ ହେଲେ ବେତ ପାହାର ଖାଇବାକୁ ପଡ଼େ, ନୟନରୁ ଅଶ୍ରୁଧାର ବହିଯାଏ ପ୍ରତି ପନ୍ଦର ଦିନରେ ପଡ଼େ ପ୍ରତିପଦା ତିଥି, ଏଇ ଦିନ ଚାଟମାନେ ମାଗୁଣି କରି ଯାହାସବୁ ଆଣନ୍ତି, ତାହା ଅବଧାନଙ୍କୁ ସମର୍ପଣ କରନ୍ତି । ପ୍ରାଚୀନ ଶିକ୍ଷା ବ୍ୟବସ୍ଥାରେ ଏଇ ଚିତ୍ର ଚାଟଶାଳୀ ଗୀତ ମାନଙ୍କରେ ସ୍ଥାପିତ । ଯଥା–

"ଘରୁ ଯେତେବେଳେ ମାଏ ଯାଉଁ ପାଠ ପଢ଼ି
ପଢ଼ିଏ ଉଚ୍ଛୁର ହେଲେ ଖାଉଁ ବେତ ବାଡ଼ି ।
ନାୟକଙ୍କ ଆଗରେ ଉଭାକରାବନ୍ତି ।
ନାକ ବାଳ କାଟି କରି କୁଆକୁ ଦିଅନ୍ତି ।
ଡରେ ଥରଥର ମାଗୋ କମ୍ପୁଥାଏ କାୟେ
ତାଡ଼ି ନ ପଢ଼ିଲେ ବେତ ବାଜଇ ଯୋଡ଼ାୟେ ।
ତ୍ରାଳେ ହିଁ ଅବସ୍ଥା ମାଗୋ ବିଦ୍ୟା ପଢ଼ିବାର
ଢ଼ଳ ଢ଼ଳ ନୟନରୁ ବହେ ଅଶ୍ରୁଧାର ।
ପନ୍ଦର ଦିନରେ ମାଗୋ ପ୍ରତିପଦା ହୋଇ
ପୋଥି ଘେନି ସର୍ବ ପୁଏ ଭିକ୍ଷା ମାଗି ଯାଇ ।
ଫେରି ଫେରି ସର୍ବ ଘରୁ ଯାହା ପାଇ ଥାଉଁ
ଫୁଲଣା ହୋଇଣ ତାହା ଗୁରୁପାଶେ ଦେଉଁ ।

ଟିପ୍ପଣୀ

ଶୈଶବରୁ କଠିନ ଶୃଙ୍ଖଳା ଭିତରେ ଶିକ୍ଷା ଲାଭକରି ଟାଟ ସାମାଜିକ ମଣିଷରେ ପରିଣତ ହୁଏ । ବିଭିନ୍ନ ଦୃଷ୍ଟିରୁ ସେ ବିଭିନ୍ନ ବୃତ୍ତି ଅବଲମ୍ବନ କରି ଜୀବିକା ଓ ଜୀବନ ନିର୍ବାହ କରେ । ସାଂସାରିକ କ୍ଷେତ୍ରରେ ପାଦ ଦେବାମାତ୍ରେ ଅନେକ ସୁଖ ଦୁଃଖ, ଜଞ୍ଜାଳ-ଯନ୍ତ୍ରଣା ଭିତରେ ତାକୁ କାର୍ଯ୍ୟ କରିବାକୁ ପଡେ । ଓଡ଼ିଆର ଆଧ୍ୟାତ୍ମିକ ଜୀବନ ଚଳଣି, ପାପପୁଣ୍ୟ, ନ୍ୟାୟ ଅନ୍ୟାୟ, ସୁଖକର ଦାମ୍ପତ୍ୟ ଜୀବନ, ଦୁଃଖଦାୟକ ସାଂସାରିକ କର୍ମ ଇତ୍ୟାଦିର ଚିତ୍ର ବେଶ୍ ଜୀବନ୍ତ । ଓଡ଼ିଆ ଲୋକ ସମାଜର ଚଳଣି, ଓଡ଼ିଆର ପରିବାର ଜୀବନର ଚିତ୍ର ଲୋକ ଗୀତର ପ୍ରତିଟି ପର୍ଯ୍ୟାୟରେ ସ୍ଥାନ ପାଇଛି ।

**ପରିବାର ପରିଜନ :**

ଓଡ଼ିଆ ପାରିବାରିକ ଚଳଣି ଯୌଥ ପରିବାର ଉପରେ ବହୁ ଭରସା କରିଥାଏ, ମୌଳିକ କର୍ମର ସ୍ଫୂର୍ତ୍ତି ଭିତରେ ଓଡ଼ିଆ ଚଳେ । ଓଡ଼ିଆ ଚଳଣିରେ ପରିବାରର ମୁଖ୍ୟ ପିତା, ଏହାପରେ ବଡ଼ଭାଇ । ନାରୀମାନଙ୍କ ମଧ୍ୟରେ ମାତା ଯାବତୀୟ ଆଭ୍ୟନ୍ତରୀଣ ବ୍ୟାପାର ବୁଝନ୍ତି । କୌଣସି କାର୍ଯ୍ୟରେ ଓଡ଼ିଆ କହେ ସର୍ବ ମଙ୍ଗଳ ଜଗନ୍ନାଥ, ଶୁଭକାଳ ଦେଖି ସେ ନୂଆ କାମ ଆରମ୍ଭ କରେ, ଅନୁକୂଳ କରି ବାହାରିବା ସମୟରେ ସେ ଜ୍ୟୋତିଷ ବଚନକୁ ମର୍ଯ୍ୟାଦା ଦିଏ । ସେ ହରିଙ୍କି ସ୍ମରଣ କରି କହେ -

ହରି ଭରସା ହରି ଭରସା
ହରିଙ୍କି ଭଜିଲେ ହରି ଭଜନରେ ନଥାଏ ଦଶା ।

ଓଡ଼ିଆ ଘରଣୀ ସ୍ୱାମୀ ସୋହାଗିନୀ । ସ୍ୱାମୀହିଁ ତାର ହାତର କାଚ, ସିନ୍ଦୁର ମଥାର ସ୍ୱାମୀର ଅଯୋଗ୍ୟତାରେ ସେ ଯନ୍ତ୍ରଣା ଯାଏ । ଢ଼ଗ କହେ -

ଘଇତା ଅଯୋଗ୍ୟ ପଣେ
ମାଇପ ଶୁଏ ବାଉଁଶ ବଣେ ।

ପୁଣି ସ୍ୱାମୀର କାର୍ଯ୍ୟ ଭାରରେ ସହାୟତା କରିବାକୁ ସେ ଆଗେଇ ଆସେ । ସେ କହେ -

ସେଇ ଯେବେ ବଣିଆଲୋ ମୁହିଁ ବଣିଆଣି
      ସଜ ଗଡ଼ାଠାକୁ ଦେବି ଫୁଙ୍କ ନଳା ଆଣି ।
ସେ ଯେବେ ଯୋଗୀ ହେବ ମୁଁ ବହିବି ଥାଳ
      ତାହା ସଙ୍ଗତରେ ମୋର ଯାଉଦିନ କାଳ ।

ସ୍ୱାମୀ ସହିତ ଦାମ୍ପତ୍ୟ ପ୍ରେମ ଓ କର୍ମମୟ ଜୀବନ କଟାଇବାରେ ଓଡ଼ିଆଣିର ଆଗ୍ରହ । ଜୀବନରେ ସମସ୍ତ ଦୁଃଖକୁ ଆପଣାର କରି ସେ ବଞ୍ଚି ରହେ, ବୈଧବ୍ୟ ଯନ୍ତ୍ରଣାଠାରୁ ମୃତ୍ୟୁ ବରଂ ଶ୍ରେୟ ଏହା ସେ ଆଶାକରି ପ୍ରାର୍ଥନା କରେ -

      ଏଇତା ମାଗୁଛି ତୋତେ
ହାତେ ଥିବ କାଚ   ତୁଣ୍ଡେ ଥିବ ମାଛ
      ଅନ୍ୟ ଡେଙ୍ଗୁରା ବାଜିବ ସତେ ।

**ନୀତିବୋଧ :**

ଓଡ଼ିଆ ସାମାଜିକ ଚଳଣିର ପ୍ରତ୍ୟେକଟି ରୂପ ଓଡ଼ିଆ ଢ଼ଗ, ଢ଼ମାଳିରୁ ସ୍ପଷ୍ଟ ବାରିହୋଇ ପଡେ । ଓଡ଼ିଆ ଚେତନାରେ

ଟିପ୍ପଣୀ

ତନ୍ତୀ ମରେ, ଅପାଳକ ରାଜ୍ୟରେ ବିଳୁଚି ଲକ୍ଷେ ଟଙ୍କା ହୁଏ, ଉଆଁସୀ କନ୍ୟାକୁ ମିଳେ ଅଳପେଇସା ବର, ଇଦ୍ଧାର ମାଣ୍ଡକ ତିନିପା ହୁଏନାହିଁ, ଆଉଁସିଲା କୁକୁର ମୁହଁରେ ବୋକଦିଏ, ଆଜି କଥା କାଲିକି ଅନ୍ତର ହୁଏ, ଏକା ମାଘରେ ଶୀତ ଯାଏ ନାହିଁ, ଓଡ଼ିଆ ନ ତିନ୍ତିଲେ ଘର ଛୁଅନ୍ତି ନାହିଁ, କଟକ ଭଣ୍ଡାରୀ ଦେଶରେ ରାଜା ପାଲଟେ, କର୍ମ ଅବଳକୁ ବେଙ୍କ ହାର ନାଗ ସାପ ପାଲଟେ, କୁଳ ବୁଡିବା ବେଳକୁ ଘୋଡ଼ାମୁହାଁ ପୁତ୍ର ଜନ୍ମହୁଏ, କହିଲେ କୁଳ କୁଟୁମ୍ବକୁ ଲାଜ ହୁଏ, ନ କହିଲେ କୁଳ ଭାସିଯାଏ, ଚିହ୍ନା ବ୍ରାହ୍ମଣର ପଇତା ଲୋଡ଼ା ନାହିଁ, ଏଠି ଗଛ ଚଢ଼ି ନ ଜାଣିଲେ କୁଆ ଅଇଁଠା ଖାଇବାକୁ ହୋଇଥାଏ, ଗୋଠ ମାଡିଲେ ଖଣ୍ଡିଆ ମାଡିଉଠେ, ଚେଇଁ ଶୋଇଥିବା ଲୋକକୁ ଉଠାଇ ହୁଏ ନାହିଁ, ଛୋଟ ମୁହଁରେ ବଡ଼ କଥା ଶୁଣାଯାଏ, ଦୀପତଳ ଅନ୍ଧାର ଦିଶେ, ଝିଅକୁ ମାରି ବୋହୂକୁ ଶିକ୍ଷା ଦିଆଯାଏ, ଢ଼ିଙ୍କି ସ୍ୱର୍ଗକୁ ଗଲେବି ଧାନକୁଟେ, ନାନା ମୁନିଙ୍କଠାରୁ ନାନା ମତ ମଳିଥାଏ, ଦିଘର କୁଣିଆ ଉପବାସ ରହେ, ପିଠି କଦାପି ପେଟର ପଥା ବୁଝିପାରେ ନାହିଁ, ବସି ଖାଇଲେ ନଇବାଲି ଶେଷ ହୋଇଯାଏ - ଏମିତି ଅନେକ ଢ଼ଗରେ ଓଡ଼ିଆ ଚଳଣି ଓ ଆଚାର ପ୍ରକାଶ ପାଇଥାଏ ।

**ଖାଦ୍ୟପେୟ :**

ଓଡ଼ିଆର ଖାଦ୍ୟପେୟ ଏବଂ ପୋଷାକ ପରିପାଟୀ ମଧ ଲୋକଗୀତରୁ ଭଲଭାବରେ ଜଣାଯାଏ । ଓଡ଼ିଆର ବେଶ ସ୍ୱତନ୍ତ୍ର । ଓଡ଼ିଆ ନାରୀର ବେଶ ପରିପାଟୀ ସଂପର୍କରେ ନିମ୍ନୋକ୍ତ ଉଦ୍ଧୃତିରୁ ଅବଧାରଣା କରାଯାଇପାରିବ । ଯଥା -

କୁଞ୍ଚ କୁଞ୍ଚକରି ଲୁଗା ପିନ୍ଧିଥାଅ ସୁନ୍ଦର ଦିଶିବ ବୋଲି
କାଛିକୁଛି କରି କୁଞ୍ଚ ଖୋସିଥାଅ ସୁନ୍ଦର ଦିଶିବବୋଲି ।
ଗାଧୋଇବା ପାଇଁ ରଙ୍ଗହଳଦି ଗୋ ଘେନି ବାଛିରଖି ଥାଅ
ସୁନ୍ଦର ଦେହକୁ ପଟାନ୍ତର ନାହିଁ ଲିଆଭଜା ହାଣ୍ଡିପ୍ରାୟ ।

ଓଡ଼ିଆ ମଙ୍ଗଳ ଗାଆଣିରେ ଓଡ଼ୁଆଣିର ବେଶ ପରିପାଟୀର ବର୍ଣ୍ଣନା ରହିଛି । ସିଙ୍ଗାର ମଙ୍ଗଳରେ କୁହାଯାଇଛି-

ଚନ୍ଦ୍ରମଞ୍ଜୁମା ମଧେ ମଥାମଣି ଲମ୍ବାଇଲେ
କର୍ଣ୍ଣତଟେ ହୀରାରତ୍ନ କାପ ଖଞ୍ଜି ଦେଲେ ।
ଜେମାଙ୍କଠେ ଲମ୍ବାଇଲେ ହୀରାର ପଦକ
ମୁକୁତାର ଚାପସରି ଶୋଭେ ତଥିପାଖ ।
ମୃଣାଳ ଭୁଜକୁ ଶୋଭାଦିଶେ ହୀରାତାଡ଼
ଅଙ୍ଗୁଳି ମାନଙ୍କେ ହେମ ମୁଦ୍ରିକାର ଭିଡ଼ ।

× × ×

କୁରଙ୍ଗ ନୟନେ ବାଳୀ କଜ୍ଜଳ ରଞ୍ଜିଲେ
କସ୍ତୁରୀର ଲେଖାଦେଲେ ଭ୍ରୂଲତା ଯୁଗଳେ ।
କପାଳେ କୁଙ୍କୁମ ବିନ୍ଦୁ ବିଳାସ ରଚିଲେ
ସୁକ୍ଷ୍ମ୍ମ ବସନ ଉଞ୍ଚ ଯତ୍ନେ ପିନ୍ଧାଇଲେ ।

ଟିପ୍ପଣୀ

ଓଡ଼ିଆର ଖାଦ୍ୟ-ପେୟ ସଂପର୍କୀୟ ସୁବିସ୍ତୃତ ବିବରଣୀ ଅନେକ ଢ଼ଗ ଏବଂ ଢ଼ମାଳିରୁ ମିଳିଥାଏ । ଓଡ଼ିଆ ନାରୀ ଗର୍ଭବତୀ ହେବା ଅବସ୍ଥାରେ ତା'ପାଇଁ ବିଭିନ୍ନ ସ୍ୱାଦଯୁକ୍ତ ଖାଦ୍ୟର ବ୍ୟବସ୍ଥା କରାଯାଇଥାଏ । ଏକଦୀର୍ଘ ଢ଼ମାଳିରୁ ଓଡ଼ିଆର ଖାଦ୍ୟ ବିବରଣ ସଂପର୍କରେ ଅବଧାରଣା କରାଯାଇ ପାରେ । ଯଥା -

ଶାହାଧାନୀ ଧାନଚାଉଳ ମୁଗ ନଡ଼ିଆ ପଡ଼ି
ଖରମରା ଘିଅ ଆଦା ଲୋ ପଡ଼ି ହେବ ଖେଚୁଡ଼ି
ସୁନାକେରି ଧାନ ଚାଉଳ ଦିଶେ କେତେ ଉଜ୍ଜଳ
ଟଭାରସ ମଲ୍ଲିଫୁଲ ଗୋ ବସାଦହି ପଖାଳ ।
ସାରୁ, ଆଳୁ, ବଡି, ବାଇଗଣ କଦଳୀର ମହୁର
ବୋଇତି କଖାରୁ ଆମ୍ବିଳ ଖଣ୍ଡଦିଆ ଶାକର ।
କସି ବାଇଗଣ ସନ୍ତୁଳା କିଛଇ ଭଜା ହୁଅନ୍ତା
କାଠିଆ କଦଳୀ ପକାଇ କର ଶିମ୍ବ ରାଇତା ।
ସାତ ପତୁରିଆ ଜହ୍ନିର ଭଜା ଭେଣ୍ଡି ଆମ୍ବିଳ
ମୂଳା କାଞ୍ଜି ସଙ୍ଗେ ମେଳ ଲୋ କନ୍ଦମୂଳ ସୁମେଳ ।
ବନ୍ତଳ କଦଳୀ ମଂଜାକୁ କିଛି କରିବ ରାଇ
ଲେଉଟିଆ ଶାଗ ଭାଜିରେ ସଜ ପଖାଳ ଦହି ।
ଫେଣା, ଚଣା, ଖଜା, ମିଠେଇ ସଙ୍ଗେ ରସାଳ କଷି
ସାଚି କୋରା ସାଚି ଉଖୁଡ଼ା ଲଡୁ ହୋଇବ ରାଶି
ବିରି ମୁଗବରା ବରାଙ୍ଗି ଧଣ୍ଡାଲଡୁ ଜଳିବି
ପେଡା ସରୁଚୁଡା ଉଖୁଡା ଦୁଗ୍ଧ ସଙ୍ଗେ ଖାଇବି
ସପୁରି, ପଣସ ନଡ଼ିଆ କିଛି ଗଜା ମୁଗରୁ
କଦଳୀ ଚକଟା ସଙ୍ଗତେ କିଛି ତୁଡାଘଷାରୁ ।
ତାଳମଣ୍ଡା ତାଳ ଚକୁଳି ବାସି ହେଲେ ସୁଆଦ,
ବରକୋଳି ପିଠା କରିବ ପଡ଼ି ଅରୁଆ ଖୁଦ ।
ଘିଅପକା ମକା ଭଜାରେ ପଡି ମଟର ମଞ୍ଜି
କାନ୍ଦିଆ କମଳା ଟଭା ଯେ କରମଙ୍ଗା କାଗେଜି ।

**ଆଶୀର୍ବାଦ :**

ଓଡ଼ିଆର ବିଚାରଧାରା, ଉଦାର ମାନବିକତା ବୋଧରେ ପ୍ରତିଷ୍ଠିତ । ଓଡ଼ିଆ ଅନ୍ୟମାନଙ୍କର ସୁଖ ସୌଭାଗ୍ୟ ପାଇଁ ଆଶୀର୍ବାଦ କରେ, ନିଜେ ବଞ୍ଚିବା ସହିତ ଅନ୍ୟର ଜୀବନ ପାଇଁ ସେ ଆଶୀର୍ବାଦ ବର୍ଷଣ କରି କହେ - "ଅହ୍ୟ ସୁଲକ୍ଷଣୀ

ଟିପ୍ପଣୀ

ହୋଇଥା, କାଚ ସୁନ୍ଦର ବଳ୍ପ ହେଉ, ସାତ ପୁଅରେ ସାଧବବାଣୀ ହୁଅ, ଅଷ୍ଟ ଉତ୍ତର ଶହେ ପରମାୟୁ ପାଅ, ଗୋଟିକରୁ କୋଟିଏ ହେଉ, କୃଷ୍ଣ ଚରଣେ ଲୟ ରହୁ, ଧନ-ଜନ-ଗୋପ ଲକ୍ଷ୍ମୀ ମିଳୁ ଇତ୍ୟାଦି ଅନେକ ଆଶୀର୍ବାଦ ବଚନ ।

**କୃଷି ଓ କୃଷକ :**

ଓଡ଼ିଆ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାଏ । ତେଣୁ କୃଷି ଓ ଗୋପାଳନ, ଉପରେ ସେ ଅଧିକ ଧ୍ୟାନଦିଏ । ସେଥିପାଇଁ କିପରି କୃଷିର ଉନ୍ନତି କରଯାଇ ପାରିବ, କୃଷିର ପ୍ରଣାଳୀ ଓ ସମୟ କଣ, ଚାଷ କିପରି ହେବା ଦରକାର, ଏ ସମ୍ପର୍କରେ ଓଡ଼ିଆର ବକ୍ତବ୍ୟ ବିଭିନ୍ନ କୃଷି ବଚନରୁ ମିଳିଥାଏ । ଯଥା -

କ) ଗାଈ କରିଥିବ ଗୁରୁଡ଼ି ଗାରୁଡ଼ି
ବଳଦ କରିବୁ ଢ଼େପା
ଆଖୁ ବିଲକୁ ମାଣେ ନ କରିବୁ
ପାଏ କରିଥିବୁ କପା

ଖ) ଆଷାଢ଼ ମାସରେ ଫୁଲ ଖରଡ଼ି
ଚଷା ଭାଗ୍ୟ ଥିଲେ ପାଇ
ଠିଆ ହୋଇ ବୁଣିଥିଲେ
ବସି କରି ଖାୟି ।

ଗ) ତିନି ବରଷରେ ଧାନ ବାଳୁଙ୍ଗା
ତିନି ପୁରୁଷରେ କୁଳ ବାଳୁଙ୍ଗା

ଘ) ପୂର୍ବେ ଇନ୍ଦ୍ରଧନୁ ପଶ୍ଚିମେ ରୋହି
ନାଥେ ବୋଇଲେ ପୂତା ନିଶ୍ଚେ ପଡଇ ଧୋଇ ।

ଙ) ବଳଦ କିଣିବ ଖରୁଆ
ଗାଈ କିଣିବ ଘରୁଆ
ମଇଁଷି କିଣିବ ଭେଡ଼ି
ଛେଳି କିଣିବ ଦାଢ଼ି ।

ଚ) ଭୋଦୁଅ କାଢ଼ି ଧାନର ବଢ଼ି
ଆଶିଣ କାଢ଼ି - ଧାନକୁ ବାଡି ।

ଛ) ଷାଠିଏ ଓଡ଼ ମୂଳା
ତହିଁରୁ ଅଧେ ତୂଳା
ତହିଁରୁ ଅଧା ଗୁଳା
ତହିଁରୁ ଅଧା ଧାନ
ତହିଁରୁ ଅଧା ପାନ ।

ଏମିତି ଅଜସ୍ର କୃଷିବଚନ ମଧ୍ୟରୁ ଓଡ଼ିଶାର କୃଷି, ଗୋପାଳନ ଇତ୍ୟାଦି ସମ୍ପର୍କରେ ଅବଧାରଣା କରାଯାଇପାରେ ।

ଟିପ୍‌ପଣୀ

**ପୁରାଣ ପରମ୍ପରା :**

ଓଡ଼ିଆ ଜାତି ପୁରାଣପ୍ରବଣ ଓ ପୁରାଣ ପ୍ରବୀଣ । ପୁରାଣ ଉପରେ ତା'ର ଅଖଣ୍ଡ ଆସ୍ଥା ଆଉ ବିଶ୍ୱାସ । ଏ ଜାତିର ନାଡ଼ି ଯେମିତି ପୁରାଣରେ ଗଢ଼ା । ଲୋକ ଗୀତରେ ସେଇ ପୁରାଣ ପରମ୍ପରାର ପ୍ରଭାବ ଅପ୍ରତିହତ । ଏଇ ଜାତିର ଲୋକ ଢଗ, ପହଳି, କୃଷି ବଚନ, କୃଷକ ବୋଲି, ସମର ବୋଲି, ବାହାପୁଆଣିର ମଙ୍ଗଳଗାନରେ ସେଇ ପୁରାଣ ପ୍ରବଣତାର ସ୍ୱର ଆଉ ସ୍ୱାକ୍ଷର ରହିଛି । ନାରୀକୁ ବେଶକରି ସୀମନ୍ତିନୀମାନେ ସୀତାଙ୍କ ବେଶ ବର୍ଣ୍ଣନା କରନ୍ତି, ବର ଅନୁକୂଳ ବେଳେ ରାମଙ୍କ କଥା ସ୍ମରଣ କରାଯାଏ, ଲକ୍ଷ୍ମଣ ପରି ଭାଇକୁ ଲୋକେ ଆଦର କରନ୍ତି, କଂସ ମାମୁଁ ଓ ଶକୁନି ମାମୁଁ କଥା, କଥା କଥାକେ ପଡେ । ଦାନରେ କର୍ଣ୍ଣ, ବିଦ୍ୟାରେ ଗଣେଶ, ବିଚାରରେ ବୃହସ୍ପତି, ଧନରେ କୁବେର, ମାନରେ ଦୁର୍ଯ୍ୟୋଧନ, କୋପରେ ମହାଦେବ, ସର୍ଜନାରେ ବ୍ରହ୍ମା, ପାଳନାରେ ବିଷ୍ଣୁ - ଏକଥା ଲୋକ ବିଚାରେ ସମସ୍ତେ ଗ୍ରହଣ କରନ୍ତି । ଏଇପରି ଭାବରେ ପ୍ରତ୍ୟେକ ପୁରାଣ ଚରିତ୍ର ଲୋକଗୀତରେ ପ୍ରବେଶ କରିଛନ୍ତି । ଓଡ଼ିଆ କୃଷକ କୃଷିକ୍ଷେତ୍ରରେ ସେଇ ରାମ ଓ ଲକ୍ଷଣ କଥା ତୁଣ୍ଡରୁ ବାହାରେ -

ରାମ ବିଭାଘର ହୋ ଲଇକ୍ଷଣ ବରଜାତି
କନକ ବେଦୀ ତଳେ ମୋ କଳା କଳା ଛତି,
କଳା କଳା ଛତି ତ ସୁବର୍ଣ୍ଣ ପେନ୍ଥି ପେନ୍ଥି
ମୁକୁତା ପେନ୍ଥି ପେନ୍ଥି ଯେ ହୀରା ତ ଖୋସନ୍ତି ।

× × ×

ରାମ ବନବାସ ତ ଚଉଦ ବରଷ
ବାଟରେ ଶୁଣିଲେ ପିତାୟେ ଗଲେ ନାଶ
ପିତାୟେ ଯା'ନ୍ତୁ ନାଶ ଭରତ ହେଉ ରାଜା
ପୁତ୍ର ମୋ ତୁଲେ ରାଇଜ ପାଳନ୍ତୁ
ଅଯୋଧ୍ୟା ଜନ ପ୍ରଜା ହୋ ।

× × ×

ଶୂନ୍ୟରେ ହନୁମନ୍ତ ବିକ୍ରମି ଯାଉଥିଲା
ବାଟରେ ଭରତ ଯେ ବାଟୁଳି ମାଇଲା
ପଡି ଉଠି ହନୁ ତ ସୁମରେ ରାମ ନାମ
ଭରତ ପଚାରେ କପି ତୁ କାହା ନନ୍ଦନ ।
ବାଳୀର ଭଣଜା ମୁହିଁ ପବନର ସୁତ
ଯାଇଥିଲି ରାମ କାର୍ଯ୍ୟରେ ହୋ
ନେଉଛି ମାଲ୍ୟବନ୍ତ ହୋ ।
ଇନ୍ଦ୍ରଜିତ ମଲା ବୋଲିରେ ଲଙ୍କାରେ ବାରତା
ରାଣୀ ମନ୍ଦୋଦରୀତ କାନ୍ଦଇ କି କଲୁ ବିଧାତାରେ ।

ଏଇ ଗୀତମାନ ଗାଇ କୃଷକ ହଳକରେ, ଶଗଡ଼ିଆ ମଧ୍ୟ ଏଇ ଗୀତର ସୁର ଧରି ବଳଦ ଅଡାଇ ବାଟ ଚାଲେ, ଶ୍ରମିକର ଶ୍ରମଗାନରେ ମଧ୍ୟ ଏଇ ଧରଣର ପୁରାଣ ଚେତନା ପ୍ରକାଶ ପାଇଥାଏ ।

ଟିପ୍ପଣୀ

**ସମରଚିହ୍ନ :**

ଓଡ଼ିଆ ଜାତିଥିଲା ଯୁଦ୍ଧକୁଶଳୀ, ତାହାର ସମର କୌଶଳ ଅନେକ କ୍ଷେତ୍ରରେ ତା' ପାଇଁ ବିଜୟ ଆଣୁଥିଲା । ଓଡ଼ିଆ ପାଇକ ପୁଅର ପ୍ରାଣମୂର୍ଚ୍ଛା ଉଦ୍ୟମ, ସମର ପ୍ରାଙ୍ଗଣରେ ସମର କୌଶଳର ଚିତ୍ର ଓଡ଼ିଆ ଲୋକ ଗୀତରୁ ବାଦ ଯାଇ ନାହିଁ । ପ୍ରାଚୀନ ସମର କୌଶଳ, ସମରରେ ବ୍ୟବହୃତ ହେଉଥିବା ହାତ-ହତିଆର, ସମର ଶିକ୍ଷା, ଖଡ୍‌ଗ ନିର୍ମାଣ କୌଶଳ, ଖଡ୍‌ଗ ଧାରଣ ରୀତି, ଖଡ୍‌ଗର ଦକ୍ଷତା ଇତ୍ୟାଦି ସମ୍ପର୍କୀୟ ଧାରଣା ଲୋକଗୀତରେ ଥିବା ସମର ବୋଲି ଗୁଡ଼ିକରେ ସହଜରେ ଅନୁସନ୍ଧାନ କରାଯାଇପାରେ । ଯୋଦ୍ଧାର ବେଶ ସମ୍ପର୍କରେ କୁହାଯାଇଛି–

ବାମେ ଯମଦାଢ଼ ଡାହାଣେ ତୋଡ଼ର କାତି
    କର୍ଣ୍ଣରେ କୁଣ୍ଡଳ ଭାଇ ଭୈରବୀ ମୂରତି ।
ଦୁର୍ଗା ଦେଲେ କାଛଟା କାଳିକା ଦେଲେ କାଳୀ
    ମାଟି ପିଣ୍ଡରେ ମାଟି ଭାଇ ହୋଇଅଛି ବୋଳି ।୧।
ଈଶ୍ୱରଙ୍କ ସିଂହ ଦଣ୍ଡରୁ ଆଡ଼ବନ୍ଧ ହୋଇ
    ବାନଓର ମାଳା ବହିଲୁ ତହିଁ ଭାଇ ।
ବାସୁକୀ ବୋଲିଣ ଯେ ଅଟଇ ଏକ ନାଗ
    ସେ ଆସି ମୁହଁରେ ମୋର ହୋଇଅଛି ପାଗ ।

ଯୋଦ୍ଧା ଖଡ୍‌ଗକୁ ଖୋଳରୁ ବାହାର କରିବା ସମୟରେ ଗାନ କରେ -

ଗାଞ୍ଜେ ଗଣପତି ଭଦ୍ର କାଳିକା
ପରଞ୍ଜେ ପାର୍ବତୀ ରହିଛି ଏକା ।
ଗଣ୍ଡାରେ ବ୍ରାହ୍ମୀ କରିଛନ୍ତି ଘର
ଅଭୟ ଅଛି ଅଭୟ ପଞ୍ଜର ।
ଆହୁତି ପରେ ବାଉତୀ ଅଛି
ସିଂହଡାରେ ସିଂହ ବାହିନୀ ରହିଛି ।
ମଥାରେ ରହିଅଛି ରାହୁ
ଏତେ ବୋଲି ଖଣ୍ଡା ଉଲୁରି ଯାଉ ।
ରଣ ବିନୋଦେ ଯେଣେ ବନ୍ଧା ଯାଇ
ଭୈରବୀ ସାହା ଦୁର୍ଗାଙ୍କୁ ଧାୟି ।

ତତ୍କାଳୀନ ଯୁଦ୍ଧ ବ୍ୟବସ୍ଥାରେ ଯୁଦ୍ଧ ସ୍ଥାନର ଚଉଦ୍ୱାର ଅବରୋଧ କରି ରଖି ଦିଆଯାଏ । ଏଇ ଚାରି ଦ୍ୱାରରେ ବିଭିନ୍ନ ଯୋଦ୍ଧା ଅବସ୍ଥାନ କରନ୍ତି । ଏହାର ଏକ ବର୍ଣ୍ଣନା ହେଉଛି–

ପୂର୍ବ ଦୁଆରେ ଧନୀ ଦଳ ବେହେରା ରହନ୍ତି ।
ପଶ୍ଚିମ ଦୁଆରେ ଥାଏ ସାଧୁ ଯେ ନିଃଶଙ୍କ ।
ଉତ୍ତର ଦୁଆରେ ରହଇ ମଧୁ ବାହକ ।
ଦକ୍ଷିଣ ଦୁଆରେ ହରି ଜେନା ଜଗିଥାଏ ।
ଖଣ୍ଡାୟତ, ଓଡ, ଶୁଦ୍ର, ବଣୁଆ ବୋଲାଏ ।

କଳା ଓ ସଂସ୍କୃତି :

ଟିପ୍ପଣୀ

ଓଡ଼ିଆ ଜାତି ଯେତିକି ଧର୍ମପ୍ରାଣ ସେତିକି କଳାପ୍ରିୟ । ଓଡ଼ିଆର ଧର୍ମଧାରା ସହିତ, ଏହାର କଳା, ନୃତ୍ୟ, ସଙ୍ଗୀତ ଇତ୍ୟାଦିର ଘନିଷ୍ଠ ସମ୍ପର୍କ । କାରଣ ପ୍ରଥମତଃ ଧର୍ମାଚାର ଓ ତଜ୍ଜନିତ ମନୋରଞ୍ଜନର ବ୍ୟବସ୍ଥା କରିଥାଏ । ମନୋରଞ୍ଜନ ଉପକ୍ରମ ଭାବରେ ପାଲା; ଦାସକାଠିଆ, ଦଣ୍ଡନାଟ, ପାଟୁଆଯାତ୍ରା, ଗୋପାଳଙ୍କ ଓଗାଳ, କଣ୍ଢେଇ ନାଚ, କେଳାକେଳୁଣିନାଚ ଇତ୍ୟାଦିର ବ୍ୟବସ୍ଥା ରହିଛି । ଏଇ ବ୍ୟବସ୍ଥା ପାଇଁ ଓଡ଼ିଆ ଲୋକଗୀତର ପ୍ରୟୋଜନୀୟତା ଉପଲବ୍ଧି କରାଯାଏ । ଜୋବାବାଡ଼ିଆ, ଯୋଗୀଗୀତ, ପଟରସଉରା, ବୀଣାକାର ଗୀତ, ଡାକଗୀତ, ଚୈତି ଘୋଡ଼ା ନାଚ ଇତ୍ୟାଦିରୁ ଓଡ଼ିଆର ଲୋକ କଳାର ପରିଚୟ ମିଳିଥାଏ । ଯଥା –

(କ) **ଛଉରା ଗୀତ :**

ବଜାରେ ବାଜା
ଢୋଲିଆ ରତନ ବାଇଦ ବଜା
ଆହୁରି ବଜା
ନବଖଣ୍ଡ କରି ବାଇଦ ବଜା
ମୁଁତ ପଟର ସଉରା ରାଜା ହୋ ସଭାଜନେ ।

(ଖ) **ଘୋଡ଼ାନାଚ :**

ଘଡ଼ିକି ମାଇଲି ଟିପା
ହିଙ୍ଗୁ ଠାକୁରାଣୀ ଘୋଡ଼ା ଆସିଅଛି
ସିପାହିରେ ଦେହଯାକ ସୁନଟିପା ।

(ଗ) **ଦଣ୍ଡନାଟ :**

ବନ୍ଦେ ପାର୍ବତୀ ଶଙ୍କର
ବନ୍ଦନା କରୁଛି କାମନା ଘର
ଦଣ୍ଡ ବେତକୁ ଲୁହାର ।

(ଘ) **ଦୋଳିଗୀତ :**

ଅନ୍ଧାରେ ଚାଲିଲା ଦୋଳି
କାନୁ ଛଣ୍ଡି ଗଲା ଲବଙ୍ଗ ନୋଳି
ତୋହ କଥା ଭାଳି ଭାଳି
ନିଆଁ ଖଣ୍ଡା ଦାଉ ଦାଉ
ତୋ ଲାଗି ପଛକେ ଜୀବନ ଯାଉ
କଥା ଯୁଗେ ଯୁଗେ ଥାଉ ।

ଯାନିଯାତ୍ରା :

ଓଡ଼ିଶାରେ ବିଭିନ୍ନ ଯାନିଯାତ୍ରାକୁ କେନ୍ଦ୍ରକରି ଅନେକ ଲୋକଗୀତ ରହିଛି । ଚନ୍ଦନଯାତ୍ରା, ରଥଯାତ୍ରା ଭେଟ, ରାଇ ଦାମୋଦର ଯାତ୍ରାଗୀତ, ଚାଚେରୀ ଘଣ୍ଟ ଗୀତ, ଇତ୍ୟାଦି ଅନେକ ଧରଣର ଗୀତ ଓଡ଼ିଆ ଲୋକଚିତ୍ତର ଯାନିଯାତ୍ରା ପ୍ରତି ରହିଥିବା ଶ୍ରଦ୍ଧା ପ୍ରକାଶ କରିଥାଏ । ଓଡ଼ିଶାର ଧର୍ମ ଧାରଣା, ଆଧାତ୍ମିକ ଜୀବନ ଧାରା, ଦାର୍ଶନିକ ଚିନ୍ତାଧାରା ଇତ୍ୟାଦିର

ଟିପ୍ପଣୀ

ସାବଲୀଳ ପରିପ୍ରକାଶ ଅନେକ ଗୀତରେ ସ୍ଥାନ ପାଇଛି । କେତେକ ଯୋଗୀ ଗୀତରେ ଜନ୍ମମୃତ୍ୟୁ ସମ୍ପର୍କୀୟ ଧାରଣା, ଇହ-ପରର ଅନୁଚିନ୍ତା ପ୍ରକାଶ ପାଇଥାଏ । ଲୋକଗାଥା ଗୋବିନ୍ଦଚନ୍ଦ୍ର ଯୋଗୀ କଣ୍ଠରେ ଗୀତ ହୁଏ -

ଭଜୁ କିନା ରାମ ନାମରେ ରାଜନ
ଜପୁକିନା ରାମ ରାମ
ଭଜି ନ ପାରିଲେ କୁଜ ଚନ୍ଦ୍ରମାରେ
ବାନ୍ଧି ଦେବ କାଳ ଯମରେ କୁମର
ବାନ୍ଧି ନେବ କାଳ ଯମ ।

**ଜଗନ୍ନାଥ ଚେତନା :**

ଓଡ଼ିଆର ବ୍ୟକ୍ତିଜୀବନ ଠାରୁ ଜାତୀୟ ଜୀବନ ସହିତ ଯଦି କୌଣସି ଦେବତା ଅତି ଆତ୍ମୀୟ ଭାବରେ ଜଡ଼ିତ, ତେବେ ସେ ହେଉଛନ୍ତି ଓଡ଼ିଆର ପ୍ରାଣର ଦେବତା ଜଗନ୍ନାଥ । ଓଡ଼ିଆ ଲୋକ ସମାଜରେ ସେଇ ମହାବାହୁ, ବଳିଆର ଭୁଜଙ୍କ ପ୍ରତିରହିଛି ଅଚଳା ଭକ୍ତି, ଅସୀମ ଆଶା ଓ ଆକାଂକ୍ଷା ପ୍ରତି ଓଡ଼ିଆ ଜଗନ୍ନାଥ ପ୍ରାଣ, ପ୍ରଭୁଙ୍କ ନିକଟରେ ଆତ୍ମ-ବେଦନା ପ୍ରକାଶ କରେ । ଜଗନ୍ନାଥଙ୍କ ଯାବତୀୟ ପର୍ବପର୍ବାଣିକୁ ସେ ଆନନ୍ଦ ଚିତ୍ତରେ ପାଳନ କରେ । ଜଗନ୍ନାଥଙ୍କୁ ନେଇ ସେ ଅନେକ ଗୀତ ବାନ୍ଧେ । ତେଣୁ ଓଡ଼ିଆ ଲୋକ ଗୀତରେ ଭକ୍ତିଭାବର ନିଦର୍ଶନ ସ୍ୱରୂପ ସ୍ଥାନ ପାଇଛି ଅନେକ ଭକ୍ତିଗୀତିକା । ନୂତନ କର୍ମାରମ୍ଭରେ ସେ ଜଗନ୍ନାଥଙ୍କୁ ସ୍ମରଣ କରେ–

ଧାଇଁ ଧପଡ଼ି ମୁଁ ତ ମୃଦଙ୍ଗେ ଦେଲି ହାଥ
ପ୍ରଥମେ ବନ୍ଦିଲି ମୁଁ ଓଡ଼ିଶା ଜଗନ୍ନାଥ ।

ଜଗନ୍ନାଥଙ୍କୁ ନେଇ ଓଡ଼ିଶାରେ ରହିଛି ରାଶି ରାଶି କିଂବଦନ୍ତୀ । ଜଗନ୍ନାଥଙ୍କ ଦାରୁନିର୍ମାଣ ପାଇଁ ନିମ୍ବ ଭାସି ଆସି ସମୁଦ୍ର ମୁହାଣରେ ଲାଗେ । ଲୋକ କବି ଏହାର ରୂପ ଦେଇ ଥାଏ -

ହାଣିଲି ମହାନିମ୍ବ ଭସାଇ ଦେଲି ଜଳେ
ସେ ଯାଇ ଲାଗିଲା ବାଙ୍କି ମୁହାଣରେ
ଦେବତା ବୋଲି ପୂଜା ଯେ ପାଇଲା
ବଡ଼ ଦେଉଳରେ ହୋ ।

ଏଇ ଦାରୁରେ ନିର୍ମିତ ହୁଏ ପ୍ରଭୁ ଜଗନ୍ନାଥଙ୍କ ରଥ । ଏଥିରେ ହାତ ଦିଅନ୍ତି ବାରଶବଢ଼େଇ, ତେରଶବ୍ରାହ୍ମଣ ପ୍ରଭୁଙ୍କ ଲାଗି ଭୋଗ ନିଯୋଗ କରନ୍ତି । ତେଣୁ ଲୋକ କବି ଗାଇଛି–

କାଳିଆ କାଳିଆତ ବୋଲନ୍ତି ଯାହାକୁ
ବାରଶ ବଢ଼େଇ ତା' ରଥ ଗଢ଼ିବାକୁ
ତେରଶ ବ୍ରାହ୍ମଣ ତା' ଭୋଗ ରାନ୍ଧିବାକୁ
ପହଣ୍ଡ କେ ପାଟ ହୋ ମୁଚୁଳା
କାଳିଆ ବସିବାକୁ ହୋ ।

ଏଇ କ୍ରମରେ ପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରା, ସ୍ନାନଯାତ୍ରା, ଓ ଦ୍ୱାଦଶ ଯାତ୍ରା ଇତ୍ୟାଦିର ସୁନ୍ଦର ଚିତ୍ରମାନ ଓଡ଼ିଆ ଲୋକଗୀତରେ ହୋଇଛି ପ୍ରମୂର୍ତ୍ତ । ଏଥିରେ ପ୍ରଭୁଙ୍କ ପ୍ରତି ଓଡ଼ିଆ ଚିତ୍ତର ପ୍ରକାଶ୍ୟ ଭକ୍ତିଭାବନା ହୋଇଛି ନିବେଦିତ ।

ଇତିହାସର ଚେତାବନୀ :

ଟିପ୍ପଣୀ

ଓଡ଼ିଆ ଲୋକଗୀତ ହେଉଛି ସମାଜ ଓ ସମୟର ଅପ୍ରତିହତ ପ୍ରତିଛବି । ଏଥିରେ ଯେପରି ସମାଜର ବହୁବିଧ ଚିତ୍ର ପରିଦୃଷ୍ଟ, ସେହପରି ଭାବରେ ମଧ୍ୟ ସମୟର ପଦଧ୍ୱନି ଅନୁରଣିତ । ଇତିହାସରେ ଘଟିଯାଇଥିବା ଅନେକ ଘଟଣା ସମୟର ପାଦ ଚିହ୍ନରେ ହୁଏତ ମିଳେଇ ଯାଇପାରେ, ମାତ୍ର କବିର ଲେଖନୀ ତାକୁ ଯଥାର୍ଥ ଭାବରେ ରୂପଦେଇଥାଏ । ଲୋକ କବି ଚେତନାରେ ଦେଖାଦେଇଛି ସେଇ ଇତିହାସର ତୀବ୍ର ସଂକେତ । ରାଜାର କଡ଼ା ଶାସନକାଳୀନ ଅନେକ ଚିତ୍ର ତେଣୁ ଲୋକଗୀତରେ ସ୍ଥାନ ପାଇଛି । ରାଜା ମୁକୁନ୍ଦଦେବଙ୍କ ମୃତ୍ୟୁ ପରେ କଳାପାହାଡ଼ର ଆକ୍ରମଣ ଓ ବହୁ ହିନ୍ଦୁ ଦେବଦେବୀ ମନ୍ଦିର ଧ୍ୱଂସ ସାଧନର ଘଟଣା ଓଡ଼ିଆ ଲୋକଗୀତରେ ସ୍ଥାନ ପାଇଛି । ଯଥା–

ଅଇଲା କଳାପାହାଡ଼
ଭାଙ୍ଗିଲା ଲୁହାର ବାଡ଼
ପିଇଲା ମହାନଦୀ ପାଣି
ସୁବର୍ଣ୍ଣ ଆଳିରେ ହୀରାପରଶିଲେ
ମୁକୁନ୍ଦ ଦେବଙ୍କ ରାଣୀ ।"

କଳାପାହାଡ଼ ରାମଚଣ୍ଡୀ ମନ୍ଦିର ଯିବା ସମୟରେ ଦେବୀ ରାମଚଣ୍ଡୀ ତାକୁ ବାଟରେ ବସାଇ ପାଣିଆଣିବାକୁ ଯିବାର କିମ୍ବଦନ୍ତୀ ମଧ୍ୟ ଲୋକଗୀତରେ ସ୍ଥାନ ପାଇଛି ।

ଭଲା ରାମଚଣ୍ଡୀ ଭଲାରେ
କଳାପାହାଡ଼କୁ ବାଟରେ ବସାଇ
ଜଳପାଣି ଆଣି ଗଲାରେ ।

ଅତୀତର ବିଧର୍ମୀ ମୋଗଲମାନଙ୍କର ହିନ୍ଦୁ ବିଦ୍ୱେଷ ନୀତି ହେତୁ ହିନ୍ଦୁ ଦେବଦେବୀ ମନ୍ଦିର ଉପରେ ଚାଲିଥିବା ବହୁ ଆକ୍ରମଣ ହେତୁ ଶ୍ରୀ କ୍ଷେତ୍ରରେ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ମଧ୍ୟ ଏଥିରୁ ବାଦ ଯାଇ ନଥିଲା । ସେ ସମ୍ପର୍କରେ ଲୋକ କବି ଲେଖିଛି–

ବଡ଼ ଦେଉଳକୁ ବେଢ଼ି
                ମୁଗଲ ରହିଲେ
ଜାତି ବିଟାଳିଆ
                ଦେଉଳ ମାରାକଲେ ।

ବର୍ଗୀ ଆକ୍ରମଣ କାଳରେ ଅପଶାସନ ସାଙ୍ଗକୁ ଲୁଣ୍ଠନର ମାତ୍ରା ସୀମା ଲଂଘନ କଲା । ଏହି ସମୟରେ ପଥିକ ମାନଙ୍କୁ ଲୁଣ୍ଠନ ଓ ହତ୍ୟା କରାଯାଉଥିଲା । ସୁବର୍ଣ୍ଣରେଖା ତୀରସ୍ଥ ନରଣଗଡ଼ ଥିଲା ଖଣ୍ଡ ଓ ତଣ୍ଡିକଟାଙ୍କ ଆଡ୍ଡା, ଯାହାକୁ ଅତିକ୍ରମ କରିବା ଥିଲା ବିପଦ ସଂକୁଳ । ତେଣୁ ଲୋକକବି ଗୀତରେ ପ୍ରକାଶ କଲା -

ହଳାଦୀ ମଖାମଖି
ନରଣଗଡ଼ ପାର ହେଲେ
କୁଟୁମ୍ବ ଦେଖାଦେଖି ।

ଟିପ୍ପଣୀ

ଇତିହାସ ପ୍ରସିଦ୍ଧି ସିପାହୀ ବିଦ୍ରୋହରେ ଓଡ଼ିଶାରୁ ଦେଶପ୍ରେମୀ ଚାଖିଖୁଣ୍ଟିଆଙ୍କ ଯୋଗଦାନ, ଯୁଦ୍ଧରେ ମୃତ ହେବାର ଘୋଷଣା, ତାଙ୍କ ପତ୍ନୀଙ୍କ ବୈଧବ୍ୟ, ଚାଖିଖୁଣ୍ଟିଆଙ୍କର ପୁରୀ ପ୍ରତ୍ୟାବର୍ତ୍ତନର ଘଟଣାକୁ ଅତି ଚିତ୍ତାକର୍ଷକ ଭାବରେ ରୂପଦେଇ ଲୋକକବି ଲେଖିଛି -

ନଈରେ ବାଲିଆ ଚହଟିଲା
କଜ୍ଜଳ ସିନ୍ଦୁର ନାଆଁଲୋ ରାଣ୍ଡ
ପୁଣି ଚାଖିଆ ନେଉଟିଲା ।

ଏଇପରି ଭାବରେ ଇତିହାସ ଓ କିମ୍ବଦନ୍ତୀ ଆଧାରିତ ବହୁ ଅଧ୍ୟୟନର ସ୍ମୃତିପର୍ଦ୍ଦକୁ ସାଇତି ରଖିଛି ଲୋକଗୀତ ।

ଓଡ଼ିଆ ଲୋକ ଗୀତର ବ୍ୟାପକ ପରିସର ମଧ୍ୟରେ ଓଡ଼ିଆ ଲୋକ ସଂସ୍କୃତିକୁ ପ୍ରତିଟି ସ୍ତରରେ ଅନୁସନ୍ଧାନ କରାଯାଇ ପାରେ । ଓଡ଼ିଆ ଲୋକ ଗୀତ କେବଳ ଓଡ଼ିଆର ଆଚାରକୁ ସ୍ପର୍ଶ କରି ନାହିଁ, ବରଂ ଓଡ଼ିଆର ବିଚାର ଧାରା ଭିତରେ ଅତି ଘନିଷ୍ଠ ଭାବରେ ଜଡ଼ିତ ହୋଇ ପଡ଼ିଛି । ଓଡ଼ିଆର ବ୍ୟକ୍ତି ଜୀବନ, ପାରିବାରିକ, ସାମାଜିକ ଓ ଜାତୀୟ ଜୀବନର ଅନ୍ତଃସ୍ୱର ଓଡ଼ିଆ ଲୋକ ଗୀତରେ ପ୍ରମୂର୍ତ୍ତ । ଓଡ଼ିଆ ଲୋକ ସଂସ୍କୃତିକୁ ଅବଧାରଣା କରିବାକୁ ହେଲେ ଓଡ଼ିଆ ମନର ସେଇ ଅମନ୍ଦ-ମନ୍ଦାକିନୀ ରସଧାରା ସମ ସ୍ୱଚ୍ଛନ୍ଦ ପ୍ରବାହର ଗୀତ ଧାରାକୁ ଭଲ ଭାବରେ ଚିହ୍ନିବା ଦରକାର ।

ଓଡ଼ିଆ ଲୋକ ଗୀତରେ ରହିଛି ଓଡ଼ିଆର କର୍ମ, ଧର୍ମ, ଶିକ୍ଷା, କୃଷି, ଶିଳ୍ପ, ବାଣିଜ୍ୟ, ଆଚାର, ବିଚାର, ଦର୍ଶନ, ନ୍ୟାୟନୀତି, ତ୍ୟାଗ-ତପସ୍ୟା, ପ୍ରେମ-ଘୃଣା ପ୍ରଭୃତି ପ୍ରତ୍ୟେକ ସ୍ତରର ଚିତ୍ର । ଓଡ଼ିଶାର ଖାଦ୍ୟପେୟ, ପରିଧାନ ପରିପାଟୀ, କଳା-ଭାସ୍କର୍ଯ୍ୟ, ଓଡ଼ିଶାର ଦାମ୍ପତ୍ୟ ଜୀବନ, ଓଡ଼ିଶାର କୃଷିଜୀବୀ, ଶ୍ରମଜୀବୀ, କର୍ମ ଓ ଧର୍ମଜୀବୀ ମଣିଷର ବ୍ୟାପକ ପରିଚୟ ଲୋକ ଗୀତର ଢ଼ଗ ଢ଼ମାଳି, ପଦ, ପହଳି, ଡାକ ବଚନ, ବୋଲି, ବାଣୀ, ଗୀତା, ଗାଥା, ଛଟା, ନାଁ ଦିଆ - ପ୍ରତ୍ୟେକ ଶ୍ରେଣୀର ରଚନାରେ ପ୍ରଚୁର ପରିମାଣରେ ପରିଦୃଷ୍ଟ । ଓଡ଼ିଆ ସଂସ୍କୃତିର ଯଥାର୍ଥ ରୂପ ପ୍ରକଟନ କ୍ଷେତ୍ରରେ ଓଡ଼ିଆ ଲୋକଗୀତର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଲୋକଗୀତ ଜୀବନର ବାଣୀ, ଏଣୁ ଏଇ ବାଣୀରେ ପ୍ରମୂର୍ତ୍ତ ହୋଇଛି ଓଡ଼ିଆର ଜୀବନ, ଓଡ଼ିଆର ସଂସ୍କୃତି । ଲୋକବେଦ ନାମରେ ଖ୍ୟାତ ଲୋକ ଗୀତ ହେଉଛି ଓଡ଼ିଆର ଜୀବନ ବେଦ । ଓଡ଼ିଆ ସଂସ୍କୃତିର ଗୀତିମୟ ପ୍ରକାଶ ହେଉଛି ଲୋକଗୀତ ଏବଂ ଲୋକଗୀତର ସ୍ଫୂର୍ତ୍ତିହିଁ ଓଡ଼ିଶାର ଲୋକ ସଂସ୍କୃତି ।

ଲୋକଗୀତ - ଓଡ଼ିଆ ସଂସ୍କୃତିର ଗୀତ ନିର୍ଝର, ଏଥିରେ ଧ୍ୱନିତ ଓଡ଼ିଆ ପ୍ରାଣର ବେଣୁ ଓ ବୀଣାନାଦ । ବିଶୁଦ୍ଧ ଜୀବନାଚାର ପାଇଁ ଥିରେ ରହିଛି ଯଥାର୍ଥ ପ୍ରେରଣା । ବିଭାଗ ବୈଚିତ୍ର୍ୟ ଦୃଷ୍ଟିରୁ ଏହା ଯେପରି ବହୁଧା ବିଭକ୍ତ ଭାବପକ୍ଷ ଓ କଳାବୋଧ ଦୃଷ୍ଟିରୁ ଏହା ମଧ୍ୟ ସେପରି ଉନ୍ନତ । ଏଥିରେ ନାହିଁ ଅବଶ୍ୟ କୃତ୍ରିମ କାରୁକାର୍ଯ୍ୟ, ମାତ୍ର ଏହାର ମନଜିଣା ସାରଲ୍ୟହିଁ ହେଉଛି ସର୍ବୋତ୍କୃଷ୍ଟ ଆକର୍ଷଣ । ନଦୀ ମାତୃକା ଉତ୍କଳ ଭୂମିରେ ଯେପରି ବହୁଜଳଧାରାର ପ୍ରବାହ, ପଲ୍ଲୀପ୍ରଧାନ ଓଡ଼ିଶାରେ ସେଇପରି ବହୁଗୀତିଧାରାର ବିଚିତ୍ରଗତି । ଏଥିରେ ଛନ୍ଦ ଅଛି ଛନ୍ଦତା ନାହିଁ, ସାରଲ୍ୟ ଅଛି କୃତ୍ରିମତା ନାହିଁ । ଓଡ଼ିଆ ପ୍ରାଚୀ ବୀଣାର ବିଶ୍ୱସ୍ତ ଝଙ୍କାର ଏଇ ଲୋକଗୀତ, ଆଉ ମଧ୍ୟ ଏହା ଓଡ଼ିଆ ଜାତିର ବହୁ ବେଦ-ବ୍ୟାସଙ୍କର ବିଚିତ୍ର ଗୀତାଏ । ଧର୍ମ ଓ କର୍ମ ଉଭୟରେ ନିନାଦିତ ଏହାର ଅମୂର୍ତ୍ତ ଓ ଅମୃତ ବାଣୀ ।

■

ଟିପ୍ପଣୀ

# ପ୍ରବାଦ ପ୍ରବଚନ

**ଓଡ଼ିଆ ପ୍ରବାଦ ଓ ପ୍ରବଚନରୁ ସମାଜ ଜୀବନର ବୈଚିତ୍ର୍ୟ :**

ପଲ୍ଲୀର ଜୀବନଧାରା ଉପରେ ପ୍ରବାଦ/ପ୍ରବଚନର ପ୍ରଭାବ ବେଶ୍ ଗଭୀର ଓ ସ୍ପଷ୍ଟ । ସେ ତା'ର ଦୈନନ୍ଦିନ କର୍ମମୁଖର ଜୀବନରେ ଏହି ପ୍ରବଚନକୁ ବିଭିନ୍ନ ଅବସ୍ଥାରେ ଓ କାର୍ଯ୍ୟକ୍ଷେତ୍ରରେ ବ୍ୟବହାର କରିଥାଏ । ସାମାଜିକ ବିକୃତି, ସାଧୁତା, ଆଳସ୍ୟ, କର୍ମକୁଣ୍ଠତା କର୍ମପ୍ରବଣତା ଆଦି କ୍ଷେତ୍ରରେ ପଲ୍ଲୀର ଜନତା ଏହାର ବ୍ୟବହାର କରିଥାଏ । ସଂକ୍ଷିପ୍ତ ଅବୟବ ମଧ୍ୟରେ ବହୁ ଗଭୀର ଦାର୍ଶନିକ ଭାବନା ଓ ଜୀବନର ସତ୍ୟତା ଏହା ପ୍ରକାଶ କରିଥାଏ । ଏହା କେବଳ ଲୋକଜୀବନର କଥା କହୁଥିବାରୁ "ପ୍ରବଚନମାନଙ୍କରେ ଜନଜୀବନର ବହୁ ସ୍ୱାଭାବିକ ବିଭାବ ସହଜ ଭାବରେ ପ୍ରତିଫଳିତ । ଏହି ଲୋକଚଳଣି ବ୍ୟବହାର ବିଶ୍ୱାସ, ଦୃଷ୍ଟିଭଙ୍ଗୀ ଓ ଜୀବନାନୁଚିନ୍ତାର ଅକୃତ୍ରିମ ପ୍ରତିଫଳନ ଓଡ଼ିଆ ଭାଷାଭାଷୀମାନଙ୍କର ଯଥାର୍ଥ ସାଂସ୍କୃତିକ ଅଧ୍ୟୟନ ପାଇଁ ଅପୂର୍ବ ସୁଯୋଗ ପ୍ରଦାନ କରେ । ଉତ୍କଳୀୟ ସଂସ୍କୃତି ଓ ଜନଜୀବନ ସହିତ ଏହି ପ୍ରବାଦ/ପ୍ରବଚନଗୁଡ଼ିକ କିପରି ଓତଃ ପ୍ରୋତଭାବେ ଜଡ଼ିତ ତାହା ନିମ୍ନୋକ୍ତ ଆଲୋଚନାରୁ ସ୍ପଷ୍ଟ ହୋଇପାରିବ ।

**(କ) ଭାଗ୍ୟବାଦ ଓ କର୍ମବାଦ :** ଉତ୍କଳୀୟମାନେ ଗଭୀର ଭାବରେ ଭାଗ୍ୟବାଦୀ ଓ କର୍ମବାଦୀ । ଭାଗ୍ୟ ଦ୍ୱାରା ମାନବ ପରିଚାଳିତ ଏହିପରି ଏକ ବିଶ୍ୱାସ ଯେପରି ତା' ମଧ୍ୟରେ ବଳବତ୍ତର, ସେହିପରି କର୍ମଫଳ ଭୋଗ କରିବା ନିମିତ୍ତ ମାନବର ଯେ ଧରାବତାରଣ, ସେପରି ଏକ ପ୍ରତ୍ୟୟ ତା' ହୃଦୟରେ ଚିର ବର୍ତ୍ତମାନ ସାଂସାରିକ ନୀତିନିୟମ ମଧ୍ୟରେ ଆବଦ୍ଧ ମଣିଷ ଯେତେବେଳେ ହୁଏତ ତା'ର ଦୁର୍ବଳ ମୁହୂର୍ତ୍ତରେ ଏହି ଚିରନ୍ତନ ଦୁଇଟି ବିସ୍ମରଣ ହୋଇଯାଇପାରେ, ସେଇଥିପାଇଁ ସେ ପ୍ରବାଦ/ପ୍ରବଚନରେ ତାକୁ ବାରମ୍ବାର ସତର୍କ କରାଇ ଦେଇଛି । ଭାଗ୍ୟ ଓ କର୍ମବାଦ ସଂପର୍କୀୟ ଉଭୟ ପଦ୍ୟ ଓ ଗଦ୍ୟରେ ଉପଲବ୍ଧ ବଚକାଗୁଡ଼ିକୁ ଆମେ ନିମ୍ନୋକ୍ତଭାବରେ ଗ୍ରହଣ କରିପାରିବ ।

୧ । କପାଳ ଲିଖନ କେ କରିବ ଆନ ।

୨ । ଅଭାଗା କପାଳକୁ ସମୁଦ୍ର ଶୁଖେ ।

୩ । ଅଭାଗ୍ୟକୁ ଏପରି ଘଟେ ଅଣ୍ଟା ସୁନା ପିତଳ ପାଲଟେ ।

୪ । ଭାଗ୍ୟରେ ନାହିଁ ପାଇବୁ କାହିଁ ।

୫ । କର୍ମ ଅବଳକୁ, ବେକ ହାର ନାଗ ସାପ ପାଲଟେ ।

୬ । ବସିବା ଠାରୁ କାଣିବା ଭଲ ।

୭ । କର୍ମ ପଡେ

ଲାଭ ଲଗାଇଲେ ଚଲଣା ଫଳେ ।

୮ । କାହା କରମକୁ ଘିଅ ସାକର

କା' କରମକୁ ଲଡୁ

କାହା କରମକୁ ଖାରିଆ ଖଡ଼ା

ତେଇବେ ତେଇବେ ମରୁ ।

ଟିପ୍ପଣୀ

୯ । ଯେଉଁଣେ ଇଚ୍ଛା ତେଉଁଣେ ଯା'
କର୍ମ ଘେନି ବୁଲୁଥା ।

୧୦ । କରମ ଗୁଣେ, ଆମ୍ବ ଲଗାଇଲେ କର୍ମଙ୍ଗା ଫଳେ ।

୧୧ । କରମ ମନ୍ଦ, କିଅଁ ଦେବତା କିମ୍ପା ନିନ୍ଦ ।

୧୨ । କର୍ମ ଅନୁସାରେ ଫଳ

**(ଖ) ଦାର୍ଶନିକତା :** ପ୍ରବାଦ/ପ୍ରବଚନ ସ୍ରଷ୍ଟା ଜଣେ ଜଣେ ବିଶିଷ୍ଟ ଦାର୍ଶନିକ । ଜୀବନର ବାସ୍ତବ ଓ ନିଷ୍ଠୁର ସତ୍ୟକୁ ସେମାନେ କଦାପି ଆଖି ବୁଜି ଦେଇନାହାନ୍ତି । ଜୀବନକୁ ଯଥାର୍ଥଭାବେ ଯେପରି ଅନୁଭବ କରିଛନ୍ତି, ପରଖିଛନ୍ତି ସେହିପରି ପ୍ରକାଶିଛନ୍ତି ମଧ୍ୟ ।

ସଂସାର ନୀତିନିୟମକୁ ସୂଚେଇବାକୁ ଯାଇ ଏହି ପ୍ରବଚନ କହିଛି -

୧ । ଅଖ ବୁଲୁଥିଲେ ଚକ ବୁଲୁଥାଇ
ବୁଲି ପଡୁଥାଏ ପହି
ସଂସାର ଭିତରେ ଘର କରିଥିଲେ
ପଥର ପଡ଼ିଲେ ସହି ।

୨ । ଅଧେ ଆପଣା ଅଧେ ପର
ତେବେ ଯାଇ ସଂସାରେ କରିବୁ ଘର ।

ସଂସାରର ବାସ୍ତବ ଚିତ୍ର ଓ ଜୀବନର ଅଜନ୍ୟତାର ସୂଚନା ଦିଆଯାଇ କହିଛି-

୧ । ଆସିଲି ଏକା, ଯିବି ଏକା
ସଙ୍ଗରେ ନ ଯିବେ ପିଲାପିଚିକା ।

୨ । ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକିର ।

୩ । ବେଙ୍ଗ କହୁଛି ବେଙ୍ଗୁଲୀ ଲୋ
ପୃଥ୍ୱୀ କ୍ଷଣ କ୍ଷଣକେ ଆନ ।

୪ । ଆଜି ତଥା କାଲିକ ଅନ୍ତର ।

୫ । ଘଡ଼ିକେ ଘୋଡ଼ା ଛୁଟୁଛି ।

**(ଗ) ପାରିବାରିକ ଚିତ୍ର :** ଲୋକ ସାହିତ୍ୟରେ ପ୍ରବାଦ/ପ୍ରବଚନ ଅଂଶରେ ଓଡ଼ିଆ ସମାଜର ବହୁ ପାରିବାରିକ ଚିତ୍ର ପ୍ରଦର୍ଶିତ ହୋଇଛି । ପରିବାରର ମୌଳିକ କର୍ତ୍ତବ୍ୟ, ସଦସ୍ୟମାନଙ୍କର କ୍ରିୟା କଳାପ, ଆଚାର-ବ୍ୟବହାର, ରୀତିନୀତି ଆଦି ଏବଂ ପାରିବାରିକ ଜୀବନକୁ ଶୃଙ୍ଖଳିତ ଓ ସୁସ୍ଥ ସୁନ୍ଦର କରାଯାଇପାରିବ ସେ ସଂପର୍କରେ ଯଥାର୍ଥ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଏକାନ୍ନବର୍ତ୍ତୀ ପରିବାରଗୁଡିକରେ ପ୍ରବଚନ ଗୁରୁତ୍ୱପୂର୍ଣ୍ଣ । ବାପା, ମା', ଭାଇ, ଭଉଣୀ, ଦାନା, ଖୁଡୀ ଆଦି

ତାଙ୍କର ସନ୍ତାନ ସନ୍ତତି ତଥା ଅନ୍ୟମାନଙ୍କୁ ନେଇ ଏକାନ୍ନବର୍ତ୍ତୀ ପରିବାର ଗଠିତ । ଆଚରଣରୁ କିପରି ପରିବାରର ବ୍ୟକ୍ତିବିଶେଷଙ୍କର ପ୍ରକୃତ ପରିଚୟ ମିଳିଥାଏ, ତାର ସୂଚନା ଦିଆଯାଇଛି– ଟିପ୍ପଣୀ

ଭଉଣୀର ପରିଚୟ :

ଅଳପ ଲୋକ ବିସ୍ତାର ତେବେ ଜାଣିବ ସେ କପା
ମହର୍ଘ କାଳେ ଯେ ଯାଚ ପରଷେ ତାକୁ ବୋଲିବ ଅପା ।

ବାପା ଏବଂ ଅପାର ପରିଚୟ :

ମାଆ ଆଗରେ ଯେ ପୁଅକୁ ମାରେ ତାକୁ ଜାଣିବ ବାପା
ମଝି ଅଗଣାରେ ଯେ ଦୁମ୍ ଦୁମ୍ ଚାଲେ ତାକୁ ଜାଣିବ ଅପା ।

ପରିବାରର ବିଭିନ୍ନ ସଦସ୍ୟଙ୍କ ଚାରିତ୍ରିକ ଗୁଣ ସଂପର୍କରେ ସୂଚେଇ ଦିଆଯାଇ କୁହାଯାଇଛି -

ଗାଆଁ ପରିଗୁଣ ଧୋବା ତୁଠରୁ ଦିଶେ
ବନ୍ଧୁ ପରିଗୁଣ ଅଧାବାଟରୁ ହସେ ।
ଭାରିଯା ପରିଗୁଣ ନିତି ନିତି ଘଷେ ।
ବୋହୂ ପରିଗୁଣ ନିତି ପରଷେ ।
ଶାଶୂ ପରିଗୁଣ ପାଖରେ ବସେ ।
ପୁଅ ପରିଗୁଣ ବାପକୁ ପୋଷେ ।

ପରିବାରରେ ଗୋଟିଏ ସ୍ୱାମୀର ଦୁଇଟି ସ୍ତ୍ରୀ ଥିଲେ । ସେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାଏ । ପରସ୍ପର ମଧ୍ୟରେ ହିଂସାଭାବ ପାରିବାରିକ ଶାନ୍ତି ଶୃଙ୍ଖଳା ବ୍ୟାହତ କରିଥାଏ । ତେଣୁ କୁହାଯାଇଛି–

ଆରେ ଚଇତା, ଦୁଇମାଇପର ଘଇତା
ତବତ ଖାଇବୁ କି ପଖାଳ ଖାଇବୁ
ଦିନ ଥାଉଁ ଥାଉଁ କହିଥା ।

ପୁଣି : କେତେବେଳେ ଯୋଡ଼ା ମାଇପର ଘର
କେତେବେଳେ ଚୁଲି ଫୁଙ୍କି ଫୁଙ୍କି ମର ।

ମୁଖରା ସ୍ତ୍ରୀ ଥିବା ସ୍ୱାମୀର ଅବସ୍ଥା :

ଚରଣ ଫାଟୁଆ ବଳଦ ମଠୁଆ
ମୁଖରା ଭାରିଯା ଯାହାର
ଯମପୁର ଯାଇ କି ସୁଖ ପାଇବ
ନିଇତି ମରଣ ତାହାର ।

ଏହିପରି ପ୍ରବାଦ/ପ୍ରବଚନଗୁଡିକରେ ଓଡ଼ିଆ ପାରିବାରିକ ଜୀବନ ଚିତ୍ର ସୁନ୍ଦର ଭାବରେ ପ୍ରତିଫଳିତ ହୋଇଥିବାର ଦେଖାଯାଏ ।

ଟିପ୍ପଣୀ

**(ଘ) ସମାଜରୁ ବିଭିନ୍ନ ବର୍ଗ ଓ ନାରୀମାନଙ୍କର ପରିଚୟ :** କେତେକ ପ୍ରବଚନରେ ସମାଜରେ ବସବାସ କରୁଥିବା ବିଭିନ୍ନ ଜାତି ଓ ନାରୀମାନଙ୍କର ପରିଚୟ ପ୍ରଦାନ କରାଯାଇଛି । ଏଥିରେ ପ୍ରଦତ୍ତ ହୋଇଥିବା ଲକ୍ଷଣରୁ ନାରୀମାନଙ୍କର ଯଥାର୍ଥ ପରିଚୟ ମିଳିଥାଏ । ଯେପରି -

କାମାତୁରା ନାରୀ : ମନକୁ ହସେ ଡୋଳାକୁ ଖୋଷେ
ଶୂନ୍ୟକୁ ଅନାଇ ଘଡ଼ିଏ ବସେ
ଭୂଇଁକୁ ଚଷେ ତୃଣକୁ ଗୁଷେ
ନାସିକା ଫୁଲାଇ ଅଳପ କାଶେ
କାମାତୁରା ବୋଲି ଦନାଇ ଭାଷେ ।

ସ୍ୱେଚ୍ଛାଚାରିଣୀ ନାରୀ: ଯେବେ ପାଇଥିବ ଘଇତା ବୁକୁ
ନୀତି ସଜ ହୁଏ ବାପ ଘରକୁ ।

କଳିହୁଡ଼ୀ ନାରୀ : ଅଖାଇ ନାନୀ ସରୁ କାଟୁଣୀ
ବସିଥାଏ ଚୁଲି ମୁଣ୍ଡେ
ଘଇତା ପଚାରୁ ରାଗରେ କହେ
କିଛି ଦେଇ ଚାହିଁ ତୁଣ୍ଡେ ।

ସମାଜ କହିଲେ ଯେ କୌଣସି ଏକ ନିର୍ଦ୍ଦିଷ୍ଟ ଜାତି ବିଶେଷ ନୁହନ୍ତି । ଗୋଟିଏ ଚାରିତ୍ରିକ ଗୁଣ, ବ୍ୟବସାୟୀ ଓ ଲକ୍ଷଣ ଦୃଷ୍ଟିରୁ ପରସ୍ପର ପରସ୍ପରଠାରୁ ପୃଥକ । ଅନେକ ସମୟରେ ବ୍ୟକ୍ତିର କ୍ରିୟାକଳାପ ସେହି ଜାତିର ଲାକ୍ଷଣିକ ବୈଶିଷ୍ଟ୍ୟ ଭାବରେ ଗୃହୀତ ହୋଇଥାଏ । ପ୍ରବଚନଗୁଡ଼ିକରେ ତା'ର ବିସ୍ତୃତ ପରିଚୟ ପ୍ରଦତ୍ତ ହୋଇଛି ।

କରଣ ଜାତି : ମହାନ୍ତି ଜାତି ଉଧାର ପାଇଲେ ଘିନନ୍ତି ହାତୀ ।

ବ୍ରାହ୍ମଣ ଜାତି : ଗାଁ ଖାଏ ବ୍ରାହ୍ମନା । ଖେତ୍ ଖା, ସମନା । (ପଶ୍ଚିମ ଓଡ଼ିଶା)

କୁମ୍ଭାର ଜାତି : କୁମ୍ଭାର ଘରର ବୋହୂ (ଝାଟିକି ନ ଗଲେ ମାଟିକି ଯାଉ ।

ଅନ୍ୟ କେତେକ ପରିଚୟ :

(କ) ଆକଟ କାମ, ଥର ଗମନ
ଡାକୁଟି ଜାଣିବ ପର ।

(ଖ) ଭଇ, ଓଡଶ, ବଙ୍ଗାଳୀ, ମୂଷା
ମୁହଁ ଟାଣ ଦେହ ଫସରଫସା ।

(ଗ) କେମ୍ପା କରଣ, ଛୋଟା ଘୋଡ଼ା
ଖନା ଓକିଲ ହାକିମ ଡେଢ଼ା ।

(ଏମାନଙ୍କ ଦ୍ୱାରା ସମାଜରେ ବିଭ୍ରାଟ ସୃଷ୍ଟି ହୁଏ)

**(ଙ) ପରକୀୟା ପ୍ରୀତିର ଅସାରତା :** ଉତ୍କଳୀୟ ସଂସ୍କୃତି ସ୍ୱକୀୟା ପ୍ରୀତିର ଉପାସକ । ପରକୀୟା ନୀତି ତା' ଦୃଷ୍ଟିରେ ହେୟ ଓ ଘୃଣ୍ୟ । ପରକୀୟା ପ୍ରୀତି ସମାଜରେ କେବଳ କଳୁଷ ଭରି ଦିଏନା, ବରଂ ବ୍ୟକ୍ତି ଜୀବନକୁ ନଷ୍ଟଭ୍ରଷ୍ଟ କରେ । ତେଣୁ ପର ପ୍ରୀତିର ଅସାରତା ଓ ଅଳୀକତା ସମ୍ପର୍କରେ କେତେକ ପ୍ରବଚନରେ ଉଲ୍ଲେଖ ରହିଛି ।

(୧) ଅଢ଼େଇ ଦିନକୁ ବଢ଼େଇ ଘଇତା
ଝୁରି ମରିବାକୁ କହେ ବିଧାତା ।

(୨) ଘଇତା ସୁଆଗ ଭଲାରେ
ଦିଅର ସୁଆଗ ଅଢ଼େଇ ଦିନ ତା'
ମାଇପ ଅଇଲେ ଗଲାରେ ।

ଅତି ପ୍ରୀତିର କୁପରିଣାମ ସମ୍ପର୍କରେ ସୂଚନା ଦିଆଯାଇ କୁହାଯାଇଛି–
ଅତି ପ୍ରୀତି କରେ ଲଣ୍ଡଭଣ୍ଡ
ଅତି ପ୍ରୀତି ହଗେ ବାବୁ ତୁଣ୍ଡ ।

**(ଚ) ବାଣିଜ୍ୟ ଓ ଅର୍ଥନୀତି :** ଅତୀତରେ ଓଡ଼ିଶା ବାଣିଜ୍ୟ କ୍ଷେତ୍ରରେ ଖ୍ୟାତିଲାଭ କରିଥିବାର ପ୍ରମାଣ ଇତିହାସରୁ ମିଳିଥାଏ । ସେହି ସ୍ମୃତିରକ୍ଷା ଉଦ୍ଦେଶ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଡଙ୍ଗା ଭସା ଉତ୍ସବ ପାଳିତ ହୋଇଥାଏ । ବାଣିଜ୍ୟ ବ୍ୟବସାୟ ଦ୍ୱାରା ଦେଶ ସମୃଦ୍ଧିଶାଳୀ ତଥା ଜନସାଧାରଣଙ୍କର ଆର୍ଥିକ ଅବସ୍ଥା ମଧ୍ୟ ସ୍ୱଚ୍ଛଳ ହୋଇଥାଏ । ସମାଜରେ ଅର୍ଥ ହେଉଛି ସର୍ବଶକ୍ତିମାନ । କେତେକ ପ୍ରବଚନରେ ଏହି ବାଣିଜ୍ୟ ଓ ଅର୍ଥନୀତି ସମ୍ପର୍କରେ ସଂକ୍ଷିପ୍ତ ସୂଚନା ମିଳିଥାଏ –

(୧) ବାଣିଜ୍ୟେ ବସତେ ଲକ୍ଷ୍ମୀ । (୨) ଚାଷ ତର ତର ବଣିଜ ମଠ ।
(୩) ଲାଭ ନଥାଇ ବଣିଜ ନାହିଁ । (୪) ପଇସା କ୍ୟା ନ କରେ କାମ
ଆବେ ପରଶୁ ଯାବେ ପରଶୁ ବାବୁ ପରଶୁରାମ ।

**(ଛ) ସାମାଜିକ ଜୀବନର ଆଉ କେତେକ କଥା :** ଉପରୋକ୍ତ କେତୋଟି ବିଷୟ ବାଦ ଦେଲେ ପ୍ରବାଦ ପ୍ରବଚନମାନଙ୍କରେ ଆହୁରି ଅନେକ ମୂଲ୍ୟବାନ କଥା ରହିଛି । ଏହି ପ୍ରବଚନଗୁଡ଼ିକରେ ସମାଜ ଜୀବନର ବହୁ ଅଭିଜ୍ଞତା ଅବିକଳ ଭାବରେ ବର୍ଣ୍ଣିତ ।

**(କ) ଅବିଚାର ଓ ଅସ୍ୱାଭାବିକତା ଦେଖିଲେ :**

(୧) ଅବୁଝାମଣା ରାଜାକୁ ପାଳବିଣ୍ଡା ମନ୍ତ୍ରୀ ।

(୨) ଚାଲି ନଜାଣି ବାଟର ଦୋଷ ।

(୩) ବଡ଼ ଲୋକଙ୍କୁ ଉତ୍ତର ନାହିଁ, ସ୍ୱର୍ଗକୁ ନିଶୁଣୀ ନାହିଁ ।

**(ଖ) ଅଳସୁଆ ଓ ବିଳାସଭୋଗୀଙ୍କ ଉଦ୍ଦେଶ୍ୟରେ :**

(୧) ହାତ ଅଳସେ ନିଶ ବଙ୍କା ।

(୨) ଅରଜି ନ ପାରେ ମୁଣ୍ଡ, ଭଲ ଲୋଡୁଥାଏ ତୁଣ୍ଡ ।

(୩) ପାଗ ବାନ୍ଧୁ ବାନ୍ଧୁ କଚେରୀ ବରଖାସ୍ତ ।

**(ଗ) ସୁବିଧାବାଦୀ, ସ୍ୱାର୍ଥପର ଓ ବିଶ୍ୱାସଘାତକଙ୍କ ପ୍ରତି :**

(୧) ଆଗେ ଉଦର ପଛେ ସୋଦର

(୨) କଙ୍କଡ଼ାକୁ ଗୋଳିପାଣି ସୁହାଏ ।

ଟିପ୍ପଣୀ

(୩) ସାପ ମରିବ ନାହିଁ, କି ବାଡ଼ି ଭାଙ୍ଗିବ ନାହିଁ ।

(୪) ଦିନେ ନାହିଁ କାଳେ ନାହିଁ ଗହ୍ମାପୁନେଇଁ କି ମାଇଁ ମାଇଁ ।

(୫) ଭୂଆଁ ବିରାଡ଼ି ବୈଷ୍ଣବ ହୋଇ ସଭାରେ କହୁଚି ଜ୍ଞାନ ।

(୬) ଘର ଢେଙ୍କି କୁମ୍ଭୀର ।

**(ଘ) ଗର୍ବ, ପାପ ଓ ଲୋଭ ସମ୍ପର୍କରେ :**

(୧) ଗର୍ବ କଲେ ଖର୍ବ ହୁଏ ।

(୨) ଦୁଧ ଉତୁରିଲେ ଚୁଲିରେ ପଶେ ।
ମଣିଷ ଉତୁରିଲେ ଗାତରେ ପଶେ ।

(୩) ଲାଭରୁ ଲୋଭ, ଲୋଭରୁ ପାପ, ପାପରୁ ମୃତ୍ୟୁ ।

**(ଙ) ଛୋଟ ମୁହଁରେ ବଡ଼ କଥା ଓ ଫୁଟାଣି :**

(୧) ବରହାତ କାକୁଡ଼ି ତେରହାତ ମଞ୍ଜି ।

(୨) କେତେ କରୁଥାଉ ଚାତର
ମାଆ ବିକୁଥିଲା ଚିଙ୍ଗୁଡ଼ି ଶୁଖୁଆ, ବାପ ବିକୁଥିଲା ପତର ।

(୩) ନିଜ ଘରର ନାହିଁ ଲୁଣ, ପର ଘରେ ଖୋଜେ ତିନି ତିଉଣ ।

**(ଚ) ଅନଧିକାର ଚର୍ଚ୍ଚା :**

(୧) ଅଦା-ବେପାରୀର ଜାହାଜ ମୂଳ ।

(୨) ଚାଲୁଣୀ କହୁଛି ଛୁଞ୍ଚିଲୋ, ତୋ ଗାଣ୍ଡିରେ ଗୋଟାଏ କଣା ।

(୩) ପତର ଗୋଟାଇବାକୁ ଯାଇ ତୋଟା ମୂଳ ।

**(ଛ) ଦାୟିତ୍ୱ ଶୂନ୍ୟ :**

(୧) ବାଇଆର କି ଯାଏ
ବାଆ କଲେ ବସା ଦୋହଲୁଥାଏ ।

(୨) ଘର ବୁଡ଼ି ପାଣି ଆଣ୍ଠୁଏ ହେଲାଣି
ପୁଅଙ୍କର ପିଙ୍କାଖିଆ ଛାଡ଼ ଯାଉନି ।

**(ଜ) କୁସଙ୍ଗ ପରିଣତ :**

(୧) ଅସଙ୍ଗରେ ସଙ୍ଗିତା
ଅସଙ୍ଗରେ ସଙ୍ଗ ହେଲେ ଫାଶିକାଠରେ ଲମ୍ବିଥା ।

**(ଝ) ସୁବ୍ୟକ୍ତିର ପରିଚୟ :**

(୧) ତୁଳସୀ ଦୁଇ ପତ୍ରରୁ ବାସେ ।

(୨) ସୁ ମଣିଷକୁ ପଦେ ।

**(ଡ) ଅସହାୟତା :**

(୧) ଏକରୁ ଦୁଇ ନାହିଁ, ଛିଡ଼ିଗଲେ ଗଇଣ୍ଠେଇବାକୁ ନାହିଁ ।

(୨) କହିଲେ କୁଳ କୁଟୁମ୍ବକୁ ଲାଜ,
ନ କହିଲେ କୁଳ ଭାସିଯାଉଛି ।

**(ଢ) ସାମାଜିକ ନୀତିନିୟମ ସମ୍ପର୍କୀୟ କେତୋଟି ଜାଣିବା କଥା :**

ଏସବୁ ବ୍ୟତୀତ ପ୍ରବଚନରେ ଏପରି ଆହୁରି ଅନେକ ମୂଲ୍ୟବାନ ବଚନ ରହିଛି, ଯାହା ପ୍ରତ୍ୟେକ ବ୍ୟକ୍ତି ଜାଣିରଖିବା ଉଚିତ୍ । ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା–

୧ । ପତୁରି ସୁନା ଦଣ୍ଡିକି
ଶିମିଳ ତୁଳା ମାଣ୍ଡିକି ।
ରାଣ୍ଡୀ ସଙ୍ଗେ ଭାବ କଲେ
ନୀତି ଯାଉଥିବ ଫାଣ୍ଡିକି ।

୨ । ଉକୁଣୀମୁଣ୍ଡିର ଖୋସା
ପଛବୁଣା ଗୁଆ ଚଷା
ଛାଇତଳିଆ ବେଉସା
ଇନ୍ଦୁଡ଼ି ପୁଅକୁ ଆଶା
ବଡ଼ ମନ୍ଦ ଏ ଭରସା ।

୩ । ଘର ଗୁମର ଯେ ଗପେ ଦାଣ୍ଡରେ
ଯାତ୍ରା ଦେଖିଯାଏ ଘେନି ରାଣ୍ଡରେ
ମାଛକଣ୍ଟା ଫିଙ୍ଗେ ଗୋରୁକୁଣ୍ଡରେ
ଅସଭ୍ୟ କଥା ଧରଇ ତୁଣ୍ଡରେ
ମୁହଁ ଟାଣକରେ ଦେଇ ତଣ୍ଡରେ
ମିତ ବସଇ ସେ ଠକ ଧେଣ୍ଡରେ
ଦନେଇ ଏହାକୁ ଗଣେ ଭାଣ୍ଡରେ ।

୪ । ରାତି ଦହିଖିଆ ଜରକୁ
ଟିକରା ଚାଷ ତରକୁ
ଗାଁ ମୁଣ୍ଡୀ ଘର ଚୋରକୁ
ବୁଢ଼ାକାଳ ବିଭା ପରକୁ ।

ଟିପ୍ପଣୀ

୫ । କାମ କରିସାରି ବସିବ
ଶତ୍ରୁମାରି ପଛେ ହସିବ
ଅପମାନ ଥାନୁ ଖସିବ
ବୈଶାଖ ଜ୍ୟେଷ୍ଠରେ ଚଷିବ
ଗୁରୁଙ୍କ ଆଗରେ ଲସିବ
ପରଘରେ ଡାକି ପଶିବ
ହରିଙ୍କ କଥାରେ ରସିବ
ଦନାଇ ମନକୁ ଆସିବ ।

ଏହିପରି ଶହ ଶହ ସଂଖ୍ୟାରେ ଅତୀବ ମୂଲ୍ୟବାନ୍ ପ୍ରବଚନ ସଂଗୃହୀତ ହୋଇ ଓଡ଼ିଆ ଲୋକସାହିତ୍ୟର ଗୁଣାତ୍ମକ ମୂଲ୍ୟ ବର୍ଦ୍ଧିତ କରିଛି । ଆଲୋଚନା ପ୍ରସଙ୍ଗରେ ସୀମିତ ପରିସର ମଧ୍ୟରେ ଯେତିକି ସମ୍ଭବ, ସେତିକି କେବଳ ସ୍ଥାନ ପାଇଛି । ତେବେ ଏହି ପ୍ରବାଦ/ପ୍ରବଚନଗୁଡ଼ିକର ଉଦ୍ଦେଶ୍ୟ କେବଳ ନୀତି ଉପଦେଶ ଶିକ୍ଷାଦାନ ବୋଲି ମନେ ହୋଇଥାଏ । ସାମାଜିକ ଶୃଙ୍ଖଳିତ କରିବା ଦିଗରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

**ପ୍ରବାଦ ଓ ପ୍ରବଚନର ସାହିତ୍ୟିକ ମୂଲ୍ୟ :**

ପ୍ରବାଦ ଓ ପ୍ରବଚନଗୁଡ଼ିକର କେବଳ ଯେ ସାମାଜିକ ମୂଲ୍ୟ ରହିଛି, ତାହା ନୁହେଁ, ତା'ର ସାହିତ୍ୟିକ ମୂଲ୍ୟକୁ ମଧ୍ୟ ଅସ୍ୱୀକାର କରାଯାଇ ନପାରେ । ନିମ୍ନରେ ଏହାର ସାହିତ୍ୟିକ ବୈଶିଷ୍ଟ୍ୟଗୁଡ଼ିକ ଉପରେ ଆଲୋକପାତ କରାଗଲା ।

**୧ । ଛନ୍ଦ ବୈଚିତ୍ର୍ୟ :** ପ୍ରବାଦ ଓ ପ୍ରବଚନ (ଢଗ)ରେ ମୁଖ୍ୟତଃ ଦ୍ୱିବିଧ ଛନ୍ଦ ପରିଲକ୍ଷିତ ହୋଇଥାଏ । ଯଥା - ଗଦ୍ୟଛନ୍ଦ ଓ ପଦ୍ୟଛନ୍ଦ । ଓଡ଼ିଆ ଭାଷାରେ ଛନ୍ଦ ସଂପର୍କରେ ଆଲୋଚନା କରିବାକୁ ଯାଇ ଶ୍ୟାମସୁନ୍ଦର ରାଜଗୁରୁ କହନ୍ତି - "ଓଡ଼ିଆ ଭାଷାରେ ଛନ୍ଦ ସବୁ ଦୁଇ ଭାଗରେ ବିଭକ୍ତ ସମ ଓ ବିଷମ x x x ଓଡ଼ିଆ ଛନ୍ଦ ସବୁ ସଂସ୍କୃତ ବା ପ୍ରାକୃତରୁ ଆସିଅଛି ଏହା କହିବା ଅନାବଶ୍ୟକ । ମାତ୍ର ସଂସ୍କୃତ ବା ପ୍ରାକୃତ ଛନ୍ଦମାନଙ୍କର ଥିଲାପରି ଓଡ଼ିଆ ଛନ୍ଦମାନଙ୍କର ଗୁଣ-ନିୟମ ଦେଖାଯାଏ ନାହିଁ ।" ପ୍ରାବନ୍ଧିକ ରାଜଗୁରୁ ପ୍ରବାଦ ଓ ପ୍ରବଚନରେ ବ୍ୟବହୃତ ହୋଇଥିବା ଛନ୍ଦ ପ୍ରାକୃତ ବା ସଂସ୍କୃତିରୁ ଆସିଛି ବୋଲି ମତବ୍ୟକ୍ତ କରିଛନ୍ତି । ଚରଣ ଦୃଷ୍ଟିରୁ ଆଲୋଚନା କଲେ କେତେକ ଦୁଇଚରଣ ବିଶିଷ୍ଟ ତିନିଚରଣ ବିଶିଷ୍ଟ ଚାରିଚରଣ ବିଶିଷ୍ଟ, ଛଅଚରଣ ବିଶିଷ୍ଟ ଅସମାନ ଅକ୍ଷର ବିଶିଷ୍ଟ ଆଦି । ଉଦାହରଣ ପାଇଁ ସେଗୁଡ଼ିକ ନିମ୍ନରେ ପ୍ରଦତ୍ତ କରାଗଲା ।

ଦୁଇଚରଣ ବିଶିଷ୍ଟ - ଅଖଳ ମଖଳ ଚିତ୍ତ ଯାର
ପଦ୍ମପରି ପୂତ ତାର

ତିନିଚରଣ ବିଶିଷ୍ଟ - ଜଗନ୍ନାଥଙ୍କ ବଡେଇ
କାହାକୁ ଦିଅନ୍ତି ପାଟ ପୀତାମ୍ବରୀ
କାହାକୁ ନିଅନ୍ତି ସଢ଼େଇ ।

ଟିପ୍ପଣୀ

ଚାରିଚରଣ ବିଶିଷ୍ଟ -ଆଦର ନ ଥାଇ ଯେଉଁ ଭୋଜନ

ଲବଣ ନ ଥାଇ ଯେଉଁ ବ୍ୟଞ୍ଜନ

ମାଲପା ନ ଥାଇ ଯେଉଁ ସ୍ନାହାନ

ବଡ଼ ମନ୍ଦ ଏ ବଡ଼ ଅଘଟଣ ।

ଛଅଚରଣ ବିଶିଷ୍ଟ - ଜାଣ ନ ଜାଣ ଝାମ୍ପୁଲା ଆଣ

ଖାଡ଼ିଆ ଶିଙ୍ଗା ଦେଖିବୁ ଯେବେ

ଅଣ୍ଟାରୁ ପଇସା କାଢ଼ିବୁ ତେବେ

ଆଣିଥିବ ମୂଳ ଶିଙ୍ଗାକୁ ରସି

କାନ୍ଦୁଥିବୁ ହିଡ଼ ମୁଣ୍ଡରେ ବସି ।

ଅସମାନ ଅକ୍ଷର ବିଶିଷ୍ଟ ଚରଣ - 'କରମ' ପଡେ

ଲାଭ ଲଗେଇଲେ ଚଲଣୀ ଫଳେ ।

ଏହା ବ୍ୟତୀତ ବିଭିନ୍ନ ଅକ୍ଷରର ଛନ୍ଦ ମଧ୍ୟ ଏଥିରେ ଲକ୍ଷ୍ୟ କରାଯାଇପାରେ । ଯଥା :-

ତ୍ର୍ୟକ୍ଷର ଛନ୍ଦ - 'ଢୋକେ ପି' ଦଣ୍ଡେ ଜୀ । (ପଣ୍ଡିତ ରାଜଗୁରୁଙ୍କ

ମତରେ ଏହା ପ୍ରାକୃତ ତାଳୀଛନ୍ଦରୁ ଆସିଛି)

ଚତୁରକ୍ଷର ଛନ୍ଦ - 'ପେଟ ପୋଷ' 'ନାହିଁ ଦୋଷ' ।

ପଞ୍ଚାକ୍ଷର ଛନ୍ଦ - 'ଆଗେ ଉଦର' 'ପଛେ ସୋଦର' ।

ଷଡ଼କ୍ଷର ଛନ୍ଦ - 'ଚିତ୍ତ ଜାଣେ ପାପ' 'ମାଆ ଜାଣେ ବାପ' ।

ସପ୍ତାକ୍ଷର ଛନ୍ଦ - 'ଯେତୋ ଇଚ୍ଛା ତେତୋ ଯା' କର୍ମଘେନି ବୁଲୁଥା ।

ଅଷ୍ଟାକ୍ଷର ଛନ୍ଦ - 'ଧନଜନ ପରିବାର' 'କେହି ନୁହେଁ ଆପଣାର' ।

ଭାଗବତର ନବାକ୍ଷରୀ ବୃତ୍ତ - ଭାଗବତର ଅନେକ ପଦ ପ୍ରବାଦାପ୍ରବଚନ

ଭାବରେ ଓଡ଼ିଆରେ ଗୃହୀତ ।

ଦଶାକ୍ଷରୀ ଛନ୍ଦ - ଏହା ମୁଖାରୀ ନାମରେ ଖ୍ୟାତ । 'ଦେଖିଲେ ଡରି

ଖାଇଲେ ମରି ।' 'ତାହା ସଙ୍ଗେ କି ପୀରତି କରି ।'

ଏକାଦଶାକ୍ଷର - ଏହା ଚକ୍ରକେଳି ନାମରେ ନାମିତ । 'ଦେହଟି ସଗୁଆ

ମୁହଁଟି ଚେପା । ଏହାକୁ ପରତେ ନ ଯିବ ବାପା ।'

ସେହିପରି - ଗୀତ ନାଶଯାଏ ବାଟେ ପାଣି ନାଶଯାଏ ଫାଟେ

ରାମକେରୀ ରାଗ - ମଦରଙ୍ଗା ଶାଗ ରାଇତା ନନା ଭୁଞ୍ଜନ୍ତି ନାହିଁ

ଜହ୍ନିକି ମାଇଲି ଗୋଇଠା ଜହ୍ନି ଫଟିଲା ନାହିଁ ।

ଟିପ୍ପଣୀ

ବଙ୍ଗଳାଶ୍ରୀ ଅନୁରୂପ - କୁହାଯାଉଥାଏ ସିନା ଡୁହାଇ ଡୁହାଇ ପୁଟ ଦେଉଥିଲେ ଲୁହା କି ହୋଇବ ସୁନା।

ବିଷମ ଛନ୍ଦ - ଘର ଦେଖ, ବର ଦେଖ । କାନ୍ଥ ଭାଙ୍ଗି କୁଜ ଦେଖ।

ଲୋକ ସାହିତ୍ୟର ଏହି ପ୍ରବାଦ/ପ୍ରବଚନ ଅଂଶଟି ସାଧାରଣ ଭାବରେ ପରିଦୃଷ୍ଟ ହେଉଥିଲେ ହେଁ ଏଥିରେ ବ୍ୟବହୃତ ବିଭିନ୍ନ ଛନ୍ଦ ଏହାର ସାହିତ୍ୟିକ ମର୍ଯ୍ୟାଦା ବୃଦ୍ଧି କରିଥାଏ।

୨। **ଅଳଙ୍କାର :** ଅଳଙ୍କାର ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପରି ଲୋକ ସାହିତ୍ୟକୁ ପ୍ରବାଦ/ପ୍ରବଚନ ରୁଚିପୂର୍ଣ୍ଣ କ୍ଲାନ୍ତିମୁକ୍ତ କରେ । ଏଥିରେ ବହୁ ପରିମାଣରେ ଉପମାଳଙ୍କାର ବ୍ୟବହୃତ ହୋଇଥାଏ । କେତେକ ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା -

ଟେଙ୍ଗି ହଳଦୀ ରଙ୍ଗ

ପରଦେଶୀର ସଙ୍ଗ (ପଶ୍ଚିମ ଓଡ଼ିଶା ପ୍ରବଚନ)

ଅର୍ଥାତ୍ ବିଦେଶୀଙ୍କ ସହିତ ବନ୍ଧୁତା ଟେଙ୍ଗି ହଳଦୀ ରଙ୍ଗ ସଦୃଶ । ଅନ୍ୟ ଅର୍ଥରେ କହିଲେ - ଟେଙ୍ଗି ହଳଦୀ ଯେପରି କ୍ଷଣସ୍ଥାୟୀ, ବ୍ୟବହୃତ ହେବାର ଅଳ୍ପ ସମୟ ପରେ ସେ ଯେପରି ତା'ର ରଙ୍ଗ ହରାଇ ବସିଥାଏ, ଠିକ୍ ସେହିପରି ବିଦେଶୀଙ୍କ ସହିତ ଯେଉଁ ବନ୍ଧୁତା ସ୍ଥାପନ କରାଯାଇଥାଏ, ତାହା ସେହିପରି କ୍ଷଣସ୍ଥାୟୀ ଓ ଅଳୀକ ।

କଥାରେ ଲଥା । ବାଏର କେ ବତା । (ପଶ୍ଚିମ ଓଡ଼ିଶା)

କଥାରେ ଲଥା ନଲାଗିଲେ ତାହା ଶ୍ରବଣ - ରୁଚିକର ଓ ପ୍ରାଞ୍ଜଳ ହୋଇ ନଥାଏ, ଅନୁରୂପ ଭାବରେ ବାଡ଼ରେ ବତା ନଥିଲେ ତାହା ସୁନ୍ଦର ଓ ଶକ୍ତ ହୋଇ ନଥାଏ ।

ସେହିପରି (୧) ତତଲା ପାଣିରେ ଘର ପୋଡ଼େନା

(୨) ମାଙ୍କଡ଼ ହାତରେ ଶାଳଗ୍ରାମ । ଆହୁରି ଅନେକ ପ୍ରବାଦ/ପ୍ରବଚନର ଏହିପରି ବିଭିନ୍ନ ଉପମାଳଙ୍କାରର ପ୍ରୟୋଗ ହୋଇଥିବାର ଲକ୍ଷ୍ୟ କରାଯାଇଥାଏ ।

୩। ବୌଦ୍ଧିକ ଚାତୁର୍ଯ୍ୟ : ଢ଼ଗଢ଼ମାଳି ବା ପ୍ରବାଦ/ପ୍ରବଚନ ଆଦିରେ ବହୁ ପ୍ରଶ୍ନ ରହିଛି । ଯାହାର ସମାଧାନ ପାଇଁ ବହୁ ସମୟ ବ୍ୟୟିତ ହୋଇଥାଏ । ବୌଦ୍ଧିକ ଚାତୁର୍ଯ୍ୟ ବିଶେଷଭାବରେ ନାଁ ଦିଆ ଗୀତ ଓ ପ୍ରଶ୍ନ ଗୀତରେ ଲକ୍ଷ୍ୟ କରାଯାଇଥାଏ । ଡଃ ନଟବର ସାମନ୍ତରାୟ ତାଙ୍କର 'ଓଡ଼ିଆ ପଲ୍ଲୀ ସାହିତ୍ୟ' 'ପୁସ୍ତକରେ ନାଁ' ଦିଆକୁ ପ୍ରହେଳିକା ବା ପହଳିର ଅନ୍ତର୍ଗତ କରିଛନ୍ତି । ପହଳିର ଅର୍ଥ ଅଭିଧାନରେ 'ପ୍ରବଚନ' ଭାବରେ ମଧ୍ୟ ବ୍ୟବହୃତ । ଡଃ ସାମନ୍ତରାୟ କୁହନ୍ତି - "ହୃଦୟର ଚମତ୍କାରିତା, ଚିତ୍ତରେ ଚାଞ୍ଚଲ୍ୟ ଓ ବୌଧଶକ୍ତିରେ ଆକସ୍ମିକ କୌତୁହଳ ପ୍ରକାଶ ବୃଦ୍ଧି ଖେଳ ସୃଷ୍ଟିର ପ୍ରଧାନ ଉତ୍ସ ହୋଇଥିବାରୁ ଓ ନିଜକୁ ସମଧିକ ବିଜ୍ଞ ବୋଲି ଭାବିବା ମଣିଷ ଚିତ୍ତବୃତ୍ତିର ଏକ ସ୍ୱାଭାବିକ୍ ଧର୍ମ ହୋଇଥିବାର ଏହା ନିଃସନ୍ଦେହରେ ସ୍ୱୀକାର କରାଯାଇପାରେ ଯେ, ପ୍ରହେଳିକା ମାନବର ଗୁହା-ଜୀବନ ସମୟଠାରୁ ଆଜି ପର୍ଯ୍ୟନ୍ତ ସମାଜର ଅବିରାମ ଗତିରେ ପ୍ରଚଳିତ ହୋଇ ଆସୁଅଛି । ମଣିଷ ଯେଉଁଦିନୁ ନିଜର ଭାବ ପ୍ରକାଶ ପାଇଁ ଭାଷାର ଆଶ୍ରୟ ନେଇଛି, ସେଇଦିନଠୁଁ ତା' ବୁଦ୍ଧିର ପ୍ରଖରତା, ପ୍ରତିଦ୍ୱନ୍ଦିତାରେ ବିଜୟ ଲାଭର କ୍ଷଣିକ ଉନ୍ମାଦନା ଓ ଅହଂଭାବ ଏ ସମସ୍ତେ ହିଁ ପ୍ରହେଳିକା ଜନ୍ମର ଆଦିକାରଣ ।" ମାନବ ନିଜର ସାଥୀମାନଙ୍କ ନିକଟରେ ବୁଦ୍ଧି ପରୀକ୍ଷା କରିବା ପାଇଁ ଓ ସ୍ୱଜ୍ଞାନର ଗଭୀରତା ତଥା ସାମୟିକ ଆନନ୍ଦ ପ୍ରଦାନ

ଉଦ୍ଦେଶ୍ୟରେ ଅନେକ ବୌଦ୍ଧିକ ପ୍ରଶ୍ନ ପଚାରିଛି । କେତେକ ନାଁ ନିଆ ଓ ବୌଦ୍ଧିକ ପ୍ରଶ୍ନ ନିମ୍ନରେ ଉଦ୍ଧାର କରାଗଲା - ଟିପ୍ପଣୀ

(୧) ଅମଞ୍ଜ ମଞ୍ଜା
ମଞ୍ଜି ନାହିଁ ତାର ଭୂଇଁରୁ ଗଜା । (ଛତୁ)

(୨) ଏଣୁ ଯାଉଥିଲେ ବାପ ପୁଅ
ତେଣୁ ଆସୁଥିଲେ ଏକା
ବାପା ଯାହାକୁ ଜୁହାର କରେ
ପୁଅ ଗୋଡ଼ତଳେ ପକା (ବସୁଦେବ, କୃଷ୍ଣ ଓ ଉଗ୍ରସେନ)

(୩) ହରଡ଼ ବାଡ଼ିରେ ଚରଡ଼ ପକ୍ଷୀ
କୋଉ ଚଢ଼େଇର ତିନିଟା ଆଖି । (ନଡ଼ିଆ)

(୪) ପୋଖରୀ ଖୋଳିଲି ଚାରି ଚଉରସ
ଡିମ୍ବ ପାଡିଗଲା ଅଣ୍ଡିରା ହଂସ
ମାଆ ଅଟେ ପୁଣି ଚକରବତୀ
ଡିମ୍ବ ଗଢ଼େ ଶହେ ଷାଠିଏ ଜାତି । (କୁମ୍ଭାରଉହା ଓ ହାଣ୍ଡିମାଠିଆ ଆଦି)

(୫) ଛଅ ଗୋଡ ତାର କୋଇଲି ରଙ୍ଗ
ନୁହଇଁ ପକ୍ଷୀ ସେ ପାରଇ ଡିମ୍ବ,
ନିକୁଞ୍ଜ ବନରେ ତାହାର ଘର
ମଣିଷ ମାଉଁଶ କରେ ଆହାର । (ଉକୁଣି)

ସଂସ୍କୃତରେ ମଧ୍ୟ ଏହିପରି ଚାତୁର୍ଯ୍ୟୋକ୍ତି ପ୍ରକାଶ ପାଇଥାଏ । ଯଥା -
କଂ ବଳବନ୍ତଂ ନ ବାଧତେ ଶୀତଃ ?
(କେଉଁ ବଳବନ୍ତ ଲୋକକୁ ଶୀତ ବାଧେ ନାହିଁ ?)
ଉତ୍ତର : କମ୍ବଳ ବନ୍ତଂ ନ ବାଧତେ ଶୀତଃ
(କମ୍ବଳ ଘୋଡ଼ି ହୋଇଥିବା ବ୍ୟକ୍ତିକୁ ଶୀତ ବାଧେ ନାହିଁ)

ଓଡ଼ିଆ ଲୋକ ସାହିତ୍ୟ ସ୍ରଷ୍ଟାଙ୍କ ଉପରେ ସଂସ୍କୃତର ଏହିପରି ବୌଦ୍ଧିକ ଚାତୁର୍ଯ୍ୟପୂର୍ଣ୍ଣ ପ୍ରଶ୍ନୋତ୍ତରର ପ୍ରଭାବ ଯେ ନିଶ୍ଚିତ ପଡିଛି, ତାହା ଅସ୍ୱୀକାର କରାଯାଇ ନପାରେ । ଶିଷ୍ଟ ସାହିତ୍ୟ ଉପରେ ଲୋକ ସାହିତ୍ୟର ଏହି ବିଭାବର ଗଭୀର ପ୍ରଭାବ ପରିଲକ୍ଷିତ ହୋଇଥାଏ । ନିମ୍ନରେ ଉଦାହରଣ ପାଇଁ କେତୋଟି ପ୍ରଶ୍ନ ଉଦ୍ଧାର କରାଗଲା -

(୧) ମନ୍ତ୍ରିଜା ପୁଛିଲା ଜେମାକୁ ଚାରିବର୍ଣ୍ଣ ଏସନ
ଏକାକ୍ଷର ଖ୍ୟାତ ଧରଣୀ କରଭୂଷା ତ୍ରିବର୍ଣ୍ଣ (ଲାବଣ୍ୟବତୀ)

ଟିପ୍ପଣୀ

(୨) 'ମଥୁରା ମଙ୍ଗଳ'ରେ ରାଧା କୃଷ୍ଣଙ୍କ ନିକଟକୁ ପତ୍ର ପଠାଇବା ସମୟରେ-

ଏତକ ଲେଖି ନବୀନ ନୀରମଜାକ୍ଷୀ କଉତୁକ କରି ମୁଦିଲେ
କୁସୁମ ମଣ୍ଡା ଭିତରେ ଥୋଇ ବାଳୀ କି କି ମନରେ ବିଚାରିଲେ
ତା' ପରେ, ଉରଗ ଗୋଟିଏ ଲିହିଲେ
ପୁଣି ଅଞ୍ଜନା ନନ୍ଦନ ଚନ୍ଦ୍ରଚୂଡ଼ ତହିଁ ପାଶୁଶେ ବସାଇଲେ ।

ଓଡ଼ିଆ ଶିଷ୍ଟ ସାହିତ୍ୟରୁ ଏପରି ବହୁ ଉଦାହରଣ ଗ୍ରହଣ କରାଯାଇପାରେ ।

**(୪) ରସ ପରିଚର୍ଯ୍ୟା :** ଓଡ଼ିଆ ପ୍ରବାଦ/ପ୍ରବଚନ ବା ଢଗଢ଼ମାଳିରେ ଆନୁଷଙ୍ଗିକ କ୍ରମେ ଅନ୍ୟାନ୍ୟ ରସର ଅବତାରଣା ହୋଇଥିଲେ ହେଁ ହାସ୍ୟରସ ମୁଖ୍ୟସ୍ଥାନ ଲାଭ କରିଛି । ବେଳେବେଳେ ଅବାସ୍ତବ ବା ଅସମ୍ଭବ କଥା ଦେଖିଲେ ହାସ୍ୟରସ ସୃଷ୍ଟି ହୋଇଥାଏ । ସମାଲୋଚକ ପଠାଣି ପଟ୍ଟନାୟକଙ୍କ ଭାଷାରେ "ସକଳ ପ୍ରକାର ଅସଂଗତି ଏବଂ ବୈରୂପ୍ୟରୁ ହାସ୍ୟରସର ସୃଷ୍ଟି ହୁଏ । ସାଧାରଣ ପ୍ରବହମାନ ଧାରାରେ ଯେଉଁଠି ବ୍ୟତିକ୍ରମ ସୃଷ୍ଟି ହୁଏ, ଆଲୋଡ଼ନ ପାଇଁ ଯଥେଷ୍ଟ ସୁଯୋଗ ସେଠାରେ ଉପସ୍ଥିତ ହୁଏ । କୌତୁହଳ ସୃଷ୍ଟି ହେବାପାଇଁ ଆବଶ୍ୟକୀୟ ପରିବେଶ ଯେଉଁ ସୃଷ୍ଟି ହୋଇଥାଏ, ସେଠାରେ ହାସ୍ୟରସର ଅବତାରଣା ସ୍ୱାଭାବିକ । ଯୋଗ୍ୟ ନିର୍ବିଶେଷରେ ଯଦି କିଛି ଅନାଚରଣୀୟ ଆଚାର ବ୍ୟବହାର ପରିଦୃଷ୍ଟ ହୁଏ, ତେବେ ହାସ୍ୟରସର ସୃଷ୍ଟି ହେବା ସ୍ୱାଭାବିକ ।" ସାଧାରଣ ଜୀବନଧାରାରେ ବ୍ୟତିକ୍ରମ ମଣିଷକୁ ହସିବାକୁ ବାଧ କରିଥାଏ । ତେଣୁ ଯଥାର୍ଥରେ Alfred Michael କୁହନ୍ତି laughter is caused by failure to keep up to the ideal standard of conduct ଲୋକସାହିତ୍ୟରେ ହାସ୍ୟରସର ବହୁ ଉଦାହରଣ ଦେଖିବାକୁ ମିଳିଥାଏ । ଯେପରି –

ମାଙ୍କଡ଼ ବେକରେ ପୋହଳାମାଳ
ବିଲେଇ ବେକରେ କଣ୍ଠି
କୁକୁର କରୁଛି ଯାଉଁଳି ପାଲା
ବଜେଇ ବଜେଇ ଘଣ୍ଟି ।

ସେପରି ଉପବାସ ସହ୍ୟ କରିପାରୁ ନ ଥିବା ସ୍ତ୍ରୀ ଓଷା କଲେ ସମାଜରେ ତାକୁ ବ୍ୟଙ୍ଗୋକ୍ତି କରି କହିଥାନ୍ତି -

ଅଖାଇ କରିଛି ଓଷା
ତୋଳିକି ଚାଉଳ ଓଳିକେ ଖାଇଲା
ଦାନ୍ତ ଅଛି ଦରଘଷା

ଏସବୁ ପଦ ଯେ ହାସ୍ୟରସର ଉଦ୍ରେକକାରୀ, କହିବା ନିଷ୍ପ୍ରୟୋଜନ ।

**(୫) ଭାଷା :** ପ୍ରବାଦ/ପ୍ରବଚନ ଭାଷା ଅତ୍ୟନ୍ତ ସରଳ । କେତେକ ବାକ୍ୟାଂଶରେ କ୍ରିୟାପଦ ଉହ୍ୟ କରିଥିଲେ ହେଁ ଅର୍ଥ ଅବବୋଧରେ କୌଣସି ଅସୁବିଧା ହୁଏ ନାହିଁ । ଗାଉଁଲି ଓ ଦେଶଜ ଶବ୍ଦର ଚମତ୍କାର ପରିପ୍ରକାଶ ଏଥିରେ ଘଟିଛି । ବେଳେବେଳେ ଅନର୍ଥକ ଶବ୍ଦର ବ୍ୟବହାର ହୋଇଥାଏ । ଭାଷା ଉଭୟ ଗଦ୍ୟ ଓ ପଦ୍ୟଧର୍ମୀ । ଲୋକ କଥିତ ଭାଷାରେ ବ୍ୟବହାର ଥିବାରୁ ଏହା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇଥାଏ ।

**ଅଜ୍ଞାତ ସ୍ରଷ୍ଟାର ସୃଷ୍ଟି ନୈପୁଣ୍ୟର ଅଭିବ୍ୟକ୍ତ ରୂପେ ଓଡ଼ିଶା ପ୍ରବାଦ ଓ ପ୍ରବଚନର ବିଶେଷତ୍ୱ :** *ଟିପ୍ପଣୀ*

ପ୍ରବାଦ ଓ ପ୍ରବଚନ ଶବ୍ଦଦ୍ୱୟ କେବଳ ଓଡ଼ିଆ ସାହିତ୍ୟରେ କାହିଁକି, ବିଶ୍ୱର ଯେକୌଣସି ସାହିତ୍ୟରେ ପରିଦୃଷ୍ଟ ହୋଇଥାଏ । ଇଂରାଜୀ Proverb ଶବ୍ଦଟିର ଓଡ଼ିଆ ଆଭିଧାନିକ ଅର୍ଥ ହେଉଛି ପ୍ରବଚନ । ଏହି Proverb ଶବ୍ଦ ଲାଟିନ୍ Proverbium ଶବ୍ଦରୁ ଆନୀତ, ଯାହାର ଅର୍ଥ ହେଉଛି ଲୋକରେ ବ୍ୟବହୃତ । କେବଳ ଲୋକରେ ବ୍ୟବହୃତ ଯେକୌଣସି ଶବ୍ଦ Proverb ବା ପ୍ରବଚନ ଆଖ୍ୟା ଲାଭ କରି ନପାରେ । ଯେଉଁ ଶବ୍ଦର ଏକ ସାର୍ବକାଳିକ ମୂଲ୍ୟବୋଧ ରହିଛି ଓ ଯାହା ସଦାସର୍ବଦା ସେହି ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟବହୃତ ହୋଇଥିବା ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିପାରିଛି, ତାହା କେବଳ ପ୍ରବଚନ ନାମରେ ନାମିତ ହୋଇପାରେ । ଅନ୍ୟ ଅର୍ଥରେ କହିଲେ ଏହି ପ୍ରବଚନ ବା ପ୍ରକୃଷ୍ଟ ବଚନ ସଦାସର୍ବଦା ପ୍ରକୃଷ୍ଟ ଭାବରେ ହିଁ ଲୋକ ସମାଜରେ ବ୍ୟବହୃତ । କେବଳ ଗ୍ରାମୀଣଙ୍କ କ୍ଷେତ୍ରରେ ନୁହେଁ, ନାଗରିକମାନଙ୍କ କ୍ଷେତ୍ରରେ ମଧ୍ୟ ଏହା ସ୍ୱୀକୃତ ଓ ଗ୍ରହଣଯୋଗ୍ୟ । ଏହି ପ୍ରବଚନର ସ୍ରଷ୍ଟା ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ହେଲେ ହେଁ ଆବେଦନ ଦୃଷ୍ଟିରୁ ତାହା ସର୍ବଗ୍ରାହ୍ୟ ହୋଇଥିବାରୁ ସର୍ବସାଧାରଣଙ୍କ ଦ୍ୱାରା ସବୁକାଳରେ ତାହା ଗ୍ରହଣୀୟ ଓ ସମ୍ମାନୀତ ହୋଇଆସିଛି । ଏ ସଂପର୍କରେ ମତ ଦେଇ ଡକ୍ଟର ନଟବର ସାମନ୍ତରାୟ କହନ୍ତି – "ଜାତି ବା ବ୍ୟକ୍ତିବିଶେଷର ଗଭୀର ଅନ୍ତର ପ୍ରଦେଶରୁ କୌଣସି ଚିନ୍ତାଧାରା ନିସୃତ ହୋଇ ଯେତେବେଳେ ଲୋକରେ ଜନପ୍ରିୟତା ଅର୍ଜନ କରେ ସେତେବେଳେ ତାହା ପ୍ରବଚନର ଗୌରବ ଲାଭ କରେ । ଲୋକଙ୍କ ଦ୍ୱାରା ସତ୍ୟ ବୋଲି ଅନୁମୋଦିତ ତଥା ଗୃହୀତ ନ ହେଲେ କୌଣସି ବିଶିଷ୍ଟ ଚିନ୍ତା ପ୍ରବଚନ ପଦବୀରେ ଆରୁଢ଼ି ହୋଇନପାରେ । ତେଣୁ ପ୍ରବଚନ ଏକ ନିର୍ଦ୍ଦିଷ୍ଟ ସମୟର ଓ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ବଚନ ହେଲେ ହେଁ ସର୍ବଲୋକଙ୍କ ଦ୍ୱାରା ଯେତେବେଳେ ବହୁଭାବରେ ତାହା ସତ୍ୟ ବୋଲି ଗୃହୀତ ହୁଏ, ତାହା ପ୍ରବଚନ ନାମ ଧାରଣ କରେ । ବଚନ ଶବ୍ଦରେ 'ପ୍ର' ଉପସର୍ଗ ଲାଗି ପ୍ରବଚନ ହୁଏ ଏବଂ 'ପ୍ର'ର ଅର୍ଥ ପ୍ରକୃଷ୍ଟ ବା ଉତ୍କୃଷ୍ଟ । ଏହି ପ୍ରକୃଷ୍ଟ ଉକ୍ତି ବା ବ୍ୟାଖ୍ୟାନ ଜାତିର ସାମାଜିକ ଓ ସାଂସ୍କୃତିକ ଜୀବନଧାରାର ବହୁକ୍ଷେତ୍ରରେ ବ୍ୟବହୃତ ହୋଇଥିବାର ଲକ୍ଷ୍ୟ କରାଯାଇଥାଏ ।

ସେହିପରି 'ପ୍ରବାଦ' ଶବ୍ଦଟି 'ପ୍ର' ଉପସର୍ଗବାଦ ଶବ୍ଦରୁ ସୃଷ୍ଟି । ଏହାର ଅର୍ଥ ପ୍ରକୃଷ୍ଟ ବିଚାର, ମତ, ବାକ୍ୟ ବା କଥନ । ଜନଶ୍ରୁତି, କିମ୍ବଦନ୍ତୀ ଓ ପରଂପରାଗତ ବାକ୍ୟ ଏହାର ଅନ୍ତର୍ଭୁକ୍ତ ହୋଇଥାଏ । ଏହାର ଇଂରାଜୀ ଶବ୍ଦ Adage, ଗ୍ରୀକ୍ Adagium ଶବ୍ଦରୁ ଆନୀତ । ଯାହାର ଅର୍ଥ ହେଉଛି (ଅଭିଧାନ ଅନୁସାରେ) ଯେଉଁ ନୀତି ବାକ୍ୟ ଲୋକ ସମାଜରେ ପ୍ରଚଳିତ । ପ୍ରବଚନ ପରି ଏହାର ମଧ୍ୟ ସୃଷ୍ଟି ଇତିହାସ ଅଜଣା । କେତୋଟି କଥା ସେତେବେଳେ ବହୁକ୍ଷେତ୍ରରେ ସତ୍ୟ ଭାବରେ ଗୃହୀତ ହୋଇ ସାମାଜିକ ନୀତି ନିୟମକୁ ନିୟନ୍ତ୍ରଣ କରେ, ସେତେବେଳେ ତାହା ପ୍ରବାଦ ଭାବରେ କଥିତ ହୋଇଥାଏ । ଟିକିଏ ସୂକ୍ଷ୍ମ ଦୃଷ୍ଟିକୋଣରୁ ବିଚାର କଲେ 'ପ୍ରବାଦ' ଓ 'ପ୍ରବଚନ' ମଧ୍ୟରେ ସେପରି ଲକ୍ଷଣୀୟ ତାରତମ୍ୟ ପରିଲକ୍ଷିତ ହୋଇ ନ ଥାଏ । ଉଭୟର ଲକ୍ଷ୍ୟ ଏକ ଏବଂ ଏ ନିର୍ଦ୍ଦିଷ୍ଟ ଅଭୀପ୍ସାରୁ ଉଭୟଙ୍କର ସୃଷ୍ଟି । ପ୍ରବାଦ ମଧ୍ୟରେ ଜନଶ୍ରୁତି ଓ କିମ୍ବଦନ୍ତୀ ଅଙ୍ଗୀଭୂତ ହୋଇଥିବା ବେଳେ ସମୟେ ସମୟେ ପ୍ରବଚନରେ ମଧ୍ୟ କେତେକ ଉକ୍ତି ଅନ୍ତର୍ଭୁକ୍ତ ଥାଏ, ଯାହା ଜାତୀୟ ଜୀବନର ଶ୍ରୁତି ଓ କିମ୍ବଦନ୍ତୀକୁ ଆଶ୍ରୟ କରି ଗଢ଼ିଉଠିଥାଏ । ପୁଣି ଏହି ଉଭୟଙ୍କୁ ଢ଼ଗର ଅନ୍ତର୍ଭୁକ୍ତ କରାଯାଇଛି । ବିଶିଷ୍ଟ ଲୋକ ସାହିତ୍ୟ ଗବେଷକ ଡକ୍ଟର କୁଂଜବିହାରୀ ଦାଶ ମତ ଦେଇଛନ୍ତି, "ପ୍ରବଚନ ଶବ୍ଦଟିର ଅର୍ଥ ପ୍ରକୃଷ୍ଟ ବଚନ ହେଲେ ହେଁ ଏହା ଢ଼ଗର ଅନ୍ତର୍ଭୁକ୍ତ । ସେହିପରି ପ୍ରବାଦ ବା ପ୍ରକୃଷ୍ଟବାଦ ଲୋକସାହିତ୍ୟରେ ଏକ ବିଶିଷ୍ଟ ଅର୍ଥରେ ବ୍ୟବହୃତ । ଏହାର ଅର୍ଥ ଜନଶ୍ରୁତି, କିମ୍ବଦନ୍ତୀ ବା କଥା ସମ୍ବଳିତ ଉକ୍ତି ।" ଢ଼ଗର ବିସ୍ତୃତ ପରିସର ମଧ୍ୟରେ ଏହି ପ୍ରବାଦ ଓ ପ୍ରବଚନ ଏକ ଏକ ଅଂଶ ବିଶେଷ ବୋଲି ଆଲୋଚକମାନେ ମତ ପ୍ରଦାନ କରିଥାନ୍ତି ।

ଟିପ୍ପଣୀ

ଢଗ ଶବ୍ଦ ସଂପର୍କରେ ସମାଲୋଚକ ଡକ୍ଟର ମନୀନ୍ଦ୍ର ମହାନ୍ତି କହିଛନ୍ତି - "ଅନୁମାନ ହୁଏ, ଢ଼ଙ୍ଗ ଶବ୍ଦରୁ ଏହାର ସୃଷ୍ଟି । ଏହି ଲୋକ ଶବ୍ଦ ଢ଼ଙ୍ଗର ଅର୍ଥ ବ୍ୟବହାର, ରୀତିନୀତି ବା ଆଚରଣ । ଢ଼ଙ୍ଗ ଶବ୍ଦଟି ଶୈଳୀ ବା Style ଅର୍ଥରେ ମଧ୍ୟ ପ୍ରୟୋଗ କରାଯାଇଥାଏ । କଥୋପକଥନର ଏହା ଏକ ବିଶେଷ ଶୈଳୀ ହୋଇଥିବାରୁ ଏବଂ ଏହି ବିଶେଷ ଶୈଳୀ ଦ୍ୱାରା ଦୀର୍ଘ କଥାବସ୍ତୁକୁ ସ୍ୱଳ୍ପ ସମୟ ମଧ୍ୟରେ ସଂକ୍ଷିପ୍ତ କଳେବରରେ ପ୍ରକାଶ କରାଯାଉଥିବାରୁ ହୁଏତ ଏପରି ଶୈଳୀ ନାମ ଢଗ ହୋଇଛି ।" ଢଗକୁ ଏକ ଶୈଳୀଭାବେ ଗ୍ରହଣ କରାଯିବା ଯୁକ୍ତି ସଙ୍ଗତ ମନେହୁଏ ନାହିଁ । ଗାଉଁଲୀ ଲୋକେ ସେମାନଙ୍କ ଦୈନନ୍ଦିନ ଜୀବନରେ ଅନେକ ଅସ୍ୱାଭାବିକ କଥା ଲକ୍ଷ୍ୟ କଲେ ବିଭିନ୍ନ ବକ୍ତବ୍ୟ ମାଧ୍ୟମରେ ଡଗଡଗ ହୋଇ ତାହା ପ୍ରକାଶ କରିଥାନ୍ତି । ଭାଷାତତ୍ତ୍ୱ ଦୃଷ୍ଟିରୁ ଡ - ଢ଼ ହେବାରେ କୌଣସି ଅସୁବିଧା ନାହିଁ କି ଅସ୍ୱାଭାବିକତା ନାହିଁ । ତେବେ ଏହି ଢଗ ମାଧ୍ୟମରେ ପ୍ରବଚନ, ମିତ୍ରାକ୍ଷର ବିଶିଷ୍ଟ ଉଦାହରଣୀୟ ଉକ୍ତି, ବହୁ ପ୍ରଚଳିତ ଉକ୍ତି ଆଦିକୁ ଗ୍ରହଣ କରାଯାଇପାରେ । ବେଳେବେଳେ ଅପବାଦ, କୁସାବେବା ଅନ୍ତରାଳରେ ଯେଉଁ କେତେକ ଉକ୍ତି ପ୍ରକାଶିତ ହୁଏ, ତାହା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହୋଇଛି ।

ଏହି ପ୍ରବାଦ ଓ ପ୍ରବଚନ ବା ଢଗ - ଯେକୌଣସି ସାଧାରଣ ବ୍ୟକ୍ତିର ସୃଷ୍ଟି ନୁହେଁ । ବହୁ ପରୀକ୍ଷା ନିରୀକ୍ଷା ପରେ ଯେତେବେଳେ ଏହାର ସାର୍ବଜନୀନ ସତ୍ୟତାକୁ ଉପଲବ୍ଧି କରାଯାଇଛି, ସେତେବେଳେ ସମାଜରେ ଏହା ସ୍ୱୀକୃତି ଲାଭ କରିଛି । ପରବର୍ତ୍ତୀ ସମୟରେ ଏହି ପଦଗୁଡିକ ସମାଜର ନୀତି ନିୟମର ନିର୍ଦ୍ଧାରକ ଭାବରେ ମଧ୍ୟ କାର୍ଯ୍ୟ କରିଛି । ମାନବର ଚାଲିଚଳଣିରେ ଅସଙ୍ଗତି, ଅସ୍ୱାଭାବିକତା, ସହାବସ୍ଥାନ ଜୀବନର କାହାଠାରେ ବ୍ୟତିକ୍ରମ ଦେଖାଯିବା କାଳରେ ଏହାର ପ୍ରୟୋଗ ହୋଇଛି । ସମାଜରେ ମଣିଷ ଜୀବନକୁ ସୁସ୍ଥ, ସୁନ୍ଦର କରିବା କ୍ଷେତ୍ରରେ ସେହିପରି ଗୁରୁତ୍ୱପୂର୍ଣ୍ଣର ଭୂମିକା ନେଇଛି । ତେଣୁ ସମାଜ ଜୀବନରେ ମୁଖ୍ୟତଃ ଏହା ଦ୍ୱିବିଧ ଭୂମିକା ଗ୍ରହଣ କରିଛି । ପ୍ରଥମତଃ ବ୍ୟଙ୍ଗ ବାକ୍ୟ ମାଧ୍ୟମରେ ସମାଜ ସଂସ୍କାର କରିବା ଓ ଦ୍ୱିତୀୟତଃ ସମସ୍ୟା ଏବଂ ଦ୍ୱନ୍ଦ୍ୱ ମଧ୍ୟରେ ପତିତ ମଣିଷ ସମାଧାନର ପଥ ବିସ୍ମୃତ ହୋଇଥିବା ବେଳେ ଉପଦେଶ ମାଧ୍ୟମରେ ତା'ର ଗତିପଥକୁ ନିର୍ଦ୍ଦିଷ୍ଟ କରାଇଦେବା । ସମୟେ ସମୟେ ଭବିଷ୍ୟତ ବା ଆଗତକୁ ମଧ୍ୟ ସୂଚେଇ ଦେଇଥାଏ, 'ସୁ' ଓ 'କୁ' ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଦିଷ୍ଟ ହୋଇଥାଏ । ସର୍ବୋପରି ବର୍ତ୍ତମାନରେ ଥାଇ ମଧ୍ୟ ସୁଦୂର ଭବିଷ୍ୟତକୁ ଆଲୋକିତ କରିବା କ୍ଷେତ୍ରରେ ଏହାର ଭୂମିକା ବେଶ୍ ଗରୁତ୍ୱପୂର୍ଣ୍ଣ ।

ଏହି ପ୍ରବାଦ/ପ୍ରବଚନ ବା ଢଗ ଢମାଳିର ମୁଖ୍ୟତଃ ଦୁଇଟି ରୂପ ଦୃଷ୍ଟିଗୋଚର ହୁଏ ଯଥା- ଗଦ୍ୟରୂପ ଓ ପଦ୍ୟରୂପ । ସବୁଠାରୁ ଆଶ୍ଚର୍ଯ୍ୟର କଥା 'ଧ୍ୱନିବାକ୍ୟ'ର ସମସ୍ତ ବୈଶିଷ୍ଟ୍ୟ ଓ ମହତ୍ୱ ଏଥିରେ ସୁରକ୍ଷିତ । ଆଧୁନିକ ଯୁଗରେ ସାହିତ୍ୟର ବଡ଼ ବିଶେଷତ୍ୱ ହେଉଛି ସଂକ୍ଷିପ୍ତ ପରିସର ମଧ୍ୟରେ ବହୁକଥାକୁ ବ୍ୟକ୍ତ କରିବା । ବିଶ୍ୱଯୁଦ୍ଧୋତ୍ତର କାଳୀନ ସାହିତ୍ୟରେ ଏହିପ୍ରକାର ଶୈଳୀବେଶ, ମହତ୍ତ୍ୱଲାଭ କରିଥିବା ସମୟରେ ଏହାର ବହୁ ପୂର୍ବରୁ ଲୋକସାହିତ୍ୟରେ ଏହା ଜନ୍ମନେଇ ଲୋକପ୍ରିୟ ହୋଇଥିବା କମ୍ ବିସ୍ମୟର କଥା ନୁହେଁ । ଏହି ଦୃଷ୍ଟିରୁ ପ୍ରାଚୀନ ଲୋକ ସାହିତ୍ୟ ନିଶ୍ଚିତ ଭାବରେ ମହିମାମୟ ଓ ଗୌରବାବହ ।

ଏହାର ପରିସର ମଧ୍ୟ ବ୍ୟାପକ । ସାମାଜିକ ଜୀବନର ବହୁବିଧ ରହସ୍ୟ ଏଥିରେ ଉନ୍ମୋଚିତ । ଯଥାର୍ଥରେ କୁଞ୍ଜବିହାରୀ ଦାଶ କହନ୍ତି - 'ଢ଼ଗ ସାହିତ୍ୟ ଏକ ବଡ଼ ଦାଣ୍ଡ । ସମସ୍ତଙ୍କ ଚଲାବୁଲା ଓ ଚଳଣି ପାଇଁ ସେଠି ଖୋଲାମେଲା ପାଇଁ ଅଛି । ସମାଜ ଜୀବନର ବହୁ ବିଷୟ ଏଥିରେ ଲୁକ୍କାୟିତ । ଅର୍ଥନୀତି, ରାଜନୀତି, ବୌଦ୍ଧିକ ଚାତୁର୍ଯ୍ୟ ଓ

ଟିପ୍ପଣୀ

ଜ୍ୟୋତିଷଶାସ୍ତ୍ର, ସାହିତ୍ୟିକ ସୌକୁମାର୍ଯ୍ୟ, ଦୈନନ୍ଦିନ ଜୀବନର ହସକାନ୍ଦ, ସୁଖ ଦୁଃଖ, ସ୍ୱାସ୍ଥ୍ୟ, ପୁରାଣ ନ୍ୟାୟନୀତି, ଇତିହାସ ଆଦି ସବୁର ଏକ ବିରାଟ ବିଚରଣ ଭୂଇଁ । ଏହାକୁ ଯେତେ ପଢ଼ିଲେ ବି ପୁଣି ଶେଷ ହୁଏନା, ଆହୁରି କିଛି ବାକି ରହିଯିବା ପରି ମନରେ ଅବଶୋଷ ରହିଯାଏ ।

ପ୍ରବାଦ ଓ ପ୍ରବଚନରେ ଓଡ଼ିଆ ସାମାଜିକ ଜୀବନର ବହୁକଥା ସରଳ ଭାବରେ କୁହାଯାଇଛି । ଏହା ଦୈନନ୍ଦିନ ଜୀବନ ପାଇଁ ଯେପରି ଉପାଦେୟ ସେହିପରି କୌତୂହଳପ୍ରଦ । ଏଥିରେ ପରିଦୃଷ୍ଟ ହେଉଥିବା ବିବିଧ ବୈଶିଷ୍ଟ୍ୟକୁ ଭିନ୍ନ ଭିନ୍ନ ଭାବରେ ଆଲୋଚନା କରାଯାଇପାରେ । ତେବେ ମୋଟ ଭାବରେ ଏଥିରେ ବଳିଷ୍ଠ ସାହିତ୍ୟିକ ମୂଲ୍ୟ ନିହିତ । କାରଣ ଏଥିରେ ଛନ୍ଦ ବୈଚିତ୍ର୍ୟ, ଅଳଙ୍କାର, ବୌଦ୍ଧିକ ଚାତୁର୍ଯ୍ୟ, ରସପରିଚର୍ଯ୍ୟା ଓ ଭାଷାର ଚମତ୍କାର ଦୃଷ୍ଟାନ୍ତ ବିଦ୍ୟମାନ । ପ୍ରବାଦ ଓ ପ୍ରବଚନରେ ଇତିହାସ ତଥା କିମ୍ବଦନ୍ତୀର ଚିତ୍ର ସୁଲଭ । ଏଥିରେ କୃଷି, କୃଷକ, ଜ୍ୟୋତିଷବିଦ୍ୟା, ସ୍ୱାସ୍ଥ୍ୟ, ଖାଦ୍ୟ, ଆଧାତ୍ମିକ ଚିନ୍ତା, ଜଗନ୍ନାଥ ଚେତନା ଆଦି ବିଦ୍ୟମାନ । ପ୍ରବାଦ ଓ ପ୍ରବଚନରେ ଜନଜୀବନ, ଜନସଂସ୍କୃତି ଓ ସମାଜ ଜୀବନର ଚିତ୍ର ଦେଖିବାକୁ ମିଳେ । ଭାଗ୍ୟବାଦ ଓ କର୍ମବାଦ, ଦାର୍ଶନିକତା, ପାରିବାରିକ ଚିତ୍ର, ସମାଜର ବିଭିନ୍ନ ବର୍ଗ ଓ ନାରୀମାନଙ୍କର ପରିଚୟ, ପରକୀୟା ପ୍ରୀତିର ଅସାରତା, ବାଣିଜ୍ୟ ଓ ଅର୍ଥନୀତି, ସାମାଜିକ ଜୀବନର ବହୁ ଦିଗଦିଗନ୍ତର ଚିତ୍ର ଦେଖିବାକୁ ମିଳିଥାଏ ।

ସୁତରାଂ ଉତ୍କଳୀୟ ଜୀବନରେ ପ୍ରବାଦ ଓ ପ୍ରବଚନର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଲୋକ ସଂପୃକ୍ତି ଏହାର ବୈଶିଷ୍ଟ୍ୟ ।

**ପ୍ରବାଦ ଓ ପ୍ରବଚନ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ବୈଦିକ ଆଦର୍ଶ ପ୍ରତିଷ୍ଠା କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା :**

ପ୍ରବାଦ ଓ ପ୍ରବଚନ ଶବ୍ଦ ଦୁଇଟି କେବଳ ଓଡ଼ିଆ ସାହିତ୍ୟରେ କାହିଁକି ବିଶ୍ୱର ଯେ କୌଣସି ସାହିତ୍ୟରେ ମଧ୍ୟ ପରିଦୃଷ୍ଟ ହୁଏ । ଇଂରାଜୀ Proverb ଶବ୍ଦ ଲାଟିନ୍ 'Proverbium' ଶବ୍ଦରୁ ଆନୀତ, ଯାହାର ଅର୍ଥହେଲା ଲୋକରେ ବ୍ୟବହୃତ । କେବଳ ଲୋକରେ ବ୍ୟବହୃତ ଯେ କୌଣସି ଶବ୍ଦ 'Proverb' ବା ପ୍ରବଚନ ଆଖ୍ୟା ଲାଭ କରି ନପାରେ । ଯେଉଁ ଶବ୍ଦର ଏକ ସାର୍ବକାଳୀନ ମୂଲ୍ୟବୋଧ ରହିଛି ଓ ଯାହା ସଦାସର୍ବଦା ସେହି ନିର୍ଦ୍ଦିଷ୍ଟ ଅର୍ଥରେ ବ୍ୟବହୃତ ହେଉଥିବା ବା ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରହିପାରିଛି, ତାହା କେବଳ ପ୍ରବଚନ ନାମରେ ନାମିତ ହୋଇପାରେ । ଅନ୍ୟ ଅର୍ଥରେ କହିଲେ ଏହି ପ୍ରବଚନ ବା ପ୍ରକୃଷ୍ଟ ବଚନ ସଦାସର୍ବଦା ପ୍ରକୃଷ୍ଟ ସ୍ୱୀକୃତ ଓ ଗ୍ରହଣ ଯୋଗ୍ୟ । ଏହି ପ୍ରବଚନର ସ୍ରଷ୍ଟା ଏହି ପ୍ରବଚନ ବା ପ୍ରକୃଷ୍ଟ ବଚନ ସଦାସର୍ବଦା ପ୍ରକୃଷ୍ଟ ସ୍ୱୀକୃତ ଓ ଗ୍ରହଣଯୋଗ୍ୟ । ଏହି ପ୍ରବଚନର ସ୍ରଷ୍ଟା ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ହେଲେହେଁ ଆବେଦନ ଦୃଷ୍ଟିରୁ ତାହା ସର୍ବଗ୍ରାହ୍ୟ ହୋଇଥିବାରୁ ସର୍ବସାଧାରଣଙ୍କ ଦ୍ୱାରା ତାହା ଗ୍ରହଣୀୟ ତଥା ସମ୍ମାନିତ ହୋଇପାରିଛି । ଏ ସଂପର୍କରେ ସମାଲୋଚକ ଡକ୍ଟର ନଟବର ସାମନ୍ତରାୟ ତାଙ୍କ ଓଡ଼ିଶା ପଲ୍ଲୀସାହିତ୍ୟ ଗ୍ରନ୍ଥରେ କହିଛନ୍ତି "ଜାତି ବା ବ୍ୟକ୍ତିବିଶେଷର ଗଭୀର ଅନ୍ତର ପ୍ରଦେଶର କୌଣସି ଚିନ୍ତାଧାରା ନିଃସୃତ ହୋଇ ଯେତେବେଳେ ଲୋକରେ ଜନପ୍ରିୟତା ଅର୍ଜନ କରେ ସେତେବେଳେ ତାହା ପ୍ରଚନର ଗୌରବ ଲାଭ କରେ । ଲୋକଙ୍କ ଦ୍ୱାରା ସତ୍ୟବୋଲି ଅନୁମୋଦିତ ତଥା ଗୃହୀତ ନହେଲେ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ ବଚନ ହେଲେହେଁ ସବୁଲୋକଙ୍କ ଦ୍ୱାରା ତାହା ଯେତେବେଳେ ବହୁଭାବରେ ସତ୍ୟରୂପେ ଗୃହୀତ ହୁଏ, ତାହା ପ୍ରବଚନ ନାମ ଧାରଣ କରେ । 'ବଚନ' ଶବ୍ଦର 'ପ୍ର' ଉପସର୍ଗ ଲାଗି ପ୍ରବଚନ ହୁଏ ଏବଂ 'ପ୍ର'ର ଅର୍ଥ ପ୍ରକୃଷ୍ଟ ବା ଉତ୍କୃଷ୍ଟ । ଏହି ପ୍ରକୃଷ୍ଟ ଉକ୍ତି ବା ବ୍ୟାଖ୍ୟାନ ଜାତିର ସାମାଜିକ ଓ ସାଂସ୍କୃତିକ ଜୀବନଧାରା ବହୁ କ୍ଷେତ୍ରରେ ବ୍ୟବହୃତ ହୋଇଥିବାର ଲକ୍ଷ୍ୟ କରାଯାଏ ।

ଟିପ୍ପଣୀ

ସେହିପରି ପ୍ରବାଦ ଶବ୍ଦଟି 'ପ୍ର' ଉପସର୍ଗ + ବାଦ ଶବ୍ଦରୁ ସୃଷ୍ଟି । ଏହାର ଅର୍ଥ ପ୍ରକୃତ ବିଚାର, ମତ, ବାକ୍ୟ ବା କଥନ, ଜନଶ୍ରୁତି, କିମ୍ବଦନ୍ତୀ ଓ ପରଂପରାଗତ ବାକ୍ୟ ଏହାର ଅନ୍ତର୍ଭୁକ୍ତ ହୋଇଥାଏ । ଏହାର ଇଂରାଜୀ ଶବ୍ଦ Adage, ଗ୍ରୀକ୍ Adagium ଶବ୍ଦରୁ ଆସିଅଛି, ଯାହାର ଆଭିଧାନିକ ଅର୍ଥ ହେଉଛି ଯେଉଁ ନୀତିବାକ୍ୟ ଲୋକ ସମାଜରେ ପ୍ରଚଳିତ । ପ୍ରବଚନ ପରି ଏହାର ସୃଷ୍ଟି ଇତିହାସ ଅଜଣା । କେତୋଟି କଥା ଯେତେବେଳେ ବହୁକ୍ଷେତ୍ରରେ ସତ୍ୟଭାବରେ ଗୃହୀତ ହୋଇ ସାମାଜିକ ନୀତିନିୟମକୁ ନିୟନ୍ତ୍ରଣ କରେ, ସେତେବେଳେ ତାହା ପ୍ରବାଦ ଭାବରେ କଥିତ ହୁଏ । ଟିକିଏ ସୂକ୍ଷ୍ମ ଦୃଷ୍ଟିକୋଣରୁ ବିଚାର କଲେ ପ୍ରବାଦ ଓ ପ୍ରବଚନ ମଧ୍ୟରେ ସେପରି ଲକ୍ଷଣୀୟ ପାର୍ଥକ୍ୟ ନାହିଁ । ଉଭୟର ଲକ୍ଷ୍ୟ ଏକ ଏବଂ ଏକ ନିର୍ଦ୍ଦିଷ୍ଟ ଅଭୀପ୍ସାରୁ ଉଭୟର ସୃଷ୍ଟି । ପ୍ରବାଦ ମଧ୍ୟରେ ଜନଶ୍ରୁତି ଓ କିମ୍ବଦନ୍ତୀ ଅଙ୍ଗୀଭୂତ ହୋଇଥିବାବେଳେ ସମୟେ ସମୟେ ପ୍ରବଚନରେ ମଧ୍ୟ କେତେକ ଉକ୍ତି ଅନ୍ତର୍ଭୁକ୍ତ ଥାଏ, ତାହା ଜାତୀୟ ଜୀବନର ଶ୍ରୁତି ଓ କିମ୍ବଦନ୍ତୀକୁ ଆଶ୍ରୟ କରି ଗଢ଼ି ଉଠିଥାଏ । ପୁଣି ଏହି ଉଭୟଙ୍କୁ 'ଢଗ'ର ଅନ୍ତର୍ଭୁକ୍ତ କରାଯାଇଛି । ବିଶିଷ୍ଟ ଲୋକସାହିତ୍ୟ ଗବେଷକ ଡକ୍ଟର କୁଞ୍ଜ ବିହାରୀ ଦାଶଙ୍କ ମତରେ – 'ପ୍ରବଚନ ଶବ୍ଦଟିର ଅର୍ଥ ପ୍ରକୃଷ୍ଟ ବଚନ ହେଲେହେଁ ଏହା ଢଗର ଅନ୍ତର୍ଭୁକ୍ତ । ସେହିପରି ପ୍ରବାଦ ବା ପ୍ରକୃଷ୍ଟ ବାଦ ଲୋକସାହିତ୍ୟରେ ଏକ ବିଶିଷ୍ଟ ଅର୍ଥରେ ବ୍ୟବହୃତ । ଏହାର ଅର୍ଥ ଜନଶ୍ରୁତି କିମ୍ବଦନ୍ତୀ ବା ଲୋକକଥା ସମ୍ବଳିତ ଉକ୍ତି । ଢଗର ବିସ୍ତୃତ ପରିସର ମଧ୍ୟରେ ଏହି ପ୍ରବାଦ ଓ ପ୍ରବଚନ ଏକ ଏକ ଅଂଶ ବିଶେଷ ବୋଲି ଆଲୋଚକମାନେ ମତ ପ୍ରଦାନ କରିଛନ୍ତି ।"

'ଢଗ' ଶବ୍ଦ ସଂପର୍କରେ ଆଲୋଚନା କରିବାକୁ ଯାଇ ଆଲୋଚକ ଡକ୍ଟର ମନୀନ୍ଦ୍ର ମହାନ୍ତି କୁହନ୍ତି – 'ଅନୁମାନ ହୁଏ ଢ଼ଙ୍ଗ ଶବ୍ଦରୁ ଏହାର ସୃଷ୍ଟି । ଏହି ଲୋକ ଶବ୍ଦ ଢ଼ଙ୍ଗର ଅର୍ଥ ହେଲା ବ୍ୟବହାର, ରୀତିନୀତି ବା ଆଚରଣ, 'ଢଙ୍ଗ' ଶବ୍ଦଟି ଶୈଳୀ ବା Style ଅର୍ଥରେ ମଧ୍ୟ ପ୍ରୟୋଗ କରାଯାଇଥାଏ । କଥୋପକଥନର ଏହା ଏକ ବିଶେଷଶୈଳୀ ହୋଇଥିବାରୁ ଏବଂ ଏହି ବିଶେଷ ଶୈଳୀ ଦ୍ୱାରା ଦୀର୍ଘ କଥାବସ୍ତୁକୁ ସ୍ୱଳ୍ପ ସମୟର ସଂକ୍ଷିପ୍ତ କଳେବରରେ ପ୍ରକାଶ କରାଯାଇଥିବାରୁ ହୁଏତ ଏପରି ଶୈଳୀର ନାମ ଢଗ ହୋଇଛି ।" ଢ଼ଗକୁ ଏକ ଶୈଳୀ ରୂପେ ଗ୍ରହଣ କରିବାର ଯଥାର୍ଥତା ନାହିଁ । ଗାଉଁଲୀ ଲୋକେ ସେମାନଙ୍କର ଦୈନନ୍ଦିନ ଜୀବନରେ ଅନେକ ଅସ୍ୱାଭାବିକ କଥା ଲକ୍ଷ୍ୟ କଲେ, ବିଭିନ୍ନ ବକ୍ତବ୍ୟ ମାଧ୍ୟମରେ ଢଗଢଗ ହୋଇ ତାହା ପ୍ରକାଶ କରିଥାନ୍ତି । ଭାଷାତତ୍ତ୍ୱ ଦୃଷ୍ଟି ଡ–ଢ଼ ହେବାରେ କୌଣସି ଅସ୍ୱାଭାବିକତା ନାହିଁ । ତେବେ ଏହି ଢ଼ଗ ମଧ୍ୟରେ ପ୍ରବଚନ ମିତ୍ରାକ୍ଷର ବିଶିଷ୍ଟ ଉଦାହରଣୀୟ ଉକ୍ତି, ବହୁ ପ୍ରଚଳିତ ଉକ୍ତି ଆଦିକୁ ଗ୍ରହଣ କରାଯାଇପାରେ । ବେଳେବେଳେ ଅପବାଦ, କୁତ୍ସା ହେବା ଅନ୍ତରାଳରେ ଯେଉଁ କେତେକ ଉକ୍ତି ପ୍ରକାଶିତ ହୁଏ, ତାହା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହୋଇଛି ।

ଏହି ପ୍ରବାଦ ଓ ପ୍ରବଚନ ବା ଢଗ – ଯେ କୌଣସି ସାଧାରଣ ବ୍ୟକ୍ତିର ସୃଷ୍ଟି ନୁହେଁ । ବହୁ ପରୀକ୍ଷା ନିରୀକ୍ଷା ପରେ ଯେତେବେଳେ ଏହାର ସାର୍ବଜନୀନ ସତ୍ୟତାକୁ ଉପଲବ୍ଧି କରାଯାଇଛି, ସେତେବେଳେ ସମାଜରେ ଏହା ସ୍ୱୀକୃତି ଲାଭ କରିଛି । ପରବର୍ତ୍ତୀ ସମୟରେ ଏହି ପଦଗୁଡିକ ସମାଜର ନୀତିନିୟମର ନିର୍ଦ୍ଧାରକ ଭାବରେ ମଧ୍ୟ କାର୍ଯ୍ୟ କରିଛି । ମାନବର ଚାଲିଚଳଣିରେ ଅସଂଗତି, ଅସ୍ୱାଭାବିକତା, ସମାଜର ମାନବ ମାନବ ମଧ୍ୟରେ ବିକୃତି ଲକ୍ଷ୍ୟ କରାଯିବା ସମୟରେ ଯେପରି ଏହାର ପ୍ରୟୋଗ ହୋଇଛି । ସାମାଜିକ ଜୀବର ଜୀବନକୁ ସୁସ୍ଥ, ସୁନ୍ଦର, ନୀତିନିଷ୍ଠ କରିବା କ୍ଷେତ୍ରରେ ସେହିପରି ଭୂମିକା ଗ୍ରହଣ କରିଛି । ତେଣୁ ସମାଜ ଜୀବନରେ ମୁଖ୍ୟତଃ ଏହା ଦ୍ୱିବିଧ ଭୂମିକା ଗ୍ରହଣ କରିଛି । ପ୍ରଥମତଃ ବ୍ୟଙ୍ଗ କାବ୍ୟ ମାଧ୍ୟମରେ ସମାଜ ସଂସ୍କାର ଓ ଦ୍ୱିତୀୟତଃ ସମସ୍ୟା ଏବଂ ଦ୍ୱନ୍ଦ୍ୱ ମଧ୍ୟରେ ପତିତ ମଣିଷ ସମାଧାନର ପଥ

ବିସ୍ତୃତ ହୋଇଥିବା ବେଳେ ଉପଦେଶ ବାକ୍ୟ ମାଧ୍ୟମରେ ତା'ର ଗତିପଥକୁ ନିର୍ଦ୍ଦିଷ୍ଟ କରାଇଦେବା । ସମୟେ ସମୟେ ଭବିଷ୍ୟତ ବା ଆଗତକୁ ମଧ୍ୟ ସୂଚେଇ ଦେଇଥାଏ । ସୁ ଓ କୁ ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଦିଷ୍ଟ କରାଇଥାଏ । ସର୍ବୋପରି ବର୍ତ୍ତମାନର ଥାଇ ମଧ୍ୟ ସୁଦୂର ଭବିଷ୍ୟତକୁ ଆଲୋକିତ କରିବା କ୍ଷେତ୍ରରେ ଏହାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ।

ଏହି ପ୍ରବାଦ, ପ୍ରବଚନ ବା ଢଗଢ଼ମାଳିର ମୁଖତଃ ଦୁଇଟି ରୂପ ଦୃଷ୍ଟିଗୋଚର ହୁଏ, ଯଥା – ଗଦ୍ୟରୂପ ଓ ପଦ୍ୟରୂପ । ସବୁଠାରୁ ଆଶ୍ଚର୍ଯ୍ୟର କଥା ଧ୍ୱନି କାବ୍ୟର ସମସ୍ତ ଲକ୍ଷଣ ବା ମହତ୍ତ୍ୱ ଏଥିରେ ସୁରକ୍ଷିତ । ଆଧୁନିକ ଯୁଗରେ ସାହିତ୍ୟର ସାହିତ୍ୟିକ ଆଭିମୁଖ୍ୟ ହେଉଛି ସଂକ୍ଷିପ୍ତ ପରିସର ମଧ୍ୟରେ ବହୁ କଥାକୁ ବ୍ୟକ୍ତ କରିବା । ତେବେ ଏହା ଲୋକ ସାହିତ୍ୟରେ ପୂର୍ବରୁ ପ୍ରଚଳିତ । ସମାଜ ଜୀବନକୁ ସୁସ୍ଥ, ସୁନ୍ଦର ଓ ଆଦର୍ଶମଣ୍ଡିତ କରିବା ଏହାର ଆଭିମୁଖ୍ୟ ।

ପ୍ରବାଦ ଓ ପ୍ରବଚନ ଦେଶ ଜାତିର ବିଭିନ୍ନ ଅବସ୍ଥାରେ ସୃଷ୍ଟି ହୋଇ ଆସିଛି । ଦେଶର ରାଜନୀତି, ଅର୍ଥନୀତି, ସମାଜନୀତିର ପରିବର୍ତ୍ତନ ମଧ୍ୟ ପ୍ରବାଦ ପ୍ରବଚନ ସୃଷ୍ଟିର କାରଣ । ସମୟେ ସମୟେ ଆଦର୍ଶଗତି କାରଣରୁ ତଥା ମୂଲ୍ୟବୋଧ ପରିବର୍ତ୍ତନରୁ ଏହା ସୃଷ୍ଟି ହୋଇଥାଏ । ବିଶେଷ ଭାବରେ ନୈତିକ ଆଦର୍ଶର ପ୍ରତିଷ୍ଠା, ନୀତି ଉପଦେଶ ଏବଂ ଶିକ୍ଷାଦାନ ଏହାର ମୁଖ୍ୟ ଉଦ୍ଦେଶ୍ୟ ହୋଇଉଠିଥାଏ । ବହୁ କ୍ଷେତ୍ରରେ ସାମାଜିକ ବିଶୃଙ୍ଖଳା ଦେଖା ଦେଲେ ସମାଜରେ ସ୍ଥିରତା ଆନୟନ ପାଇଁ କେତେକ ସ୍ଥାନରେ ଏହାର ସୃଷ୍ଟି ହୋଇଥାଏ । ଏହା ବ୍ୟତୀତ ସାମାଜିକଜୀବନ କ୍ଷେତ୍ରରେ ସ୍ଖଳନ, ବିଚାର ବିଭ୍ରାଟ ଓ ନୀତି-ନିୟମର ଯଥେଷ୍ଟ ବ୍ୟବହାରକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହାର ସୃଷ୍ଟି ଆପେ ଆପେ ସ୍ୱତଃସ୍ଫୂର୍ତ୍ତ ଭାବରେ ହୋଇଯାଇଥାଏ ।

ପ୍ରବାଦ ଓ ପ୍ରବଚନ ସୃଷ୍ଟିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମାଜ ଜୀବନକୁ କଳଙ୍କମୁକ୍ତ କରିବା । ଆଦର୍ଶ ପ୍ରତିଷ୍ଠା ଏହାର ମୌଳିକ ଲକ୍ଷ୍ୟ । ପ୍ରତିଟି କ୍ଷେତ୍ରରେ ମାର୍ଗ ନିର୍ଦ୍ଦେଶକରି ଲୋକକୁ ଆଗେଇ ନେବା ଏହାର ଲକ୍ଷଣ । ସମାଜ ଜୀବନରେ ଯେଉଁଠି ଅସୁସ୍ଥତା ଅବା ନୈତିକ ଆଦର୍ଶ ବିଡ଼ମ୍ବିତ ହୋଇଛି ପ୍ରବାଦ ଓ ପ୍ରବଚନ ତାହାକୁ ପୁନଃ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ କରିଛି । ଯଥା – ଆମ ସଂସ୍କୃତି ସ୍ୱକୀୟ । ପ୍ରୀତିର ଉପାସକ । ଏଠି ପରକୀୟା ପ୍ରୀତି ଘୃଣ୍ୟ । ଏହି ପରକୀୟା ପ୍ରୀତିର ଅସାରତା ଦର୍ଶାଇ କୁହାଯାଇଛି–

"ଅଢ଼େଇ ଦିନକୁ ବଢ଼େଇ ଘଇତା
ଝୁରି ମରିବାକୁ କଲା ବିଧାତା ।"

କିରା – ଘଇତା ସୁଆଗ ଭଲାରେ
ଦିଅର ସୁଆଗ ଅଢ଼େଇ ଦିନ ଲେ
ମାଇପ ଅଇଲେ ଗଲାରେ ।"

ସେହିପରି ବହୁପତ୍ନୀକ ହେଲେ –

"ଅମନି ମାଇପ ମନ କରିଛି
ମନର ମାଇପ ଶେଯ ପାଡ଼ିଛି
ବ୍ୟାହି ମାଇପର ପାଳି
ଥୋଇଲି ମାଇପ ବନ୍ଦାପନା ଦିନ
ଘଇତା ବସିଛି ଭାଳି ।

ଟିପ୍ପଣୀ

ସମାଜ ଜୀବନରେ ବିଭ୍ରାଟ ସୃଷ୍ଟିକାରୀ ସଂପର୍କରେ ସଚେତନ ରହିବା ପାଇଁ କୁହାଯାଇଛି –

"କେମା କରଣ, ଛୋଟା ଘୋଡ଼ା
ଖନା ଓକିଲ, ହାକିମ ଟେଢ଼ା ।"

ଅବିଚାର ଓ ଅସ୍ୱାଭାବିକତାକୁ ଦୂର କରିବାକୁ କୁହାଯାଇଛି–

"ଫଟା ମୃଦଙ୍ଗକୁ ଜଡ଼ା ଗାୟକ
ତହିଁକାଣୀ ଦାଗୀ ନାଚୁଛି
ଅବୁଝା ରାଜାକୁ କେମେଇ ପାତର
ଯାହା ଇଛା ତାହା ବୁଝୁଛି ।
ପୁଣି - ଅବୁଝା ମଣା ରାଜାକୁ ପାଳ ବିଣ୍ଡା ମଂତ୍ରୀ ।

ଅଳସୁଆ ଓ ବିଳାସ ଭୋଗୀଙ୍କ ସଂପର୍କରେ –

(୧) ହାତ ଅଳସେ ନିଶ ବଂକା
(୨) ମାଗିଖିଆ ଲାଗେ ନାହିଁ, ଲାଗି ଖିଆ ମାଗେ ନାହିଁ ।
(୩) ପାଗ ବାଂଧୁ ବାଂଧୁ କଚେରୀ ବରଖାସ୍ତ ।

ସୁବିଧାବାଦୀଙ୍କୁ ଚିହ୍ନେଇବାକୁ କୁହାଯାଇଛି–

ଆଗେ ଉଦର, ପଛେ ସୋଦର
କାନ୍ଦୁଥିବା, ଯାହା ପାଉଥିବା ବାଂଧୁଥିବା
ଆପେ ବଂଚିଲେ ବାପର ନାଁ ।
ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ ।

ଗର୍ବ, ପାପ ଓ ଲୋଭ ସଂପର୍କରେ –

(୧) ଗର୍ବ କଲେ ଖର୍ବ ହୁଏ ।
(୨) ଲାଭରୁ ଲୋଭ, ଲୋଭରୁ ପାପ, ପାପରୁ ମୃତ୍ୟୁ ।
(୩) "ଦୁଧ ଉତୁରିଲେ ଚୁଲିରେ ପଶେ ।

ମଣିଷ ଉତୁରିଲେ ଗାତରେ ପଶେ ।

ଫୁଟାଣିଆମାନଙ୍କ ସଂପର୍କରେ ଅଛି –

(୧) ବାରହାତ କାକୁଡ଼ି ତେର ହାତ ମଂଜି
(୨) କେତେ କରୁଥାଉ ଚାତର

ମାଆ ବିକୁଥିଲା ଚିଙ୍ଗୁଡ଼ି ଶୁଖୁଆ

ବାପ ବିକୁ ଥିଲା ପତର

ଟିପ୍ପଣୀ

(୩) ଅନା ପଟରକୁ ବନା ପଟର, ମୂଳ ଲାଗୁଥାଏ ପରଷେତର
ପିଠି ଖାଉଥାଏ ଖରା

ଅଣ୍ଟୁ ନଥିଲା ତ କୁଣ୍ଡାର ଚକୁଳି ଖୁବୁ ନାହିଁ ଦହିବରା ।

ଅନଧିକାର ଚର୍ଚ୍ଚା କରୁଥିବା ଲୋକଙ୍କ ସଂପର୍କରେ -

(୧) ପଟର ଗୋଟାଇବାକୁ ଯାଇ ଚୋଟା ମୂଳ ।

(୨) ଅଦା ବେପାରୀର ଜାହାଜ ମୂଳ

(୩) ବୁଦ୍ଧି ନ ଆସଇ ଘରକୁ
କହି ଦେଉଥାଏ ପରକୁ ।

(୪) ଚାଲୁଣି କହୁଛି ଛୁଞ୍ଚିଲୋ, ତୋ ଗାଣ୍ଡିରେ ଗୋଟା କଣା ।

ପୁନଶ୍ଚ ସାମାଜିକ ନୀତି ନିୟମ ସଂପର୍କରେ କୁହାଯାଇଛି -

(୧) ପତ୍ରି ସୁନା ଦଣ୍ଡିକି
ଶିମିଳି ତୁଳା ମାଣ୍ଡିକି
ରାଣ୍ଡୀ ସଙ୍ଗେ ଭାବ କଲେ
ନିତି ଯାଉଥିବା ଫାଣ୍ଡିକି ।

(୨) ବଜାରୀ, ଥଟାରି, ସୁନାରୀ, ଦାରୀ
କାଳେ ନୁହଁନ୍ତି ଏ କେଉଁଠି କାହାରି ।

(୩) କାମ କରିସାରି ବସିବ
ଶତ୍ରୁମାରି ପଛେ ସହିବ
ଅପମାନ ଥାନୁ ଖସିବ
ବୈଶାଖ ଜ୍ୟେଷ୍ଠରେ ଚଷିବ
ଗୁରୁଙ୍କ ଆଗରେ ଲସିବ
ଘର ଘରେ ଡାକି ପଶିବ
ହରିଙ୍କ କଥାରେ ରସିବ
ଦନାଇ ମନକୁ ଆସିବ ।

ଏହିପରି ପ୍ରବାଦ ଓ ପ୍ରବଚନରେ ନୈତିକ ଆଦର୍ଶ ପ୍ରତିଷ୍ଠା ପାଇଁ ସଚେତନ ଦୃଷ୍ଟିକୋଣ ବହୁ ଭାବରେ ପରିଲକ୍ଷିତ ହୋଇଥାଏ ।

## ଓଡ଼ିଆ ପ୍ରବାଦ ଓ ପ୍ରବଚନରେ ଲୋକ ସଂସ୍କୃତିର ପ୍ରତିଫଳନ :

ଓଡ଼ିଆ ପ୍ରବାଦ ଓ ପ୍ରବଚନ ଆମ ସାଂସ୍କୃତିକ ଜୀବନ ଯାତ୍ରାର ସ୍ମରଣୀୟ ପ୍ରବାଦ ଓ ପ୍ରବଚନ ଏକାପରି ଜଣାଯାଉଥିଲେ ହେଁ ପ୍ରକୃତିରେ ଏହି ଭିନ୍ନ ପ୍ରବାଦର ଅଭିଧାନିକ ଅର୍ଥ ହେଉଛି କିଂବଦନ୍ତୀ, ଜନଶ୍ରୁତି ଇତ୍ୟାଦି ଏବଂ ପ୍ରବଚନର ଆଭିଧାନିକ ଅର୍ଥ ହେଉଛି (ପ୍ର-ବଚ୍-+ଅନ୍) ବହୁ ପ୍ରଚଳିତ ଉକ୍ତି ପ୍ରବାଦ ଓ ବ୍ୟାଖ୍ୟାନ । ପ୍ରବଚନ ଭିତରେ ପ୍ରବାଦଗୁଡ଼ିକ

ଟିପ୍ପଣୀ

କରି ନିଜ ରଚନା ବା ବକ୍ତବ୍ୟର ଗୌରବ ବୃଦ୍ଧି କରିଥାନ୍ତି ସେମାନେ । ପ୍ରବଚନ ହେଉଛି ପ୍ରକୃଷ୍ଟ ବଚନବିଧି, ଏଣୁ କି ଆପ୍ତ ବାକ୍ୟ ବା ଆର୍ଷ ବାକ୍ୟ ପରି କାର୍ଯ୍ୟକ୍ଷମ । କିଂତୁ ପ୍ରବାଦ କେବଳ ଜନଶ୍ରୁତି ଓ କିମ୍ବଦନ୍ତୀ ଆଧାରିତ । ଗୋଟିଏ ସାଧାରଣ ଦୃଷ୍ଟାନ୍ତ ହେଲା -

'ଭଲା ରାମଚଣ୍ଡୀ ଭଲାରେ, କଳା ପାହାଡ଼କୁ ଦୁଆରେ ବସାଇ
ଭଲା ପାଣି ଆଣି ଗଲାରେ ।'

ଏହା ପ୍ରବାଦ ମାତ୍ର ପ୍ରବଚନ ନୁହେଁ । ସେହିପରି ଓଡ଼ିଶାରେ ରହିଥିବା ରାଶି ରାଶି କିମ୍ବଦନ୍ତୀ ଓ ଜନଶ୍ରୁତିକୁ ନେଇ ଅନେକ ପ୍ରବାଦ ସୃଷ୍ଟି ହୋଇଛି । ସେଥିରେ ଫୁଟିଉଠିଛି ଓଡ଼ିଶାର ଲୋକଚଳଣି, ଲୋକ ବିଶ୍ୱାସ ଓ ସମାଜ ଜୀବନ । କିଂତୁ ପ୍ରବଚନ କିମ୍ବଦନ୍ତୀ ଆଶ୍ରିତ ନୁହେଁ । ଯଥା–

(କ) ଅଢ଼େଇ ଦିନକୁ ବଢ଼େଇ ସାଥୀ

(ଖ) ବିହ୍ନା ବ୍ରାହ୍ମଣର ପଇତା ଲୋଡ଼ା ନାହିଁ ।

(ଗ) ଦଣ୍ଡିବା ବ୍ୟକ୍ତି ଯାଉଥାଇ, ସେ ପୁଣି କ୍ଷମା ଆଚରଇ ।

ପ୍ରବାଦ କିମ୍ବଦନ୍ତୀ ଆଶ୍ରିତ, ମାତ୍ର ପ୍ରବଚନ ଆପ୍ତବାକ୍ୟ । ପ୍ରବାଦରେ ଗ୍ରାମ୍ୟତା ଅଧିକ, ମାତ୍ର ପ୍ରବଚନ ଶିଷ୍ଟ ସାହିତ୍ୟର ନିକଟବର୍ତ୍ତୀ । ଏହା ବ୍ୟତୀତ ନିଜକୁ ମଧ୍ୟ ପ୍ରବାଦ ଓ ପ୍ରବଚନର, ଅନ୍ତର୍ଭୁକ୍ତ କରାଯାଇପାରେ । ଲୋକ ସାହିତ୍ୟର ବିଶିଷ୍ଟ ସଂଗ୍ରାହକ ଡଃ କୁଂଜ ବିହାରୀ ଦାଶ କହିଛନ୍ତି - "ପ୍ରବଚନ ଓ ଡଗ ମଧ୍ୟରେ ତାରତମ୍ୟ କ୍ଷୀଣ । ଡଗର ପରିସର ବୃହତ୍ । ପ୍ରବଚନ ଡଗର ଅନ୍ତର୍ଗତ ହୋଇପାରେ । ଏହା ଧର୍ମ ବା ନୀତି ସମ୍ବଳିତ ଉକ୍ତି । କୃଷି ବଚନକୁ ମଧ୍ୟ ପ୍ରବଚନ ଆଖ୍ୟା ଦିଆଯାଇପାରେ । ଏଠି ପ୍ରବଚନ ଅର୍ଥ ପ୍ରକୃଷ୍ଟ ବା ପ୍ରଧାନ ଉକ୍ତି ।'

ପ୍ରବାଦ ପ୍ରବଚନଠାରୁ ଭିନ୍ନତର । ଏହାର ଅର୍ଥ ହେଉଛି, କିମ୍ବଦନ୍ତୀ ବା କଥା ସମ୍ବଳିତ ଉକ୍ତି । କେତୋଟି ଶବ୍ଦର ମଧ୍ୟରେ ଗୋଟିଏ କିମ୍ବଦନ୍ତୀ ବା କଥା ସୂଚିତ ହୋଇଥାଏ । ଯଥା -

(କ) ମୋ ଗଣ୍ଡି ଘୋଡ଼ା ବେଇଚି ।

(ଖ) ଯେଉଁଠାରେ ତୁହି ପଛକୁ ଚାହିଁବୁ ସେହିଠାରେ ରହିଯିବ ।

କେହି କେହି ଆଲୋଚନା ପ୍ରବଚନ ନିଜ ଅର୍ଥରେ ଓ କେତେକ ଏହାକୁ ପଲ୍ଲୀବଚନ ବା ବଚନିକା ଅର୍ଥରେ ଗ୍ରହଣ କରିଥାଆନ୍ତି । ପ୍ରବଚନର ସାହିତ୍ୟିକ ମର୍ଯ୍ୟାଦା ସ୍ୱତନ୍ତ୍ର । ଏହାର ଆବେଦନ ଓଡ଼ିଆ ଲୋକ ଜୀବନରେ ମୁଖ୍ୟତଃ ୫ ପ୍ରକାର ପ୍ରବାଦ ଅଛି - (କ) ପୁରାଣ କଥା ଭିତ୍ତିକ ପ୍ରବାଦ (ଖ) ଇତିହାସ ଭିତ୍ତିକ ପ୍ରବାଦ (ଗ) ଦେବଦେବୀ ତଥା ଧର୍ମ ସଂବଧୀୟ ପ୍ରବାଦ (ଘ) ଲୋକ ବିଶ୍ୱାସ ମୂଳକ ପ୍ରବାଦ (ଡ) ଲୋକକଥା ଭିତ୍ତିକ ପ୍ରବାଦ । ସେହିପରି ପ୍ରବଚନକୁ ମଧ୍ୟ ବହୁ ଭାଗରେ ବିଭକ୍ତ କରାଯାଇ ଚରିତ ଭିତ୍ତିକ, ଦୈବୀଶକ୍ତି ଓ ଅଦୃଷ୍ଟଭିତ୍ତିକ, ଉପଦେଶାତ୍ମକ, ଧର୍ମ ଭିତ୍ତିକ, ସମସ୍ୟାମୂଳକ, ତୁଳନାତ୍ମକ, ପଶୁପକ୍ଷୀ ବିଷୟକ, ବୁଦ୍ଧିଜ୍ଞାନ ଓ ଅନୁଭବ ଭିତ୍ତିକ, କ୍ରୀଡ଼ା କୌତୁକାତ୍ମକ, ଲୋକବିଶ୍ୱାସ ମୂଳକ, ସ୍ୱାସ୍ଥ୍ୟ ଭିତ୍ତିକ, ବିରୋଧାଭାସ ଭିତ୍ତିକ, ସ୍ଥାନ ବିଷୟକ, ଋତୁ ଓ ପାଗ ସଂବଧୀୟ ଏବଂ ବ୍ୟଙ୍ଗାତ୍ମକ ।

ପ୍ରବାଦଗୁଡ଼ିକ କ୍ରମେ ଲୋକକଥା ଓ ଲୋକ ଗୀତ କ୍ରମରେ ଆମର ସାହିତ୍ୟିକ ଚେତନାକୁ ଯେପରି ଭାବରେ ପ୍ରଭାବିତ କରିଛି, ସେହିପରି ଭାବରେ ମଧ୍ୟ ଆମର ବିଦଗ୍ଧ ସାହିତ୍ୟରେ ନୂତନ ପ୍ରାଣ ସଂଚାରରେ ସକ୍ଷମ ହୋଇଛି । ଆମ

ଟିପ୍ପଣୀ

ସାହିତ୍ୟରେ ସାକ୍ଷୀ ଗୋପାଳଙ୍କୁ କେନ୍ଦ୍ର କରି ଅନେକ କବିତା ରଚିତ ହୋଇଛି । ପ୍ରବାଦ କହେ - 'ଯେଉଁଠାରେ ତୁହି ପଛକୁ ଚାହିଁବୁ ଧକ୍‌କା ହୋଇ ରହିଯିବ ।' ଉକ୍ତ ବ୍ରାହ୍ମଣ ପାଇଁ ସାକ୍ଷୀ ଗୋପାଳ ସାକ୍ଷୀ ଦେବାକୁ ଯିବା ସମୟରେ ଏକ କଥା କହିଥିଲେ । ଏହାକୁ କେନ୍ଦ୍ର କରି ଅନେକ ସାହିତ୍ୟିକ ରଚନା ଧରିପୁଷ୍ଟ ।

ଆମର ସାଂସ୍କୃତିକ ପରଂପରାର ଚିତ୍ର ଦିଅଁ ଦେବତା ଓ ଧର୍ମୀୟ ଭାବନାର ପ୍ରତିରୂପ ସାମାଜିକ ଚଳଣି, ବିଭିନ୍ନ ଶ୍ରେଣୀର ଜୀବନଧାରା, ମଣିଷ ଚରିତ୍ର ଆଦି ପ୍ରବାଦରେ ପ୍ରକାଶିତ । ଲୋକ ବିଶ୍ୱାସରେ ଅଛି 'ଅଧୁଆ ମୁହଁରେ ଚୁଲି ଧରେ ନାହିଁ । ଚୁଲି ଧରାଇବା ପାଇଁ ମୁହଁ ଧୋଇବା ଜରୁରୀ, ଯାହା ଶୁଚିମନ୍ତ ହେବାକୁ ପ୍ରବର୍ତ୍ତାଏ । ରୋଷେଇ ପୂର୍ବରୁ ଶୁଚୀମନ୍ତ ହେବା ବିଧେୟ । ଋଣ କଲେ ଆର ଜନ୍ମରେ ମହାଜନ ବାଡ଼ିରେ ଲଙ୍କାଗଛ ହୋଇ ବୁଝିବାକୁ ପଡେ । ଏଥିରୁ ପୂର୍ବ ଜନ୍ମ ଓ ପରଜନ୍ମ ପ୍ରତି ବିଶ୍ୱାସ ଓ ଋଣ ପରିଶୋଧ କରିବାର ସାମାଜିକ ନୈତିକତା ପ୍ରକାଶିତ । ସେହିପରି କଟକରେ ରାତି ନାହିଁ ପୁରୀରେ ଜାତି ନାହିଁ' କଟକର ଆଲୋକ ମାଳା ଓ ପୁରୀର ଜଗନ୍ନାଥଙ୍କ ମହାପ୍ରସାଦର ଶ୍ରେଷ୍ଠତ୍ୱ ପ୍ରତିପାଦିତ ଜଗନ୍ନାଥଙ୍କ ଜାତିଭେଦ ହୀନତା ଏଠାରେ ସୂଚିତ ।

ଲୋକସମାଜରେ ତିନି ତୁଣ୍ଡରେ ଛେଳି କୁକୁର, ଆଣ୍ଠୁବୁଡାଇ ମୁହଁ ଚାହିଁଲେ ମଙ୍ଗଳ ନଥାଏ ଚାଖିଖୁଣ୍ଟିଆ ଫେରିଲେ ତା ସ୍ତ୍ରୀ ସଧବା ରୂପ ନିଏ (ନଈରେ ବାଳିଆ ଚହଟିଲା, ସିନ୍ଦୂର କଜ୍ଜଳ ନାଆଲୋ ରାଣ୍ଡ, ପୁଣି ଚାଖିଆ ଲେଉଟିଲା), ବାରଣ ବଢ଼େଇ କାମକୁ ଏକା ଧରମା କରିନିଏ । ପେଚା ଶବ୍ଦରେ ମରୁଡ଼ିର ଆଶଙ୍କା ଥାଏ । ନିର୍ବୋଧ ତନ୍ତୀ ଏଠାରେ ତାଳଗଛ ଡିଏଁ, ଆଳୁ ଖୋଳୁ ଖୋଳୁ ମହାଦେବ ବାହାରନ୍ତି - ଏସବୁ ଲୋକ ସଂସ୍କୃତିର ଚିତ୍ର ନିଶ୍ଚୟ । ଡକ୍ଟର ବନମାଳୀ ରଥଙ୍କ ମତରେ - "ମଣିଷର ଅଗଣିତ ଦୋଷ ଦୁର୍ବଳତା ପ୍ରତି ପ୍ରବଚନ ମାଧ୍ୟମରେ ସାମାଜିକ ଅଙ୍ଗୁଳି ନିର୍ଦ୍ଦେଶ ହୋଇଛି । ଏ ସମସ୍ତର ଲକ୍ଷ୍ୟ ସ୍ୱାର୍ଥସର୍ବସ୍ୱ ମଣିଷକୁ ତା'ର ସମସ୍ତ ସଂକୀର୍ଣ୍ଣ ଚିନ୍ତାକୁ ମୁକ୍ତ କରି ଗୋଟିଏ ଶୁଦ୍ଧ ସଂସ୍କୃତ ଚରିତ୍ରବାନ ସାମାଜିକ ବ୍ୟକ୍ତି ଭାବରେ ପ୍ରତିଷ୍ଠା ପ୍ରଦାନ କରିବା । ହଜାର ହଜାର ବର୍ଷ ଧରି ଜୀବନ ପ୍ରତି ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଦୃଷ୍ଟିଭଂଗୀ ସର୍ବକାଳୀନ ପ୍ରତିଷ୍ଠା ଲାଭକରିଛି ଓ ସାଂସ୍କୃତିକ ଚେତନାର ମୂଲ୍ୟବୋଧ ଭାବରେ ପରିଗୃହୀତ ହୋଇଛି । ଯେଉଁ ଜୀବନଧର୍ମୀ ଚିରନ୍ତନୀ ମୂଲ୍ୟବୋଧଗୁଡ଼ିକର ସାର୍ବଜନୀନ ଆବେଦନ ଅବିସମ୍ବାଦିତ ସେଗୁଡ଼ିକ ହିଁ ଜାତୀୟ ସଂସ୍କୃତିର ଶ୍ରେଷ୍ଠ ପରିଚାୟକ ।

ପ୍ରବାଦ ଓ ପ୍ରବଚନର ସୃଷ୍ଟି କେଉଁ ଆଦିମ କାଳରୁ । ସବୁଠାରୁ ବଡ଼ ଆନନ୍ଦର ବିଷୟ ଏହି ଯେ, ଏହା ମୌଖିକ ହେଲେ ମଧ୍ୟ ବହୁ କାଳ ପ୍ରଚଳିତ । ଆମର ସାମାଜିକ ଚଳଣିର ପ୍ରତିଟି ଦିଗକୁ ଏହା ଆଙ୍ଗୁଳି ନିର୍ଦ୍ଦେଶ କରିଥାଏ । ହାସ୍ୟ ଓ ବ୍ୟଙ୍ଗ ହେଉଛି ପ୍ରବାଦ ପ୍ରବଚନଗୁଡ଼ିକ ଯେମିତି ତୀକ୍ଷ୍ଣ ଧାର ପରି କାର୍ଯ୍ୟକରିଥାଏ । ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ଦୋଷ ଦୁର୍ବଳତା ପ୍ରତି ଏଗୁଡ଼ିକ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହିତ ସରଳ ଓ ସଚ୍ଚୋଟ ଜୀବନଯାପନ ପାଇଁ ମଧ୍ୟ ସଚେତନତା ସୃଷ୍ଟି କରିଥାଏ । ସରଳ ପ୍ରକାଶ ଭଂଗୀ ଭିତରେ ବହୁ ଜଟିଳ ସମସ୍ୟାର ସମାଧାନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ପ୍ରବାଦ-ପ୍ରବଚନ । ପ୍ରବାଦ-ପ୍ରବଚନ ଆକାରରେ କ୍ଷୁଦ୍ର, ମାତ୍ର ପ୍ରକାରରେ ସର୍ବାଧିକ । କ୍ଷୁଦ୍ର ସର୍ପର ବିଷ ଅଧିକ ପ୍ରବାଦ ପ୍ରବଚନଗୁଡ଼ିକ ଭାବ ପ୍ରକାଶ କ୍ଷେତ୍ରରେ ଅଧିକ ଶକ୍ତିଶାଳୀ । ପ୍ରବାଦ ଓ ପ୍ରବଚନଗୁଡ଼ିକ ମହାଶକ୍ତି ଶାଳୀ ବୀଜ, ଯାହା ଭିତରେ ଭରିରହିଛି ବିରାଟ ବୃକ୍ଷର ସମ୍ଭାବନା ।

ପ୍ରକୃତରେ ଓଡ଼ିଆ ପ୍ରବାଦ ଓ ପ୍ରବଚନରେ ଓଡ଼ିଆର ସର୍ବଶ୍ରେଷ୍ଠ ସାଂସ୍କୃତିକ ମୂଲ୍ୟବୋଧ ସଂଜୀବିତ ହୋଇଥିବା ଲକ୍ଷ୍ୟ କରାଯାଏ । ଲୋକ ସାହିତ୍ୟର ଏକ ବଳିଷ୍ଠ ବିଭାଗ ପ୍ରବାଦ-ପ୍ରବଚନରେ ଲୋକ ସଂସ୍କୃତିର ଅକପଟ ବିନ୍ୟାସଭ୍ରମ

ଟିପ୍ପଣୀ

ସୁରକ୍ଷିତ କହିବା ଯଥାର୍ଥ ହେବ । ଓଡ଼ିଆର ସାମାଜିକ ଚଳଣି, ଲୋକାଚାର ଇତ୍ୟାଦିର ଯାବତୀୟ ରୂପବହନରେ ଏହି ପ୍ରବାଦ ପ୍ରବଚନ ଏକ ସ୍ୱତନ୍ତ୍ର ଭୂମିକା ନିର୍ବାହ କରିଛି । ସୁତରାଂ ଏଥିରେ ଲୋକ ସଂସ୍କୃତିର ଚିତ୍ର ଭାସ୍ୱର ।

**ଓଡ଼ିଆ ପ୍ରବଚନରୁ କୃଷି ବିଷୟକ ସୂଚନା ପ୍ରଦାନ କର ।**

ପ୍ରବଚନ ଜୀବନଧର୍ମୀ କଳ୍ପନାର ଲଳିତ ରୂପ । ପ୍ରକୃଷ୍ଟ ବଚନ ହିଁ ପ୍ରବଚନ । ଆମ ସାମାଜିକ ଜୀବନରେ କେତେକ ଆଚରଣ ଏହି ପ୍ରବଚନ ଦ୍ୱାରା ସୁନିୟନ୍ତ୍ରିତ । ଏହା ଆପ୍ତବାକ୍ୟ ପରି ସତ୍ୟ । ଏଗୁଡ଼ିକରୁ ପୁଣି ଅଧିକତର ଥାଏ ସାର୍ବଜନୀନ ଓ ସାର୍ବକାଳୀନ ଆବେଦନ । ପ୍ରବଚନ ପୁଣି ନୀତିବାକ୍ୟ ଅର୍ଥରେ ବ୍ୟବହୃତ । କେତେକ ପ୍ରବାଦ ମଧ୍ୟ ସ୍ଥଳ ବିଶେଷରେ ପ୍ରବଚନଭୁକ୍ତ ହୋଇଥାଏ । ଓଡ଼ିଆ ଜନଜୀବନର ଚଳଣି, ଲୋକାଚାର, ସୁଖ ଦୁଃଖ, ଆଶାନିରାଶା, କୃଷି ଶିଳ୍ପ, ପୂଜା ପାର୍ବଣ ଇତ୍ୟାଦିର ସୂଚନା ଏଥିରେ ନିହିତ । ମୁଖ୍ୟତଃ ଓଡ଼ିଆ ଜାତି କୃଷିଜୀବୀ ହୋଇଥିବାରୁ ଏଥିରେ କୃଷି ସଂପର୍କରେ ଯଥେଷ୍ଟ ସୂଚନା ମିଳେ ।

ସଭ୍ୟତାର ବିକାଶରେ କୃଷିର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ସଭ୍ୟତା ଓ ସଂସ୍କୃତିର ଜାଗରଣ କୃଷି ଉପରେ ନିର୍ଭରଶୀଳ । ଓଡ଼ିଆ କୃଷିଭିତ୍ତିକ ସଂସ୍କୃତିର ବିକାଶ କୃଷି ବିକାଶ ସହିତ ସଂପୃକ୍ତ । ଓଡ଼ିଆରେ କୃଷିକୁ କେନ୍ଦ୍ର କରି ଅନେକ ପ୍ରବଚନ ରହିଛି । କେବେ ଓ କିପରି କୃଷି କରିବା ଦରକାର, କୃଷିର ପ୍ରଣାଳୀ କିପରି ହେବା ଉଚିତ୍, କେଉଁ ଋତୁରେ କେଉଁ ଫସଲ କିପରି ଚାଷ କରିବ, ସେ ସଂପର୍କରେ ଅନେକ ପ୍ରବଚନ ଅଛି । ଯଥା –

(୧) ଅଗିବାସ, ଦୋଳବାସି, ଜନବାସି
କି କରିବୁ ପୁଣ ଖଡ଼ି ଘଷି ।

(୨) ଆଗରୁଆ ଘରକୁ
ପଛରୁଆ ଗୋରୁକୁ ।

ଚାଷ କାଳରେ ରୁଆ ବେଉଷଣ ଶିଘ୍ର ହେବା ଉଚିତ । ରୁଆଧାନ ବୁଦାବାଂଧେ ଓ ଭଲ ଫଳେ । ପଛରେ ରୋଇଲେ ଗଛ ଠିକ୍ ବଢ଼ିପାରେ ନାହିଁ, ପୁଣି ପାଖଜମିରୁ ଧାନ ଉଠିଆ ହୋଇଗଲେ ଗୋରୁ ଖାଇବା ସାର ହୁଏ । ତେଣୁ ବେଳ ହୁଁ ସାବଧାନ ହୋଇ ରୁଆ ବେଉଷଣ କରିବାକୁ ହୁଏ । ପୁନଶ୍ଚ କୃଷି ପାଇଁ ଅନୁକୂଳ ପାଗ ବା ବର୍ଷା ଯୋଗ ସଂପର୍କରେ କୁହାଯାଇଛି –

"ଆଠ ଦମକାଣି ଷୋଳ ଅସରା
ବତିକି ଝିପି ଝିପି ଚୌଷଠି କୁଣ୍ଡାଝରା
ତେବେ ଯାଇ ଚଷାର ପେଟପୂରା ।

ବାଇଗଣ ଚାଷର ବିଧି ସଂପର୍କରେ ପ୍ରବଚନ ହେଉଛି –

ଆଠ ବାହୁଡ଼ା ଷୋଳ କୋଡା
ତେବେ ଖାଇବ ବାଇଗଣ ପୋଡା ।

କଦଳୀ ଚାଷ ସଂପର୍କରେ କୁହାଯାଇଛି –

ଆଠହାତ ଅନ୍ତର ଦେବିହାତଗାତ
ଜ୍ୟେଷ୍ଠ ମାସରେ କଦଳୀ ପୋତ ।

ଟିପ୍ପଣୀ

ଚାଷ ପାଇଁ ବଳଦର ଆବଶ୍ୟକ । ଜମିଚାଷ କରିବାକୁ କୃଷକ ବଳଦ ବାଂଧେ । ହଳ ବଳଦ ଚାଷୀର ମୂଳ ଅସ୍ତ୍ର । ତେଣୁ ବଳଦ ସଂପର୍କରେ ଭଲ କଥାଟିଏ ଅଛି -

"ଆଣିଥିବୁ ମୂଳା ଶିଙ୍ଗାକୁ ରସି

କାଢୁଥିବ ହିଡ଼ ମୁଣ୍ଡରେ ବସି ।' ମୂଳାଶିଙ୍ଗା ବଳଦ ଚାଷ କରନ୍ତି ନାହିଁ ବା ପାରନ୍ତି ନାହିଁ । ତେଣୁ ଏଭଳି ବଳଦ ଚାଷୀ ପାଇଁ ଉପଯୋଗୀ ନୁହେଁ । ପୁଣି ଧାନ ବୁଣିବା ସଂପର୍କରେ କୁହାଯାଇଛି –

"ଆରେ ଚଷାଭାଇ ମୋ ବୋଲ ଶୁଣ

ବେଳ ଥାଉଁ ଥାଉଁ ବୁଣିବୁ ଧାନ ।"

ପୁଣି – ଆଷାଢ଼େ ରୁଏଁ କ୍ଷେତକୁ

ଶ୍ରାବଣେ ରୁଏଁ ଫାଟକୁ ।

ଚାଷ କରି ମହୀ ଚଳେଇ ମାଟି ସମାନ କରାଯାଏ । ମାଟି ସମାନ ହେଲେ ପାଣି ଚାରିଆଡ଼କୁ ମାଡ଼ିପାରେ । ତେଣୁ କୁହାଯାଇଛି –

ଏଣୁ ତେଣୁ ପଛେ ଚଷ

ମଇ ଚାରିପଟା ଘଷ ।

ଚାଷୀର ସଫଳତା ସଂପର୍କରେ ଅଛି –

(୧) ଚାଷବାସ ବୈଶାଖ ମାସ

ଫଗୁଣେ ଗୁଣ୍ଡି ଭୋଦୁଅ ବିଣ୍ଡି

ଧାନକାଟି ଚଷା ମାରଇ ହେଣ୍ଡି ।

(୨) ଛାଡ଼ ଚଉଦ ଚଷ ଚାରି,

ବରଷଣ କର କୃଷି କିଆରି

ଉଚ୍ଚ ଉଚ୍ଚ ହିଡ଼ ଦେ

ଚାରି ଚଉଦ ବୁଝିନେ ।'

ଗୋଟିଏ କିଆରିରେ ଏକ ପ୍ରକାର ଧାନ ତିନିବର୍ଷ ଧରି କରାଯାଏ ନାହିଁ । ଫଳରେ ସେ କିଆରିରେ ଧାନ ବାଲୁଙ୍ଗା ବାରି ହୁଏ ନାହିଁ । ତେଣୁ କୁହାଯାଇଛି–

'ତିନି ବରଷରେ ଧାନ ବାଲୁଙ୍ଗା ।'

ନଡ଼ିଆ ଓ ଗୁଆ ଚାଷ ସଂପର୍କରେ ମଧ୍ୟ ପ୍ରବଚନ ଅଛି –

(୧) ନଡ଼ିଆକୁ

ନଡ଼ିଆଁ ଛତା ଲଗାତାକୁ ।'

(୨) ନଡ଼ିଆ ଲାଗଇ ବଙ୍ଗଳା ଯା

ଗୁଆ ଲଗେଇ ଘରେ ବସି ଥା ।

ଟିପ୍ପଣୀ

ବର୍ଷାର ଅନୁକୂଳ ବା ପ୍ରତିକୂଳ ସ୍ଥିତିର ବର୍ଣ୍ଣନା ମଧ୍ୟ ରହିଛି -

(୧) ପୁଷେ ବରଷେ, ସର୍ବ ନାଶେ
ମାଘେ ବରଷେ, ସୁନା ଝରେ
ଚଷାଭାଇ ଖୁଲ ଖୁଲାଇ ହସେ ।

(୨) ପୂର୍ବେ ଆଡ୍ରାବଳୀ ପଶ୍ଚିମେ ରଜ
ଡାକ ବୋଲେ ପୁଣ ନିଶ୍ଚୟ ଯୋଗ ।

ଚାଷୀର ଦୃଷ୍ଟିକୋଣକୁ ଏଥିରେ ପ୍ରେରଣା ଦିଆଯାଇଛି ଯଥେଷ୍ଟ । ତାକୁ ସତର୍କ କରାଯାଇଛି । ଯଥା–

(୧) ଫଗୁଣେ ଚଷ, ସୁନା ବସ୍
ଚଇତେ ଚଷ, କୁଟୁମ୍ବ ପୋଷ
ବୈଶାଖେ ଚଷ, ମୂଲିଆ ପୋଷ ।

(୨) ବାରମାସେ ଯଦି କରିବ ଚାଷ
ନବଗ୍ରହ ତାର କରିବେ କିସ ।’

ଏହିପରି କୃଷି ସଂପର୍କରେ ଅନେକ ପ୍ରବଚନ ରହିଛି ଯାହା ଧ୍ରୁବସତ୍ୟ ରୂପେ ପାଳିତ ଓ ମାନିତ । ଲୋକମାନେ ଏହି ପ୍ରବଚନକୁ ପ୍ରୟୋଗ କରିଥାନ୍ତି ନିଜ ନିଜର ଅଭିଜ୍ଞତା ଭିତ୍ତିରେ । ବୁଦ୍ଧିମାନ ଚାଷୀ ନିଜ ଅଭିଜ୍ଞତାରୁ ଏହି କଥା ସବୁ କହି ଅନ୍ୟମାନଙ୍କୁ ତଥା ପରବର୍ତ୍ତୀ ବଂଶଧରମାନଙ୍କୁ ଚାଷବିଧି ସଂପର୍କରେ ସଚେତନ କରାଇଆସିଛନ୍ତି । ଏହା ଆମ ଜାତୀୟ ତଥା ସାଂସ୍କୃତିକ ଜୀବନ ବୃତ୍ତର ଏକ ଅବିଚ୍ଛେଦ୍ୟ ଅବବୋଧ, ଯାହାକୁ ହଜାର ହଜାର ବର୍ଷ ଧରି ଜନମୁଖ ହୋଇ ପ୍ରଚଳିତ କରାଯାଇଛି । ଏଥିରୁ ଉତ୍କଳୀୟ ଜାତୀୟ ଜୀବନର ଚିତ୍ର ସ୍ପଷ୍ଟ ।

## ପ୍ରଶ୍ନାବଳୀ

ପ୍ର.୧ । ଲୋକଗୀତର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ଆଲୋଚନା କର ।

ପ୍ର.୨ । ଲୋକଗୀତର ଆଳଙ୍କାରିକ ବୈଶିଷ୍ଟ୍ୟ ଆଲୋଚନା କର ।

କିମ୍ବା, ଓଡ଼ିଆ ଲୋକଗୀତ କ୍ରମରେ କେତେକ ଆଳଂକାରିକ ସୂଚନା ମିଳେ ଆଲୋଚନା କର ।

ପ୍ର.୩ । ଓଡ଼ିଆ ଲୋକଗୀତରେ ସମାଜ ଚିତ୍ର ବର୍ଣ୍ଣନା କର ।

ପ୍ର.୪ । ଲୋକ ପ୍ରବାଦ ଓ ପ୍ରବଚନର ସଂଜ୍ଞା, ସ୍ୱରୂପ ସଂପର୍କରେ ଆଲୋଚନା କର ।

ପ୍ର.୫ । ଓଡ଼ିଆ ବଚନିକା (ପ୍ରବଚନ)ର ବିଭିନ୍ନ ବିଭବ ସମ୍ପର୍କରେ ଆଲୋଚନା କର ।

କିମ୍ବା, . ଓଡ଼ିଆ ପ୍ରବଚନର ଦାର୍ଶନିକ, ପାରିବାରିକ ତଥା ସାମାଜିକ ଆବେଦନ ସମ୍ପର୍କରେ ଆଲୋଚନା କର ।

ପ୍ର.୬ । ‘ପ୍ରବାଦ’ର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ଆଲୋଚନା କର ।

■■■

୩

ୟୁନିଟ୍

# ଲୋକ ନାଟକ

# ସଂଜ୍ଞା, ପ୍ରକାରଭେଦ ଓ ଲୋକପ୍ରିୟତା

## ଲୋକ ନାଟକ

ଲୋକ ସାହିତ୍ୟର ଅନ୍ୟତମ ବଳିଷ୍ଠ ବିଭାଗ ହେଉଛି ଲୋକ ନାଟକ । ଲୋକ ନାଟକ, ଲୋକ ମନୋରଞ୍ଜନର ପ୍ରଧାନ ମାଧ୍ୟମ, ପଲ୍ଲୀ ଜୀବନର ସାଧାରଣ କୃଷିଜୀବୀ ଓ ଶ୍ରମଜୀବୀ ଲୋକେ ଦିନସାରା ଶ୍ରମ କରି ଅବସନ୍ନ ହୋଇପଡନ୍ତି । କୃଷିଭିତ୍ତିକ ଜୀବନ ଚଳଣି ଭିତରେ ଏମାନେ ନାନାବିଧି ପୂଜା ପାର୍ବଣ ଓ ଓଷା-ବ୍ରତ ପାଳନରେ ଆନନ୍ଦ ଉତ୍ସବ ଇତ୍ୟାଦିରେ ମାତି ମନ ଖୋଲା ମନୋରଞ୍ଜନ କରନ୍ତି । ନୃତ୍ୟ-ଗୀତବାଦ୍ୟର ତାଳରେ ଏମାନଙ୍କର ମନୋରଞ୍ଜନ ବ୍ୟବସ୍ଥା, ଲୋକ ନାଟକ ହିଁ ସୃଷ୍ଟି କରିଥାଏ । ଲୋକନାଟକ ଲୋକ ମନୋରଞ୍ଜନର ପ୍ରଧାନ ହେତୁ, ଲୋକ ଜୀବନର ଆନନ୍ଦାନୁଷ୍ଠାନକୁ ଏହାର ଉତ୍ପତ୍ତି କେଉଁ ପ୍ରାଚୀନ କାଳରୁ ସଂଭବ ହୋଇଛି ।

### ଲୋକ ନାଟକର ସଂଜ୍ଞା ଓ ସ୍ୱରୂପ :

ନାଟ୍ୟଶାସ୍ତ୍ରର ପ୍ରଣେତା ଆଚାର୍ଯ୍ୟ ଭରତ ମୁନି ନାଟକକୁ ଲୋକବୃତ୍ତର ଅନୁକରଣ ଭାବରେ ଅଭିହିତ କରିଅଛନ୍ତି । ସେ କହନ୍ତି - "ଲୋକ ବୃତ୍ତାନୁକରଣଂ ନାଟ୍ୟ ମେତନ୍ମୟା କୃତମ୍ ।" ପୁନଶ୍ଚ ଭରତ ମୁନି ନାଟ୍ୟଶାସ୍ତ୍ର ସୃଷ୍ଟି କରିବା ପରେ ଏଥିରେ "ଲୋକଧର୍ମୀ କଥା" ଉଲ୍ଲେଖ କରିଛନ୍ତି ।

ଲୋକଧର୍ମୀ ନାଟ୍ୟ ଧର୍ମୀତି ଦ୍ୱିବିଧଃ-ସ୍ମୃତଃ

ଭାରତୀ ସାତ୍ତ୍ୱତୀ ଚୈବ କୌଶିକ୍ୟାଭଟୀ ତଥା ।"

ଯୋଽୟଂ ସ୍ୱଭାବ ଲୋକସ୍ୟ ସୁଖଦୁଃଖ ସମନ୍ୱିତଃ

ସୋଽଙ୍ଗାଦ୍ୟଭିନୟୋ ପେତୋ ନାଟ୍ୟମିତ୍ୟଭିଧୀୟତେ । (ନାଟ୍ୟଶାସ୍ତ୍ର)

ଏଠାରେ "ଲୋକଧର୍ମୀ" ଏବଂ ସ୍ୱଭାବ "ଲୋକସ୍ୟ" - ଶବ୍ଦ ଦ୍ୱାରା ଯେଉଁ ଲୋକ ଶବ୍ଦର ଉଲ୍ଲେଖ କରିଛନ୍ତି, ତହିଁରେ ସେ ଲୋକ ସମାଜର ସୁଖ ଦୁଃଖାତ୍ମକ ଅବସ୍ଥାର ଅନୁକରଣରୁ ନାଟକ ବୋଲି ଦର୍ଶାଇ ଅଛନ୍ତି । ଲୋକ ହିଁ

ଟିପ୍ପଣୀ

ସମାଜର ମୁଖ୍ୟ, ଲୋକ ସମାଜର ସୁଖ ଦୁଃଖାତ୍ମକ କାହାଣୀ ଲୋକ ସାହିତ୍ୟରେ ବିବୃତ ଓ ଅଭିନୀତ ହୁଏ । 'ଦଶରୂପକ'ରେ ଲୋକ ଅବସ୍ଥାରେ ସୁଖ ଦୁଃଖାତ୍ମକ ଅନୁଭବ ଅଭିନୟ ଭିତିରେ ନାଟକକୁ ସଂଜ୍ଞାୟିତ କରାଯାଇ କୁହାଯାଇଛି -

ଅବସ୍ଥା ଯାଦି ଲୋକସ୍ୟ ସୁଖ-ଦୁଃଖ ସମୁଭବ
ନାନା ପୁରୁଷ ସଂଚାରା ନାଟକେ ସଦ୍‌ବେଦିହ ।

(ଦଶରୂପକମ୍)

ଠିକ୍ ଏଇପରି ବ୍ୟାଖ୍ୟାନ ପ୍ରଦାନ କରିଛନ୍ତି ଆଚାର୍ଯ୍ୟ ସାଗର ନନ୍ଦୀ । ସତ୍ୟ-ଅସତ୍ୟ ସୁଖ ଦୁଃଖ ସମନ୍ୱିତ ଲୋକଙ୍କ ଅବସ୍ଥାକୁ ସେ ନାଟକ ଭାବରେ ଗ୍ରହଣ କରିଅଛନ୍ତି । ତାଙ୍କ ମତରେ -

"ଅବସ୍ଥାୟା ତୁ ଲୋକସ୍ୟ ସୁଖ-ଦୁଃଖ ସମୁଦ୍ଭବା
ସତ୍ୟ ସତ୍ୟାଭିନୟଂ ପ୍ରାଜ୍ଞୈଃ ନାଟ୍ୟ ମିତ୍ୟଭିଧୀୟତେ ।"

(ଆଚାର୍ଯ୍ୟ ସାଗରନନ୍ଦୀ)

ଭରତ ମୁନି, ଧନଞ୍ଜୟ ଏବଂ ଆଚାର୍ଯ୍ୟ ନନ୍ଦୀ ପ୍ରମୁଖ ଏଠାରେ ନାଟକ ସହିତ ଲୋକ ବୃତ୍ତିକୁ ସମନ୍ୱିତ କରିଅଛନ୍ତି । ତେବେ ଲୋକ କହିଲେ କେବଳ ଶିଷ୍ଟ ପୌର ଜନତା ଅଥବା ଅଶିଷ୍ଟ ଗ୍ରାମ୍ୟ ଜନତାଙ୍କୁ ବୁଝାଯାଏ ନାହିଁ । ଲୋକର ଅର୍ଥ ଅଧିକ ବ୍ୟାପକ । ଦୁଃଖାର୍ତ୍ତ, ଶ୍ରମାର୍ତ୍ତ, ଶୋକାର୍ତ୍ତ ଲୋକଙ୍କର ମନୋରଞ୍ଜନର ସାମଗ୍ରୀ ହେଉଛି ନାଟକ । ଦୁଃଖାର୍ତ୍ତ ଶ୍ରମାର୍ତ୍ତ ପ୍ରଭୃତିଙ୍କର ଅବସର ଓ ଅବସନ୍ନ କାଳୀନ ମନୋରଞ୍ଜନ ହିଁ ଲୋକନାଟ୍ୟ । ଆଚାର୍ଯ୍ୟ ଭରତଙ୍କ ମତରେ -

"ଦୁଃଖାର୍ତ୍ତାନାଂ ଶ୍ରମାର୍ତ୍ତାନାଂ ଶୋକାର୍ତ୍ତାନାଂ ତପସ୍ୱିନାମ୍
ବିଶ୍ରାମ ଜନନଂ ଲୋକେ ନାଟ୍ୟମେତଦ୍ ଭବିଷ୍ୟତି ।
ବିନୋଦ ଜନନଂ କାଳେ ନାଟ୍ୟମେତଦ୍ ଭବିଷ୍ୟତି ।"

(ନାଟ୍ୟଶାସ୍ତ୍ର)

ନାଟକର ସାର୍ବଜନୀନ ଅବେଦନ ଜ୍ଞାନୀ, ଗୁଣୀମାନଙ୍କ ଦ୍ୱାରା ସ୍ୱୀକୃତ । ଏଇ ସାର୍ବଜନୀନତା ପ୍ରଥମେ ଲୋକ ସମାଜରୁ ସୃଷ୍ଟି ହୋଇଥିଲା । ନାଟକର ସୃଷ୍ଟିଲୀଳାରେ ଲୋକହିଁ ମୁଖ୍ୟ । ଲୋକ ନାଟକର ଉପଭୋକ୍ତା ସମଗ୍ର ଲୋକ ସମାଜ, ଏହାର ସ୍ରଷ୍ଟା ମଧ୍ୟ ଦେଇ ଲୋକ ସମାଜ । ନାଟ୍ୟକାର ଲକ୍ଷ୍ମୀକ୍ଷର ନାୟକଙ୍କ ମତରେ, "ଯେପରି ଲୋକ ସଙ୍ଗୀତ, ଲୋକ କାହାଣୀ, ଲୋକମତ ପ୍ରଭୃତି ଶବ୍ଦ ଯୋଜନା କରି ଜନମାନସକୁ ପ୍ରୋଜେକ୍ଟ କରି ଦେଖାଇବାର ପ୍ରୟାସ, ସେଇପରି 'ଲୋକ ନାଟକ' ଶବ୍ଦ ଭିତରେ ସାମାଜିକ ଚରିତ୍ର ବା ଲୋକ ଚରିତ୍ରର ବିଭିନ୍ନ ଭାବ ଓ ଚିନ୍ତାନୁଭଙ୍ଗୀ, ଭାଷା ଓ ଅଭିନୟ ମାଧ୍ୟମରେ ଦେଖାଇ ସମବେତ ଦେଖଣାହାରୀଙ୍କ ମନରେ, ସମାଜରେ ଆତଯାତ ହେଉଥିବା ନାନା କିସମର ଲୋକଙ୍କ ସମ୍ବନ୍ଧରେ ଅବହିତ କରାଇବା ।"

ଲୋକ ନାଟକରେ ନାଟ୍ୟ ଧର୍ମ ଯାହା ହେଉନା କାହିଁକି, ଏଥିରେ ଲୋକଙ୍କର ପ୍ରତ୍ୟକ୍ଷ ଅଂଶ ଗ୍ରହଣ ମୁଖ୍ୟ ବୋଲି କେତେକ ମତ ଦିଅନ୍ତି । ଲୋକନାଟକର ଅଭିନେତା ସହିତ ଦର୍ଶକମାନେ ପ୍ରତ୍ୟକ୍ଷ ସହଯୋଗ କରନ୍ତି, ଦର୍ଶକ ମଣ୍ଡଳୀର ମଧ୍ୟ ଭାଗରେ ଏହା ଅଭିନୀତ ହୁଏ । ଲୋକଙ୍କ ନିମିତ୍ତ, ଲୋକଙ୍କ ଗହଣରେ ଓ ଲୋକଙ୍କ ସହଯୋଗରେ ଅଭିନୀତ ନାଟକଗୁଡିକ ଲୋକ ନାଟକ ରୂପେ ପରିଚିତ । xxx ଦର୍ଶକ ମଣ୍ଡଳୀର ମଧ୍ୟ ଭାଗରେ ଏହା ଅଭିନୀତ ହୋଇଥାଏ । ଏହି ନାଟ୍ୟାଭିନୟରେ ସମୟେ ସମୟେ ଦର୍ଶକମାନଙ୍କ ପ୍ରତ୍ୟକ୍ଷ ଅଂଶ ଗ୍ରହଣ ଏହାର ଲୋକନାଟ୍ୟ ରୂପକୁ ସାବ୍ୟସ୍ତ କରିଥାଏ ।"

ଆନନ୍ଦ ଦାନ ହେଉଛି ଲୋକନାଟର ସର୍ବୋତ୍ତମ ଉଦ୍ଦେଶ୍ୟ । ତେଣୁ ଯେଉଁ ନାଟକରେ ଆନନ୍ଦ ଦେବାର ସମସ୍ତ ଉପାଦାନ ନିହିତ ତାହା ବିଶେଷ ଆଦରଣୀୟ ହୋଇଥାଏ । ଆଲୋଚକଙ୍କ ମତରେ - "ଗାମୁଛା, ନ ହୋଇ ଆଣ୍ଠୁ ନ ଲୁଚା ଶାଢ଼ୀ ପିନ୍ଧି ବିଲକୁ ଯାଆନ୍ତି, ମୁଣ୍ଡ ଝାଳ ତୁଣ୍ଡରେ ମାରି ଦିନଯାକ ବିଲର ଖଟନ୍ତି, ସନ୍ଧ୍ୟାରେ ଘରକୁ ଫେରି ପଖାଳ ଡେଲାଏ ଖାଇ ଆମ ଦେଶର ମୂଲିଆ, ମଳି ମୁଣ୍ଡିଆ ଟିକିଏ ହସି ଖୁସି, ଟିକିଏ ଆନନ୍ଦ ଚାହାନ୍ତି । ଲୋକଙ୍କୁ ଆନନ୍ଦ ଦେବାର ଉପାଦାନ, ସେମାନଙ୍କ ଭୋକ ଶୋଷ ଭୁଲିଯିବାର ଉପାଦାନ, ଯେଉଁ ନାଟକରେ ଥାଏ, ତାହା ଲୋକନାଟକ । ଓଡ଼ିଆ ସାହିତ୍ୟରେ ଆଧୁନିକ ନାଟକରେ ସୃଷ୍ଟିହେଲା ଊନବିଂଶ ଶତକର ଦ୍ୱିତୀୟାର୍ଦ୍ଧରେ । ତା'ର ଅନେକ ଆଗରୁ ଲୋକନାଟକର ସୃଷ୍ଟି । ଲୋକନାଟକ ନାଚ, ଗୀତ ଓ ଅଭିନୟର ସାର୍ଥକ ସମଷ୍ଟି ।"

ଲୋକନାଟକ ଲୋକେ ମାନସିକତାର ସମର୍ଥ କଳାତ୍ମକ ଅଭିବ୍ୟକ୍ତି । ଲୋକ ଜୀବନର ସରଳତା ପରି ଲୋକନାଟକ ସରଳ, ଏବଂ ସ୍ୱାଭାବିକ । ଅତି ସହଜରେ ଏହାର ରୂପାୟନ ଘଟିଥାଏ । ଆଲୋଚକ ଡକ୍ଟର ବୈଷ୍ଣବ ଚରଣ ସାମଲଙ୍କ ଭାଷାରେ 'ଲୋକ ନାଟକରେ ଆଡ଼ମ୍ବର ନାହିଁ, ଆଟୋପ ନାହିଁ, ଅଥଚ ଲୋକ ହୃଦୟରୁ ସୃଷ୍ଟି ହୋଇ ଲୋକ ହୃଦୟରେ ଅଭିଷିକ୍ତ । ଗ୍ରାମ୍ୟ ମୁକ୍ତ ମଞ୍ଚ ଏମାନଙ୍କର ଚାରଣ ଭୂମି । ଗ୍ରାମ୍ୟ ଜନ ସାଧାରଣ ଏସବୁର ରସିକ ଉପଭୋକ୍ତା । କୃଷିଭିତ୍ତିକ ସମାଜରେ ଏସବୁର ସୃଷ୍ଟି ଓ ଅଭିନୟ ନାନା ପର୍ବ-ପର୍ବାଣି ଓ ଯାନି-ଯାତ୍ରାକୁ ନେଇ । ତେଣୁ କୃଷି ଓ ଧର୍ମ ଯେପରି ଏସବୁର ନେପଥ୍ୟର ପ୍ରେରଣା । ଏସବୁ ମଧ୍ୟରେ ଲୋକ ସଂସ୍କୃତି ପ୍ରବାହିତ । ଲୋକ ଜୀବନ ଚର୍ଯ୍ୟାର ଏଗୁଡ଼ିକ ମନ୍ମୟ ଆଲେଖ୍ୟ । ନୀତି ଅଛି, ଆଦର୍ଶ ଅଛି, ଅଛି ମଧ୍ୟ ରୁଚିହୀନ ଅଶ୍ଳୀଳ ଅଭିନୟ ।" ପୁରାଣ ଓ କାବ୍ୟ ସାହିତ୍ୟ ଯେତେବେଳେ ଦରବାରରେ ଶିଷ୍ଟ ସମାଜର ଆଦରଣୀୟ ଥିଲା, ସେତେବେଳେ ସାଧାଣ ଲୋକମଞ୍ଚରେ ଲୋକନାଟକ ହିଁ ଗ୍ରାମ୍ୟ ସମାଜ ପାଇଁ ଉପଯୁକ୍ତ ଆନନ୍ଦ ଉପଭୋଗର କ୍ଷେତ୍ର ରୂପେ ବିବେଚିତ ହେଉଥିଲା ।

ଲୋକସମାଜ ବିଶେଷତଃ ଧର୍ମପ୍ରାଣ । କୃଷିଭିତ୍ତିକ ଜୀବନ ଚଳଣିର ଅବସରରେ ଗ୍ରାମ୍ୟଜନତା ନାନା ପୂଜାପାର୍ବଣ ପାଳନ କରନ୍ତି । ଏତେବେଳେ ଧର୍ମାନୁଷ୍ଠାନ ଓ ଦେବଦେବୀ ମନ୍ଦିର ପ୍ରାଙ୍ଗଣ, ହୋଇଉଠେ ଉତ୍ସବ ମୁଖରିତ । ଧର୍ମୀୟ ଚେତନା ଓ ଉତ୍ସବପାଳନ ବିଧିରୁ ଲୋକନାଟକର ଉତ୍ପତ୍ତି ଘଟିଥିବା ଅଧିକ ଯୁକ୍ତିସଙ୍ଗତ ମନେ ହୋଇଥାଏ ।" ଲୋକନାଟକ ଲୋକ ସାହିତ୍ୟର ଅଙ୍ଗ ବିଶେଷ । ଏଥିରେ ଲୋକ ଜୀବନର ସାମୂହିକ ଉଲ୍ଲାସ ଏବଂ ସୁଖ ଦୁଃଖର ଚିତ୍ର ପ୍ରକଟିତ ହୋଇଥାଏ । ଆନନ୍ଦ ଉଲ୍ଲାସର ସ୍ମରଣୀୟ ମୁହୂର୍ତ୍ତରେ ଏସବୁର ଆୟୋଜନ କରାଯାଇଥାଏ । ଏଥିରେ ପ୍ରତିଫଳିତ ହୁଏ ସେମାନଙ୍କର ଅନୁଭବ, ଆଧାତ୍ମିକ କଥାବସ୍ତୁ ଚରିତ୍ର ମାଧ୍ୟମରେ । ପ୍ରକୃତରେ ଏହା ସ୍ୱୟଂ ପ୍ରକାଶ ଏବଂ ସ୍ୱଚ୍ଛନ୍ଦ ମଧ୍ୟ ।"

ଲୋକ ଚରିତ୍ରର ରୂପାୟନ ଲୋକନାଟକର ପ୍ରଧାନ ହେତୁ । ଲୋକନାଟକ ଲୋକ ଜୀବନ ପରି ସରଳ, ସ୍ୱଚ୍ଛନ୍ଦ, ପ୍ରକାଶ ହେତୁ, ଏହା ଶ୍ଳୀଳ ଅଶ୍ଳୀଳ ବିଚାର କରେ ନାହିଁ, ଯାହା, ସ୍ୱତସ୍ଫୂର୍ତ୍ତ, ତାହା ଆପଣା ଛାଏଁ ଆପେ ପ୍ରକାଶ ପାଇଥାଏ । ତେଣଉ ଲୋକ ମାନସର କଳା-ଚେତନାର ଏହା ହେଉଛି ଅର୍ଗଳହୀନ ଅଭିବ୍ୟକ୍ତି । "ବିଦ୍‌ଗଡ଼ ସମାଜକୁ ଅରୁଚିକର ବୋଧ ହେଲେବି, ଏହା ସେହି ସ୍ତରରେ ସୁସ୍ଥ ଓ ସୁନ୍ଦର । ଏଥିଲାଗି ଲୋକେ ଲଜ୍ଜିତ ଓ ନିନ୍ଦନୀୟ ହେବାର ହେତୁନାହିଁ । ଅକଥ୍ୟ ସମ୍ବୋଧନ, ଅପଥ୍ୟ ଉଚ୍ଚାରଣ, ଅପଶବ୍ଦକୁ ବ୍ୟବହାର ଆଶ୍ଲାଘ୍ୟ, ଅପ୍ରୀତିକର, ଶ୍ରୁତିକଟୁ ବା ରୁଚି ପୀଡ଼କ, କିନ୍ତୁ ଏହା ବ୍ୟକ୍ତିଗତ ନୁହେଁ, ଏକ ସାମାଜିକ ଅଭ୍ୟାସ ଦୋଷ । ଅକଥା କହି ବକ୍ତା ଅନୁତାପରେ ଜିହ୍ୱା ଦଂଶନ କରେ ନାହିଁ, କିମ୍ବା ଅଶ୍ରାବ୍ୟ ଶୁଣି ଶ୍ରୋତା ଉତ୍ୟକ୍ତ ହୁଏ ନାହିଁ । କଥାରେ ଗାଳି ସୁନାରେ ଖାଦପରି ମିଶ୍ରିତ । ଏହା ସ୍ନେହ ବର୍ଜିତ ନୁହେଁ ବରଂ ଆତ୍ମୀୟତାର ପରିଚାୟକ । ତେଣୁ ସ୍ୱାଦ୍ୟ, ପାଡ଼୍‌ଭେୟ । ନାଟ୍ୟକୁ ଲୋକପ୍ରିୟ କରିବାଲାଗି ଲୋକରୁଚି ଅନୁସୃତ ହୋଇଥାଏ ।

ଟିପ୍ପଣୀ

**ଲୋକ ନାଟକର ଜନ୍ମ ଜାତକ :**

ଲୋକ କାହାଣୀ, ଲୋକଗୀତ ଇତ୍ୟାଦି ଭଳି ଲୋକନାଟକର ଜନ୍ମଲଗ୍ନ ରହସ୍ୟାଛନ୍ନ । ତେବେ ଧର୍ମୀୟ ଚେତନା ସହିତ ଏହାର ଗତି ସଂପୃକ୍ତ ଥିଲା ବୋଲି କେତେକ ଅଭିମତ ପ୍ରକାଶ କରନ୍ତି । କେତେଜଣଙ୍କ ମତରେ ଯେତେବେଳେ ବିଦ୍‌ଗ୍ଧ ସମାଜ ସଂସ୍କୃତ ନାଟକ ଦର୍ଶନ କରି ଆମୋଦିତ ହେଉଥିଲେ, ସେତେବେଳେ ଲୋକ ନାଟକ ନିକଟରେ ମନୋରଞ୍ଜନର ମୁଖ୍ୟ ସାମଗ୍ରୀ ଥିଲା ଲୋକନାଟକ । କାରଣ ସଂସ୍କୃତ ନାଟକ ଗୁଡ଼ିକର ଅଭିନୟ ସ୍ଥଳ ଥିଲା ମେଘନାଦ ପ୍ରାଚୀର ଶୋଭିତ ରାଜଦରବାର ଅଥବା ଦେବଦେବୀଙ୍କ ମନ୍ଦିର ପ୍ରାଙ୍ଗଣ, ଯେଉଁ ସ୍ଥାନକୁ ସମଗ୍ର ଲୋକ ସମାଜରେ ପ୍ରବେଶ ପାଇଁ ଯୋଗ୍ୟତା ନଥିଲା । ପୁନଶ୍ଚ ପଣ୍ଡି ଭାଷା ବହୁଳ ସଂସ୍କୃତ ନାଟକର ଭାଷା ବୁଝିବାରେ ଗାମୀଣ ନିରକ୍ଷର ଲୋକସମାଜ ମଧ୍ୟ ଯୋଗ୍ୟ ଥିଲେ । "ସଂସ୍କୃତ ନାଟକ ପରମ୍ପରା ସହିତ ଏ ଦେଶର ଲୋକନାଟ୍ୟ ପରମ୍ପରା ସମାନ୍ତରାଳ ଗତିରେ ଚାଲିଥିଲା । ସାଧାରଣ ଜନତାର ପ୍ରକୃତି ତୁଲ୍ୟ ଏଗୁଡ଼ିକ ଥିଲା ପ୍ରକାଶରେ ସରଳ ଉଚ୍ଛଳ ଏବଂ ଉଥିତ କଳାତ୍ମକ । ସାଧାରଣ ଚିନ୍ତାଧାରା ଏଥିରେ ପ୍ରକଟିତ ହେଉଥିଲା । ସ୍ୱର୍ଗର ଦେବତା ଏଥିରେ ଜନସାଧାରଣ ମଧ୍ୟକୁ ଓହ୍ଲାଇ ଆସି ଅତି ସାଧାରଣ ମାନବିକ କର୍ମରେ ଅଂଶଗ୍ରହଣ କରୁଥିଲେ । ହଳଧାରୀ ଶିବ ଭୂମି କର୍ଷଣ କରୁଥିଲେ, ଲକ୍ଷ୍ମୀ ସ୍ୱାମୀ ଗୃହରୁ ବିତାଡ଼ିତ ହେଉଥିଲେ । ସାମନ୍ତ ବର୍ଗର ଚିନ୍ତା ପ୍ରକାଶର ଜଟିଳତା ଏଥିରେ ନଥିଲା । ନାଟ୍ୟ ଶାସ୍ତ୍ରର କୌଣସି ତତ୍ତ୍ୱ ଏଥିରେ ଅନୁସୃତ ହେଉନଥିଲା । ଗତାନୁଗତିକ ଜୀବନ ଯାତ୍ରାର ବିରକ୍ତିକର ଅଭିଜ୍ଞତାରୁ କ୍ଷଣକାଳ କଳ୍ପଲୋକର ରହସ୍ୟମୟ ପରିବେଶରେ ଘୂରିବୁଲି ଆତ୍ମବିସ୍ମୃତ ହେବାର କାମନାରୁ ଏଗୁଡ଼ିକର ସୃଷ୍ଟି । ସଂସ୍କୃତ ନାଟକ ସୃଷ୍ଟିର ବହୁ ପୂର୍ବରୁ ସମାଜର ସୃଷ୍ଟି ସହିତ ଏଗୁଡ଼ିକର ଜନ୍ମ ।

ପ୍ରାଚୀନ ମାନବର ଗଣଜୀବନ ଚର୍ଯ୍ୟାରୁ ଉପାଦାନ ସଂଗ୍ରହ କରି ଲୋକନାଟକ ସୃଷ୍ଟି ହୋଇଥିବା କଥା ଆଲୋଚକମାନେ ସ୍ୱୀକାର କରନ୍ତି । ନାଟ୍ୟଶାସ୍ତ୍ର ପ୍ରଣେତା ଭରତ ମୁନିଙ୍କ 'ଲୋକଧର୍ମୀ' ଶବ୍ଦରୁ ଲୋକନାଟକର ଲୋକଧର୍ମିତାକୁ ଗ୍ରହଣ କରାଯାଇଥାଏ । ବୈଦିକ ଯୁଗରେ ଜନ ମନୋରଂଜନରୁ ଲୋକନାଟକ ସୃଷ୍ଟି ହେବା କଥା ମଧ୍ୟ ସ୍ୱୀକାର କରାଯାଇପାରେ । ବୌଦ୍ଧକାଳୀନ ସମାଜରେ ଲୋକ ପରମ୍ପରା ଭାବରେ 'ସମାଜ' ଶବ୍ଦ ବ୍ୟବହୃତ ହେଉଥିଲା । ହୁଏତ ଅଶୋକ ଏବଂ ଖାରବେଳଙ୍କ ଶିଳାଲେଖରେ ରହିଥିବା ଏଇ 'ସମାଜ' ଶବ୍ଦଟି ଏହାର ପ୍ରାଚୀନତା ସୂଚକ ହୋଇପାରେ ।

ଆଦିମାନବ ବିଭିନ୍ନ ଆନନ୍ଦ ଉତ୍ସବ ସମୟରେ ଆନନ୍ଦଚିତ୍ତରେ ନୃତ୍ୟ-ଗୀତାଦି ପ୍ରଦର୍ଶନ କରୁଥିବା ସ୍ୱାଭାବିକ । କାରଣ ଉତ୍ତାଳ ପ୍ରକୃତିର ନୃତ୍ୟ, ଝରଣାର କଳନାଦ, ଏବଂ ପକ୍ଷୀର କାକଳି ଇତ୍ୟାଦିକୁ ମଣିଷ ଅନୁସରଣ କରିବା ଓ ଏହାକୁ କଳାତ୍ମକ ଭାବରେ ପ୍ରକାଶ କରିବା ଥିଲା ଯଥାର୍ଥରେ ଲୋକନାଟକ ସୃଷ୍ଟିର ମୂଳହେତୁ । ପୁନଶ୍ଚ ପ୍ରାଚୀନ ମଣିଷ ଥିଲା ଧର୍ମଭୀରୁ । ଧର୍ମ ଓ ନୀତିବୋଧର ପରିପ୍ରଚାର ପାଇଁ ମଧ୍ୟ ସେ ଅଭିନୟକୁ ବଳିଷ୍ଠ ମାଧ୍ୟମ ଭାବରେ ଗ୍ରହଣ କରିବା ସ୍ୱାଭାବିକ । ଏଦୃଷ୍ଟିରୁ ବୌଦ୍ଧକାଳୀନ ସମାଜରେ ଜନମନୋରଂଜନର ବ୍ୟବସ୍ଥା କ୍ରମରେ ଲୋକନାଟକ ସୃଷ୍ଟି ହୋଇଥିଲା । ହିନ୍ଦୁ ଧର୍ମରେ ସେତେବେଳକୁ ପୁରାଣ ପରମ୍ପରାର ଦୃଢ଼ ଭିତ୍ତି ହୋଇଥିଲା ସଂସ୍ଥାପିତ ।

ଦଶମ ଓ ଏକାଦଶ ଶତକ ବେଳକୁ ରାଜ ଦରବାର ଓ ଶିଷ୍ଟଜନମଣ୍ଡଳିରେ ସଂସ୍କୃତ ନାଟକର ବ୍ୟାପକ ପ୍ରଭାବ ହେଉଥିବା ସମୟରେ ଲୋକ ସମାଜରେ ଆଦରଣୀୟ ଥିଲା ଲୋକ ନାଟକ । ଲୋକନାଟକ ଏକ ବୃହତ୍ତର ସମାଜର ମନୋରଂଜନ କରୁଥିବା ହେତୁ ଏହା ଥିଲା ଅଧିକ ଲୋକପ୍ରିୟ । ତେଣୁ ସଂସ୍କୃତ ନାଟକ ଗୁଡ଼ିକରେ ସଂସ୍କୃତଭାଷା ସହିତ

ପ୍ରାକୃତଭାଷାର ପ୍ରୟୋଗ କରାଗଲା । କାରଣ ସଂସ୍କୃତ ଶବ୍ଦଗୁଡ଼ିକ ଲୋକସମାଜରେ ବୋଧଗମ୍ୟ ହେଉନଥିଲା । ଲୋକ ସମାଜ ବୃହତର ସମାଜ । ଏ ସମାଜର ମନୋରଂଜନ, ଧର୍ମଭାବନା, ନୀତିବୋଧକତାଦିର ପରିପ୍ରକାଶ ଘଟାଇବା ଉଦ୍ଦେଶ୍ୟରେ ଲୋକନାଟକ ସୃଷ୍ଟି ବିଦଗ୍ଧ ନାଟକ ସୃଷ୍ଟିର ବହୁପୂର୍ବରୁ ସମ୍ଭବ ହୋଇଥିଲା । ପୁରାଣ ଯୁଗର ପରବର୍ତ୍ତୀ ସମୟରେ ଏହା ପୁରାଣ ପରମ୍ପରାକୁ ଅନୁଗ୍ରହଣ କରି ହେଲା ସଂମୃଦ୍ଧ ।

ଲୋକ ନାଟକର ସୃଷ୍ଟି ଲୋକ ସମାଜର ସମକାଳରୁ । ପ୍ରଥମେ ଆନନ୍ଦ ଅନୁଭୂତି ପ୍ରକାଶ ହେତୁ, ଲୋକ ସମାଜରେ ଲୋକନୃତ୍ୟ ପ୍ରବର୍ତ୍ତିତ ହେବା ଅଧିକ ସମ୍ଭବ । ଲୋକନୃତ୍ୟ କାଳକ୍ରମେ ପରିବର୍ତ୍ତିତ ରୂପ ନେଇ ଲୋକ ନାଟକରେ ପରିଣତ ହୋଇଛି । ପ୍ରାଚୀନ ସମାଜରେ ପରିବର୍ତ୍ତନ ସହିତ ଲୋକକଳା ଓ ଲୋକ ନାଟକର ସାମାନ୍ୟ ପରିବର୍ତ୍ତନ ସମ୍ଭବ ହୋଇଥିବା ମନେ ହୋଇଥାଏ । ଆର୍ଯ୍ୟ ଦ୍ରାବିଡ଼ ସଭ୍ୟତାର ମିଶ୍ରଣରେ ଏ ସମାଜ, ପରିବର୍ତ୍ତିତ ପରିପ୍ରେକ୍ଷୀରେ ଆର୍ଯ୍ୟମାନଙ୍କର ରୂପ ବିଦ୍‌ଗଧ ସମାଜ ରୂପେ ଏବଂ ଦ୍ରାବିଡ଼ମାନଙ୍କ ରୂପକୁ ଲୋକ 'ସମାଜ' ରୂପେ ଗ୍ରହଣ କରାଯାଇଛି । ପ୍ରତ୍ୟେକ ନାଟ୍ୟକଳା ବିଦ୍‌ଗଧ ବୃତ୍ତ ଏବଂ ଲୋକବୃତ୍ତ ଉଭୟ ଭେଦରେ ବିଭକ୍ତ । ବିଶ୍ୱର ନାଟ୍ୟ କ୍ଷେତ୍ରରେ ବିଦ୍‌ଗଧ ନାଟକ ସୃଷ୍ଟି ପୂର୍ବରୁ ଲୋକ ନାଟକରେ ସୃଷ୍ଟି ହୋଇଥିବା କଥା ଅଧିକାଂଶ ଆଲୋଚକ ସ୍ୱୀକାର କରିଛନ୍ତି ।

ପ୍ରାଚୀନ ସମାଜର ଧର୍ମୀୟ ଚେତନା ସହିତ ଲୋକ ଚିତ୍ତର ସମ୍ପର୍କ ଅତି ନିବିଡ଼ । ଅନେକ ସମୟରେ ଲୋକମାନେ ବିବିଧ ଧର୍ମାନୁଷ୍ଠାନ କରି, ଏହା ସହିତ ଯେଉଁ ଆନନ୍ଦ ଉତ୍ସବର ଆୟୋଜନ କରୁଥିଲେ, ତହିଁରୁ ଲୋକନୃତ୍ୟ ବା ସାମୂହିକ ନୃତ୍ୟର ସୃଷ୍ଟି । ତେବେ ଏହାର ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରିବା ଗବେଷଣା ସାପେକ୍ଷ । ସମୂହ ଜୀବନ ଯାପନ, ସାମାଜିକ ଭାବବୋଧ ଏବଂ ଧର୍ମ-ଚେତନାର ସମ୍ମେଳନ ସମୟରୁ ଲୋକନାଟକ ସୃଷ୍ଟି ହେବା କଥା ଆଲୋଚକ ମାନେ ସ୍ୱୀକାର କରନ୍ତି । ସମାଲୋଚକ ଡକ୍ଟର ରତ୍ନାକର ଚଇନିଙ୍କ ଭାଷାରେ - "ବିଭିନ୍ନ ସମୟରେ ଧର୍ମୀୟ ଗଣ୍ଡିଭିତରୁ ମନସ୍କାମନା ପୂରଣ ଜନିତ ପ୍ରେରଣାହିଁ ଲୋକ ନାଟକର ଜନ୍ମ ଓ ପ୍ରତିଷ୍ଠା ଲାଭ କରିବା ଦିଗରେ ସହାୟକ ହୋଇଛି । ପ୍ରାଚୀନ କାଳରୁ ସାମୂହିକ ଆନନ୍ଦମୟ ମୁହୂର୍ତ୍ତରୁ ଜନ୍ମ ନେଇଥିବା କଳାକୁ ମଧ୍ୟ ଲୋକ ନାଟକର ଆଦି ପିତାର ସମ୍ମାନ ଦିଆଯାଇପାରେ । ଏକଥା ନିଶ୍ଚିତ ଭାବେ ସ୍ୱୀକାର କରାଯାଇପାରେ ଯେ, ଲୋକ ନାଟକ କୌଣସି ନିର୍ଦ୍ଦିଷ୍ଟ ଦିନଠାରୁ ବା ନିର୍ଦ୍ଦିଷ୍ଟ କାଳଠାରୁ ସୃଷ୍ଟି ହୋଇନାହିଁ । ମାନବର ହୃଦୟରେ ସାମୂହିକ ଆନନ୍ଦ ଲାଭର ପ୍ରେରଣା ଦେଖା ଦେଇଥିବା ସମୟଠାରୁ ଏହା ପ୍ରତିଷ୍ଠିତ ହୋଇ ଆସିଛି । ତେଣୁ ବେଦ ସୃଷ୍ଟି ହେବା କାଳରେବି ଲୋକ ନାଟକ ଥିବା କଥାକୁ ସନ୍ଦେହ କରାଯାଇ ନପାରେ ।"

ବିଦ୍‌ଗଧ ନାଟକର ସୃଷ୍ଟି ପୂର୍ବରୁ ଲୋକ ନାଟକ ସୃଷ୍ଟି ହୋଇଛି । ସାମୂହିକ ଆନନ୍ଦ ବୋଧ ଓ ଦୈହିକ ଉଲ୍ଲାସ ଭିତରୁ ଲୋକନୃତ୍ୟର ଜନ୍ମ । ଲୋକ ନୃତ୍ୟ କ୍ରମେ ବାଦ୍ୟଗୀତ ସହିତ ସମନ୍ୱିତ ହେବାରେ ଲୋକ ନାଟକରେ ପରିଣତ ହୋଇଛି । ଲୋକ ନାଟକର ପରିମାର୍ଜିତ ରୂପ ବୋଧହୁଏ ବିଦ୍‌ଗଧ ନାଟକ ଭାବରେ ପରିଗଣିତ । ପ୍ରାଚୀନ ଲୋକନାଟକ ପ୍ରତି ସତର୍କ ଦୃଷ୍ଟିପାତ କଲେ, ଅଧିକାଂଶ ନାଟକରେ ଲୋକ ନାଟକର ବଳିଷ୍ଠ ପ୍ରଭାବ ଅନୁଭୂତ ହୋଇଥାଏ । ଲୋକମାନଙ୍କର ଜନ୍ମ ଲଗ୍ନ ଅତି ପ୍ରାଚୀନ ଏବଂ ଏହାର ପରମ୍ପରା ମଧ୍ୟ ଅତି ସୁଦୃଢ଼ ବୋଲି କହିବା ଯଥାର୍ଥ ହେବ ।

ଲୋକ ସାହିତ୍ୟର ପ୍ରତି ବିଭାଗ ମୌଖିକ, କିନ୍ତୁ ଲୋକ ନାଟକ କ୍ଷେତ୍ରରେ ଏଇ ସତ୍ୟର ସାମାନ୍ୟ ବ୍ୟତିକ୍ରମ ଘଟିଛି । ଲୋକ ଗୀତ ଓ ଲୋକ କାହାଣୀ, ପ୍ରବାଦ, ପ୍ରବଚନ ପରି ଲୋକ ନାଟକ ଲୋକ ନୃତ୍ୟ ସ୍ତରରେ ମୌଖିକ ଥିଲା, କିନ୍ତୁ ଅନେକ ପ୍ରାଚୀନ ପୋଥିରେ ଲୋକ ନାଟକର କିଛି କିଛି ଲିଖିତ ରୂପ ପରିଦୃଷ୍ଟ ହୁଏ । ତେଣୁ ଲିଖିତ ଓ ମୌଖିକ

ଟିପ୍ପଣୀ

ଉଭୟ ରୂପରେ ଲୋକ ନାଟକର ବିକାଶ ସଂଭବ ହୋଇଛି । ଲୋକ ନାଟକ ନାଟ୍ୟ ଜଗତର ଆଦି ପିତାର ସମ୍ମାନ ବହନ କରିବସେ ।

ଲୋକନାଟ୍ୟର ପ୍ରାଚୀନତା ଏହାର ପରମ୍ପରା ସଂପର୍କରେ କୁହାଯାଇଛି 'ଏ ଗୁଡିକର ସୃଷ୍ଟି ମୂଳରେ (କ) ଆଞ୍ଚଳିକ ବା ଗୋଷ୍ଠୀଗତ ଚିତ୍ତବିନୋଦ ମନୋବୃତ୍ତି ରହିଛି । ଆହୁରି ମଧ୍ୟ (ଖ) ଶାରୀରିକ ଓ ମାନସିକ ବ୍ୟାଧିରୁ ମୁକ୍ତ ହେବା ପାଇଁ ଧର୍ମର ପ୍ରେରଣା ଏକ୍ଷେତ୍ରରେ ଭୂମିକା ନେଇଛି । (ଗ) ପରବର୍ତ୍ତୀ କାଳରେ ଜାତୀୟ ଐକ୍ୟ ସୃଷ୍ଟି ନିମିତ୍ତ ଧର୍ମୀୟ ଚିନ୍ତା ସହିତ ବୀରଗାଥା ଆସି ଜଡ଼ିତ ହୋଇଛି । (ଘ) କୌଣସି ବୌଦ୍ଧିକ ଛଳନା ବା ପରଦାର ଆଶ୍ରୟ ନ ନେଇ ଜନ ମାନସର ଚିନ୍ତାଧାରାକୁ ଯଥାର୍ଥ ଭାବରେ ପରିପ୍ରକାଶ କରିବାର ସ୍ପୃହା ଏଠି ବେଶି ପରିମାଣରେ ଦେଖାଦେଇଛି । ଲୋକ ଚିତ୍ତରେ ପ୍ରାଥମିକ କାଳରୁ ଧର୍ମ ପ୍ରତିଥିବା ପ୍ରଗାଢ଼ ବିଶ୍ୱାସହିଁ ଲୋକ ନାଟକର ମୂଳପିଣ୍ଡ ହୋଇଛି ।

## ଲୋକନାଟକର ବିବିଧ ଉତ୍ସ :

ଲୋକନାଟକର ବର୍ଣ୍ଣାଢ୍ୟ ରୂପ ବିଭବକୁ ଅନୁଧ୍ୟାନ କଲେ ଏହା ଗୋଟିଏ ଦିନରେ ସୃଷ୍ଟି ହୋଇନାହିଁ ବୋଲି କୌଣସି ସଚେତନ ଆଲୋଚକ ଉପଲବ୍ଧି କରିବେ । ଲୋକନାଟକର ବିଚିତ୍ର ବର୍ଣ୍ଣବିଭା ସୃଷ୍ଟି ଲାଭ କରିବା ପାଇଁ ସମୟର ସ୍ପନ୍ଦନକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । କାରଣ ସମୟହିଁ ଆଦିମାନବକୁ ପରିଣତ କରିଛି ଆଧୁନିକ ମାନବରେ । ମାନବୀୟ ବୌଦ୍ଧିକତା ଓ ରୁଚିବୋଧ ସହିତ ତା'ର ମନୋରଂଜନର ମାଧ୍ୟମ ଗୁଡିକ ପରିବର୍ତ୍ତିତ ହୋଇଥିବା ସ୍ୱାଭାବିକ ଜାଙ୍ଗଲିକ ପରିବେଶ ମଧ୍ୟରେ ବାସକରୁଥିବା ଆଦିମାନବ ପ୍ରଥମେ ପ୍ରାକୃତିକ ରୂପସଭା ଦେଖି ଆଲୋଡ଼ିତ ହୋଇଛି । ପତ୍ରମର୍ମର, ଝରଣାର ଝର୍ଝର, ପକ୍ଷୀରକାକଳି, ବୃକ୍ଷଶାଖାର ଆନ୍ଦୋଳନ ଇତ୍ୟାଦି ଆଦିମାନବର ମନୋଭୂମିରେ ଜାଗ୍ରତ କରିଥିଲା ଅଭିନୟସ୍ପୃହା । ଏହା ବ୍ୟତୀତ ପ୍ରଚଣ୍ଡ ରୌଦ୍ର, ପ୍ରବଳ ପ୍ରଭଞ୍ଜନ, ସୁଦୀର୍ଘ ବାରିପାତ ଇତ୍ୟାଦି ଆଦିମାନବକୁ ଭୀତ ଓ ଆମୋଦିତ କରିଛି । ତେଣୁ ତା' ଅନ୍ତରରେ ସଂଜାତ ହୋଇଛି ଭାବପ୍ରବଣତା । ଏହି ଭାବପ୍ରବଣତା ତା'କୁ କରିଛି ନୃତ୍ୟଶୀଳ । ପକ୍ଷୀର କାକଳିକୁ ସେ ହୁଏତ ଅନୁକରଣ କରିଛି ନିଜର କଂଠରେ – ସୃଷ୍ଟି ହୋଇଛି ସଂଗୀତର ମୂର୍ଚ୍ଛନା । ତେଣୁ ନୃତ୍ୟ-ସଂଗୀତର ସୃଷ୍ଟି ଆଦିମାନବର ଆନନ୍ଦ ବୋଧ ଓ ଅନୁକରଣ ପ୍ରବଣତାରୁ ସୃଷ୍ଟି ହେବା କଥା ସମାଜତାତ୍ତ୍ୱିକ ଦୃଷ୍ଟିକୋଣରୁ ସଂଭବ ବୋଲି କୁହାଯାଇପାରେ ।

ଦ୍ୱିତୀୟତଃ ଧର୍ମତାତ୍ତ୍ୱିକ ଦୃଷ୍ଟିକୋଣରୁ ବିବେଚନା କଲେ ଜଣାଯାଏ ଯେ ଆଦି-ମାନବ ମନସର ଧର୍ମଭାବନାହିଁ ଲୋକନାଟକ ସୃଷ୍ଟି କ୍ଷେତ୍ରରେ କରିଛି ସହାୟତା । ପ୍ରକୃତରେ ଦୁର୍ଲଙ୍ଘ୍ୟ ଶକ୍ତି ନିକଟରେ ମାନବର ସୀମିତ ଶକ୍ତି ହାର ମାନୁଥିଲା । ସେଇଠି ମାନବ ପ୍ରକୃତି ନିକଟରେ ହେଲା ନତଜାନୁ । ପ୍ରକୃତିର ରହସ୍ୟକୁ ଭେଦକରି ନପାରି ମାନବ ପ୍ରକୃତିକୁ ଦେବତା ରୂପରେ ସ୍ତୁତି କରୁଥିଲା । ମାନବର ଆକୁଳ ଆକୁତି ସ୍ଥଳ ବିଶେଷରେ ଆତ୍ମ ବିନୋଦନରେ ପରିଣତ ହୋଇଥିଲା । ତେଣୁ ମାନବୀୟ ଚିତ୍‌ଲୋକର ବ୍ୟାକୁଳତାରୁ ସୃଷ୍ଟି ହେଉଥିବା ଶୋକ, ଘୃଣା, ଭୟ ଇତ୍ୟାଦି ଭାବପ୍ରକାଶ ପାଇଲା । ଏହାଦ୍ୱାରା ଆପଣାର ମନୋଭାବକୁ ସେ ଅପର ନିକଟରେ ପ୍ରକାଶ କରିବା ସମୟରେ ଏଗୁଡିକ କ୍ରମେ ଅଭିନୟର ପ୍ରତିରୂପ ଭାବରେ ପରିସ୍ଫୁଟ ହେଲା । ଆଦିମ ମାନବର ଭୟ ଓ ଆନନ୍ଦବୋଧ ତା ଭିତରେ ସଂଚାର କରିଥିଲା ଭୟ ଓ ଭକ୍ତି ଭାବନା । ଏସବୁର ଅଭିବ୍ୟକ୍ତି ଅଭିନୟ ଓ ସଂଗୀତ ଆକାରରେ ହେଲା ସଂଭବ । ମାନବର ଯାଯାବର ଜୀବନଠାରୁ ଗୋଷ୍ଠୀ ଜୀବନଯାଏ ଏଇ ସଂବଭାବନାହିଁ ମୁଖ୍ୟ ହୋଇ ରହିଲା । ଗୋଷ୍ଠୀ ଜୀବନରୁ ଗ୍ରାମ୍ୟ ଜୀବନର ସୂତ୍ରପାତ ଘଟିଲା । ସରଳ ଗ୍ରାମୀଣ ମଣିଷ ଭିତରେ ବସା ବାନ୍ଧିଥିବା ଦୈବବାଦରୁ ଧର୍ମ ଚେତନା ହେଲା ବଳିଷ୍ଠ । ନିଜର ଉପାସ୍ୟ ଦେବ-ଦେବୀଙ୍କୁ ସନ୍ତୁଷ୍ଟ କରିବାପାଇଁ ସେ ତାଙ୍କ ସମ୍ମୁଖରେ ବାଦ୍ୟ ବାଦନ କଲା, ସଂଗୀତ ଗାନ କଲା ଏବଂ

ଟିପ୍ପଣୀ

ଅଙ୍ଗଭଙ୍ଗୀ ପ୍ରଦର୍ଶନ କରି ନୃତ୍ୟ କଲା । ଓଡ଼ିଆ ଲୋକନାଟକ ଭିତରେ ଅଧିକ ସଂଖ୍ୟକ ଲୋକନାଟକ ସୃଷ୍ଟି ଅନ୍ତରାଳରେ ଏଇ ଦୃଢ଼ ଧର୍ମଭାବନାହିଁ ନିହିତ । ଦଣ୍ଡ, ଛଉ ଓ ଘୋଡ଼ାନାଚ ଇତ୍ୟାଦି ଏଇ କାରଣରୁ ସୃଷ୍ଟି ହୋଇଥିବା ଅନୁମିତ ହୁଏ ।

ଓଡ଼ିଆର ଧର୍ମଧାରଣା ଗୁଡ଼ିକ ଓଷାବ୍ରତ ପାଳନବିଧି ଓ ପୁରାଣ ପରମ୍ପରା ସହିତ ଘନିଷ୍ଠ ଭାବରେ ସଂପୃକ୍ତ । ଓଡ଼ିଶାରେ ବିଭିନ୍ନ ଦେବ-ଦେବୀ ପୂଜା ପାର୍ବଣ ଇତ୍ୟାଦି ବହୁ ଆନନ୍ଦ ଉତ୍ସବ ସବୁ ଅନୁଷ୍ଠିତ ହୋଇଥାଏ । ବିଭିନ୍ନ ଜାତିର ମଣିଷ ପାଳନ କରନ୍ତି ସେମାନଙ୍କ ଜାତିଭିତ୍ତିକ ପର୍ବ-ପର୍ବାଣି । ଏଇ ଧର୍ମୀୟ ଉତ୍ସବ ପାଳନକୁ ଅଧିକ ସୁନ୍ଦର କରିବାପାଇଁ ଏହାକୁ ସଂଗୀତନୃତ୍ୟାଦି ସହିତ ସମନ୍ୱିତ କରାଯିବାରୁ ଲୋକନାଟକ ପାଇଁ ଭିନ୍ନ ଉତ୍ସ ସୃଷ୍ଟି ହେଲା । ଅପରପକ୍ଷରେ ଧର୍ମ ପ୍ରାଣ ଓଡ଼ିଆ ପୁରାଣରେ ବର୍ଣ୍ଣିତ ଦେବଦେବୀଙ୍କ ନିକଟରେ ପ୍ରଚଣ୍ଡ ବିଶ୍ୱାସ ବଢ଼ିଲା । ପୁରାଣବର୍ଣ୍ଣିତ ଦେବଦେବୀଙ୍କର ଅଲୌକିକ ମହିମାକୁ ପ୍ରଖ୍ୟାପନ କରିବାପାଇଁ ମଧ୍ୟ ସେ ଗୀତ ନୃତ୍ୟକୁ ମାଧ୍ୟମ ରୂପେ ଗ୍ରହଣ କଲା । ଆପାତତଃ ଲୀଳା ପର୍ଯ୍ୟାୟର ଲୋକନାଟକ ଗୁଡ଼ିକ ଏଇ କାରଣରୁ ଉତ୍ପତ୍ତି ହୋଇ ପରିପୁଷ୍ଟ ହୋଇଥିବା ଜଣାଯାଏ ।

କୃଷିପ୍ରଧାନ ଓଡ଼ିଶାର କୃଷିଭିତ୍ତିକ ଜୀବନ ଚଳଣି ଓଡ଼ିଆ ଲୋକନାଟକ ଧାରାକୁ କରିଛି ପ୍ରଭାବିତ । କୃଷିପରି ଏକ ଜୀବନ ସାଧନା କ୍ଷେତ୍ରରେ କୃଷିଜାତ ସଂପଦର ଉତ୍ପାଦନ ସମୟ ହିଁ ସବୁଠାରୁ ଆମୋଦଦାୟକ । ଏଇ ସମୟରେ କୃଷିଜୀବୀମାନେ ଆନନ୍ଦ ଉତ୍ସବରେ ରହନ୍ତି ପ୍ରମତ୍ତ । ପୁରାଣ ବର୍ଣ୍ଣିତ ଦେବୀ ଲକ୍ଷ୍ମୀକି ଆରାଧନା କରିବା ସହିତ ଫସଲକଟାର ମଧୁର ଗାନରେ ଏମାନେ ହୁଅନ୍ତି ଆମୋଦିତ । ଏମାନଙ୍କ ଏଇ ଆମୋଦହିଁ ଲୋକନାଟକ ପାଇଁ ଏକ ପ୍ରସାରିତ ଅୟନ ସୃଷ୍ଟି କରିଛି । ପଶ୍ଚିମ ଓଡ଼ିଶାର କରମା, ଡାଲଖାଇ ଇତ୍ୟାଦି କେତେକ ବୃନ୍ଦନୃତ୍ୟ ସୃଷ୍ଟିର ଅନ୍ତରାଳରେ କୃଷି ସଭ୍ୟତାର ଚିହ୍ନ ସୁସ୍ପଷ୍ଟ ।

ଓଡ଼ିଶାର ସୁଦୀର୍ଘ ସାମରିକ ପରମ୍ପରା । ଲୋକନାଟକ ସୃଷ୍ଟି କ୍ଷେତ୍ରରେ ଯଥେଷ୍ଟ ଉତ୍ସାହ ସୃଷ୍ଟି କରିଛି । ସୁସଂମୃଦ୍ଧ ଓଡ଼ିଶାର ଯୁଦ୍ଧବିଜିତ ପାଇକମାନଙ୍କୁ ସଂବର୍ଦ୍ଧିତ କରାଯାଉଥିଲା । ନୃତ୍ୟଗୀତ ମାଧ୍ୟମରେ ସେମାନଙ୍କ ବୀରତ୍ୱକୁ କରାଯାଉଥିବା ସମ୍ମାନିତ । ପୁରାଣ ପୃଷ୍ଠାର ବୀରତ୍ୱପୂର୍ଣ୍ଣ ଯୁଦ୍ଧ କାହାଣୀକୁ ଦୃଶ୍ୟ ମାଧ୍ୟମରେ ଦେଖାଇବାର ପ୍ରୟାସ ଓ ବୀରତ୍ୱ ପ୍ରକଟନର ଉଦ୍ଦେଶ୍ୟରୁ କେତେକ ଲୋକନାଟକ ସୃଷ୍ଟି ହୋଇଅଛି । ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ ଇତ୍ୟାଦି ଅଂଚଳର ପାଇକ ଅଖଡ଼ାମାନ ଏହାର ଦୃଷ୍ଟାନ୍ତ । ପାଇକ ନୃତ୍ୟର ଚମତ୍କାର ଅସିଚାଳନା ଓ ଫରିଖେଳ ଇତ୍ୟାଦି ଏହାର ସଫଳ ଦୃଷ୍ଟାନ୍ତ ।

ଓଡ଼ିଆ ଲୋକନାଟକର ବିକାଶଧାରାକୁ ଓଡ଼ିଶାର କଳା-ସ୍ଥାପତ୍ୟାଦି ବହୁଭାବରେ କରିଛି ପ୍ରଭାବିତ । ଉତ୍କର୍ଷ
କଳାର ଦେଶ ଉତ୍କଳର କଳାସ୍ଥାପତ୍ୟର ସୁନ୍ଦର ଦୃଷ୍ଟାନ୍ତ ମାନ ତା'ର ମନ୍ଦିର ଗାତ୍ରରେ ନିହିତ । ଓଡ଼ିଆ ଶିଳ୍ପୀ ନିହଣ ମୁନରେ
ପାଷାଣରେ ପ୍ରାଣ ସଂଚାର କରି ଗଢ଼ିଛି ପାଷାଣ ମୂର୍ତ୍ତି । କୋଣାର୍କ, ପୁରୀ, ଲିଂଗରାଜ, ରାଜରାଣୀ ମନ୍ଦିରର ପାଷାଣ
ଗାତ୍ରରେ ଖୋଦିତ ଲାସ୍ୟମୟୀ ନର୍ତ୍ତକୀର ଛନ୍ଦାୟିତ ଚରଣ ଛଟା ଓ ସେମାନଙ୍କ ନର୍ତ୍ତନଶୀଳ ଲାସ୍ୟ ଓଡ଼ିଆ ଶିଳ୍ପୀ ପ୍ରାଣକୁ
ପ୍ରଭାବିତ କରିବା ଅସଂଭବ ନୁହେଁ । ଏହାର ପ୍ରଭାବରେ ଅଭିନୟ ଭିତରେ ନୃତ୍ୟ ସଂଯୋଜନାକୁ ଅଧିକ ଗୁରୁତ୍ୱ
ଦିଆଯାଇଛି । ଲୋକନାଟକ ଗୁଡ଼ିକ ନୃତ୍ୟପ୍ରଧାନ ହେବା ଅନ୍ତରାଳରେ ମୁଖ୍ୟତଃ ଏଇ କାରଣ ବିଦ୍ୟମାନ ।

ଓଡ଼ିଆ ଲୋକନାଟକର ଉତ୍ସ ନିର୍ଣ୍ଣୟ କରିବାକୁ ଯିବା ସମୟରେ ଶିଷ୍ଟସାହିତ୍ୟ, ଲୋକାଚାର ଓ ପରିବର୍ତ୍ତିତ
ଧର୍ମାଚାର ଇତ୍ୟାଦିକୁ ବିବେଚନା କରାଯିବା ଦରକାର । ଲୋକନାଟକ ଲୋକସମାଜର ଆଦରଣୀୟ ସାମଗ୍ରୀ, ମାତ୍ର
ବିଦଗ୍ଧ ସମାଜ ପାଇଁ ଓଡ଼ିଶାରେ ବହୁ ସଂସ୍କୃତ ନାଟକ ରଚିତ ହୋଇଥିବା ଜଣାଯାଏ । ସମକାଳରେ ବିଦଗ୍ଧ ବୃତ୍ତର
ଆଚ୍ଛନ୍ନ କରିବା ଆଦୌ ଅଯୌକ୍ତିକ ନୁହେଁ ।

ଟିପ୍ପଣୀ

ଶିଷ୍ଟସାହିତ୍ୟର କାବ୍ୟ - ଏବଂ ବିଶେଷ କରି ଚମ୍ପୂ ଇତ୍ୟାଦିର ପ୍ରଭାବ ଲୋକନାଟକକୁ ପ୍ରଭାବିତ କରିଛି । ଚମ୍ପୂ ହେଉଛି ଗଦ୍ୟପଦ୍ୟ ଧର୍ମୀ ରଚନା, ଏହାର ପଦ୍ୟଗୁଡ଼ିକ ଚରିତ୍ର ଗୁଡ଼ିକର ସଂଳାପ ରୂପେ ବ୍ୟବହୃତ । ତେଣୁ ଗୀତ ଭାଗକୁ ଅଧିକ ଚିତ୍ତାକର୍ଷକ କରିବାକୁ ପାତ୍ର ପାତ୍ରୀ ମାଧ୍ୟମରେ ପରିବେଷଣ କରାଯିବାହିଁ ଲୋକନାଟକକୁ କରିଛି ଉପକୃତ । ଗୋଟିପୁଅ ନାଚ, ସଂଗୀତ ଦଳ ଇତ୍ୟାଦି ନାଟ୍ୟଧର୍ମ ଏହାଦ୍ୱାରା କରିଛି ଅନୁପ୍ରାଣିତ ।

ଲୋକରୁଚିର ପରିବର୍ତ୍ତନ କ୍ରମରେ ଧାର୍ମିକ ରୀତିବୋଧର ପରିବର୍ତ୍ତନ ଘଟିଥାଏ । ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରଚଳନ ବନ୍ୟା, ଓଡ଼ିଶାର ସମାଜ ସଂସ୍କୃତିକୁ ଯେପରି ପ୍ରଭାବିତ କରିଥିଲା । ତଦନୁପାତିକ ଭାବରେ ମଧ୍ୟ ଏହା ଓଡ଼ିଆ ଲୋକନାଟକକୁ ପ୍ରଭାବିତ କରିଥିଲା । ଓଡ଼ିଶାରେ ଲୀଳାଭିତ୍ତିକ ନାଟକ ମଧ୍ୟରୁ କୃଷ୍ଣଲୀଳା, ମଥୁରାଲୀଳା, ରାସଲୀଳା, ସଖୀଲୀଳା, ଇତ୍ୟାଦି ସହିତ ଅଷ୍ଟମପ୍ରହର ନାମଯଜ୍ଞ ଇତ୍ୟାଦି ଲୋକନୃତ୍ୟ ଗୁଡ଼ିକ ପରିବର୍ତ୍ତିତ ଧର୍ମୀୟ ପରିଧି ମଧ୍ୟରୁ ଯେ ସୃଷ୍ଟିଲାଭ କରି ବିକଶିତ ହୋଇଛି ଏହା ସ୍ପଷ୍ଟ ଭାବରେ କୁହାଯାଇ ପାରିବ ।

ଏଇପରି ଭାବରେ ବିବେଚନା କରାଗଲେ ଲୋକନାଟକ ସୃଷ୍ଟିର ମୌଳିକ ଉତ୍ସ ଧର୍ମ, ସଂସ୍କୃତି, ଲୋକାଚାର, ପୂଜାପାର୍ବଣ, ସାମରିକ ଜୀବନ, କୃଷି, କଳା, ସ୍ଥାପତ୍ୟ, ଶିଷ୍ଟସାହିତ୍ୟ, ପ୍ରାକୃତିକ ସ୍ଥିତି ଏବଂ ଆଂଚଳିକ ପ୍ରଭାବ ମାନଙ୍କରେ ନିହିତ ଥିବା ପ୍ରମାଣିତ ହୁଏ । ଏସବୁକୁ ଲୋକନାଟକରେ ବିବିଧ ଉପଭାବରେ ଗ୍ରହଣ କରାଯାଇପାରେ ।

## ଲୋକ ନାଟକର ବୈଶିଷ୍ଟ୍ୟ

ଲୋକ ନାଟକର କେତୋଟି ବୈଶିଷ୍ଟ୍ୟ ପରିଦୃଷ୍ଟି ହୋଇଥାଏ । ଲୋକନାଟକ ହେଉଛି ଲୋକ ସମାଜ ପାଇଁ ଏବଂ ଲୋକମାନଙ୍କ ଦ୍ୱାରା ପ୍ରସ୍ତୁତ ଆଦିମ ନାଟ୍ୟ କଳାର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ । ବିଧିବଦ୍ଧ ନାଟକ ବା ବିଦଗ୍ଧ ନାଟକ ସୃଷ୍ଟିର ବହୁ ପୂର୍ବରୁ ଏହା ସୃଷ୍ଟି ହୋଇଛି । ଗଣ ମନୋରଂଜନର ସର୍ବପ୍ରଥମ ମାଧ୍ୟମ ରୂପେ ଏହାର ସିଦ୍ଧି ସ୍ୱୀକୃତ । ତଥାପି ଏହାର କେତୋଟି ବିଶେଷତ୍ୱ ରହିଛି ଯଥା -

### (୧) ପଦ୍ୟ ଧର୍ମିତା :

ଲୋକ ନୃତ୍ୟରୁ ଲୋକନାଟକର ସୃଷ୍ଟି । ଲୋକନୃତ୍ୟ ଲୋକଗୀତ ସହିତ ସଂପୃକ୍ତ । ତେଣୁ ପଦ୍ୟଧର୍ମୀ ସଂବାଦ ଲୋକନାଟକ ପରିବେଷଣର ଯଥାର୍ଥ ମାଧ୍ୟମ । ଲୋକ ନାଟକ ଅଭିନୟ କ୍ଷେତ୍ରରେ ଗୀତିମୟ ଅଭିବ୍ୟକ୍ତି ସଂଭବ ହୋଇଥାଏ । ସଂଗୀତ, ନୃତ୍ୟ ଅଭିନୟର ମିଶ୍ରିତ କ୍ରିୟା ରୂପେ ଏହା ଯଥାର୍ଥତଃ 'ତୌର୍ଯ୍ୟତ୍ରିକ'ର ରୂପ ଗ୍ରହଣ କରିଥାଏ ।

### (୨) ରଂଗମଞ୍ଚ :

ପ୍ରତ୍ୟେକ ନାଟକର ଅଭିନୟ ପାଇଁ ରଂଗମଂଚର ଆବଶ୍ୟକତା ରହିଛି । କିନ୍ତୁ ଲୋକ ସମାଜ ଯେମିତି ଏଠି, ସେଠି ସବୁଠି ବସିପାରନ୍ତି, ଲୋକନାଟକ ସେମିତି ଏଠି' ସେଠି ସବୁଠି ମଧ୍ୟ ଅଭିନୀତ ହୋଇପାରେ । ଏଥିପାଇଁ ସେପରି ସ୍ୱତନ୍ତ୍ର ରଂଗମଞ୍ଚର ଆବଶ୍ୟକତା ନଥାଏ । ସମବେତ ଲୋକଙ୍କର ମଧ୍ୟ ଭାଗରେ ଏହା ଅଭିନୀତ ହୁଏ । ମୁକ୍ତ ସ୍ଥାନ ଏହାର ଅଭିନୟ ସ୍ଥଳ ରୂପେ ବିବେଚିତ । ମଂଚର ସାଜସଜା ପ୍ରାଥମିକ ପର୍ଯ୍ୟାୟରେ ବର୍ଣ୍ଣାଢ୍ୟ ନଥିଲା, ମାତ୍ର ଏବେ ଏହାକୁ ଅଧିକ ବର୍ଣ୍ଣାଢ୍ୟ କରାଯାଇଛି ।

### (୩) ବିଷୟ ପ୍ରକରଣ :

ଲୋକ ନାଟକ ପାଇଁ ସେପରି କୌଣସି ନିର୍ଦ୍ଦିଷ୍ଟ ବିଷୟ ବସ୍ତୁ ନ ଥାଏ । ପୌରାଣିକ, ବୀରଗାଥାଭିତ୍ତିକ, ଲୌକିକ ଅଥବା ଏସବୁ ମିଶ୍ରିତ ବିଷୟକୁ ଲୋକ ନାଟକ, ବିଷୟ ଭାବରେ ଆପଣା ଭିତରେ ଅଙ୍ଗୀଭୂତ କରିଥାଏ । ସାଧାରଣ

ଜୀବନରେ ଘଟିତ ଘଟଣା ଗୁଡ଼ିକୁ ବିଶେଷତଃ ଏଥିରେ ଅତି ସହଜ, ସରଳ ଓ ସ୍ୱତସ୍ଫୂର୍ତ୍ତ ଢଙ୍ଗରେ ସ୍ଥାନ ଦିଆଯାଇଥାଏ । ପ୍ରଥମେ ଧର୍ମୀୟ ବିଷୟ ଗୁଡ଼ିକୁ ଏହା ଦ୍ୱାରା ପ୍ରଦର୍ଶିତ ହେଉଥିଲେ ମଧ୍ୟ ପରବର୍ତ୍ତୀ କାଳରେ କାଳ୍ପନିକ ଓ ଲୌକିକ ବିଷୟ ଗୁଡ଼ିକ ଏଥିରେ ଅଧିକତର ଭାବରେ ସ୍ଥାନ ପାଇଲା ।

**(୪) ଦୃଶ୍ୟସଜ୍ଜା :**

ଲୋକନାଟକର ଦୃଶ୍ୟ ସଜ୍ଜାରେ ଅଙ୍କ ବିଭାଜନ ବ୍ୟବସ୍ଥା ନଥିଲା । ଏହା ଆପଣାଛାଏଁ ସ୍ୱାଭାବିକ ରୀତିରେ ପ୍ରକାଶ ପାଏ । ନେପଥ୍ୟର କାଳ୍ପନିକତା, ଏଥିରେ ନାହିଁ । ପରେ ଅବଶ୍ୟ କେତେକ ବିଶେଷ ବିଭାଗକୁ ଏହା ସହିତ ଯୁକ୍ତ କରିଗଲା । ବିଶେଷତଃ ଯାତ୍ରା ଅଭିନୟ କାଳରୁ ଦୃଶ୍ୟସଜ୍ଜାର ଗୁରୁତ୍ୱ ଉପଲବ୍ଧି କରାଗଲା ।

**(୫) ରୂପସଜ୍ଜା :**

ଲୋକନାଟକର ବର୍ଣ୍ଣାଢ଼୍ୟ ରୂପ-ସଜ୍ଜାର ସେପରି ବିଶେଷ ଆବଶ୍ୟକ ନଥିଲା, କିଂବା ଏଥିପାଇଁ ବର୍ତ୍ତମାନ ସମୟ ପରି ଏତେ ବିପୁଳ ପରିମାଣର ପ୍ରସାଧନ ସାମଗ୍ରୀ ନଥିଲା । ହଳଦୀ, କଳା, ଚିତା, ଚନ୍ଦନ ଓ ରଙ୍ଗ ମାଟି ମାଖି ହୋଇ ଚରିତ୍ରମାନେ ଏଥିରେ ବେଶଭୂଷା ହୋଇ ଅଭିନୟ ପ୍ରଦର୍ଶନ କରୁଥିଲେ । ବେଶ ପ୍ରକରଣଠାରୁ ଲୋକନାଟକର ଅଭିନୟ ଅଂଶଟିକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ସାଧାରଣ ରୂପସଜ୍ଜା ଭିତରେ ଅସାମାନ୍ୟ ଅଭିନୟ ପ୍ରଦର୍ଶନ ଥିଲା ଲୋକନାଟକର ହେତୁ ।

**(୬) ପାତ୍ର ପାତ୍ରୀ :**

ଧର୍ମୀୟ ଚେତନା ସହିତ ଲୋକ ନାଟକ ସଂପୃକ୍ତ । ତେଣୁ କେତେକ ଲୋକ ନାଟକରେ ପାତ୍ରମାନେ ନିଷ୍ଠାପର ଆତ୍ମଶୋଧନ ଭିତରେ ଅଭିନୟରେ ଅଂଶ ଗ୍ରହଣ କରିବାର ବିଧି ରହିଥିଲା । ବିଶେଷତଃ ପ୍ରାଥମିକ ପର୍ଯ୍ୟାୟରେ ଲୋକନାଟକରେ ନାରୀମାନେ ଅଂଶଗ୍ରହଣ କରୁ ନଥିଲେ । ପୁରୁଷମାନଙ୍କୁ ନାରୀ ଭୂମିକାରେ ହିଁ ଅଭିନୟ କରିବାକୁ ପଡ଼ୁଥିଲା ଓ ଏଥିପାଇଁ କେତେକ ପୁରୁଷ ନାରୀମାନଙ୍କ ଭଳି କେଶ ବିନ୍ୟାସ କରୁଥିଲେ । ପରବର୍ତ୍ତୀ ସମୟରେ ନାରୀମାନେ ଏଥିରେ ଅଂଶ ଗ୍ରହଣ କଲେ ।

**(୭) ଆଲୋକ ସଜ୍ଜା :**

ଲୋକନାଟକ ପୂର୍ବରୁ ଦିବସ ଭାଗରେ ଅଭିନୀତ ହେଉଥିଲା, ଏଣୁ ଏଥିପାଇଁ କୌଣସି ଆଲୋକ ସଜ୍ଜାର ବ୍ୟବସ୍ଥା ନଥିଲା । ପରବର୍ତ୍ତୀ ସମୟରେ ଲୋକନାଟକ ଯେତେବେଳେ ରାତ୍ର କାଳରେ ଅଭିନୀତ ହେଲା, ସେତେବେଳେ ବଳିଆ ଆଲୋକର ବ୍ୟବସ୍ଥା ଓ ସମୟକ୍ରମେ କାରବାଇଟ୍‌ରେ ପ୍ରସ୍ତୁତ ଗ୍ୟାସର, ଲାଇଟ୍, ପେଟ୍ରୋମାକସ୍ ଲାଇଟ୍ ଓ ପରେ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା ରଖାଗଲା ।

**(୮) ବାଦ୍ୟ ଓ ସଂଗୀତ ରୀତି :**

ଲୋକ ନାଟକରେ ବାଦ୍ୟ ସଂଗୀତର ପ୍ରୟୋଗ ରହିଥିଲା, କିନ୍ତୁ ଏଥିପାଇଁ କୌଣସି ଆଲୋକ ସଜ୍ଜାର ବ୍ୟବସ୍ଥା ନଥିଲା । କେତେକ ଲୋକନାଟକରେ ଅଭିନେତା ମାନେ ନିଜେ ବାଦ୍ୟ ବଜାଉ ଥିବାର ଅନେକ ଦୃଷ୍ଟାନ୍ତ ରହିଛି । ବାଦ୍ୟବାଦନ ଓ ସଂଗୀତ ଗାନ କରି ଲୋକ ନାଟକର ଅଭିନେତାମାନେ ଅଭିନୟ ପ୍ରଦର୍ଶନ କରନ୍ତି ।

**(୯) ରଚନା ପ୍ରଣାଳୀ :**

ଲୋକ ସାହିତ୍ୟ ଅନ୍ୟାନ୍ୟ ବିଭାଗ ମୌଖିକ, କିନ୍ତୁ ଲୋକ ନାଟକରେ ମୌଖିକତା ସହିତ ଅନେକ ଲିଖିତ ରୂପ ରହିଛି । ଏସବୁ ରଚୟିତା ଅତି ଶକ୍ତିଶାଳୀ ଥିବା ଜଣାଯାଏ । ତାଳପତ୍ରାଦିରେ ସେମାନେ ଗୀତ ଓ ଅଭିନୟ ଶୈଳୀ ଇତ୍ୟାଦି ଲେଖି ଏହାକୁ ଅଭିନୟ କରନ୍ତି ।

ଟିପ୍ପଣୀ (୧୦) ପ୍ରଭାବ :

ଲୋକ ନାଟକ ଏକ ଶକ୍ତିଶାଳୀ ଗଣ ମନୋରଂଜନ ମାଧ୍ୟମ । ଆଧୁନିକ ଓ ଅତ୍ୟାଧୁନିକ ଗଣମାଧ୍ୟମର ବିଶେଷ ବ୍ୟବସ୍ଥାରେ ମଧ୍ୟ ଲୋକନାଟକ ପ୍ରତି ଆଦର ଅପସରି ଯାଇନାହିଁ । ଏଣୁ ଲୋକନାଟକର ପ୍ରଭାବ ଯେ ଅତି ଶକ୍ତିଶାଳୀ, ଏହା ସ୍ୱୀକାର କରିବାକୁ ହୁଏ । ଅତ୍ୟାଧୁନିକ ଜଗତରେ ବିଭିନ୍ନ ଗଣମାଧ୍ୟମରେ ଲୋକନାଟକର ପ୍ରଚାର ଓ ପ୍ରସାର ଚାଲୁ ରହିଛି ।

ଲୋକନାଟକର ଏ ସମସ୍ତ ବୈଶିଷ୍ଟ୍ୟ ବ୍ୟତୀତ ଅନ୍ୟାନ୍ୟ କେତେକ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ । ଲୋକନାଟକ ଧର୍ମସହିତ ସବୁକାଳରେ ସଂପୃକ୍ତ । ଧର୍ମୋତ୍ସବ ଓ ଧର୍ମାନୁଷ୍ଠାନମାନଙ୍କରେ ଏହା ଅଭିନୀତ ହୁଏ, ଜନମନୋରଂଜନ ଏହାର ମୁଖ୍ୟ ଉଦ୍ଦେଶ୍ୟ ରୂପେ ବିବେଚିତ । କାରଣ ଗତାନୁଗତିକ ଜୀବନଧାରାରେ ଏହା ବ୍ୟତିକ୍ରମ ଆଣେ । "ଜୀବନ ଯାତ୍ରାର ବିରକ୍ତିର ଭାବଟି କଟାଇ ସେଥିରେ କିଛି ବୈଚିତ୍ର୍ୟ ସୃଷ୍ଟି କରିବା ନିମନ୍ତେ ଏହି ସ୍ୱତସ୍ଫୂର୍ତ୍ତ କଳାଟିର ଉଦ୍ଭବ । ପଲ୍ଲୀର ଅଗଣିତ ଦର୍ଶକ ଏଥିରୁ ସାମୟିକ ଉତ୍ତେଜନା ସଂଗ୍ରହ କରିଥାଆନ୍ତି, ଯାହା ଗତାନୁଗତିକ ନିରୁତ୍ତାପ ଜୀବନ ଧାରାରେ କିଛଟା ନୂତନତା ଆଣି ଦେଇଥାଏ । ତେଣୁ ଆନନ୍ଦଦାନ ହେଉଛି ଲୋକନୃତ୍ୟର ପ୍ରଧାନ ଲକ୍ଷ୍ୟ । ଲୋକ ଶିକ୍ଷାର କିଛି ଉପାଦାନ ଯେ ଏଥିରେ ନଥାଏ । ଏହା କୁହାଯାଇପାରିବ ନାହିଁ, ତେବେ ଏହା ଗୌଣ। ପ୍ରକୃତରେ ଏହା ଲୋକ ଶିକ୍ଷାପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ମନୋରଂଜନ ଏହାର ସର୍ବପ୍ରଧାନ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ।

## ନାଟକ ଓ ଲୋକନାଟକ

ନାଟକ ଏବଂ ଲୋକ ନାଟକ ମଧ୍ୟରେ ବସ୍ତୁତଃ ଅନେକ ପାର୍ଥକ୍ୟ ପରିଲକ୍ଷିତ । ଉଭୟଙ୍କର ପ୍ରାଣଧର୍ମ ମନୋରଞ୍ଜନ ହେଲେ ମଧ୍ୟ ଲୋକନାଟକର ଗଣଧର୍ମିତା ନାଟକ ଠାରୁ ଅଧିକ । ନାଟକ ବିଦଗ୍ଧ ସମାଜପାଇଁ ଉଦ୍ଦିଷ୍ଟ ଥିବା ବେଳେ, ଲୋକସମାଜ ଉଦ୍ଦେଶ୍ୟରେ ଲୋକନାଟକ ସମର୍ପିତ । ଲୋକନାଟକର ସ୍ୱତନ୍ତ୍ର ରଙ୍ଗମଞ୍ଚ ଅନାବଶ୍ୟକ, ମାତ୍ର ବିଧିବଦ୍ଧ ରଙ୍ଗମଞ୍ଚ ନଥାଇ ବିଦଗ୍ଧ ନାଟକ ଅଭିନୀତ ହୋଇ ନପାରେ । ଲୋକନାଟକ ଲୋକଭାଷାକୁ ପ୍ରକାଶ କରେ ଏହା ତେଣୁ ଲୋକ ସମାଜର ଅଧିକ ନିକଟବର୍ତ୍ତୀ । ମାତ୍ର ନାଟକ ବିଦଗ୍ଧ ଭାଷା ଶୈଳୀକୁ ଗ୍ରହଣ କରିବାରୁ ତାହା କେବଳ ଶିଷ୍ଟ ସମାଜର ସେବ୍ୟ । ପ୍ରାଚୀନତା ଦୃଷ୍ଟିରୁ ନାଟକ ଠାରୁ ଲୋକନାଟକ ଅଧିକ ବୟସ୍କ, ଏହାର ପ୍ରଭାବ ନାଟକ ଉପରେ ଅପ୍ରତିହିତ ।

ଲୋକନାଟକ ଲୋକ ଜୀବନ ପରି ସ୍ୱତସ୍ଫୂର୍ତ୍ତ । ନାଟକ ଏବଂ ଲୋକ ନାଟକକୁ ନାଟ୍ୟାଚାର୍ଯ୍ୟ ଡକ୍ଟର କାଳୀଚରଣ ପଟ୍ଟନାୟକ 'ଲୋକଧର୍ମୀ' ଓ 'ନାଟ୍ୟଧର୍ମୀ ଭାବରେ ଅଭିହିତ କରିଛନ୍ତି । ତାଙ୍କ ମତରେ – "ଲୋକଧର୍ମୀ ନାଟକରେ ସ୍ୱାଭାବିକ ରୀତି ସ୍ଥାନ ପାଏ । ଏହା ସାଧାରଣ ନାଟକ । ବିଶେଷ କୌଣସି ହାବଭାବ ପ୍ରଦର୍ଶନ, ଶାସ୍ତ୍ରୀୟ ଧାରାର ସଙ୍ଗୀତ ଯୋଜନା, ବିବିଧଭଙ୍ଗୀ ଅଥବା କରଣ, ଅଙ୍ଗହାର ପ୍ରଭୃତିର ପ୍ରୟୋଗ ଇତ୍ୟାଦି ଏଭଳି ନାଟକରେ ଆବଶ୍ୟକ ହୁଏନାହିଁ । ସାଧାରଣ କଥାବାର୍ତ୍ତା, ସାଧାରଣ ଲୋକଗୀତ ସେଇଭଳି ସରଳ, ସହଜ ସ୍ୱରର ଗୀତ, ଏବଂ ସାଧାରଣ ଜୀବନର ଛବି ଇତ୍ୟାଦି ଏଥିରେ ସ୍ଥାନ ପାଏ ।

ଲୋକର ଚରିତ୍ର କଳ୍ପନା, ଶାସ୍ତ୍ରାନୁମୋଦିତ ନୃତ୍ୟଗୀତ ପ୍ରୟୋଗ, ଏପରିକି ସମୟେ ସମୟେ ଅସମ୍ଭବ କଳ୍ପନା, ନାୟକ ନାୟିକା ମଧ୍ୟରେ ସାଧାରଣ ସମ୍ଭବ ରୀତିର ବ୍ୟତିକ୍ରମ, ରଙ୍ଗମଞ୍ଚର ରମଣୀୟତା ବା ଚମତ୍କାରିତା ଉତ୍ପାଦନ, ବିଭିନ୍ନ ଦୃଶ୍ୟ ସର୍ଜନା ଇତ୍ୟାଦି ନାନା ବିଷୟ ନାଟ୍ୟଧର୍ମୀ ନାଟକ ରଚନାର ଅନ୍ତର୍ଗତ ।

ନାଟକର କଳା ଚେତନାରେ ଶାସ୍ତ୍ରୀୟତା ରହିଛି, କିଛି ମପା-ଚୁପା ନିୟମ ନିଗଡ଼ ଭିତରେ ଏହାର କଳେବର ଗଢ଼ା । କିନ୍ତୁ ଲୋକ ନାଟକ ପାହାଡ଼ୀ ଝରଣା ପରି ହଠାତ୍ ସ୍ରୋତସଙ୍କୁଳା, ପୁଣି ସ୍ୱାଭାବିକତା ଏହାର ଲକ୍ଷଣ, ଯାହା କୌଣସି ଶାସ୍ତ୍ରୀୟତାର ନିୟମ ବନ୍ଧନକୁ ସ୍ୱୀକାର କରିବାକୁ ଆଦୌ ପ୍ରସ୍ତୁତ ନୁହେଁ । ମୂର୍ଖ ମଣିଷ ଶାସ୍ତ୍ରକୁମାନେ ନାହିଁ, ସେହିପରି ତା'ରି ଜୀବନଧାରାରେ ଗଢାହୋଇ ଥିବା ଲୋକ ନାଟକର ଶାସ୍ତ୍ରୀୟ ଆଧାର କିଛି ନଥାଏ ।

ନାଟକ ବିଦ୍‌ଗ୍‌ଧ ସମାଜର ସାମଗ୍ରୀ, ତେଣୁ ଏଥିରେ ଅପେକ୍ଷାକୃତ ଶିଷ୍ଟତା ରହିଥାଏ । ମାତ୍ର ଲୋକ ନାଟକ ଗ୍ରାମ୍ୟ ଜୀବନର ଫସଲ, ଯାହାର ପ୍ରତ୍ୟେକ ସ୍ତରରେ ରହିଛି ଗ୍ରାମ୍ୟତା । ତେବେ ନାଟକ ସୀମିତ ଦର୍ଶକଙ୍କ ପାଇଁ ଅଭିପ୍ରେତ ହେଉଥିବା ସମୟରେ ଲୋକ ନାଟକର ଦର୍ଶକ ସଂଖ୍ୟା ସର୍ବାଧିକ । ନାନା ପ୍ରଭାବରେ ନାଟକ, ପ୍ରଭାବିତ, ଗାଉଁଲି ହୁଣ୍ଡା ମଣିଷ ଆପଣା ଶିଙ୍ଗରେ ଆପେ ମାଟି ତାଡ଼ିଲା ପରି, ଲୋକ ନାଟକ କୌଣସି ପ୍ରଭାବରେ ପ୍ରଭାବିତ ନୁହେଁ । ଏବେ ମଧ କେତେକ ଲୋଭ ନାଟକ ନିଜସ୍ୱତା ରକ୍ଷା କରନ୍ତି । ତେଣୁ ନାଟକ ଓ ଲୋକନାଟକ ମଧରେ ଅନେକ ବୈଷମ୍ୟ ପରିଲକ୍ଷିତ ହୁଏ ।

## ଲୋକନାଟକର ବିଭାଗୀକରଣ

ଲୋକ ନାଟକର ପରିସର ଅତି ବ୍ୟାପକ । ଅଞ୍ଚଳ ଭିତ୍ତିରେ ବିଚିତ୍ର ମଧ ଏହାର ରୂପବୋଧ । ଜନ-ମାନସ ରଞ୍ଜନ ଏହାର ମୁଖ୍ୟ ଉଦ୍ଦେଶ୍ୟ, ତେଣୁ ଭୌଗୋଳିକ ସ୍ଥିତିରେ ଏହାର ଆକାର ଓ ପ୍ରକାର ଭିନ୍ନ ଭିନ୍ନ ଏବଂ ବ୍ୟାପକ । ପ୍ରବୃତ୍ତି ଦୃଷ୍ଟିରୁ ଏହା ନାନା ବୈଚିତ୍ର୍ୟ ବିମଣ୍ଡିତ, ସୁତରାଂ ଏହାର ବିଭାଗୀକରଣ ପ୍ରତି ଦୃଷ୍ଟି ଦିଆଗଲେ, ଏହାର ପ୍ରବୃତ୍ତି ସହିତ ରୂପବୋଧର ବୈଚିତ୍ର୍ୟ ସମ୍ବନ୍ଧରେ ଆକଳନ କରାଯାଇ ପାରିବ ।

ଲୋକ ନାଟକର ବିଭାଗୀକରଣ ସମ୍ପର୍କରେ ବିଭିନ୍ନ ଆଲୋଚକ ବିଭିନ୍ନ ଅଭିମତ ପ୍ରକାଶ କରିଅଛନ୍ତି । ଆଲୋଚକ ଡକ୍ଟର ରତ୍ନାକର ଚଇନି ବିଭିନ୍ନ ଧରଣର ଲୋକନାଟକ କ୍ରମରେ କଣ୍ଢେଇନାଟ, ଦଣ୍ଡନାଟ, ପାଟୁଆ ଯାତ୍ରା, ଶବର-ଶବରୁଣୀ ନାଟ, ଚଢ଼େୟା, ଚଢ଼େୟାଣୀନାଟ, ଘୋଡ଼ାନାଟ, ଦାସକାଠି, ପାଲା, ମୋଗଲତାମସା ଛଉନାଟ, ସୁଆଙ୍ଗ, ରାମଲୀଳା, କୃଷ୍ଣଲୀଳା, ଗୋପଲୀଳା, ଭାରତଲୀଳା, ରାସ, ଗୀତନାଟ୍ୟ ଏବଂ ଯାତ୍ରା ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଛନ୍ତି ।

ଆଲୋଚକ ଲକ୍ଷ୍ମୀକାନ୍ତ ତ୍ରୀପାଠୀ "ଓଡ଼ିଆ ଲୋକ ନାଟକର ପରିସର ଓ ପ୍ରକୃତି' ଶୀର୍ଷକ ଆଲୋଚନାରେ ଲୋକନାଟକକୁ ମୁଖ୍ୟତଃ ତିନିଗୋଟି ବିଭାଗ ଏବଂ ଅନ୍ୟ କେତେକ ଉପବିଭାଗରେ ପରିଣତ କରିଛନ୍ତି । ପ୍ରଥମେ ସେ ସଖୀନାଟ, ମୋଗଲତାମସା ଓ ଦଧି କଥା ଉଲ୍ଲେଖ କରିଛନ୍ତି । ଏହାପରେ ସେ ଗୀତିନାଟ୍ୟ, ଯାତ୍ରା ସମ୍ପର୍କରେ ଆଲୋକପାତ କରିଛନ୍ତି । ଏଇ କ୍ରମରେ ସେ ଲୋକନାଟକର ଅନ୍ୟାନ୍ୟ ରୂପ ଭାବରେ ଛଉ, ପାଲା, ଦାସକାଠିଆ, ପାଟୁଆ ଯାତ୍ରା, ଦଣ୍ଡନାଟ, ଘୋଡ଼ାନାଚ ଡୁଏଟ୍ ବା ଯୁଗ୍ମନୃତ୍ୟ ଏବଂ ଫାର୍ସକୁ ଗ୍ରହଣ କରିଛନ୍ତି ।

ଆଲୋଚକ ଡକ୍ଟର ହେମନ୍ତ କୁମାର ଦାସ ଓଡ଼ିଆ ଲୋକ ନାଟକର ପ୍ରମୁଖ ଧାରା ଭାବରେ ଲୀଳା-ପର୍ଯ୍ୟାୟରେ ରାମଲୀଳା, କୃଷ୍ଣଲୀଳା, ରାଧାପ୍ରେମଲୀଳା, ଭାରତ ଲୀଳା ଇତ୍ୟାଦି, ଯାତ୍ରା ଗୀତିନାଟ୍ୟ ପର୍ଯ୍ୟାୟରେ ପ୍ରହଲ୍ଲାଦ ନାଟକ, ସୁଆଙ୍ଗ, ଛଉନାଚ, ଏବଂ ଅନ୍ୟାନ୍ୟ ଲୋକ ନାଟକ କ୍ରମରେ ପାଲା, ଦାସକାଠିଆ, ମୋଗଲତାମସା, ଦଣ୍ଡନାଟ ଚଇତି ଘୋଡ଼ାନାଚ, ଚଢ଼େୟା-ଚଢ଼େୟାଣୀ ନାଚ, ଡାଲଖାଇ, କରମାନାଚ, ରସରକେଲୀ, ଘୁମୁରାନାଚ, ସଞ୍ଚାର, କୈସାବାଡ଼ି ନାଚ, ଦେଶୀୟା ନାଟ, ଇତ୍ୟାଦିର ଆଲୋଚନା କରିଛନ୍ତି ।

ଟିପ୍ପଣୀ

ଅଧ୍ୟାପକ ପ୍ରହ୍ଲାଦ ଚରଣ ମହାନ୍ତି ଲୋକନାଟକର ଶ୍ରେଣୀ ବିଭାଗ କ୍ରମରେ ଗୋଟିପୁଅନାଚ, ଦଣ୍ଡନାଚ, ଚଢ଼େୟାନାଚ, ସଖୀନାଚ ଓ କଣ୍ଢେଇନାଚ, ସୁଆଙ୍ଗ, ଲୀଳା, କ୍ରମରେ କୃଷ୍ଣଲୀଳା, ରାମଲୀଳା, ଗୀତାଭିନୟ ଓ ଗୀତିନାଟ୍ୟ, ଫାର୍ସ, ତାମସା, ପ୍ରହସନ, ଏବଂ ଆଧୁନିକ ଯାତ୍ରା ନାଟକ କଥା ଉଲ୍ଲେଖ କରିଛନ୍ତି ।

ଏସବୁ ବିଭାଗୀକରଣ ପ୍ରତି ଦୃଷ୍ଟି ଦେଲେ ଲୋକ ନାଟକର ସ୍ୱରୂପ ସମ୍ପର୍କରେ ସ୍ୱତଃ ଅବଧାରଣା କରାଯାଇପାରେ । ଲୋକନାଟକ ଲୋକନୃତ୍ୟ ଓ ଲୋକ ଗୀତର ମିଶ୍ର ସାଧନ । ଏଣୁ ଏହାର ପ୍ରବୃତ୍ତିରେ ଗୀତିଧର୍ମିତା ଓ ନୃତ୍ୟଧର୍ମିତା ରହିବା ସ୍ୱାଭାବିକ । କେତେକ ଲୋକନାଟକ ନୃତ୍ୟ ପ୍ରଧାନ ହୋଇଥିବା ସମୟରେ କେତେକ ଗୀତପ୍ରଧାନ, ଏବଂ କେତେକ ଉଭୟର ମିଶ୍ରସାଧନରେ ପରିପୁଷ୍ଟ । ଆଲୋଚକ ସର୍ବେଶ୍ୱର ଦାସ ଲୋକ ନାଟକକୁ ମୁଖ୍ୟତଃ ଦୁଇଟି ଭାଗରେ ବିଭକ୍ତ କରି କହନ୍ତି - "ସଂଳାପବିହୀନ ଗୀତ ନୃତ୍ୟ ସର୍ବସ୍ୱ ଲୋକନାଟ୍ୟ ଏବଂ ସଂଳାପ ଯୁକ୍ତ, ସଙ୍ଗୀତ ବହୁଳ ଏବଂ ନାଟକୀୟ ଆଙ୍ଗିକ ସଂପୂର୍ଣ୍ଣ ଲୋକ ନାଟକ ।"

ଆଲୋଚକ ମାନଙ୍କର ବିଭାଗୀ କରଣରେ ଲୀଳା, ନାଟ, ସୁଆଙ୍ଗ, ପିତୁଳା ନାଚ ଓ ଯାତ୍ରା ଇତ୍ୟାଦି ବିଭିନ୍ନ ପ୍ରକାରର ଲୋକ ନାଟକ ପରିଦୃଷ୍ଟ । ଏଥି ମଧ୍ୟରୁ କେତେକ ନାଚ ପ୍ରଧାନ, କେତେକ ସଙ୍ଗୀତ-ପ୍ରଧାନ, କେତେକ ସଂଳାପଧର୍ମୀ, କେତେକ ସଂଳାପ ଓ ସଙ୍ଗୀତଧର୍ମ, କେତେକ କେବଳ ମୌନ ନୃତ୍ୟ - ଏହିପରି ନାନା ପ୍ରକାରର ଲୋକ ନାଟକ ରହିଛି । ଏଣୁ ଏସବୁ ସମ୍ପର୍କରେ ସାଧରଣ ଧାରଣା ପାଇଁ ଏଗୁଡ଼ିକର ସାଧାରଣ ପରିଚୟ ପ୍ରଦାନ କରାଯାଇ ପାରେ ।

## ଲୀଳାଭିତ୍ତିକ ଲୋକନାଟକ

ଲୀଳାଭିତ୍ତିକ ଲୋକନାଟକ ଗୁଡ଼ିକ ବିଶେଷ ଜନପ୍ରିୟ ଓ ଧର୍ମପ୍ରଧାନ । ଏଥିରେ ଭଗବାନଙ୍କ ବିଭିନ୍ନ ଲୀଳା ଏବଂ ଅବତାର ପ୍ରଦର୍ଶିତ ହୋଇଥାଏ । ଭଗବାନଙ୍କର ଅଲୌକିକ ଲୀଳା ଏଥିରେ ଚମତ୍କାର ଭାବରେ ସଙ୍ଗୀତମୟ ରୀତିରେ ପ୍ରକାଶ ପାଏ । ଏସବୁ ଲୀଳା ବିଭିନ୍ନ ଛନ୍ଦଯୁକ୍ତ । ଭଗବାନଙ୍କ ରାମ ଅବତାର, କୃଷ୍ଣ ଅବତାର ଏଥିରେ ବିବୃତ । ରାମାୟଣ, ମହାଭାରତ ଓ ଭାଗବତ ପ୍ରଭୃତି ପୁରାଣ ବର୍ଣ୍ଣିତ ଭଗବାନଙ୍କ କଥା ଏଥିରେ ପ୍ରକାଶ ପାଇଥାଏ । ଏହା ରାମଲୀଳା, କୃଷ୍ଣଲୀଳା, ଗୋପଲୀଳା, ରାଧାପ୍ରେମ ଲୀଳା, ରାସଲୀଳା ଓ ଭରତଲୀଳା ଇତ୍ୟାଦି ଭେଦରେ ବିଭକ୍ତ ।

### ୧। (କ) ରାମଲୀଳା :

ଓଡ଼ିଆ ଲୋକନାଟକ ପରମ୍ପରାରେ ରାମଲୀଳାର ଖ୍ୟାତି ଓ ଜନପ୍ରିୟତା ଅଥେଷ୍ଟ ଅଧିକ । ଏଥିରେ ପ୍ରଭୁ ରାମଚନ୍ଦ୍ରଙ୍କର ଅଲୌକିକ ଲୀଳା ବ୍ୟକ୍ତହୁଏ । ଓଡ଼ିଶାର ବହୁ ପୁରପଲ୍ଲୀରେ ଏଇଲୀଳା ପ୍ରଦର୍ଶିତ ହୁଏ । କେତେକ ସ୍ଥାନରେ ରାମନବମୀ ତିଥି ଠାରୁ ଏଇଲୀଳା ମାସମାସ ଧରି ଦୈନିକ ପ୍ରଦର୍ଶିତ ହୁଏ । ଲୋକେ ଶୁଦ୍ଧସ୍ନାନ, ନିରାମିଷ ଭୋଜନ ଇତ୍ୟାଦି କରି ଅତି ନିଷ୍ପାପର ଭାବରେ ଏଥିରେ ଅଂଶ ଗ୍ରହଣ କରନ୍ତି । ରାମଚନ୍ଦ୍ର ଏହି ଲୀଳାର ମୁଖ୍ୟଚରିତ୍ର, ତାଙ୍କରି ଜନ୍ମଠାରୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ଅନେକ ଘଟଣାକୁ ଏଥିରେ ନାଟ୍ୟରୂପ ଦିଆଯାଇଥାଏ । ଏଥିରେ ରାମଚନ୍ଦ୍ର, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ଦଶରଥ, କୌଶଲ୍ୟା, କୈକେୟୀ, ସୁମିତ୍ରା, ମନ୍ଥରା, ସୀତା, ବଶିଷ୍ଠ, ବିଶ୍ୱାମିତ୍ର, ହନୁମନ୍ତ, ସୁଗ୍ରୀବର, ଜାମ୍ବବାନ, ବାଳୀ, ଅଙ୍ଗଦ, ରାବଣ, ଇନ୍ଦ୍ରଜିତ୍, କୁମ୍ଭକର୍ଣ୍ଣ, ମନ୍ଦୋଦରୀ, କାଳନେମୀ, ଦୂତ, ମହୀରାବଣ ଇତ୍ୟାଦି ଅନେକ ପୁରାଣ ବର୍ଣ୍ଣିତ ଚରିତ୍ର ସ୍ଥାନ ପାଆନ୍ତି ।

ଟିପ୍ପଣୀ

ରାମଲୀଳାରେ ଲୌକିକ ଚରିତ୍ରକୁ ବାଦଦେଲେ, ରାବଣ, ଇନ୍ଦ୍ରଜିତ୍, ସୁଗ୍ରୀବ, ହନୁମନ୍ତ, ଜାମ୍ବବାନ ପ୍ରଭୃତି ବାନର ଓ ରାକ୍ଷସ ଚରିତ୍ରମାନେ ସେମାନଙ୍କ ବେଶରେ ମୁଖା ବ୍ୟବହାର କରିବା ଏକ ବିଶେଷତ୍ୱ । ରାମଲୀଳା ବିଶେଷତଃ ଗୀତିଧର୍ମୀ, ମଧ୍ୟେ ମଧ୍ୟେ ସାମାନ୍ୟ ସଂଳାପ ଏଥିରେ ଥାଏ । ପ୍ରତି ଚରିତ୍ର ନିଜନିଜ ପରିଚୟ ନିଜେ ପ୍ରଦାନ କରନ୍ତି । ରାମାୟଣ ହେଉଛି ଘଟଣା ମାନଙ୍କର ପଲ୍ଲବିତ ବିସ୍ତାର । ଏଥିରୁ କେତେକ ନିର୍ଦ୍ଦିଷ୍ଟ ବିଷୟକୁ ରାମଲୀଳାରେ ପ୍ରଦର୍ଶିତ କରାଯାଏ । ଏବେ ମଧ୍ୟ ଓଡ଼ିଶାର ଅନେକ ସ୍ଥାନରେ ରାତିରାତିଧରି ଚାଲୁ ହେଉଥିବା ରାମଲୀଳାରେ ରାମାୟଣ ଘଟଣାଗୁଡ଼ିକୁ ଧାରାବାହିକ ଭାବରେ ପରିବେଷଣ କରାଯାଉଛି ।

ରାମଲୀଳା ମୁକ୍ତମଞ୍ଚରେ ଅଭିନୀତ ହୁଏ ଓ ଏହା ଚାରିପଟେ ଦର୍ଶକମାନେ ବସନ୍ତି । ଏଇ ମୁକ୍ତ ମଞ୍ଚକୁ ପାତ୍ରପାତ୍ରୀଙ୍କ ଆଗମନ ଓ ଘଟିତ ଘଟଣା କ୍ରମରେ ଅଯୋଧ୍ୟା ଲଙ୍କାପୁର, ପଞ୍ଚବଟୀ ଅରଣ୍ୟ ଭାବରେ ଦର୍ଶକମାନେ ଭାବିନିଅନ୍ତି । ଚରିତ୍ରମାନେ ମଞ୍ଚକୁ ଆସିବା ସମୟରେ ନିଜ ପରିଚୟ ନିଜେ ଦିଅନ୍ତି ଏବଂ ଗୀତଗାନ କରନ୍ତି । ନିକଟରେ ବସିଥାନ୍ତି ବାଦ୍ୟକାର ଦଳ ଓ ନୃତ୍ୟ ଶିକ୍ଷକ । ଅଭିନେତାମାନେ ଅଶିକ୍ଷିତ ଥିବାରୁ ସଂଳାପ ବା ବଚନିକା ପ୍ରକାଶ କରିବାରେ ଅକ୍ଷମ ହୁଏ । ଏଣୁ ମଞ୍ଚ ନିକଟସ୍ଥ ବାଦ୍ୟକାର ଦଳରେ ଜଣେ ଜଣେ ବ୍ୟକ୍ତି ଏମାନଙ୍କ ସଂଳାପ କହନ୍ତି । ଏମାନଙ୍କୁ ବଚନକିଆ, ବା 'ବଚନକୁହା' କୁହାଯାଏ । କିନ୍ତୁ ଏପରି ବ୍ୟବସ୍ଥାରେ ଅଭିନୟ ଗୁଣାତ୍ମକ ହୋଇପାରୁନଥିଲା । ପରବର୍ତ୍ତୀ କାଳରେ ଅଭିନେତା ମାନେ ନିଜର ଗୀତ ସହିତ ନିଜର ସଂଳାପ ପ୍ରକାଶ କରିବାରୁ ଏଇ ବ୍ୟବସ୍ଥା ଅତ୍ୟନ୍ତ ଲୋକପ୍ରିୟ ହେଲା ।

ରାମଲୀଳାର ବିଷୟ ପ୍ରକରଣରେ ଅନେକ କବିଙ୍କ ରଚିତ ଛାନ୍ଦ ଗୀତ ହୁଏ । ବେଳେବେଳେ ଚରିତ୍ରମାନେ କବିଙ୍କ ବର୍ଣ୍ଣନାକୁ ଗାନ କରୁଥିବାରୁ ଏହା ଅଭିନୟର ମୁଖ୍ୟ ଦିଗକୁ ନଷ୍ଟକରେ । ଆଲୋଚକ ଗିରିଜା ଶଙ୍କର ରାୟଙ୍କ ମତରେ - "ଚରିତ୍ର ମାନଙ୍କର ସଂଳାପ ଓ କାର୍ଯ୍ୟଦ୍ୱାରା ନାଟକୀୟ କଥା ବସ୍ତୁର ବିକାଶ ସାଧନାକର ନ ଯାଇ କାବ୍ୟାକାରରେ କବିଙ୍କର ବର୍ଣ୍ଣନା ମାତ୍ର ସୂଚୀତ ହୋଇଥାଏ । ଏହା ଦ୍ୱାରା ନାଟକର ମୂଳସୂତ୍ର ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଥାଏ ।" ରାମଲୀଳା ଅଭିନୟ ପାଇଁ ବହୁ ଚରିତ୍ର ଆବଶ୍ୟକ ହୁଏ । ଓଡ଼ିଶାର ଅନେକ ଜନପ୍ରିୟ କବିଙ୍କର କେତେକ ନିର୍ଦ୍ଦିଷ୍ଟ ରଚନାକୁ ନେଇ ରାମଲୀଳା ଅଭିନୀତ ହୁଏ । ଗୀତ, ବାଦ୍ୟ, ନୃତ୍ୟ ତାଳରେ ଏଇ ଅଭିନୟ ଉପଯୁକ୍ତ ଭାବରେ ଜନ ମନୋରଞ୍ଜନରେ ସହାୟକ ହୁଏ ।

ଓଡ଼ିଆ ରାମଲୀଳା କବିମାନଙ୍କ ମଧ୍ୟରେ ବିଶ୍ୱନାଥ ଖୁଣ୍ଟିଆ ଅନ୍ୟତମ । ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ' ବିଶିରାମାୟଣ ଭାବରେ ପ୍ରସିଦ୍ଧ । ଗଞ୍ଜାମ ଅଞ୍ଚଳରେ ବୈଶ୍ୟ ସଦାଶିବଙ୍କ କୃତ 'ଶ୍ରୀରାମଲୀଳା'ର ପ୍ରସିଦ୍ଧି ରହିଛି । ଏହାବ୍ୟତୀତ କଳ୍ପତରୁ ଦାସ, ବିକ୍ରମ ନରେନ୍ଦ୍ର ଦେବ, ଚକିଟୀ ରାଜା ପୀତାମ୍ବର ନରେନ୍ଦ୍ର ଦେବ, ନୀଳାମ୍ବର ଦାସ, ରଘୁନାଥ ଦାସ, ଜନାର୍ଦ୍ଦନ ମିଶ୍ର, କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଦେବ, ଅନୁଗୋଳ ରାଜା ବ୍ରଜବନ୍ଧୁ ସାମନ୍ତ ସିଂହାର, ଗଞ୍ଜାମ ରାଜଭ୍ରାତା ବିଦ୍ୟାଧର ସାନସାମନ୍ତ, ବରଗଡ଼ର ରାଜ୍ୟ ରଘୁନାଥ ସିଂହ ଏବଂ ଭିକାରୀ ପଟ୍ଟନାୟକ ରଚିତ ରାମଲୀଳା ମାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଅଭିନୀତ ହୋଇ ଖ୍ୟାତି ଲାଭ କରିଥିଲା । ଲୀଳା ପ୍ରଧାନ ଲୋକ ନାଟକ ଭାବରେ ରାମଲୀଳା ପ୍ରାଚୀନ ଲୀଳା ଭାବରେ ବିଦିତ ।

### ୧ । ଖ) କୃଷ୍ଣଲୀଳା :

ରାମଲୀଳା ପରି କୃଷ୍ଣଲୀଳା ମଧ୍ୟ ଅନ୍ୟତମ ଲୀଳାଧର୍ମୀ ଲୋକପ୍ରିୟ ଲୋକନାଟକ ରୂପ । ବିଶେଷତଃ ଓଡ଼ିଶାରେ ମୁସଲମାନ ରାଜତ୍ୱ ସମୟରେ ଏହାର ଭୂୟୋବିକାଶ ଘଟିଥିଲା । ଏଇ ଲୀଳା ନାଟକର ମୁଖ୍ୟ ଚରିତ୍ର ହେଉଛନ୍ତି

ଟିପ୍ପଣୀ

ଶ୍ରୀକୃଷ୍ଣ । ଶ୍ରୀ ଜୟଦେବଙ୍କ ରଚିତ ଗୀତଗୋବିନ୍ଦର ଖ୍ୟାତି ପରେ, ଏହାର ଅନୁସରଣ କରି ଓଡ଼ିଆ ଲୋକକବି କୃଷ୍ଣଲୀଳା ରଚନା କରି ଏହାର ଅଭିନୟ ପ୍ରଦର୍ଶନ କଲେ । ରାମନବମୀ ସମୟରେ ଯେପରି ରାମଲୀଳା ଅଭିନୟ ଚାଲେ, ସେହିପରି ଦୋଳୋତ୍ସବ ଏବଂ ଜନ୍ମାଷ୍ଟମୀ ଇତ୍ୟାଦି ସମୟରେ କୃଷ୍ଣଲୀଳା ହୁଏ । ଏହା ବ୍ୟତୀତ ବର୍ଷକ ଭିତରେ ଯେ କୌଣସି ସମୟରେ ଏଇ ଲୀଳା ଅଭିନୟ ପାଇଁ ସେପରି କୌଣସି ପ୍ରତିବନ୍ଧକ ନଥାଏ । ଏଇ ଲୀଳାରେ ବହୁ ଧର୍ମପ୍ରାଣ ବ୍ୟକ୍ତି କୃଷ୍ଣ, ନନ୍ଦ, ଯଶୋଦା, ସୁଦାମ, ସୁବଳ, ମଧୁମଙ୍ଗଳ ଇତ୍ୟାଦି ବିଭିନ୍ନ ଚରିତ୍ର ଗ୍ରହଣ କରି ଅପାର ଆନନ୍ଦ ଲାଭ କରନ୍ତି ।

କୃଷ୍ଣଲୀଳାରେ କୃଷ୍ଣଙ୍କର ଅଲୌକିକ କାର୍ଯ୍ୟ-କଳାପ ବର୍ଣ୍ଣନା ଦ୍ୱାରା ତାଙ୍କର ଦେବତ୍ୱ ଓ ମାନବତ୍ୱ ପ୍ରକଟିତ ହୁଏ । ଏଥିପାଇଁ ମଧ୍ୟଯୁଗୀୟ କବି ମାନଙ୍କର ଅନେକ କୃଷ୍ଣଚେତନା ମୂଳକ ବୈଷ୍ଣବୀୟ କାବ୍ୟର ଛାନ୍ଦମାନ ସଙ୍ଗୀତ ପିଲାମାନଙ୍କ ଦ୍ୱାରା ଗୀତ ହୋଇଥାଏ । ଏଇ ଲୀଳାରେ ଗିନି, ପଖୌଜ, ମୃଦଙ୍ଗ, ବଂଶୀ ଇତ୍ୟାଦି ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ । କବିସୂର୍ଯ୍ୟ ବଳଦେବ ରଥଙ୍କର ରଚିତ କିଶୋର ଚନ୍ଦ୍ରାନନ୍ଦଚମ୍ପୂ ଲୀଳାକାର ମାନଙ୍କ ଦ୍ୱାରା ବିଶେଷ ଆଦରପ୍ରାପ୍ତ ସଂପଦ ରୂପେ ବିବେଚିତ ।

ମଧ୍ୟଯୁଗୀୟ ଓଡ଼ିଆ କବି ମାନଙ୍କର ଅନେକ ରଚନା ଲୀଳାକାର ମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ । ଓଡ଼ିଶାର ଦକ୍ଷିଣ ଏବଂ ପଶ୍ଚିମାଞ୍ଚଳରେ କୃଷ୍ଣଲୀଳାର ଆଦର ଅପେକ୍ଷାକୃତ ଭାବେ ଅଧିକ । ବିଶ୍ୱମ୍ଭର ରାଜେନ୍ଦ୍ର ଦେବଙ୍କ ରାଧାକୃଷ୍ଣ ଲୀଳା, ନୀଳାମ୍ବର ଦାସଙ୍କ 'କୃଷ୍ଣଲୀଳା' ନାରାୟଣ ଦାସଙ୍କର ରାଧାକୃଷ୍ଣ ଲୀଳା, ହରିବଂଶ ରାୟଙ୍କର 'ଶ୍ରୀ ରାଧାମାଧବ କୁତୁହଳ ଲୀଳା' ଇତ୍ୟାଦି କୃଷ୍ଣଲୀଳାତ୍ମକ ଜନପ୍ରିୟ ରଚନା କୃଷ୍ଣ ଉପାସକମାନଙ୍କ ନିକଟରେ ଅତୀବପ୍ରିୟ । କୃଷ୍ଣଲୀଳା ଅଭିନୟ ଭକ୍ତିକ ନିଷ୍ଠା ଓ ଆନନ୍ଦ ପ୍ରତିପାଦନ କରିଥାଏ ।

**୧। ଗ) ଗୋପଲୀଳା :**

କୃଷ୍ଣଲୀଳାର ପରିମାର୍ଜିତ ରୂପ ହେଉଛି ଗୋପଲୀଳା । କୃଷ୍ଣଲୀଳା କୃଷ୍ଣଙ୍କର ଗୋପ, ମଥୁରା ଓ ଦ୍ୱାରକାବାସ ସମୟର ଲୀଳାମାନ ପ୍ରକାଶ କରିଥାଏ । ମାତ୍ର କୃଷ୍ଣଲୀଳାରେ ବାଳକ କୃଷ୍ଣଙ୍କର ଗୋପରେ ହେଉଥିବା ଲୀଳାକୁ ଗୋପଲୀଳା ରୂପେ ଅଭିହିତ କରାଯାଏ । କିଶୋର କୃଷ୍ଣଙ୍କର ଯାବତୀୟ ଚପଳତା ଏବଂ ଅଲୌକିକ କାର୍ଯ୍ୟାବଳୀ ଏହାର ଅଭିନେୟ ବିଷୟ । ଗୋପଲୀଳା ଲୋକନାଟକ ହେଲେ ମଧ୍ୟ ଏଥିରେ ନଟ, ନଟୀ, ସୂତ୍ରଧାର ଇତ୍ୟାଦି ଚରିତ୍ରର ଛାୟା ସୁସ୍ପଷ୍ଟ । ପ୍ରଥମେ ସଭାକୁ ଆସନ୍ତି ହାଡ଼ି ଓ ହାଡ଼ିଆଣି, ଏଇ ଦୁଇଜଣଙ୍କ ଗୀତ ମଝିରେ ଉପସ୍ଥିତ ହୁଏ 'ଅଣ୍ଡିରୀ ପୁଅ ଉଦ୍ଧବ' । ଏଇ ଚରିତ୍ର ମାଧ୍ୟମରେ ହାସ୍ୟ ରସର ଅବତାରଣା ଘଟେ । ସେ କେବଳ ବ୍ୟଙ୍ଗାତ୍ମକ ନୃତ୍ୟ ପ୍ରଦର୍ଶନ କରି ଦର୍ଶକ ଚିତ୍ତରେ ସୃଷ୍ଟିକରେ ବିମଳ ହାସ୍ୟ । ଏହାପରେ ନିୟତି ଚରିତ୍ର ମାଧ୍ୟମରେ ଭବିଷ୍ୟତର ଅବତାରଣା ଘଟେ, ଏବଂ କଂସ ରାଜା ଚରିତ୍ର ଆଗମନରେ ଲୀଳା ଆରମ୍ଭ ହୁଏ ।

ସଭାରେ କଂସ ବିଜେ ସେବା ପରେ ଆସେ ଦୁଆରୀ, ନିଜର ଦୈନ୍ୟ ସହିତ ସେ ରାଜ ପ୍ରଶସ୍ତିକରେ । ଏତେବେଳେ ନେପଥ୍ୟରୁ ଶୁଣାଯାଏ, କଂସର ଶତ୍ରୁ ଦେବକୀଙ୍କର ଅଷ୍ଟମ ଗର୍ଭରେ ଜନ୍ମନେବ । କଂସ ରାଜା ବିଚଳିତ ହୋଇ ପଡନ୍ତି, ବନ୍ଦୀ ଶାଳାରେ କଡ଼ା ପ୍ରହରୀ ବ୍ୟବସ୍ଥା କରନ୍ତି । ଗୋପଲୀଳାର ପ୍ରସଙ୍ଗ କ୍ରମେ କୃଷ୍ଣଜନ୍ମ, ଗୋପପୁର ଗମନ, ନନ୍ଦ ରାଜାଙ୍କ ପୁତ୍ର ଭାବରେ ରହଣି, ପୁତନାବଧ, ଅଘା, ଶକଟା, ଧେନୁକା, ନାରକାସୁର ଓ ବକାସୁର ବଧ, କାଳୀୟ ଦଳନ ଭଳି ବିଭିନ୍ନ ଅଲୌକିକ କାର୍ଯ୍ୟ ଓ ବନ ମଧ୍ୟରେ ଗୋଚାରଣ, ବନ ବାହୁଡ଼ା ଇତ୍ୟାଦି ନାନା ଦୃଶ୍ୟର ଅବତାରଣା ଘଟେ । ଏଥିରେ କୃଷ୍ଣଙ୍କ ଅଲୌକିକତା ଭିତରେ ଲୌକିକତା ପ୍ରଦର୍ଶିତ ହୁଏ । ଭଣ୍ଡାରୁଣୀ ଇତ୍ୟାଦି ଚରିତ୍ରର ଲୌକିକତା ବେଶ୍

ଆମୋଦ ସୃଷ୍ଟି କରେ । ଗୋପାଲୀଳା ଦ୍ୱାରା ବୈଷ୍ଣବପନ୍ଥୀ ମାନଙ୍କର ଧାର୍ମିକ ଚେତନା ପରିସ୍ଫୁଟ ହୋଇଥାଏ । ଗୋପଲୀଳାରେ ବୈଷ୍ଣବ କବି ମାନଙ୍କର କେତେକ ରଚନା ସାର୍ଥକ ଭାବେ ଅଭିନୀତ ହୁଏ । ଟିପ୍ପଣୀ

୧ । ଘ) **ରାସଲୀଳା :**

କୃଷ୍ଣଲୀଳାତ୍ମକ ଲୋକ ନାଟକରେ ଏକ ବିଶେଷ ରୂପ ହେଉଛି ରାସଲୀଳା । ଏଥିରେ ରାଧାକୃଷ୍ଣ ଓ ଗୋପୀ କୃଷ୍ଣଙ୍କର ପ୍ରେମଲୀଳାର ଅଭିବ୍ୟକ୍ତି ଘଟିଥାଏ । "ଗୋପାନାରୀ ମଣ୍ଡଳ ପରିବେଷ୍ଟିତ ରାଧା କୃଷ୍ଣଙ୍କର 'ଯୁଗଳଲୀଳା' ରାସଲୀଳା ଭାବରେ ଖ୍ୟାତ । ଓଡ଼ିଶାର ଜନମାନସରେ ଜୟଦେବଙ୍କ ଗୀତ ଗୋବିନ୍ଦର ପ୍ରଭାବ କୃଷ୍ଣ ପ୍ରୀତିର ବିକାଶ ଘଟାଇଥିଲା, ତ୍ରୟୋଦଶ ଶତକ ସମୟକୁ ଓଡ଼ିଶାରେ ରାସର ପ୍ରଭାବ ସୃଷ୍ଟି ହୋଇଥିଲା । ବିଶ୍ୱନାଥ କବିରାଜ ରାସର ବୈଶିଷ୍ଟ୍ୟ ଉଲ୍ଲେଖ କରି କହନ୍ତି ।

ରାସକଂ ପଞ୍ଚପାତ୍ରଂ ସ୍ୟାତ୍ ମୁଖ ନିର୍ବହଣାନ୍ୱିତମ୍
ଭାଷା ବିଭାଷା ଭୂୟିଷ୍ଠଂ ଭାରତୀ କୈଶିକୀ ଯୁତମ୍
ଅସୂତ୍ରଧାର ମେକାଂକଂ ସବୀଥ୍ୟଙ୍ଗ କାଳାନ୍ୱିତମ୍
ଶ୍ଲିଷ୍ଟନାନ୍ଦୀ ଯୁତଂ ଖ୍ୟାତ ନାୟିକାଂ ମୁଖ ନାୟକଂ ।

ମାତ୍ର ପାଞ୍ଚ ପାତ୍ର ପାତ୍ରୀଙ୍କୁ ନେଇ ଏକଅଙ୍କ ବିଶିଷ୍ଟ ଓ ନାୟିକା ପ୍ରଧାନ ଶୃଙ୍ଗାର ରସ ରଚନା ଭିତ୍ତିରେ ସେ ରାସକୁ ଗ୍ରହଣ କରିଛନ୍ତି । କେତେକ ଆଲୋଚକ ରସରୁ ରାସ ସୃଷ୍ଟି ହୋଇଥିବା କଥା କହିବା ସମୟରେ ଅନ୍ୟ କେତେକ ଏହାକୁ ରସ ସମୂହର ସୃଷ୍ଟି ରୂପ ଗ୍ରହଣ କରନ୍ତି । ସଂସ୍କୃତ 'ରାସକ' ଶବ୍ଦରୁ ଦେଶୀୟ ଭାଷା ଭାବରେ 'ରାସ' ହିଁ ଗୃହୀତ । ଓଡ଼ିଆ ଭାଗବତରେ କବି ଜଗନ୍ନାଥ ଦାସ ଦଶମସ୍କନ୍ଧ ଗୋପଲୀଳାର ତ୍ରିଂଶ ଅଧ୍ୟାୟଠାରୁ ଚତୁସ୍ତ୍ରିଂଶ ଅଧ୍ୟାୟ ପର୍ଯ୍ୟନ୍ତ ରଚନାକୁ ରାସ ଭାବରେ ଗ୍ରହଣ କରି ଅଛନ୍ତି । ଈଶ୍ୱରଙ୍କର ରହସ୍ୟ ଲୀଳାର ଅଭିବ୍ୟକ୍ତି ଏଥିରେ ସଂଭବ ହୋଇଥିବା ହେତୁ, ଏହାକୁ କେହି କେହି ରାସଲୀଳା କହନ୍ତି ।

ଓଡ଼ିଶାରେ ଶରତରାସ କାର୍ତ୍ତିକ ଶୁକ୍ଳପକ୍ଷ ଶେଷ ପାଞ୍ଚଦିନ ଅନୁଷ୍ଠିତ ହୁଏ । ପୁଣି ବହୁ ସ୍ଥଳରେ ବସନ୍ତରାସର ପ୍ରଚଳନ ରହିଛି । "ଷୋଳ ସହସ୍ର ଗୋପାଙ୍ଗନାଙ୍କ ଗହଣରେ କୃଷ୍ଣଚନ୍ଦ୍ରଙ୍କର ବସନ୍ତ ଓ ଶରତ କାଳୀନ ଅଲୌକିକ ପ୍ରେମଭାବ ସଂପନ୍ନ ଲୀଳାହିଁ ରାସ ନାମରେ ପରିଚିତ । ଏହା ଗୋପାଙ୍ଗନା ଗଣଙ୍କ ଆତ୍ମ ସମର୍ପଣ ବାଦର ଶ୍ରେଷ୍ଠତମ ଉଦାହରଣ । ସେମାନେ କୃଷ୍ଣଙ୍କୁ ଅନାଦି ବ୍ରହ୍ମ (ଗୋପୀ ଗୋଟିକେ କୃଷ୍ଣ ଏକ) ରୂପେ ଦେଖିବା ଏବଂ ନିଜକୁ ସର୍ବାନ୍ତଃକରଣରେ ତାଙ୍କରି ପାଖରେ ସମର୍ପଣ କରିବାହିଁ ରାସଲୀଳାର ବର୍ଣ୍ଣିତ ବିଷୟ । କାହା ମନରେ ଯଦି ସାମାନ୍ୟ ଅହମିକା ସ୍ଥାନ ପାଇଛି ତାକୁ କିପରି ଖର୍ବ କରିବାକୁ ହେବ ତାହା ସେହି କୃଷ୍ଣଙ୍କୁ ଜଣା । ତେଣୁ ସେହି ଅନାଦି ପୁରୁଷଙ୍କ ଅବ୍ୟକ୍ତ ଲୀଳା ରସକୁ ପାନ କରାଇବା 'ରାସ'ର ଉଦ୍ଦେଶ୍ୟ ।

ଓଡ଼ିଶାର କାର୍ତ୍ତିକ ପୂର୍ଣ୍ଣିମାକୁ ରାସ ପୂର୍ଣ୍ଣିମା କୁହାଯାଏ, ମାସର ଶେଷ ପାଞ୍ଚଦିନ ରାସପଞ୍ଚକ ନାମରେ ଅଭିହିତ । ପ୍ରତି ଗ୍ରାମରେ କଦମ୍ବବୃକ୍ଷ ଛାୟାରେ ରାସ ମଣ୍ଡଳ ସୁସଜ୍ଜିତ ହୁଏ ଓ ରାଧାକୃଷ୍ଣ ମୂର୍ତ୍ତି ରଖାଯାଇ ବିଭିନ୍ନ ଫୁଲ ପତ୍ରରେ ରାସ କୁଞ୍ଜ ନିର୍ମାଣ କରାଯାଏ ଓ ସଂଧ୍ୟା ସମୟରେ ଜଗନ୍ନାଥ ଦାସଙ୍କ ଭାଗବତରେ ଥିବା ରାସକୁ ଦୈନିକ ଅଧ୍ୟାୟେ ଲେଖାଏଁ ପଢ଼ାଯାଏ । ଏଥିସହିତ ରାଧା, କୃଷ୍ଣ ପ୍ରେମଲୀଳା ଅଭିନୀତ ହୁଏ । ଏଥିରେ ଖୋଳ, କରତାଳ, ଗିନି, ଘୁଙ୍ଗୁର ଇତ୍ୟାଦି ବାଦ୍ୟଯନ୍ତ୍ର ବ୍ୟବହୃତ ହୋଇଥାଏ । ସେଇପରି ଦୋଳପୂର୍ଣ୍ଣିମାରେ ବସନ୍ତରାସ ଅନୁଷ୍ଠିତ ହୁଏ ।

ଟିପ୍ପଣୀ

ଓଡ଼ିଆ ଭାଷାରେ ଆଦି ରାସ ରଚୟିତା ଭାବରେ ଜଗନ୍ନାଥ ଦାସ ହିଁ ଖ୍ୟାତିଲାଭ କରିଛନ୍ତି । ତାଙ୍କପରେ ଶିଶୁ ବନମାଳୀ ଦାସଙ୍କ ବନମାଳୀ ରାହାସ', ପିଣ୍ଡିକ ଶ୍ରୀଚନ୍ଦ୍ରଙ୍କର 'ବସନ୍ତରାସ' ଲୋକନାଥ ରାଉତରାୟଙ୍କର 'ବସନ୍ତରାସ', ରାଜା କିଶୋରଚନ୍ଦ୍ର ରାଜେନ୍ଦ୍ର, ଦେବଙ୍କର 'ବସନ୍ତ ରାହାସ' ଏବଂ ବିଶ୍ୱମ୍ଭର ନରେନ୍ଦ୍ର ଦେବଙ୍କର 'ଶରଦ ରାହାସ' ଇତ୍ୟାଦିର ଯଥେଷ୍ଟ ଲୋକପ୍ରିୟତା ରହିଅଛି । ରାସ ଗୁଡିକରେ ନାରଦ, ରାଧା, କୃଷ୍ଣ, ବିଶାଖା ଓ ଲଳିତାଦି ଅଷ୍ଟସଖୀ, ବୃନ୍ଦାବତୀ, ସୁଦାମ ଓ ମଧୁମଙ୍ଗଳ ଇତ୍ୟାଦି ଚରିତ୍ର ସ୍ଥାନ ପାଇଥାନ୍ତି । ସରଳ-ସୁଲଳିତ ସଙ୍ଗୀତର ମୃଦୁ ମୂର୍ଚ୍ଛନାରେ ରାସ ସ୍ଥଳୀର ଅଭିନୟ ଅତି ଚମତ୍କାର ଲାଗେ, ରାସର ପୂର୍ଣ୍ଣତା ଆଣେ ରାଧାକୃଷ୍ଣଙ୍କର ଯୁଗଳ ମିଳନ ଏବଂ ଚତୁପାର୍ଶ୍ୱରେ ଗୋପାଙ୍ଗନାଙ୍କର ସମ୍ମିଳିତ ପ୍ରଦକ୍ଷିଣ । ରାସରେ ବୋଲାଯାଏ ।

"ସୁଜନେ ହେ କରୁଛନ୍ତି ରାସକେଳି
ଶ୍ରୀ ବୃନ୍ଦାବନରେ ନୀପତରୁ ମୂଳେ
ରହି ରାଧା ବନମାଳୀ ।"

ରାସକୁ ଲୋକନାଟକର ଏକ ବଳିଷ୍ଠ ରୂପ ଭାବରେ ଗଣନା କରାଯାଏ । କିନ୍ତୁ ଏହାର ସଙ୍ଗୀତ ଗୁଡିକ ଶାସ୍ତ୍ରୀୟ ଏବଂ ଏହାର ରଚନା ରୀତି ଲୋକଗୀତର ମୌଖିକ ଧାରା ଠାରୁ ଶ୍ରେୟ । ଏହା ଶିଷ୍ଟ ସାହିତ୍ୟର ଅନ୍ତର୍ଭୁକ୍ତ । ଆଧୁନିକ ପର୍ଯ୍ୟାୟରେ ରାସର ପ୍ରଭାବ ଊଣା ହୋଇନାହିଁ । ବରଂ ଗୋବିନ୍ଦଚନ୍ଦ୍ର ଶୂରଦେଓ ଏବଂ ନାଟ୍ୟାଚାର୍ଯ୍ୟ କାଳୀଚରଣ ପଟ୍ଟନାୟକଙ୍କ କୃତିତ୍ୱରେ ଓଡ଼ିଆ ରାସରେ ନବୀନ ରୁଚିବୋଧ ପ୍ରକଟିତ ହୋଇଛି । ଏହା ପୁଣି ଓଡ଼ିଶାରେ ରାସ ଦଳ ସଙ୍ଗଠନରେ ଯଥେଷ୍ଟ ଉତ୍ସାହ ସୃଷ୍ଟି କରିଛି ।

**୧ । ଢ) ଭାରତ ଲୀଳା :**

'ରାମଲୀଳା' ରେ ରାମାୟଣ, 'କୃଷ୍ଣଲୀଳା'ରେ ଭାଗବତର କଥାବସ୍ତୁକୁ ଯେପରି ଅବଲମ୍ବନ କରାଯାଏ, ସେହିପରି ଭାବରେ ମହାଭାରତର 'ସୁଭଦ୍ରା ହରଣ' ଅବଲମ୍ବନରେ ଭାରତ ଲୀଳାର ପରିକଳ୍ପନା କରାଯାଇଛି । ଏହି ଧରଣର ଲୀଳାରେ ଦ୍ୱାରପାଳ ବା ଦ୍ୱାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହାକୁ କେହିକେହି ଦୁଆରୀନାଟ' ନାମରେ ଅଭିହିତ କରିଥାଆନ୍ତି । ଏହା ନୃତ୍ୟ ଓ ସଙ୍ଗୀତ ପ୍ରଧାନ, ଏଥିରେ ସ୍ଥାନେସ୍ଥାନେ ଗଦ୍ୟ ସଂଳାପର ବ୍ୟବହାର ରହିଛି । ଏହା ଗଞ୍ଜାମ ନୟାଗଡ଼ ଏବଂ ଦଶପଲ୍ଲା ପ୍ରଭୃତି ଅଞ୍ଚଳରେ ବିଶେଷ ଲୋକପ୍ରିୟତା ପ୍ରାପ୍ତ ଲୋକନାଟ୍ୟ ।

'ଭାରତ ଲୀଳାରେ ଯାତ୍ରା ପର୍ଯ୍ୟାୟର କଳାତ୍ମକ ଅଭିବ୍ୟକ୍ତି ପରିଲକ୍ଷିତ ହୋଇଥାଏ । ରାମଲୀଳା ପରି ଏଥିରେ କେତେକ କ୍ଷେତ୍ରରେ ମଧ ରାକ୍ଷସ ଚରିତ୍ରରେ ବ୍ୟବହାର ଲକ୍ଷିତ ହୁଏ । ଏଇ ଲୀଳାରେ ମୁଖ୍ୟ ଚରିତ୍ର ଭାବରେ ଅର୍ଜୁନ, କୃଷ୍ଣ ଏବଂ ସୁଭଦ୍ରା ଇତ୍ୟାଦିଙ୍କୁ ଗ୍ରହଣ କରାଯାଏ । ମହାଭାରତର ଅର୍ଜୁନଙ୍କ ସହିତ ସୁଭଦ୍ରାଙ୍କର ପରିଣୟ ପ୍ରଭୃତି କେତେକ ବିଷୟ ଏଥିରେ ପ୍ରଦର୍ଶିତ ହୁଏ । କୃଷ୍ଣଲୀଳା, ଶୃଙ୍ଗାରାତ୍ମକ, କିନ୍ତୁ ଭାରତଲୀଳା ବୀରତ୍ୱବ୍ୟଞ୍ଜକ । ଯୁଦ୍ଧ ଇତ୍ୟାଦିର ବର୍ଣ୍ଣନା ଏଥିରେ ସ୍ଥାନ ପାଇଥାଏ । ଗୋପଲୀଳାରେ ଯେପରି ବିଶେଷ ହାସ୍ୟରସ ପରିବେଷଣ ପାଇଁ 'ଅଣ୍ଡିରୀପୁଅ ଉଦ୍ଧବ' ଚରିତ୍ର ରହିଥାଏ, ସେହିପରି ଭାରତଲୀଳା କ୍ଷେତ୍ରରେ ଦୁଆରୀର ନବରଙ୍ଗ ବିଶେଷ ଆଦରଣୀୟ ହୋଇଥାଏ । ଏଇ ଚରିତ୍ରଟି ମାଧ୍ୟମରେ କାହାଣୀ ବିବୃତ ହୋଇ ଘଟଣା କ୍ରମର ଗତିଶୀଳତା ସୂଚୀତ ହୁଏ । ବର୍ଷର ଯେକୌଣସି ସମୟରେ ଏଇ ଲୀଳା ଅଭିନୀତ ହୋଇପାରେ ।

ଲୀଳା ପର୍ଯ୍ୟାୟର ଲୋକନାଟକ ଗୁଡିକ ବିଶେଷତଃ ଧର୍ମାନୁଷ୍ଠାନ ସହିତ ସଂପୃକ୍ତ ରାମ ଏବଂ କୃଷ୍ଣ ଏସବୁରେ ଆଧ୍ୟାତ୍ମିକ ଚେତାନକୁ ସଞ୍ଜୀବିତ କରାନ୍ତି । ଲୀଳା ନାଟକ ଗୁଡିକ ପରିବର୍ତ୍ତିତ ପରିପ୍ରେକ୍ଷୀରେ ଗୀତିନାଟ୍ୟ ଭିତରେ ସାମିଲ ହୋଇ ଏହାର ନବୀନ ନାଟକୀୟତା ପରିବେଷଣ କରିପାରିଥିଲା ।

## ନାଚ ବା ନାଟଭିତ୍ତିକ ଲୋକନାଟକ

ଟିପ୍ପଣୀ

ଲୋକନାଟକ ଗୁଡିକ ମଧ୍ୟରେ କେତେକ କ୍ଷେତ୍ରରେ ନାଟଭିତ୍ତିକ ଲୋକ ନାଟକ ସ୍ଥାନ ପାଇଛି । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ସମୟରେ ବିଭିନ୍ନ ଧରଣର ନାଟ ଅନୁଷ୍ଠିତ ହୋଇଥାଏ । ଆଦିବାସୀ ବହୁଳ ଅଞ୍ଚଳରେ ମୁଖ୍ୟତଃ କରମାନାଚ, ରସରକେଳି, ଦଣ୍ଡନାଟ ଇତ୍ୟାଦିର ଅଧିକ ପ୍ରଚଳନ ରହିଥିବା ବେଳେ, ଉପକୂଳବର୍ତ୍ତୀ ଓଡ଼ିଶାରେ ପାଟୁଆଯାତ୍ରା, ଘୋଡ଼ାନାଚ ଇତ୍ୟାଦି ଅଭିନୀତ ହୋଇଥାଏ । ଏଥିମଧ୍ୟରୁ କେତେକ ଲୋକ ନାଟକ ମୁଖ୍ୟତଃ ନୃତ୍ୟ ପ୍ରଧାନ, ସମ୍ଭବତଃ ଏହି କାରଣରୁ ଏସବୁକୁ ନାଚ ବା ନାଟ ଶବ୍ଦଦ୍ୱାରା ଚିହ୍ନିତ କରାଯାଇଥାଏ । ନାଚ ବା ନାଟ ଭିତ୍ତିକ ଲୋକ ନାଟକର ସ୍ୱାତନ୍ତ୍ର୍ୟ ଅଛି । ଲୀଳାଭଳି ଏହି ପର୍ଯ୍ୟାୟଭୁକ୍ତ ଅଭିନୟଗୁଡିକ ସଙ୍ଗୀତ ପ୍ରଧାନ ନୁହେଁ, ବରଂ ନୃତ୍ୟପ୍ରଧାନ । ଏମାନଙ୍କ ଭିତରେ ସର୍ବ ପ୍ରାଚୀନ ହେଉଛି କଣ୍ଢେଇ ନାଟ । ଓଡ଼ିଶାର ବିଭିନ୍ନ ସ୍ଥାନରେ ପୁତଳିକା ନୃତ୍ୟ ବା କଣ୍ଢେଇ ନାଟର ବିଚିତ୍ର ବ୍ୟବସ୍ଥା ରହିଥିବା ଜଣାଯାଏ ।

### ୨ (କ) କଣ୍ଢେଇ ନାଚ :

ଓଡ଼ିଆ ଲୋକନାଟ୍ୟ ପରମ୍ପରାରେ ଜଡ଼ ନୃତ୍ୟର ଏକ ସ୍ୱତନ୍ତ୍ର ନମୁନା ହେଉଛି କଣ୍ଢେଇ ନାଟ । ଏହା ପୁଣି ବିଭିନ୍ନ ପ୍ରକାରର । ଏଥିରେ ସୂତା କଣ୍ଢେଇ, ସଖୀ କଣ୍ଢେଇ, କାଠି କଣ୍ଢେଇ ଓ ଛାୟା କଣ୍ଢେଇ ଇତ୍ୟାଦି ବ୍ୟବହୃତ ହୋଇଥାଆନ୍ତି । କଟକ, ପୁରୀ ଓ ଗଞ୍ଜାମ ପ୍ରଭୃତି ଜିଲ୍ଲାରେ ସୂତା କଣ୍ଢେଇ ନାଟ ହୁଏ । ସୂତା କଣ୍ଢେଇ ନାଟ ପାଇଁ ଚାରିଫୁଟ ଲମ୍ବ, ଦୁଇଫୁଟ ଓସାର ଏବଂ ତିନିଫୁଟ ଉଚ୍ଚ ଏକ ରଙ୍ଗମଞ୍ଚ ନିର୍ମିତ ହୋଇଥାଏ । ଏହି ମଞ୍ଚର ତିନିପାଖ ଆବୃତ ହୋଇଥାଏ ଏବଂ ଆର ପାଖରେ ଏକଧଳା ପର୍ଦ୍ଦା ଟଙ୍ଗା ଯାଇଥାଏ । ମଞ୍ଚ ଉପରେ ବାଉଁଶ ବା କାଠ ବନ୍ଧାଯାଏ ଓ ଏଥିରେ କଣ୍ଢେଇ ଦେହରେ ଲାଗିଥିବା ରେଶମ ସୂତାକୁ ବାନ୍ଧି ଦିଆଯାଏ । ବିଭିନ୍ନ ଗୀତ ଓ ବାଦ୍ୟ ସାହାଯ୍ୟରେ କଣ୍ଢେଇମାନେ ଗୋପଲୀଳା ପରିବେଷଣ କରନ୍ତି । କଣ୍ଢେଇ ନାଚରେ ନିର୍ଜୀବ କଣ୍ଢେଇମାନଙ୍କୁ ସୂତ୍ରଧାର ସୂତା ସାହାଯ୍ୟରେ ନଚାନ୍ତି । ସଙ୍ଗୀତକାର ସଙ୍ଗୀତ ଗାନ କରନ୍ତି ଏବଂ ସ୍ଥଳ ବିଶେଷରେ ସଂଳାପ ଉଚ୍ଚାରଣ କରନ୍ତି । ବାଦ୍ୟର ତାଳେ ତାଳେ କଣ୍ଢେଇମାନେ ନୃତ୍ୟ କରି ଜନଚିତ୍ତ ଆକର୍ଷଣ କରନ୍ତି ।

କଟକ, ପୁରୀ ଓ ବାଲେଶ୍ୱର ପ୍ରଭୃତି କେତେକ ଜିଲ୍ଲାରେ ସଖୀକଣ୍ଢେଇ ନାଚର ବ୍ୟବସ୍ଥା ଦେଖାଯାଏ । କେବଳ କେଳା ସଂପ୍ରଦାୟର ଲୋକଙ୍କର ଏହା ଏକ ସ୍ୱତନ୍ତ୍ର କଳାକର୍ମ । କେଳାମାନେ ଅତି ସୁନ୍ଦର ଚିତ୍ରିତ କାଠ କଣ୍ଢେଇକୁ ଗୋଟିଏ ହାତରେ ଧରନ୍ତି ଓ ଅନ୍ୟ ହାତରେ ବାଜା ବଜାନ୍ତି । ତୁଣ୍ଡରେ ଥାଏ ତାଙ୍କର ସଙ୍ଗୀତ । ଏକ ସମୟରେ କଣ୍ଢେଇ ଧରି ନୃତ୍ୟ କରାଇବାର ଅଦ୍ଭୁତ କୌଶଳ ସେମାନେ ଆୟତ୍ତ କରିଥାଆନ୍ତି । ଗାଁ ଦାଣ୍ଡରେ ବୁଲି ବୁଲି ଏମାନେ ଏଇ ନାଚ ପରିବେଷଣ କରନ୍ତି । ବେଳେବେଳେ କେଳୁଣୀ ଏଇ କାର୍ଯ୍ୟରେ କେଳାକୁ ସହଯୋଗ କରିଥାଏ । ସେହିପରି କେତେକ ଲୋକେ କାଠି ସାହାଯ୍ୟରେ କଣ୍ଢେଇ ନିର୍ମାଣ କରି ଏ ସବୁ ନୃତ୍ୟ କରାଇଥାଆନ୍ତି । କେବଳ କେନ୍ଦୁଝର ଜିଲ୍ଲାରେ ଏଇ ଧରଣର କଣ୍ଢେଇନାଚ ଅନୁଷ୍ଠିତ ହେବା ଦେଖାଯାଏ ।

କଣ୍ଢେଇ ନାଚର ଅନ୍ୟତମ ବିଶେଷ ଆକର୍ଷଣ ହେଉଛି ଛାୟା କଣ୍ଢେଇ ନାଚ । ଏଇ ଧରଣର କଣ୍ଢେଇ ନାଚ ଢେଙ୍କାନାଳ ଜିଲ୍ଲାର ଓଡ଼ଗଶ ଗାଁରେ ଦେଖାଯାଏ । ଏହାକୁ ରାବଣ ଛାୟା କଣ୍ଢେଇ ନାଚ ବୋଲି କୁହାଯାଏ । ସୂତା କଣ୍ଢେଇ ନାଚରେ ଯେପରି ଗୋପଲୀଳା ପ୍ରସଙ୍ଗ ପ୍ରକାଶ କରାଯାଏ, ଛାୟା କଣ୍ଢେଇ ନାଚରେ ସେହିପରି ଭାବରେ ରାମାୟଣର

ଟିପ୍ପଣୀ

କଥାବସ୍ତୁକୁ ଗ୍ରହଣ କରାଯାଏ । ଏଇ କଣ୍ଢେଇ ନାଚରେ ସ୍ୱତନ୍ତ୍ର ଧରଣର ମଞ୍ଚ କୌଶଳ ଅନୁସୃତ ହୋଇଥାଏ । ଗୋଟାଏ ପରିଷ୍କାର ଧଳା ପର୍ଦ୍ଦାର ପଶ୍ଚାତ୍ ଭାଗରେ ଗୋଟାଏ ଦୀପ ଜଳାଇ ଦିଆଯାଏ । ଦୀପ ଏବଂ ପର୍ଦ୍ଦାର ପରବର୍ତ୍ତୀ ସ୍ଥାନରେ ହରିଣ ଚମଡାରେ ନିର୍ମିତ କେତେକ କଣ୍ଢେଇକୁ ନଚାଯାଏ । ଦୀପ ଆଲୋକରେ କଣ୍ଢେଇ ମାନଙ୍କର ଛାୟା କେବଳ ପର୍ଦ୍ଦାରେ ପଡେ । ଏଇ ଧରଣର କଣ୍ଢେଇ ନାଚର ଗାୟକ ଓ ପାଳିଆମାନେ ବାଦ୍ୟକାର ସହିତ ବିଚିତ୍ର ରାମାୟଣର ବିଭିନ୍ନ ଛାନ୍ଦ ଗାନ କରନ୍ତି । ଏଥିରେ ବାଦ୍ୟ ଭାବରେ ଖଞ୍ଜଣି, ଗିନି, ରାମତାଳି ଇତ୍ୟାଦି ବ୍ୟବହୃତ ହୁଏ । ସାତକାଣ୍ଡ ରାମାୟଣର କଥାବସ୍ତୁ ସାତ ରାତିରେ ଅଭିନୀତ ହୁଏ । ସୂତା କଣ୍ଢେଇ ଓ ଛାୟା କଣ୍ଢେଇ ନାଚର ନାଟ୍ୟଧର୍ମିତା କାଠି ଓ ସଖୀ କଣ୍ଢେଇ ନାଚ ଠାରୁ ଉନ୍ନତତର ।

**୨ । ଖ) ସଖୀନାଚ ଓ ସଖୀ ନାଟ :**

ସଖୀନାଚ ଓ ସଖୀନାଟ ସ୍ୱତନ୍ତ୍ର କଳାକର୍ମ । ଗଞ୍ଜାମ ପ୍ରଭୃତି ଜିଲ୍ଲାରେ ସଖୀନାଟର ଯଥେଷ୍ଟ ଚାହିଦା । ଏହା ଜନପ୍ରିୟ ଗୀତ ଓ ନୃତ୍ୟ ସମ୍ବଳିତ ଅଭିନୟ । ଆଲୋଚକଙ୍କ ମତରେ - "ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ଓ ଗୋପକୃଷ୍ଣଙ୍କ କବିତାରୁ କିଛି କିଛି ଗାନ ବର୍ଷାଧିକ ତାଲିମ୍ ପ୍ରାପ୍ତ ନୃତ୍ୟରେ ସେମାନେ ଦର୍ଶକଙ୍କୁ ମୁଗ୍ଧ କରନ୍ତି । ଏଇ ନାଚ ବିବାହ, ବ୍ରତ, ଦେବଯାତ ମାନଙ୍କରେ ସଜ୍ଜିତ ହୋଇ ବାଜା ତାଳ ସହିତ ମେଳ ରଖି ନାହାନ୍ତି ।" କେତେକ କ୍ଷେତ୍ରରେ ଜନପ୍ରିୟ ପୁରାଣ ଉପାଖ୍ୟାନର କେତେକ ଅଂଶକୁ ଏଥିରେ ନାଟ୍ୟରୂପ ପ୍ରଦାନ କରାଯାଏ । ଏହାର ସଙ୍ଗୀତମୟତା ଓ ନାଟ୍ୟ ଧର୍ମିତାର ବିଶେଷତ୍ୱ ରହିଛି ।

ସଖୀନାଟ କିନ୍ତୁ ସଖୀନାଚ ଠାରୁ ସ୍ୱତନ୍ତ୍ର । ସଖୀନାଟରେ ଜଡ଼ କଣ୍ଢେଇ ମାନଙ୍କୁ ସଖୀ ବେଶରେ ସୁସଜ୍ଜିତ କରାଯାଇ ନୃତ୍ୟକରାଉଥିବା ସମୟରେ ସଖୀ ନାଚରେ କିଶୋରମାନେ ନାରୀ ବେଶରେ ନୃତ୍ୟ କରନ୍ତି । ଜଡ଼ ପିତୁଳା ଭିତରେ ଗୀତ ଓ ନୃତ୍ୟର ସଞ୍ଚାର କରାଯାଇ ଯେମିତି ଜୀବନ ସଞ୍ଚାର କରାଯାଏ । ଆଲୋଚକ ଡକ୍ଟର କୁଞ୍ଜବିହାରି ଦାଶ ଏ ସମ୍ପର୍କରେ କହନ୍ତି - "ଜନଚିତ୍ତ ରଞ୍ଜନର ଗଣନାଟ୍ୟ ରୂପେ ଏହା ଯୁଗେ ଯୁଗେ ପ୍ରତିଷ୍ଠା ଲାଭ କରି ଆସିଛି । ଏହାର ଅଭିନେତା ଓ ଅଭିନେତ୍ରୀ ଜଡ଼ ପିତୁଳା, ତହିଁରେ ଜୀବନ୍ୟାସ ଦେଇ ପ୍ରାଣବନ୍ତ କରାଇବାରେ ସଖୀନାଟର ବିଶେଷତ୍ୱ ନିହିତ । ଥିଏଟର ଅପେକ୍ଷା ଅଳ୍ପ ବ୍ୟୟରେ ଏହାର ରଙ୍ଗମଞ୍ଚ ନିର୍ମିତ ହୁଏ, ଯବନିକା ନ ଥାଏ, ସଖୀନାଟର ରହସ୍ୟ ଗୋପନ ତଥା ଜୀବନ୍ତ ଅଭିନେତାଙ୍କୁ ପୃଷ୍ଠ ପଟରେ ରଖିବା ଲାଗି ଗୋଟିଏ ପରଦା ମାତ୍ର ଥାଏ ।" ସଖୀନାଟରେ ଜଡ଼ କଣ୍ଢେଇ ମାନଙ୍କ ଦ୍ୱାରା ପୁରାଣ ବିଷୟର ଅଭିନୟ ବେଶ ଚିତାକର୍ଷକ ହୁଏ ।

**୨ । ଗ) ଗୋଟିପୁଅ ନାଚ :**

ଜଗନ୍ନାଥ ମନ୍ଦିରରେ ବହୁ କାଳରୁ ମାହାରୀ ନୃତ୍ୟର ବ୍ୟବସ୍ଥା ପ୍ରଚଳିତ । ମାହାରୀ ନୃତ୍ୟରେ ନାରୀମାନେ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରୁଥିଲେ । କିନ୍ତୁ ସମୟ ଆସିଲା, ଯେତେବେଳେ ରାଜାମାନେ ସେମାନଙ୍କ ଦରବାରରେ ଏଇ ନୃତ୍ୟର ବ୍ୟବସ୍ଥା କରାଇଲେ । ସେତେବେଳେ ରାଜା ମନୋରଂଜନ ପାଇଁ ନାରୀ ପରିବର୍ତ୍ତେ କେତେକ କ୍ଷେତ୍ରରେ କିଶୋରମାନଙ୍କୁ ନାରୀ ରୂପରେ ସୁସଜ୍ଜିତ କରାଇ ନୃତ୍ୟ ପରିବେଷଣ କରାଗଲା । ନାରୀବେଶ ଧାରୀ ଏଇ ନୃତ୍ୟଶିଳ୍ପୀ ମାନଙ୍କୁ ଗୋଟିପୁଅ ବା ଆଖଡ଼ା ପିଲା କୁହାଯାଇଥିଲା' ଏଇ ପିଲାମାନଙ୍କର ନୃତ୍ୟ କ୍ରମେ ଗୋଟିପୁଅ ଭାବରେ ପରିଗଣିତ ହେଲା । 'ଶ୍ରୀ ମନ୍ଦିରରେ ଦେବଦାସୀ ବା ମାହାରୀ ନୃତ୍ୟ ସେବା ଦୈନନ୍ଦିନ ନୀତି ରୂପେ ଅବଧି ପ୍ରଚଳିତ ହେଉଥିଲେ ମଧ ଚାପ ଓ

ଟିପ୍ପଣୀ

ଝୁଲଣ ଇତ୍ୟାଦି ଯାନି-ଯାତ୍ରା ମାନଙ୍କରେ ତଥା ଜନସମାଜର ବିବିଧ କୌଳିକ ଅନୁଷ୍ଠାନ ଓ ମନୋରଂଜନ ଅବସରରେ ଏହି ନୃତ୍ୟ ପ୍ରାୟ ଗୋଟିପୁଅ ମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇ ଆସୁଛି ।" ନୃତ୍ୟର ଶିଳ୍ପବିଧି ଏଥିରେ ରକ୍ଷା କରାଯାଏ । ମୃଦଙ୍ଗ, ପଖୋଜ, ଗିନି, କଂସାଳ ଇତ୍ୟାଦି ବାଦ୍ୟ ଏଥିରେ ବ୍ୟବହୃତ ହୁଏ । ବିଭୁବନ୍ଦନାତ୍ମକ ଓ ଶୃଙ୍ଗାର ରସାତ୍ମକ ସଂଗୀତ ଏଇ ନୃତ୍ୟ ପ୍ରଦର୍ଶନରେ ଯଥେଷ୍ଟ ସାହାଯତା କରିଥାଏ ।

୨ । ଘ) **ଦଣ୍ଡନାଟ :**

ଓଡ଼ିଆ ଲୋକନାଟ୍ୟର ଶିଳ୍ପ ବିଧିରେ ଦଣ୍ଡନାଟର ପ୍ରମୁଖ ସ୍ୱତନ୍ତ୍ର୍ୟ ପରିଦୃଷ୍ଟ । ଅଧିକାଂଶ ଲୋକନାଟକ ଆଧ୍ୟାତ୍ମିକ ଭାବନା ସହିତ ସଂଯୁକ୍ତ, ଏଦୃଷ୍ଟିରୁ ଦଣ୍ଡନାଟ ଶିବ ଉପାସନା ସହିତ ଘନିଷ୍ଠ ସଂପର୍କ ସ୍ଥାପନ କରିଥାଏ । ଗୋଟିଏ କାଠ ବାଡ଼ିକୁ ସିନ୍ଦୁର ବୋଳି ରଙ୍ଗୀନ୍ କପଡ଼ାରେ ସୁସଜ୍ଜିତ କରାଯାଇ ଶିବଙ୍କ ପ୍ରତିନିଧି ଭାବରେ ସ୍ଥାପନ କରାଯାଏ । ଦଣ୍ଡ ନାଟରେ ନୃତ୍ୟ କରନ୍ତି ଶବର ଓ ଶବରୁଣୀ । ପ୍ରଥମେ ଶବର ଶିକାର ପାଇଁ ବନ ଗମନ କରେ, ବନରେ ସର୍ପ ଦଂଶନ ହେତୁ ସେ ମୃତ୍ୟୁ ବରଣ କରେ । ଶବରର ମୃତ୍ୟୁରେ ଶବରୁଣୀ ଗଭୀର ଦୁଃଖରେ ଅଭିଭୂତ ହୋଇ ଏକନିଷ୍ଠ ଭକ୍ତି ଓ ଧ୍ୟାନର ଶିବଙ୍କୁ ପ୍ରାର୍ଥନା କରେ ଓ ଶିବ ସନ୍ତୁଷ୍ଟ ହୋଇ ଶବରକୁ ନବଜୀବନ ଦାନ କରନ୍ତି । ଦଣ୍ଡ ନାଟରେ ଏଇ ମୁଖ୍ୟ ଚରିତ୍ର ସହିତ ଅନ୍ୟ କେତେକ ଗୌଣ ଚରିତ୍ର ମଧ୍ୟ ସ୍ଥାନ ପାଇଥାଆନ୍ତି ।

ଦଣ୍ଡନାଟରେ ବ୍ୟବହୃତ ଦଣ୍ଡକୁ ନେଇ ଏହାର ନାମକରଣ କରାଯାଇ ନ ଥାଏ, ଅପରନ୍ତୁ ଶାରୀରିକ କଷ୍ଟ ବା ଦଣ୍ଡ ସ୍ୱୀକାର କରି ଶିବ ଓ ଶକ୍ତିଙ୍କୁସ୍ତୁତି କରାଯାଇଥିବା ହେତୁ ଏହାକୁ ଦଣ୍ଡନାଟ କୁହାଯାଏ । ଓଡ଼ିଶାରେ କେଶରୀ ବଂଶର ରାଜତ୍ୱ କାଳରେ ବୌଦ୍ଧଧର୍ମର ପ୍ରାବଲ୍ୟ କବଳରୁ ମୁକ୍ତି ଲାଭ ପାଇଁ ଶିବଭକ୍ତ ମାନେ ପାଟୁଆ, ଶବର, ଚଢ଼େୟା ଇତ୍ୟାଦି ରୂପରେ ବୁଲିବୁଲି ନିଷ୍ଠାର ସହିତ ଶିବ ଉପାସନା କରିବା ବିଧିରୁ ଏଇ ନାଟ ସୃଷ୍ଟି ହୋଇଥିବା କଥା କେତେଜଣ ସ୍ୱୀକାର କରନ୍ତି ।

ଦଣ୍ଡନାଟରେ ଅଂଶ ଗ୍ରହଣ କରନ୍ତି ଶିବ ଭକ୍ତ ମାନେ । ଏମାନଙ୍କୁ 'ଭଗତା' ବା ଭକ୍ତ ବୋଲି କୁହାଯାଏ । ଏମାନେ ସଂଖ୍ୟାରେ ତେର ଜଣ, ଏମାନଙ୍କ ଭିତରେ ମୁଖ୍ୟ ଭକ୍ତକୁ ପାଟଭକ୍ତା କୁହାଯାଏ । ପାଟଭକ୍ତା ଏକୋଇଶ ଦିନ ପାଇଁ ଅତି ନିଷ୍ଠାପର ଓ ସଂଯତ ଜୀବନ ଯାପନ କରେ । ଅନ୍ୟମାନେ ମଧ୍ୟ ଅନୁରୂପ ନିୟମ ଭିତରେ ରହନ୍ତି । ନିରାମିଷ ଓ ହବିଷ୍ୟ ଭୋଜନ ଭିତରେ ଏମାନେ ବାଦ୍ୟକାରମାନଙ୍କ ସହିତ ଗ୍ରାମେ ଗ୍ରାମେ ଭ୍ରମଣ କରନ୍ତି ଓ ତାଙ୍କ ନୃତ୍ୟ ପାଇଁ ନିମନ୍ତ୍ରଣ ରହିଥିବା ସ୍ଥାନରେ ନୃତ୍ୟ ପରିବେଷଣ କରନ୍ତି । ପଣା ସଂକ୍ରାନ୍ତି ଦିନ ଏଇ ବ୍ରତ ଉଦ୍‌ଯାପିତ ହୁଏ । ଏହାର ଏକୋଇଶ ଦିନ ପୂର୍ବରୁ ଦଣ୍ଡନାଟକାରୀ ମାନେ ପ୍ରଚଣ୍ଡ ଗ୍ରୀଷ୍ମରେ ଉତ୍ତପ୍ତ ଖରା ସହ୍ୟ କରି ନୃତ୍ୟ କରନ୍ତି ଏବଂ ନୃତ୍ୟ ପରେ ସ୍ନାନ କରି ହବିଷ୍ୟାନ୍ନ ଭୋଜନ କରନ୍ତି ।

ଦଣ୍ଡନାଟ ଭକ୍ତାମାନେ ଗ୍ରାମରୁ ଗ୍ରାମ ବୁଲି ବୁଲି ଏଇ ନୃତ୍ୟପ୍ରଦର୍ଶନ କରନ୍ତି । ତେଣୁ ଏଇ ନାଟ ମୁକ୍ତ ରଂଗମଞ୍ଚରେ ଅଭିନୀତ ହୁଏ । ଏମାନେ ଯେଉଁ ଦଣ୍ଡ ଧାରଣ କରନ୍ତି, ତାହାକୁ ଦଣ୍ଡବେତ ବା ଗୌରୀବେତ କୁହାଯାଏ । ପ୍ରଥମେ କଂଠରେ ବିଭିନ୍ନ ଧରଣର ଶିବପାର୍ବତୀ ବନ୍ଦନା ଗାନ କରାଯାଏ ଓ ଏହା ସହିତ ଢ଼ୋଲ ଓ ମହୁରୀ ଇତ୍ୟାଦି ବାଜା ବାଜେ । ବନ୍ଦନା କରି ଭକ୍ତମାନେ ଗାଆନ୍ତି–

"ଜୟ ପାର୍ବତୀଶଙ୍କର ବନ୍ଦନା କରୁଛି ତମ୍ଭପୟର
ମୋ ଦଣ୍ଡବେତକୁ ଜୁହାର ।"

ଟିପ୍ପଣୀ

ଏହାପରେ ପାଟ ଦଣ୍ଡୁଆ ଓ ପାଣି ଦଣ୍ଡୁଆମାନେ ଝୁଣା ପକାଇ ପ୍ରଳୟ ନୃତ୍ୟ କରନ୍ତି । ଉତପ୍ତ ଧୂଳିରେ ଗଡ଼ି ଦଣ୍ଡ ଭାଙ୍ଗନ୍ତି । ଏତେବେଳେ ସମବେତ କଣ୍ଠରୁ ବନ୍ଦନା ଶୁଣାଯାଏ–

"ବିଜେ ରୁଦ୍ର କାଳି
ମାଆ ମାନେ ସର୍ବେ ଦେବ ହୁଳହୁଳି ।
ବନ୍ଦୁଛି ଭବାନୀ
ଶିବ ଶିବା-ଦୟାକର ଦ୍ରାକ୍ଷାୟଣୀ ।"

ଏହାପରେ ଜଣେ ନିଜ ପଛରେ ସୁସଜ୍ଜିତ କାଳିମେଢ଼ ଲଗାଇ ତାଣ୍ଡବନୃତ୍ୟ ଆରମ୍ଭ କରେ । ପରେ ପରେ ନାଟକର ଚରିତ୍ର ମାନ ଜଣକପରେ ଜଣେ ଆବଶ୍ୟକତା ଅନୁଯାୟୀ ମଞ୍ଚକୁ ଆସନ୍ତି ଓ ଆସିବା ସମୟରେ ଆପେ ହିଁ ଆପଣାର ପରିଚୟ ବାଢ଼ନ୍ତି । ସ୍ୱୟଂ ଦେବତା ଶିବ ଚରିତ୍ର ଆସି ନିଜ ପରିଚୟ ଦେଇ କହନ୍ତି -

"ପଞ୍ଚବଦନ ତିନି ନୟନ
ଆଗ ଶିବ ଶଙ୍କର
ଡ଼ିବି ଡ଼ିବି ଡମ୍ବରୁ ବାଦନ କୁରୁ
ଶ୍ମଶ୍ରୁ ଶୋଭିତ ମୁଖର ।"

ସମବେତ ଦର୍ଶକଙ୍କୁ ଦେଖି ଶିବ କହନ୍ତି ଯେ ସ୍ଥାନଟି କୈଳାସପୁର ତୁଲ୍ୟ ହୋଇଛି । ଏହାପରେ ସେ ପାର୍ବତୀଙ୍କୁ ସ୍ମରଣ କଲାମାତ୍ରେ ପାର୍ବତୀ ଆସି ଉପସ୍ଥିତ ହୁଅନ୍ତି । ପାର୍ବତୀ ଗାଆନ୍ତି–

"ଆସନ୍ତି ଗିରୀନ୍ଦ୍ର ଦୁଲଣୀ, ରୁଦ୍ରାଣୀ
ଝୁମୁ ଝୁମୁ ଝୁମୁ ବାଜଇ କଟୀ କିଂକିଣୀ ।"

ପାର୍ବତୀଙ୍କ ବିଳମ୍ବ ସମ୍ପର୍କରେ ଶିବ ପ୍ରଶ୍ନ କରନ୍ତି, ପାର୍ବତୀ ଜଣାନ୍ତି ଯେ, ସେ ପିଲାମାନେ ଜଞ୍ଜାଳ ଓ ଗୃହକର୍ମରେ ଲିପ୍ତ ଥିବାରୁ ଆସିବା ବିଳମ୍ବ ହେଲା । ଦଣ୍ଡନାଟରେ ଏଇ ଲୌକିକ ଦେବ ଦେବୀ ଲୋକ ସମାଜର ସୁଖ ଦୁଃଖ ଭଳି ସୁଖ ଦୁଃଖ ଓ କର୍ମ ଜଞ୍ଜାଳ ଭିତରେ ରହିବା କଥା ଏଥିରୁ ସ୍ପଷ୍ଟ ଜଣାଯାଏ । ଏହାପରେ ମଞ୍ଚରେ ପ୍ରବେଶ କରନ୍ତି ଚଢ଼େୟା ଚଢ଼େୟାଣୀ, ବୀଣାକାର, ବୀଣାକାରୁଆଣୀ, ଶବର-ଶବରୁଣୀ ଇତ୍ୟାଦି ଚରିତ୍ର । ଚଢ଼େୟା ସଭାରେ ପହଞ୍ଚି ଗାଏ–

"ଦେଖ ଦେଖ ଆହେ ଭାଇ
ଚଢ଼େୟା ଆସୁଛି କି ବେଶ ହୋଇ
ଚଢ଼େଇ ଧରିବା ପାଇଁ ।"

ଏତେବେଳେ ସେ ଚଢ଼େୟାଣୀକୁ ଖୋଜେ । ଦର୍ଶକମାନେ ଜଣାନ୍ତି ଚେଢ଼ୟାଣୀକୁ ସେମାନେ ଦେଖିଛନ୍ତି, ବୋଧେ ହୁଏ ସେ ଆସୁଥିବ । ଏଇ ସମୟରେ ବାହାରି ଆସେ ଚଢ଼େୟାଣୀ । ଚଢ଼େୟାଣୀ ଆତ୍ମପରିଚୟ ଦେଇ କହେ–

"ଖର ଖର ଚାଲି କରି
ବାହାର ହୋଇଲା ଚଢ଼େୟା ନାରୀ
କାଖରେ ଟୋକେଇ ଧରି ।

ଟିପ୍ପଣୀ

ଠିକ୍ ଏଇ କ୍ରମରେ ଆସନ୍ତି ବୀଣାକାର ଓ ବୀଣାକାରୁଆଣୀ । ବୀଣାକାର ଗାଏ-

"ଆଖି ପତରରୁ ହାତେ
ସାହା ହୋଇଥିବ ମୁକ୍ତାନାଥେ
ପଦ କହି ଦେବ ମୋତେ ।
ଏ ବୀଣା ଅଟଇ ଭାରି
ବୀଣାର ଶବଦ ଶୁଣି କାରୁଆଣୀ
ମରୁଅଛି ଝୁରି ଝୁରି ।

ଏତେବେଳେ ପ୍ରବେଶ କରେ ବୀଣା କାରୁଆଣୀ । କଣ୍ଠରେ ତା'ର ଗୀତ-

"ଗହୀରି ବିଲରେ କଇଁ
ତରବର ହୋଇ ଅଇଲ ଧାଇଁ
କାନ୍ତ ମୁଣ୍ଡରେ ଓଢ଼ଣା ନାହିଁ ।
ଗହୀରି ବିଲରେ ବର
ପୁଅ ଝିଅ ଛାଡ଼ି ସଭାକୁ ଅଇଲି
ଶୁଣିଣ ଡାକ ତୁମ୍ଭର ।"

ଏହା ପରେ ଦୁହେଁ ଉଚ୍ଚ ସ୍ୱରରେ ଶିବ ଓ ପାର୍ବତୀଙ୍କୁ ବନ୍ଦନା କରନ୍ତି -

"ଗିରି ରାଜ ସୁତା ସଙ୍ଗତେ ହର
ବିଜେ କରିଛନ୍ତି ଆସି ସଭାର
ଆସ ମୋ ସଙ୍ଗତେ ରମଣୀ ବର
ଦର୍ଶନେ ପ୍ରାର୍ଥନା କରେ ପୟର
ଭବ ବାଧା ହେବ ଦୂର,
ଡରତେଜି କରି, ଆସ ପ୍ରାଣେଶ୍ୱରୀ ଗୋ
ଡାକୁଛି କାନ୍ତ ମୁଁ ତୋର ।"

ଏହାପରେ ଚଢ଼େୟା ଚଢ଼େଇ ଧରିବାକୁ ଯାଏ, ସର୍ପ ଦ୍ରଷ୍ଟ ହୋଇ ମୃତ୍ୟୁବରଣ କରେ ଏବଂ ଚଢ଼େୟାଣୀର କାତର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଶିବ ସାପୁଆ କେଳାକୁ ପଠାଇ ଚଢ଼େୟାର ବିଷ ଝଡାଇ ତାକୁ ବଞ୍ଚାନ୍ତି । ଚଢ଼େୟା, ଚଢ଼େୟାଣୀ ପୁଣିଥରେ ଆନନ୍ଦରେ ନାଚି ନାଚି ଶିବ ପାର୍ବତୀଙ୍କ ବନ୍ଦନା ଗାନ କରନ୍ତି ।

ଦଣ୍ଡ ନାଟରେ ଦର୍ଶକମାନେ ମଧ୍ୟ ଚଢ଼େୟା-ଚଢ଼େୟାଣୀ, ଶବର-ଶବରୁଣୀ ଇତ୍ୟାଦିଙ୍କ କଥୋପ କଥନରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରନ୍ତି । ଦଣ୍ଡ ନାଟରେ ଏଇ ଯୁଗଳଙ୍କର ସଙ୍ଗୀତରେ ଅନେକ ଅଶ୍ଳୀଳତା ସ୍ଥାନ ପାଇଥିଲା । ତଥାପି ଏହା ଜନତାର ଅତି ପ୍ରିୟ ଭାଜନ ଥିଲା । ଏବେ ମଧ୍ୟ ଓଡ଼ିଶାର ବହୁ ସ୍ଥାନରେ ପାରମ୍ପରିକ ଦଣ୍ଡ ନୃତ୍ୟର ବ୍ୟବସ୍ଥାମାନ ରହିଛି । କିନ୍ତୁ ପାରମ୍ପରିକ ଲୋକଗୀତ ସ୍ଥଳରେ କେତେକାଂଶ ଆଧୁନିକ ସିନେମା ସଙ୍ଗୀତ ସବୁ ଏଥି ସହିତ ଯୋଡ଼ି

ଟିପ୍ପଣୀ

ଦିଆଯାଇଛି । ଲୌକିକ ଚରିତ୍ର ଚିତ୍ରଣ, ଭାବାନୁସାରୀ ପରିବେଷଣ, ଦର୍ଶକ ମାନଙ୍କର ପ୍ରତ୍ୟକ୍ଷ ଅଂଶ ଗ୍ରହଣ ଏବଂ ଆଧ୍ୟାତ୍ମିକ ଭାବ ଭାବନା ଇତ୍ୟାଦି ଦଣ୍ଡନାଟର ବିଶେଷତ୍ୱ ପ୍ରକାଶ କରିଥାଏ ।

**୨ । ଙ) ଚଢ଼େୟା ଚଢ଼େୟାଣୀ ନାଟ :**

ଓଡ଼ିଶାରେ ଆଦିବାସୀ ଅଧ୍ୟୁଷିତ କେତେକ ଅଞ୍ଚଳରେ କେତେକ ଆଦିବାସୀ ସଂପ୍ରଦାୟର ଲୋକ କେବଳ ଚଢ଼େଇ ଧରି ଜୀବିକା ନିର୍ବାହ କରନ୍ତି । ଏମାନଙ୍କୁ କେଳ ବା ଶବରସଂପ୍ରଦାୟର ଅନ୍ତର୍ଭୁକ୍ତ କରାଯାଏ । ଦଣ୍ଡ ନାଟରେ ଭକ୍ତମାନେ ଚଢ଼େୟା ଚଢ଼େୟାଣୀର କୃତ୍ରିମ ବେଶ ଗ୍ରହଣ କରନ୍ତି, କିନ୍ତୁ ଏଇ ଚଢ଼େଇଧରା ଲୋକେ ପ୍ରକୃତ ଚଢ଼େୟା, ଏମାନଙ୍କର ନୃତ୍ୟ ଚଢ଼େୟା ନାଟ ନାମରେ ହିଁ ପରିଚିତ । ଏମାନେ କେତେକ ପ୍ରଶ୍ନୋତ୍ତର ଭିତ୍ତିକ ସଙ୍ଗୀତ ଗାନ କରି ନୃତ୍ୟ ପରିବେଷଣ କରନ୍ତି । ବାଲେଶ୍ୱର ଅଞ୍ଚଳରେ ଏଇ ଧରଣର ନୃତ୍ୟର ପ୍ରାଚୀନତା ରହିଅଛି ।

ଚଢ଼େୟା ଚଢ଼େୟାଣୀ ନୃତ୍ୟର କଥାବସ୍ତୁ ବିଶେଷ କିଛି ନଥାଏ । କେବଳ ଚଢ଼େୟା ଓ ଚଢ଼େୟାଣୀ ଚନ୍ଦ୍ରଭାଗା ବା ବାରୁଣୀ ଯାତ୍ରାରେ ଉପସ୍ଥିତ ହୋଇଥାନ୍ତି, ଏଠାରେ ଚଢ଼େୟା ହଜିଯାଏ, ଚଢ଼େୟାଣୀ ତାକୁ ଖୋଜି ବିବ୍ରତ ହୁଏ । ଜଣେ ଚୌକିଦାର ଆଶ୍ରା ନେଇ ଶେଷରେ ଚଢ଼େୟାକୁ ସେ ସାକ୍ଷାତ କରେ । ଚଢ଼େୟାକୁ ଚଢ଼େୟାଣୀ କେତେକ ପ୍ରଶ୍ନ କରେ । ସେ ପଚାରେ–

"ଶୁଣ ହେ ନାଗର          କୁହ ମୋ ଆଗର
ପୃଥିବୀ କାହୁଁ ହୋଇଲା
କିଏ ଜାତ କଲା          କାହୁଁ ସେ ଅଇଲା
ଏ କଥା କହିବ ଭଲା ।"

ଏଇ ପ୍ରଶ୍ନର ଉତ୍ତର ଦେଇ ଚଢ଼େୟା କହିଥାଏ -

"ସେ ସତ୍ୟ ଯୁଗେଣ          ନିଜେ ନାରାୟଣ
ବଟ ପତ୍ରରେ ଭାସିଲେ ଗୋ
ମେଦାସୁରକୁ ସେ          ବଧ ଯେ କରିଣ
ମେଦିନୀ ତିଆରି କଲେ ଗୋ ।
ସେ ସତ୍ୟ ଯୁଗର
ସତ୍ୟ ନାହିଁ ଦରକାର ଗୋ ।

ଏହାପରେ ଚଢ଼େୟାଣୀ ସହିତ ଚଢ଼େୟା ମନ ଆନନ୍ଦରେ ଗୃହାଭିମୁଖେ ଯାତ୍ରାକରେ । ଫୁଲବାଣୀ ଓ କନ୍ଧମାଳ ଅଞ୍ଚଳର ଚଢ଼େୟା ନାଟରେ ସାମଞ୍ଜସ୍ୟ ଦଣ୍ଡ ନାଟରେ ଥିବା ଚଢ଼େୟା ନାଟ ସହିତ ରହିଥାଏ । କିନ୍ତୁ ବାଲେଶ୍ୱର ଅଞ୍ଚଳର ଚଢ଼େୟା ନାଟର ସ୍ୱତନ୍ତ୍ର୍ୟ ରହିଛି । ଏଥିରେ ଚଢ଼େୟା, ଚଢ଼େୟାଣୀଙ୍କ ସହିତ ବାଦ୍ୟକାର ଜଣେ ମଉସା ଭୂମିକା ନିଅନ୍ତି । ମୁଖ୍ୟତଃ ଏଇ ମଉସା ଚରିତ୍ରଟି ନାଟ୍ୟମଞ୍ଚରେ ନ ରହି, ଦର୍ଶକ ମଞ୍ଚରେ ରହି କେତେକ ସଂଳାପ କହନ୍ତି ଏବଂ ଚଢ଼େୟା ଚଢ଼େୟାଣୀଙ୍କ ମିଳନରେ ଯଥେଷ୍ଟ ସହାୟତା କରନ୍ତି । ଚଉକିଆ ଓ ମଉସା ଚରିତ୍ର ମାଧ୍ୟମରେ ହାସ୍ୟ ରସର ଅବତାରଣା କରାଯାଏ ।

ଟିପ୍ପଣୀ

ଚଢ଼େୟା ନାଟ ପାଇଁ ସ୍ୱତନ୍ତ୍ର ମଞ୍ଚ ନଥାଏ, ଯେ କୌଣସି ସ୍ଥାନରେ ମୁକ୍ତ ମଞ୍ଚରେ ଏହା ଅଭିନୀତ ହୁଏ । ... ମାନଙ୍କର ନୃତ୍ୟ ଓ ସଙ୍ଗୀତରେ ବାଦ୍ୟକାରୀ ମାନେ ସାହାଯ୍ୟ କରିଥାଆନ୍ତି, ଏଥିରେ ମଉସା ଓ ଚୌକିଦାର ଚରିତ୍ର ... ହାସ୍ୟ ରସର ଅବତାରଣା ଘଟିଥାଏ । ଏଇ ନୃତ୍ୟରେ ବ୍ୟବହୃତ ସଙ୍ଗୀତ ଗୁଡ଼ିକ ସରଳ ଓ ଭାବଗର୍ଭକ । ... ଜୀବନର ସୁଖ-ଦୁଃଖ, ନିମ୍ନ ବର୍ଗର ଜନସମାଜର ସାମାଜିକ ଚିତ୍ର ଏଥିରେ ଅତି ସୁନ୍ଦର ଭାବରେ ରୂପାୟିତ ହୋଇଥାଏ । ଉତ୍ତର ଓଡ଼ିଶାର ଜନପ୍ରିୟ ଲୋକନାଟକ 'ଯାତ୍ରା, ଶୈଳୀର ସଂକ୍ଷିପ୍ତ ରୂପ ଭାବରେ ଚଢ଼େୟା ନୃତ୍ୟର ଆଦର ରହିଛି ।

### ୨ । ଚ) ଡାଲଖାଇ ଓ ରସରକେଲି ନୃତ୍ୟ :

ଡାଲଖାଇ ହେଉଛି ସମ୍ବଲପୁର ଅଞ୍ଚଳର ଏକ ଆଦରଣୀୟ ଲୋକନୃତ୍ୟ । ଏଠାରେ ଦେବୀ ଦୁର୍ଗାଙ୍କୁ ଡାଲଖାଇ ରୂପେ ଆଶ୍ୱିନମାସର ମହାଷ୍ଟମୀ ଠାରୁ ଦଶହରା ଭିତରେ ଆରାଧନା କରାଯାଏ । ଏଇ ଉତ୍ସବରେ ଆଦିବାସୀ ତରୁଣୀମାନେ ମୁଣ୍ଡରେ ଫୁଲ ଓ ପତ୍ର ଖୋସି ହାତ ଧରାଧରି ହୋଇ ଝୁଲି ଝୁଲି ନୃତ୍ୟ ପରିବେଷର କରନ୍ତି । ସେମାନେ ଗାନ କରନ୍ତି ଡାଲଖାଇ ଗୀତ ଏବଂ ଏହା ସହିତ ଢୋଲ, ମହୁରୀ, ମାଦଳ ଓ ଚାଙ୍ଗୁଇତ୍ୟାଦି ବାଦ୍ୟ ବାଜେ । ବେଳେ ବେଳେ ଯୁବକ ଓ ଯୁବତୀ ଦଳଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ଭିତ୍ତିକ କେତେକ ସଙ୍ଗୀତ ସ୍ଥାନ ପାଇଥାଏ । ଗୀତ ସହିତ ଏମାନେ ଅଣ୍ଟାଭାଙ୍ଗି ମଥା ନୋଇଁ ବିଚିତ୍ର ଭଙ୍ଗୀରେ ଅର୍ଦ୍ଧବୃତ୍ତାକର ହୋଇ ନୃତ୍ୟ କରନ୍ତି । ଗୀତର ଘୋଷା ପଦରେ ସେମାନେ 'ଡାଲଖାଇରେ' ବୋଲି ଉଚ୍ଚାରଣ କରନ୍ତି । ଯଥା–

ଡ଼ାଲ ଖାଇ ବୋ
କୃଷ୍ଣ ଯାଇଥିଲେ ଯମୁନା କୂଳ
ରାଧା ଯାଇଥିଲେ ଆନିତେ ଜଳ ।
ଧରି ନେଲେ ହାତ କଳା କହ୍ନାଇ
ଛାଡ଼ ବୋଇଲେ ସେ ଛାଡ଼ଇ ନାହିଁ ।
ଯୁବା ବୟସେ ନନ୍ଦର ପିଲା
ଦେହ ତାର କଳା କଳା .... ଡାଲଖାଇବେ ।

ଏଇ ଧରଣର ଲୋକନୃତ୍ୟର ସମାନ୍ତରାଳ ରୀତିରେ 'ରସରକେଲୀ' ନୃତ୍ୟ ପରିବେଶିତ ହୁଏ । 'ଡାଲଖାଇ' ନୃତ୍ୟରେ ଯେପରି 'ଡାଲଖାଇ ବୋ' ବୋଲି ଘୋଷାପଦ ଥାଏ ସେହିପରି 'ରସରକେଲି' ନୃତ୍ୟରେ ରହିଥାଏ 'ରସରକେଲି ବୋ । ଡାଲଖାଇ ନୃତ୍ୟ ଲୋକ ଶିକ୍ଷା ପାଇଁ ନୁହେଁ, ବରଂ ଜନ-ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ । କର୍ମ ପ୍ରବଣ ଜୀବନ ପ୍ରବାହ ଭିତରେ ଏହା ସାମୟିକ ଆନନ୍ଦର ଉତ୍ସରୂପେ ବିବେଚିତ ହୋଇଥାଏ ।

### ୨ । ଛ) କରମା ନାଚ :

ସମ୍ବଲପୁର ଅଞ୍ଚଳର ଅନ୍ୟତମ ବିଖ୍ୟାତ ଲୋକନୃତ୍ୟ ଭାବରେ କରମା ନୃତ୍ୟ ବିଶେଷ ଜନପ୍ରିୟ । ବଲାଙ୍ଗୀର, ଢେଙ୍କାନାଳ, ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜ ପ୍ରଭୃତି ଅଞ୍ଚଳରେ ଖଡ଼ିଆ, ଓରାମ ଓ କିଶାନ ସଂପ୍ରଦାୟର ଲୋକେ କରମା ପୂଜା ଅବସରରେ ଏଇ ଲୋକନୃତ୍ୟ ପରିବେଷଣ କରନ୍ତି । ଭାଦ୍ରବ ମାସର ଶୁକ୍ଳପକ୍ଷ ଏକାଦଶୀ ତିଥିରେ କରମା ପୂଜା ଅନୁଷ୍ଠିତ ହୁଏ । ଯୁବ ଓ ଯୁବାଦଳ ମହା ଆନନ୍ଦରେ ବିବିଧ ବାଦ୍ୟରୋଳ ସହିତ ବନ ମଧ୍ୟରୁ ଶାଳଗଛର ଡାଳକୁ

ଟିପ୍ପଣୀ

କରମାଡାଳ ରୂପେ ଆଣି ଗ୍ରାମର ଏକ ମୁକ୍ତ ସ୍ଥାନରେ ସ୍ଥାପନ କରି ଏହାକୁ ପୂଜା କରନ୍ତି । ଏଇ ଅବସରରେ ଯୁବକ ଯୁବତୀମାନେ ପରସ୍ପର ସମ୍ମୁଖରେ ଅର୍ଦ୍ଧ ବୃତ୍ତାକାରରେ ସଜ୍ଜିତ ହୋଇ ପରସ୍ପର ହାତକୁ ଅଣ୍ଟାକୁ ଛନ୍ଦି ମାଦଳରେ ତାଳେ ତାଳେ ନୃତ୍ୟ କରନ୍ତି । ବେଳେ ବେଳେ ଯୁବକମାନେ ମାଦଳ ବଜାନ୍ତି ଓ ଯୁବତୀମାନେ ଅଣ୍ଟାଭାଙ୍ଗି, ତଳକୁ ମୁଣ୍ଡ ଝୁଲାଇ ନୃତ୍ୟ କରନ୍ତି । ମଧ୍ୟେ ମଧ୍ୟେ ସଙ୍ଗୀତର ସମ୍ମିଳିତ ସ୍ୱର ଶୁଣାଯାଏ ।

"ଗାଇମି କରମା ଗୀତ ମୂଳ ନାଇଁ ଆସେ
କୁହାର କୁହାର କରମା ସାନି ତୋତେ ହୋ
ପରସନ ହୁଅ ମୋତେ ହୋ ।
ନାଲି ସୁତା କେରି କେରି ବାଜରେ ବାଂଶରୀ
ବନ୍ଧୁଗଲେ ପରବାସେ ନଆସିଲେ ଫେରି
ଆଜି ଗୁରୁବାର ଆଏରେ କାଲି ଶୁକ୍ରୁବାର,
ସମାଧି ଘର ଦେଇଗଲେ ଖଜା ଖିଆ ଭାର
ଭୋକ କଲେ ଘିନି ଦେମି ଖଜା ଦୁଇପୈସାର
ଶୋଷ କଲେ ଘିନି ଦେବି ନବାତର ପାନି ।"

କରମା ଦେବୀଙ୍କୁ ଏଥିରେ ଆରାଧନା କରାଯାଏ, ତେଣୁ ଏଥିରେ ଡାଲଖାଇ ଗୀତ ପରି ଆଦିରସାତ୍ମକ ଗୀତ ସ୍ଥାନ ପାଏନାହିଁ । ଏଥିରେ ମାଦଳ ବଜାଉଥିବା ଯୁବକମାନଙ୍କୁ ମାଦଳିଆ କୁହାଯାଏ । ଏମାନେ ମୟୂର ପୁଚ୍ଛ ନିର୍ମିତ ପଗଡ଼ିମାନ ବାନ୍ଧିଥାଆନ୍ତି, ବେକରେ ପଡ଼ିଥାଏ ଶଙ୍ଖମାଳି, ବାହୁରେ ମଧ୍ୟ ଏମାନେ ଏଇ ମାଳି ବାନ୍ଧି ଥାଆନ୍ତି ।

କରମା ନାଚ କରମା ପୂଜା ଅବସରେ ହୁଏ ଏବଂ ଦଶହରା, ଦୋଳ ଉତ୍ସବ ଏବଂ ଭାଇ ଜୀଉଁତିଆ ଓଷା ଇତ୍ୟାଦିରେ ମଧ୍ୟ କରାଯାଏ । ଏଇ ଗୋଷ୍ଠୀର ନର୍ତ୍ତକ ଏବଂ ନର୍ତ୍ତକୀମାନେ ଆଖପାଖ ଗାଁକୁ ବୁଲି ବୁଲି ଯାଇ ଏଇ ନୃତ୍ୟ ବରିବେଷଣ କରନ୍ତି । ଲୋକ ନାଟକର ବିକାଶରେ ଏଇ ନୃତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆଧ୍ୟାତ୍ମ୍ୟ ଜୀବନ ସାଧନାରେ ଏହା ସହାୟତା କରେ ଏବଂ ଧାରାବାହିକ ଜୀବନର ଚଳଣିରେ ଏହା କିଛିଟା ପରିବର୍ତ୍ତନ ଏବଂ କର୍ମ ପ୍ରବଣତା ମଧ୍ୟ ସୃଷ୍ଟି କରିଥାଏ ।

**୨ । ଢ) ଘୁମୁରା ନାଚ :**

ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ଘୁମୁରା ନାଚର ପ୍ରସିଦ୍ଧି ରହିଛି । କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ଼ ଏବଂ କୋରାପୁଟ ପ୍ରଭୃତି ଜିଲ୍ଲାରେ ଏଇ ନୃତ୍ୟ ବିଶେଷ ଜନପ୍ରିୟ । ଘୁମୁରା ଏକ ପ୍ରାଚୀନ ଲୋକନୃତ୍ୟ, ଏଥିରେ କାହାଣୀ ଧର୍ମୀ ସଙ୍ଗୀତ ମାନ ଗୀତ ହୋଇଥାଏ । ଏହା ମୁକ୍ତ ମଞ୍ଚରେ ଅଭିନୀତ ହୋଇଥାଏ, ଏହା ଉପକୂଳ ଓଡ଼ିଶାର ପାଲା ଓ ଦାସକାଠିଆ ଶ୍ରେଣୀର ଲୋକନୃତ୍ୟ । ଏଥିରେ କେବଳ ପୁରୁଷମାନେ ଅଂଶ ଗ୍ରହଣ କରନ୍ତି । ଆଦିବାସୀ ଓ ହରିଜନ ଶ୍ରେଣୀର ଲୋକେ ନୃତ୍ୟରେ ବିଶେଷ କୁଶଳତା ପ୍ରଦର୍ଶନ କରନ୍ତି ।

ଘୁମୁରା ନାଚରେ ଘୁମୁରା ନାମକ ବିଶେଷ ବାଦ୍ୟ ବ୍ୟବହୃତ ହୁଏ । ଏକ ମାଠିଆରେ ଗୋଧି ଚମଡ଼ା ଦିଆଯାଇ ଏଇ ବାଦ୍ୟ ନିର୍ମିତ ହୋଇଥାଏ ଏବଂ ବାଦ୍ୟକାରୀ ଏହାକୁ ବେକରେ ପକାଇ ପେଟ ପର୍ଯ୍ୟନ୍ତ ଓହଳାଇ ଏଇ ବାଦ୍ୟକୁ ଦୁଇ ହାତରେ ବଜାନ୍ତି । ମାଦଳ ଜାତୀୟ ଏଇ ବାଦ୍ୟର ଶବ୍ଦ ଗମ୍ଭୀର ଶୁଣାଯାଏ । ବାଦ୍ୟକାରମାନେ ପାଦରେ ଘୁଙ୍ଗୁର ବାନ୍ଧନ୍ତି,

ଘୁମୁରା ବାଦ୍ୟ ବଜାଇ ନୃତ୍ୟ କରନ୍ତି । ଏମାନଙ୍କ ଦଳରେ ଆଠ ଦଶଜଣ କଳାକାର ଥାଆନ୍ତି ଓ ଏମାନେ ବୃତ୍ତାକାରରେ ବିବିଧ ଅଙ୍ଗଭଙ୍ଗୀ କରି ଘୂରି ବୁଲନ୍ତି । ମଝିରେ କଂସାଳ ଅଥବା ଝାଞ୍ଜ ଧରି ଜଣେ କଳାକାର ଠିଆ ହୋଇଥାଆନ୍ତି । ଏଇ କଳାକାର ଜଣକ କିଛି ସମୟ ବାଦ୍ୟ ବଜାଇବା ପରେ ଗୀତ ଆରମ୍ଭ କରନ୍ତି । ଗୀତର ପ୍ରତି ପଦ ପରେ ବାଦ୍ୟ ବାଜେ ଏବଂ ବୃତ୍ତାକାରରେ ପୁଣି ଥରେ ନୃତ୍ୟ ଆରମ୍ଭ ହୁଏ ।

ଘୁମୁରା ନାଚରେ ବର୍ଣ୍ଣାଢ଼୍ୟ ପୋଷାକ ବ୍ୟବହୃତ ହୋଇଥାଏ । କଳାକାର ମାନେ ପାଟ ଲୁଗା ପିନ୍ଧନ୍ତି, ମଥାରେ ଖୋସନ୍ତି ମୟୂର ପୁଚ୍ଛର ପଗଡ଼ି, ଗଳାରେ ଗରଗଡ଼ ମାଳି ପିନ୍ଧନ୍ତି, ଖଣ୍ଡିଏ ଦୋସତାକୁ ଛାତି ଉପରେ ବାନ୍ଧି ଥାଆନ୍ତି । ଏଇ ନୃତ୍ୟ, ଦଶହରା ପୌଷ ପୂର୍ଣ୍ଣମୀ, ନୂଆଖିଆ ଓ ବିବାହାଦି ବିବିଧ ଉତ୍ସବରେ ପରିବେଷିତ ହୋଇଥାଏ । ଘୁମୁରା ନାଚରେ ଆଗରୁ ନାରୀମାନେ ଅଂଶ ଗ୍ରହଣ କରୁ ନଥିଲେ, ଏବେ କିନ୍ତୁ କେତେକ ସ୍ଥାନରେ ଏଇ ନୃତ୍ୟକୁ ଚିତ୍ତାକର୍ଷକ କରିବାପାଇଁ ନାରୀମାନଙ୍କ ସହଯୋଗ ନିଆଗଲାଣି ।

### ୨। ଝ) ଦେଶୀୟା ନାଟ :

କୋରାପୁଟ ଜିଲ୍ଲାର କେତେକ ପଲ୍ଲୀ ଅଞ୍ଚଳରେ ଦେଶୀୟା ନାଟ ଏକ ଲୋକପ୍ରିୟ ଲୋକନୃତ୍ୟ ରୂପେ ବିବେଚିତ । ଏହା ଉପକୂଳବର୍ତ୍ତୀ ଓଡ଼ିଶାର ଗୀତିନାଟ୍ୟର ସମପର୍ଯ୍ୟାୟବାଚୀ ନାଟକ । କୋରାପୁଟର ଆଦିବାସୀ ଏବଂ ପରଜା ମାନେ ଦେଶୀୟା ଭାବରେ ପରିଚିତ । ସେଇ ଦେଶୀୟାମାନଙ୍କ ପାଇଁ ଏବଂ ଏମାନଙ୍କ ଦ୍ୱାରା ଯେଉଁ ନାଟକ ପ୍ରଦର୍ଶିତ ହୁଏ ତାହାକୁ ଦେଶୀୟ ନାଟ କୁହାଯାଏ । ଏଇ ନାଟକରେ ଅଂଶ ଗ୍ରହଣ କରୁଥିବା ପ୍ରତ୍ୟେକଟି ଚରିତ୍ର ଗୋଟିଏ ଗୋଟିଏ ମୁଖା ବ୍ୟବହାର କରନ୍ତି । ପଶୁ, ପକ୍ଷୀ, ରାକ୍ଷସ, ଦେବତା ସମସ୍ତଙ୍କ ପାଇଁ ଏଥିରେ ମୁଖାର ପ୍ରଚଳନ ରହିଥିଲେ ମଧ୍ୟ ସାଧାରଣ ମଣିଷ ପାଇଁ ଏଥିରେ ମୁଖା ବ୍ୟବହୃତ ହୁଏନାହିଁ ।

ଦେଶୀୟା ନାଟକରେ ଢ଼ୋଲ, ମହୁରୀ ଓ କାଠତାଳି ଇତ୍ୟାଦି ବାଦ୍ୟ ବ୍ୟବହୃତ ହୁଏ । ଏହା ମୁଖ୍ୟତଃ ଗୀତିଧର୍ମୀ ନାଟକ, କିନ୍ତୁ ଅଧିକାଂଶ ସ୍ଥଳରେ ଗଦ୍ୟ ସଂଳାପ ବ୍ୟବହୃତ ହୋଇଥାଏ । ଏଇ ଧରଣର ନାଟକରେ ସ୍ୱତନ୍ତ୍ର ମଞ୍ଚ ବ୍ୟବହୃତ ହୁଏନାହିଁ, ଗାଁ ଦାଣ୍ଡର ମୁକ୍ତ ମଞ୍ଚରେ ଏଇ ନାଟକ ଅଭିନୀତ ହୋଇଥାଏ । ଏଥିରେ କେବଳ ପୁରୁଷମାନେ ଅଂଶ ଗ୍ରହଣ କରିଥାଆନ୍ତି ।

ଦେଶୀୟା ନାଟରେ ପୁରାଣ ବିଷୟକୁ ନେଇ ଅଭିନୟ ସୃଷ୍ଟି କରାଯାଏ । କେତେକ କ୍ଷେତ୍ରରେ ସମାଜ ଜୀବନର ଦୋଷତ୍ରୁଟିକୁ ଦର୍ଶାଇ କେତେକ ସାମାଜିକ ଚେତନାକୁ ମଧ୍ୟ ରୂପାୟିତ କରାଯାଇଥାଏ । ଦେଶୀୟା ନାଟରେ ଦକ୍ଷିଣ ଭାରତୀୟ ନୃତ୍ୟ ଶୈଳୀରେ କେତେକ ପ୍ରଭାବ ପରିଲକ୍ଷିତ ହୋଇଥାଏ । ଏଥିରେ କୁମ୍ଭାସୁର ବଧ, ଶୁଭଦ୍ରା ହରଣ ଇତ୍ୟାଦି ପୁରାଣ ବିଷୟ ଅଭିନୀତ ହୁଏ । ପ୍ରଥମେ ସୂତ୍ରଧର ବନ୍ଦନାଚରଣ କରି ଏଇ ନୃତ୍ୟ ଆରମ୍ଭ କରନ୍ତି ଓ ପରେ ବିଷୟ ପ୍ରବେଶ ଘଟେ ।

### ୨। ଞ) ଘୁଡୁକୀ ବା ଧୁଡୁକୀ ନାଚ :

ପଶ୍ଚିମ ଓଡ଼ିଶାର ଘୁମୁରା ନାଚରେ ଯେପରି ଘୁମୁରା ବାଦ୍ୟର ପ୍ରଚଳନ ଘଟେ, ସେହିପରି ଭାବରେ ଉପକୂଳବର୍ତ୍ତୀ ଓଡ଼ିଶାରେ ଘୁଡୁକୀନାଚ ବା ଧୁଡୁକୀନାଚର ପ୍ରଚଳନରେ ଧୁଡୁକୀ ମୁଖ୍ୟ ବାଦ୍ୟ ରୂପେ ବ୍ୟବହୃତ ହୁଏ । ଏଇ ନୃତ୍ୟରେ ଆଠ ଦଶଜଣ କଳାକାର ଅଂଶ ଗ୍ରହଣ କରନ୍ତି । ପ୍ରଥମେ ଏଥିରେ ଧୁଡୁକୀ ବାଦ୍ୟ ବାଜେ । ଦୁଇ ମୁଖ ଥିବା କାଠ ନିର୍ମିତ ଏକ ଗୋଲାକାର ନଳୀର ଗୋଟିଏ ପାଖରେ ଗୋଧି ଚମଡ଼ା ଦିଆଯାଏ । ଏଇ ଚମଡ଼ାର ମଧ୍ୟ ଭାଗରେ ଏକ ଛିଦ୍ର

ଟିପ୍ପଣୀ

କରାଯାଇ, ଛିଦ୍ରରୁ ଖଣ୍ଡିଏ ତାର ବନ୍ଧାଯାଏ । ଏଇ ଧୂଡୁକୀକୁ ବାଦ୍ୟକାର ବାମ କାଖ ତଳେ ବାହୁ ମୂଳରେ ଭିଡ଼ି ଧରନ୍ତି ଓ ବାମ ହାତରେ ଆଙ୍ଗୁଳିରେ ଏଥିରେ ସଂଯୁକ୍ତ ଥିବା ତାରର ଅଗ୍ରଭାଗ ଧରନ୍ତି ଏବଂ ଦକ୍ଷିଣ ହାତରେ ଅଙ୍ଗୁଳି ଚାଳନା କରି ଏଇ ବାଦ୍ୟ ବାଦନ କରାଯାଏ ।

ପ୍ରଥମେ ଘୁଡୁକୀ ବା ଧୁଡୁକୀ ବଜାଇ ଧୁଡୁକୀ ବାଲା ମଞ୍ଚରେ ଦେବବନ୍ଦନା କରେ, ଏହାପରେ ଖଞ୍ଜଣି, ଝିଞ୍ଜି, ଢ଼ୋଲକ, ମହୁରୀ ବା ତୂରୀ ଇତ୍ୟାଦି ବାଦ୍ୟବାଜେ । ଏଥିରେ ପୁରାଣ ଓ ସାମାଜିକ ବିଷୟ ଭିତ୍ତିକ ସଙ୍ଗୀତ ଗାନ କରାଯାଏ । କେତେକ ସ୍ଥଳେ ନାରୀମାନେ ଅଂଶ ଗ୍ରହଣ କରନ୍ତି । ପୁରାଣ ବିଷୟରେ ମଧ୍ୟେ ମଧ୍ୟେ ସାମାଜିକ ବିଷୟକୁ ନେଇ ବ୍ୟଙ୍ଗାତ୍ମକ ସଙ୍ଗୀତ ଓ ସ୍ୱଳ୍ପନୃତ୍ୟ ପ୍ରଦର୍ଶିତ ହୁଏ । ଧୁଡୁକୀ ନାଚ ମୁକ୍ତ ରଙ୍ଗ ମଞ୍ଚରେ ଗାଁ ଦାଣ୍ଡରେ ଖଣ୍ଡେ ହେଂସ ବା ମନ୍ଦୁରା ଉପରେ ଅଭିନୀତ ହୁଏ । ଏହି ମଞ୍ଚର ଚାରିପଟେ ବସିଥିବା ଦର୍ଶକ ସମାଜ ଏଇ ନୃତ୍ୟ ସଙ୍ଗୀତ ଦେଖି ଗଭୀର ଭାବରେ ଆମୋଦିତ ହୋଇ ଥାଆନ୍ତି । ଏହା ବର୍ଷକର ଯେ କୌଣସି ସମୟରେ ଅଭିନୀତ ହୁଏ, ଆଧ୍ୟାତ୍ମିକ ଭାବନା ଓ ପୁରାଣ ପ୍ରଚାର ନୁହେଁ, ବରଂ ଜନ ମନୋରଞ୍ଜନ ଏହାର ମୁଖ୍ୟ ଉଦ୍ଦେଶ୍ୟ ।

**୨ । ଟ) ଲଉଡ଼ି ବା କୈଶାବାଡ଼ି ନାଚ :**

ଗୋପାଳ ସଂପ୍ରଦାୟର ଲୋକେ ଦୋଳ ପୂର୍ଣ୍ଣିମାରେ ଲଉଡ଼ି ନାଚ କରନ୍ତି । ସେମାନେ କାଠ ବା ବାଉଁଶ ଦଣ୍ଡ ଧାରଣ କରନ୍ତି । ଏଇ ଦଣ୍ଡକୁ ଲଗୁଡ଼ କୁହାଯାଏ । ଲଗୁଡରୁ ସୃଷ୍ଟି ହୋଇଛି ଲଉଡ଼ି । ଏଇ ନୃତ୍ୟରେ କୌଣସି ବାଦ୍ୟଯନ୍ତ୍ର ବ୍ୟବହାର କରାଯାଏ ନାହିଁ । କେବଳ ନୃତ୍ୟକାରୀମାନେ ପାଦରେ ଘୁଙ୍ଗୁର ଓ ଅଣ୍ଟାରେ ଘାଗୁଡ଼ି ମାଳ ବାନ୍ଧନ୍ତି । ବିଶେଷ ବେଶ ପୋଷାକ ମଧ୍ୟ ଏଥିରେ ନଥାଏ । ମୁଣ୍ଡରେ କେହି କେହି ଠେକା ବାନ୍ଧନ୍ତି ଓ ହଳଦିଆ ବସ୍ତ୍ର ପରିଧାନ କରନ୍ତି । ମଧ୍ୟେ ମଧ୍ୟେ ଶିଙ୍ଗା ନାଦ କରାଯାଏ । ଦୁଇ ହାତରେ ଦୁଇଟି କାଠ ବା ବାଡ଼ି ଧରି ଏ ଦୁଇଟିକୁ ଗୋଟାଏ ନିର୍ଦ୍ଦିଷ୍ଟ ଆଘାତ କରି ଏଇ ନୃତ୍ୟ କରାଯାଏ । ଦଶ ବାରଜଣ ନୃତ୍ୟକାରୀଙ୍କୁ ନେଇ ଗୋଟିଏ ଦଳ ହୁଏ । ଏଇ ଦଳରେ ଜଣେ ମୁଖ୍ୟ ଥାଆନ୍ତି ଓ ସେ କୃଷ୍ଣଗାଥା ଗାନ କରନ୍ତି । ଅନ୍ୟମାନେ ଏହି ଗାନର ପାଳି ଧରନ୍ତି । ଗୋଟିଏ ଗୀତ ଶେଷରେ ପୁଣି ଶିଙ୍ଗା ନାଦ କରାଯାଏ ।

ଦୋଳ ପୂର୍ଣ୍ଣିମାରେ ଲଉଡ଼ିନାଚର ଆରମ୍ଭହୁଏ । ପ୍ରଥମେ ଗ୍ରାମ ଦେବ ବା ଦେବୀଙ୍କ ପୀଠରେ ଏହାର ଅନୁକୂଳ ହୁଏ ଓ ପରେ ଗାଁ ଦାଣ୍ଡରେ ବୁଲି ବୁଲି ଏଇନାଚ ଆରମ୍ଭ ହୁଏ । ଏଥିପାଇଁ ରଙ୍ଗମଞ୍ଚ କେବଳ ଗାଁ ଦାଣ୍ଡ । ଏମାନେ ପୁଣି ମଥୁରାବାସୀ ଓ ଗୋପବାସୀ ଭେଦରେ ଦୁଇ ଭାଗରେ ବିଭକ୍ତ ହୁଅନ୍ତି ଓ ପ୍ରଶ୍ନଉତ୍ତର ଛଳରେ ପରସ୍ପର ପ୍ରତି ଆକ୍ଷେପ ସୂଚକ ସଙ୍ଗୀତ ଗାନ କରନ୍ତି । ଚଢ଼ା ଉତ୍ତରା ଏବଂ ଓଗାଳ କ୍ରମରେ ସେମାନେ ବିଭିନ୍ନ ଧରଣର ଗୀତ ଗାଆନ୍ତି । ଫଗୁଣର ଦୋଳୋତ୍ସବ ଏଇ ନୃତ୍ୟଗୀତରେ ବେଶ ଚିତ୍ତାକର୍ଷକ ହୋଇଥାଏ । ଶେଷରେ ଗୋପାଳମାନେ ମାଗଣ କରି ଗୋଠ ଭୋଜୀ କରନ୍ତି ଓ ଏହା ଉଦ୍‌ଯାପିତ ହୁଏ । ସନ୍ଥ ଅଚ୍ୟୁତାନନ୍ଦଙ୍କ ରଚିତ ଅଧିକାଂଶ ଗୀତକୁ ଏମାନେ ଚଢ଼ା ଉତ୍ତରା ଓଗାଳ କ୍ରମରେ ଗାନ କରନ୍ତି ।

ଉପକୂଳ ଓଡ଼ିଶାର ଲଉଡ଼ି ନାଚର ଏକ ଭିନ୍ନରୂପ ଭାବରେ ପଶ୍ଚିମ ଓଡ଼ିଶାରେ କୈସାବାଡ଼ି ନୃତ୍ୟର ପ୍ରଚଳନ ପରିଲକ୍ଷିତ ହୋଇଥାଏ । ଗୌଡ଼, ଗଣ୍ଡ ଏବଂ ଭୂୟାଁମାନଙ୍କ ଦ୍ୱାରା ଏଇ ନୃତ୍ୟ ଅଭିନୀତ ହୁଏ । ନୃତ୍ୟ ଦଳର ମୁଖ୍ୟ ପ୍ରଥମେ ସଙ୍ଗୀତ ଗାନ କରନ୍ତି ଓ ଦଳର ଅନ୍ୟ କଳାକାରମାନେ ଏଇ ଗୀତର ପାଳି ଧରନ୍ତି । ଏମାନେ ବେଳେବେଳେ ଅର୍ଦ୍ଧ ବୃତ୍ତାକାର ହୋଇ ନୃତ୍ୟ କରନ୍ତି । ହାତରେ ଧରିଥିବା ବାଡ଼ି ଦ୍ୱୟରେ ଆଘାତ କରି ଗୀତର ତାଳ ରକ୍ଷା କରନ୍ତି । ଏଇ

ଟିପ୍ପଣୀ

ନୃତ୍ୟ କେବଳ ଦୋଳପର୍ବ ଇତ୍ୟାଦିରେ ଅନୁଷ୍ଠିତ ହୋଇଥାଏ । ନୃତ୍ୟର ତାଳରେ ବିଭିନ୍ନ ଶାରୀରିକ କସରତ ଦେଖାଇ ନର୍ତ୍ତକ ମାନେ ସବୁରି ଦୃଷ୍ଟି ଆକର୍ଷଣ କରନ୍ତି ।

**୨। ଠ) ଢ଼ଣ କୋଇଲରା ଗୀତ :**

ଆଶ୍ୱିନ ମାସରେ ତଅଁଳା ସଂପ୍ରଦାୟର କେତେକ ଲୋକ ମଙ୍ଗଳା ଦେବୀଙ୍କ ଉପାସନା ଅବକାଶରେ ଏଇ ଓଷା ପାଳନ କରିଥାଆନ୍ତି । "ଆରାଧ୍ୟ ମଙ୍ଗଳା ଠାକୁରାଣୀଙ୍କ ଘଟ ମସ୍ତକରେ ଧରି ଗ୍ରାମେ ଗ୍ରାମେ ଏକ ନୃତ୍ୟର ଆୟୋଜନ କରନ୍ତି । ସେମାନେ ପଦ ରଚନା କରି ଗଦ୍ୟାକୃତି କବିତାମାନେ ଏକ ମନୋରମ ଛନ୍ଦରେ ଗାଇ ପଲ୍ଲୀ ପଥକୁ ମୋହିତ କରିଥାନ୍ତି । ଏ ନୃତ୍ୟ ସହିତ ତାଳ ଲୟରେ ମଧ୍ୟ ବାଦ୍ୟ ବାଜିଥାଏ ।" ଏମାନଙ୍କ ପଦ ରଚନା ଶୈଳୀ ସ୍ୱତନ୍ତ୍ର । ମାଆ ମଙ୍ଗଳାଙ୍କର ବନ୍ଦନା ଗାନ କରି ନୃତ୍ୟଶିଳ୍ପୀ ଗାଆନ୍ତି–

"ଜୟ ତୁ ମଙ୍ଗଳା, ଜୟ ତୁ ମଙ୍ଗଳା
ସିଦ୍ଧି ତୁ ଶାରଳା, ସିଦ୍ଧି ତୁ ଶାରଳା ଲୋ
ମା ତୁ ମଙ୍ଗଳା ।
ସଂସାରି ଜନ ମାନ, ସଂସାରୀ ଜନ ମାନ
ପଦ୍ମ ପାଦେ ଭେଳା ମା ମଙ୍ଗଳା
ପଦ୍ମ ପାଦେ ଭେଳା ଗୋ ।"

ଏଇ ନୃତ୍ୟର ବିଶେଷ ପ୍ରଚଳନ ଅନ୍ୟାନ୍ୟ ସଂପ୍ରଦାୟ ମାନଙ୍କରେ ଲକ୍ଷ୍ୟ କରାଯାଏ । ଏହା କେବଳ ଗୀତ ସର୍ବସ୍ୱ । ଗ୍ରାମ ଦାଣ୍ଡରେ ଏଇ ଗୀତ ସହିତ ନୃତ୍ୟ କରାଯାଏ ।

**୨। ଡ) ପାଇକ ନାଚ :**

ଏକ ବୀରରସପୂର୍ଣ୍ଣ ଲୋକନୃତ୍ୟ ଭାବରେ ପାଇକ ନାଚହିଁ ସମର ନୃତ୍ୟ ଭାବରେ ପ୍ରଚଳିତ । ଏଥିରେ କେବଳ ଯୋଦ୍ଧା ପୁରୁଷମାନେ ଅଂଶ ଗ୍ରହଣ କରିଥାନ୍ତି ।

ଓଡ଼ିଶାର ସମର ପରମ୍ପରାରୁ ଏହି ନାଚର ସୃଷ୍ଟି । କେତେକଙ୍କ ମତରେ ପାଇକ ନାଚ ତାଣ୍ଡବ ନୃତ୍ୟରୁ ସୃଷ୍ଟି ହୋଇଛି । ଏଥିରେ ସମର୍ଥ ପୁରୁଷମାନେ ଯୋଦ୍ଧା ବେଶରେ ରହି ବିବିଧ ସମର ଅସ୍ତ୍ରରେ ସୁସଜ୍ଜିତ ହୋଇ ବିଭିନ୍ନ ସମର କୌଶଳ ପ୍ରଦର୍ଶନ କରନ୍ତି । ଅଞ୍ଚଳ ଭିତ୍ତିରେ ଏହାର ଗୀତ ଏବଂ ଅଙ୍ଗଭଙ୍ଗୀ ମାନ ଭିନ୍ନ ହୋଇଥାଏ । ପାଇକନାଚର ଗୀତକୁ ପାଇକ ବୋଲି କୁହାଯାଏ । ଏଇ ନୃତ୍ୟ ମୁଖ୍ୟତଃ ବୀରରସ ପ୍ରଧାନ । ପାଇକମାନେ ସେମାନଙ୍କର କୂଳ ଦେବତାଙ୍କ ନିକଟରେ ଏଇ ନୃତ୍ୟ ଅଭ୍ୟାସ କରିବା ପ୍ରଥା ରହିଛି । ଏହାକୁ ପାଇକ ଆଖଡ଼ା କୁହାଯାଏ ।

ପାଇକମାନଙ୍କର ନାଚ ସମୟରେ ବିଭିନ୍ନ ପ୍ରକାରର ବେଶରେ ସେମାନେ ସୁସଜ୍ଜିତ ହୋଇଥାଆନ୍ତି । ସେମାନେ ଆଡ଼ବନ୍ଧ, କଙ୍କଣ, କୌପୀନ, ରସବାଡ଼ି, ଜାନୁଘଣ୍ଟି, ବାହୁଟି, ମୁଣ୍ଡରେ ବିଭୂତି, ଶିରରେ କଳା ଟୋପା, ସିନ୍ଦୁର ଇତ୍ୟାଦି ଲଗାନ୍ତି । ସେମାନେ ଦୋକଛା ଓ ମାଲକଛା ଭିଡ଼ି ଥାଆନ୍ତି । ଛାତିରେ ସେମାନେ ସାଞ୍ଜୁ ବାନ୍ଧି ଥାଆନ୍ତି । ହାତରେ ଖଣ୍ଡା ଓ ତଲୱାର, ଅଣ୍ଟାରେ କଟାରି ଇତ୍ୟାଦି ରହିଥାଏ । ସେମାନେ ପୁଣି ଧ୍ୱଜବନ୍ଧ, ଧ୍ୱଂସବନ୍ଧ, ପାନବନ୍ଧ ଓ କୁର୍ମ ବନ୍ଧ ଇତ୍ୟାଦି ବିବିଧ ଖଣ୍ଡା ବ୍ୟବହାର କରିଥାଆନ୍ତି । ପାଇକ ନାଚରେ ବୀର ବାଦ୍ୟ ବାଜି ଉଠେ, ଢ଼ୋଲ, ମହୁରୀ, ବଦୁଲାଇ, ଚାଙ୍ଗୁ, ଟମକ ଓ ନିଶାଣ ପ୍ରଭୃତି ବାଦ୍ୟ ବିଶେଷ ଏଇ ନାଚରେ ବାଜେ । ଗଞ୍ଜାମ, କଟକ, ପୁରୀ ଖୋର୍ଦ୍ଧା ପ୍ରଭୃତି ଜିଲ୍ଲାରେ ପାଇକ ନାଚର ବିଶେଷ ପ୍ରଚଳନ ରହିଛି ।

ଟିପ୍ପଣୀ

ଦଶହରାରେ ପାଇକମାନେ ଦେବୀ ଦୁର୍ଗାଙ୍କୁ ଆରାଧନା କରନ୍ତି । ମହା ସପ୍ତମୀ ଦିନ ଠାରୁ ଏମାନେ ନିଜ ନିଜର ଖଣ୍ଡା ପୂଜା କରନ୍ତି ଏବଂ ଦଶହରା ଦିନ ଏଇ ଖଣ୍ଡା ଧାରଣ କରି ଦଳବଦ୍ଧ ହୋଇ ସୁସଙ୍ଗଠିତ ଭାବରେ ବୀରବାଦ୍ୟ ଓ ସମର ବୋଲିର ତାଳେ ତାଳେ ଯୁଦ୍ଧ ନୃତ୍ୟ ଆରମ୍ଭ କରନ୍ତି । ବିଶେଷ ରଙ୍ଗମଞ୍ଚ ନୁହେଁ ବରଂ ଗ୍ରାମ ଉପାନ୍ତର ମୁକ୍ତ ପ୍ରାନ୍ତର ହିଁ ପାଇକ ନାଚର ସମର କୌଶଳ ପ୍ରଦର୍ଶନ ପାଇଁ ଉପଯୁକ୍ତ କ୍ଷେତ୍ର । ପାଇକ ପୁଅର କୁହାଟ ଶୁଣାଯାଏ -

"ଗାଞ୍ଜେ ଗଣପତି ଭଦ୍ର କାଳିକା
ପର୍ବତେ ପାର୍ବତୀ ରହିଛି ଏକା
ଖଣ୍ଡାରେ ବ୍ରହ୍ମା କରିଛନ୍ତି ଘର
ଅଭୟ ଅଛି ଅଭୟ ପଞ୍ଜର
ଆହୁତି ଘରେ ବାହୁତି ଅଛି
ସିଂହଦ୍ୱାରେ ସିଂହବାହିନୀ ରହିଛି ।
ମଥାରେ ରହିଅଛି ରାହୁ
ଏତେ ବୋଲି ଖଣ୍ଡା ଉଲୁରି ଯାଉ ।
ରଣ ବିବାଦେ ଯେଣେ ଇଚ୍ଛାଯାଇ
ଭୈରବୀ ସ୍ୱାହା ଦୁର୍ଗାଙ୍କୁ ଧାଇ ।"

ପାଇକ ନାଚର କଳାଗତ ଦିଗଟି ଊଣା, ହେଲେ ଦଶହରା ପଡ଼ିଆରେ ପାଇକମାନଙ୍କର ସେଇ ଖଡ୍‌ଗ୍ ସଂଚାଳନ, ବୀରତ୍ୱପୂର୍ଣ୍ଣ ସମର କୌଶଳ ପ୍ରଦର୍ଶନ ଅମର ଐତିହ୍ୟ ଓ ପରମ୍ପରାକୁ ସୂଚୀତ କରିଥାଏ ।

**୨ । ଢ) ନାଗା ନୃତ୍ୟ :**

ସମଗ୍ର ଓଡ଼ିଶାରେ ପୁରୀ ଜିଲ୍ଲାର ସ୍ୱତନ୍ତ୍ୟ ରହିଛି । କାରଣ ଓଡ଼ିଆ ଜାତିର ପ୍ରାଣର ଦେବତା ସ୍ୱୟଂ ଜଗନ୍ନାଥଙ୍କର ପବିତ୍ର ଶ୍ରୀକ୍ଷେତ୍ର ଏଇ ପୁରୀରେ ଜଗନ୍ନାଥ ଚେତନାକୁ କେନ୍ଦ୍ର କରି ବାର ମାସରେ ତେର ଯାତ୍ରାର ଆୟୋଜନ କରାଯାଇଥାଏ । ଏଇ ଯାତ୍ରାମାନଙ୍କ ମଧ୍ୟରେ ପୁରୀର ସାଇ ଯାତଗୁଡିକର ସ୍ୱାତନ୍ତ୍ୟ ରହିଛି । ସାଇ ଯାତ ଭିତରେ ନାଗା ନୃତ୍ୟଟି ଅନ୍ୟତମ ଲୋକପ୍ରିୟ ଲୋକନୃତ୍ୟ ଭାବରେ ସ୍ୱୀକୃତି ଲାଭ କରିଅଛି । ପୁରୀ ଜିଲ୍ଲାର ହରିପୁର, ରୂପଦେଇପୁର, ବାଳକାଟି ଗ୍ରାମରେ ବୈଶାଖ ପୂର୍ଣ୍ଣମୀ ଦିନ ନାଗା ଯାତ୍ରା ଅନୁଷ୍ଠିତ ହୁଏ । ଏହା ବ୍ୟତୀତ ନୃସିଂହ ଜନ୍ମରେ ନାଗା ନୃତ୍ୟ ହୁଏ ଓ ନୂଆ ଶାସନ ଗ୍ରାମରେ ନାଗା ମେଳଣ ଅନୁଷ୍ଠିତ ହୁଏ । କାର୍ତ୍ତିକ ପଞ୍ଚକ ଯେଉଁ ବର୍ଷ ଛଅ ଦିନ ଧରି ହୁଏ, ସେହିବର୍ଷ ଜଗନ୍ନାଥ ଓ ବଳଭଦ୍ର ନାଗାର୍ଜୁନ ବେଶ ଧାରଣ କରନ୍ତି ଓ ଏଇ ସମୟରେ ନାଗାନୃତ୍ୟ ଅନୁଷ୍ଠିତ ହୋଇଥାଏ । ଭଗବାନଙ୍କ ନୃସିଂହ ଅବତାର ସହିତ ନାଗାନୃତ୍ୟର ଅନେକ ସାମଞ୍ଜସ୍ୟ ରହିଥିବା ଜଣାଯାଏ ।

ନାଗାନୃତ୍ୟ ଏକ ବୀରରସଭିତ୍ତିକ ନୃତ୍ୟ । ନାଗାବେଶ ମଧ୍ୟ ଯେତିକି ବିଚିତ୍ର ସେତିକି ପରିମାଣରେ ବିସ୍ମୟ ଉତ୍ପାଦକ । ଦୀର୍ଘକାୟ ଓ ବପୁଷ୍ମାନ ତଥା କଷ୍ଟ ସହିଷ୍ଣୁ ଲୋକକୁ ନାଗା ନର୍ତ୍ତକ ଭାବରେ ଗ୍ରହଣ କରାଯାଏ । ଏଇ ନର୍ତ୍ତକର ମୁଖରେ ଥାଏ ଉଭୟଙ୍କର ନିଶ, ବୀର ଠାଣିରେ ପାହୁଲ ପକାଇବା ସମୟରେ ସେ ନିଶ ମୋଡ଼େ । ପାଟ କାଛ ସେ ପରିଧାନ କରେ, ପିଠି ପଟେ ରହିଥାଏ ଡାଲ ଏବଂ ତୂଣୀର, କଟୀ ଦେଶରେ ଶାଣିତ ତରବାରୀ, କଟାରି ଓ ବାଙ୍କ ଛୁରୀ ଝୁଲିଥାଏ । ଦେହାସାରା ରାମରଜ ବିଲେପିତ ହୋଇଥାଏ ଏବଂ କପାଳରେ ଚନ୍ଦନ ଚିତା ସହିତ ଶୋଭାପାଏ ଦୀର୍ଘ ସିନ୍ଦୂର

ଭଳି । ଶର ମୁଣାରେ ଶର ସବୁ ସଜ୍ଜିତ ଥାଏ, ଚଢ଼େଇ ପରର ପଗଡ଼ି ଥାଏ ମଥାରେ । ପ୍ରଚଣ୍ଡ ଓ ଭୀତିପ୍ରଦ ବିଚିତ୍ର ରୂପରେ ନାଗା ସାଇ ମଝିରେ ବାଦ୍ୟକାର ଦଳଙ୍କ ସହିତ ଆବିର୍ଭୂତ ହୁଏ । ଯୋଡ଼ି ନାଗରା ଓ ମହୁରୀର ବୀର ବାଦ୍ୟର ତାଳେ ତାଳେ ନାଗା ଉନ୍ମାଦ ଭାବରେ ବିଚରଣ କରି ବିରତ୍ୱପୂର୍ଣ୍ଣ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରେ ।

ନାଗା ନୃତ୍ୟର ପୂର୍ବଦିନ ଦକ୍ଷିଣ କାଳୀ ପୂଜିତା ହୁଅନ୍ତି, ଏଠାରେ ନାଗାଙ୍କର ହତିଆର ପୂଜିତ ହୁଏ, ନାଗା ନୃସିଂହ ଦେବଙ୍କୁ ଦର୍ଶନ କରେ, ମନ୍ଦିରରୁ ନୂଆ ଶାଢ଼ୀ, ପ୍ରସାଦ ଏବଂ ଝଣ୍ଡାମାଳ ପ୍ରାପ୍ତ ହୁଏ । ନାଗା ନୃତ୍ୟ ବେଶ ଉନ୍ମାଦନା ସୃଷ୍ଟିକରେ । ନାଗା ମେଳନ ପୂର୍ବରୁ ପାଲା, ଘୋଡ଼ା ହାତୀ ନାଚ, ବାରିକ ବାରିକାଣୀ ନାଚ ହୁଏ ଏବଂ ସଉରା ନୃତ୍ୟ ପରେ ନାଗା ନାଚ ଆରମ୍ଭ ହୁଏ । ବିବିଧ କୌଶଳପୂର୍ଣ୍ଣ ଅଙ୍ଗଭଙ୍ଗୀ ବୀରତ୍ୱପୂର୍ଣ୍ଣ ଶୈଳୀ ଏହାର ବିଶେଷତ୍ୱ ।

୨ । ଣ) ପାଟୁଆ ନାଚ :

ପଶ୍ଚିମ ଓଡ଼ିଶାରେ ଦଣ୍ଡନାଟ ଭଳି ଉପକୂଳ ଓଡ଼ିଶାରେ ପାଟୁଆ ନାଚ ଏକ ଧର୍ମଭିତ୍ତିକ ଲୋକନୃତ୍ୟ । ମହାବିଷୁବ ସଂକ୍ରାନ୍ତି ଦିନ ଏଇ ପାଟୁଆ ବ୍ରତ ଉଦ୍‌ଯାପିତ ହୁଏ । ଏଥିପାଇଁ ଓଡ଼ିଶାର ଉପକୂଳ ଅଞ୍ଚଳର କେତେକ ଶକ୍ତି ପୀଠରେ ଘଣ୍ଟ ପାଟୁଆ ଓ ବେତ ପାଟୁଆମାନେ ଉପସ୍ଥିତ ହୋଇ ଅପୂର୍ବ ନୃତ୍ୟ କଳା ପ୍ରଦର୍ଶନ କରିଥାନ୍ତି । ପାଟୁଆମାନେ ବିଭିନ୍ନ ମାନସିକକରି ପାଟୁଆ ବ୍ରତ ଗ୍ରହଣ କରନ୍ତି । ପଣାସଂକ୍ରାନ୍ତି ପୂର୍ବରୁ ଏମାନେ ନିଷ୍ଠାପର ଭାବରେ ସ୍ନାନ, ନିରାମିଷ ଭୋଜନ କରନ୍ତି, ଏବଂ ବେଳାଏ ଉପବାସ କରନ୍ତି । ଗାଁ ଦାଣ୍ଡରେ ବୁଲି ବେତ ପାଟୁଆମାନେ ନୃତ୍ୟ କରନ୍ତି । ଏମାନେ ପାଲାବାଲାଙ୍କ ଶୈଳୀରେ ଲୁଗା ବା ପାଟବସ୍ତ୍ର ପିନ୍ଧନ୍ତି, ମଥାରେ ଚନ୍ଦନ, ସିନ୍ଦୁର ଆଖିରେ କଳା ଲଗାନ୍ତି । ପୁରୁଷ ବେଶରେ ଏମାନେ ନାରୀଙ୍କ ଭଳି ଓଢ଼ଣୀ ପକାଇ ଚାରି ପାଞ୍ଚ ଫୁଟ ଲମ୍ବର ଏକ ବେତକୁ ଅର୍ଦ୍ଧ ବୃତ୍ତାକାର କରି ଦୁଇ ହାତରେ ନିଜ ମଥାରେ ତୋଳି ଧରି ନୃତ୍ୟ କରନ୍ତି ।

ପାଟୁଆ ନୃତ୍ୟରେ ଘଣ୍ଟ, ଘଣ୍ଟା, ମର୍ଦ୍ଦନ, କେଉଁଠାରେ ଢ଼ୋଲ ଓ ମହୁରୀ ଏବଂ କେଉଁଠାରେ ମୃଦଙ୍ଗ, ଗିନି ଓ ଝାଞ୍ଜ ପ୍ରଭୃତି ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ । ପାଟୁଆ ସହିତ ବାଦ୍ୟକାରୀ ଦଳ ଗାଁ ଦାଣ୍ଡରେ ବୁଲନ୍ତି । ଏମାନେ ଗୀତ ଗାଇ ବାଦ୍ୟ ବଜାନ୍ତି, ପାଳିଆମାନେ ପାଳି ଧରନ୍ତି, ଶେଷରେ ପୁଣି ବାଦ୍ୟ ବଜାଯାଏ ଏବଂ ବାଦ୍ୟର ତାଳେ ତାଳେ ପାଟୁଆ ବେତ ଧାରଣ କରି ନୃତ୍ୟ କଲେ । ଗାଁକୁ ଗାଁ ବୁଲି ଏଇ ନୃତ୍ୟ ପ୍ରଦର୍ଶିତ ହୁଏ ଏବଂ ପଣାସଂକ୍ରାନ୍ତି ଦିନ ବିଭିନ୍ନ ଶକ୍ତିପୀଠରେ ପାଟୁଆ ମେଳଣ ହୁଏ । ଏଥିରେ କେତେକ ପାଟୁଆ କଣ୍ଟାରେ ଶୁଅନ୍ତି, କେତେକ ନିଆଁରେ ଚାଲନ୍ତି, ଏବଂ କେତେକ ରଣପା ବ୍ୟବହାର କରି ଦୌଡ଼ନ୍ତି । ଦୈବୀ କୃପା ଲାଭ କରି କାମନା ପୂରଣ କରିବା ଏହାର ଉଦ୍ଦେଶ୍ୟ ।

ପାଟୁଆ ନାଚର ଅନ୍ୟତମ ରୂପ ହେଉଛି ଘଣ୍ଟ ପାଟୁଆ । ବିଭିନ୍ନ ଶକ୍ତିପୀଠ ଯଥା ସାରଳା, ମଙ୍ଗଳା, କୁତାମ ଚଣ୍ଡୀ, କାଗୁଳେଇ ପ୍ରଭୃତି ଶକ୍ତି ପୀଠରୁ ଘଣ୍ଟ ପାଟୁଆମାନେ ଏକ ସୁଦୃଶ୍ୟ କାଷ୍ଠ ସ୍ତମ୍ଭରେ ଦେବୀଙ୍କ ଚଳନ୍ତି ପ୍ରତିମାକୁ ନେଇ ଗାଁ ଗାଁ ବୁଲି ଏଇ ନୃତ୍ୟ ପ୍ରଦର୍ଶନ କରନ୍ତି । ଜଣେ ମାତ୍ର ନର୍ତ୍ତକ ଅର୍ଦ୍ଧ ନାରୀ ପୁରୁଷ ବେଶ ଧାରଣ କରି ଏଇ କାଷ୍ଠ ନିର୍ମିତ ସ୍ତମ୍ଭକୁ ମଥାରେ ଧାରଣ କରି ନୃତ୍ୟ କରନ୍ତି । ସାଙ୍ଗରେ ଥିବା ଅନ୍ୟ ସହଯୋଗୀ ଜଣକ ଘଣ୍ଟ ନାଦ କରି ଗ୍ରାମ୍ୟ ଦାଣ୍ଡକୁ ପ୍ରକମ୍ପିତ କରାନ୍ତି । ଏଇ ପାଟୁଆଙ୍କୁ ଘଣ୍ଟ ପାଟୁଆ କୁହାଯାଏ, ଏମାନେ ରଣପା ମଡ଼ାଇ ମଥାରେ ସେଇ ପୁଷ୍ପ ସୁସଜ୍ଜିତ କାଷ୍ଠ ସ୍ତମ୍ଭକୁ ଥୋଇ ନୃତ୍ୟ କରନ୍ତି । ଏଥିରୁ କିଛି ପାଦୋଦକ ନେଇ ଏମାନେ ଗ୍ରାମବାସୀଙ୍କଠାରୁ ଚାଉଳ, ପରିବା ଓ ପଇସା ସଂଗ୍ରହ କରନ୍ତି । ମହାବିଷୁବ ସଂକ୍ରାନ୍ତି ଦିନ ଏକ ନୃତ୍ୟ ଉଦ୍‌ଯାପିତ ହୋଇଥାଏ ।

ଟିପ୍ପଣୀ

**୨ । ଡ) ଛଉନୃତ୍ୟ :**

ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଲୋକନାଟକ ଭାବରେ ଛଉନୃତ୍ୟ ମୟୂରଭଞ୍ଜ ଜିଲ୍ଲାରେ ବିଶେଷ ଆଦର ଲାଭ କରିଥାଏ । ସରାଇକଳା ଇତ୍ୟାଦିଅଞ୍ଚଳରେ ମୁଖାକୁ ଛଉ କୁହାଯାଏ । ଛଉ ନାଚରେ ମୁଖା ପ୍ରଧାନ ଅବଲମ୍ବନ, କଳାକାରମାନେ ମୁହଁରେ ମୁଖା ଦେଇ ନୃତ୍ୟ କରନ୍ତି । ଅନ୍ୟ କେତେକଙ୍କ ମତରେ 'ଛଇ'ରୁ ଛଉ ସୃଷ୍ଟି ହୋଇଛି । ଆଲୋଚକଙ୍କ ଭାଷାରେ - "ଏହା 'ଛଇ' ଶବ୍ଦରୁ ଆସିଅଛି । ଛଇ ଅର୍ଥାତ୍ କଟକ, ପୁଣି 'ଛଇ' ଶବ୍ଦର ଅପଭ୍ରଂଶ । ଏହାଛଡ଼ା ଆଉ ଗୋଟିଏ ଅର୍ଥ ମଧ୍ୟ କରାଯାଇପାରେ । ଛଉ ନାଚର ମୂଳ ପ୍ରକୃତି ସାମରିକ, ଖୁବ୍ ସମ୍ଭବ ସମର ଶିବିର ବୀରମାନେ ଅବସର ସମୟରେ ଚିତ୍ତ ବିନୋଦନ କରିବା ନିମନ୍ତେ, ଯେଉଁ ଆମୋଦ ପ୍ରମୋଦ କରୁଥିଲେ, ତହିଁରୁ ଏହି ନାଟକର ଉଦ୍ଭବ । ଦିନଯାକ ବାଡ଼ିଆ ପିଟା, ହଣାକଟା କରି କରି ରାତ୍ରିରେ ଆପଣା ଛାଉଣି ମଧ୍ୟରେ ଯାହା ସ୍ୱଳ୍ପ ପରିଶ୍ରାମ ମିଳୁଥିଲା, ତାହାରି ସାହାଯ୍ୟରେ ହେଉଥିଲା ନାଟ । ସେଇ ଛାଉଣି ନାଟ କ୍ରମେ ଜନ ମୁଖରେ ସଂକ୍ଷିପ୍ତ ହୋଇ 'ଛଉ' ବା 'ଛଉନାଟ' ଆକାର ଧାରଣ କରିଥିବା ସମ୍ଭବପର । ସେହିପରି ଅନ୍ୟ ଜଣେ ଆଲୋଚକଙ୍କ ମତରେ - "ଛଉ ନୃତ୍ୟ ଏଇ ସାମରିକ ଓଡ଼ିଆ ଜାତିର ନୃତ୍ୟ ଓ ସମରରୁ ହିଁ ଏଇ ବୀରତ୍ୱ ବ୍ୟଞ୍ଜକ ନୃତ୍ୟରେ ଉତ୍ପତ୍ତି ।

ଛଉନାଟ ଶିବ ପୂଜା ଓ ସ୍ଥଳ ବିଶେଷରେ ଶକ୍ତି ପୂଜା ସହିତ ସଂପୃକ୍ତ । ମହାବିଷୁବ ସଂକ୍ରାନ୍ତିର ତିନିଦିନ ପୂର୍ବରୁ ଏହି ନୃତ୍ୟର ଆୟୋଜନ କରାଯାଏ । ଛଉ ନୃତ୍ୟ ମୁକ୍ତାକାଶ ରଙ୍ଗ ମଞ୍ଚରେ ଅଭିନୀତ ହେଲେ ମଧ୍ୟ, ଏଥିପାଇଁ ଏକ ସ୍ୱତନ୍ତ୍ର ନୃତ୍ୟ ସ୍ଥଳ ଆୟୋଜିତ ହୋଇଥାଏ । ଏଇ ନୃତ୍ୟରେ ଜାତି ଧର୍ମ, ଧନୀ-ଦରିଦ୍ର ଏବଂ ରାଜା-ପ୍ରଜା ନିର୍ବିଶେଷରେ ସବୁ ଶ୍ରେଣୀର ଲୋକେ ଅଂଶ ଗ୍ରହଣ କରିପାରନ୍ତି । ଏମାନେ ରାତିର ଦ୍ୱିତୀୟ ପ୍ରହରରେ ବିଭିନ୍ନ ମୁଖା ପିନ୍ଧି ଅଭିନୟ କରନ୍ତି । ଛଉ ନୃତ୍ୟରେ କେତେକ ପୌରାଣିକ କାହାଣୀକୁ ବିଷୟ ରୂପେ ଗ୍ରହଣ କରାଯାଏ, ବସ୍ତ୍ରହରଣ, କଳଙ୍କ ଭଞ୍ଜନ ଓ ଡାମୁଡ଼ିଆ କୃଷ୍ଣ ପ୍ରଭୃତି କୃଷ୍ଣଲୀଳାମୃତ ବିଷୟମାନଙ୍କୁ କଳାକାରମାନେ ଅଭିନୟ ରୂପେ ପ୍ରଦର୍ଶନ କରନ୍ତି ।

ଛଉ ନାଚରେ ମୁଖ୍ୟତଃ ତାଣ୍ଡବ ନୃତ୍ୟ ଏବଂ ଲାସ୍ୟ ନୃତ୍ୟ - ଏଇପରି ଦୁଇଗୋଟି ଧାରାରେ ପରିବେଷିତ । ତାଣ୍ଡବ ନୃତ୍ୟରେ ବୀରତ୍ୱ ପୂର୍ଣ୍ଣ ଅଭିନୟ ସ୍ଥାନ ପାଇଥାଏ, ମାତ୍ର ଲାସ୍ୟ ନୃତ୍ୟରେ ବିବିଧ କୋମଳ ଅଙ୍ଗଭଙ୍ଗୀମାନ ପ୍ରଦର୍ଶିତ ହୋଇଥାଏ । ଛଉ ନାଚରେ ସୁଦୃଶ୍ୟ ଏବ ରୁଚିପୂର୍ଣ୍ଣ ପୋଷାକ ସବୁ ବ୍ୟବହୃତ ହୋଇଥାଏ । ଅଭିନୟ ସହିତ ପୋଷାକର ଆକର୍ଷଣ ଦର୍ଶକମାନଙ୍କୁ ବିମୁଗ୍ଧ କରିଥାଏ ।

ମୟୁରଭଞ୍ଜର ଖିଚିଙ୍ଗ୍ ପ୍ରଭୃତି ଅଞ୍ଚଳ ଛଉନୃତ୍ୟପାଇଁ ବିଖ୍ୟାତ । ଚୈତ୍ର ପର୍ବ ପାଳନ ଅବସରରେ ଏଠାରେ ଛଉନୃତ୍ୟ ଆୟୋଜିତ ହୁଏ । ଛଉନୃତ୍ୟ ଏକ କଷ୍ଟସାଧ୍ୟ ନୃତ୍ୟ । ନୃତ୍ୟ ଶିକ୍ଷାର୍ଥୀମାନେ ପ୍ରତ୍ୟହ ଦଣ୍ଡ ବୈଠକ, କୁସ୍ତିକସରତ ଇତ୍ୟାଦି କରି ଛଉ ନୃତ୍ୟର ଅଭ୍ୟାସ କରନ୍ତି । ଛଉ ନୃତ୍ୟକୁ ଅଧିକ ଆଳଂକାରିକ କରି ଅଭିନୀତ କରାଯାଏ । ଏଥିରେ ଅଂଶ ଗ୍ରହଣ କରୁଥିବା କଳାକାରମାନେ ନିଷ୍ଠାପର ଓ ସଂଯତ ଜୀବନ ଯାପନ କରନ୍ତି, ଓଷା ଉପବାସ ଭିତରେ ଯଥେଷ୍ଟ କ୍ଳେଶ ମଧ୍ୟ ବରଣ କରନ୍ତି ।

ଛଉ ନୃତ୍ୟ ମୟୁରଭଂଜ, ଖରସୁଆଁ, ସରେଇକଳା ଓ ଢେଙ୍କାନାଳର କେତେକ ସ୍ଥାନରେ ଆଦରର ସାମଗ୍ରୀ । ଏହି ନୃତ୍ୟରେ କେତେକ ପାରମ୍ପରିକ ଶାସ୍ତ୍ରୀୟତାର ସଂଯୋଗ ଘଟିଛି । ଏଥିରେ ବିଭିନ୍ନ ପ୍ରକାରର ରାଗ-ରାଗିଣୀ, ତାଳ ଲୟ ଇତ୍ୟାଦିର ସମାବେଶ ଘଟିଥାଏ । ଛଉ ନାଚରେ ଧୁମ୍‌ସା, ଢୋଲ ଏବଂ ମହୁରୀ ଇତ୍ୟାଦି ବାଦ୍ୟ ବାଜେ । କିନ୍ତୁ ଏହି ଧରଣର ପାରମ୍ପରିକ ବାଦ୍ୟ ପରିବର୍ତ୍ତେ ଆଧୁନିକ କାଳରେ ଢୋଲକ, ଯୋଡ଼ି, ନାଗରା, ହାରମୋନିୟମ ଏବଂ କ୍ଲାରିଓନେଟ୍ ପ୍ରଭୃତି ବାଦ୍ୟର ବ୍ୟାପକ ବ୍ୟବହାର କରାଗଲାଣି ।

ଟିପ୍ପଣୀ

ଛଉ ନାଚରେ ବିଷୟ ବିନ୍ୟାସର ବୈଚିତ୍ର୍ୟ ପରିଲକ୍ଷିତ ହୋଇଥାଏ । "ଏଥିରେ ମାଛଧରା, ଶିକାର ପ୍ରଭୃତି ସାଧାରଣ ବିଷୟଠାରୁ ଆରମ୍ଭକରି ଦେବତା ପ୍ରଭୃତି ବହୁ ବିଷୟମାନ ସ୍ଥାନ ପାଇଥାଏ । ଶବର ଟୋକା, ଜାମ୍ବବାନ ନୃତ୍ୟ, ମଲ୍ଲୀଫୁଲ, ପବନ ପୁତ୍ର ହନୁମାନ, ନଟରାଜ, ପରଶୁରାମ ପ୍ରଭୃତି 'ଛଉନୃତ୍ୟ'ରୁ ପୂର୍ବୋକ୍ତ ମନ୍ତବ୍ୟ ର ପୋଷକତା କରାଇଥାଏ । ହିନ୍ଦୁ ପୁରାଣର କଥାବସ୍ତୁ ଆଧାରରେ ତାମ୍ରୁଡ଼ିଆ କୃଷ୍ଣ, ଗରୁଡ଼ ବାହନ, କୈଳାସ ପତି, ସମୁଦ୍ର ମନ୍ଥନ, ଅହଲ୍ୟା ଉଦ୍ଧାର ପ୍ରଭୃତି ନୃତ୍ୟ ନାଟକ ମଧ୍ୟ ଛଉ ଦ୍ୱାରା ପ୍ରଦର୍ଶିତ ହୋଇଥାଏ ।" ଛଉ ନାଚରେ ଆଧ୍ୟାତ୍ମିକ ଭାବଧାରା ଦେଖାଯାଏ । ଏଥିରେ ଲୋକ ନାଟ୍ୟକଳା ସହିତ କେତେକ ଶାସ୍ତ୍ରୀୟ ନୃତ୍ୟର ମନୋରମ ସମାବେଶ ଘଟିଥାଏ । ଏହା ଜନରେ ଛଉନାଚ ବିଶେଷ ଭାବରେ ଉପଭୋଗ୍ୟ ହୋଇଥାଏ ।

୨ । ଥ) ଘୋଡ଼ା ନାଚ :

ଓଡ଼ିଶାର ଉପକୂଳବର୍ତ୍ତୀ କେତେକ ଗ୍ରାମରେ ଶକ୍ତି ଆରାଧନା ସମ୍ବନ୍ଧିତ ଲୋକନୃତ୍ୟ ଭାବରେ ଘୋଡ଼ା ନାଚକୁ ଗ୍ରହଣ କରାଯାଏ । କଟକ, ପୁରୀ ଓ ବାଲେଶ୍ୱର ପ୍ରଭୃତି ଜିଲ୍ଲାର ବହୁ ସ୍ଥାନରେ କେବଳ କୈବର୍ତ୍ତ ସଂପ୍ରଦାୟ ଦ୍ୱାର ।ଏଇ ଚିତ୍ତାକର୍ଷକ ଲୋକନୃତ୍ୟ ପରିବେଷିତ ହୁଏ । ଚୈତ୍ର ପୂର୍ଣ୍ଣିମାଠାରୁ ବୈଶାଖ ମଧ୍ୟରେ ଆଠ ଦିନ ପର୍ଯ୍ୟନ୍ତ ଚଇତି ଘୋଡ଼ା ନାଚର ଆୟୋଜନ କରାଯାଏ । ଘୋଡ଼ାକୁ ଶକ୍ତି ସାଧନାର ଦେବୀ ବା ସିଦ୍ଧ ବାସେଳୀ ଦେବୀ ଭାବରେ ଗ୍ରହଣ କରାଯାଇଥାଏ । ଓଡ଼ିଶାର ନୌବାଣିଜ୍ୟର ସଂମୃଦ୍ଧ ଚିତ୍ର ଏହା ଦ୍ୱାରା ପ୍ରତିପାଦିତ ହୋଇଥାଏ । ଏକ ବିଶେଷ ଲୋକନାଟ୍ୟ ଭାବରେ ଘୋଡ଼ା ନାଚର ଯଥେଷ୍ଟ ପ୍ରସିଦ୍ଧି ରହିଅଛି ।

କୈବର୍ତ୍ତମାନେ ଗୋଟାଏ ଖୁଣ ନଥିବା ବାଉଁଶ କାଟି, ଏହାକୁ ବତାରେ ପରିଣତ କରନ୍ତି । ବତା ସାହାଯ୍ୟରେ ଏମାନେ ଘୋଡ଼ାର ପିଞ୍ଜରା ନିର୍ମାଣ କରନ୍ତି । ଏଇ ପିଞ୍ଜରାର ମଧ୍ୟ ଭାଗରେ ଜଣେ ମଣିଷ ପ୍ରବେଶ କରିବା ପରି ସ୍ଥାନ ଖାଲି ରଖାଯାଇଥାଏ । ପିଞ୍ଜରାର ସମସ୍ତ ଅଂଶକୁ କଳା ବା ଧଳା କପଡ଼ା ଦ୍ୱାରା ଭଲ ଭାବରେ ଆଚ୍ଛାଦନ କରାଯାଏ । ଘୋଡ଼ା ମୁଣ୍ଡର ଏକ ଚିତ୍ରିତ ମୁଖାକୁ ଏଇ ପଞ୍ଜରାର ମୁଖା ରୂପେ ରଖାଯାଏ ଓ ଏହା ବେକରେ ମନ୍ଦାର ଫୁଲର ହାର, ମଥାର ଚନ୍ଦନ ସିନ୍ଦୁର ଦେଇ ଏହାକୁ ପୂଜା କରାଯାଏ । ଏହାପରେ ଜଣେ କୈବର୍ତ୍ତ ଏଇ ଘୋଡ଼ା ପିଂଜରାର ମଧ୍ୟବର୍ତ୍ତୀ ବସ୍ତ୍ର ଅନାଚ୍ଛାଦିତ ସ୍ଥାନରେ ପ୍ରବେଶ କରେ । ଦୁଇଟି ଶକ୍ତ ରଜ୍ଜୁ ଦ୍ୱାରା କାନ୍ଧରେ ସେ ଘୋଡ଼ାକୁ ଓହଳାଇ ଦିଏ । ଏହା ଫଳରେ ଲୋକଟିର ଅଣ୍ଟା ପର୍ଯ୍ୟନ୍ତ ଘୋଡ଼ା ପିଂଜରା ଭିତରେ ରହେ ଓ ମଧ୍ୟାଂଶ ଠାରୁ ଶରୀରର ଅବଶିଷ୍ଟାଂଶ ବାହାରକୁ ଦୃଶ୍ୟ ହୁଏ । ଲୋକଟିର ଏପରି ଅବସ୍ଥା ଘୋଡ଼ା ଉପରେ ବସିବା ପରି ଜଣାଯାଏ ।

ଘୋଡ଼ା ନାଚରେ ସ୍ଥାନ ବିଶେଷରେ କଳାକାରମାନଙ୍କ ସଂଖ୍ୟା ଭିନ୍ନ ଭିନ୍ନ ହୁଏ । କେତେକ ସ୍ଥଳେ ଘୋଡ଼ା ନାଚରେ ଘୋଡ଼ାବାଲା, ସହିତ ଚଢ଼େୟା ଓ ଚଢ଼େୟାଣୀ ବାହାରନ୍ତି । ଜଣେ ପୁରୁଷ ଚଢ଼େୟା ହୁଏ ଓ ଅନ୍ୟ ଜଣେ ପୁରୁଷ ନାରୀ ବେଶରେ ଚଢ଼େୟାଣୀ ସାଜେ । ଦୁହେଁ ଘୋଡ଼ା ବନ୍ଦନା ଗାନ କରନ୍ତି ଓ ପରେ ଭିନ୍ନ ଭିନ୍ନ ଦେବଦେବୀଙ୍କ ବନ୍ଦନା ଗାନ କରନ୍ତି । ଓଡ଼ିଶାର ଜନପଦ କବିଙ୍କ ଦ୍ୱାରା ରଚିତ ବିଭିନ୍ନ ପୁରାଣ ବିଷୟକୁ ଏମାନେ ପରିବେଷଣ କରନ୍ତି । କେତେକ ସ୍ଥାନରେ ଏଇ ନାଚରେ ମୁଖ୍ୟତଃ ଚାରିଜଣ କଳାକାର ଅଂଶ ଗ୍ରହଣ କରନ୍ତି । ଏଇ ଚାରିଜଣ ହେଉଛନ୍ତି, ଗାୟକ, ପାଳିଆ, ରାଉତ ଓ ରାଉତାଣୀ । ଚଢ଼େୟାଣୀର ଅନୁରୂପ ପୋଷାକ ଓ ବେଶରେ ରାଉତାଣୀ ସୁସଜ୍ଜିତ ହୁଏ । ଗାୟକ ବିଷୟ ପରିବେଷଣ କରନ୍ତି, ପାଳିଆ ଓ ରାଉତ ରାଉତାଣୀ ପାଳି ଧରନ୍ତି । ପୁଣି ବେଳେବେଳେ ସମାଜ ଜୀବନର ଦୁଃଖ-ସୁଖ ଗୀତିକା ରାଉତ ରାଉତାଣୀଙ୍କ ଦ୍ୱାରା ପରିବେଷିତ ହୋଇଥାଏ । ଏ ଦୁହିଁଙ୍କର ଯୁଗ୍ମ ନୃତ୍ୟ ଘୋଡ଼ା ନାଚର ଅନ୍ୟତମ ଆକର୍ଷଣ ।

ଟିପ୍ପଣୀ

ଘୋଡ଼ାନାଚରେ ଢ଼ୋଲ, ଯୋଡ଼ି ମହୁରୀ, ଯୋଡ଼ି ନାଗରା ଓ ଝୁମୁକା ଇତ୍ୟାଦି ବାଦ୍ୟ ବ୍ୟବହୃତ ହୁଏ । ପ୍ରଥମେ ବାଦ୍ୟ ବାଜେ ଓ ରଙ୍ଗ ମଞ୍ଚରେ ଗାୟକ ସିଦ୍ଧବାସେଳୀଙ୍କ ବନ୍ଦନା ଗାନ କରନ୍ତି । ପାଲା ରୀତିରେ ବିଭିନ୍ନ ସଂସ୍କୃତ ଶ୍ଳୋକ ମଧ୍ୟ ଗାୟକ ପଢ଼ନ୍ତି । ଏହାପରେ ବିଷୟବସ୍ତୁ କ୍ରମରେ ପୁରାଣ ବିଷୟ ଆରମ୍ଭ ହୁଏ । ମଧ୍ୟେ ମଧ୍ୟେ ସାମାଜିକ ବିଷୟ ଭିତ୍ତିରେ ରାଉତ ରାଉତାଣୀଙ୍କର ହାସ୍ୟ ରସାତ୍ମକ ସ୍ୱଳ୍ପ ସଙ୍ଗୀତ ଓ ନୃତ୍ୟ ହୁଏ । ତାତ୍ତ୍ୱିକ ବିଷୟ କ୍ରମରେ ଘୋଡ଼ାର ଉତ୍ପତ୍ତି ବିଷୟ ସ୍ଥାନେ ସ୍ଥାନେ ମଧ୍ୟ ଗାନ କରାଯାଏ । ଶେଷରେ ଢ଼ୋଲ, ମହୁରୀର ଉଚ୍ଛସିତ ସ୍ୱରରେ ଘୋଡ଼ା ବାଲା ଘୋଡ଼ା ନଚାଏ, ହରି ବୋଲ ହୁଳହୁଳି ଧ୍ୱନି ସହିତ ନୃତ୍ୟ ଶେଷ ହୁଏ ।

କେତେକ ଶକ୍ତି ପୀଠରେ ଘୋଡ଼ା ନାଚ ପ୍ରତିଯୋଗିତା ହୁଏ, ଏବଂ ଏହା ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହୁଏ । ଏଥିରେ ବିଭିନ୍ନ ଘୋଡ଼ା ନାଚ ଦଳ ଅଂଶ ଗ୍ରହଣ କରନ୍ତି । ଗୋଟାଏ ଦଳର ଗାୟକ ଅନ୍ୟ ଦଳ ପାଇଁ ତାତ୍ତ୍ୱିକ ପ୍ରଶ୍ନ ଥକ୍କୁ ରଖି ଦେଇଯାଏ ଓ ଅନ୍ୟଦଳ ଏହାର ସମାଧାନ କରି କେତେବେଳେ ପ୍ରଶଂସିତ ହୁଅନ୍ତି ଓ କେତେବେଳେ ସମାଧାନ କରି ନପାରି ନିନ୍ଦିତ ହୁଅନ୍ତି । ସେମାନେ କେତେକ ତାତ୍ତ୍ୱିକ ପ୍ରଶ୍ନ ଛଳରେ ଶରୀର ତତ୍ତ୍ୱ କଥା ପ୍ରକାଶ କରନ୍ତି ଓ ଏଥି ନିମିତ୍ତ ବିଭିନ୍ନ ଗୀତରେ କହନ୍ତି–

"ବାଞ୍ଝ ଗାଈସିନା　　ବାଟେ ଚରୁଥାଇ
　　ଗାଈ ତ ସଙ୍ଗମ ନାହିଁ
ବାଛୁରୀ ତ ତା'ର　　ପେଟରେ ଯେ ଥାଇ
　　ରାଉତରେ, ସେତ ଅସାଧ୍ୟ ନାଗଇ ।
ଦଣ୍ଡୀକେରୀ ମାଛ　　ଘର ଛାଉଁଅଛି
　　କେରାଣ୍ଡି ଭିଡ଼ଇ ବତା
ବଗପକ୍ଷୀ ନେଇ　　ଛଣ ପରଶଇ
　　ରାଉତରେ ଚିଲ ହିଁ ଧରିଛି ଛତା ।"

ଏହା ବ୍ୟତୀତ ଗାୟକ ଓ ପାଳିଆ ଇତ୍ୟାଦିଙ୍କର ଗୀତ ରହିଛି । ଘୋଡ଼ା ଅନୁକୂଳ ସମୟରେ ସେମାନେ ଗାଆନ୍ତି -

"କାହୁଁତୁ ଅଇଲୁ　　ସିପାହୀ ଭାଇରେ
　　କେବଣ ଦେଶରେ ଘର
କାହାର ଉପରେ　　ସବାର ହେଉଛୁ
　　ସିପାହୀରେ କେବଣ ନାମ ତୁମ୍ଭର ।
　　ଘଡ଼ିକି ମାଇଲି ଟିପା
ସିଦ୍ଧୟ ଠାକୁରାଣୀ　　ଘୋଡ଼ା ଆସିଅଛି
　　ସିପାହୀରେ ଦେହଯାକ ସୁନା ଟିପା ।

× × ×

ଟିପ୍ପଣୀ

ବଟ ବୃକ୍ଷ-ମୂଳେ          ଜନମ ହୋଇଲି
ସିଂହଳ ଦୀପରେ ଘର
ପିଥା ବାଟେଳିକୁ          ଜଳରେ ବସିଛି
ସିପାହାରେ ଜଳବର୍ଣ୍ଣ ନାମ ମୋର ।"

×          ×          ×

"ବାଟରେ ମାଇଲି ବୋଡ଼ା
ରାତିରେ ନଚାଏ          ବଳଦି ଘୋଡ଼ା ମୁଁ
ଦିନରେ ଲୁଚଇ ଲୁଡ଼ା ।"

ରାଉତ ରାଉତାଣୀଙ୍କର ପରସ୍ପର ପ୍ରଶ୍ନୋତ୍ତର ଭିତ୍ତିକ ଗୀତସବୁ ଲୋକଶିକ୍ଷା ଭିତ୍ତିକ ଓ କୌତୁକାତ୍ମକ । ରାଉତାଣୀ ପ୍ରଶ୍ନରେ–

କଳା ଚାରି ଜାତି          କହରେ ନାଗର
କଳା ଚାରି ଜାତି କହ
କଳା ଚାରି ଜାତି          କହି ନପାରିଲେ
ନାଗରରେ ଗୋଡ଼ ମୋଡ଼ି ଦେବୁ ରହ ।

ରାଉତ ଏହାର ଉତ୍ତର ଦିଏ -

କଳା ଚାରି ଜାତି          କହୁଛି ନାଗରୀ
କଳାତ ଅନ୍ଧାର ରାତି
କାଉ ରଙ୍ଗ କଳା,          କୋଇଲି ତ କଳା
ନାଗରୀ ଲୋ, କଳାତ କଜଳପାତି ।"

ଘୋଡ଼ାନାଟରେ ଦର୍ଶକ ମଧ୍ୟରୁ ବହୁ ସମୟରେ ଗାୟକ ଓ ପାଳିଆଙ୍କ ଅନୁରୋଧକ୍ରମେ ଓ ହୁଳହୁଳି ଶୁଣାଯାଏ । ଏହାର ବାଦ୍ୟ ଶୈଳୀରେ ବିଶେଷତ୍ୱ ରହିଛି । ବର୍ତ୍ତମାନ ଘୋଡ଼ାନାଚରେ ଆଧୁନିକ ଧରଣର ସଙ୍ଗୀତର ପ୍ରୟୋଗ ହୋଇଥିଲେ ମଧ୍ୟ ଏହାର କାବ୍ୟସ୍ୱର ଅପରିବର୍ତ୍ତୀତ ରହିଛି ।

## ଲୋକନାଟକର ବିଭିନ୍ନ ସ୍ତର :

ଆଧୁନିକ ନାଟ୍ୟ ପରମ୍ପରା ପ୍ରତି ଲୋକନାଟ୍ୟର ଦାନ ଅତୁଳନୀୟ । ଲୋକନାଟ୍ୟ ସମାଜ ଜୀବନର ମୂଳଦୁଆ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାର ସୃଷ୍ଟି କେବେଠାରୁ ହେଲା ନିର୍ଦ୍ଦିଷ୍ଟ ଭାବରେ କହିହେବ ନାହିଁ । ତେବେ ଏହା ଯେ ଗୋଟିଏ ଦିନରେ ସୃଷ୍ଟି ହୋଇନାହିଁ ଏହା ନିଶ୍ଚିତ । ଏହାର ସୃଷ୍ଟି ପଛରେ ବିଭିନ୍ନ ଉତ୍ସର ପ୍ରଭାବ ବିଦ୍ୟମାନ । ସେହି ଉତ୍ସର ପ୍ରଭାବକୁ ନିମ୍ନମତେ ଆଲୋଚନା କରାଯାଇପାରେ ।

ଟିପ୍ପଣୀ

ପ୍ରକୃତିର ପ୍ରଭାବ :- ଇତିହାସ ସ୍ୱୀକାର କରେ, ଆର୍ଯ୍ୟମାନେ ଏ ଦେଶରେ ପ୍ରବେଶ କରିବା ପୂର୍ବରୁ ଏଠାରେ ଯେଉଁମାନେ ବସବାସ କରୁଥିଲେ ସେମାନେ ଥିଲେ ଏଇ ମାଟିର ଆଦିମମାନବ । ସେଇମାନେ ହିଁ ପ୍ରକୃତି କୋଳରେ ନାଚିକୁଦି ଜୀବନ ଅତିବାହିତ କରିଆସିଛନ୍ତି । ଜଗତର ପ୍ରତ୍ୟେକ ଜୀବ ଭିତରେ ନାଚିବାର ପ୍ରବଣତା ରହିଛି । ନାଚ ତାର ପ୍ରବୃତ୍ତି, ଭାବପ୍ରବଣତାର ଆଙ୍ଗିକ ପରିପ୍ରକାଶ ତା'ର ଆତ୍ମାର ସ୍ୱାଭାବିକ୍ ଆଚରଣ, କଥା କହିବା, ଚିତ୍ର ଅଙ୍କି ପରିପ୍ରକାଶ ତା'ର ଆତ୍ମାର ସ୍ୱାଭାବିକ ଆଚରଣ, କଥା କହିବା, ଚିତ୍ର ଆଙ୍କିବା, ଗୀତ ଗାଇବା ଆଗରୁ ସେ ନାଚିବା ଆରମ୍ଭ କରିଦେଇଛି । ପ୍ରକୃତିର ଆରଣ୍ୟକ ଘର ଭିତରେ ବିଚରଣଶୀଳ ମଣିଷ ଗଛ, ଲତା, ଫୁଲ, ପାଣି, ପଶୁ, ପକ୍ଷୀଙ୍କ ନର୍ତ୍ତନ ବିକାଶକୁ ହୁଏତ ସମାହିତ ନେତ୍ରରେ ଦେଖିଛି । ବେଳେବେଳେ ତା' ଭିତରେ ବିଚିତ୍ର ଭାବ ସୃଷ୍ଟି ହୋଇଛି ଏବଂ ତା'ର ଭାବ ବିହ୍ୱଳ ଚେତନା ପ୍ରକାଶିତ ହୋଇଛି ଅଙ୍ଗ ବିଳାସ ମାଧ୍ୟମରେ । ନିବିଡ଼ ଅରଣ୍ୟର ପ୍ରାକୃତିକ ପରିବେଶରେ ସେ ବାସ କରିବା ସମୟରେ ବାରିପାତ, ଚନ୍ଦ୍ରର ସ୍ନିଗ୍ଧତା ତାକୁ ଯଥାକ୍ରମେ ଭୟଭୀତ ଓ ଆନନ୍ଦିତ କରିଛି । ତା'ର ସେହି ଭାବାବେଗକୁ ପରିପ୍ରକାଶ କରିବା ପାଇଁ ଓ ଏଥିରୁ ରକ୍ଷା ପାଇବା ପାଇଁ ଆନନ୍ଦ ଭରି ଦେବାରୁ ସେ ନାଚିଛି ବିହ୍ୱଳିତ ହୋଇ । ତେଣୁ ନାଟକର ପ୍ରାଥମିକ ସୂଚନା ଏଇଥିରୁ ହିଁ ଦେଖିବାକୁ ମିଳିଥାଏ । ଆଦିମାନବ ପ୍ରାପ୍ତିର ଆନନ୍ଦରେ ଉଲ୍ଲସିତ ହୋଇ ଉଠିବା ସମୟରେ କାବ୍ୟ, ଗୀତ ଓ ନୃତ୍ୟ ମାଧ୍ୟମରେ ନିଜର ଆନନ୍ଦ ଭାବକୁ ପ୍ରକାଶ କରିଛନ୍ତି । ଧାର୍ମିକ ଚିନ୍ତନ-ଧାର୍ମିକ ଭାବନାରୁ ଲୋକନାଟକର ସୃଷ୍ଟି ବୋଲି ମତ ପ୍ରକାଶ ପାଇଥାଏ । ଲୋକ ପ୍ରଥମେ ନାଚୁଥିଲା । ନାଚ ଭିତରକୁ ଆପଣାରମାନେ ଆସିଥିଲେ । ତା' ପରେ ସେମାନେ ନାଚର ପରିକଳ୍ପନା କରିଥିଲେ । ରହସ୍ୟ ଓ ଅଦୃଶ୍ୟ ଶକ୍ତିକୁ ଆକାର ଦେଇଥିଲେ । ତାକୁ ତୁଷ୍ଟ କରିବା ପାଇଁ ତା'ର ଗୁଣଗାନ କରୁଥିଲେ । ନିଜ ଜୀବନଚର୍ଯ୍ୟାର ଆଧାରରେ ତା'ର ନିରାକାର କରୁଥିଲେ । ତାକୁ ସୁଖୀ କରିବା ଆଳରେ ଆତ୍ମ ବିନୋଦନ ଭାବରେ ମଜ୍ଜି ରହୁଥିଲେ । ରହସ୍ୟକୁ ଯେମିତି ନିଜ ନିଜ ଭିତରେ ଅନୁଭବ କରୁଥିଲେ । ସୁଖର କାଳକାଟିବାର ସକଳ ବ୍ୟାକୁଳତା ନାଟ୍ୟରୂପ ନେଇଥିଲା । ସେ ବ୍ୟାକୁଳତା ଭିତରେ ଶୋକ, ଉଚ୍ଛ୍ୱାସ, ପ୍ରେମ, ପ୍ରତାରଣା, ଘୃଣା, ଈର୍ଷା, କରୁଣାପରି ସକଳ ଭାବ ପ୍ରକାଶ ପାଉଥିଲା । ସେହି ଆଦିମ ମନୁଷ୍ୟ ଦେବଦେବୀଙ୍କ ତୁଷ୍ଟି ଉଦ୍ଦେଶ୍ୟରେ ଦୁଷ୍ଟ ଶକ୍ତିମାନଙ୍କର କବଳରୁ ନିଜକୁ ତଥା ଆତ୍ମୀୟସ୍ୱଜନମାନଙ୍କୁ ରକ୍ଷା ପାଇଁ ବିଭିନ୍ନ ନୃତ୍ୟ ଓ ଅଭିନୟ ମାଧ୍ୟମରେ ନିଜ ମନୋଭାବକୁ ବ୍ୟକ୍ତ କରୁଥିଲେ । ଧର୍ମକୁ ଭିତ୍ତିକରି ପୃଥିବୀର ବିଭିନ୍ନ ସ୍ଥାନମାନଙ୍କରେ ଧର୍ମାନୁଷ୍ଠାନ ଗଢ଼ିଉଠିଥିଲା ।

ଗ୍ରୀସ୍ ଦେଶରେ, ଇଂଲଣ୍ଡରେ, ଭାରତରେ ପ୍ରାୟ ପ୍ରତ୍ୟେକ ସ୍ଥାନରେ ଧର୍ମାନୁଷ୍ଠାନ ସହିତ, ନାଟକ ରଚନାର ସମ୍ପର୍କ ଥିଲା ଓ ଧର୍ମାନୁମୋଦିତ ଗଳ୍ପଗୁଡ଼ିକ ଲୋକମାନଙ୍କ ମନରେ ଦୃଢ଼ ଭାବରେ ଅଙ୍କିତ କରିବା ନିମନ୍ତେ ଧର୍ମ ଯାଜକମାନେ ନାଟକ ଆକାରରେ ସେହି ଗଳ୍ପମାନଙ୍କରେ ଅଭିନୟ ପ୍ରଦର୍ଶନ କରୁଥିଲେ । ଗ୍ରୀସ୍ ଦେଶରେ ଉପାସନା ସମୟରେ ଯେଉଁ ସ୍ତବଗୁଡ଼ିକ ରଚିତ ହେଉଥିଲା, କାଳକ୍ରମେ ସେହି ସ୍ତବଗୁଡ଼ିକ ନାଟ୍ୟ ମାଧ୍ୟମରେ କଥୋପକଥନ ରୂପରେ ଗୀତ ଥିଲା । ଏହି ପ୍ରକାର ଗୀତବଦ୍ଧ କଥୋପକଥନ ସମୟରେ ନାଟ୍ୟର ଉତ୍ପତ୍ତି ହେଉଥିଲା । ଇଂଲଣ୍ଡରେ ସେହିପରି ଯୀଶୁଖ୍ରୀଷ୍ଟଙ୍କର ଜନ୍ମ ଓ ତିରୋଭାବ ସହିତ ସମ୍ପୃକ୍ତ ବାଇବେଲର ଗଳ୍ପଗୁଡ଼ିକ ଧର୍ମ ମନ୍ଦିରରେ ଅଭିନୀତ ହେଉଥିଲା ।

କ୍ରମଶଃ ଏହିପରି ଅଭିନୟ ଦ୍ୱାରା ଏହାର ଅନ୍ତର୍ନିବାହ ଭାବମାନ ଲୋକସମାଜରେ ପ୍ରଚଳିତ ହେଲା । ଓଡ଼ିଆ ଲୋକନାଟକ ପାଇଁ ମଧ୍ୟ ଏହି ସତ୍ୟ ଉଦ୍ଦିଷ୍ଟ । ଧର୍ମୀୟ ପରମ୍ପରାରୁ ନାଟ୍ୟାଭିନୟର ସୂତ୍ରପାତ ହୋଇଥିବା କଥାର ସତ୍ୟତା ରହିଛି । ଏହି ନାଟ୍ୟାଭିନୟ ସାଧାରଣତଃ ଯାତ୍ରା, ଅପେରା ବା ବିଶେଷ ଲୋକନାଟ୍ୟ ସ୍ତରର । ସାଧାରଣ ଲୋକଙ୍କ

ମନରେ ଧର୍ମ ପ୍ରେରଣା ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ଲିଖିତ ନାଟ୍ୟଗୁଡ଼ିକ ସ୍ୱାଭାବିକ ଭାବେ ଉଭୟ ଗୀତ ଓ ନାଟ୍ୟ ସମନ୍ୱିତ । ଯାଯାବର ଜୀବନକୁ ଗୋଷ୍ଠୀଜୀବନ ଆସିବା ପରେ ମଧ୍ୟ ଲୋକମାନଙ୍କ ମନ ମଧ୍ୟରୁ ସେହି ଧାର୍ମିକ ଚିନ୍ତାଧାରା ଦୂରୀଭୂତ ହୋଇନଥିଲା । ଭାଷାର ଅଧିକାରୀ ହେବାପରେ ପୁରାଣର ଭାବଧାରା ଦ୍ୱାରା ସେ ବିଶେଷ ଭାବରେ ପ୍ରଭାବିତ ଥିଲେ । ଦ୍ୱିତୀୟତଃ, ପୁରାଣ, କାହାଣୀ ବ୍ୟତୀତ ଅନ୍ୟ କିଛି କାହାଣୀ କଳ୍ପନା କରିବା ସେମାନଙ୍କ ପକ୍ଷେ ସମ୍ଭବପର ନଥିଲା । ତୃତୀୟତଃ ଧର୍ମମୂଳକ କାହାଣୀ ବୟାନ କରିବା ଓ ଶ୍ରବଣ କରିବା ପୂଣ୍ୟକାର୍ଯ୍ୟ ଭାବେ ବିବେଚିତ ହେଉଥିଲା । ଚତୁର୍ଥତଃ, ପୁରାଣର ବୀରତ୍ୱବ୍ୟଞ୍ଜକ କାହାଣୀଗୁଡ଼ିକ ସେମାନଙ୍କ ମନ ଭିତରେ କଳ୍ପନା ରସରେ ଅନୁରଞ୍ଜିତ ଓ ସମୃଦ୍ଧ ହୋଇ ସ୍ୱତଃସ୍ଫୂର୍ତ୍ତ ପ୍ରକାଶର ମାଧ୍ୟମ ଖୋଜୁଥିଲା । ପଞ୍ଚମତଃ, ପୁରାଣ ଗୃହୀତ କାହାଣୀ ଭିନ୍ନ ଅନ୍ୟ କାହାଣୀ ଗ୍ରାମ୍ୟ ଅଭିନେତା, ପ୍ରଯୋଜକ ଓ ଦର୍ଶକମାନଙ୍କ ଦ୍ୱାରା ଗ୍ରହଣୀୟ ନଥିଲା । ଷଷ୍ଠତଃ, ଧର୍ମମୂଳକ ନାଟକ ରଚନା, ପ୍ରଯୋଜନା, ଅଭିନୟ ପ୍ରଭୃତି ଗ୍ରାମ୍ୟ ଜନତା ଦ୍ୱାରା ଯଥେଷ୍ଟ ପ୍ରଶଂସା ଓ ଉତ୍ସାହ ଲାଭ କରିପାରିଥିଲା । ଶେଷତଃ, ଏହା ଧର୍ମପ୍ରଚାର ଧର୍ମ ଚେତନାର ଉଦ୍‌ବୋଧନ ଓ ନୀତିଶିକ୍ଷା ସହିତ ମନୋରଞ୍ଜନର ଏକ ପ୍ରଭାବଶାଳୀ ମାଧ୍ୟମ ରୂପେ ସାର୍ବଜନୀନ ସ୍ୱୀକୃତି ଲାଭ କରିଥିଲା । ତେଣୁ ଲୋକନାଟ୍ୟ ସୃଷ୍ଟିରେ ଏହି ଧାର୍ମିକ ଚିନ୍ତନର ଯେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଅସ୍ୱୀକାର କରାଯାଇନପାରେ ।

**କୃଷି ସଭ୍ୟତା :-** ଓଡ଼ିଶା ଏକ କୃଷିପ୍ରଧାନ ଦେଶ । ଏ ଦେଶର ଅଧିକାଂଶ ଜନତା ମୁଖ୍ୟତଃ କୃଷିକୁ ନିଜର ଜୀବିକା ଭାବରେ ଗ୍ରହଣ କରିନେଇଥାନ୍ତି । କୃଷି ସମୟରେ ବିଶେଷ ଭାବରେ ଫସଲ ଉତ୍ପାଦନବେଳେ ସେମାନେ ଆନନ୍ଦରେ ଉଲ୍ଲସିତ ହୋଇଉଠିଥାନ୍ତି । ତାଙ୍କର ଏହି ଆନନ୍ଦ ଭାବକୁ ପ୍ରକାଶ କରିବାପାଇଁ ସେମାନେ ବିଭିନ୍ନ ଅଙ୍ଗଭଙ୍ଗୀରେ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଗ୍ରାମୀଣ ଜନତା ମଧ୍ୟ ଏଥିରେ ସହଯୋଗ କରିଥାନ୍ତି । ସେଥିପାଇଁ ଅଧିକାଂଶ ଲୋକ ନାଟ୍ୟରେ ଓଡ଼ିଶାର କୃଷକ ସମ୍ପ୍ରଦାୟ ମୁଖ୍ୟ ଭୂମିକା ଗ୍ରହଣ କରିଥିବାର ଲକ୍ଷ୍ୟ କରାଯାଇପାରେ । ଏପରିକି କେତେକ ଲୋକନାଟ୍ୟରେ କୃଷି ସଭ୍ୟତାର ଚିତ୍ର ପରିସ୍ଫୁଟ ହୋଇଥାଏ । ତେଣୁ କୃଷି ସଭ୍ୟତାକୁ ଲୋକନାଟ୍ୟ ସୃଷ୍ଟିର ଅନ୍ୟତମ କାରଣ ଭାବରେ ଗୃହୀତ କରାଯାଇପାରେ ।

**ସାମରିକ ପରମ୍ପରା :-** ଏ ଦେଶର ଅତୀତ ସାମରିକ ପରମ୍ପରା ସମୃଦ୍ଧ ଓ ବୀରତ୍ୱପୂର୍ଣ୍ଣ ଯୁଦ୍ଧଜୟୀ ଓଡ଼ିଆ ପାଇକମାନେ ନିଜ ମାଟିରେ ପାଦଦେବା ମାତ୍ରକେ ତାଙ୍କୁ ବିଭିନ୍ନ ଭାବରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଥିଲା । ଏହି ସମୟରେ ସେମାନଙ୍କୁ ଉତ୍ସାହିତ ଓ ଆମୋଦିତ କରିବା ଉଦ୍ଦେଶ୍ୟରେ ନୃତ୍ୟଗୀତର ଆୟୋଜନ କରାଯାଉଥିଲା । ରଣରଙ୍ଗ ଦୁର୍ଦ୍ଧର୍ଷ ଓଡ଼ିଆଙ୍କ ମାନସ ପଟରେ ଯୁଦ୍ଧ ଓ ବୀରତ୍ୱର ମୁଦ୍ରା ଆଙ୍କି ଦେବାପାଇଁ ସେହି ନାଟ୍ୟ ମାଧ୍ୟମରେ ବିଭିନ୍ନ ଯୁଦ୍ଧ ଦୃଶ୍ୟର ଅବତାରଣା କରାଯାଇଥିଲା । ବିଭିନ୍ନ ପୁରାଣର କଥାବସ୍ତୁକୁ ନେଇ ତନ୍ମଧ୍ୟରେ ସନ୍ନିହିତ ଯୁଦ୍ଧ ବୃତ୍ତାନ୍ତ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ଦୃଶ୍ୟ ମାଧ୍ୟମରେ ତାହା ଦେଖାଇ ଦିଆଯାଇଛି । ଏବେ ମଧ୍ୟ ଓଡ଼ିଆଙ୍କ ମାନସ ପଟରୁ ଅତୀତର ସେହି ବୀରତ୍ୱପୂର୍ଣ୍ଣ ସମର କୃତୀ ସମ୍ପୂର୍ଣ୍ଣ ଭାବରେ ଲିଭିଯାଇ ନାହିଁ । ଖୋର୍ଦ୍ଧା, ଢେଙ୍କାନାଳ ଆଦି ପାଇକ ଅଞ୍ଚଳରେ ଏବେ ବି ପାଇକ ଆଖଡ଼ା ଅନୁଷ୍ଠିତ ହୋଇଥାଏ ।

**କାରୁକଳା :-** ଉତ୍କୃଷ୍ଟ କଳାର ଦେଶ ବୋଲି ଓଡ଼ିଶାର ଅନ୍ୟନାମ ଉତ୍କଳ । କଳାବିଦ୍ୟାରେ ଦିନେ ଏହି ଉତ୍କଳ ସମଗ୍ର ଭାରତବର୍ଷରେ ଶୀର୍ଷସ୍ଥାନ ଗ୍ରହଣ କରିଥିଲା । ଅତୀତ ଓଡ଼ିଶାର ସେହି କାରୁକଳାର ଦୃଷ୍ଟାନ୍ତ ଏବେବି ରାଣୀଗୁମ୍ଫାର ନିହିତ ରମଣୀର ବିଭିନ୍ନ ଅଙ୍ଗଭଙ୍ଗୀ, କୋଣାର୍କ ମନ୍ଦିର, ରାଜାରାଣୀ ମନ୍ଦିର, ହାତୀଗୁମ୍ଫା ତଥା ଓଡ଼ିଶାର ଅନ୍ୟାନ୍ୟ

ଟିପ୍ପଣୀ

ବିଭିନ୍ନ ସ୍ଥାନରେ ପରିଲକ୍ଷିତ ହେଉଥିବା ପ୍ରାଚୀନ ମନ୍ଦିରମାନଙ୍କରୁ ଜଣାଯାଇଥାଏ । ଓଡ଼ିଆ ଶିଳ୍ପୀଙ୍କ ହସ୍ତରେ ନିର୍ମିତ ହୋଇଥିବା ବିଭିନ୍ନ ନୃତ୍ୟଭଙ୍ଗୀ ଓ ଦୃଶ୍ୟସଜ୍ଜା ଓଡ଼ିଆ ଲୋକନାଟ୍ୟକୁ ପ୍ରଭାବିତ କରିଥିବ, ଏହା ଅନୁମାନ କରିବା ଭିତ୍ତିହୀନ ନୁହେଁ ସେହି କାରିଗରର ନିର୍ମିତ ହୋଇଥିବା ମୂର୍ତ୍ତିଗୁଡ଼ିକ ସତେଯେପରି ପ୍ରସ୍ତରର ମୂର୍ତ୍ତି ନୁହନ୍ତି । ତାହା ଖୋଳାଯାଇଥିବା ଗୋଟିଏ ଗୋଟିଏ ପ୍ରତିମୂର୍ତ୍ତି ଦେବଦାସୀ ଓ ଓଡ଼ିଶୀ ନୃତ୍ୟ ଓଡ଼ିଆ ଲୋକନାଟ୍ୟର ବିକାଶରେ ଓଡ଼ିଶୀ ନୃତ୍ୟ ଦେବଦାସୀ ପ୍ରଥାର ଭୂମିକାକୁ ଅସ୍ୱୀକାର କରାଯାଇନପାରେ । ଓଡ଼ିଶାର ବିଭିନ୍ନ ମନ୍ଦିର ଗାତ୍ରରେ ଖୋଳାଯାଇଥିବା ନୃତ୍ୟରତା ନର୍ତ୍ତକୀର ବିଭିନ୍ନ ଭଙ୍ଗୀ କଳାପ୍ରିୟ ଓଡ଼ିଆଙ୍କୁ ବହୁ ଭାବରେ ଆନନ୍ଦ ଦେଇଛି । ନିର୍ଜୀବ ପାଷାଣର ସେହି ଭଙ୍ଗୀକୁ ସାକାର କରିବା ପାଇଁ ଲୋକନାଟ୍ୟକାର ଅଭିନେତାମାନେ ଆପ୍ରାଣ ଉଦ୍ୟମ କରି ସଫଳ ହୋଇଛନ୍ତି । ଜଗନ୍ନାଥ ମନ୍ଦିରରେ ପ୍ରଦର୍ଶିତ ହେଉଥିବା ଦେବଦାସୀ ନୃତ୍ୟ ମନ୍ଦିର ବାହାରେ ଗୋଟିପୁଅ ନାଚ ଭାବରେ ଖ୍ୟାତିଲାଭ କରିଛି । ଓଡ଼ିଶୀ ନୃତ୍ୟର ବିବିଧ ଠାଣୀ ଏବଂ ନୃତ୍ୟ ଭଙ୍ଗୀରେ ପରବର୍ତ୍ତୀ କାଳରେ କଳାପ୍ରିୟ ଓଡ଼ିଆ ତହିଁରେ ସଙ୍ଗୀତ ଓ ଅଳ୍ପ ଗଦ୍ୟଯୁକ୍ତ କରାଇ ବିଭିନ୍ନ ଲୋକନାଟ୍ୟରେ ପରିଣତ କରାଇପାରିଛନ୍ତି ।

ଏହା ବ୍ୟତୀତ, ଶିକାର କରିବା ସମୟରେ, ପୂଜା ପାର୍ବଣ ପାଳନ ଅବସରରେ, ଲୌକିକ ବିଧି ବିଧାନବେଳେ, କର୍ମକ୍ଳାନ୍ତ ଦେହ ଓ ମନକୁ ଆନନ୍ଦ ଦେବାକୁ ସୁଖ ଓ ଦୁଃଖରେ ମଣିଷ ନାଚିଛି । କାରଣ ଏହି ନାଚକରୁ ସେ ଆନନ୍ଦ ପାଇଛି ଓ ଅନ୍ୟକୁ ଆନନ୍ଦ ଦେଇଛି । ନାଚି ନାଚି ସେ ଗୀତ ଗାଇଛି ଓ ସମୟ କ୍ରମେ କ୍ଷୁଦ୍ରଗଦ୍ୟ ସଂଳାପ ବି ଯୋଡ଼ି ଦେଇଛି । ତାକୁ ଅଧିକ ରସମୟ ଏବଂ ଶ୍ରୁତିମଧୁର କରିବାପାଇଁ, ଏଥିରୁ ମଧ ଲୋକନାଟ୍ୟ ପ୍ରେରଣା ପାଇଥିବା ଅସମ୍ଭବ ନୁହେଁ । ପୁନଶ୍ଚ, ଲୋକନାଟର ବିକାଶ ପାଇଁ ସଂସ୍କୃତ ନାଟକ ଓ ଚମ୍ପୂର ଭୂମିକାକୁ ମଧ ଅସ୍ୱୀକାର କରାଯାଇନପାରେ ।

## ଲୋକନାଟକର ସାମାଜିକ ମୂଲ୍ୟ :

ଓଡ଼ିଆ ଲୋକନାଟ୍ୟଗୁଡ଼ିକରେ ଲୋକ ଜୀବନର ସ୍ୱାଭାବିକ ହସ-କାନ୍ଦ, ସୁଖ-ଦୁଃଖ, ଚାଲିଚଳଣ, ଆଚାର ବ୍ୟବହାର ଆଦି ପ୍ରାକୃତିକ ଭାବରେ ଫୁଟିଉଠିଛି । ଏହାର ଅନ୍ତରାଳରେ ଯେପରି ସାଧାରଣ ଲୋକର ଆନନ୍ଦମୟ ମୁହୂର୍ତ୍ତଗୁଡ଼ିକ ସାକାର ହୋଇଛି, ସେହିପରି ତା'ର ସାମାଜିକ ଜୀବନର ବହୁ ଅନୁଭୂତି ଓ ଅଭିଜ୍ଞତା ଅନାବିଳ ଭାବରେ ଫୁଟି ଉଠିଛି । ବ୍ୟକ୍ତିବିଶେଷର ଚିନ୍ତା ଯେତେବେଳେ ସମାଜମୁଖୀ ହୋଇଉଠେ, ଜୀବନର ବହୁବିଧ ପରିବର୍ତ୍ତନ ସମ୍ପର୍କରେ ମନନଧର୍ମୀ ଓ ବିଶ୍ଳେଷଣରେ ନିମଗ୍ନ ହୋଇଯାଏ, ସେତେବେଳେ ତା'ର ଏହି ଚିନ୍ତା ଏବଂ ଚେତନାକୁ ସାମାଜିକ ଚେତନା କୁହାଯାଇଥାଏ । ଚୈତନ୍ୟ ବିନ୍ଦୁ ହେଉଛି ମାନର ସ୍ଥିତିସ୍ଥାପକତାର, ତାହାର ଗତି ଓ ପ୍ରଗତିର ନିୟାମକ, ଏହି ଚୈତନ୍ୟବିନ୍ଦୁକୁ ଚେତନା ଅଭିଧାନରେ ଚିହ୍ନିତ କରାଯାଇପାରେ । ପ୍ରବାହ ଏବଂ ପରିବର୍ତ୍ତନଶୀଳତା ତଥା ବିଭିନ୍ନ ଅବସ୍ଥାରେ ଅବିଚ୍ଛିନ୍ନ ଐକ୍ୟ ସମ୍ପାଦନ, ସାହଚର୍ଯ୍ୟ ଦାନ ଚେତନାର ପ୍ରଧାନ ବୈଶିଷ୍ଟ୍ୟ । ଏହିସବୁକୁ ବ୍ୟକ୍ତି ଯେତେବେଳେ ସମାଜୋମୁଖୀ କରିଦିଏ, ସେତିକିବେଳେ ତାହାର ଚିନ୍ତା ସ୍ୱରୂପ କି ଧରଣର ଏ କ୍ଷେତ୍ରରେ ସେ ପ୍ରଶ୍ନ ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ବ୍ୟକ୍ତି ବିଶେଷ ଦ୍ୱାରା ତାହା କେଉଁ ଦୃଷ୍ଟିକୋଣରୁ ଗୃହୀତ ଏବଂ ପରୀକ୍ଷିତ ହେଉଛି ତାହା ହିଁ ଏଠାରେ ଲକ୍ଷ୍ୟ କରିବାର କଥା । ଏହି ଦୃଷ୍ଟିରୁ ବିଚାର କଲେ ଓଡ଼ିଶାର ସାମାଜିକ ଜୀବନ ବହୁ ରଙ୍ଗ ଓ ରସ ନେଇ ଏଥିରେ ଆତ୍ମପ୍ରକାଶ କରିଛି । ସାଧାରଣ ମଣିଷ ଜୀବନରେ ବହୁ ଘଟଣା ଏଥିରେ ଲକ୍ଷ୍ୟ କରି ସ୍ୱାଭାବିକ ଢଙ୍ଗରେ ଏହାକୁ ଅତି ଆପଣାର କରିନେଇଛି ।

ଟିପ୍ପଣୀ

ଓଡ଼ିଶାବାସୀ ମୁଖ୍ୟତଃ ଧର୍ମପ୍ରାଣ । ଧର୍ମ ବ୍ୟତିରେକ ସେ ନିଜର ଅସ୍ତିତ୍ୱକୁ ମଧ୍ୟ କଳ୍ପନା କରିନପାରେ । ତା'ର ଦୈନନ୍ଦିନ ଜୀବନର ଆଚାର ବିଚାର, ଭଲମନ୍ଦ, ଧର୍ମ ଦ୍ୱାରା ହିଁ ନିୟନ୍ତ୍ରିତ । ପ୍ରାୟତଃ ବିଛଣା ତ୍ୟାଗ କରିବା ମାତ୍ରେ ସେହି ପରମେଶ୍ୱରଙ୍କୁ ସେ ଦିନଟି କିପରି ସୁଖରୁରେ କଟିଯିବ, ସେ ଯିବା ସମୟରେ ଦୈନନ୍ଦିନ କାର୍ଯ୍ୟାବଳୀକୁ ବିଶ୍ଳେଷଣ କରି ଈଶ୍ୱରଙ୍କ କୃପାରେ ସଫଳତା ଲାଭ କରିଥିଲେ କୃତଜ୍ଞତାରେ ଶିର ନତକରେ ଅଥବା ଅସଫଳ ହୋଇଥିଲେ ସେ ଅଭିମାନ କରେ ବା ଈଶ୍ୱର ତାକୁ ପରୀକ୍ଷା କରୁଛନ୍ତି ଭାବି ସେହି ଈଶ୍ୱରଙ୍କ ଇଚ୍ଛା କହି ପରମ ଶାନ୍ତିରେ ନିଦ୍ରା ଯାଏ । ତା'ର ଏହି ଧାର୍ମିକ ଭାବନାରୁ ବିଭିନ୍ନ ଲୀଳାନାଟ୍ୟ ଯଥା—ରାସଲୀଳା, କୃଷ୍ଣଲୀଳା, ଭାରତ ଲୀଳାର ସୃଷ୍ଟି ।

ଗଞ୍ଜା, ମଦ, ଗୁଲି, ଅଫିମ ଆଦି ମାଦକ ଦ୍ରବ୍ୟ କେବଳ ଅର୍ଥନଷ୍ଟ କରେ ନାହିଁ, ସାମାଜିକ ଜୀବନକୁ ମଧ୍ୟ ପଙ୍ଗୁ କରିଦିଏ । ଏହାର କୁପ୍ରଭାବରେ ମଣିଷ ଅମଣିଷ ହୁଏ । ବୈଷ୍ଣବ ପାଣି ତାଙ୍କର ଗୀତିନାଟ୍ୟଗୁଡ଼ିକରେ ଏହାର କୁପରିଣତି ସମ୍ପର୍କରେ ସୂଚେଇ ଦେଇ ପରୋକ୍ଷରେ ଏହାର ବର୍ଜନ ନିମିତ୍ତ ନିର୍ଦ୍ଦେଶ ଦେଇଛନ୍ତି । ପାଣି ଧୋବଣୀ ଫାର୍ସରେ ମଦ୍ୟପାନ ବିଷୟରେ ସୂଚେଇ ଦେଇ କହିଛନ୍ତି—

ଛି ଛି ମଦଖାଇବି ନାହିଁ ମୁଁ
କଳା ପାଣିପରି ଦିଶେ
ସେଇ କଳାପାଣି ପେଟରେ ପଡ଼ିଲେ
ଚଉଦ ଭୁବନ ଦିଶେ ।

ପୁଣି ଲେଖିଛନ୍ତି—

ବୋତଲ ଭିତରେ ଥିଲାବେଳେ ତୁହି
ଗିଲାସକୁ ପଡ଼େ ଖୋଜାତ
ଦଣ୍ଡୀକୁ ବିକାଉ ମାଇପ ନାକରୁ
ଅଟୁ ଜ୍ଞାନୀ ଜ୍ଞାନ ହଜାତ
ତାହା କରଯେ ଘଟାଉ ସଜାତ
ତୋର ନାହିଁ ଟିକେ ଚକ୍ଷୁ ଲଜ୍ଜା ତ ।

ଏହି ମଦ୍ୟପାନର କୁପରିଣତି ସମ୍ପର୍କରେ ଲୋକ ସମାଜକୁ ସୂଚେଇ ଦେଇ ସେ ସତର୍କ କରିଦେଇ କହିଛନ୍ତି—

ସେଥି ନିମିତ୍ତ ମୋର କଲା କର୍ମର ଫଳାଫଳ
ଦେଖି ଦୁନିଆ ସତର୍କ ହେଉ
ଶିଶୁ ଯେ ଈଶ୍ୱରଙ୍କ ପାଦପଦ୍ମ ବ୍ୟତୀତ
ଅନ୍ୟ କାହିଁରେ ମୁକ୍ତି ନାହିଁ ।

ସମାଜର ସବୁଶ୍ରେଣୀର ଚରିତ୍ର ଲୋକନାଟ୍ୟରେ ଆତ୍ମପ୍ରକାଶ କରିଛନ୍ତି । ସେମାନଙ୍କର ଦୈନନ୍ଦିନ ଜୀବନର କାର୍ଯ୍ୟକଳାପ ମଧ୍ୟ ଏହି ଲୋକନାଟ୍ୟରେ ରୂପାୟିତ । ଧୋବା, ଚୌକିଦାର, ବ୍ରାହ୍ମଣ, ରାଉତ, କୈବର୍ତ୍ତ, କ୍ଷତ୍ରିୟ, ଆଦିବାସୀ, ହରିଜନ, ଆଦି ସବୁଶ୍ରେଣୀର ଚରିତ୍ରକୁ ଏଥିରେ ଦେଖିବାକୁ ମିଳେ । ତେଣୁ ଲୋକନାଟ୍ୟ ଜାତିଭେଦକୁ ଅସ୍ୱୀକାର କରିଛନ୍ତି । ସେ ଅନୁଭବ କରିଛନ୍ତି ଯେ, ଜାତିଭେଦରୂପକ କଳଙ୍କ ସମାଜରୁ ନଗଲେ ସମାଜର ବିକାଶ ହେବ

ଟିପ୍ପଣୀ

ନାହିଁ । ଧର୍ମ ଓ ଜାତିକୁ ନେଇ ସମାଜ ଅଧୋଗାମୀ ହୋଇଯାଇଛି । ଲକ୍ଷ୍ମୀ ପୂଜା ଗୀତାଭିନୟରେ ହାଡ଼ି ଓ ହାଡ଼ିଆଣୀ ଚରିତ୍ର ମଧ୍ୟଦେଇ ଶୁଦ୍ଧ, ସରଳ ଭକ୍ତିର ପରିଚୟ ଦେବା ସଂଗେ ସଂଗେ ଜାତିଭେଦକୁ ବିଲୋପ କରିବାପାଇଁ ଆହ୍ୱାନ ଦେଇଛନ୍ତି । ସେଥିପାଇଁ ଲୋକନାଟ୍ୟ କେବଳ ଏକମାତ୍ର ଜାତି-ମାନବ ଜାତି ଉପରେ ହିଁ ବିଶ୍ୱାସ କରେ । ମାନବତାବାଦର ପୂଜାରୀ ଭାବରେ ଉକ୍ତ ନାଟକଗୁଡ଼ିକରେ ଚିରନ୍ତନ ମୂଲ୍ୟବୋଧ କାଳକାଳପାଇଁ ଅକ୍ଷୁଣ୍ଣ ରହିବ । ଗୋପାଳ ଦାସ ତାଙ୍କର ରଙ୍ଗ ସଭାରେ ଚୌକିଦାରର କାର୍ଯ୍ୟ ସମ୍ପର୍କରେ ସୂଚାଇ ଦେଇ କହିଛନ୍ତି–

ଏତେ ରାତିରେ ବାହାର ଚଉକିଦାର ହେ

ତିନି ଦିନ ହେଲା ମୋତେ କରିଛି ଜର ।

ଜ୍ୱର ହେଲେ ମଧ୍ୟ ଚୌକିଦାର ତା'ର କାର୍ଯ୍ୟ କରିବାକୁ ବାଧ୍ୟ । ତେଣୁ ତା'ର ଦୁଃଖ କେହି କେବେ ବୁଝିବାକୁ ଚାହେଁ ନାହିଁ, ସେହିପରି ଧୋବାମାନଙ୍କର କାର୍ଯ୍ୟ ଲୁଗାପଟା ସଫା କରିବା । ଏ କାର୍ଯ୍ୟରୁ ସାମାନ୍ୟ ତ୍ରୁଟି ହେଲେ ରାଜାଙ୍କ କ୍ରୋଧର ଶିକାର ହେବାକୁ ପଡ଼େ । ରଜକ ମୁଖରେ ସେହି ରଙ୍ଗସଭାରେ ଗୋପାଳ ଦାସ କୁହାଇଛନ୍ତି–

ରଜକ ହେଲା ବାହାର, ରଜକ ହେଲା ବାହାର
ତିନିଦିନ ହେଲା ତୁଠ ପଡ଼ିଅଛି, ହଇକିଲୋ ରଙ୍ଗିଆବୋଉ
ମୋ ଘରୁ ନୋହିଲୁ ବାହାର ।

ଅତୀତରେ ବୈଦ୍ୟମାନେ ବର୍ତ୍ତମାନର ଡାକ୍ତରଙ୍କ ଭୂମିକା ଗ୍ରହଣ କରିଥିଲେ । ଅନେକ ସମୟରେ ମୂର୍ଖ ବୈଦ୍ୟ କିଛି ନଜାଣି ନଶୁଣି ଲୋକମାନଙ୍କଠାରୁ ଟଙ୍କା ପଇସା ଠକି ନେଉଥିଲେ । ରଙ୍ଗସଭାରେ ତାର ଏକ ସୁନ୍ଦର ଚିତ୍ର ପ୍ରକାଶିତ।

ବଇଦ ଲାଗିଛ ଗୋଟା ପନ୍ଦର ଔଷଧ ଦେଲେ ସିଙ୍କୁପତର
କାଇଁଚ ସେର, ବେଙ୍ଗ ଲାଙ୍ଗୁଡ଼, ମାଈ ଗୋବର ବଇଦଘର ଅବେସମ୍ବଲ
ପୁର (ବାବୁ) ସେ ସୋନପୁର ।
ବିରଜାଇ ର ଭଦ୍ରକର ହେ
ଟଙ୍କା ମୋଠୁଁ ଠକି ନେଲେ, ଚାରି ନଅ ତେର (ବାବୁ)
ସାତ ଛ' ତେର, ଏଗାର ଦୁଇ ତେର ।

କେତେକ ଲୋକନାଟ୍ୟରେ ରାଜତନ୍ତ୍ରର ପରିଚୟ ସୁସ୍ପଷ୍ଟ । ରାଜାଙ୍କର ବିଳାସ ବ୍ୟସନ, ଖାଦ୍ୟ, ଅଳଙ୍କାର ଓ ବେଶପୋଷାକ ସମ୍ପର୍କରେ ମଧ୍ୟ ସୂଚନା ମିଳେ । ଏଠାରେ ଭିକାରି ନାରାୟଣଙ୍କ ଦ୍ୱାରା ରଚିତ ଚନ୍ଦ୍ରାବତୀ ହରଣ ସୁଆଙ୍ଗର ଦୁର୍ଯ୍ୟୋଧନ ଆଗମନକାଳୀନ ଚିତ୍ରରୁ ଦୁଇଟି ପଦ ଉଦାହରଣ ସ୍ୱରୂପ ଗ୍ରହଣ କରାଯାଇପାରେ ।

ଦୁର୍ଯ୍ୟୋଧନ ରାଜନ କେସେ ଆୟା ହୋ ।
ମନ୍ତ୍ରୀ ହସ୍ତେ ଛତ୍ର ଶୋଭା ପାୟା ହୋ ।
ଶିର ଯେ ମୁକୁଟ ସାଜେ     କର୍ଣ୍ଣେ କୁଣ୍ଡଳ ବିରାଜେ
ମୁଖ ପୂର୍ଣ୍ଣଚନ୍ଦ୍ର ତାର ଠାରି ରସିଆ ହେ ।
ଗଳେ ଅଷ୍ଟ ରତ୍ନ ହାର     ଦିଶୁଅଛି ଝଲମଲ
ତା' ପରେ ମୁକୁତା ଫୁଲଟି ଶୋଭା ପାୟା ହୋ ।

ପିନ୍ଧିଛି ମଉଜା ଜୁତା, ସଙ୍ଗେ ମନ୍ତ୍ରୀ ବୁଦ୍ଧିଦାତା
କାନ୍ଧରେ ପଡ଼ିଛି ଓତା ଅତି ନାଲିଆ ହୋ
ପଡ଼ଇ ପଙ୍ଖା ଆଲଟ କେ ଧରଇ ଜଳଘଟ
କହଇ ଅଧମ ଶଠ– ମତି ଭିକାରିଆ ହେ ।

ଗ୍ରାମ୍ୟ ଜନତା ବାରମ୍ବାର ଅର୍ଥାଭାବରେ ଦାରିଦ୍ର୍ୟକୁ ବରଣ କରିନେଇଥାଏ । କୌଣସି ଯୋଜନା ତାର ମେରୁଦଣ୍ଡକୁ ସୁଦୃଢ଼ କରିପାରେନା । ପଲ୍ଲୀର ଶହ ଶହ ଜନତା ନିଜର ସର୍ବନିମ୍ନ ଆବଶ୍ୟକତାକୁ ପୂରଣ କରିବାକୁ ମଧ୍ୟ ଅସମର୍ଥ । ତା'ପରେ ପୁଣି ଦରଦାମ ବୃଦ୍ଧି ତାକୁ ଅଧିକ ହତୋତ୍ସାହ କରିଦିଏ । ପଲ୍ଲୀ ମଣିଷର ଏଇ ଅସହାୟତା ଲୋକନାଟ୍ୟରେ ରୂପାୟିତ ହୋଇଛି ।

କ୍ଷତି କି ଭୀତି ହେଲା ପ୍ରବଳ
ପଇସାରେ ପାନ ପାଞ୍ଚଟା ଛଅଟା
ଟଙ୍କାକୁ ଛ' ସେରେ ଚାଉଳ ।

ଗ୍ରାମର କାଞ୍ଜି ଓ ପଖାଳକୁ ଆଦରି ନେଇଥିବା ଗ୍ରାମୀଣ ଜନତାର ସେହି ଦୈନନ୍ଦିନ ଖାଦ୍ୟ ପାଖରେ କୃତଜ୍ଞତା ଜଣାଇଥାଏ । କାରଣ ଏଥିପାଇଁ ତେଲ ମସଲା କିଣିବାର ପ୍ରୟୋଜନ ପଡ଼ିନଥାଏ । ସୁତରାଂ ପଇସା ଖର୍ଚ୍ଚ ନାହିଁ ।

ଧନ୍ୟ ଧନ୍ୟରେ କାଞ୍ଜି
ତୋର ଋଣ କିଏ ପାରିବ ଶୁଝି
ଶୀତ ତୋର ମିତ ତୁ କାହାକୁ ହିତ
ପିତ୍ତି ପଳାଇବ ରାଇଜ ତେଜି ।

ପେଟ ଭୋକ ମଣିଷକୁ କରେ ଅମଣିଷ । ପେଟ ଜ୍ୱାଳାରେ ସେ ବାରଦ୍ୱାର ଶୁଣ୍ଢିପିଣ୍ଡା ହୁଏ । ଏହି ସର୍ବଗ୍ରାସୀ ଜ୍ୱାଳାକୁ ଉପଶମ କରିବାପାଇଁ ନାରୀକୁ ଅପଥରେ ଯିବାକୁ ପଡ଼େ । ଯେଉଁଠାରେ ଅନ୍ନ ଚିନ୍ତା ଚମତ୍କାର, ସେଠି ସତୀତ୍ୱ ଓ ବଡ଼ପଣିଆର ମୂଲ୍ୟ ବା କ'ଣ ? ବାରମ୍ବାର ବିଭିନ୍ନ ତୁଠରେ ପାଣି ପିଉଥିବା ଏହିଭଳି ନାରୀ ବିନା ଦ୍ୱିଧାରେ ନିଜର ପାପକୁ ବରଣ କରିପାରନ୍ତି । ଏହା ହୁଏତ ଆମ ରକ୍ଷଣଶୀଳ ସମାଜପାଇଁ ଲଜ୍ଜାଜନକ ଘଟଣା ହୋଇପାରେ, ମାତ୍ର ଯେଉଁ ସମାଜ ନାରୀର ଏହି ଆବଶ୍ୟକତା ପୂରଣ କରିନପାରେ, ସେଠାରେ ମିଥ୍ୟା ଆସ୍ଫାଳନ ଏବଂ ଆଦର୍ଶ ଓ ନୈତିକତା ସମ୍ପର୍କରେ ଉତ୍ତପ୍ତ ଭାଷଣ ଦେବାର ମଧ୍ୟ କୌଣସି ମୂଲ୍ୟ ନାହିଁ । କାରଣ ଭାଷଣରେ ସମାଜର ନୈତିକତା ଅଥବା ଆର୍ଥିକ ମାନଦଣ୍ଡ ବଦଳିଯାଏ ନାହିଁ । ବାରମ୍ବାର ସମାଜର ବିଭିନ୍ନ ସ୍ଥାନରୁ ଠୋକର ଖାଇଥିବା ଏହିପରି ଏକ ନାରୀ ସ୍ୱୀକାର କରିଛି–

ପଠାଣ ଜବର ମିଆଁ ଦେଇଥିଲା ପାନିଆଁ
ମୁଣ୍ଡ କୁଣ୍ଡାଇବାକୁ ମୁଁ ହେଲି ଛାନିଆ ।
ତାକୁ ଖାଇଲା ବାଡ଼ି, ସେଠୁ ଅଇଲି ଛାଡ଼ି
ବାଟରେ ଦେଖିଲା ମୋତେ ସପନା ହାଡ଼ି ।
ଜାଣେ କେତେ ହୁନ୍ଦର, ମୋତେ ଦେଲା ସିନ୍ଦୂର
ତା ପାଖେ ରହିଲି ମୁହିଁ ଦିନ ପନ୍ଦର ।

ଟିପ୍ପଣୀ

ଓଡ଼ିଶା ଇଂରେଜ ଶାସନାଧୀନ ହେବାପରେ ଏଦେଶରେ ପାଶ୍ଚାତ୍ୟ ଶିକ୍ଷାଦୀକ୍ଷାର ପ୍ରଚାର ହେବାକୁ ଲାଗିଲା । ପାଶ୍ଚାତ୍ୟ ଜ୍ଞାନ କୌଶଳ ଭାରତବର୍ଷର ବହୁକ୍ଷେତ୍ରରେ ନୂତନତା ଆନୟନ କଲା । ରେଳଗାଡ଼ିର ଆବିର୍ଭାବରେ ଏ ଦେଶର ଜନତା ହତଚକିତ ହୋଇଉଠିଲେ । ଦେଶର ପ୍ରଗତି ତା ଆଖିରେ ଭେଳିକି ଲଗାଇ ଦେଇଥିଲା । ବିଜ୍ଞାନର ଏହି ଅଭୂତପୂର୍ବ ବିକାଶ ତା ମନରେ ସୃଷ୍ଟି କରିଥିଲା ଅସୁମାରୀ କୌତୂହଳ । ସେହି ଫିରିଙ୍ଗୀମାନଙ୍କୁ ତେଣୁ ସେ ପ୍ରଶଂସା କରି ଗାଇଥିଲେ–

ଧନ୍ୟ ଧନ୍ୟ ଫିରିଙ୍ଗୀ ଯୋଡ଼ି
ଶୂନ୍ୟେ ଚଳାଉଛ ରେଳଗାଡ଼ି
ଯୋଚା ନାହିଁ ହାତୀ ଘୋଡ଼ା ବଳଦ
କେବଳ ଅଗ୍ନିକୁ କରିଛ ସାଧ ।

ଓଡ଼ିଶା ମୁଖ୍ୟତଃ ଏକ କୃଷି ପ୍ରଧାନ ଦେଶ । ଏ ଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ଭାବରେ କୃଷି ଉପରେ ହିଁ ନିର୍ଭରଶୀଳ । କୃଷିର ବିକାଶ ନହେଲେ ଦେଶର ଉନ୍ନତି ନିଶ୍ଚିତ ଭାବରେ ସୁଦୂର ପରାହତ ହୋଇପଡ଼ିବ । ସେଥିପାଇଁ ଲୋକନାଟ୍ୟର ରଚୟିତା ଶିବଙ୍କୁ କୃଷିର ଦେବତା ଭାବରେ ଦଣ୍ଡନାଟ୍ୟରେ ଉପସ୍ଥାପନ କରାଇଛି । ଛଉନାଚରେ ଯେଉଁ ବିଭିନ୍ନ ଉପଛିର ପ୍ରୟୋଗ ଅଛି ତାହା ମୁଖ୍ୟତଃ କୃଷିଭିତ୍ତିକ । ହଳଦୀ ବଟା, ଧାନକୁଟା, ଗୋବରଗୋଳା ଆଦି ଏହାର ଉଦାହରଣ । ଏହା ବ୍ୟତୀତ ବୃଷ୍ଟିନିମିତ୍ତ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଯଥା– ଋଷ୍ୟଶୃଙ୍ଗଙ୍କୁ ଆଣିବା, ଯଜ୍ଞ କରିବା ଆଦି ଏହାର ଅନ୍ୟତମ ଦୃଷ୍ଟାନ୍ତ । ତେଣୁ କୃଷିଭିତ୍ତିକ ସଭ୍ୟତାର ବହୁ ନିଦର୍ଶନ ଲୋକନାଟ୍ୟଗୁଡ଼ିକରେ ଦେଖିବାକୁ ମିଳିଥାଏ ।

ଉତ୍କଳର ପାରିବାରିକ ଜୀବନ ଅତ୍ୟନ୍ତ ମଧୁମୟ । ପିତା-ପୁତ୍ର, ମାତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇଭଉଣୀ ଆଦିଙ୍କ ମଧ୍ୟରେ ସୁମଧୁର ସମ୍ପର୍କ ବିଦ୍ୟମାନ । ସ୍ତ୍ରୀ ଅଭିମାନ କଲେ ରାଗିଲେ ସ୍ୱାମୀ ତା'ର ମାନଭଞ୍ଜନ କରିଥାଏ । ସ୍ୱାମୀର ସହଗାମିନୀ ହେବାକୁ ସ୍ତ୍ରୀ ଆପଣାର ଧର୍ମ ବୋଲି ଭାବେ । ସେଥିପାଇଁ ରାମଲୀଳାର ବିଭିନ୍ନ ସ୍ଥାନର ସମତା ଓ ରାମଚନ୍ଦ୍ରଙ୍କର ଚରିତ୍ର ତଥା ଅନ୍ୟାନ୍ୟ କେତେକ ଗୀତିନାଟ୍ୟର ଯଶୋଦା ଏବଂ ଶ୍ରୀକୃଷ୍ଣଙ୍କ ମଧ୍ୟରେ ମାତା ପୁତ୍ରର ସ୍ନେହ ଓ ମମତାକୁ ଦେଖାଇ ଦିଆଯାଇଛି ।

ଓଡ଼ିଶାର ଅତୀତ ଐତିହ୍ୟ ଅତ୍ୟନ୍ତ ଗୌରବାବହ । ଗୋଟିଏ ବୀର ଜାତି ଭାବରେ ସମଗ୍ର ଭାରତବର୍ଷରେ ଏହି ଜାତି ପରିଚିତ । ଓଡ଼ିଆ କେବେ ସମର ବିମୁଖ ନୁହଁନ୍ତି । ଏବେ ମଧ୍ୟ ଢେଙ୍କାନାଳ ଓ ଖୋର୍ଦ୍ଧା ଆଦି ପାଇକ ଅଞ୍ଚଳରେ ଦୁର୍ଗାପୂଜା ଦିନ ଢୋଲ ଓ ତରବାରୀରେ ପାଇକନାଟ ହୋଇଥାଏ । ପାଇକ ଆଖଡ଼ା ଗୃହରେ ଘରେ-ତରବାରୀ ଚାଳନା ପାଇଁ ଶିକ୍ଷା ଦିଆଯାଏ । ଅତୀତର ସେହି ସ୍ମୃତିକୁ ସେମାନେ ଏବେ ମଧ୍ୟ ଧରି ନୃତ୍ୟ କରିବାର ଏହାର ପ୍ରମାଣ ମିଳିଥାଏ ।

ଓଡ଼ିଆ ଯୁବକ ଯୁବତୀ ହସଖୁସିରେ ଜୀବନ ବିତାଇ ଦେବାକୁ ଚାହିଁଥାନ୍ତି । ଓଡ଼ିଶାରେ ମଧ୍ୟ ସେମାନେ ହସନ୍ତି । ବିଭିନ୍ନ ପ୍ରଶ୍ନୋତ୍ତର ଏବଂ କଥୋପକଥନ ମଧ୍ୟରେ ଜୀବନର ଦୁଃଖକୁ ପାଶୋରି ଦେବାକୁ ଚେଷ୍ଟା କରିଥାଏ । ଡାଲଖାଇ, ରସରକେଲୀ ଆଦି ନୃତ୍ୟରୁ ଏହାର ବହୁ ଉଦାହରଣ ସଂଗ୍ରହ କରାଯାଇପାରିବ । ଏହି ଦୃଷ୍ଟିରୁ ବିଚାର କଲେ ଲୋକନାଟ୍ୟ କେବଳ ଆନନ୍ଦ ପ୍ରଦାନ ଉଦ୍ଦେଶ୍ୟରେ ସୃଷ୍ଟି ହୋଇନଥିଲା, ଏଥିରେ ଉତ୍କଳୀୟ ଜନଜୀବନର ବହୁ ଛନ୍ଦ ଓ ରସ ଜୀବନ୍ତ ଭାବରେ ଅଭିବ୍ୟକ୍ତ ହେଉଥିଲା ।

## ଓଡ଼ିଆ ଲୋକନାଟ୍ୟର ରସାତ୍ମକତା :

ପଲ୍ଲୀ ଜନତାର ରୋମାଣ୍ଟିକ ଭାବଚେତନାରୁ ବହୁ ଲୋକରଚନାର ସୃଷ୍ଟି । ତେଣୁ ପଲ୍ଲୀବାସୀ ନିହାତି ଧାର୍ମିକ ନୁହନ୍ତି, ବରଂ ରୋମାଣ୍ଟିକ୍ । ସେଥିପାଇଁ ବହୁ ଲୋକନାଟ୍ୟଗୁଡ଼ିକରେ କବିତ୍ୱ ରସର ଅବତାରଣା ଘଟିଛି । ନୃତ୍ୟ ଓ ଗୀତର ତାଳେ ତାଳେ ସୁଯୋଗ ପାଇବା ମାତ୍ରେ ସେ ସୃଷ୍ଟି କରିଯାଇଛି ରସର ଝରଣା । ଏହି ରସ ପାନକରି ସାଧାରଣ ଲୋକ ଧନ୍ୟ ହୋଇଛି, ଆନନ୍ଦ ଲାଭ କରିଛି, ପ୍ରେରଣା ମଧ୍ୟ ଦେଇଛି । ଜୀବନର କଠିନ ମରୁବାଲିରେ ସେ ସୃଷ୍ଟି କରିଛି ରସର ଓସିଏସ୍ । ଜୀବନକୁ ନିହାତି ଶୁଷ୍କ ଓ ନୀରସ ନକରି ସେଥିରେ ଭରିଦେଇଛି ରସର ପ୍ରସ୍ରବଣ । ସେଥିପାଇଁ କଠିନ ପରିଶ୍ରମ ମଧ୍ୟରେ ବି ପଲ୍ଲୀବାସୀ ସ୍ୱପ୍ନ ଦେଖିଛି, ତାରି ମୋହରେ ମତୁଆଲା ବି ହୋଇଛି । ସୋସ୍ୱାଦୀ ମନ ପରିକଳ୍ପନା କରିଯାଇଛି ଗୋଟିଏ ପରେ ଗୋଟିଏ ନୂତନ ନାଟ୍ୟ । କାରଣ ଏଥିରୁ ସେ ଆନନ୍ଦ ପାଏ । ଜୀବନକୁ ସରସ ସୁନ୍ଦର କରେ । ଏହି ଦୃଷ୍ଟିରୁ ଲୋକନାଟ୍ୟରେ ପରିଦୃଷ୍ଟ ହେଉଥିବା ବିବିଧ ଆଲୋଚନାର ପରିସରଭୁକ୍ତ କରିବା ବାଞ୍ଛନୀୟ ମନେହୁଏ ।

**ହାସ୍ୟରସ :-** କର୍ମକ୍ଳାନ୍ତ ଓ କଠୋର ସଂଗ୍ରାମମୟ ଜୀବନକୁ କେବଳ ହସ ହିଁ ନୂତନ ଶକ୍ତି ଯୋଗାଇପାରେ । ଜୀବନରେ ଭରିଦେଇପାରେ ଅସରନ୍ତି ଆନନ୍ଦର ଧାରା । ସେଥିପାଇଁ ଦୁଃଖରେ ବି ମଣିଷ ହସେ । କାରଣ ହସି ନପାରିଲେ ଜୀବନ କେବଳ କରୁଣ ହୋଇ ଉଠେ ନାହିଁ ବରଂ ଏକ ମୃତ ଉପତ୍ୟକା ପରି ପରିତ୍ୟକ୍ତ ହୋଇପଡ଼େ । ତେଣୁ ଜୀବନରେ ହସର ପ୍ରୟୋଜନ ରହିଛି ।

କହିବା ବାହୁଲ୍ୟ ଲୋକ ନାଟକରେ ହାସ୍ୟର ଉପାଦାନ ପ୍ରଚୁର । ଅସଙ୍ଗତି ହାସ୍ୟରସର ଜନନୀ । ଲୋକନାଟକରେ ଏହି ଅସଙ୍ଗତି ପ୍ରବଳ । 'ଦଣ୍ଡନାଟ'ର ଯୋଗୀ ଏବଂ ଯୋଗିଆଣୀ ବୃତ୍ତାନ୍ତ ମଧ୍ୟରେ ରହି ଏହି ଅସଙ୍ଗତି ହିଁ ଆତ୍ମପ୍ରକାଶ କରିଛି । ନାରୀଟିଏ ସନ୍ନ୍ୟାସ ଅବଲମ୍ବନ କରି ନିଜର ସ୍ୱାମୀକୁ ଠାବ କରି ଘରକୁ ଫେରାଇ ନେବା ଏହି ଅସଙ୍ଗତିକୁ ସୂଚନା ଦିଏ । ଯୋଗୀ ପୁନର୍ବାର ଘରକୁ ଫେରିବା ସମୟରେ ଗୀତ ଗାଇଛି–

"ତୁମ୍ଭେ ବୋଲ ସିନା କଲି ସଭାଜନେ
ତୁମ୍ଭ ବୋଲ ସିନା କଲି
ଯୋଗୀ ବେଶ ଛାଡ଼ି ସଂଯୋଗୀ ହେଲି
ହାତ ଧରି କରି ନେଲି ।"

ବୃଦ୍ଧ ବ୍ୟକ୍ତି ତରୁଣୀ ସ୍ତ୍ରୀକୁ ବିବାହ କଲେ ପ୍ରତିକ୍ଷେତ୍ରରେ ତାକୁ ଅପଦସ୍ତ ହେବାକୁ ହୋଇଥାଏ । ନାରୀର ମନ ରଖିବା ତା' ଦ୍ୱାରା ସମ୍ଭବ ହେଉନଥିବାରୁ ପତ୍ନୀର ଝିଙ୍ଗାସ ସହ୍ୟ କରିଥାଏ । ତରୁଣୀ ସ୍ତ୍ରୀ ବ୍ୟଙ୍ଗ କରି କହେ–

"ହଳଦୀ କାଠୁଆ କମ ମୋ ବୁଢ଼ାରେ
ହଳଦୀ କାଠୁଆ କମ
ତତେ ନନେଇ ଯା ଛାଡ଼ିବ ଯମ
ତୋଠାରେ ନାହିଁ ମୋ ମନ ବୁଢ଼ାରେ ।"

ଟିପ୍ପଣୀ

ସେହିପରି ରାମଚନ୍ଦ୍ର ବୀରବର ଭୁଙ୍ଗରେ ରାୟଙ୍କ 'ଦୁର୍ଜୟମାନ ଲୀଳା' ରେ ହାସ୍ୟରସର ଅବତାରଣା କରାଯାଇଛି-

"ରେ ମୂଢ଼ ଗୁଆଳେ ତୁମ୍ଭେ ବଳଷ୍ଠିରୀ ବୋଲେରେ

ତୁମ ନାରୀଗଣ କରନ୍ତି ଭ୍ରମଣ, ପୁରେ ପୁରେ ପ୍ରତିଦିନରେ ।"

ବୈଷ୍ଣବ ପାଣିଙ୍କର ବହୁ ଗୀତିନାଟ୍ୟରେ ହାସ୍ୟରସର ଅବତାରଣା କରାଯାଇଛି । ଏହି ହାସ୍ୟରସ ନାଟ୍ୟିକ ଦେବାରେ ସମର୍ଥ । ଲୀଳା, ସୁଆଙ୍ଗ, ଚଇତି ଘୋଡ଼ାନାଚରେ ଆଜିର ହାସ୍ୟରସର ବହୁଳତା ଦେଖାଯାଏ ।

**ବାତ୍ସଲ୍ୟ ରସ :-** ଆମର ପାରିବାରିକ ଜୀବନରେ ମାତାପିତା ଏବଂ ସନ୍ତାନମାନଙ୍କର ସମ୍ପର୍କ ଅତ୍ୟନ୍ତ ନିବିଡ଼ । ସନ୍ତାନ ମାତା ପାଇଁ ଗେଲବସରର । ତାକୁ ଖୁଆଇ ଦେବା, ବେଶ କରିବା, ତାର ସାମାନ୍ୟ ମାତ୍ର ବିପଦରେ ମାତୃହୃଦୟର ପରିଚୟ ସୁଲଭ । ବିଶେଷକରି କୃଷ୍ଣ ଲୀଳାରେ ଯଶୋଦାଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଯେଉଁ ସ୍ନେହ ଓ ଆଦର ଭାବ ପ୍ରକାଶିତ, ତାହା ବାତ୍ସଲ୍ୟ ରସର ଯଥାର୍ଥ ନିଦର୍ଶନ । ବୈଷ୍ଣବପାଣିଙ୍କ 'ରଙ୍ଗରସ'ରେ କୃଷ୍ଣଙ୍କୁ ନେବା ପାଇଁ କଂସ ରଥ ପଠାଇଥିବା ଦେଖି ଯଶୋଦା ବ୍ୟସ୍ତ ହୋଇଛନ୍ତି ଏବଂ କୃଷ୍ଣଙ୍କୁ ନିଜ ପାଖରେ ରଖିବାକୁ ଆଗନ୍ତୁକଙ୍କୁ ବିଷ ଦେଇ ମାରିବା ପାଇଁ ଯୋଜନା କରିଛନ୍ତି । ତାଙ୍କ ମାତୃ ହୃଦୟର ଆକୁଳତା ଏଥିରେ କୁହାଯାଇଛି-

"ଦୁଃଖୀ ଧନ ନୀଳମଣିରେ
ମାଆ ବୋଲି କିଏ ଡାକିବ ମୋତେ
ଗୋରୁ ଘେନି ଫେରି ଆସିଲା ବେଳକୁ
କାହା ଲାଗି ଜଗି ବସିବି ପଥେ ।"
ଯେବେ ବିକା ଆସିବ କୋଳି
କାନ୍ଦି କିଏ କରିବ ଅଳି
ଚଳ ହେଉଥିଲେ ଧୂଳି ବୋଳି ହେଉ
ଦୋଳି, କେ ଖେଳିବ କାନି ପଣତେ ।"

ଗୋପାଳ ଦାସଙ୍କ 'ବୃହତ୍ ରଙ୍ଗସଭା' ସୁଆଙ୍ଗରେ ଯଶୋଦା ମୁଖରେ କ୍ଷମତାର ଭାଷା ଫୁଟିଉଠିଛି ଏହିପରି-

"ଆହା ବାପା ଦୁଃଖୀ ଧନରେ ମାଆ ମାଆ ବୋଲି କିଏ ଡାକିବ
ତୋତେ ମୁଁ ପାଇଲା ଦିନୁ   ସବୁ ଦୁଃଖ ଯାଏ ମନୁ
ଏଣୁ ତେଣୁ ଆସି କିଏ ମୋ ସଙ୍ଗେ ଗୋଳ କରି
ଆଉ ମୋ ପାଖେ ଖେଳ କରିବ ।
ଦୁଧସର ଛେନା, ଦହି   ରଖିବି ମୁଁ କାହା ପାଇଁ
ଲବଣୀ ଖାଇବା ପାଇଁ କିଏ ସେ ଅଳି କରିବ
ଆଉ କିଏ ସେ ଅଳି କରିବ ।"

ବିଭିନ୍ନ ଲୀଳା, ସୁଆଙ୍ଗରେ ଏହି ବାତ୍ସଲ୍ୟ ରସର ଯଥାର୍ଥ ସୂଚନା ବିଦ୍ୟମାନ ।

ଶୃଙ୍ଗାର ରସ :- ଶୃଙ୍ଗାର ରସ ହେଉଛି ରସ ଶ୍ରେଷ୍ଠ । ନାୟକ ନାୟିକାଙ୍କର ପରସ୍ପର ଗୁଣ, କୀର୍ତ୍ତନ, ଶୋଭା ବର୍ଣ୍ଣନା, ହାବ-ଭାବ, ବିଭିନ୍ନ କ୍ରିୟାକଳାପ ଏବଂ କ୍ରୀଡ଼ା ଶୃଙ୍ଗାର ସୃଷ୍ଟି କରିଥାଏ । ବୈଷ୍ଣବ ଶାସ୍ତ୍ରରେ ଏହା ମଧୁର ରସ

ଟିପ୍ପଣୀ

...ରେ ଖ୍ୟାତ । ବିଶେଷ ଭାବରେ ଓଡ଼ିଆ ଲୋକନାଟକ ରାଧାକୃଷ୍ଣ, ଗୋପୀ-କୃଷ୍ଣ ଏବଂ ଚନ୍ଦ୍ରାବଳୀ-କୃଷ୍ଣଙ୍କ ମଧ୍ୟରେ ...ରସ ପ୍ରକାଶ ଲାଭ କରିଛି । ଅନ୍ୟାନ୍ୟ ଲୋକ ନାଟ୍ୟରେ ମଧ୍ୟ ଏହାର ଉଦାହରଣ ବିରଳ ନୁହେଁ । 'ଶରଦ ରାହାସ' ...ରେ ରାଧାମୋହନ ରାଜେନ୍ଦ୍ର ଦେବ ଶ୍ରୀକୃଷ୍ଣଙ୍କ ମୁଖରେ ଗୋପୀମାନଙ୍କ ପ୍ରତି ଯେଉଁ ଚାଟୁବାଣୀ ପ୍ରକାଶ କରିଛନ୍ତି, ଏଥିରୁ ...ର ରସର ସୂଚନା ମିଳେ–

"ରେ ରସାଳସା !
ଛାଡ଼ ମୋ ବଂଧୁ ଆଡ଼ ରୁଷା
କଥାକୁ ସିନା ସହି
ଏପରି ଦେଲି କହି
ଧୂଳିଧୂସର ଧରାବସାରେ ।"

ଗୋପାଳ ଦାସଙ୍କ ଗୀତିନାଟ୍ୟରେ ମଧ୍ୟ ଏହା ସୁଲଭ । 'ମହିଷାସୁର ବଧ' ରେ ଏହାର ନମୁନା–

ଗୋରୀ ନମାର ମାର-ଖଣ୍ଡାରେ
ମୋତେ ଚାହିଁ ଥଣ୍ଡାରେ
ଅଣ୍ଡାକୁ ଦେଇ କଷି ସମର କର ଆସି
କାର୍ତ୍ତିକ ଯେହ୍ନେ ନାଶି ବାହାରେ ।"

ପୁନଶ୍ଚ ଗୋପ ଦାସଙ୍କ 'ରୁକ୍ମିଣୀ ବିବାହ' ରେ–

"ଆମ୍ଭ ସୁକୁମାରୀ କୁମାରୀ ସରିଲାଣି
ହସ-ଅଭରି ବେଦନା ଘାରିଲାଣି
କରି ଧରା ଶୟନ ଚରିତେ ନାହିଁ ମନ
ହରିତ ଅପଘନ ଥରିଲାଣି
ଝଳା ହେମକୁ ଜିଣି କଳା ଅଙ୍ଗ ହେଲାଣି
ଡୋଳା ଭଙ୍ଗିମା ଠାଣି ସରିଲାଣି ।"

କରୁଣ ରସ :– ପ୍ରିୟଜନର ମୃତ୍ୟୁ ବା ବିପଦର ଆଶଙ୍କା କରୁଣ ରସର ଉଦ୍ରେକ କରିଥାଏ । ଅଳଙ୍କାର ଶାସ୍ତ୍ରରେ ଏହାକୁ ଗୁରୁତ୍ୱ ଦିଆଯାଇଛି । ଲୋକ ନାଟକରେ ଆନନ୍ଦର ଫଲ୍‌ଗୁ ସର୍ବତ୍ର ପ୍ରବାହିତ ହୋଇଥିଲେ ହେଁ, କେତେକ ସ୍ଥଳରେ କରୁଣ ରସର ସୁ-ମଧୁର ପରିପ୍ରକାଶ ଘଟିଛି । ଜଗନ୍ନାଥ ପାଣିଙ୍କ ଲକ୍ଷ୍ମଣ ଶକ୍ତିଭେଦ ହେବା ପରେ ରାମଚନ୍ଦ୍ରଙ୍କ କ୍ରନ୍ଦନ ଏହି କରୁଣ ରସର ପ୍ରକାଶ କରିଥାଏ–

'ଯେଉଁ ଶମ୍ପା-ଚଂପା-ଅଙ୍ଗ ଚାହିଁ
କାଳେ କାମିନୀ ହୁଅନ୍ତି ମୋହି
ସେହି ଦେହୀ ଏହି ମହୀରେ ଲୋଟିଲା ।
ଏହା ନୟନେ ଦେଖିଲି ମୁହିଁରେ ସୌମିତ୍ରି ।
ସୂର୍ଯ୍ୟ ବଂଶେ ଜାତ ହୋଇ ମୁହିଁ ।
କର୍ମ ହୀନ କେ ମୋଠାରୁ ନାହିଁ ।
ରଜନୀ ପାହିଲେ ରାଜା ହୋଇଥାନ୍ତି,
ଆଣି ବଣେ ଶୁଆଇଲା ବିହିରେ ସୌମିତ୍ରି ।"

ଟିପ୍ପଣୀ

ଏଠାରେ ଲକ୍ଷ୍ମଣଙ୍କର ଗୁଣଗାନ କରି ଓ ତାଙ୍କର କାର୍ଯ୍ୟକଳାପକୁ ସ୍ମରଣ କରି ରାମଚନ୍ଦ୍ରଙ୍କ ମୁଖରେ ଯେଉଁ ଶୋକ ପ୍ରକାଶିତ, ସେଥିରୁ କରୁଣ ରସର ଯଥାର୍ଥ ନିଦର୍ଶନ ମିଳିଥାଏ । ଲୋକନାଟକର ଅନେକତ୍ର ଏହି କରୁଣ ରସର ପ୍ରକାଶ ଘଟିଛି ।

ବୀର ରସ :- ଲୋକ ନାଟକରେ ଯୁଦ୍ଧ ବର୍ଣ୍ଣନା ପ୍ରସଙ୍ଗରେ ବୀର ରସର ଅବତାରଣା କରାଯାଇଛି । ଚରିତ୍ରମାନଙ୍କ ଶୌର୍ଯ୍ୟ, ବୀର୍ଯ୍ୟ ଏବଂ ବୀରତ୍ୱର ଯଥାର୍ଥ ପରିପ୍ରକାଶରେ ଏହି ରସର ଅବତାରଣା ଘଟିଛି । ବାଳକୃଷ୍ଣ ମହାନ୍ତିଙ୍କ 'ଅମୃ... ବିଳାସ' ର ବାହନ ମୁଖରେ ବୀର ରସାତ୍ମକ ଗୀତ ସଂଯୋଜିତ ହୋଇଛି–

'ରଣ୍ଡା ଭଣ୍ଡିକଥା, ଛାଡ଼ଛାଡ଼ୁ ଭାଣ୍ଡ
ଖଣ୍ଡ ଖଣ୍ଡ ହେବୁରେ
ଅଣ୍ଡା ହୋଇ ତୁହି ଭେଣ୍ଡାଙ୍କ ଉପରେ
ଦଣ୍ଡକରେ ଯିବୁରେ ।
ମେଣ୍ଢା ପଶୁପରି ତୋ ଖଣ୍ଡାରେ ଆଜି
ଖଣ୍ଡା ଦେବୁ ହୁଣ୍ଡାରେ ।"

ଏହା ବ୍ୟତୀତ, ଲୋକନାଟ୍ୟରେ ଭକ୍ତି ରସର ଅଭାବ ନାହିଁ । ରାମଲୀଳା, କୃଷ୍ଣଲୀଳା, ପ୍ରହ୍ଲାଦ ନାଟକ ... ଅନ୍ୟାନ୍ୟ ବିଭିନ୍ନ ନାଟ୍ୟରେ ଭକ୍ତି ରସର ନିର୍ମଳ ପରିପ୍ରକାଶ ଘଟିଛି । ଏହି ଦୃଷ୍ଟିରୁ ବିଚାର କଲେ 'ଲୋକନାଟ୍ୟ'ରେ ବିବିଧ ମଧୁର ସମନ୍ୱୟ ଘଟି ଏହାକୁ ଲୋକପ୍ରିୟ କରାଇବାରେ ସାହାଯ୍ୟ କରିଛି ।

## ଓଡ଼ିଶା ଲୋକନାଟକ କ୍ରମରେ 'ଲୀଳା'ର ବିଶେଷତ୍ୱ :

ଓଡ଼ିଆ ଲୋକନାଟକ ପରମ୍ପରାରେ ଲୀଳା ଏକ ପ୍ରମୁଖ ଅଧ୍ୟାୟ । ଏହିସବୁ ଲୀଳାମାନଙ୍କ ମଧ୍ୟରେ ଭାରତଲୀଳା, ରାମଲୀଳା, କୃଷ୍ଣଲୀଳା, ରାସଲୀଳା, ବ୍ରଜଲୀଳା, ରାଧାପ୍ରେମଲୀଳା, ବୃନ୍ଦାବତୀ ହରଣ ଲୀଳା, କାଳୀୟଦଳନ ଲୀଳା, ପ୍ରେମବିଳାସ ଲୀଳା, ବସନ୍ତ ବିହାର, ମଥୁରା ଯାତ୍ରା, ଗୋଷ୍ଠଯାତ୍ରା, ବ୍ରଜ ବର୍ଜନ, ରାଧାବିନୋଦ, ଆନନ୍ଦ ବୃନ୍ଦାବନ, ବସ୍ତ୍ରହରଣ, କଂସବଧ, ମାନଭଞ୍ଜନ, ବକାସୁର ବଧ, ନବାନୁରାଗ, କଳଙ୍କ ଭଞ୍ଜନ, ରାଧାକୃଷ୍ଣ ପ୍ରେମଲୀଳା ଆଦି ପ୍ରଧାନ ।

ଓଡ଼ିଆ ଲୀଳାର ସ୍ୱରୂପ ସମ୍ପର୍କରେ ଡକ୍ଟର ଶୈଳେଶ୍ୱର ନନ୍ଦଙ୍କ ମତ ହେଲା– "ଓଡ଼ିଶାର ଗୀତିନାଟ୍ୟ ଓ ଲୀଳା ମଧ୍ୟରେ ବିଶେଷ ପ୍ରଭେଦ ଦେଖାଯାଉନଥିଲେ ବି ଉପରୋକ୍ତ କଳେବର ଘେନି ଅତୀତରେ ଓଡ଼ିଆ ଲୀଳାମାନ ପରିବେଷିତ ହେଉଥିଲା ବେଳେ ତା'ର ନବୀକୃତ ରୂପ ଗୀତିନାଟ୍ୟ ଆତ୍ମପ୍ରକାଶ କରିଥିବାର ଅନୁମାନ କରାଯାଏ ।"

ପୃଥିବୀର ନାନା ପ୍ରାନ୍ତର ନୃତ୍ୟଗୀତର ପ୍ରାଥମିକ ଅବସ୍ଥାକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ଏହି ନୃତ୍ୟଗୀତ ଓ ଆଧ୍ୟାତ୍ମିକତାର ଅପୂର୍ବ ସଂଯୋଗ ହିଁ ତାକୁ ବେଶ୍ ସ୍ମରଣୀୟ ତଥା ଲୋକପ୍ରିୟ କରିପାରିଥିଲା । ସେହିପରିଭାବେ ଓଡ଼ିଆ ସଂସ୍କୃତିର ଆଦ୍ୟ ନୃତ୍ୟ ରୂପ ଏହି ଲୀଳା ସହ ଆର୍ଯ୍ୟ ଆଦର୍ଶର ମହାକାବ୍ୟ ଓ ରାମାୟଣ, ମହାଭାରତ, ଭାଗବତର କଥାବସ୍ତୁକୁ ସଂଯୁକ୍ତ କରାଯାଇ ମନୋରମ ନାଟକ ପ୍ରଦର୍ଶିତ କରାଯାଉଥିଲା । ଏହିସବୁ ପ୍ରଦର୍ଶନ ଦେଖିବା ପରେ ଧର୍ମପ୍ରାଣ ଦର୍ଶକଟି ଆତ୍ମହରା ହେବାସହ, ଏହି ପୌରାଣିକ ଆଧାରିତ ଲୀଳାଟି ବହୁକାଳଯାଏ ଲୋକସମାଜରେ ତା'ର

ଅକ୍ଷିଦ୍ଧ ବଜାୟ ରଖେ । ଏହିସବୁ ଅଭିନୟର ରସବନ୍ତ ଦୃଶ୍ୟ ଦେଖି ଦର୍ଶକଟି ରସସିକ୍ତ ହୁଏ ସଙ୍ଗୀତର ଆଧ୍ୟାତ୍ମିକ ସ୍ପର୍ଶରେ ଏବଂ ବିମୋହିତ ହୁଏ ବିଭୁଲୀଳାର ଅପୂର୍ବ ରୂପ ଦର୍ଶନରେ । ତେବେ ଏହିସବୁ ଲୀଳାମାନଙ୍କରେ ସଙ୍ଗୀତ ଓ ନୃତ୍ୟ ପ୍ରଧାନ ହେଲେ ବି କଥାବସ୍ତୁ ପ୍ରକାଶିତ ହୁଏ ନାଟକୀୟ ଆରୋହ ଅବରୋହ ମଧ୍ୟରେ ଏକ ପୌରାଣିକ ବିଷୟକୁ ଆଧାର କରି । ଏହିସବୁ ଲୀଳାମାନଙ୍କ ମଧ୍ୟରୁ ଯେଉଁଗୁଡ଼ିକର ଆବେଦନ ଓ ପ୍ରଭାବ ବହୁକାଳ ବ୍ୟାପୀ ସେଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇପାରେ–

**୧. ରାମଲୀଳା :–** ଆଜିକୁ ପାଞ୍ଚଶହ ବର୍ଷରୁ ଅଧିକ କାଳ ଧରି ଏହି ରାମଲୀଳା ଓଡ଼ିଶାର ପୁରପଲ୍ଲୀରେ ବେଶ୍ ଏକ ଜନପ୍ରିୟ ଅଭିନୟ ଅଟେ । ଏଥିରେ ମୁଖ୍ୟତଃ ରାମାୟଣର କଥାବସ୍ତୁକୁ ପରିବେଷଣ କରାଯାଏ । ରାମଲୀଳା ଏକ ସମୟରେ ଓଡ଼ିଶାରେ ଏକ ଗ୍ରହଣୀୟ ତଥା ଆଦରଣୀୟ ହୋଇଥିଲା ଯେ, ବହୁ ବିଶିଷ୍ଟ ରାମଲୀଳା ଲେଖକ ତାଙ୍କ ପୂର୍ବବର୍ତ୍ତୀ ମହାନ ଗ୍ରନ୍ଥମାନଙ୍କୁ ମଧ୍ୟ ରାମଲୀଳାରେ ପରିଣତ କରିବାକୁ କୁଣ୍ଠା କରୁନଥିଲେ । ଭକ୍ତ କବି ବଳରାମ ଦାସଙ୍କ ଜଗମୋହନ ରାମାୟଣକୁ ଅତୀତରେ ରାମଲୀଳା ରୂପ ଦେବାରେ କେତେକ କବି ଓ ନାଟ୍ୟକାର ଚେଷ୍ଟା କରି ସଫଳ ହୋଇଛନ୍ତି । ଯଦିଓ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ରାମଲୀଳାମୃତ କାବ୍ୟ, ପରିବେଷଣ ଯୋଗ୍ୟ ତଥାପି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ସେବକ ବିଶ୍ୱନାଥ ଖୁଣ୍ଟିଆଙ୍କ ବିଶି ରାମଲୀଳା ବା ବିଚିତ୍ର ରାମାୟଣ ବହୁଳଭାବରେ ଲୋକନାଟକ ଭାବେ ପରିବେଷିତ ହୋଇଥିବାର ପ୍ରମାଣ ଅଛି ।

## ପ୍ରଶ୍ନାବଳୀ

ପ୍ର.୧ । ଲୋକନାଟକର ସଂଜ୍ଞା, ସ୍ୱରୂପ ଓ ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କର ।

ପ୍ର.୨ । ଲୋକନାଟକର ବିଭିନ୍ନ ରୂପ ସମ୍ପର୍କରେ ଆଲୋକପାତ କର ।

ପ୍ର.୩ । ଲୋକନାଟକର ପ୍ରାକ୍ ସୂଚନା ସଂପର୍କରେ ଆଲୋଚନା କର ।

ପ୍ର.୪ । ଓଡ଼ିଆ ଲୋକନାଟ୍ୟରେ ରସର ସ୍ୱରୂପ ନିର୍ଣ୍ଣୟ କର ।

ପ୍ର.୫ । ଓଡ଼ିଆ ଲୋକନାଟକ କ୍ରମରେ 'ଲୀଳା'ର ବିଶେଷତ୍ୱ ପ୍ରଦାନ କର ।

କିମ୍ବା, ଓଡ଼ିଆ ଲୋକନାଟକର ଏକ ଉଲ୍ଲେଖନୀୟ ବିଭବ ବିଚାର କର ।

ପ୍ର.୬ । 'ଯାତ୍ରା'ର ସ୍ୱରୂପ ଓ ବିକାଶ ସଂପର୍କରେ ଆଲୋଚନା କର ।

ପ୍ର.୭ । ଓଡ଼ିଆ ଗୀତାଭିନୟ ଗୀତିନାଟ୍ୟର ଗତି ଓ ପ୍ରକୃତି ସମ୍ପର୍କରେ ସୂଚନା ପ୍ରଦାନ କର ।

ପ୍ର.୮ । 'ଲୀଳା'ର ସ୍ୱରୂପ ଓ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କର ।

■■■

# ୪
## ୟୁନିଟ୍

# ଲୋକକଥା
# ସ୍ୱରୂପ ଓ ବୈଶିଷ୍ଟ୍ୟ ନିରୂପଣ

### ଓଡ଼ିଆ ଲୋକକଥାର ଉତ୍ପତ୍ତି ଓ କ୍ରମବିକାଶ :

ପୃଥିବୀ ପୃଷ୍ଠରେ ମଣିଷ ଜାତିର ସୃଷ୍ଟି ଓ ତା'ର ଚେତନାର କ୍ରମବିକାଶ ଘଟିବା ସହିତ କାହାଣୀର ମଧ୍ୟ ସୃଷ୍ଟି ହୋଇଛି । ମଣିଷର ମାନସିକ ବିକାଶ ସହିତ କାହାଣୀ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇ କ୍ରମବିକଶିତ ହୋଇଛି । ସାହିତ୍ୟ ବିଭାଗରେ କାହାଣୀ ବୟୋଜ୍ୟେଷ୍ଠ ଭାବେ ପରିଚିତ । ସମୟର ଅତୀତ ଯେତେ ପୁରାତନ ହେଲେ ମଧ୍ୟ କାହାଣୀ ସର୍ବଦା ନୂତନ । ମଣିଷ ମନରେ ଦ୍ୱିଧା ନାହିଁ, ପୁରାତନ କାହାଣୀରୁ ଆଜିର ଉଗ୍ର ଆଧୁନିକ ମଣିଷ ମଧ୍ୟ ସହଜ ସୁନ୍ଦର ଭାବେ ଗ୍ରହଣ କରିବାକୁ । କାହାଣୀ ଯେତେ ପୁରୁଣା ହେଲେ ମଧ୍ୟ ମଣିଷ ମନରେ ତା'ର ପ୍ରଭାବ ଏଭଳି ଭାବେ ଗଭୀର ରେଖାପାତ କରୁଛି ଯେ, ଏ କାହାଣୀ କେତେ, ପୁରାତନ ସମୟର ମଣିଷକୁ ତା ମୁହଁର ଭାଷାରେ ହେଉ ବା ଲେଖନୀ ମାଧ୍ୟମରେ ହେଉ ତା'ର ଉତ୍ତରପିଢ଼ିମାନଙ୍କ ପାଖରେ ମଧ୍ୟ ବଞ୍ଚାଇ ରଖିବାକୁ ପ୍ରୟାସ କରୁଛି । ସମୟାନୁକ୍ରମେ ଯେତେ ନୂତନ କାହାଣୀର ସୃଷ୍ଟି ହେଲେ ମଧ୍ୟ ପୁରାତନ କାହାଣୀ କଥାସାହିତ୍ୟରେ ତା'ର ସ୍ଥାନ ସର୍ବଦା ଏକ ନୂଆ ସ୍ୱାଦରେ ବଜାୟ ରହିଛି । ଏହାର ଯେପରି ଅନ୍ତ ନାହିଁ । ଏହା ସବୁବେଳେ ଚିର ନୂତନ, ସାର୍ବଜନୀନ ଓ ସର୍ବକାଳୀନ ଭାବେ ଆସନ ଦୃଢ଼ କରିଛି । କାହାଣୀର ଦୀର୍ଘ ଜୀବନ ସମ୍ପର୍କରେ ମାକ୍ସମୁଲାର କହନ୍ତି– "କେତେ ସାମ୍ରାଜ୍ୟର ଉତ୍ଥାନ ପତନ ହୋଇଛି, କେତେ କମନୀୟ କାରୁକାର୍ଯ୍ୟର ଅବଲୁପ୍ତ ହୋଇଛି; କିନ୍ତୁ ମନୋରଞ୍ଜନ କାହାଣୀ ଅଦ୍ୟାପି କିଶୋର କିଶୋରୀମାନଙ୍କ ମନରେ ତା'ର ପ୍ରଭାବ ଅକ୍ଷୁଣ୍ଣ ରଖିଅଛି ।"

ଆଦିମ ମଣିଷର ଚିତ୍ତ ଯେତେବେଳେ ଆନନ୍ଦ କୌତୂହଳ, ଭୟ ବିସ୍ମୟ ଓ ସୁଖ ଦୁଃଖର ଆବେଗରେ ଆଲୋଡ଼ିତ ହେଲା ସେତେବେଳେ ଆତ୍ମପ୍ରକାଶ ଲାଗି ସେ ଅସ୍ଥିର ହୋଇପଡ଼ିଲା । ତା'ର ମାନସିକ ଅବସ୍ଥାର ଚିତ୍ର ପ୍ରଥମେ ନିର୍ବାକ୍ ଚିତ୍ର ମାଧ୍ୟମରେ ପରିପ୍ରକାଶ ହେଲା । ବଣ ଜଙ୍ଗଲରେ ବାସ କରୁଥିବା ମଣିଷର ପ୍ରଧାନ ଶତ୍ରୁ ବାଘ ସିଂହଙ୍କୁ ଶିକାର ବା ଅନ୍ୟାନ୍ୟ ଶତ୍ରୁ ବିନାଶର ଚିତ୍ରକୁ ଅନ୍ୟମାନଙ୍କ ନିକଟରେ ନିଜର ବୀରତ୍ୱ ପ୍ରକାଶ କରିବାକୁ ଇଚ୍ଛାକରି ତାର ଚିତ୍ର ସେ ଗୁମ୍ଫାମାନଙ୍କର ପଥର ଚଟାଣରେ ଅଙ୍କିତ କଲା । ପରବର୍ତ୍ତୀ ସମୟରେ ଯେତେବେଳେ ମଣିଷ କଥା କହି ଶିଖିଲା

ଟିପ୍ପଣୀ

ସେତେବେଳେ ଏହିସବୁ ଚିତ୍ରର ମର୍ମ ଅନୁଭବ କରି ତା' ମଣିଷ ମୁଖର ଭାଷାରେ ଦେଶ ଦେଶାନ୍ତରରେ ବିସ୍ତୃତ ହେବାକୁ ଲାଗିଲା । ପ୍ରାକୃତିକ ଦୁର୍ବିପାକ, ପଶୁପକ୍ଷୀଙ୍କ ଚରିତ୍ର ଚିତ୍ରଣ, ଭୂତପ୍ରେତାଦି ପ୍ରତି ଭୟ, ମଣିଷ ଜୀବନ ସୁଖ ଦୁଃଖାଦି ଅନେକ ଛୋଟ ବଡ଼ ଘଟଣା ଓ ପ୍ରାଣୀ ଜଗତର ଘଟଣାଗୁଡ଼ିକ କାଳକ୍ରମେ ଏହାର ବିଷୟଭୁକ୍ତ ହେଲା । ଏହି ଗଳ୍ପ ମାଧ୍ୟମରେ ପିତା, ମାତା ଓ ଗୁରୁଭକ୍ତି କଥା, ସେବାପରାୟଣତା କଥା ସବୁ, ସହଜ ଧର୍ମ ଶିକ୍ଷା ମାଧ୍ୟମରେ ମଣିଷ ଅନ୍ୟ ଆଗରେ ବ୍ୟକ୍ତ କରୁଥିଲା । ଏସବୁ ମଧ୍ୟରୁ ଯେଉଁ ଗଳ୍ପଗୁଡ଼ିକ ମନଛୁଆଁ ଓ ଅନ୍ତରକୁ ଛୁଇଁପାରିଲା ତାହା ଏ ପର୍ଯ୍ୟନ୍ତ ଲୋକମୁଖରେ ବଞ୍ଚି ରହିଛି । ବହୁ ଗଳ୍ପ ପୁରାତନ ସମୟରୁ ସୃଷ୍ଟି ହୋଇଆସୁଥିଲେ ମଧ୍ୟ ଯେଉଁଗୁଡ଼ିକ ମଣିଷ ମନରେ ପ୍ରଭାବ ପକାଇପାରିନାହିଁ ତା'ର ଅବଲୁପ୍ତି ଘଟିଛି । ମଣିଷ ସମାଜର ଉନ୍ନତି ଘଟିବା ସଂଗେ ସଂଗେ ଯେଉଁ ଲୋକଗଳ୍ପଗୁଡ଼ିକ ଥିଲା, ଆଈଙ୍କ ମୁହଁରେ ସାଇତା ହୋଇ ଆସୁଥିଲା ତାହା ଏବେ ସଞ୍ଚୟନ ଓ ସଙ୍କଳନ ଆକାରରେ ସାହିତ୍ୟ ଗ୍ରନ୍ଥାଗାରରେ ସ୍ଥାନ ପାଇଲାଣି । ଏହି ଲୋକକାହାଣୀ ଉତ୍ସାହୀ କାହାଣୀପ୍ରେମୀଙ୍କ ଉଦ୍ୟମରେ ଏହା କେବଳ ଗ୍ରୀସ୍ ଓ ଭାରତବର୍ଷରେ ସମ୍ଭବ ହୋଇପାରିଛି ।

ପାହାଡ଼ ପର୍ବତ ଗୁମ୍ଫାରୁ ରେଖାଚିତ୍ରରେ ଖୋଦିତ ସାଙ୍କେତିକ ଗଳ୍ପ ସବୁ ଯେତେବେଳେ ମଣିଷ ମୁହଁର ଭାଷାରେ ରୂପାନ୍ତରିତ ହେଲା, ସେତେବେଳେ ଏହି ଲୋକଗଳ୍ପଗୁଡ଼ିକ ମୁଖ୍ୟତଃ ଧର୍ମଘେରରେ ସୀମିତି ହୋଇରହିଲା । ସୃଷ୍ଟିର ନାନା ବିଚିତ୍ର ଦୁର୍ବିପାକ ସେ ସମୟର ମଣିଷକୁ ଭୟଭୀତ କରି ରଖୁଥିଲା । ସୃଷ୍ଟିର ନାନା ସମସ୍ୟାର ସମାଧାନ ଲାଗି ତା'ମନରେ ଜିଜ୍ଞାସା ଜନ୍ମିଲା । ଏସବୁ ସେ ସମୟରେ ଧର୍ମ ଗାଥା ମାଧ୍ୟମରେ ରୂପ ପାଇଲା । ବର୍ଣ୍ଣେ ମହୋଦୟ ଏହି ଧର୍ମଗାଥାକୁ କାରଣ ନିରୂପକ କାହାଣୀ, ବୋଲି କହିଛନ୍ତି । ଏଥିରେ ବିଶ୍ୱର ସୃଷ୍ଟି, ଏହାର ପ୍ରଳୟ, ଜୀବନମରଣ, ମଣିଷ ପଶୁପକ୍ଷୀ, ଧାର୍ମିକ ଉପଚାର, ପୈତୃକ ପ୍ରଥା, ନୀତି ନିୟମ, ପୂଜାପୋଚାର ଓ ବହୁ ରହସ୍ୟମୟ ବ୍ୟାପାରର ସମାଧାନ ଘଟିଛି । ଏସବୁ କଥା ବୈଜ୍ଞାନିକ ଦୃଷ୍ଟିକୋଣରୁ ଯଥାର୍ଥ ନହେଲେ ମଧ୍ୟ ଯେଉଁମାନେ ଧର୍ମକୁ ବିଶ୍ୱାସ କରନ୍ତି ସେମାନଙ୍କ ନିକଟରେ ଏସବୁ ବହୁମୂଲ୍ୟ । ଡଃ କୁଞ୍ଜବିହାରୀ ଦାଶ ଏସବୁ ଧର୍ମଗାଥାର ଉଦ୍ଭବ ସମ୍ପର୍କରେ ଦୁଇଟି ମତ ଆଲୋଚନା କରିଛନ୍ତି । ଯଥା–

୧. ଧର୍ମଗାଥା ସୂର୍ଯ୍ୟ ଓ ଅନ୍ଧକାରର ସଂଘର୍ଷ, ଉଷା ଓ ସୂର୍ଯ୍ୟଙ୍କର ପ୍ରେମ ପ୍ରଭୃତି ପ୍ରାକୃତିକ ଘଟଣାର ରୂପକ ଉପରେ ନିର୍ମିତ ହେଲା । ଆଦିମାନବ ସୂର୍ଯ୍ୟ ଉଷା ପ୍ରଭୃତିଙ୍କୁ ବିଶେଷ ଶକ୍ତିସମ୍ପନ୍ନ ପ୍ରାଣୀ ବୋଲି ବିଶ୍ୱାସ କରୁଥିଲା । କ୍ରମେ ତା'ର ଶ୍ରଦ୍ଧାରୁ ଉକ୍ତ ପ୍ରକୃତିବାଚକ ଶବ୍ଦ ଦେବତ୍ୱଦ୍ୟୋତକ ହୋଇଉଠିଲା । ସେଥିରେ ନୈତିକ ସିଦ୍ଧାନ୍ତର ସମାବେଶ ମଧ୍ୟ ହେଲା । ପରେ ରୂପକର ଭାବ ଲୁପ୍ତ ହୋଇଗଲା, ରୂପକପରି ଶବ୍ଦ ପ୍ରୟୋଗ ହେଲା । ଏହାହିଁ ଧର୍ମଗାଥାର ଆଧାର ।

୨. କୃଷି କର୍ମ ଓ ପ୍ରଜନନରୁ ଆଦିମାନବର ପଦେ ପଦେ ଯେଉଁ ଭୟଜାତ ହୋଇଥିଲା, ସେଥିକୁ ଧର୍ମଗାଥାର ଉଦ୍ଭବ ହୋଇଅଛି । ମୃତ୍ୟୁଭୟ, ରୋଗଭୟ ଓ ଭୂତପ୍ରେତାଦି ଭୟ ହେତୁରୁ ମନୁଷ୍ୟ ଜୀବନ ବନ୍ଧନ ସ୍ୱୀକାର କରିଅଛି । ଏହି ଭୟରୁ ଧାର୍ମିକ ଆଖ୍ୟାନ ସୃଷ୍ଟି ।

ପରିବେଶର ପରିବର୍ତ୍ତନ ହେବା ଫଳରେ କଥା ମୂଳ ସ୍ରୋତଠାରୁ ସ୍ୱତନ୍ତ୍ର ହୋଇ ଭୌଗୋଳିକ ଅଞ୍ଚଳରେ ବିଭିନ୍ନ ନାମରେ ନାମିତ ହେଲା । ଲୋକମନରେ ଏହା ପରିବର୍ତ୍ତନ ହୋଇ ନୂତନ ରୂପ ଧାରଣ କରିବା ସହିତ ଏହା ମୂଳ ରୂପକଠାରୁ ସଂପୂର୍ଣ୍ଣ ଅଲଗା ହୋଇଗଲା ଓ ପରେ ଏହା ଲୋକକାହାଣୀ ନାମରେ ପରିଚୟ ପାଇଲା । ଏହି ଧର୍ମକୁ ଆଖି ଆଗରେ ରଖି ଯେଉଁ କାହାଣୀସବୁ ଗଢ଼ିଉଠିଲା ସେଗୁଡ଼ିକ ମୁଖ୍ୟତଃ ବୈଦିକ କାହାଣୀ ଭାବେ ପରିଚିତ ହେଲା ।

ଟିପ୍ପଣୀ

**ବୈଦିକ କାହାଣୀ :-** ବୈଦିକ କାହାଣୀରେ ଦେବତାମାନଙ୍କ ଅଲୌକିକ କାର୍ଯ୍ୟର ବର୍ଣ୍ଣନା, ଯଜ୍ଞବିଧି ଓ ଦାନସ୍ତୁତି ଇତ୍ୟାଦିକୁ ନେଇ ଗଠିତ । ମାକ୍ସମୁଲାର ବୈଦିକ କାହାଣୀ ଉପରେ ନିଜର ମତବ୍ୟକ୍ତ କରିବାକୁ ଯାଇ କହନ୍ତି 'ବେଦର କାହାଣୀ ବେଦଠାରୁ ପ୍ରାଚୀନତର, ବେଦ ରଚିତ ହେବା ଆଗରୁ ଏହା ଲୋକରେ ପ୍ରଚଳିତ ଥିଲା । ବେଦଜ୍ଞ ଉକ୍ତ କାହାଣୀମାନ ସଂଗ୍ରହ କରି ବେଦର ଅଙ୍ଗୀଭୂତ କଲେ । ଏହି ମତ ଯଥାର୍ଥ ଅଟେ । ବେଦ ହିଁ ହେଉଛି କାହାଣୀର ମୂଳାଧାର । ବେଦର କାହାଣୀ ସବୁ ପରୋକ୍ଷ ଭାବରେ ପ୍ରତ୍ୟକ୍ଷ ପ୍ରାଦେଶିକ ସାହିତ୍ୟକୁ ପ୍ରଭାବିତ କଲାପରି ଓଡ଼ିଆ ସାହିତ୍ୟକୁ ମଧ୍ୟ ପ୍ରଭାବିତ କରିଛି । ଉତ୍କଳୀୟ ଓଷାବ୍ରତ କାହାଣୀମାନଙ୍କୁ ଏହା କେତେଦୂର ପ୍ରଭାବିତ କରିଛି ଦୃଷ୍ଟାନ୍ତ ସ୍ୱରୂପ କେତୋଟି ବିଷୟରେ ଆଲୋଚନା କରାଗଲା ।

**କ. 'ଜହ୍ନିଓଷା' କଥା –** ଓଡ଼ିଆ ଜହ୍ନିଓଷାରେ କଥିତ ଅଛି ଯେ କୁମାରୀ ରାଧୀ ବୃନ୍ଦାବତୀଙ୍କୁ ସ୍ତୁତିରେ ସନ୍ତୁଷ୍ଟ କରି ଦୁରାରୋଗ୍ୟ କୁଷ୍ଠରୋଗରୁ ଆରୋଗ୍ୟ ଲାଭ କରିଥିଲେ । ଏତଦ୍‌ବ୍ୟତୀତ ବୁଧେଇଓଷାର ଦେବତା ବୁଧିବାମନ ବି ଉପରେ ତୁଷ୍ଟ ହୋଇ ତାଙ୍କୁ ଉକ୍ତ ରୋଗରୁ ମୁକ୍ତ କରିଥିଲେ । କିନ୍ତୁ ବୈଦିକ କାହାଣୀରେ ଏହା ବର୍ଣ୍ଣିତ ଅଛି ଯେ କକ୍ଷୀବାନଙ୍କ କନ୍ୟା କୁଷ୍ଠରୋଗରେ ରୋଗାକ୍ରାନ୍ତ ହୋଇଥିବାରୁ ବିବାହ କରିନପାରି ନିଜ ପିତୃଗୃହରେ କୁମାରୀ ଅବସ୍ଥାରେ ରହିବାକୁ ବାଧ୍ୟ ହୋଇଥିଲେ । ପରେ ଅଶ୍ୱିନୀକୁମାରଦ୍ୱୟଙ୍କୁ ପ୍ରାର୍ଥନା କରିବା ଫଳରେ ସେମାନଙ୍କ ଦୟାରେ ରୋଗମୁକ୍ତ ହୋଇ ପରେ ସେ ଉପଯୁକ୍ତ ସ୍ୱାମୀ ଲାଭ କରିଥିଲେ ।

**ନିଶା ମଙ୍ଗଳବାର :-** ବୈଦିକ କାହାଣୀରେ ଦୁଃଶାହ ରାଜାଙ୍କ ପୁତ୍ରମାନେ କୌଣସି ଏକ ଅପରାଧରେ କାରାରୁଦ୍ଧ ହୋଇଥିବାରୁ ତାଙ୍କ ରାଜ୍ୟ ଅରାଜକ ହେବାରୁ ତାଙ୍କ ମହିଷୀ ଇନ୍ଦ୍ରକରୁଣ ଯଜ୍ଞ କରି ଏବଂ ସପ୍ତର୍ଷିଙ୍କୁ ପୂଜାରେ ସନ୍ତୁଷ୍ଟ କରି ପୁତ୍ରପ୍ରାପ୍ତ ହୋଇଥିଲେ । ଏହା ଓଡ଼ିଆ ଲୋକକଥାର 'ନିଶା ମଙ୍ଗଳବାର' ରେ ଅଛି ଯେ ସାଧବ ପୁଅମାନେ ନିଜର ପିତୃଶ୍ରାଦ୍ଧ ନିମନ୍ତେ ଗଣ୍ଡା ଶିକାର କରିବାକୁ ଯାଇ ଭ୍ରମବଶତଃ ରାଜାଙ୍କ ଶ୍ରେଷ୍ଠ ଗାଈକୁ ବଧ କରିଥିଲେ । ଏହାର ପରିଣାମ ସ୍ୱରୂପ ରାଜା ସାଧବ ପୁଅମାନଙ୍କୁ କାରାରୁଦ୍ଧ କରାଇଥିଲେ । ସାଧବାଣୀ ନିଜର ପୁତ୍ରମାନଙ୍କୁ ଫେରି ପାଇବା ନିମନ୍ତେ ଦେବୀଙ୍କୁ ପ୍ରାର୍ଥନା କରିବାରୁ ଦେବୀଙ୍କ କୃପାରୁ ସାଧବ ପୁଅମାନେ ସ୍ୱଗୃହକୁ ଜୀବନ ନେଇ ପ୍ରତ୍ୟାବର୍ତ୍ତନ କରିଥିଲେ ।

ଏହି 'କୁକ୍‌କୁଟୀବ୍ରତ'ରେ ଶିବ ପାର୍ବତୀଙ୍କୁ ତୁଷ୍ଟ କରି ରାଣୀ ଚନ୍ଦ୍ରମୁଖୀ ମଧ୍ୟ ପୁତ୍ର ସନ୍ତାନ ଲାଭ କରିଛି । କେବଳ ଯେ ଏହି କେତୋଟି ବୈଦିକ କାହାଣୀ ସହିତ ଓଡ଼ିଆରେ ପ୍ରଚଳିତ ବ୍ରତସବୁର ସାମଞ୍ଜସ୍ୟ ରହିଛି ତା' ନୁହେଁ, ଏହିପରି ଅନେକ ବୈଦିକ କାହାଣୀକୁ ଭିତ୍ତି କରି ଓଡ଼ିଶାର ପୁରପଲ୍ଲୀରେ ଅନେକ ପ୍ରକାରର ବିଭିନ୍ନ ଓଷାବ୍ରତ ବାରମାସରେ ପାଳନ କରାଯାଉଛି । କେବଳ ଯେ ଏହି ବୈଦିକ ଲୋକଗଳ୍ପକୁ ଆଖି ଆଗରେ ରଖି ଓଷାବ୍ରତ ପାଳନ କରାଯାଉଛି ତା' ନୁହେଁ, ବେଦର ପ୍ରଭାବ ଓଡ଼ିଆ ସାହିତ୍ୟର ପ୍ରତିଟି ବିଭାଗରେ ଜଣାପଡ଼େ । ବେଦରେ ବର୍ଣ୍ଣିତ ବରୁଣ ଓ ସତ୍ୟନାରାୟଣ ପାଲାର ସତ୍ୟନାରାୟଣ ମଧ୍ୟରେ ଥିବା ସାମଞ୍ଜସ୍ୟକୁ ଆଲୋଚନା କଲେ ଜଣାପଡ଼ିବ ।

**ପାଲାର ସତ୍ୟନାରାୟଣ ଓ ବେଦର ବରୁଣ :-** ଋକ୍‌ବେଦରେ ବର୍ଣ୍ଣିତ ଅଛି ଯେ ଶୁନଃଶେଫ ବରୁଣଙ୍କୁ ପ୍ରାର୍ଥନା କରିବା ବିଷୟ ମାତ୍ର ବୈଦିକ ଯୁଗ ପରେ ବେଦରେ ଥିବା ଏହି ସାମାନ୍ୟ ସଙ୍କେତ ଉପନିଷଦ ଯୁଗରେ ଏକ ବୃହତ୍ ରୋମାଞ୍ଚକର କାହାଣୀଭାବେ ରୂପ ନେଲା । ଯଥା– ଅପୁତ୍ରିକ ରାଜା ହରିଶ୍ଚନ୍ଦ୍ର ବରୁଣଙ୍କୁ ପ୍ରାର୍ଥନା କରିବା ଫଳରେ ବରୁଣଙ୍କ କୃପାରୁ ରୋହିତ ନାମକ ଏକ ପୁତ୍ର ଜାତ ହୋଇଥିଲା । ରାଜା ହରିଶ୍ଚନ୍ଦ୍ରଙ୍କର ବରୁଣଙ୍କ ସର୍ତ୍ତ ରକ୍ଷା କରି ନ ପାରି

ଟିପ୍ପଣୀ

ପୁତ୍ର ରୋହିତକୁ ବରୁଣଙ୍କ ହସ୍ତରେ ଅର୍ପଣ କରିବା କଥା । କିନ୍ତୁ ହରିଶ୍ଚନ୍ଦ୍ର ଆଦୌ ରୋହିତକୁ ବରୁଣଙ୍କୁ ଦେଲେ ନାହିଁ । ଫଳରେ ବରୁଣ ବାରମ୍ବାର ଆସି ଫେରିବା ଯୋଗୁ, ରୋହିତ ରାଜପ୍ରାସାଦ ତ୍ୟାଗ କରି ଅରଣ୍ୟକୁ ପଳାଇଗଲା । ତା'ପରେ ହରିଶ୍ଚନ୍ଦ୍ର, ଲୋଭୀ, ନିଷ୍ଠୁର ଅଜୀଗର୍ତ୍ତଙ୍କୁ କେତେକ ଗାଭୀ ଦେଇ ତା'ର ପୁତ୍ର, ଶୁନଃଶେଫଙ୍କୁ କ୍ରୟ କଲେ ଓ ରୋହିତ ସ୍ଥାନରେ ତାଙ୍କୁ ବରୁଣଙ୍କ ନିକଟରେ ବଳି ଦେବାଲାଗି ସ୍ଥିର କଲେ । ଏହି ଗଳ୍ପଟି ଓଡ଼ିଆ ଲୋକସାହିତ୍ୟରେ ଏକ ବହୁ ଚର୍ଚ୍ଚିତ ଗଳ୍ପ ହୋଇଥିଲେ ମଧ୍ୟ, ଏଥିରେ ବରୁଣଙ୍କ ନାମ ନାହିଁ । ଏହିପରି ଭାବରେ ବିଚାର କଲେ ଦେଖାଯାଏ, ଉପନିଷଦ ଯୁଗ ମଧ୍ୟ ଓଡ଼ିଆ ଲୋକଗଳ୍ପକୁ ବହୁଭାବରେ ପ୍ରଭାବିତ କରିଛି । ଏହି ବୈଦିକ କାହାଣୀ, "ପୁରୁରବା ଉର୍ବଶୀ", ଯମଯମୀ, 'ଅଗସ୍ତୀ ଲୋପାମୁଦ୍ରା' ଉପନିଷଦୀୟ 'ଗାର୍ଗୀ' ଓ 'ଯାଜ୍ଞବଳକ୍ୟ ସମ୍ବାଦ' 'ସତ୍ୟକାମ ଜାବାଳ', 'ପ୍ରବହମ ଅଶ୍ୱବତୀ' ଏବଂ 'ନଚିକେତା ଉପାଖ୍ୟାନ' ପ୍ରଭୃତି ପରବର୍ତ୍ତୀ ଯୁଗରେ ବହୁ କାହାଣୀ ସୃଷ୍ଟି ଲାଗି ପ୍ରେରଣା ଯୋଗାଇଅଛି ।

ସେହିପରି ରାମାୟଣ ମହାଭାରତର ବହୁ ଉପାଖ୍ୟାନ, ବୌଦ୍ଧ ଜାତକ ଗଳ୍ପ ଆଦି ଓଡ଼ିଆ ଲୋକଗଳ୍ପର ମୂଳଭିତ୍ତିକୁ ସୁଦୃଢ଼ କରିବାରେ ସହାୟକ ହୋଇଥିଲେ । କଥାସରିତ ସାଗର ମଧ୍ୟ ଏହି ଲୋକଗଳ୍ପଗୁଡ଼ିକୁ ବହୁ ଭାବରେ ରସାଣିତ କରିଛନ୍ତି । ଏହି କଥା ସରିତ ସାଗର, ବେତାଳ ପଞ୍ଚବିଂଶତି, ଦଶକୁମାର ଚରିତ, ପଞ୍ଚତନ୍ତ୍ର, ହିତୋପଦେଶ, ବାସବଦତ୍ତା, ରାମସୀତା, ଲବକୁଶ, ନଳଦମୟନ୍ତୀ ଇତ୍ୟାଦି ଗଳ୍ପର ସାର ନିର୍ଯ୍ୟାସରେ ପରିପୁଷ୍ଟ । ଏହି ସବୁ ପ୍ରମୁଖ କାହାଣୀର ସୂତ୍ରକୁ ଧରି ରଖିଥିବା କଥାସରିତ ସାଗର ମଧ୍ୟ ଓଡ଼ିଆ ଲୋକଗଳ୍ପକୁ ବହୁ ଭାବରେ ପରିପୁଷ୍ଟ କରିଅଛି । ଏହିପରି ଓଡ଼ିଆ ଲୋକଗଳ୍ପର ବିସ୍ତୀର୍ଣ୍ଣ ଇଲାକା ଦେଖି ଯେ କେହି ଶ୍ରଦ୍ଧାଳୁ ପାଠକ ସ୍ପଷ୍ଟ ଅନୁଭବ କରିପାରିବ । ଏହି ଗଳ୍ପର ସ୍ରୋତ କେଉଁ କେଉଁ ମହାନ୍ ଧାରାକୁ ନିଜ ସାଥୀରେ ଘେନିଚାଲିଛି ।

ତେଣୁ ଓଡ଼ିଆ ଲୋକଗଳ୍ପର ଉତ୍ପତ୍ତି ଓ କ୍ରମବିକାଶ ଆଲୋଚନା କାଳରେ ଆମକୁ ଆମର ବେଦ, ଶାସ୍ତ୍ର, ପୁରାଣ ତଥା ଇତିହାସ ପ୍ରତି ନିରପେକ୍ଷ ଦୃଷ୍ଟି ନିକ୍ଷେପ କରିବାକୁ ପଡ଼ିବ ।

## ଓଡ଼ିଆ ଲୋକକାହାଣୀର ପ୍ରକାର :

କାହାଣୀ ସାଧାରଣତଃ ଏକ ସ୍ରଷ୍ଟାର ମାନସିକ ସନ୍ତାନ ହୋଇଥାଏ । ପୁରାଣଠାରୁ ଇତିହାସ ପର୍ଯ୍ୟନ୍ତ ପ୍ରତ୍ୟେକ ପୃଷ୍ଠଭୂମିର କାହାଣୀ ପଛରେ ସ୍ରଷ୍ଟାର କଳ୍ପନାପ୍ରବଣତା ଅଳ୍ପ ବହୁତ ଅନୁଭୂତ ହୁଏ । ତେଣୁ ସେହି କଳ୍ପନାର ପୁଟଦେଇ ଜଣେ ସ୍ରଷ୍ଟା ତା' ଗଳ୍ପର ମୁଖ୍ୟ ବିଷୟକୁ ବିଭିନ୍ନ ସ୍ଥାନରୁ ବିଭିନ୍ନ ଅବସ୍ଥାରୁ ସଂଗ୍ରହ କରିଥାଏ । ଏହି ମର୍ମରେ ବିଚାର କଲେ ଜଣାଯାଏ, ଓଡ଼ିଆ ଲୋକଗଳ୍ପର ପରିସର ଖୁବ୍ ବ୍ୟାପକ । ଏହି ଲୋକକାହାଣୀର ବିଷୟବସ୍ତୁ, ଆବେଦନ ତଥା ରସକୁ ଆଧାର କରି ସର୍ବମୋଟ ଏହାକୁ ୭ ଭାଗରେ ବିଭକ୍ତ କରାଯାଇପାରେ । ଯଥା- (୧) ପୌରାଣିକ ଗଳ୍ପ, (୨) ଓଷାବ୍ରତ ସମ୍ପର୍କିତ ଗଳ୍ପ, (୩) ସନ୍ଥ ଓ ଭକ୍ତ ସମ୍ପର୍କିତ ଗଳ୍ପ, (୪) କିମ୍ବଦନ୍ତୀମୂଳକ ଗଳ୍ପ, (୫) ସତ୍ୟନାରାୟଣ ପୂଜା ଗଳ୍ପ, (୬) ମାହାତ୍ମ୍ୟ କଥା, (୭) ଲୌକିକ ଗଳ୍ପ ।

୧. ପୌରାଣିକ ଗଳ୍ପ :- ସଂସ୍କୃତ ମହାଭାରତ ଓ ରାମାୟଣର ଗଳ୍ପଧାରାକୁ ତତ୍କାଳୀନ ଉତ୍କଳୀୟ ସ୍ରଷ୍ଟାମାନେ ଅନୁସରଣ କରିବା ସଂଗେ ସଂଗେ ସମସାମୟିକ ଉତ୍କଳୀୟ ସମାଜରେ ପ୍ରଚଳିତ କେତେକ କାହାଣୀକୁ ନିଜ କାବ୍ୟକୃତିମାନଙ୍କରେ ଅଙ୍କନ କରିଅଛନ୍ତି । ତେବେ, ହରିଶ୍ଚନ୍ଦ୍ର କଥା, ଶିବ ଚରିତ, କର୍ଣ୍ଣଙ୍କ ପୁତ୍ର ବଳିଦାନ, ବାମନଙ୍କ

ଟିପ୍ପଣୀ

ଭୂମିଭିକ୍ଷା, ପ୍ରହ୍ଲାଦ ଚରିତ, ସୀତା ବନବାସ, ଦମୟନ୍ତୀ ସ୍ୱୟମ୍ବର, ସାବିତ୍ରୀ ସତ୍ୟବାନ୍, ଏକଲବ୍ୟଙ୍କ ଗୁରୁଦକ୍ଷିଣା ଦାନ, ଧ୍ରୁବ ଚରିତ, ସୁଦାମା ଦାରିଦ୍ର୍ୟ ଭଞ୍ଜନ, ଶ୍ରୀକୃଷ୍ଣଙ୍କ ବାଳଲୀଳା, ଉଷା ଅନିରୁଦ୍ଧ କଥା, କୀଚକ ବଧ, ଭୀମ ବକାସୁର ଆଦି ପୌରାଣିକ କାହାଣୀ ଓଡ଼ିଆ ଲୀଳାନାଟକମାନଙ୍କରେ ଅଭିନୀତ ହୋଇ ବେଶ୍ ଲୋକପ୍ରିୟ ହୋଇପାରିଛି ।

ସାରଳା ମହାଭାରତରେ ମଧ ଅନେକ ପୌରାଣିକ ଉପାଖ୍ୟାନକୁ ଅତି ସୁନ୍ଦର କାଳ୍ପନିକ ଢଙ୍ଗରେ ପରିବେଷଣ କରାଯାଇଅଛି– ସେଗୁଡ଼ିକ ହେଲା- **(କ)** ବରଦାୟକ ଓ ବ୍ରାହ୍ମଣ କଥା, **(ଖ)** ଶଶକ ଶୃଗାଳ ସିଂହ ଗଳ୍ପ, (ଗ) ସିଂହ, ଶାର୍ଦ୍ଦୁଳ, ଶୃଗାଳ ଓ ନକୁଳ ଗଳ୍ପ (ଘ) ତଳମୁହାଁକାଙ୍କ, (ଙ) ତୁଳସୀବଣ ବାଘ, (ଚ) ଅଳସୁଆ କଥା ଆଦି ଲୋକପ୍ରିୟ ଉପାଖ୍ୟାନଗୁଡ଼ିକୁ ସାରଳାଦାସ ପୁରାଣ ପୃଷ୍ଠାରୁ ଗ୍ରହଣ କରି ଅତି ଚମତ୍କାର ଭାବରେ ଲୌକିକ ଶୈଳୀରେ ପରିବେଷଣ କରିଅଛନ୍ତି ।

୨. ଓଷାବ୍ରତ କଥା :- ଓଷାବ୍ରତ ସମ୍ପର୍କରେ ଡଃ କୁଞ୍ଜବିହାରୀ ଦାଶଙ୍କ ମତ ହେଲା– "ପୁତ୍ରପ୍ରାପ୍ତି, ସୌଭାଗ୍ୟପ୍ରାପ୍ତି, ଧନସମ୍ପଦ ପ୍ରାପ୍ତି, ପ୍ରଭୃତି ଓଷାବ୍ରତ ପାଳନର ଲକ୍ଷ୍ୟ । ଏଥିରେ ସାଂପ୍ରଦାୟିକତା ନାହିଁ, ଜାତି ବା ଶ୍ରେଣୀଭେଦ ନାହିଁ, ଗ୍ରାମ ସମାଜର ସାମୂହିକ ପୂଜା ଆରାଧନା, ନିଷ୍ଠାନିୟମ ଏଥିରେ ଅଭିବ୍ୟକ୍ତ ହୁଏ, ନାରୀ ପ୍ରାଣର ଆଶା, ଆକାଂକ୍ଷା, ଚେଷ୍ଟା ଚୈତନ୍ୟ ଏପରିକି ସମଗ୍ର ଅନ୍ତଃପୁରର ଇତିହାସ ଏଥିରେ ପ୍ରକାଶ ପାଏ ।"

ସ୍ତ୍ରୀ-ପୁରୁଷ ଉଭୟେ ବ୍ରତ ପାଳନ କରନ୍ତି; କିନ୍ତୁ ଓଷା କେବଳ ସ୍ତ୍ରୀମାନେ ହିଁ ପାଳନ କରନ୍ତି । ଓଷା ବା ଉପବାସର ଆଭିଧାନିକ ଅର୍ଥ ହେଉଛି– ନିକଟରେ ବାସକରିବା । ଅର୍ଥାତ୍ ଭଗବାନ, ଗୁରୁ ବା ଅଗ୍ନିଙ୍କ ନିକଟରେ ବାସ କରିବା ହିଁ ଉପବାସ । ବୈଦିକ ଯୁଗର ଇତିହାସକୁ ନିରୀକ୍ଷଣ କଲେ ଜଣାଯାଏ ଯଜମାନମାନେ ଯଜ୍ଞ ଶେଷ ହେବା ପର୍ଯ୍ୟନ୍ତ ଉପବାସ କରୁଥିଲେ, ଯଜ୍ଞଚରୁ ଖାଇ ଉପବାସ ଭଙ୍ଗ କରୁଥିଲେ । ତାନ୍ତ୍ରିକମାନେ କିନ୍ତୁ ଉପାସ ରହି ବ୍ରତ ପାଳନକୁ ବିରୋଧ କରନ୍ତି । ସେମାନଙ୍କ ମତରେ "ଶରୀର ମାଦ୍ୟମ୍ ଖଳୁ ଧର୍ମ ସାଧନମ୍" ଅର୍ଥାତ୍ ପ୍ରଥମେ ଶରୀରର ଉପଯୁକ୍ତ ରକ୍ଷଣାବେକ୍ଷଣ ତା'ପରେ କୌଣସି ଧର୍ମ ସାଧନା । ତେବେ ଓଡ଼ିଆ ଲୋକ ସମାଜରେ ପ୍ରଚଳିତ ଏହି ଓଷାବ୍ରତଗୁଡ଼ିକ ମୁଖ୍ୟତଃ ଦୁଇପ୍ରକାର । ସେଗୁଡ଼ିକ ହେଲା ୧. ଶାସ୍ତ୍ରୀୟ ଓଷା, ୨. ଲୌକିକ ଓଷା ।

## ଲୋକକାହାଣୀର ବିଭିନ୍ନ ବିଭାବ :

କଥା କହିବା ଏବଂ ମନୋରଂଜନକୁ ଆଖିରେ ରଖି ଲୋକକାହାଣୀ ସୃଷ୍ଟି ହୋଇଥିଲେ ହେଁ, ଆଧୁନିକ କ୍ଷୁଦ୍ରଗଳ୍ପ ସୃଷ୍ଟିପାଇଁ ଏହା ନିର୍ଦ୍ଦିଷ୍ଟ ଭିତ୍ତିଭୂମି ସୃଷ୍ଟି କରିପାରିଛି । ଆଧୁନିକ କ୍ଷୁଦ୍ରଗଳ୍ପର ବିକାଶ ଇତିହାସରେ ଲୋକ କାହାଣୀର ଅବଦାନକୁ ବିସ୍ମୃତ ହେଲେ ଚଳିବ ନାହିଁ । ଅତୀତରେ ଏହା କଥା ବା ଅଖ୍ୟାୟିକା ଭାବରେ ପରିଚିତ ଥିଲା । ଏହାକୁ ଅଧିକ ସରସ ଓ ସୁନ୍ଦର କରିବାପାଇଁ ମଝିରେ ମଝିରେ ପଦ୍ୟର ସଂଯୋଜନା କରାଯାଉଥିଲା ଏବଂ ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ମାନବର ବୌଦ୍ଧିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରାଯାଉଥିଲା । ଗଦ୍ୟ ଓ ପଦ୍ୟର ସମ୍ମିଶ୍ରଣରେ ଏହା କେବଳ ଲୋକରୋଚକ ହେଉନଥିଲା ବରଂ ମଣିଷକୁ ଏହା ମନେ ରଖିବା ପାଇଁ ଓ ପରବର୍ତ୍ତୀ ବଂଶଧରମାନଙ୍କ ଭିତରେ ଆଗ୍ରହ ସୃଷ୍ଟି ପାଇଁ ଅଭିପ୍ରେତ ଥିଲା । ହୃଦୟର ଅନାବିଳ ଭାବୋଲ୍ଲାସ ଏହାର ପ୍ରତିଟି ସ୍ତବକରେ ଭାସ୍ୱର । ଯୁକ୍ତି ଓ ଜଟିଳତାର ଊର୍ଦ୍ଧ୍ୱରେ ରହି ସାବଲୀଳ ମାନବିକ ଭାବବେଗରେ ଏହାର ସମୟ ଓ ପ୍ରାଣବନ୍ତ । ସେଥିପାଇଁ ଏହା ମଧ୍ୟରେ ଅନେକ ଅଦ୍ଭୁତ ତଥ୍ୟ ଓ ଅଲୌକିକତା ପ୍ରବେଶ କରିଛି । ତେଣୁ ଏହାର ରୂପ ମଧ୍ୟ ବିବିଧ ।

**ରୂପକ ଗଳ୍ପ :-** ପଶୁପକ୍ଷୀ ସଂପର୍କୀୟ ଗଳ୍ପଗୁଡ଼ିକ ରୂପକ ଗଳ୍ପ ଅନ୍ତର୍ଭୁକ୍ତ । ଏହି ଗଳ୍ପରେ ପରିଦୃଷ୍ଟ ହେଉଥିବା ପଶୁପକ୍ଷୀ, ଜୀବଜନ୍ତୁ ଅଥବା ଜଡ଼ ପଦାର୍ଥ ମୂକ ବା ବାକ୍‌ଶକ୍ତିହୀନ ନୁହନ୍ତି । ସେମାନେ ମଣିଷ ପରି କଥାବାର୍ତ୍ତା କରିପାରନ୍ତି । ମଣିଷର ଚାଲିଚଳଣି ଏବଂ ଏମାନଙ୍କର ଚାଲିଚଳଣି ମଧ୍ୟରେ କୌଣସି ପାର୍ଥକ୍ୟ ଅନୁଭବ କରିହୁଏ ନାହିଁ । ଏହି ପଶୁପକ୍ଷୀ ଚରିତ୍ରଗୁଡ଼ିକ ବହୁ ସମୟରେ ମଣିଷକୁ ଉପଦେଶ ପ୍ରଦାନ କରିଥାନ୍ତି । ସତ୍ ଓ ଅସତ, ନ୍ୟାୟ ଏବଂ ଅନ୍ୟାୟ ମଧ୍ୟରେ ସୀମାରେଖା ସ୍ପଷ୍ଟ କରିଦିଅନ୍ତି । ସରଳ ଏବଂ ସହଜ ଭଂଗୀରେ ଏହାର କଥାବସ୍ତୁ ଗତିଶୀଳ । ଓଡ଼ିଆ ଲୋକକାହାଣୀ ମଧ୍ୟରେ ଅନେକ ରୂପକଗଳ୍ପ, ରହିଥିବାର ଦେଖାଯାଏ । ସିଂହ ରାଜାଙ୍କ ଶ୍ରାଦ୍ଧ ପୁରୋହିତ ବିରାଜରେ ମୃତ୍ୟୁଗାମୀ ବ୍ରାହ୍ମଣକୁ ଶୁଆଶାରୀ ଉପଦେଶ ଦେଇ କହିଛନ୍ତି- କେହି କରବାଳ ଦୁଃଖ ଭୋଗ କରେ ନାହିଁ କି କେହି ଜୀବନ ସାରା ଦୁଃଖ ପାଏ ନାହିଁ । ଆଜି ଯେ ଦୁଃଖୀ କାଲି ସେ ସୁଖୀ । ସୁନ୍ଦରତା, ମଧୁରତା, ଚାଟୁର୍ଯ୍ୟୋକ୍ତି ଓ ସରଳତାରେ କିପରି ଶତ୍ରୁର ହୃଦୟକୁ ଜୟ କରାଯାଇପାରେ ତାହା 'ଟୁଣ୍ଡୁଟୁଣି କି ବୁଦ୍ଧିଗଲା' ରେ ଟୁଣ୍ଡୁଟୁଣି ଓ ବିରାଡ଼ିର କଥାବାର୍ତ୍ତାରୁ ଜଣାଯାଏ । ବଳ ତ ବଳ ବୁଦ୍ଧିବଳ, ତୋ ପାଇଁ ଠେଙ୍ଗା ମୋ ପାଇଁ ଖଟ, ଯେସାକୁ ତେସା, ବିଲୁଆ ଓ ମଗର କଥା ଆଦି ଗଳ୍ପରୁ ଏହି ଜ୍ଞାନ ମିଳିଥାଏ । ବୁଝିବିଚାରି କାମ ନକଲେ କିପରି ମୂଲ୍ୟବାନ ପଦାର୍ଥ ହରାଇବାକୁ ପଡ଼ିଥାଏ ଓ ପ୍ରତି ମୁହୂର୍ତ୍ତରେ ଅନୁତାପରେ ଦଗ୍ଧହେବାକୁ ପଡ଼େ ତାହାର କଥ୍ର ଉଠରେ ପୁଣ, ମାଣ ପୂରିଲା ଗଳ୍ପରୁ ଦେଖିବାକୁ ମିଳେ । ଗୁଣି ବ୍ୟକ୍ତି ଯୁଗେ ଯୁଗେ ପୂଜା ପାଏ କଥା 'ଗୁଣକୁ ପୂଜା ଅବିଗୁଣକୁ ବଜା ବଜା' ଗଳ୍ପରେ ଦେଖିବାକୁ ମିଳେ ।

ରୂପକଥା– ଏହି ଧରଣର ଗଳ୍ପକୁ ଇଂରାଜୀରେ fairy tale ବୋଲି କୁହାଯାଏ । ଏ ପ୍ରକାର ଗଳ୍ପର ମାଣ୍ୟତା ପ୍ରାୟ ନ ଥାଏ କହିଲେ ଚଳେ । ଅତି ପ୍ରାକୃତିକ ଓ ଅଲୌକିକ କଥା ଏହାର ଆଦର୍ଶ । ମିଥ୍ୟା ଓ ଅଯଥା କଳ୍ପନା ଉପରେ ଏହା ପର୍ଯ୍ୟବେଶିତ । କ୍ରୋଧକୁ ବିସ୍ମୟରେ ହଜେଇ ଦେବା ଏହାର ଲକ୍ଷ୍ୟ । ଏହାର ନାୟକ ନାୟିକା ଅଦ୍ଭୁତ କରିତ୍‌କର୍ମା । ପରୀ ରାଇଜର ଆଶ୍ଚର୍ଯ୍ୟ ଜନକ ଘଟଣା ଏଥିରେ ସ୍ଥାନ ପାଇଥାଏ । ପକ୍ଷୀରାଜଘୋଡ଼ା, ଅସୁରର ଶକ୍ତିଶାଳୀ ପ୍ରସାଦରରେ ବନ୍ଦୀ ରାଜଜେମା, ଅସୁରର ଅସମ୍ଭବ ମୃତ୍ୟୁବାଣ, ଭୂତପ୍ରେତ କାହାଣୀ, ଡାହାଣୀ ଆଦି ଚରିତ୍ର ଏହାର ମୂଳ ଚରିତ୍ର ଓ ପୁଞ୍ଜି । ରୂପ କଥାରେ ପାତ୍ର ପାତ୍ରୀମାନଙ୍କର ନାମ ଓ ଧାମ ନଥାଏ । ସେମାନଙ୍କର ଜାତି ଧର୍ମ ମଧ୍ୟ ଅଜ୍ଞାତ । ସେମାନଙ୍କର ପରିଚୟ କେବଳ ରାଜପୁତ୍ର, ରାଜକନ୍ୟା, ଅସୁର, ଭୂତ ପ୍ରେତ, ଡାହାଣୀ ଇତ୍ୟାଦି । ଏଥିରେ ନୈତିକତା, ଧର୍ମବିଶ୍ୱାସ, ଜୀବନସତ୍ୟର କୌଣସି ପ୍ରତିଷ୍ଠା ଦେଖିବାକୁ ମିଳେନାହିଁ । ଏଥିରେ ଅତି ପ୍ରାକୃତିକ ଉପାଦାନ ସର୍ବଦା ମୁଖ୍ୟ ସ୍ଥାନ ଲାଭ କରିଥାଏ । ଅବିଶ୍ୱାସରେ ଏବଂ ଆଶ୍ଚର୍ଯ୍ୟ ଜନକ ଘଟଣାର ଆରୋପରେ ଏହା ପାଠକର ବା ଶ୍ରୋତାକୁ ବିସ୍ମିତ କରେ । ଓଡ଼ିଆ ଲୋକକାହାଣୀରେ ଦେଖାଯାଉଥିବା ମାଦକ କଥା, ବୁଦ୍ଧିରେ ଜଗତ ଜିଣେ, ଅସୁର ଆଉ ଚଢ଼େଇ ପିଲା କଥା, ବୁଢ଼ୀ ଅସୁରୁଣୀ କଥା, ଅସୁର ବଳ ମଣିଷର ବୁଦ୍ଧି, କୁହୁକ ପେଣ୍ଡୁ, କୁହୁକ କଠଉ, କୁହୁକ ପେଟରା ଆଦି ଏହି ଗପର ନିର୍ଜୀବ ହେଲେ ମଧ୍ୟ ଅତି ପରାକ୍ରମଶାଳୀ ଉପାଦାନ । ସମୁଦ୍ର ଭିତରେ ସାତତାଳ ପାଣି ଭିତରେ ସିନ୍ଦୁକ, ତା ଭିତରେ ପରୁଆ, ଭଅଁର, ଅସୁରୁଣୀର ଜୀବନ ନାଟିକା ଆଦି କଥାରେ ଶ୍ରୋତା ବିସ୍ମିତ ହୁଏ । କିନ୍ତୁ ସମୟ ପାଇଁ ଶ୍ରୋତାକୁ ଅଲୌକିକ ଆନନ୍ଦ ପ୍ରଦାନ କରିବାରେ ଏହା ସମର୍ଥ ।

**ନୀତି ମୂଳକ ଗଳ୍ପ :-** ଏହାକୁ ଇଂରାଜୀରେ Parable କହନ୍ତି । ଏହି ଧରଣର ଗଳ୍ପରେ ଜଡ଼ ଚରିତ୍ର, ପଶୁ ପକ୍ଷୀ ଏବଂ ମଣିଷ ସମଭାବରେ ଅଂଶ ଗ୍ରହଣ କରିଥାନ୍ତି । ନୀତି ଶିକ୍ଷା ପ୍ରଦାନ ଏବଂ 'ସୁ' ର ଉପାଦାନ ପ୍ରତି ଏଥିରେ ସ୍ପଷ୍ଟ ଇଙ୍ଗିତ ରହିଥାଏ । ସାମାଜିକ ଶୃଙ୍ଖଳା, ପାରିବାରିକ ବଂଧନ, ପିତାପୁତ୍ରଙ୍କର ସଂପର୍କ, ପିତାଙ୍କ ପ୍ରତି ପୁତ୍ରର କର୍ତ୍ତବ୍ୟ, ଭାଇ

ଟିପ୍ପଣୀ

ଟିପ୍ପଣୀ

ଭାଇର ସଂପର୍କ, ଦାମ୍ପତ୍ୟ ଜୀବନର ମହତ୍ତ୍ୱ ଇତ୍ୟାଦି ନାନା ବିଷୟ ଏଥିରେ ପ୍ରକାଶ ପାଇଥାଏ । ମାନବିକ ଚରିତ୍ର ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଇଥାଏ । ଦୁଷ୍ଟ ବ୍ୟକ୍ତିକୁ ଯଶ ପ୍ରଦାନ ଏବଂ ନ୍ୟାୟ, ଧର୍ମ, ପୁଣ୍ୟର ଜୟଗାନର ଏହି ଗପର ବିଷୟବସ୍ତୁ ମୁଖରିତ । ସମାଜରେ ଶାନ୍ତି ପ୍ରତିଷ୍ଠା, ନ୍ୟାୟନୀତିର ପ୍ରତିଷ୍ଠା ଏବଂ ପାପ ତଥା ଅନ୍ୟାୟର ଦୂରୀକରଣ ଏହି ପ୍ରକାର ଗଳ୍ପର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମନେ ହୋଇଥାଏ । ଓଡ଼ିଆ ଲୋକକାହାଣୀରେ ଏହି ପ୍ରକାର ବହୁ ଗଳ୍ପ ପରିଲକ୍ଷିତ ହୋଇଥାଏ । 'ସୁନା ଝରଣା' ଗପରେ ସାବତ ମା'ର ସାବତ ପୁଅଝିଅଙ୍କ ପ୍ରତି ଅବିଚାର, ଦାସୀକୁ ଅର୍ଥ ଲାଞ୍ଚ ଦେଇ ସେମାନଙ୍କୁ ମାରିଦେବାର ପରାମର୍ଶ, ଅରଣ୍ୟରେ ନିଜ ପିଲାଙ୍କ ସହିତ ରାଜାଙ୍କର ପରିଚୟ ଏବଂ ଦୁଷ୍ଟ ରାଣୀକୁ ଉପରେ କଣ୍ଟା ତଳେ କଣ୍ଟା ଦେଇ ପୋତାଇବା ଏହି ନୀତି ମୂଳକ ଗଳ୍ପର ଉଦାହରଣ । ସେହିପରି 'ସର୍ବଜାଣ ଚଢ଼େଇ ଯେମିତି କାମକୁ ସେମିତି ଫଳପାଇଁ'ରେ ସାନରାଣୀଙ୍କ ପ୍ରତି ଅନ୍ୟ ରାଣୀମାନଙ୍କର ହିଂସା, ମଣିଷ ଛୁଆ ବଦଳାଇ ବିଲେଇ ଛୁଆ, କୁକୁର ଛୁଆ ଓ କାଠ କଣ୍ଢେଇ ରଖିବା, ରାଜାଙ୍କର ସାନରାଣୀ ପ୍ରତି ଘୃଣା ଭାବ ଏବଂ ପରିଶେଷରେ ସର୍ବଜ୍ଞାଣ ଚଢ଼େଇ ମାଧ୍ୟମରେ ରାଜା ନିଜ ପୁଅ ଝିଅମାନଙ୍କୁ ଚିହ୍ନିପାରିବା, ଅନ୍ୟାୟ ଆଚରଣ କରିଥିବା ଅନ୍ୟରାଣୀମାନଙ୍କୁ ଗାତଖୋଳି ପୋତିଦେବା ଏହାର ଅନ୍ୟତମ ଉଦାହରଣ । ଚାଟ ଘର ପିଲା ଚାଟ, ଯା ବାପ ଚଢ଼େ ଘୋଡ଼ା, ତା' ପୁଅ ତହୁଁବଡ଼ା, ଦି' ଭାଇ, କୁଁ କୁଁ କୁଁ ବାଜିଲା କେନ୍ଦରା ଆଦି ଗପର ନ୍ୟାୟର ପ୍ରତିଷ୍ଠା, ଭାଇ ଭାଇ ମଧ୍ୟରେ ସ୍ନେହ, ଭାଇ ଭଉଣୀର ସଂପର୍କ, ପିତା ଓ ପୁତ୍ର ମଧ୍ୟରେ ସଂପର୍କ ତଥା କର୍ତ୍ତବ୍ୟ ଆଦି ଏହି ଗଳ୍ପରେ ପ୍ରକାଶିତ । ଏହାକୁ ନୀତିବାଦୀ ଗଳ୍ପ କୁହାଯାଇଥାଏ ।

**ଗାଲଗଳ୍ପ :-** ଗାଲଗଳ୍ପ ଅବାସ୍ତବ । ଏହା ଗଳ୍ପର କାହାଣୀ ଓ ଘଟଣା ଅତି ଅବାସ୍ତବ । ଅସମ୍ଭବ କଥା ଏଥିରେ ସ୍ଥାନ ପାଇଥାଏ । ଏଥିରେ ମଣିଷ ଜଡ଼ ପାଲଟେ, ପୁଣି ଜୀବଜନ୍ତୁ ହୁଏ, ଦିନରେ ଗୋଟିଏ ରୂପ ଓ ରାତିରେ ଅନ୍ୟ ରୂପ ଧାରଣ କରେ । ନିହାତି କପୋଳ କଳ୍ପିତ ଓ ଉଦ୍ଭଟ ଚିନ୍ତା ଏଥିରେ ଦେଖାଯାଏ । ଠକ ବାବାଜୀ, ଯମ ପୋଛୁଆପାଙ୍ଗିରେ ସାଧବ ଝିଅର କାଳି ବିରାଡ଼ି ରୂପ, ଭାଇମାନଙ୍କର ଭଉଣୀକୁ ଖୋଜି ଯାଇ ତାଳଗଛରେ ପରିଣତ, 'ମାଦାଳ କଥା'ରେ ଫୁଲ ଦ୍ୱାରା ମାଦଳର ହାତ ଗୋଡ଼ କଅଁଳିବା ଏବଂ ଭୂତ, ପ୍ରେତ, ଦୈତ୍ୟ ଆଦି ସମ୍ପର୍କୀୟ ଗପ ଏହି ଗାଲ ଗଳ୍ପର ଉଦାହରଣ ।

ଆଦିବାସୀ ଗଳ୍ପ :- ଓଡ଼ିଆ ଆଦିବାସୀ ଅଧ୍ୟୁଷିତ ଇଲାକା । ବଣ ଜଙ୍ଗଲରେ ବାସକରି ଜୀବନକୁ ପ୍ରାକୃତିକ ଢଙ୍ଗରେ ବଂଚି ଆସିଛନ୍ତି ଏ ମାଟିର ମଣିଷ । ଅବଶ୍ୟ ସଭ୍ୟତାର ପରିବର୍ତ୍ତନ ସହିତ ଏମାନଙ୍କ ଜୀବନଧାରଣ ରୀତି ପରିବର୍ତ୍ତିତ ହୋଇଛି । ଏହି ଲୋକଙ୍କୁ କେନ୍ଦ୍ରକରି ବହୁ ପ୍ରାଚୀନ ଗଳ୍ପ ସୃଷ୍ଟି ହୋଇଛି । ଏଥିରେ ମଣିଷ ସରଳତା, ନୀତିନିଷ୍ଠା ଇତ୍ୟାଦି ପ୍ରକାଶ ପାଇଥାଏ । କୁଡ଼ା ବେନ୍ଦ ଗୁଡ଼ା ନାଇକର ଏଇ ଧରଣର ଏକ ଗଳ୍ପ ।

ଏହିପରି ଲୋକଗଳ୍ପ ବା କାହାଣୀକୁ ଚିହ୍ନିତ କରାଯାଇପାରେ । ଏହାବ୍ୟତୀତ ଲୋକକାହାଣୀରେ ଏପରି କିଛି ପ୍ରଦତ୍ତ ଯେ ଯାହାକୁ ନିର୍ଦ୍ଦିଷ୍ଟ କରିବା କଷ୍ଟକର ବ୍ୟାପାର ।

## ଲୋକକାହାଣୀର ସାହିତ୍ୟିକ ମୂଲ୍ୟ :

କଥା କହିବା ଉଦ୍ଦେଶ୍ୟରେ ଚିତ୍ତବିନୋଦନ ପାଇଁ ଲୋକକାହାଣୀ ସୃଷ୍ଟି ହୋଇଥିଲେ ହେଁ ସ୍ରଷ୍ଟା ବା କଥକଙ୍କ ଅଜାଣତରେ ଏଥିରେ କେତେକ ସାହିତ୍ୟିକ ସୌକୁମାର୍ଯ୍ୟ ଫୁଟି ଉଠିଛି । ଆଧୁନିକ ଯୁଗର କ୍ଷୁଦ୍ରଗଳ୍ପ ପରି ଏଥିରେ

କାହାଣୀକାରର ଅପୂର୍ବ କଳାକୁଶଳତା ପରିଦୃଷ୍ଟ ନ ହେଉଥିଲେ ହେଁ, ଏହା ସଂପୂର୍ଣ୍ଣ ଭାବରେ କଳାବିହୀନ ବା ଅସାହିତ୍ୟିକ ନୁହେଁ । ଏହା ମଧ୍ୟରେ ଫୁଟିଉଠିଛି ଶିଳ୍ପୀଭାବ ଓ ରସଘନ କେତୋଟି ମୁହୂର୍ତ୍ତ । ତୁଣ୍ଡରୁ ତୁଣ୍ଡକୁ ଗଡ଼ି ଆସୁଥିବାରୁ ଏହାର ରୂପରେ ବାରମ୍ବାର ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ, ବେଳେବେଳେ ସ୍ରଷ୍ଟାର ସୃଷ୍ଟି କୌଣସି ମୁହୂର୍ତ୍ତରେ ଖଣ୍ଡିତ ବା ବିକଳାଙ୍ଗ ହୋଇ ନ ଥାଏ । ଏହି ଲୋକକାହାଣୀରେ ପରିଦୃଷ୍ଟ ହେଉଥିବା ସାହିତ୍ୟିକ ମୂଲ୍ୟକୁ ନିମ୍ନଭାବରେ ଆଲୋଚନା କରାଯାଇପାରେ ।

**ବର୍ଣ୍ଣନା ଚାତୁରୀ :-** ଲୋକକାହାଣୀ ସ୍ରଷ୍ଟା ରସିକ ଓ ରୋମାଣ୍ଟିକ୍ ପ୍ରକୃତିର । ଯେ କୌଣସି ସାଧାରଣ କଥାକୁ ଯେଉଁଭଳି ବର୍ଣ୍ଣନା କରିବାରେ ସେ ସିଦ୍ଧହସ୍ତ । ନାରୀରୂପ ବର୍ଣ୍ଣନା, ପୁରୁଷରୂପ ବର୍ଣ୍ଣନା, ପ୍ରକୃତି ବର୍ଣ୍ଣନା, ପୁଷ୍କରିଣୀ ବର୍ଣ୍ଣନା ଆଦିରେ ସେ ନିଜର ସିଦ୍ଧହସ୍ତତାର ପରିଚୟ ଦେଇଛି । ଅନେକ ସମୟରେ ଏହି ବର୍ଣ୍ଣନା ଅବାସ୍ତବ ହେଲେହେଁ କଳାକାରର କଳାନିପୁଣତାର ଯଥେଷ୍ଟ ନମୁନା ମିଳେ ।

ନାରୀ ରୂପ ବର୍ଣ୍ଣନା କରିବାକୁ ଯାଇ କଥାକାର କହେ– 'କଳାମିଚିମିଚି ଚିକ୍କଣ ଦିହ । କୁନ୍ଦା ହେଲାପରି ବାହା 'ଗୋଲ ମୁହଁରୁ ସତେ କି ହସ ଝରିପଡ଼ୁଛି । ପୁରୁଷ ରୂପକୁ - 'ରୂପ ତ ହାଣ୍ଡିକଳା, ତହିଁରେ ବସନ୍ତ ମୁହାଁ । ତହିଁକି ଭେକ ବୋଲି ଗୋଲା ଦେଶୀକରିଆ, ତହିଁରେ ନେଡ଼ି ବହଳରେ ମଳି ବସିଛି ।' ପୁଣି ଦେବଦେବୀ ବର୍ଣ୍ଣନାରେ ଶିବ - "ନାଗଆଭରଣ, ଜଟାଆଭରଣ ହେଲେ । ବୃଷଭ ଆରୋହୀ ପାର୍ବତୀଙ୍କ କୋଳେ ଧଇଲେ । ସଚରାଚର ବୁଲା ବିଜେ କଲେ ।" ତାନ୍ତ୍ରିକ ସମ୍ପର୍କରେ- "ମୁହଁରେ ସାତହାତ ଲମ୍ବା ଦାଢ଼ି, ଗୁଡ଼ାଇ ଗୋଛାକରି ବାନ୍ଧିଛି । କାନ୍ଧରେ ଝୁଲାମୁଣି, ହାତରେ ଆଶାବାଡ଼ି ।" ଅସୁରର ବର୍ଣ୍ଣନା - "ତାଳଗଛ ପରି ଡେଙ୍ଗା, ଶାଳ ଗଛ ପରି ଲମ୍ବା ତାର ହାତ, ଗୋଟାଏ ପୋଖରୀ ପରିପାଟି, ଗୁଆଖୋଡ଼ପା ଲହଲହ ଜିଭ ।' ସୁନ୍ଦରୀ ନାରୀର ରୂପ- "ଖଣ୍ଡାମୂନ ନାକକୁ ପଦ୍ମପାଖୁଡ଼ା ଆଖି, ଗାଲର ଗୋଲାପୀ ନାଲିକୁ ଓଠରେ ଶିରୀଷ ପାଖୁଡ଼ା ପରି ହସ ।"

ଲୋକକାହାଣୀରୁ ଏହିପରି ବିଭିନ୍ନ ବର୍ଣ୍ଣନା ଦେଖିବାକୁ ମିଳେ । ଯାହା କଥାକାରର ନୈସର୍ଗ କଳ୍ପନାରୁ ଚମତ୍କାର ଅଭିବ୍ୟକ୍ତି ଦେଇଛି ।

**ରସପରିଚର୍ଯ୍ୟା :-** ଲୋକକାହାଣୀରେ ବିଭିନ୍ନ ରସର ଅବତାରଣା ଘଟିଥିବା ଦେଖିବାକୁ ମିଳେ । ବିଶେଷ ଭାବରେ ଶୃଙ୍ଗାର ରସ, ବୀର ରସ, କରୁଣ ରସ, ହାସ୍ୟ ରସ, ଭୟାନକ ରସ, ବାତ୍ସଲ୍ୟ ରସ ଆଦିର ସୁନ୍ଦର ପରିପ୍ରକାଶ ଏଥିରେ ଘଟିଛି । ନାରୀ ରୂପ ବର୍ଣ୍ଣନାରେ ଏବଂ ସମୟେ ସମୟେ ନାୟକ ନାୟିକାମାନଙ୍କର ପ୍ରୀତିପୂର୍ଣ୍ଣ କଥା ଓ କ୍ରିୟାରେ ଶୃଙ୍ଗାର ରସ ପ୍ରକାଶିତ ହୋଇଛି । ଉଜ୍ଜ୍ୱଳବତୀ କନିଆ କଥା, ବିଲପାଣି କଥା, ଦି'ଭାଇବୁଢ଼ୀ ଅସୁରୁଣୀ କଥାରୁ ବୀରରସର ସୂଚନା ଅତି ସ୍ପଷ୍ଟ । ହାସ୍ୟ ରସର ଅପୂରନ୍ତ ଉଚ୍ଛ୍ୱାସ 'ଗଟମାନା' ତାଳଗୋଟମା', 'କାଲକୋଇଁ', 'ଘୋଡ଼ାଡିମ୍ବ କଥା', 'ଅଳସୁଆ ଗପ', 'କୁଣିଆଙ୍କୁ ଠେଙ୍ଗା' ଆଦି ଗଳ୍ପରେ ଦେଖିବାକୁ ମିଳେ । କରୁଣ ରସପ୍ରବାହ 'ଯାହାଲାଖିଯିଏ', 'ତଅପୋଇ କଥା', ବଣମଲ୍ଲୀ କଥା, ଯୋଜନୀ କଥା, ସୁନା ଝରଣା ଆଦି କଥାରୁ ବାରି ହୋଇପଡ଼େ । ଅସୁର ଅସୁରୁଣୀଙ୍କ ଭୟାନକ ରୂପ ବର୍ଣ୍ଣନା ଓ କାର୍ଯ୍ୟକଳାପ ସ୍ୱତଃ ଭୟାନକ ରସ ସୃଷ୍ଟିରେ ସହାୟତା କରିଥାଏ । ସେହିପରି ଯୋଜନୀ କଥା, ପଦ୍ମଫୁଲ ହୀରାଗଛ, ସପନକଥା ନୁହେଁ, ମିଛ, ଆ'ରେ ଆରେ କେଶରୀ, ମୂଷା କନିଆ କଥା, ଆଦିରୁ ବାତ୍ସଲ୍ୟ ରସର ପରିଚୟ ମିଳିଥାଏ । ଏହା ବ୍ୟତୀତ କୁହୁକ କରାଟ, ମନପବନ ମଣ୍ଡପ, କଷଟି କରାଳ ଫୁଲ, କୁହୁକ

ଟିପ୍ପଣୀ

ଖଣ୍ଡା, କୁହୁକ ଶଙ୍ଖ, କୁହୁକ ପଲମ ଆଦିର ଅଦ୍ଭୁତକର୍ମ ଅଦ୍ଭୁତ ରସ ସୃଷ୍ଟିରେ ସହାୟକ ହୋଇଥାଏ । ଏହିପରି ବିଚାର କଲେ 'ଲୋକ କାହାଣୀ'ରେ ବିଭିନ୍ନ ରସର ଅପୂର୍ବ ବିଳାସ ଲକ୍ଷ୍ୟକରି ହୋଇଥାଏ ।

**ସାଙ୍ଗୀତିକତା :-** ଲୋକ କାହାଣୀକୁ ରସସ୍ନିଗ୍ଧ ଓ ରୁଚିପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ କାହାଣୀରେ ମଝିରେ ମଝିରେ ସଙ୍ଗୀତମାନ ସଂଯୋଜନା କରାଯାଇଛି । ଏହାଦ୍ୱାରା ଶ୍ରୋତାମନରେ କାହାଣୀ ଏକ ବଳିଷ୍ଠ ପ୍ରଭାବ ପକାଇପାରିଛି । ଏହି ସଂଗୀତଗୁଡ଼ିକ ପୁଣି କଥାବସ୍ତୁ ସହିତ ସମତା ରକ୍ଷାକରି ଗତି କରିଥିବାରୁ କାହାଣୀଠାରୁ ଏହା ପୃଥକ୍ ବୋଲି କେବେ ମନେ ହୁଏନାହିଁ । ଏହି ସଂଗୀତଗୁଡ଼ିକରେ ଚାତୁର୍ଯ୍ୟୋକ୍ତି ପ୍ରକାଶ ପାଇବା ସଂଗେ ସଂଗେ କାହାଣୀର ଗତିକୁ ତ୍ୱରାନ୍ୱିତ କରିଛି । ସଙ୍ଗୀତ ସହିତ ମଣିଷର ଜନ୍ମଗତ ସମ୍ପର୍କ ସ୍ଥାପିତ ହୋଇଥିବାରୁ କାହାଣୀରେ ଏହାର ସଂଯୋଜନା ଅସଙ୍ଗତବୋଧ ହୋଇନାହିଁ । ଏହା ଏକ କାହାଣୀ ଆଦର୍ଶ ଭାବରେ ପ୍ରଚଳିତ ଥିଲା । 'କାଞ୍ଚନବତୀ' କଥାରେ ଭାଇଦ୍ୱାରା ନିହତା 'କାଞ୍ଚନ ବୃକ୍ଷ' ରେ ପରିଣତ ହେଲା ପରେ ବାରିକ ଫୁଲ ତୋଳିବା ସମୟରେ ଗଛଟି କହିଛି–

"ଥିରି ଥିରି କରି ତୋଳରେ ବାରିକ
ଗଛରୁ ପତର ଝଡ଼େଟି
ମୋ' ଭାଇ ମୋତେ ଖଣ୍ଡାରେ ହାଣିଲା
ତହିଁକି ମୋ ଦେହ ଥରେଟି ।"

ଏଥିରୁ କାଞ୍ଚନର ହତ୍ୟାରହସ୍ୟ ଉଦ୍‌ଘାଟନ ହୋଇଛି ଓ କାହାଣୀ ନିଜସ୍ୱ ଗତିପଥରେ ଆଗେଇ ଯାଇଛି । 'ବଣମଲ୍ଲୀ କଥା' ରେ ଭଉଣୀର ରକ୍ତ ଶାଗଭଜାରେ ଲାଗିଥିବାରୁ ତାର ସାଂସର ସ୍ୱାଦ ଚାଖିବା ପାଇଁ ନିଜ ଭାଇ ତାକୁ ବଣରେ ମାରି ଦେଇଛି । ସେଠାରେ ସେ ଗୋଟିଏ ମଲ୍ଲୀ ଗଛରେ ପରିଣତି ହୋଇଯାଇଛି । ତାର ସ୍ୱାମୀ ସେହି ବଣକୁ ଫୁଲ ତୋଳିବାକୁ ଯିବା ପରେ ସେ ରହସ୍ୟ ଉନ୍ମୋଚିତ ହୋଇଛି–

"ପାପିଆ ଭାଇରେ ମହାପାପ କଲୁ
ରାବଣର କାଣ୍ଡ ଆଣି ବୁକୁରେ ବିନ୍ଧିଲୁ
କେ ତୋଳଇ କେ ତୋଳଇ ବଣମଲ୍ଲୀ ଫୁଲ
ତୋଳ ତୋଳ ସ୍ୱାମୀ ନଭାଙ୍ଗି ନଭାଙ୍ଗି ଡାଳ ।"

ଏହା ବ୍ୟତୀତ ଆହୁରି ଅନେକ ଲୋକକାହାଣୀରେ ବିଭିନ୍ନ ସଙ୍ଗୀତର ସଂଯୋଜନା କରାଯାଇ ତାହାକୁ ଶ୍ରୁତିମଧୁର କରାଯିବା ସଂଗେ ସଂଗେ ପାଠକ ଓ ଶ୍ରୋତାଙ୍କ ମନରେ କାହାଣୀ ପ୍ରତି ଆଗ୍ରହ ସୃଷ୍ଟି ପାଇଁ ଉଦ୍ୟମ କରାଯାଇଛି ।

**ଶୈଳୀ ବା ଗଳ୍ପ ଗୁମ୍ଫନ କଳା :-**

କଥାରେ ଅଛି– "ଗାଇ ଜାଣିଲେ ଗୀତ ସୁନ୍ଦର
ବାନ୍ଧି ଜାଣିଲେ ମଥା ସୁନ୍ଦର
କହି ଜାଣିଲେ କଥା ସୁନ୍ଦର ।"

କାହାଣୀର ସମସ୍ତ ଗୌରବ ନିର୍ଭର କରେ କଥକର କଥକତାରେ । କଥକ ଯେଉଁପରି ଚମତ୍କାର ଭାବରେ କଥା କହି ପାରିବ, ସେହି ପରିମାଣରେ ଶ୍ରୋତାର ମନକୁ ଆକୃଷ୍ଟ କରି ପାରିବ । ତଥାପି ଲୋକକାହାଣୀର ଶୈଳୀରେ କେତେକ

ବିଶେଷତ୍ୱ ପରିଲକ୍ଷିତ ହୋଇଥାଏ । ପ୍ରଥମେ ଶ୍ରୋତାର ମନକୁ କାହାଣୀ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ କଥକ ଆରମ୍ଭ କରେ- "ସୁଖ କହିବି ନା ଦୁଃଖ କହିବି ନା'ଅଙ୍ଗେ ଯାହା ନିଭେଇଛି ତାହା କହିବି ।" ଆକସ୍ମିକତାହୀନ ଆରମ୍ଭ ହିଁ ଲୋକ କାହାଣୀର ନିଜସ୍ୱ ଶୈଳୀ । ସ୍ଥାନ ବା ପାତ୍ର ସମ୍ପର୍କୀୟ ଏକ ପରିଚୟାତ୍ମକ ଅନାକର୍ମକ ବାକ୍ୟରୁ କାହାଣୀର ଆରମ୍ଭ ଘଟେ । ସର୍ବାଧିକ ଦ୍ୱନ୍ଦ୍ୱ ସଂକୁଳ, ବିପଦଜନକ କୌଣସି ଘଟଣାରୁ ଲୋକକାହାଣୀ ଆରମ୍ଭ ହୁଏ ନାହିଁ । ସମାପ୍ତି ମଧ ବିଧିବଦ୍ଧ ଘଟେ । ସମସ୍ତ ଘଟଣାର ସୁସମାଧାନ ପରେ କାହାଣୀ ସରେ । ଆଉ କିଛି ଘଟିପାରେ ବା ଘଟିବ- ଏ କୌତୂହଳର ଅବକାଶ ନଥାଏ ।

ଉପସ୍ଥାପନାଗତ ଚମତ୍କାରିତା ଲୋକ କାହାଣୀର ଅନ୍ୟତମ ବୈଶିଷ୍ଟ୍ୟ । ସେପରି ରାଜାପୁଅ ଚାଲିଚି ତ ଚାଲିଚି । କୌଣସି ପଶୁପକ୍ଷୀ ବା ଅସୁରମାନଙ୍କ ବିବରଣୀ ପ୍ରଦାନବେଳେ ଲୋକ କାହାଣୀରେ ଏହା ଏପରି ଆନ୍ତରିକତାର ସହିତ ଉପସ୍ଥାପିତ ହୋଇଥାଏ, ଯଦ୍ୱାରା ପାଠକ ବା ସ୍ରୋତା ମନରେ ଏକ ବାସ୍ତବ ଅନୁଭୂତିର ସଞ୍ଚରଣ ଘଟେ । ଉଦାହରଣ ସ୍ୱରୂପ ଅସୁରୁଣୀ ବିଷୟରେ କହିବାକୁ ଗଲାବେଳେ କଥାକୁ ଆରମ୍ଭ କରିଥାଏ 'ଅସୁରୁଣୀର ମୂଳାପରି ଦାନ୍ତ' । ନଡ଼ିଆ ଗଛକୁ ଦାନ୍ତକାଠି କରେ । ଜିଭଛେଲା କରେ ବାଉଁଶ ଫାଳ । ବକତକେ ଦି'ହଣ୍ଡା ଭାତ ହଣ୍ଡାଏ ତିଅଣ ଖାଏ । ଏହା ମାଧ୍ୟମରେ ଏକ କାଳ୍ପନିକ ରୂପ ଶ୍ରୋତା ଆଗରେ ନାଚିଉଠେ ।

ବୌଦ୍ଧିକ ଚାତୁରୀ :- ଲୋକକାହାଣୀର ବହୁ ସ୍ଥଳରେ ପ୍ରଶ୍ନ ଉତ୍ତର ଛଳରେ ବୌଦ୍ଧିକ ଚାତୁର୍ଯ୍ୟୋକ୍ତି ପ୍ରକାଶ ପାଇଛି । ଏହାଦ୍ୱାରା ଶ୍ରୋତାକୁ କିଛି ସମୟ ମସ୍ତିଷ୍କ ଚାଳନା କରିବାକୁ ପଡ଼ିଥାଏ । ଅନ୍ୟ କେତେକ ସ୍ଥଳରେ ଉପଦେଶ ଛଳରେ ବୌଦ୍ଧିକ ଉତ୍ତର ଦିଆଯାଇଥାଏ, ଯାହାର ସମାଧାନ ପାଇଁ କାହାଣୀର ଚରିତ୍ରମାନେ ପଣ୍ଡିତମାନଙ୍କର ସହାୟତା ଲୋଡ଼ିଥାନ୍ତି । ଏହାଦ୍ୱାରା କାହାଣୀ ସ୍ରଷ୍ଟାର ପାଣ୍ଡିତ୍ୟ ଓ ବହୁଶାସ୍ତ୍ରଦର୍ଶିତାର ପରିଚୟ ମିଳିଥାଏ । ବ୍ୟଞ୍ଜନା ମାଧ୍ୟମରେ ବକ୍ତବ୍ୟ ଉପସ୍ଥାପନ କରିବାର ପରମ୍ପରା ଓଡ଼ିଶାରେ କେତେ ପ୍ରାଚୀନ, ତାହା ଉକ୍ତ କାହାଣୀଗୁଡ଼ିକରୁ ଜାଣି ହୋଇଥାଏ । ବିଶେଷ ଭାବରେ ଏହି ବୌଦ୍ଧିକ ପ୍ରଶ୍ନର ସମାଧାନ ମନ୍ତ୍ରୀପୁଅ ବା ପଣ୍ଡିତ ପୁଅମାନଙ୍କ ଦ୍ୱାରା ହିଁ ସମାଧିତ ହୋଇଥାଏ । "ଧାନଟି ଭିତରେ ଚାଉଳଟିଏ, ଅଗାଡ଼ି ଭିତରେ କିଏ ?" କାହାଣୀରେ ରାଜକନ୍ୟା ରାଜପୁତ୍ର ଆଡ଼କୁ ଦାନ୍ତ ଦେଖାଇ ହସି, ବାଳ ଝାଡ଼ି, କୋଶଳାଶାଗ ଫୋପାଡ଼ିଦେଇ ଚାଲିଯିବାରୁ ରାଜପୁଅ ଏହାର ଅର୍ଥ କିଛି ବୁଝିପାରି ନାହିଁ । ମାତ୍ର ମନ୍ତ୍ରୀପୁଅ ଏହି ସାଙ୍କେତିକ ଭାଷାର ଅର୍ଥ ବୁଝାଇ କହିଛି- ଦାନ୍ତ ଦେଖାଇବାର ଅର୍ଥ ସେ ଦନ୍ତବକ୍ର ରାଜାଙ୍କ ଝିଅ । ବାଳ ଝାଡ଼ିବାର ଅର୍ଥ- ବାଳମତୀ କନ୍ୟା ଓ କୋଶଳାଶାଗ ଫୋପାଡ଼ିବାର ଅର୍ଥ-କୁଶଳ ଦ୍ୱୀପରେ ତାର ଘର ।

'ବାଳ ମୁକୁଳା ଛାଇ'ରେ ଝିଅଟି ବିଦେଶୀ ଯୁବକକୁ ନିଜର ପରିଚୟ ସାଙ୍କେତିକ ଭାଷାରେ ଦେଇ କହିଛି- 'ବାଳ ମୁକୁଳା ଛାଇ, ଶୀତଳ ଛାମୁଣ୍ଡା ଘର, ଶୀତ ନ ଛାଡ଼ିବ ନିଆଁ । ଏହାର ଅର୍ଥ ହେଉଛି- ବାଳ ମୁକୁଳା ଛାଇ ଖଜୁରି ଗଛ । ଶୀତଳ ଛାମୁଣ୍ଡା ଘର - ଛାମୁଣ୍ଡିଆ ବା ଭାଡ଼ି, ଶୀତ ନଛାଡ଼ିବା ନିଆଁ-ବଣିଆ ଘର ଉହ୍ମେଇ ନିଆଁ ଅର୍ଥ ହେଲା- ସେ ହେଉଛି ବଣିଆ ଘର ଝିଅ ଓ ତାଙ୍କ ଘରଆଗରେ ଖଜୁରି ଗଛଟି ଅଛି ଏବଂ ଛାମୁଣ୍ଡିଆ ବନ୍ଧା ଯାଇଛି । ନିଜ ବଂଶ ତଥା ଘରର ସ୍ପଷ୍ଟ ପରିଚୟ ଏଥିରେ ରହିଛି ।

'ଆଖି ଉପରେ ପକ୍ଷୀ' ଗଳ୍ପରେ ବୋହୂ ମହାଜନକୁ ନିଜ ଘରର ପରିଚୟ ଦେଇ କହିଛି- 'ଆଖି ଉପରେ ପକ୍ଷୀ, ନଖ ଉପରେ ଲାଖ, ଆୟ ଯେତିକି ବ୍ୟୟ ସେତିକି, ଅନ୍ତ ଉପରେ ଦାନ୍ତ ।' ଆଖି ଉପରେ ପକ୍ଷୀର ଅର୍ଥ- ଯାହା ଦୁଆରେ ନଡ଼ିଆ ଗଛ ରହିଛି । ନଖ ଉପରେ ଲାଖ- ମଞ୍ଜୁଆତି ଗଛ ମଧ ରହିଛି । ଆୟ ଯେତିକି ବ୍ୟୟ ସେତିକି- ଘର ଆଗରେ କୂଅ । ଅନ୍ତ ଉପରେ ଦାନ୍ତ- ଘର ଆଗରେ ପଣସ ଗଛ ଅଛି ।

ଟିପ୍‌ପଣୀ

ଏହିପରି ବହୁ ଉଦାହରଣ ଦିଆଯାଇପାରେ । ଏହା ଲୋକଗଳ୍ପ କଥକର ନିଜସ୍ୱ ବୌଦ୍ଧିକ ବିଳାସ କହିଲେ ଅତ୍ୟୁକ୍ତି ହେବନାହିଁ ।

**ଲୋକକାହାଣୀରେ ଉପମା, ପ୍ରତୀକ ଓ ଚିତ୍ରକଳ୍ପ :-** ଲୋକକାହାଣୀ ଗୁଡ଼ିକରେ 'ଉପମା' ର ବହୁଳ ପ୍ରୟୋଗ ହୋଇଥିବାର ଦେଖିବାକୁ ମିଳେ । ଉପମା ସାଧାରଣତଃ ବାଦ୍ୟବସ୍ତୁର ସାଦୃଶ୍ୟ ସହିତ ସମ୍ପର୍କ ରକ୍ଷାକରି ଗତି କରିଥାଏ । ଉପମେୟ ସହିତ ଉପମାନର ସମ୍ବନ୍ଧ କଥିତ ହେଲେ ବା ସାଦୃଶ୍ୟ ସୂଚିତ ହେଲେ ଉପମା ହୋଇଥାଏ । ଏହା କାବ୍ୟଧର୍ମୀ ବର୍ଣ୍ଣନା । କବିତାରେ ଏହାର ବହୁଳ ପ୍ରୟୋଗ ହୋଇଥିଲେ ହେଁ ଲୋକକାହାଣୀରେ ଏହାର ଅଭାବ ନାହିଁ । ନିମ୍ନରେ କେତୋଟି ଉଦାହରଣ ଦିଆଗଲା-

'ମାଦଳ କଥା'ରେ ଜେଜେମା'ଙ୍କର ରୂପ ବର୍ଣ୍ଣନା ପ୍ରସଙ୍ଗରେ ଉପମାର ପ୍ରୟୋଗ ହୋଇଛି, ଯେପରି- 'ତାଙ୍କର ଗୋଟିଏ ବୋଲି ଜେମା, ଚନ୍ଦ୍ର ଉଦିଆପରି ରୂପ, ସୂର୍ଯ୍ୟମୁଖୀ ପରି ମୁହଁରେ ବିଜୁଳି ହସ ।'

'ଉଜ୍ଜ୍ୱଳବତୀ କନିଆ'ରେ- ଖଣ୍ଡାମୁନ ନାକକୁ ପଦ୍ମପାଖୁଡ଼ା ଆଖି, ଗାଲରେ ଗୋଲାପୀ ନାଲିକୁ ଓଠରେ ଶିରୀଷ ପାଖୁଡ଼ା ପରି ହସ ।' ପୁଣି କଳା ବ୍ରାହ୍ମଣ କାନ୍ଧରେ ଧଳା ପଇତାର ଉପମା ଦେଇ କୁହାଯାଇଛି-

'କଳା ମେଘେ ଧଳା ଜହ୍ନ
କାଳିଆ ମୁଣ୍ଡେ ଚନ୍ଦନ ।'

ଏସବୁ ସାର୍ଥକ ଉପମା ପ୍ରୟୋଗ ସାହିତ୍ୟିକ ମର୍ଯ୍ୟାଦା ବୃଦ୍ଧି କରିଛି ।

ଲୋକକାହାଣୀରେ ପ୍ରତୀକର ଅଭାବ ନାହିଁ । ଏ ବିଶ୍ୱ ହେଉଛି ପ୍ରତୀକମୟ । ଆମେ ଯେଉଁ ବିଶ୍ୱରେ ବସବାସ କରୁଛୁ ତାହା ମଧ୍ୟ ଏକ ପ୍ରତୀକ । ପ୍ରତୀକ ମାଧ୍ୟମରେ ଅରୂପ ରୂପ ଲାଭକରେ । ଲୋକକାହାଣୀରେ ବ୍ୟବହୃତ ହୋଇଥିବା ବିଭିନ୍ନ ପ୍ରାଣୀ ଓ ପଶୁପକ୍ଷୀ ଭିନ୍ନ ଭିନ୍ନ ଅବସ୍ଥା ବା ଅନ୍ୟାନ୍ୟ ବିଭିନ୍ନ ବସ୍ତୁର ପ୍ରତୀକ ରୂପେ ପ୍ରକଟିତ । ଶୃଗାଳ ଧୂର୍ତ୍ତତାର ପ୍ରତୀକ, ଗାଈ ସତ୍ୟ ଓ ନ୍ୟାୟର ପ୍ରତୀକ, କପୋତ ଶାନ୍ତ ଓ ନିରୀହତାର ପ୍ରତୀକ, ବ୍ୟାଘ୍ର ହିଂସ୍ରତାର ପ୍ରତୀକ, ଓଟ ସରଳତାର ପ୍ରତୀକ, କୁଆ ଶଠତାର ପ୍ରତୀକ, ମୟୂର ସୁନ୍ଦରତାର ପ୍ରତୀକ, ଶୁଆ ମଧୁରତାର ପ୍ରତୀକ, ସୁନା ଝରଣା, ସୁନା ଚଢ଼େଇ ଆଦି ଐଶ୍ୱର୍ଯ୍ୟର ପ୍ରତୀକ ଭାବରେ ବ୍ୟବହୃତ ।

ଓଡ଼ିଆ ଲୋକକାହାଣୀ କବି ନହେଲେ ହେଁ ଏଥିରେ ଚିତ୍ରକଳ୍ପର ଯଥାର୍ଥ ପ୍ରୟୋଗ ହୋଇଥିବାର ଲକ୍ଷ୍ୟ କରାଯାଇପାରେ । ଚିତ୍ରକଳ୍ପର ଉଦ୍ଦେଶ୍ୟ ସମନ୍ୱୟ ସୃଷ୍ଟି କରିବା । ଡକ୍ଟର ଦାଶରଥି ଦାଶଙ୍କ ଭାଷାରେ – ସାଧାରଣ ଦୃଷ୍ଟି ଓ ବିଚାର ଯେଉଁଠି କାର୍ଯ୍ୟକାରଣ ଘଟିତ କୌଣସି ଯୋଗସୂତ୍ର ପାଏ ନାହିଁ, ଚିତ୍ରକଳ୍ପ ସେଠାରେ ସ୍ୱଚ୍ଛନ୍ଦ କଳ୍ପନା ବଳରେ ଆମ ଅଲକ୍ଷ୍ୟରେ ସମ୍ବନ୍ଧ ପାତି ଦେଇଥାଏ । ପୂର୍ବ ଘୋଷିତ ଧାରଣାରେ ତାହାର ବିଶ୍ୱାସ ନାହିଁ । ଇମ୍ପ୍ରେଶନିଷ୍ଟ ଛବିପରି ତାର ବିଶ୍ୱାସ ଆଖିଦେଖା ସତ୍ୟରେ । ପ୍ରତିମୁହୂର୍ତ୍ତରେ ପଳାୟନ ପର ଉପଲବ୍ଧିକୁ ତାହା ଧରିବାକୁ ଚାହେଁ ।" ଲୋକକାହାଣୀରେ ଏମିତି କେତେକ ଭାବ, ବସ୍ତୁ ଏବଂ ଚିନ୍ତାର ସମ୍ମିଶ୍ରଣ ଘଟିଛି ଗୋଟିଏ ଗୋଟିଏ ଚିତ୍ରକଳ୍ପ ମାଧ୍ୟମରେ । 'ସାଲୁକୁମ୍ବର ଆଉ ନାଗନାଗୁଣୀ କଥା'ରେ ତୀର୍ଯ୍ୟକ୍ ଖରାର ବର୍ଣ୍ଣନା ଦେବାକୁ ଯାଇ 'ଛୁରୀ ଦାଡୁଆ ଖରା' ଶବ୍ଦଟିର ବ୍ୟବହାର କରାଯାଇଛି । ଦାଡୁଆ ଛୁରୀ ସହିତ ଖରା କୌଣସି ସାଦୃଶ୍ୟଗତ ସାମ୍ୟ ନାହିଁ । ମାତ୍ର ଭାବଦୃଷ୍ଟିରୁ ବିଚାର କଲେ ମାନସିକ ସ୍ତରରେ ଏହାର ସମ୍ପର୍କ ବିଦ୍ୟମାନ । ଦାଡୁଆ ଛୁରୀର ଆଘାତ ଯେପରି ଯନ୍ତ୍ରଣାଯୁକ୍ତ ଏ ଖରା ମଧ୍ୟ ସେହିପରି ପୀଡ଼ାପ୍ରଦ । ଭାବଦୃଷ୍ଟିରୁ ଏ ଦୁଇଟି ମଧ୍ୟରେ ସଂପର୍କ ରହିଥିବାରୁ ଏହାକୁ ଚିତ୍ରକଳ୍ପ ପର୍ଯ୍ୟାୟଭୁକ୍ତ କରାଯାଇପାରେ ।

ସେହିପରି 'ରଙ୍ଗଣୀ ପାଖୁଡ଼ା ପରି କଅଁଳିଆ ଖରା', ରାଜାଙ୍କର, ଗହମ ନିଦ' ଜାଙ୍ଗୁଲୁ ରାତି ଇତ୍ୟାଦିକୁ ବିଚାରକୁ ନିଆଯାଇପାରେ । ଟିପ୍ପଣୀ

ନାଟକୀୟତା :- ଲୋକକାହାଣୀର ଉପସ୍ଥାପନାରେ ବେଳେବେଳେ ନାଟକୀୟତାର ସ୍ପର୍ଶ ଅନୁଭବ କରି ହୋଇଥାଏ । ଏହା ଶ୍ରୋତା ଓ ପାଠକର ଉତ୍କଣ୍ଠାକୁ ବୃଦ୍ଧି କରେ । 'ଆସ ଗୋ ଆସ ଗୋ କଲରେଇ ଫୁଲ' କାହାଣୀର ଆରମ୍ଭରେ ଏହି ନାଟକୀୟତା ଲକ୍ଷ୍ୟ କରିହୁଏ । ଯଥା - "ଭାଇର ନାଆଁ କଣ କିଏ ଜାଣେ ? ଭଉଣୀର ନାଆଁ ପୁଣି କିଏ ନ ଜାଣେ ? କଲରାଫୁଲକୁ ଚାହିଁଦେଲେ ତ ମନେ ପଡ଼ିଯିବ- କଲରେଇ ଫୁଲ ।" ଏଠାରେ ସ୍ରଷ୍ଟା ସିଧା କଲରେଇ ଫୁଲର ନାଁ ପ୍ରକାଶ ନ କରି ଏକ ଭୂମିକା ଦ୍ୱାରା ନାଟକୀୟତା ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି । 'ସାରୁକୁମର ଆଉ ନାଗ, ନାଗୁଣୀ କଥା'ରେ ଅନ୍ୟ ଏକ ବର୍ଣ୍ଣନାରେ ନାଟକୀୟତାର ସ୍ପର୍ଶ ବେଶ୍ ସ୍ପଷ୍ଟ । ଯେପରି- 'କେତେ କାଳ ବୋହିଗଲାଣି, କିଏ କହିବ ? ଜଣେ ରାଜା ଥାନ୍ତି । ରାଜା ବୋଇଲେ ତାଙ୍କର ଗୋଟିଏ ରାଜ୍ୟ ଥାଏ, ରାଜ୍ୟ ବୋଇଲେ ସେଠି ବହୁତ ପ୍ରଜା ଥାଆନ୍ତି, ଲୋକଲେ ଏମିତି ସେମିତି ନୁହଁନ୍ତି, ବହୁ ଅଘଟଣ ଘଟେଇ ପାରନ୍ତି । ବାଟୋଇ ଗଲେ ଆଶ୍ଚର୍ଯ୍ୟ କଥାସବୁ ଦେଖେ ।" ଏହା ବ୍ୟତୀତ ଆଉ କେତେକ କାହାଣୀରେ ସଂଳାପ ପ୍ରୟୋଗ କରାଯାଇ ନାଟକୀୟତା ସୃଷ୍ଟି କରାଯାଇଛି ।

**ଭାଷା :-** ଲୋକକାହାଣୀର ଭାଷା ସରଳ ଓ ଭାବର ବାହାକ । ଏହା କହିବା ଲୋକର ଭାଷା ହୋଇଥିବାରୁ ଭାଷା ଜ୍ଞାନର ସଠିକ୍ ଆକଳନ କରାଯାଇ ନ ପାରେ ।

ଏସବୁ ଆଲୋଚନାରୁ ସ୍ପଷ୍ଟ ହୁଏ ଯେ ଲୋକକାହାଣୀ ସାହିତ୍ୟିକ ମୂଲ୍ୟ ବିବର୍ଜିତ ନୁହେଁ । ଏହାର ପ୍ରତିଟି ପାହାଚରେ ଚାତୁର୍ଯ୍ୟ ନିହିତ ଥିବାରୁ ଏହାର ସାହିତ୍ୟିକ ମୂଲ୍ୟ ସ୍ୱୀକାର୍ଯ୍ୟ ।

## ଲୋକକାହାଣୀର ସାମାଜିକ ଉପାଦେୟତା :

ଓଡ଼ିଆ ଲୋକକାହାଣୀ ବିଭିନ୍ନ ଅଲୌକିକତା ଏବଂ ଅସମ୍ଭବ ତଥା ଅବାସ୍ତବତାକୁ ଉପଜୀବ୍ୟ କରି ସୃଷ୍ଟି ହୋଇଥିଲେ ହେଁ ସମାଜ ଜୀବନର ବହୁ ବିଷୟ ଏଥିରେ ରୂପପାଇଛି । ସାମାଜିକ ମଣିଷର କାହାଣୀ ପ୍ରିୟତାର ଲୋକଗଳ୍ପ ଯେପରି ମୂର୍ତ୍ତ ପ୍ରତୀକ ଠିକ୍ ସେହିପରି ସାମାଜିକ ଚେତନାରେ ଏହା ଜୀବନ୍ତ ନିଦର୍ଶନ । ଲୋକଗଳ୍ପ ବହୁ ସମୟରେ ଅସମ୍ଭବ କଳ୍ପନା-ବିଳାସର ପରିଚୟ ଦେଉଥିଲେ ହେଁ ସେହି ଅସମ୍ଭବ ବର୍ଣ୍ଣନା ବୈଚିତ୍ର୍ୟ ମଧ୍ୟରେ ସାମାଜିକ ସ୍ୱରୂପକୁ ଉଦ୍‌ଘାଟନ କରାଯାଇଥାଏ । ଲୋକକାହାଣୀ ସ୍ରଷ୍ଟା ସଚେତନ ଭାବରେ ସାମାଜିକ ଜୀବନକୁ ରୂପାୟିତ କରିବାକୁ ଚାହିଁ ନ ଥିଲେ ମଧ୍ୟ ସେମାନଙ୍କ ଅଜାଣତରେ ସେହି ସମାଜର ବହୁକଥା ଏଥିରେ ରୂପ ଲାଭ କରିଅଛି । ତତ୍କାଳୀନ ସମାଜର ବହୁ ପ୍ରଥା, ନୀତିନିୟମ, ହାବଭାବ, ବିଶ୍ୱାସବୋଧ ଏଥିରେ ରୂପ ଲାଭ କରିଛି । ତେଣୁ କେବଳ ସାମୟିକ ଆନନ୍ଦପ୍ରାପ୍ତି ପାଇଁ ନୁହେଁ, ସେ ସମାଜର ସଂପୂର୍ଣ୍ଣ ନ ହେଲେ ବି କିଛିଟା ସ୍ୱରୂପ ଏଥିରେ ପ୍ରକାଶ ଲାଭ କରିଛି । ତାହାକୁ ଆଧାର କରି ଲୋକକାହାଣୀରେ ପରିବ୍ୟକ୍ତ ହେଉଥିବା ସାମାଜିକତାକୁ ଆଲୋଚନା କରାଯାଇପାରେ । ମାତ୍ର ଏଠାରେ ସ୍ମରଣୀୟ ଯେ, ବହୁ ଅଲୌକିକତା ମଧ୍ୟ ଦେଇ ଲୋକସମାଜର ସାରଲ୍ୟ, ଉତ୍ସୁକତା ଓ ଜୀବନ ପ୍ରତି ଆଶାବାଦୀ ଦୃଷ୍ଟିଭଙ୍ଗୀ ଏହି କାହାଣୀଗୁଡ଼ିକୁ ସାମାଜିକ ମର୍ଯ୍ୟାଦା ପ୍ରଦାନ କରିପାରିଛି ।

**ଧର୍ମଧାରଣା :-** ଧର୍ମଧାରଣା ହେଉଛି ଉତ୍କଳୀୟ ଜୀବନର ପ୍ରାଣ ଉଚ୍ଛ୍ୱାସ । ଅତୀତରେ ଧର୍ମ ହିଁ ଲୋକଜୀବନକୁ ସଂଗଠିତ କରି ରଖିବାରେ ସମର୍ଥ ହୋଇଥିଲା । ଧର୍ମକୁ ଛାଡ଼ି ସେ ଅଲଗା କିଛି ହିଁ କରିପାରୁ ନ ଥିଲା । ଈଶ୍ୱରଙ୍କ ଉପରେ

ଟିପ୍ପଣୀ

ଅସୀମ ବିଶ୍ୱାସ ମଣିଷକୁ ଶାନ୍ତିପ୍ରିୟ ଓ ସରଳ ଜୀବନଯାପନ ପାଇଁ ପ୍ରେରଣା ଦେଇଥିଲା । ସେଥିପାଇଁ ସେ ଦେବଦେବୀ ଉପାସନା, ଓଷାବ୍ରତ ଆଦି ପାଳନ କରୁଥିଲା । ନିଜର ଅଭିଷ୍ଟ ସିଦ୍ଧିପାଇଁ ସେ ଏ ସବୁ କରୁଥିଲା । ସନ୍ତାନ ଲାଭ, ପାରିବାରିକ ସୁଖ, ସମାଜ ମଙ୍ଗଳ, ପୁଣ୍ୟ ଅର୍ଜନ ନିମନ୍ତେ ଏସବୁ ପ୍ରଚଳିତ ଥିଲା ଓ ଏବେ ମଧ୍ୟ ଅଛି । ଅନେକ ପୌରାଣିକ କାହାଣୀ, ମାହାତ୍ମ୍ୟ ତଥା ଓଷାବ୍ରତ କଥାଗୁଡ଼ିକରେ ପଲ୍ଲୀମଣିଷର ନିଷ୍କପଟ ହୃଦୟର ଚିତ୍ର ପ୍ରତିଫଳିତ । ସୋମନାଥ ବ୍ରତ, କୁକୁଟୀ ବ୍ରତ, କଉଡ଼ିଆ ବିନାୟକ ବ୍ରତ, ଜହ୍ନିଓଷା, ବୁଧେଇ ଓଷା, ମଙ୍ଗଳବାର ଓଷା ନାରଳଚଉଠି ଓଷା, ଦ୍ୱିତୀୟା ଓଷା, ପୌଷ ରବିବାର ଓଷା ଆଦିରେ ଏହି ସରଳ ଜୀବନର ନିଷ୍କପଟ ଅଭିବ୍ୟକ୍ତି ସ୍ପଷ୍ଟ । ତେବେ ମଣିଷ ବିଚାର ହେଉ ଦେବତା ବିଚାର ହେଉ, ଯୋଜନୀ କଥା, ବଣମଲ୍ଲୀ, ଚତୁରୀ ରତ୍ନାବତୀ, ଯାହାଲାଖିଥିବ, ମଣିଷକୁ ବିଶ୍ୱାସ ନାହିଁ । ଆଦି ଗଳ୍ପରେ ଏହି ଧର୍ମ ଭାବନା ସହିତ ଉଚ୍ଚ ଆକାଂକ୍ଷା ବିଦ୍ୟମାନ । ଏଥିରୁ ଓଡ଼ିଆମାନଙ୍କର ସାମାଜିକ ଜୀବନରେ ଧର୍ମର ପ୍ରଭାବ ରହିଥିଲା ବୋଲି ସ୍ପଷ୍ଟ ହୋଇଥାଏ ।

କର୍ମବାଦ ଓ ଭାଗ୍ୟବାଦ :- କର୍ମ ଓ ଭାଗ୍ୟ ଉପରେ ଓଡ଼ିଆମାନେ ଗଭୀର ବିଶ୍ୱାସୀ । କର୍ମବିନା ଗତି ନାହିଁ ଏବଂ ମଣିଷ ଭାଗ୍ୟ ହସ୍ତରେ କ୍ରିଡ଼ନକ- ଏଇ ଭାବନା ଅସ୍ଥିମଜ୍ଜାଗତ । ପୌରୁଷ ଏବଂ ବିଦ୍ୟାର ଊର୍ଦ୍ଧ୍ୱରେ ଭାଗ୍ୟ ଏବଂ କର୍ମର ସ୍ଥାନ । ଏହାର ବହୁ ଉଦାହରଣ ଲୋକଗଳ୍ପରେ ଦେଖିବାକୁ ମିଳେ । 'କର୍ମ ମୋହର ନିଜଗୁରୁ' 'ଦି ଭାଇ' ସବୁ ହରିଗଲା ନା ହରିରଖିବାକୁ ରହିଲା, ଯେମିତି କର୍ମକୁ ସେମିତି ଫଳ, ଯେଣେ ଯିବ ତେଣେ ଯା କର୍ମଘେନି ବୁଲୁଥା' ଚାଟ ଘର ପିଲା ଚାଟ' ଆଦି ଗଳ୍ପରେ ଏକ କର୍ମବାଦ ଓ ଭାଗ୍ୟବାଦର ଉଜ୍ଜ୍ୱଳ ଦୃଷ୍ଟାନ୍ତ ନିହିତ । ପୁନଶ୍ଚ ଯେହୁ ଚିନ୍ତଇ ପରମନ୍ଦ, ମୁଣ୍ଡ ଖପୁରୀ କଥା, ଅଜଗର ସାପ ଓ ଜାମୁକୋଳି କଥା, ରାଣୀ ନୁହେଁ ଚନ୍ଦ୍ରକାଣୀ, ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି, ପେଟରୁ କାଟି ଖଣ୍ଡ, ମହାଲକ୍ଷ୍ମୀକି ଦେଖ ଆଦି ଗଳ୍ପରେ ଭାଗ୍ୟବାଦର ଚିତ୍ର ନିହିତ ।

ଖାଦ୍ୟପେୟ :- ଓଡ଼ିଆ ଘରର ବିଭିନ୍ନ ପର୍ବପର୍ବାଣୀ ଓ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଖାଦ୍ୟପେୟର ଦୃଷ୍ଟାନ୍ତ ଲୋକକାହାଣୀମାନଙ୍କରେ ଦେଖାଯାଇଥାଏ । ଏହାଛଡ଼ା ଅଭିଜାତ ପରିବାରର ଖାଦ୍ୟପେୟ ସମ୍ପର୍କରେ ମଧ୍ୟ ଏଥିରେ ସୂଚନା ରହିଛି । 'ମହାବଳ ବାଘ ଓ ଝିଟିପିଟି କଥାରେ ଗରିବ ଶ୍ରେଣୀର ବ୍ୟକ୍ତି ବିଶେଷ ପଖାଳ, କଖାରୁ ଶାଗ ଖାଉଥିବାର ବର୍ଣ୍ଣନା ରହିଛି । ଭାଲୁ ଭାଲୁ କାଣୀ କପାଳ ଫଟୋ ଗଳ୍ପରେ ଗରିବ ଗଉଡ଼ମାନେ ପଖାଳ ଭାତ, ଅନାବନା ଶାଗ, ଆମ୍ବୁଲ, ଲଙ୍କାଲୁଣ ଆଦିକୁ ଖାଦ୍ୟ ଭାବରେ ଗ୍ରହଣ କରୁଥିଲେ । ରାଜା ଓ ଅଭିଜାତ ସଂମ୍ପୂର୍ଣ୍ଣ ବ୍ୟକ୍ତିମାନଙ୍କର ଖାଦ୍ୟ ପଦାର୍ଥ ରୁଚିକର ଓ ମୂଲ୍ୟବାନ ଥିବାର ଜଣାଯାଏ । ସେମାନେ ଦୁଧ, ଘିଅ ଓ ଅନେକ ସୁମିଷ୍ଟ ଖାଦ୍ୟ ଖାଉଥିବାର ଜଣାଯାଏ 'ମୁଁ ହେଇଟି ରଜା ଖାଉଛନ୍ତି କୁଜି ବେଙ୍ଗଟି ଗପରୁ ଜଣାଯାଏ । ମଣିଷ ବିଚାର ହେଉ ଦେବତା ବିଚାର ହେଉ, ଗଳ୍ପରେ ସାଧବାଣୀ ଗର୍ଭ ସମୟରେ ଏଣ୍ଡୁରି, ତେଲଛାଣି ପିଠା, ଚିତଉ ପିଠା, ପୋଡ଼ ପିଠା ଖାଇବାର ସୂଚନା ଅଛି । ଏହା ବ୍ୟତୀତ ଦୁଧ ଗଇଁଠ, ଶାଗ, ମୂଳାକାଞ୍ଜି, ଚାଉଳଭଜା, ଚକୁଳି ପିଠା, ମୁଗମଣ୍ଡା, ମୁଗପଇତି, ଘାଣ୍ଟତିଅଣ, ମାଛମହିଁ ପାଣି ଇତ୍ୟାଦି ଖାଦ୍ୟ ଖାଇବା । ଏସବୁ ପିଠାପଣା ଏବେ ମଧ୍ୟ ଗାଁରେ ହୁଏ ।

**ବେଶପୋଷାକ :-** ଓଡ଼ିଆ ଲୋକ କାହାଣୀରେ ଉଭୟ ଗରିବ ଓ ଅଭିଜାତ ଗୋଷ୍ଠୀର ବ୍ୟବହାର କରୁଥିବା ବେଶପୋଷାକମାନଙ୍କର ପରିଚୟ ପ୍ରଦତ୍ତ ହୋଇଛି । ସାଧାରଣ ସ୍ତ୍ରୀଲୋକ ନାକରେ ନୋଥ, ଗୁଣା, ବସଣି, କାନରେ ନାହୁଲ ଫାଶିଆ, ହାତରେ ଚୁଡ଼ି, ଖଡୁ, ଗୋଡ଼ରେ ବାଙ୍କେଣ ବଳା ଓ ବସ୍ତ୍ର ରୂପେ ଶାଢ଼ି, କରିଆ, ଲେଙ୍ଗୁଟି ଆଦି ବ୍ୟବହାର କରୁଥିଲେ । ଅଭିଜାତ ବଂଶରେ ପାଟ, ସୁନା, ହୀରା ଓ ଜରି ପୋଷାକର ପ୍ରଚଳନ ଥିଲା ।

**ରାଜତନ୍ତ୍ରର ପରିଚୟ :-** ଲୋକକାହାଣୀର ବହୁ ସ୍ଥଳରେ ରାଜତନ୍ତ୍ରର ଯଥେଷ୍ଟ ନିଦର୍ଶନ ରହିଅଛି । ସାଧାରଣ ବ୍ୟକ୍ତିଙ୍କ ଅପେକ୍ଷା ଏହି ଅଭିଜାତ ସଂପ୍ରଦାୟର ଜୀବନ କଥା ଏଥିରେ ବହୁ ପ୍ରକାଶିତ । ସେମାନଙ୍କର ଚରିତ୍ରବତ୍ତା, ବିଳାସମୟ ଜୀବନ, ଖାଦ୍ୟପେୟ ଚାଲିଚଳଣ, କ୍ରିୟାକଳାପ ଆଦି ଯଥାର୍ଥ ଭାବେ ଏଥିରେ ପ୍ରକାଶ ଲାଭ କରିଛି । କାହାଣୀରେ ରାଜାମାନେ ଅତ୍ୟାଚାରୀ ଓ ଏକ ଜିଦିଆ । ସେମାନେ ପର ସ୍ତ୍ରୀ ପ୍ରତି ଆକୃଷ୍ଟ । ମନ୍ତ୍ରୀ ତାଙ୍କର ଅଧିକ ଚତୁର । 'କପୋତ କପୋତି କଥା', 'ଚାରି ସଙ୍ଗାତ କଥା', 'ଯେ ଝିଅ ଲଙ୍କା ଜିଣିଲା' ଆଦି ଗଳ୍ପର ରାଜା, ରାଜତନ୍ତ୍ର, ରାଜକୁମାରୀମାନଙ୍କର ଜୀବନଚିତ୍ର ଦେଖିବାକୁ ମିଳେ ।

**ବିବାହ ବିଧି :-** ଅଳ୍ପ କେତେକ କାହାଣୀକୁ ଛାଡ଼ିଦେଲେ ପ୍ରାୟ ଅଧିକାଂଶ କାହାଣୀରେ କେବଳ ଅଭିଜାତ ସଂପ୍ରଦାୟର ବିବାହ ବିଷୟ ବର୍ଣ୍ଣିତ । ତତ୍କାଳୀନ ସମାଜରେ ଅନୁଷ୍ଠିତ ହେଉଥିବା ଆଡ଼ମ୍ବରପୂର୍ଣ୍ଣ ବିବାହର ଯଥେଷ୍ଟ ନମୁନା ଏଥିରୁ ଦେଖିବାକୁ ମିଳେ । କନ୍ୟାମାନେ ସୁନ୍ଦର ରୂପ ପ୍ରତି ଅଧିକ ଆକୃଷ୍ଟ ହେଉଥିଲେ । ଏହି ସୁନ୍ଦର ରୂପର ଦୁର୍ବଳତା ପାଇଁ କନ୍ୟାମାନେ ରାଜପରିବାରରେ ବିବାହ ନକରି ସାଧାରଣ ସୁସ୍ଥ ସୁନ୍ଦର ଯୁବକଙ୍କୁ ବିବାହ କରୁଥିଲେ । ମଣିଷ ବିଚାର୍ ହେଉ ଦେବତା ବିଚାର ହେଉ ସେ ସାଧବ ପୁଅକୁ ଏହି ହେତୁ ରାଜକୁମାରୀ ବିବାହ କରିଛି । ବିବାହ ବେଳର ବହୁ ସୁନ୍ଦର ଚିତ୍ର ଲୋକକାହାଣୀରୁ ଦେଖିବାକୁ ମିଳେ । କନ୍ୟା ହଳଦୀ ଲଗେଇବା, ଅଳତା, ସିନ୍ଦୁରରେ ମଣ୍ଡିହେବା, ପୁଣି ବିବାହ ଲଗ୍ନରେ ବାଦ୍ୟର ନିର୍ଘୋଷ ଥିଲା ବିଧି । ଏହି ବାଦ୍ୟମାନଙ୍କ ଭିତରେ ଶଙ୍ଖ, ମହୁରୀ, କାହାଳୀ, ଯୋଡ଼ିନାଗରା । ସଧବା ସ୍ତ୍ରୀଲୋକମାନେ ହୁଳହୁଳୀ ପକାନ୍ତି, ହୋମକରି ପୁରୋହିତ ମନ୍ତ୍ରପାଠ କରେ, ହସ୍ତଗଣ୍ଠିପରେ, ବନ୍ଦାପନା ହୁଏ ଆଦି ବିଭିନ୍ନ ଚିତ୍ର ଲୋକଗଳ୍ପରୁ ଦେଖିବାକୁ ମିଳେ । ଭୋଜି ଭାତ, ମାଛ ତରକାରି- ଆନନ୍ଦ ମହୋତ୍ସବରେ ବିବାହ କାର୍ଯ୍ୟ ସମ୍ପନ୍ନ ହୁଏ । ମାଦଳ କଥା, ଦି'ଭାଇ ଯେଣେ ଯିବୁ ତେଣେ ଯା, କର୍ମଘେନି ବୁଲୁ ଥାଆ, ଧରନାଡ଼ୀ ମାର ଠେଙ୍ଗା ଆଦି ଗଳ୍ପରେ ଏହାର ଚିତ୍ର ଅତି ସ୍ପଷ୍ଟ ।

**ସନ୍ତାନପ୍ରାପ୍ତି କାମନା :-** ସନ୍ତାନ ପ୍ରାପ୍ତିର କାମନା ଆମ ଜନଜୀବନରେ ଏକ ସ୍ୱାଭାବିକ କଥା । କାରଣ ଆମ ସମାଜରେ ଯେତେ ଧନବାନ, ଐଶ୍ୱର୍ଯ୍ୟଶୀଳ ବା ପରାକ୍ରମୀ ହେଲେ ହେଁ ଆଣ୍ଟୁକୁଡ଼ାମାନଙ୍କର ମୁଖଦର୍ଶନ କରିବା ପାପ ବୋଲି ଧରି ନେଇଥାନ୍ତି । 'ଯେ ଝିଅ ଲଙ୍କା ଜିଣିଲା' ଗପରେ ଦନ୍ତାହୁଲି ରାଜ୍ୟର ରାଜା ହେମନ୍ତଙ୍କର ପୁଅ ନଥିବାରୁ ନଗର ପରିଭ୍ରମଣ ସମୟରେ ସାମାନ୍ୟ ନିତେଇ ଧୋବଣୀ ତାଙ୍କୁ ଅଲକ୍ଷଣା ଓ ଅମଙ୍ଗୁଳିଆ ବୋଲି ଆକ୍ଷେପ କରିଛି । ସେଥିପାଇଁ ସେ ଈଶ୍ୱର ଘଟରେ ଈଶ୍ୱର ନାଥଙ୍କୁ ପ୍ରାର୍ଥନା କରିଥିଲେ । ଯା 'ବାପା ଚଢ଼େ ଘୋଡ଼ା ତା ପୁଅ ତହୁଁ ବଡ଼ା ।' ଗଳ୍ପରେ ସନ୍ତାନଟିଏ ପାଇବା ପାଇଁ ପିତାମାତାଙ୍କର ବ୍ୟାକୁଳତାର ଚିତ୍ର ମିଳେ । ଏହିପରି ଅଧିକାଂଶ ଗଳ୍ପରେ ଏହିଭଳି କାମନାର ଚିତ୍ର ରହିଛି ।

**ସନ୍ତାନ ଜନ୍ମବିଧି :-** ଆମ ସମାଜରେ ସନ୍ତାନ ଜନ୍ମହେଲେ ନାନା ବିଧିବିଧାନ ପାଳିତହୁଏ । ଜନ୍ମ ଖୁସିରେ ମିଠା ଦିଆଯାଏ, ଦାନ ଧ୍ୟାନ କରାଯାଏ । ପାଞ୍ଚଦିନେ ପଞ୍ଚୁଆତି, ଛ'ଦିନେ ଷଷ୍ଠୀପୂଜା, ସାତଦିନେ ଉଠିଆରୀ, ଆଠଦିନେ ପୂଜା, ନଅଦିନେ ନରତା, ବାରଦିନ ବାରରାତ୍ର, ଏକୋଇଶ ଦିନ ଏକୋଇଶା ପାଳିତ ହୁଏ । ଏହାର ଚିତ୍ର ଯେ ଝିଅ ଲଙ୍କା ଜିଣିଲା, ଆଶ୍ୱିନ ମାସର କଥା, ଚଇତି ମଙ୍ଗଳବାର ଓଷା ଇତ୍ୟାଦିରେ ଦେଖିବାକୁ ମିଳିଥାଏ ।

**ଜନ୍ମାନ୍ତର ବାଦ :-** ଓଡ଼ିଆ ସମାଜରେ ଜନ୍ମାନ୍ତରବାଦ ପରିଲକ୍ଷିତ ହୁଏ । କାରଣ ଏକ ମଣିଷ ବିଶ୍ୱାସ କରେ ଯେ ଗୋଟିଏ ଜନ୍ମରେ ସବୁ କର୍ମର ପରିସମାପ୍ତି ଘଟି ନଥାଏ । ପୁଣି ଜନ୍ମନେଇ ତାକୁ ଶେଷ କରିବାକୁ ହୁଏ । 'ବାପେତା

ଟିପ୍ପଣୀ

କାପେଟୀ କଥା', ସୋରିଷଫୁଲ ଦେଇଯା ଆମ ନିଆଁର ମୂଳ ଏହାର ଉଦାହରଣ । 'ଯେମିତି କାମକୁ ସେମିତି ଫଳ, ପଗା କାନ୍ଧରେ ଢିକି, 'ମୁଣ୍ଡରେ ନିଆଁ ଖପରା'ରେ ସାଧବମାନେ ବିଧାତାଙ୍କୁ ପଥ ମଧ୍ୟରେ ଦେଖିବାକୁ କଙ୍କାଳସାର ଘୋଡ଼ା, ବୁଢ଼ୀ କାନ୍ଧରେ ଢିକି, ଜଣଙ୍କ ମୁଣ୍ଡରେ ନିଆଁ– ଖପରା, ଜଣଙ୍କର ପଲେ ଗାଈ, ଶୀତରେ ଥରୁଥିବା ବ୍ୟକ୍ତି ପାଣିରେ ବୁଡ଼ି ପାରୁନଥିବା କୁମ୍ଭୀର ଆଦିଙ୍କ ବିଷୟରେ ପଚାରିବାରୁ ବିଧାତା ସେମାନଙ୍କର ପୂର୍ବଜନ୍ମ ବୃତ୍ତାନ୍ତ କହିଛନ୍ତି ଓ ବର୍ତ୍ତମାନ ସେହି ପୂର୍ବଜନ୍ମର କୃତକର୍ମ ଫଳ ଭୋଗ କରୁଛନ୍ତି ବୋଲି ଉତ୍ତର ଦେଇଛନ୍ତି । କେତେକ ଓଷା କଥାରେ ମଧ୍ୟ ଏହି ଜନ୍ମାନ୍ତରବାଦର ଉଲ୍ଲେଖ ରହିଛି ।

ଯନ୍ତ୍ରତନ୍ତ୍ର ଓ ଆଲୌକିକତାର ପ୍ରଭାବ :- ଅତୀତରେ ମନ୍ତ୍ରତନ୍ତ୍ର କ୍ଷେତ୍ରରେ ଓଡ଼ିଶା ବେଶ୍ ଖ୍ୟାତି ଅର୍ଜନ କରିଥିଲା । ତନ୍ତ୍ରମନ୍ତ୍ର ସାହାଯ୍ୟରେ ସାଧବମାନେ ଅଲୌକିକ କାର୍ଯ୍ୟମାନ ସାଧନ କରିପାରୁଥିଲେ । ଅସମ୍ଭବ କାର୍ଯ୍ୟ ସମ୍ଭବ ହେଉଥିଲା । ଆଶ୍ଚର୍ଯ୍ୟଜନକ ଭାବେ ବିଭିନ୍ନ କ୍ଷେତ୍ରରେ ସାଧନା ଦ୍ୱାରା ଅଲୌକିକ ପ୍ରଦର୍ଶନ କରିବା ଥିଲା ଏହି ତନ୍ତ୍ରର ଉଦ୍ଦେଶ୍ୟ । ମାନବର ମଙ୍ଗଳ ସାଧନ ଉଦ୍ଦେଶ୍ୟରେ ଏହାର ସୃଷ୍ଟି ହୋଇଥିଲେ ହେଁ, ସାଧକମାନଙ୍କର ହୀନ ମନୋଭାବ, ସଂକୀର୍ଣ୍ଣ ଦୃଷ୍ଟିକୋଣ ଓ ସ୍ୱାର୍ଥପରତା ଯୋଗୁ ଏହା କେବଳ ମାନବର ଅପକାର ହିଁ କରୁଥିଲା । ଲୋକ କାହାଣୀରେ ବର୍ଣ୍ଣିତ ତନ୍ତ୍ରମନ୍ତ୍ର ହେଲା– କୁହୁକପେଣ୍ଡୁ, କୁହୁକକଠଉ, କୁହୁକଶିଙ୍ଗା, କୁହୁକଟାଙ୍ଗିଆ, ପଦ୍ମମଣି, ଅମୃତ ସଞ୍ଜୀବନୀ କାଠି, କୁହୁକଖଣ୍ଡା, କଣଟି କରାଦାଫୁଲ, ଗୋଟେଇ ମାଦଳ ଫୁଲ, ମନ୍ତ୍ରଖଡ଼ି ଗୋଟାକି, ସୁନାକାଠି ରୁପାକାଠି, କୁହୁକ ପଲମ, କୁହୁକ ପେଟରା, କୁହୁକ ଶଙ୍ଖ, କୁହୁକ କରାଟ, କୁହୁକ ସିନ୍ଦୂର, ଠୋକମୁଗୁର, ମନପବନ ମଣ୍ଡପ, ଅସାଧସାଧନ ଖଣ୍ଡା ଇତ୍ୟାଦି । ଏହାସବୁ ଅସମ୍ଭବକୁ ସମ୍ଭବ କରାଇବାରେ ସମର୍ଥ ।

**ପାରିବାରିକ ଚିତ୍ର :–** ଓଡ଼ିଆ ଲୋକକାହାଣୀରେ ଓଡ଼ିଶାର ପାରିବାରିକ ଚିତ୍ର ଚମତ୍କାର ଭାବରେ ପରିସ୍ଫୁଟ ହୋଇଛି । ସ୍ୱାମୀ ସ୍ତ୍ରୀ, ଭାଇ ଭଉଣୀ, ଭାଇ ଭାଇ, ବାପ ପୁଅ ଆଦିଙ୍କ ମଧୁର ସଂପର୍କ ବହୁ କାହାଣୀରେ ରୂପାୟିତ । ସର୍ବଜ୍ଞାଣ ଚଢ଼େଇ, ଯେମିତି କାମକୁ ସେମିତି ଫଳପାଇ କାହାଣୀରେ ପଥର ହୋଇଯାଇଥିବା ଭାଇମାନଙ୍କୁ ଭଉଣୀ ବଂଚାଇ ପାରିଛି । ଋଷିଙ୍କ ନିକଟରେ ଭାଇମାନଙ୍କ ଜୀବନ ପାଇଁ କରୁଣ ଅଳି କରିଛି । 'ସୁନାର ଝରଣା'ରେ ଦୁଇଭାଇ ଶାଗୁଣାର ସମସ୍ତ ପ୍ରଶ୍ନର ଉତ୍ତର ଦେଇ ଭାଇମାନଙ୍କୁ ଜୀବନ ଦେଇଛି । ଭାଇଭଉଣୀର ସମ୍ପର୍କ କେଉଁଠି ମଧୁର ତ କେଉଁଠି ତିକ୍ତ ହୋଇଥିବାର ଦେଖିବାକୁ ମିଳେ । 'ବଣମଲ୍ଲୀ କଥା', 'ହଳଦିଆ ପାଙ୍କ', 'କଞ୍ଚନବତୀ କଥା' ଆଦି କାହାଣୀରେ ଭାଇ ଓ ଭଉଣୀର ସମ୍ପର୍କ ତିକ୍ତ । ଭାଇଭଉଣୀକୁ ହାଣି ଦେଇଛି କୌଶଳକ୍ରମେ । 'ଯୋଜନୀ କଥା'ରେ ଭାଇ ଭାଇ ମଧ୍ୟରେ କଳହ ଚିତ୍ର ଦେଖିବାକୁ ମିଳେ । କାପେଟା କାପେଟୀରେ ମଧୁପ୍ରୀତି ଚିତ୍ରିତ । ସ୍ୱାମୀ ସ୍ତ୍ରୀ ସମ୍ପର୍କ ଉପରେ କେତେକ ଗଳ୍ପ ମଧ୍ୟ ଦେଖାଯାଏ । 'ପଦ୍ମ ଘୁଞ୍ଚୁ ଘୁଞ୍ଚୁ ଯାଉଛି' ଗଳ୍ପରେ ସ୍ତ୍ରୀ ପ୍ରତି ଅତ୍ୟଧିକ ପ୍ରେମ ପ୍ରଦର୍ଶନ କରି ସ୍ୱାମୀ କୁମ୍ଭୀରର କଠିନ ସର୍ତ୍ତରେ ରାଜି ହୋଇଛି । ଚାରି ସଙ୍ଗାତ ଆଉ ରାଜାଝିଅ କଥାରେ ସ୍ୱାମୀ ପ୍ରତି ସ୍ତ୍ରୀର କର୍ତ୍ତବ୍ୟ ପ୍ରଦର୍ଶିତ । ପୁନଶ୍ଚ ସ୍ୱାମୀ ପ୍ରତି ସ୍ତ୍ରୀର ବିଶ୍ୱାସଘାତକତା, ବିମାତାର ଚକ୍ରାନ୍ତ, ମାତାର ସନ୍ତାନ ପ୍ରତି ସ୍ନେହ-ପିତାପୁତ୍ରର ସମ୍ପର୍କ ଆଦି ବହୁ କଥା ଲୋକକାହାଣୀରେ ଉତ୍ତୀର୍ଣ୍ଣ ହୋଇଛି ।

**ବ୍ୟବସାୟ ବାଣିଜ୍ୟ :–** ଅତୀତରେ ବାଣିଜ୍ୟ ବ୍ୟବସାୟରେ ଓଡ଼ିଆମାନଙ୍କର ସମତୁଲ ଅନ୍ୟ କେହି ନଥିଲେ । ବିଭିନ୍ନ ଦ୍ୱୀପ ଓ ସ୍ଥାନକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଯାଇ ଓଡ଼ିଆ ବଣିକ ଉପନିବେଶ ମଧ୍ୟ ସ୍ଥାପନ କରିଛନ୍ତି । ଓଡ଼ିଶାର ଅତୀତ ଗୌରବର ଏହି ଉଜ୍ଜ୍ୱଳ ଚିତ୍ର କେତୋଟି ଗଳ୍ପରେ ଦେଖାଯାଏ । ଯେହୁ ଚିତଇ ପର ମନ୍ଦ, ଖୁଲଣା ସୁନ୍ଦରୀ,

ଟିପ୍ପଣୀ

ତଅପୋଇ କଥା, ଆଜିର ଓଡ଼ିଶାରେ ନୌବାଣିଜ୍ୟ ଚିତ୍ର ପରିଲକ୍ଷିତ ହୋଇଥାଏ । ସାଧବମାନେ ବାଣିଜ୍ୟ ଉଦ୍ଦେଶ୍ୟରେ ଯିବା ସମୟରେ ମଙ୍ଗରେ ମଙ୍ଗଳାଙ୍କ ସ୍ଥାପନ, ସାଧବାଣୀଙ୍କର ଶଙ୍ଖବାଦନ, ମଙ୍ଗ ବନ୍ଦାପନା, ଫୁଲ ଦୁବ ଦ୍ୱାରା ପୂଜାଅର୍ଚ୍ଚନା, ବ୍ୟବସାୟରୁ ଫେରିବା ସମୟରେ ହୁଳହୁଳୀ ଓ ଫୁଲ ଚନ୍ଦନରେ ସମ୍ବର୍ଦ୍ଧନା ଆଦିର ଚିତ୍ର ଦେଖିବାକୁ ମିଳେ ।

**ଶୁଦ୍ଧ କ୍ରିୟା ଓ ପୌରୋହିତ୍ୟ ପ୍ରଥା :-** ଆମ ସମାଜରେ କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ ଶାସ୍ତ୍ରୀୟ ନିୟମ ଓ ଲୋକାଚାର ଅନୁଯାୟୀ ତାର କ୍ରିୟାକର୍ମ କରିବାକୁ ପଡ଼ିଥାଏ । ଏହା ଆତ୍ମାର ସଦ୍‌ଗତି ପାଇଁ କରାଯାଇଥାଏ । ସିଂହରାଜାଙ୍କ ଶିରାଧ ପୁରୋହିତ ବିରାଜ'ରେ ବ୍ରାହ୍ମଣମାନଙ୍କର ପୁରୋହିତ ପ୍ରଥା ଓ କର୍ମର ଉଲ୍ଲେଖ ରହିଛି । 'କାହୁଅବାଟେ ନଯା ମାମୁଁ' ଗଳ୍ପରେ କୌଣସି ବ୍ୟକ୍ତିର ମୃତ୍ୟୁରେ ବନ୍ଧୁ ଡାକରା, କ୍ରିୟା କର୍ମର ସୂଚନା ରହିଛି ।

**ପ୍ରେମ ଚିତ୍ର :-** ଲୋକକାହାଣୀରେ ପରିଲକ୍ଷିତ ପ୍ରେମ ଚିତ୍ର ବେଶ୍ ସଂଯତ ଓ ମାର୍ଜିତ । ଅବଶ୍ୟ ବେଳେବେଳେ ପ୍ରେମରେ ଯେ କୁରୂପତା ଦେଖା ନଯାଇଛି, ତାହା ନୁହେଁ । ମାତ୍ର ଆଦର୍ଶ ପ୍ରେମ ତୁଳନାରେ ଏହା ଅତ୍ୟନ୍ତ ଗୌଣ ମନେ ହୋଇଥାଏ । ଚତୁରୀ ରତ୍ନାବତୀ, ଚାରି ସଙ୍ଗାତ ଓ ରାଜାଝିଅ, ବଗବଗୁଲି, କୁହୁକ କରାଟ ଆଦି ଗଳ୍ପରୁ ଏହାର ମନ୍ମୟ ଚିତ୍ର ଦେଖିବାକୁ ମିଳେ ।

**ଅତିଥି ସେବା ଓ ଉପକାରୀର ଉପକାର :-** ଭାରତୀୟ ସମାଜରେ ଅତିଥିକୁ ଦେବତାରୂପେ ଜ୍ଞାନ କରନ୍ତି । ଆତିଥେୟତା ପ୍ରଦର୍ଶନ କରିବା ଆମ ସମାଜର ଏକ ଲକ୍ଷଣ । ଏହାର ଚିତ୍ର ଯା' ମନ ଯେମିତି ତା' ଫଳ ସେମିତି', ଖଣ୍ଡିଆ ଲାଙ୍ଗୁଡ଼ କଥା ଆଦି କାହାଣୀରୁ ସ୍ପଷ୍ଟ ।

**ହସ୍ତଚତ :-** ଓଡ଼ିଆ ଝିଅମାନେ ହସ୍ତକର୍ମରେ ନିପୁଣ ଥିଲେ । କେତୋଟି ଲୋକକାହାଣୀରେ ଓଡ଼ିଆ ଘର ଝିଅର ଏହି କଳା ନିପୁଣତାକୁ ପ୍ରକାଶ କରାଯାଇଛି । ଚିତ୍ର ବିଚିତ୍ର ଓ ସୂକ୍ଷ୍ମ ପଦାର୍ଥ ତିଆରି କରିବା କ୍ଷେତ୍ରରେ ଓଡ଼ିଆମାନଙ୍କର ବିଶେଷତ୍ୱ ବହୁ ପୂର୍ବରୁ ପ୍ରମାଣିତ । ଓଡ଼ିଶାର ବିଭିନ୍ନ ଶିଳ୍ପ ଓ କାରୁକାର୍ଯ୍ୟ ମନ୍ଦିରରୁ ଦେଖାଯାଏ । ପୁରୁଷ ଭଳି ଘର କୋଣରେ ନାରୀ ମଧ୍ୟ ସୁନ୍ଦର କାରୁକାର୍ଯ୍ୟ କରିପାରେ । ଏହାର ଚିତ୍ର ଅଜଣା ଦେଶର ଅଶୁଣା କଥା', ଚତୁରୀ ରତ୍ନାବତୀ ଆଦି ଗଳ୍ପରେ ଦେଖାଯାଏ ।

**ଲୋକକାହାଣୀରେ ମାଲୁଣୀ :-** ଲୋକକାହାଣୀରେ ମାଲୁଣୀରେ ମାଲୁଣୀ ଚରିତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଏପରିକି ଏହି ପ୍ରସଙ୍ଗ ରୀତିଯୁଗୀୟ ଓଡ଼ିଆ କାବ୍ୟକୁ ମଧ୍ୟ ବେଶ୍ ପ୍ରଭାବିତ କରିଛି । ରାଜାପୁଅ ଓ ଝିଅଙ୍କ ପ୍ରେମ ସମ୍ପର୍କର ମୂଳ ହେତୁ ଏଇ ମାଲୁଣୀ । 'ଚାରି ସଙ୍ଗାତ ଓ ରାଜାଝିଅ' ଗଳ୍ପରୁ ଏହାର ସତ୍ୟତାର ଉପଲବ୍ଧ କରିହୁଏ ।

**ପଶାଖେଳ :-** ଆଭିଜାତ୍ୟ ପରିବାରରେ ପଶା ଖେଳ ସାଧାରଣତଃ ବିଳାସର ପ୍ରତୀକ ଥିଲା । ବେଳେବେଳେ ଏଥିରେ ବାଜିରଖି ମଧ୍ୟ ଖେଳିବାକୁ ହେଉଥିଲା । ଏହି ଖେଳରେ ମଣିଷ ବେଳେବେଳେ ସର୍ବହରା ସାଜେ । 'ସିଆଣିଆ' ଖୁଲଣା ସୁନ୍ଦରୀ ଆଦି ଗଳ୍ପରୁ ଏଠାରେ ଚିତ୍ର ମିଳେ ।

## ଲୋକକଥାର ବୈଶିଷ୍ଟ୍ୟ

ଓଡ଼ିଶା ଲୋକଗୀତ, ଲୋକନାଟକରେ ଯେମିତି କେତେକ ବିଶେଷତ୍ୱ ରହିଛି, ସେହିପରି ଓଡ଼ିଆ ଲୋକ-କାହାଣୀର କେତେକ ଗୁଣ, ଲକ୍ଷଣ ଓ ବୈଶିଷ୍ଟ୍ୟ ମଧ୍ୟ ରହିଛି । ଲୋକ କାହାଣୀ ଲୋକ ସମାଜର ଅଧିକ ନିକଟବର୍ତ୍ତୀ, ଲୋକ ମନୋରଞ୍ଜନର ଏକ ବିଶେଷ ସାମଗ୍ରୀ । ତେଣୁ ଏହାର କେତେକ ବୈଶିଷ୍ଟ୍ୟକୁ ନିମ୍ନ କ୍ରମରେ ଆଲୋଚନା କରାଯାଇପାରେ ।

ଟିପ୍ପଣୀ

**୧ । କଥା ଓ କଥକତା :**

ଲୋକ କାହାଣୀ ସହିତ ଏହାର କଥକତା ସଂପୃକ୍ତ । କାହାଣୀ କଥକଙ୍କ ଦ୍ୱାରା କଥିତ ହୁଏ । କୌଣି ନିର୍ଦ୍ଦିଷ୍ଟ ବ୍ୟକ୍ତି କଥକ ନୁହଁନ୍ତି, ବାଳକ ଠାରୁ ବୃଦ୍ଧ ପର୍ଯ୍ୟନ୍ତ, ଯେ କୌଣସି ବ୍ୟକ୍ତି କଥକ ଏବଂ ଶ୍ରୋତା ହୋଇ ପାରନ୍ତି । ଲୋକ କଥାର କୌଣସି ନିର୍ଦ୍ଦିଷ୍ଟ ଲେଖକ ନାହାଁନ୍ତି, କଥକଙ୍କ ଦ୍ୱାର ଏହାର ପ୍ରଚାର ଓ ପ୍ରସାର ଘଟିଥାଏ ।

**୨ । ମୌଖିକତା :**

ବିଦ୍‌ଗଧ ସାହିତ୍ୟ ପରି ଲୋକ ଗଳ୍ପର ସେପରି କୌଣସି ନିର୍ଦ୍ଦିଷ୍ଟ ଲେଖକ ନାହାନ୍ତି । ଲୋକ କାହାଣୀ ହେଉଛି ମୌଖିକ ରଚନା, ମୁଖରୁ ଏହାର ସୃଷ୍ଟି, ମୁଖରେ ଏହାର ପ୍ରଚାର ଆଉ ପ୍ରସାର । ଅଲିଖିତ ରୂପ ଏହାର ବିଶେଷତ୍ୱ । ତେଣୁ ମୌଖିକତା ଏହାର ଏକ ବଳିଷ୍ଠ ଲକ୍ଷଣ ।

**୩। ପରିବର୍ତ୍ତନୀୟତା :**

କାହାଣୀ ମୌଖିକ, ଏହା ଲିଖିତ ସାହିତ୍ୟ ନୁହଁ, ତୁଣ୍ଡେ ତୁଣ୍ଡେ ଏହାର ସୃଷ୍ଟି ଓ ପ୍ରସାର । ତେଣୁ ବେଳେବେଳେ କଥକର ବର୍ଣ୍ଣନା ଶୈଳୀ ଦ୍ୱାରା ଏହାର ହ୍ରାସ ଓ ବୃଦ୍ଧି ଘଟିଥାଏ । ଏଇ ହେତୁ ଏହାର ପରିବର୍ତ୍ତନ ସଂଭବ ନୁହେଁ । କେତେକ କାହାଣୀରେ ଆଞ୍ଚଳିକ ଚିତ୍ର ରହୁଥିବା ହେତୁ, ମୁଖ୍ୟ କଥାକୁ ବାଦଦେଇ ଗୌଣ ଅଂଶ ଗୁଡ଼ିକର ହ୍ରାସ ବୃଦ୍ଧି ସଂଭବ ହୁଏ । ତେଣୁ ଲିଖିତ ସାହିତ୍ୟ ପରି ଏହା ଅପରିବର୍ତ୍ତନୀୟ ହୋଇ ନରହି ସମୟ କ୍ରମେ ପରିବର୍ତ୍ତିତ ହେବାର ସଂଭାବନା ରହିଛି । ସ୍ଥାନରୁ ସ୍ଥାନ, ଏବଂ ସମୟକୁ ସମୟ ଏହା ପରିବର୍ତ୍ତିତ ହୋଇଥାଏ ।

**୪ । ସୃଷ୍ଟିଗତ ସମନ୍ୱୟତା :**

କାହାଣୀ ବ୍ୟକ୍ତିଗତ ସୃଷ୍ଟି ନୁହେଁ ବରଂ ଏଥିରେ ବହୁ ସୃଷ୍ଟିର ସମନ୍ୱୟ ପରିଲକ୍ଷିତ ହୋଇଥାଏ । ଅନେକ ସ୍ରଷ୍ଟାଙ୍କର ହୃଦୟର ଭାବ କାହାଣୀରେ ସମନ୍ୱିତ ହେବାର ଯଥେଷ୍ଟ ସଂଭାବନା ରହିଛି । ତେଣୁ ଏହାର ଚରିତ୍ର ଗୁଡ଼ିକରେ କୌଣସି ନାମକରଣ ନଥାଏ, କେବଳ ଚରିତ୍ରଟି କ'ଣ ସେ ସଂପର୍କରେ କାହାଣୀ ସ୍ରଷ୍ଟାମାନେ ପରିଚୟ ଦେଇଥାଆନ୍ତି । ଚରିତ୍ରମାନଙ୍କର ନାମହୀନତା ଏଥିରେ ଲକ୍ଷିତ ହୋଇଥାଏ ।

**୫ । ଧର୍ମନିରପେକ୍ଷତା :**

କାହାଣୀ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମ ସଂପ୍ରଦାୟର ଅନ୍ତର୍ଗତ ନୁହେଁ । ଏଥିରେ ହୁଏତ କୌଣସି ଗୋଟିଏ ଜାତିର ଚିହ୍ନ ଥାଇପାରେ, ମାତ୍ର ଧର୍ମାନ୍ଧତାର ସଂକୀର୍ଣ୍ଣ ଗଣ୍ଡିଭିତରେ ଏହା ଆବଦ୍ଧ ନୁହେଁ । ମାନବ ଧର୍ମ ଏହାର ସର୍ବଶ୍ରେଷ୍ଠ ଲକ୍ଷଣ । ଦେଶ, ଭାଷା ଧର୍ମ ଓ ଜାତୀୟତାର ସଂକୀର୍ଣ୍ଣ ସରହଦ ଡେଇଁ ଏହା ଅଧିକ ବାଟ ପରିବ୍ୟାପ୍ତ ।

**୬। ଚରିତ୍ର ଗୁଡ଼ିକର ନାମହୀନତା :**

କାହାଣୀରେ ବିଭିନ୍ନ ଧରଣର ଓ ବିଚିତ୍ର ରୀତିର ଚରିତ୍ର ସ୍ଥାନ ପାଇଥାଆନ୍ତି । କିନ୍ତୁ ଚରିତ୍ରଗୁଡ଼ିକୁ କୌଣସି ନାମ ଦ୍ୱାରା ଚିହ୍ନିତ କରାଯାଇଥାଏ । କାହାଣୀ ମୁଖ୍ୟ ବା ଗୌଣ ଯେକୌଣସି ଚରିତ୍ର ହୁଅନ୍ତୁ, ସେମାନଙ୍କ ନାମ କରଣ ନଥାଏ । ବହୁ ସଂଖ୍ୟକ କାହାଣୀରେ ରାଜା, ମନ୍ତ୍ରୀ, କଟୁଆଳ, ସାଧବ, ରାଜାପୁଅ, ମନ୍ତ୍ରୀପୁଅ, କଟୁଆଳପୁଅ, ବଡ଼ରାଣୀ, ପାଟରାଣୀ, ଜେମାଦେଈ, ସାଧବାଣୀ ବୁଢ଼ୀ ଅସୁରୁଣୀ ମାଲୁଣୀ, ବୁଢ଼ୀ ଇତ୍ୟାଦି ନାମରେ ଚରିତ୍ର ମାନେ ଚିହ୍ନିତ । ମାତ୍ର ଅଳ୍ପ କେତେକ କାହାଣୀରେ ଚରିତ୍ର ମାନଙ୍କର ସାଧାରଣ ନାମକରଣ କରାଯାଇଥାଏ ।

ଟିପ୍ପଣୀ

**୭। ବର୍ଣ୍ଣିତ ସ୍ଥାନ ମାନଙ୍କର ନାମହୀନତା :**

କାହାଣୀରେ ନଦୀ, ପର୍ବତ, ବନ, ସମୁଦ୍ର, ରାଜପୁର, ଦେଶ, ନଗର ଇତ୍ୟାଦିର ବିଶେଷ ବର୍ଣ୍ଣନା ରହିଥିଲେ ମଧ୍ୟ ଏସବୁକୁ କୌଣସି ବିଶେଷ ନାମରେ ଚିହ୍ନିତ କରାଯାଇ ନାହିଁ । ଦୂରସ୍ଥାନ ଏଠାରେ ସାତ ସମୁଦ୍ର ତେର ନଈ ସେପାଖର ନଗର, ବନ ଏଠାରେ ଅଗନା ଅଗନି ବନସ୍ତ ଯେଉଁଠାରେ କାଉରଥଣ୍ଟ ଅଥବା କୋଇଲିର ବେଣ୍ଟ ନାହିଁ । ନଈ ଏଠାରେ ସାତତାଳ ପାଣି ଏବଂ ସାତତାଳ ପଙ୍କରେ ଅତି ଗଭୀର ଇତ୍ୟାଦି । ତେଣୁ ବର୍ଣ୍ଣନାରେହିଁ ସ୍ଥାନର ବିଶେଷତ୍ୱ ସୂଚୀତ । ଏଠାରେ ସ୍ଥାନର ନାମ ଅପ୍ରଧାନ ।

**୮। କଳ୍ପନ ବିଳାସ :**

ଲୋକ କାହାଣୀରେ କଳ୍ପନାର ପ୍ରାଚୁର୍ଯ୍ୟ ପରିଲକ୍ଷିତ । ଏଥିରେ ସାଧାରଣ ଲୌକିକତାକୁ କଳ୍ପନାର ପୁଟ ଦେଇ ଅଲୌକିକ କରିଦିଆଯାଏ । ତେଣୁ କାହାଣୀ ବେଳେବେଳେ ବାସ୍ତବତାଠାରୁ ଅନେକ ଦୂରରେ ଯାଏ । ରାଜାପୁଅ ପକ୍ଷୀରାଜ ଘୋଡ଼ାରେ ଉଡିବା, ମାଲୁଣି ଦ୍ୱାରା ରାଜାପୁଅ ମେଣ୍ଢାହେବା, ସାତତାଳ ପଙ୍କ ଭିତରୁ ଅସୁରର ଜୀବନ ନାଟୀ ବାହାରିବା, କିମ୍ବା ଜୀବଜନ୍ତମାନେ ମଣିଷଙ୍କ ପରି ଆଚରଣ କରିବା ଇତ୍ୟାଦି ଅସଂଭବ ଘଟଣା କେବଳ କଳ୍ପନା ମାଧ୍ୟମରେ ଉପସ୍ଥାପିତ ହୋଇଥାଏ । କାହାଣୀର ପ୍ରଲମ୍ୱନ କଳାରେ ଆଦ୍ୟପ୍ରାନ୍ତ କରି ଭରି ରହିଥାଏ କେବଳ କାଳ୍ପନିକ ଭାବବସ୍ତୁ ।

**୯। ବାସ୍ତବଜୀବନର ରୂପଚିତ୍ର :**

ଆନନ୍ଦ ଦାନ କାହାଣୀର ମୁଖ୍ୟ ଉଦ୍ଦେଶ୍ୟ ଓ ଏଥିପାଇଁ କାହାଣୀ କଳ୍ପନାକୁ ଆଶ୍ରୟ କରିଥାଏ । ଏସବୁ ସତ୍ତ୍ୱେ କାହାଣୀ ବାସ୍ତବାଶ୍ରୟୀ । ଏଠାରେ ସାଧାରଣ ଜୀବନର ଦାରିଦ୍ର୍ୟ, ରୋଗ, ଯନ୍ତ୍ରଣା, ଅପରାଧ, ଦଣ୍ଡ ଶଠତା ଇତ୍ୟାଦି ଅନେକ ବାସ୍ତବ ଜୀବନର ଚିତ୍ର ଲକ୍ଷ୍ୟ କରାଯାଏ । ମୁଖ୍ୟତଃ ରାଜା, ରାଣୀ, ପରୀ, ସାଧବ ଓ ସାମନ୍ତଙ୍କ କଥା ରହିଥିଲେ ମଧ୍ୟ ସାଧାରଣ ଜନଜୀବନର ଚିତ୍ର କାହାଣୀର ବହୁ ସ୍ଥଳରେ ଅଙ୍କିତ । କଳ୍ପିତ କଥାକୁ ଅଧିକ ବାସ୍ତବାଶ୍ରୟୀ କରି ଗଢ଼ିବା ଲୋକ କଥକର ଏକ ଅଭ୍ୟାସ ।

**୧୦। ଭାଗ୍ୟବାଦ :**

ଲୋକ କାହାଣୀରେ ଭାଗ୍ୟ ଓ ଭଗବାନଙ୍କର ଅଖଣ୍ଡ ପ୍ରଭାବ ରହିଅଛି । କାହାଣୀରେ ମାନବୀୟ କାର୍ଯ୍ୟାବଳୀକୁ ନିୟତି ନିୟନ୍ତ୍ରଣ କରେ । ଭାଗ୍ୟ ବଳରେ ଦୁଃଖୀ ଦରିଦ୍ର ମଥାରେ ହାତୀ ସୁନା କଳସ ଢ଼ାଳେ, ଦୁର୍ଭାଗ୍ୟ ହେତୁ ରାଜରାଣୀ ଦାସୀ ରୂପେ କର୍ମ ପରେ, ରାଜା ଦେଶାନ୍ତରିତ ହୁଏ । ଏଥିରେ ବାସ୍ତବତା ଓ ଯୁକ୍ତି ଅପେକ୍ଷା ଭାଗ୍ୟ ବା ନିୟତିକୁ ଅଧିକ ଗୁରୁତ୍ୱ ଦିଆଯାଏ । ନିୟତି ନିକଟରେ ମାନବର ଯାବତୀୟ ପୁରୁଷାକାର ଓ ଯୁକ୍ତିହାର ମାନେ ।

**୧୧। କୁହୁକ ବିଦ୍ୟାର ପ୍ରଭାବ :**

କାହାଣୀ କୁହୁକ ବିଦ୍ୟା, ମନ୍ତ୍ର କିମ୍ବା ଇନ୍ଦ୍ରଜାଲିକତାକୁ ଅଧିକ ଗୁରୁତ୍ୱ ପ୍ରଦାନ କରେ । ସାଧାରଣ ମଣିଷ ଏସବୁ ବଳରେ ଅତି ଅସାଧାରଣ ଓ ଅସମ୍ଭବ କାର୍ଯ୍ୟ କରିପାରେ । ମନ୍ତ୍ର-ମନ୍ତ୍ର ଦ୍ୱାରା ବୁଢ଼ୀ ମାଲୁଣୀ ଧଳା ଫୁଲ ଓ କଳା ଫୁଲ ଶୁଙ୍ଘେଇ ରାଜ ପୁତ୍ରକୁ ଦିନରେ ମେଣ୍ଢା ଓ ରାତିରେ ଭେଣ୍ଡା କରିପାରେ । କାକ ଚରିତ ବଳରେ ସାଧାରଣ ମଣିଷ ଅତୀତ ଓ ବର୍ତ୍ତମାନ ଜାଣିପାରେ । ରାଜାପୁଅ ପକ୍ଷୀରାଜ ଘୋଡ଼ାରେ ବସି ଆକାଶ ମାର୍ଗରେ ଉଡ଼ିପାରେ । ତେଣୁ ଯାହା ବାସ୍ତବ ଜୀବନର ସଂପୂର୍ଣ୍ଣ ଅଯୌକ୍ତିକ ଏବଂ ଅସମ୍ଭବ, କାହାଣୀର କଳ୍ପିତ ରାଜ୍ୟର ଇନ୍ଦ୍ରଜାଲ ପ୍ରଭାବରେ ତାହା ସମ୍ଭବ ହୋଇଥାଏ । କୁହୁକ ବିଦ୍ୟା ପ୍ରୟୋଗରେ କାହାଣୀରେ ସବୁ ଅସଂଭବ ସଂଭବ ହୁଏ ଓ ଶ୍ରୋତା ଏହାକୁ ବିଶ୍ୱାସ କରେ ।

ଟିପ୍ପଣୀ

**୧୨ । ଭୂତ-ପ୍ରେତର ଲୀଳା :**

ଭୂତ-ପ୍ରେତ, ଡାହାଣୀ, ଚିରୁଗୁଣୀ, ପିଶାଚ ପିଶାଚୁଣୀ, ବ୍ରହ୍ମରାକ୍ଷସ, ଇତ୍ୟାଦି କେତେକ ଚରିତ୍ର କାହାଣୀରେ ସ୍ଥାନପାଇ ଥାଆନ୍ତି । ଭୂତ, ପ୍ରେତାଦି ମଣିଷମାନଙ୍କ ସହିତ କଥାବାର୍ତ୍ତା କରନ୍ତି ଏବଂ ଆବଶ୍ୟକ ସ୍ଥଳେ ମଣିଷର କ୍ଷତି କରନ୍ତି ଓ ମଣିଷ ଏମାନଙ୍କୁ ବଶକରେ, ମଣିଷଙ୍କୁ ଏମାନେ ବିଭିନ୍ନ ଦୃଷ୍ଟିରୁ ସାହାଯ୍ୟ କରୁଥିବାର ଚିତ୍ର କାହାଣୀରେ ବର୍ଣ୍ଣିତ । ଭୌତିକ କାହାଣୀ ଅଧିକ ଆମୋଦ ଦାୟକ ଓ ଶ୍ରୋତାମାନଙ୍କୁ ଏହା ଏକ ଭୀତିପ୍ରଦ ଚମତ୍କାରିତା ପ୍ରଦାନ କରିଥାଏ ।

**୧୩ । ଅସୁର ଅସୁରୀଙ୍କ କାର୍ଯ୍ୟକଳାପ :**

କାହାଣୀରେ ଭୂତ-ପ୍ରେତ ପରି ଅସୁର ଅସୁରୁଣୀଙ୍କ ଜୀବନଚିତ୍ର ସ୍ଥାନ ପାଇଥାଏ । ଅସୁର ଅସୁରୁଣୀ ନରମାଂସ ଭକ୍ଷଣ କରନ୍ତି, ରାଜକନ୍ୟାକୁ ଅପହରଣ କରି ପାଖରେ ରଖନ୍ତି, ଅସୁରୁଣୀ ଚୁଲିରେ ଗୋଡ଼ ଜଳାଇ ଭାତ ରାନ୍ଧେ, ମନ୍ତ୍ର ବଳରେ ଏମାନେ ରୂପ ପରିବର୍ତ୍ତନ କରିପାରନ୍ତି । ଏମାନଙ୍କ ମୃତ୍ୟୁଭେଦ ସ୍ୱତନ୍ତ୍ର । ଏମାନଙ୍କ ଜୀବନନାଟୀ ସାତତାଳ ପାଣି, ସାତତାଳ ପଙ୍କ ଭିତରେ ଥିବା ସିନ୍ଦୁକ, ଏଥିରେ ଥିବା ପେଟରା, ଏହା ଭିତରେ ଥିବା ଫରୁଆ ଓ ଏହା ଭିତରେ ଥିବା ଭଅଁର । ଏଇ ଭଅଁରକୁ ଚିପିଦେଲେ ଏମାନେ ମରନ୍ତି କିମ୍ବା ଏମାନଙ୍କର ମଥାରେ ସାତଟୀ ପାଚିଲାବାଳ ଉପାଡ଼ି ଦେଲେ ଏମାନେ ମରନ୍ତି । ଅସୁର ଅସୁରୁଣୀ ଚରିତ୍ର ମାଧ୍ୟମରେ କାହାଣୀରେ ଅସମ୍ଭବର ଅବତାରଣା ଘଟିଥାଏ । ଶ୍ରୋତାମାନେ ଏଇ ଅସଂଭବକୁ ମଧ୍ୟ ବାସ୍ତବ ବୋଲି ମନେ କରି ଆମୋଦିତ ହୁଅନ୍ତି ।

**୧୪ । ଜୀବନ ସଂସାରର ବିଚିତ୍ର ଲୀଳା :**

କାହାଣୀରେ ଜୀବ ସଂସାରର ଲୀଳା ଅତି ବିଚିତ୍ର । ଏଥିରେ ସବୁକିଛି ଅସମ୍ଭବ ସମ୍ଭବ ହୁଏ । ଏଠାରେ ବାଘ ଓ ନାଗ କ୍ଷୀର ଦିଅନ୍ତି । କେତେକ ପଶୁପକ୍ଷୀ ମନୁଷ୍ୟ ସୁଲଭ ଆଚରଣ କରନ୍ତି, ମାନବ ସହିତ ବନ୍ଧୁତାକରି ମଧ୍ୟ ଏମାନଙ୍କୁ ଯଥେଷ୍ଟ ସାହାଯ୍ୟ କରନ୍ତି । ବେଳେବେଳେ କେତେକ ଜୀବଙ୍କୁ ମାନବ ବା ମାନବୀକୁ ବିବାହ କରନ୍ତି । କେତେକ ବୃକ୍ଷ ଲତା ମଧ୍ୟ ମାନବ ସହିତ ବିବିଧ ସମ୍ବନ୍ଧ ସ୍ଥାପନ କରିପାରନ୍ତି । ବୃକ୍ଷ ଲତା ଭିତରେ ମାନବ ଆଶ୍ରୟ ନିଏ, ଏମାନଙ୍କ ସହାୟତା ପ୍ରାପ୍ତ ହୋଇ ବେଳେବେଳେ ନିଜର ଅଭୀଷ୍ଟସାଧନ କରିପାରେ ।

**୧୫ । କାହାଣୀରେ ନୀତିଧର୍ମିତା :**

କେତେକ କାହାଣୀର ନୀତିଧର୍ମିତା ଓ ଉପଦେଶମାନ ରହିଛି । ଏସବୁ କାହାଣୀ ସଂସ୍କୃତ ସାହିତ୍ୟର 'ହିତୋପଦେଶ' ଏବଂ 'ପଞ୍ଚତନ୍ତ୍ର' ପ୍ରଭୃତି କଥା ଗ୍ରନ୍ଥ ମାନଙ୍କ ଦ୍ୱାରା ପ୍ରଭାବିତ । ଏଇ ଧରଣର କେତେକ କାହାଣୀର ଗଦ୍ୟ ଭିତରେ ନୀତି ଗୁଡ଼ିକୁ ପଦ୍ୟ ଆକାରରେ କୁହାଯାଏ । ଉପଦେଶାତ୍ମକ କାହାଣୀ ଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ କରିଥାଏ । କାହାଣୀରେ ନ୍ୟାୟ ନୀତି, ପାଇଁ କଠୋର ସଂଗ୍ରାମ, ଏପରିକି ଉପକାର କରି ବନ୍ଧୁ ପାଇଁ ପ୍ରାଣ ବିସର୍ଜନ, କଠୋର ନିୟମ ଶୃଙ୍ଖଳା ସାଧାରଣ ପ୍ରମାଦ ପାଇଁ କଠିନ ଦଣ୍ଡରେ ଦଣ୍ଡିତ ହେବା ଘଟଣା ବର୍ଣ୍ଣିତ । ଲୋକକାହାଣୀ ବିଶେଷତଃ ନୀତି ବାଦିଗ ଦ୍ୱାରା ପ୍ରଭାବିତ ବୋଲି କହିବା ଯଥାର୍ଥ ।

ଏଇ ପରି ଭାବରେ ବିଚାରି ବସିଲେ ଲୋକ ଗଳ୍ପରେ ଅନେକ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ । ଏଇ ବୈଶିଷ୍ଟ୍ୟ ହେତୁ କାହାଣୀ ଗୁଡ଼ିକ ଲୋକ ସାହିତ୍ୟର ଅନ୍ୟାନ୍ୟ ବିଭାଗଠାରୁ ନିଜସ୍ୱ ସ୍ୱାତନ୍ତ୍ୟ ରକ୍ଷା କରିବାରେ ସମର୍ଥ ହୋଇପାରିଛି ।

ଟିପ୍ପଣୀ

**୧୨। ଭୂତ-ପ୍ରେତର ଲୀଳା :**

ଭୂତ-ପ୍ରେତ, ଡାହାଣୀ, ଚିରୁଗୁଣୀ, ପିଶାଚ ପିଶାଚୁଣୀ, ବ୍ରହ୍ମରାକ୍ଷସ, ଇତ୍ୟାଦି କେତେକ ଚରିତ୍ର କାହାଣୀରେ ସ୍ଥାନପାଇ ଥାଆନ୍ତି । ଭୂତ, ପ୍ରେତାଦି ମଣିଷମାନଙ୍କ ସହିତ କଥାବାର୍ତ୍ତା କରନ୍ତି ଏବଂ ଆବଶ୍ୟକ ସ୍ଥଳେ ମଣିଷର କ୍ଷତି କରନ୍ତି ଓ ମଣିଷ ଏମାନଙ୍କୁ ବଶକରେ, ମଣିଷଙ୍କୁ ଏମାନେ ବିଭିନ୍ନ ଦୃଷ୍ଟିରୁ ସାହାଯ୍ୟ କରୁଥିବାର ଚିତ୍ର କାହାଣୀରେ ବର୍ଣ୍ଣିତ । ଭୌତିକ କାହାଣୀ ଅଧିକ ଆମୋଦ ଦାୟକ ଓ ଶ୍ରୋତାମାନଙ୍କୁ ଏହା ଏକ ଭୀତିପ୍ରଦ ଚମତ୍କାରିତା ପ୍ରଦାନ କରିଥାଏ ।

**୧୩। ଅସୁର ଅସୁରୀଙ୍କ କାର୍ଯ୍ୟକଳାପ :**

କାହାଣୀରେ ଭୂତ-ପ୍ରେତ ପରି ଅସୁର ଅସୁରୁଣୀଙ୍କ ଜୀବନଚିତ୍ର ସ୍ଥାନ ପାଇଥାଏ । ଅସୁର ଅସୁରୁଣୀ ନରମାଂସ ଭକ୍ଷଣ କରନ୍ତି, ରାଜକନ୍ୟାକୁ ଅପହରଣ କରି ପାଖରେ ରଖନ୍ତି, ଅସୁରୁଣୀ ଚୁଲିରେ ଗୋଡ଼ ଜଳାଇ ଭାତ ରାନ୍ଧେ, ମନ୍ତ୍ର ବଳରେ ଏମାନେ ରୂପ ପରିବର୍ତ୍ତନ କରିପାରନ୍ତି । ଏମାନଙ୍କ ମୃତ୍ୟୁଭେଦ ସ୍ୱତନ୍ତ୍ର । ଏମାନଙ୍କ ଜୀବନନାଟୀ ସାତତାଳ ପାଣି, ସାତତାଳ ପଙ୍କ ଭିତରେ ଥିବା ସିନ୍ଦୁକ, ଏଥିରେ ଥିବା ପେଟରା, ଏହା ଭିତରେ ଥିବା ଫରୁଆ ଓ ଏହା ଭିତରେ ଥିବା ଭଅଁର । ଏଇ ଭଅଁରକୁ ଚିପିଦେଲେ ଏମାନେ ମରନ୍ତି କିମ୍ବା ଏମାନଙ୍କର ମଥାରେ ସାତଟା ପାଚିଲାବାଳ ଉପାଡ଼ି ଦେଲେ ଏମାନେ ମରନ୍ତି । ଅସୁର ଅସୁରୁଣୀ ଚରିତ୍ର ମାଧ୍ୟମରେ କାହାଣୀରେ ଅସମ୍ଭବର ଅବତାରଣା ଘଟିଥାଏ । ଶ୍ରୋତାମାନେ ଏଇ ଅସଂଭବକୁ ମଧ୍ୟ ବାସ୍ତବ ବୋଲି ମନେ କରି ଆମୋଦିତ ହୁଅନ୍ତି ।

**୧୪। ଜୀବନ ସଂସାରର ବିଚିତ୍ର ଲୀଳା :**

କାହାଣୀରେ ଜୀବ ସଂସାରର ଲୀଳା ଅତି ବିଚିତ୍ର । ଏଥିରେ ସବୁକିଛି ଅସମ୍ଭବ ସମ୍ଭବ ହୁଏ । ଏଠାରେ ବାଘ ଓ ନାଗ କ୍ଷୀର ଦିଅନ୍ତି । କେତେକ ପଶୁପକ୍ଷୀ ମନୁଷ୍ୟ ସୁଲଭ ଆଚରଣ କରନ୍ତି, ମାନବ ସହିତ ବନ୍ଧୁତାକରି ମଧ୍ୟ ଏମାନଙ୍କୁ ଯଥେଷ୍ଟ ସାହାଯ୍ୟ କରନ୍ତି । ବେଳେବେଳେ କେତେକ ଜୀବଙ୍କୁ ମାନବ ବା ମାନବୀକୁ ବିବାହ କରନ୍ତି । କେତେକ ବୃକ୍ଷ ଲତା ମଧ୍ୟ ମାନବ ସହିତ ବିବିଧ ସମ୍ବନ୍ଧ ସ୍ଥାପନ କରିପାରନ୍ତି । ବୃକ୍ଷ ଲତା ଭିତରେ ମାନବ ଆଶ୍ରୟ ନିଏ, ଏମାନଙ୍କ ସହାୟତା ପ୍ରାପ୍ତ ହୋଇ ବେଳେବେଳେ ନିଜର ଅଭୀଷ୍ଟସାଧନ କରିପାରେ ।

**୧୫। କାହାଣୀରେ ନୀତିଧର୍ମିତା :**

କେତେକ କାହାଣୀର ନୀତିଧର୍ମିତା ଓ ଉପଦେଶମାନ ରହିଛି । ଏସବୁ କାହାଣୀ ସଂସ୍କୃତ ସାହିତ୍ୟର 'ହିତୋପଦେଶ' ଏବଂ 'ପଞ୍ଚତନ୍ତ୍ର' ପ୍ରଭୃତି କଥା ଗ୍ରନ୍ଥ ମାନଙ୍କ ଦ୍ୱାରା ପ୍ରଭାବିତ । ଏଇ ଧରଣର କେତେକ କାହାଣୀର ଗଦ୍ୟ ଭିତରେ ନୀତି ଗୁଡ଼ିକୁ ପଦ୍ୟ ଆକାରରେ କୁହାଯାଏ । ଉପଦେଶାତ୍ମକ କାହାଣୀ ଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ କରିଥାଏ । କାହାଣୀରେ ନ୍ୟାୟ ନୀତି, ପାଇଁ କଠୋର ସଂଗ୍ରାମ, ଏପରିକି ଉପକାର କରି ବନ୍ଧୁ ପାଇଁ ପ୍ରାଣ ବିସର୍ଜନ, କଠୋର ନିୟମ ଶୃଙ୍ଖଳା ସାଧାରଣ ପ୍ରମାଦ ପାଇଁ କଠିନ ଦଣ୍ଡରେ ଦଣ୍ଡିତ ହେବା ଘଟଣା ବର୍ଣ୍ଣିତ । ଲୋକକାହାଣୀ ବିଶେଷତଃ ନୀତି ବାଦିତା ଦ୍ୱାରା ପ୍ରଭାବିତ ବୋଲି କହିବା ଯଥାର୍ଥ ।

ଏଇ ପରି ଭାବରେ ବିଚାରି ବସିଲେ ଲୋକ ଗଳ୍ପରେ ଅନେକ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ । ଏଇ ବୈଶିଷ୍ଟ୍ୟ ହେତୁ କାହାଣୀ ଗୁଡ଼ିକ ଲୋକ ସାହିତ୍ୟର ଅନ୍ୟାନ୍ୟ ବିଭାଗଠାରୁ ନିଜସ୍ୱ ସ୍ୱାତନ୍ତ୍ର୍ୟ ରକ୍ଷା କରିବାରେ ସମର୍ଥ ହୋଇପାରିଛି ।

## ଲୋକ କାହାଣୀର ଶିଳ୍ପ ଦୃଷ୍ଟି

ପ୍ରତ୍ୟେକଟି ସାହିତ୍ୟିକ ରଚନାର ସ୍ୱତନ୍ତ୍ର ଶିଳ୍ପ ବିଧି ରହିଛି । ଲୋକ ଗୀତ ବା ଲୋକ ନାଟକ ରଚନା ରୀତିଠାରୁ ଲୋକ କାହାଣୀର ରଚନା ରୀତି ସ୍ୱତନ୍ତ୍ର । କାହାଣୀ ପାଇଁ କଥା ଭାଗ, ଭାଷା, ପରିବେଷଣ ରୀତି, ନାଟକୀୟତା, ବର୍ଣ୍ଣନା, ଚରିତ୍ର ଚିତ୍ର ଇତ୍ୟାଦି ହେଉଛି ଗୋଟିଏ ଗୋଟିଏ ଉପାଦାନ । ଉପାଦାନ ଗୁଡ଼ିକର ଉତ୍ତମ ସହାବସ୍ଥାନରେ ଲୋକ କାହାଣୀ ସୁନ୍ଦର ଓ ମନୋରଞ୍ଜନ ହୋଇଥାଏ । ପ୍ରସଙ୍ଗତଃ ଏଠାରେ ଉପରୋକ୍ତ ଉପାଦାନ ଗୁଡ଼ିକୁ ଆଲୋଚନା କରାଯାଇନପାରେ ।

**୧। କଥା ଭାଗ :**

ପ୍ରତ୍ୟେକ କାହାଣୀରେ ଗୋଟିଏ ନିର୍ଦ୍ଦିଷ୍ଟ ଆଖ୍ୟାନ ବା କଥାଭାଗ ରହିଥାଏ । କାହାଣୀ କଥକର ଚମତ୍କାରିତା ଉପରେ ଏହାର ସରସତା ନିର୍ଭର କରେ । କାହାଣୀର ଏଇ ମୁଖ୍ୟ କଥାଭାଗ ସବୁ ସମୟ ପାଇଁ ଅପରିବର୍ତ୍ତିତ ରହେ । ଏଣୁ କେହି କେହି ଏହାକୁ 'ମୋଟିଫ୍' ବୋଲି କହନ୍ତି । ମୋଟିଫ୍ ବା ମୁଖ୍ୟ କଥା ଭାଗ ହେଉଛି କାହାଣୀର ସର୍ବଶ୍ରେଷ୍ଠ ମୌଳିକ ଉପାଦାନ । ଆଲୋଚକଙ୍କ ଭାଷାରେ - "ଲୋକ ଗଳ୍ପର କ୍ଷୁଦ୍ରତମ ଅଂଶ ହେଉଛି ମୋଟିଫ୍ । ଏହାର ମୌଳିକ ବୈଶିଷ୍ଟ୍ୟ ହେଉଛି ଏହା ଅପରିବର୍ତ୍ତନୀୟ । ଲୋକ ଗଳ୍ପ କଥକର ତ୍ରୁଟି, ଶ୍ରୋତାର ସ୍ମୃତି ଦୌର୍ବଲ୍ୟ, ସମୟର ଅପ୍ରତିହତ ପ୍ରଭାବ ଫଳରେ ପରିବର୍ତ୍ତିତ ହୋଇପାରେ, ମାତ୍ର ମୋଟିଫ୍ କିପରି ପ୍ରତିକୂଳତାରେ ମଧ୍ୟ ବଞ୍ଚିତ ରହେ, ଅର୍ଥାତ୍ ଲୋକଗଳ୍ପର ଯେଉଁ ଅଂଶ ସମସ୍ତ ପ୍ରତିକୂଳତା ସତ୍ତ୍ୱେ ଅନନ୍ତ କାଳକୁ ଅପରିବର୍ତ୍ତିତ ହେ, ତାହାହିଁ ମୋଟିଫ୍ । ଅନ୍ୟ କଥାରେ ମୋଟିଫ୍ ଲୋକକଥାର ମୌଳିକ ଉପାଦାନ ।"

ମୁଖ୍ୟ କଥାଭାଗ ସହିତ ବେଳେବେଳେ ଅନ୍ୟାନ୍ୟ ଗୌଣ କଥାଭାଗକୁ ସଂଯୋଜିତ କରାଯାଇଥାଏ । ତେବେ ସବୁପ୍ରକାର ପରିବର୍ତ୍ତନ ମଧ୍ୟରେ କାହାଣୀର ମୌଳିକ ଭାବନା ମୁଖ୍ୟକଥା ଭାଗ ଭିତରେ ଭରି ରହିଥାଏ । କାହାଣୀର ଆକାର ପ୍ରକାରରେ ପରିବର୍ତ୍ତନ ଘଟିଲେ ମଧ୍ୟ ମୁଖ୍ୟ କଥାଭାଗ ଅପରିବର୍ତ୍ତନୀୟ ରହେ । ମୁଖ୍ୟ କଥାକୁ ଗତିଶୀଳ କରିବା ପାଇଁ ଚରିତ୍ର ମାନଙ୍କୁ ଗ୍ରହଣ କରାଯାଏ, ତେବେ କଥା ଭାଗକୁ ଚମତ୍କାର କରବା ହେଉଛି କଥକର କାର୍ଯ୍ୟ । କଥାବସ୍ତୁ ନ ନେଇ କ୍ଷୁଦ୍ର ଗଳ୍ପ ରଚିତ ହୋଇପାରେ, ମାତ୍ର କଥାଭାଗକୁ ବାଦ ଦେଇ କାହାଣୀ ସୃଷ୍ଟି କରିବା ଅସମ୍ଭବ । ତେଣୁ କଥାଭାଗ ହେଉଛି ଲୋକକାହାଣୀର ସବୁଠାରୁ ଅଧିକ ବଳିଷ୍ଠ ଉପାଦାନ ।

**୨। ଭାଷାରୀତି :**

କାହାଣୀ ମୌଖିକ ସାହିତ୍ୟ ହେତୁ ଏହାର ଭାଷାରୀତି ସବୁଠାରେ ସମାନ ନୁହେଁ । କଥକର କଥନ କ୍ଷମତା ଦ୍ୱାରା ଏହାର ଭାଷା ନିୟନ୍ତ୍ରିତ । ବେଳେବେଳେ ଏପରି ଘଟେ, ଯେ ଗୋଟିଏ କାହାଣୀ ଅଂଚଳ ଭିତ୍ତିରେ ଏବଂ କଥକ ଭିତ୍ତିରେ ବିଭିନ୍ନ ଭାଷାବୋଧ ଭିତରେ କଥିତ ହୁଏ । ତଥାପି କାହାଣୀର ଭାଷା ରୀତି ସରଳ ଓ ଅଧିକ ଗ୍ରାମ୍ୟତାଯୁକ୍ତ । ଅଧିକାଂଶ କାହାଣୀ ନାରୀମାନଙ୍କ ଦ୍ୱାରା କଥିତ ହୋଇଥିବାରୁ ଏଗୁଡିକ ଭାଷା ଓଡ଼ିଆ ଗ୍ରାମୀଣ ନାରୀ ତୁଣ୍ଡର ଭାଷାକୁ ବହନ କରିଥାଆନ୍ତି । ମଧୁସୂଦନ ରାଓ ଏ ସଂପର୍କରେ କହନ୍ତି - "ବର୍ତ୍ତମାନ ଓଡ଼ିଆରେ ଯେଉଁ ଗଦ୍ୟ ରଚନା ପ୍ରଣାଳୀ ଦେଖାଯାଏ, ନିତାନ୍ତ ଆଧୁନିକ ଓ ବୈଦେଶିକ ସାହିତ୍ୟର ପ୍ରଭାବ ଯୋଗୁ ବହୁ ପରିମାଣରେ କୃତ୍ରିମ ଭାବାପନ୍ନ, କିନ୍ତୁ ଏଇ କାହାଣୀମାନଙ୍କରେ ଭାଷାଭଙ୍ଗୀ ବା ବାକ୍ୟ ରଚନା ପ୍ରଣାଳୀ ଲକ୍ଷିତ ହେବ, ତାହା ଚିର ରକ୍ଷଣଶୀଳା ନାରୀ ମାନଙ୍କର ମୁଖ ନିଃସୃତ ଉତ୍କଳ ଭାଷାର ସ୍ୱାଭାବିକ ରୀତି । ତାହା ନାରୀ ସୁଲଭ ଅକୃତ୍ରିମ ମୁକ୍ତ ମାଧୁରୀର ମୋହିନୀ ଶକ୍ତି" ।

ଟିପ୍ପଣୀ

କାହାଣୀ ସମୟେ ସମୟେ ଅତିକଥନ ଦୋଷ ଦୁଷ୍ଟ ହୋଇଥାଏ । ଏହାର ଭାଷାରେ ଶବ୍ଦର ଯାଦୁଖେଳ ନଥାଏ, ବରଂ ସ୍ୱାଭାବିକ, ସରଳ ଓ କଥିତ ଭାଷା କାହାଣୀକୁ ଅଧିକ ବୋଧଗମ୍ୟ ଓ ସାର୍ଥକକରି ଗଢ଼ିତୋଳେ । କାହାଣୀ ଭିତରେ ଘଟଣା, ଚରିତ୍ର ଇତ୍ୟାଦି ପ୍ରତ୍ୟେକଙ୍କୁ କାହାଣୀର ସରଳ ଭାଷା ସର୍ବଜନବୋଧ୍ୟ କରି ଉପସ୍ଥାପନ କରିଥାଏ । କଥକର ଭିନ୍ନତା ନେଇ କାହାଣୀର ଭାଷାର ନିର୍ଦ୍ଦିଷ୍ଟତା ନଥାଏ । ତେଣୁ ଅଂଚଳଭିତ୍ତିରେ ଗୋଟିଏ ଗୋଟିଏ କାହାଣୀ ଭିନ୍ନ ଭିନ୍ନ ରୂପ ଗ୍ରହଣ କରିବାକୁ ବାଧ୍ୟ ହୋଇଥାଏ ।

**୩। ଘଟଣା ବିନ୍ୟାସ :**

ଯେକୌଣସି କାହାଣୀରେ ଚରିତ୍ରମାନଙ୍କଦ୍ୱାରା କିଛିକିଛି ଘଟଣା ଘଟିଥାଏ । କାହାଣୀ ଗୁଡିକ କଳ୍ପନା ପ୍ରଧାନ ହୋଇଥିବାରୁ ଏହାର ଅନେକ ଘଟଣା ଭିତରେ ଅସଂଭବର ଅବତାରଣା ଘଟିଥାଏ । ଯାହା ସାଧାରଣ ଦୃଷ୍ଟିରେ ଅଯୌକ୍ତିକ ଏବଂ ଅବିଶ୍ୱାସ୍ୟ, କାହାଣୀ ରାଜ୍ୟରେ ହୁଏତ ତାହାର ଯୁକ୍ତିନିଷ୍ଠତା ଓ ବିଶ୍ୱାସନୀୟତାକୁ ସନ୍ଦେହ କରାଯାଏ ନାହିଁ । ଏ ସଂପର୍କରେ ଆଲୋଚକ ଡକ୍ଟର ନଟବର ସମାନ୍ତରାୟ କହନ୍ତି – "କାହାଣୀର ଘଟଣା କେଉଁଠି ପୂର୍ଣ୍ଣତଃ ବାସ୍ତବମୁଖୀ, କେଉଁଠି ବାସ୍ତବତା ଭିତ୍ତିରେ କଳ୍ପନା ମୁଖୀ କେଉଁଠି ବା ସର୍ବାଂଶରେ କଳ୍ପନା ସର୍ବସ୍ୱ । ବାସ୍ତବମୁଖୀ, କେଉଁଠି ବାସ୍ତବତା ଭିତ୍ତିରେ କଳ୍ପନା ମୁଖୀ କେଉଁଠି ବା ସର୍ବାଂଶରେ କଳ୍ପନା ସର୍ବସ୍ୱ । କାଳ୍ପନିକତାର ଚରମ ପରିପ୍ରକାଶ ସାର୍ଥକ କାହାଣୀର ପ୍ରକୃଷ୍ଟ ନିଦର୍ଶନ । ଏ ଘଟଣା କେଉଁଠି ମର ଲୋକରେ ସଂପାଦିତ ହୁଏ, କେଉଁଠି ବା ପରଲୋକରେ ଥାଇ ଅବାସ୍ତବତାର ଆଶ୍ରୟ ନିଏ, କେଉଁଠି ତାହା ମରଲୋକ ପରିତ୍ୟାଗ କରି ସ୍ୱର୍ଗ, ପାତାଳ, ସାଗର, ଆକାଶରେ ଅଭିନୀତ ହୁଏ । ଯେଉଁ ଘଟଣା ଅତି ଅପରିଚିତ ଅତି ଅସମ୍ଭବ, ବହୁ ଦୂରର ସେଇ ଅପ୍ରାପ୍ୟ, ଅଦୃଶ୍ୟ ଘଟଣାର ସହଜ ଅଭିନୟ ଉପରେ ଗଳ୍ପର ସାର୍ଥକତା ପ୍ରତିଷ୍ଠିତ । ମର ହେଉ ଅଥବା ଅମର ହେଉ, ମରଜଗତ ହେଉ ଅଥବା ସ୍ୱର୍ଗ ପାତାଳ ହେଉ, ଚରିତ୍ର ଘଟଣାର ବଳିଷ୍ଠତା କେବଳ ଉପଯୁକ୍ତ ବାତାବରଣ ବା ପରିବେଶ ଭିତରେ ସାର୍ଥକ ହୋଇଥାଏ । ଚରିତ୍ରର ଔଜ୍ଜଲ୍ୟ ଓ ମହନୀୟତା, ଘଟଣା ପ୍ରବାହର ସହଜ ଓ ମନୋଜ୍ଞ ଅଗ୍ରଗତି ପରିବେଶର ସୁସ୍ଥୁ ବିକାଶ ଭିତରେ ଫୁଟି ଉଠିବାକୁ ସମର୍ଥ ହୋଇଥାଆନ୍ତି । ପରିବେଶ ଭିତରେ ଲୁକ୍‌କାୟିତ ହୋଇ ରହିଥାଏ ଘଟଣା ସ୍ରୋତର ଜଟିଳ ଗ୍ରନ୍ଥି । ଯାହା ପ୍ରଥମେ ଥାଏ ଅତୀବ ଦୁଷ୍କର, ମଣିଷର କଳ୍ପନାତୀତ ଓ ସଂପୂର୍ଣ୍ଣ ଅସମ୍ଭବ ତାହା ପରିବେଶର ଗ୍ରନ୍ଥି ଉନ୍ମୋଚନରେ ହୋଇପଡେ ଅତୀବ ସହଜ ଓ ସମ୍ଭବ ।" କାହାଣୀରେ ଘଟଣା ସଂସ୍ଥାନରେ ବୈଚିତ୍ର୍ୟ । ଉପଲବ୍ଧି କରାଯିବା ଲୋକ କାହାଣୀର ଅନ୍ୟତମ ବିଶେଷତ୍ୱ ରୂପେ ପରିଗଣିତ ହୋଇଥାଏ ।

**୪। ପରିବେଷଣ ପ୍ରକ୍ରିୟା :**

ଆନନ୍ଦଦାନ ଓ ଜନମନୋରଞ୍ଜନ କାହାଣୀର ମୁଖ୍ୟ ଉଦ୍ଦେଶ୍ୟ । ତେଣୁ କାହାଣୀର ପରିବେଷଣରେ ଚମତ୍କାରିତା ରହିବା ନିହାତି ପ୍ରୟୋଜନୀୟ ଉପାଦାନ ରୂପେ ବିବେଚିତ ହୋଇଥାଏ । ଏହା କଥନରୀତିର ଚମତ୍କାରିତା ଉପରେ ନିର୍ଭର କରିଥାଏ । କାହାଣୀକଥକର କଥନ ଭଙ୍ଗୀଟିହିଁ ଏହାର ପରିବେଷଣ ପ୍ରକ୍ରିୟା ରୂପେ ଗୃହୀତ । କାହାଣୀରେ ଅନେକ କଳ୍ପିତ ଘଟଣା ସ୍ଥାନପାଏ, ଏହାକୁ କେବଳ କଥନ ନିଜର ପରିବେଷଣ ଶୈଳୀ ଦ୍ୱାରା ଅଧିକ ଚିତ୍ତାକର୍ଷକ କରି ଗଢ଼ିପାରେ । କାହାଣୀର ସଂସାର ଅତି ବିଚିତ୍ର । "ଏଥିରେ ଦୁଃଖ, ଅଶ୍ରୁ ବା ନିରାନନ୍ଦ କେହି ଚିରସ୍ଥାୟୀ ନୁହେଁ – ଏ ସମସ୍ତ ସଂସାର ଯେପରିକି ନିତ୍ୟ ଆନନ୍ଦରେ ପରିପୂର୍ଣ୍ଣ । ହତାଶ ସ୍ଥଳରେ ସକ୍ରିୟତା ଏଥିରେ ସର୍ବାଦୌ ସଂଭବପର । କଥାଭାଗର ଅଗ୍ରଗତିରେ ନବୀନ ରସଧାରା ନବୀନ ଜୀବନ-ବୋଧ, ଅପୂର୍ବ ପ୍ରାଣ ପ୍ରାଚୁର୍ଯ୍ୟ ସ୍ୱତଃ ପରିଲକ୍ଷିତ ହୁଅନ୍ତି । କାହାଣୀର

ପରମ ଗୌରବ ହେଉଛି ପ୍ରାଣପୂର୍ଣ୍ଣ କୌତୂହଳ ସୃଷ୍ଟିକାରୀ ମହନୀୟ ବୈଚିତ୍ର୍ୟ ସମ୍ଭାର, ଯାହା ଆଶାତୀତ, ଯାହା ପଲକରେ ମଧ୍ୟ ଅସମ୍ଭବରେ ପରିଣତ ହୋଇପାରେ, ଯାହା ଅପ୍ରତ୍ୟାଶିତ ଭାବେ ହୃଦୟରେ ଚମକ ସୃଷ୍ଟି କରିପାରେ, ଯାହା କ୍ଷଣକରେ କଳ୍ପଲୋକର କଳ୍ପନାକୁ ବାସ୍ତବର ରୂପେ ଦେଇପାରେ, କାହାଣୀରେ ଏସମସ୍ତଙ୍କର ହୁଏ ଅପ୍ରତିଦ୍ୱନ୍ଦୀ ରାଜତ୍ୱ ।" କାହାଣୀ ପ୍ରତି ଶ୍ରୋତାର କାନ କେବଳ ଏଇ ପରିବେଷଣର ଚମତ୍କାରିତା ହେତୁ ଆପେ ଆକର୍ଷିତ ହୋଇଯାଏ ।

କାହାଣୀର ଶ୍ରୋତାଙ୍କୁ ନେଇ କାହାଣୀର ପରିବେଷଣ ନିର୍ଭର କରେ । ଶ୍ରୋତାଙ୍କ ଶ୍ରବଣ କ୍ରିୟାରେ ସରସତା ସଂପାଦନ କରିବା ହେଉଛି କଥକର ଲକ୍ଷ୍ୟ । ତେଣୁ ଶ୍ରୋତାଙ୍କ ମନରେ କଥିତ କାହାଣୀକୁ ଅଧିକ ପ୍ରବେଶ କରାଇବାକୁ ତା'ର କଥାକାର କାହାଣୀର ମୁଖ୍ୟ କଥାକୁ ମୋଟିଫ୍ ରୂପେ ଖଂଜିଦିଏ । ଗଳ୍ପର ସଫଳତା ଓ ବିଫଳତା କାହାଣୀ ପରିବେଷଣ ଉପରେ ନିର୍ଭରେ କରିଥାଏ । ଶ୍ରୋତାର ଆଗ୍ରହ ନଷ୍ଟ ହୋଇଗଲେ, ଗଳ୍ପର ମୂଲ୍ୟହ୍ରାସ ପାଏ । ଶ୍ରୋତା ମାନସରେ ଅନୁସନ୍ଧିତ୍ସୁ ଓ ଆଗ୍ରହ ସୃଷ୍ଟି କରିବା ପରିବେଷଣ ପରିପାଟୀର ଉଦ୍ଦେଶ୍ୟ । ଏହା ଫଳରେ ପର ଘଟଣା କ'ଣ ଘଟୁଛି, ସେଥିପାଇଁ ଶ୍ରୋତାର ଆଗ୍ରହ ବା ଉତ୍କଣ୍ଠା ରହେ । ପରିବେଷଣ ଚାତୁର୍ଯ୍ୟ ଦେଖାଇ କାହାଣୀର ସରଳ ଗୁଡିକୁ ଜଟିଳ କରିବା ଓ ଜଟିଳ ଗ୍ରନ୍ଥିକୁ ସମୟେ ସମୟେ ସରଳ କରିବା ଏବଂ କେତେକ ସ୍ଥଳରେ ଅକସ୍ମିକତାର ସଂଯୋଗ କରିବା ଦ୍ୱାରା ପରିବେଷଣର ଚମତ୍କାରିତା ରକ୍ଷା କରାଯାଏ । 'ଦୁଇ ସଙ୍ଗାତ' ଗଳ୍ପରେ ରାଜାପୁଅ, ମନ୍ତ୍ରୀପୁଅ ଅହିରାଜ ସାପକୁ ମାରି, ମଣି ଧରି ପୋଖରିରେ ଚାଲିବା ବେଳେ ପାଣି ଦୁଇ ଭାଗ ତଳକୁରାସ୍ତା ଦେଖାଗଲା । ଏ ମୋଟିଫ୍ ଏଠି ପ୍ରୟୋଗ କରାହେବା ଫଳରେ ଶ୍ରୋତା, ପାଣି ଭିତରେ କ'ଣ ହେବ, ସେଇ ଆଶା, ଆଶଙ୍କାରେ ସମ୍ଭାବନା ଓ ଉତ୍କଣ୍ଠାରେ ଗଳ୍ପ ଶୁଣେ । ପୁନଶ୍ଚ ସେ ଗଳ୍ପରେ ମନ୍ତ୍ରୀପୁଅ ଯେତେବେଳେ ରାଜାପୁଅର ଜୀବନକୁ ଆସୁଥିବା ବିପତ୍ତି ବିଷୟରେ ଦେବଲୋକ, ନାଗଲୋକ, ପିତୃଲୋକ ଓ ନରଲୋକ ଠାରୁ ଶୁଣେ, ସେତେବେଳେ ଶ୍ରୋତାର ଉତ୍କଣ୍ଠା ଶୀର୍ଷରେ ପହଞ୍ଚେ । ରାଜାପୁଅ ମରି ଯିବାର ନିଶ୍ଚିତ ଆଶଙ୍କା ତାଙ୍କ ମନରେ ଉଙ୍କିମାରେ ।" ତେଣୁ ଶ୍ରୋତା ମନରେ ଉତ୍କଣ୍ଠା ସୃଷ୍ଟି କରିବା, ଏବଂ ତାକୁ ଆନନ୍ଦ ଦେବା ଉଦ୍ଦେଶ୍ୟରେ କାହାଣୀର ପରିବେଷଣରେ ଚମତ୍କାରିତା ସୃଷ୍ଟି କରାଯାଇଥାଏ ।

**୫। ନାଟକୀୟ ଭାବଭଙ୍ଗୀ :**

ନାଟକୀୟ ଭାବଭଙ୍ଗୀ ଭିତର ଦେଇ କଥକମାନେ କାହାଣୀ ପରିବେଷଣ କରିଥାଆନ୍ତି । କଥକମାନେ ଅତି ଚତୁରତାର ସହିତ ଶ୍ରୋତାଙ୍କ ମନକୁ କାହାଣୀ ପ୍ରତି ଆକର୍ଷିତ କରିଥାଆନ୍ତି । ଏଥିପାଇଁ ସେମାନେ କାହାଣୀ କରିବାବେଳେ କାହାଣୀରେ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା କରନ୍ତି । ବେଳେ ବେଳେ ଏମାନେ କାହାଣୀରେ କେତେକ ସନ୍ଦେହ ସୃଷ୍ଟି କରନ୍ତି ଓ ଅତର୍କିତ ଘଟଣା ମାନଙ୍କର ଆବିର୍ଭାବ ଘଟାଇ କଥିତ ଗଳ୍ପର ଧାରାରେ କିଛି ନାଟକୀୟ ପରିବର୍ତ୍ତନ ମଧ୍ୟ ସୃଷ୍ଟି କରିଥାଆନ୍ତି । କେବେ କେବେ କଳ୍ପନାର ଇନ୍ଦ୍ରଜାଲିକ ମାୟାମହଲ ଭିତରେ ଶ୍ରୋତାଙ୍କୁ ଭ୍ରମଣ କରାଇଥାଆନ୍ତି ଓ ଘଟଣା ପ୍ରବାହରେ ଆକସ୍ମିକ ମୋଡ଼ ବଦଳାଇ ସେଇ ଶ୍ରୋତା ମାନସରେ ଉତ୍କଣ୍ଠା ସୃଷ୍ଟି କରିଥାଆନ୍ତି । "କଥାବସ୍ତୁର ଦ୍ୱନ୍ଦ୍ୱ ଓ ତା'ର ସମାଧାନର ବୈଚିତ୍ର୍ୟ ଉପରେ ମଧ କାହାଣୀର ସାର୍ଥକତା ବହୁପରିମାରେ ନିର୍ଭର କରେ । ଦ୍ୱନ୍ଦ୍ୱର ସମାଧାନ ବେଳେ ସତ୍ୟ-ଅସତ୍ୟ, ବାସ୍ତବ-ଅବାସ୍ତବ, ପ୍ରକୃତ-ଅପ୍ରକୃତ, ସମ୍ଭବ-ଅସମ୍ଭବ ଭିତରେ କୌଣସି ପାର୍ଥକ୍ୟ ନଥାଏ । ଦ୍ୱନ୍ଦ୍ୱର ସମାଧାନ ପାଇଁ ପରିସ୍ଥିତି ଯାହା ଦାବୀ କରେ କାହାଣୀ ତାହା ଗ୍ରହଣ କରିବାକୁ ପଶ୍ଚାତ୍‌ପଦ ହୁଏ ନାହିଁ ତାହା ସମ୍ଭବ, ଅସମ୍ଭବ, ସତ୍ୟ-ଅସତ୍ୟ ଯାହା ହେଉଥାଉ ନା କାହିଁକି । ସମସ୍ୟା ସମାଧାନ ଦିଗରେ ପରିସ୍ଥିତିରେ ଏ ସୁଯୋଗ, ଏ ଅଖଣ୍ଡ ଅଧିକାର, ଏ ନିର୍ବିରୋଧ ସ୍ୱାଧୀନତା ଥିବାରୁ, କାହାଣୀରେ ସମସ୍ତ ପ୍ରକାର 'କାଳ୍ପନିକ' କେବଳ କଳ୍ପନା କରାଯାଇପାରେ ।

ଟିପ୍ପଣୀ

କାହାଣୀରେ ଦ୍ୱନ୍ଦ୍ୱ ହେଉଛି ନାଟକୀୟ ଉପାଦାନ । ଏହାବ୍ୟତୀତ କାହାଣୀରେ ଅନେକ ସ୍ଥଳରେ କଥକ ଚରିତ୍ର ମାନଙ୍କ କଥାକୁ ନାଟକୀୟ ସଂଳାପ ଭିତ୍ତିରେ ବର୍ଣ୍ଣନା କରିଥାଆନ୍ତି । ଏ କଥନିକା ବା ସଂଳାପ ଗୁଡିକ ଶ୍ରୋତାକୁ ଅଧିକ ଆନନ୍ଦ ଦିଏ ଏବଂ ଶ୍ରୋତା ସମ୍ମୁଖରେ କଥକ ନୁହେଁ ବରଂ ଚରିତ୍ର ଯେମିତି ଆସି କଥା କହିବା ଭଳି ଅନୁଭୂତହୁଏ । "ଦୁଇ ଦୁଇ-ଦୁଇ ଦୁଇ" ଗଳ୍ପରେ ଘୋର ଅରଣ୍ୟ ମଧ୍ୟରେ ପଥ ହରା ହୋଇଥିବା ରାଜା ଜନୈକା ବୃଦ୍ଧାଙ୍କ ନିକଟରେ ପହଞ୍ଚିଲେ । ଦୁଇଜଣଙ୍କ କଥୋପକଥନକୁ ଲୋକକତାରେ ବେଶ୍ ସଂଳାପଧର୍ମୀ କରି ପ୍ରକାଶ କରାଯାଇଛି । ଯଥା -

୧ । "ରାଜା କହିଲେ - ମାଉସୀ, ବଣ ଜଙ୍ଗଲରେ ରାହା ପାଉ ନାହିଁ, କଣ୍ଟା ଝଟାରେ କୁଆଡ଼େ ଯିବ ? ରାତିକ ତୋ ଘରେ ରହିବି, ସକାଳ ହେଲେ ମୋ ବାଟେ ମୁଁ ଯିବି ।

ବୁଢ଼ୀ କହିଲା - ହଉ, ରହିବୁତ ରହ, ମୋର ଆଉ କିଏ ଅଛି ? ତୁ ଆଗେ କିଏ କହ ।

ରାଜା କହିଲେ - ପଚାଶ କୋଶ ମୋର ମୂଲକ, ମୁଁ ଏକ ଖଣ୍ଡ ମଣ୍ଡଳର ରାଜା । ପାରିଧିକି ଆସିଥିଲି । ମୋର ସୈନ୍ୟ ସାମନ୍ତ ପଛରେ ରହିଯାଇଛନ୍ତି ।

ବୁଢ଼ୀ କହିଲା - ତୁ କି ରାଜା ?

ରାଜା କହିଲେ - ରଜାତ ରଜା, ଫେର କି ରଜା କ'ଣ ?"

୨ । "ସିଆଣା ଗଳ୍ପରେ ସିଆଣା ଓ ଲୋକଙ୍କ କଥୋପକଥନ ଏଇ ପରି । ଯଥା -

ଲୋକେ କହିଲେ - ହାଁ ହାଁ ଏ କ'ଣ କରୁଛ ?

ସିଆଣା କହିଲା - ମାରିବି ନାହିଁତ ଆଉ କ'ଣ ?

ଲୋକେ କହିଲେ - କାହିଁକି, ତା ଅପ୍ରାଧ କ'ଣ ?

ଟଙ୍କାଟା ଦେଇ ଯେ ମୁଁ ଏହା ମୁଣ୍ଡଟା କିଣି ନେଇଛି । ଏ ମୋର କେହି କିଛି କରି ପାରିବେ ନାହିଁ, ହାଁ ।

ଟଙ୍କାଟାକୁ କିଏ ନିଜ ମୁଣ୍ଡ ବିକେ ?

କୋଡ଼ିଏ ଟଙ୍କାକୁ କିଏ ନିଜ ଭାରିଜାକୁ ବିକେ ?"

ଏହିପରି ଭାବରେ ବିଚାର କରି ବସିଲେ ଅଧିକାଂଶ କାହାଣୀ କଥନ ରୀତି ସଂଳାପ ଧର୍ମୀ । ନାଟକୀୟ ଭାବାବେଗ, ଉତ୍କଣ୍ଠା ଓ ଦ୍ୱନ୍ଦ୍ୱାତ୍ମକ ଭାବ ରହିଲେ କାହାଣୀ ହୃଦୟସ୍ପର୍ଶୀ ହୋଇଥାଏ ।

### ୬ । ବର୍ଣ୍ଣନା ବୈଚିତ୍ର୍ୟ :

କାହାଣୀର ସରସତା ଏହାର କଥାଭାଗ ଉପରେ ଯେତିକି ନୁହେଁ, ବରଂ ଏହାର ପରିବେଷଣଗତ ଚାତୁର୍ଯ୍ୟ ଦ୍ୱାରା ଅଧିକତର ଭାବରେ ଦୀପ୍ତିମନ୍ତ ହୋଇଉଠେ । କାହାଣୀରେ ଏଇ ପରିବେଷଣ ଚାତୁର୍ଯ୍ୟ ପାଇଁ ଦରକାର କଥକର ବର୍ଣ୍ଣନାଭଙ୍ଗୀ । କାରଣ କଥକର ବର୍ଣ୍ଣନାରେ ସାଧାରଣ ଘଟଣାର ଅସାଧାରଣ ଭାବାବେଗ ସୃଷ୍ଟି ହୁଏ, ପୁଣି ନଦ, ନଦୀ, ବନ, ପର୍ବତ, ରାଜ୍ୟ, ବିବାହ, ଭୋଜି, ସୌନ୍ଦର୍ଯ୍ୟ ମାନବର ବିଭିନ୍ନ ଅବସ୍ଥା ଇତ୍ୟାଦିର ପ୍ରକୃତ ରୂପ ଏଇ ବର୍ଣ୍ଣନା ବୈଚିତ୍ର୍ୟ ମାଧ୍ୟମରେ ଫୁଟିଉଠେ । ଏଣୁ କାହାଣୀର ଶିଳ୍ପ ରୀତିରେ ବର୍ଣ୍ଣନା ବୈଚିତ୍ର୍ୟ ହେଉଛି ଏକ ଅତ୍ୟାବଶ୍ୟକ ଉପାଦାନ । କଥାଭାଗର ସରସତା ଏଇ ବର୍ଣ୍ଣନା ଦ୍ୱାରା ପ୍ରକାଶ ପାଏ । କାହାଣୀରେ ଅଧିକାଂଶ ହେଉଛି କଳ୍ପିତରାଜ୍ୟ । ଏଇ କଳ୍ପିତ ରାଜ୍ୟ ଓ କଳ୍ପିତ ଅବସ୍ଥା ଗୁଡିକ ବର୍ଣ୍ଣନା ବୈଚିତ୍ର୍ୟ ଦ୍ୱାରା ରୂପନ୍ୟାସ ପ୍ରାପ୍ତ ହୋଇଥାଏ । ଅଧିକାଂଶ କାହାଣୀର ଗତିବେଗ ଏଇ ବର୍ଣ୍ଣନା ଦ୍ୱାରା ପ୍ରଭାବିତ ଓ ନିୟନ୍ତ୍ରିତ ହୁଏ । ରାଜାଙ୍କର ବୀରତ୍ୱ, ଦରିଦ୍ରର ଦାରିଦ୍ର୍ୟ, ଅସୁରୁଣୀ ଏବଂ

ଟିପ୍ପଣୀ

...କୁଟିର ମାୟା, ଜମିଦାରଙ୍କ କ୍ଷମତା ଇତ୍ୟାଦି ଅନେକ ମଣିଷଙ୍କର ଚରିତ୍ର କେବଳ ଏଇ ବର୍ଣନା ଦ୍ୱାରା ଫୁଟି ଉଠେ । ...କାଣୀର ବର୍ଣ୍ଣନା ବୈଚିତ୍ର୍ୟର କେତୋଟି ଦୃଷ୍ଟାନ୍ତ ଏଠାରେ ନିଆଯାଇପାରେ ।

**(କ) ନାରୀର ସୌନ୍ଦର୍ଯ୍ୟ :**

"ଗରିବ ଲୋକଟିଏ । ତାର ରତ୍ନାବତୀ ବୋଲି ଝିଅଟିଏ । ସତେକି ଯେମିତି ଗୋଟିଏ ଚାଉଳରେ ଗଢ଼ା । ତା' ...ପ ତେଜରେ ଅନ୍ଧାର ଘର ଆଲୁଅ ହେଉଥାଏ । ରାଇଜର କେତେକ ଲୋକ ତାକୁ ବାହା ହେବାକୁ ଚାହିଁ ବସିଥାନ୍ତି ।

"ଚତୁରୀ ରତ୍ନାବତୀ - କୁଞ୍ଜ ବିହାରୀ ଗ୍ରନ୍ଥାବଳୀ - ୪-ପୃ-୧୭୫ ।

**(ଖ) ବାଘର ବିକଟାଳ ରୂପ :**

"ତାର ବିକଟାଳ ରୂପ ଆଖି ଆଗରେ ଦିଶିଥିଲା । ବାପା ଲୋ ନିଆଁ ମୁଣ୍ଡା ଭଳି ଆଖି, ଫୁଲା ନିଶ, ମୁନିଆଁ ନଖ, ...କ୍ରମଖା ଦାନ୍ତ ।

(ବୁଢ଼ା, ବୁଢ଼ୀ, ବାଘ ଓ ମାଛକଥା) କୁ.ବି. ଗ୍ରନ୍ଥାବଳୀ -୪-ପୃ-୧୧୮ ।

**(ଗ) ସ୍ୱପ୍ନ ବୃତ୍ତାନ୍ତ :**

ଗୋଟିଏ ପୋଖରି, ଦୁଧ ପରି ପାଣି, ତା' ମଝିରେ ଗୋଟିଏ ପଦ୍ମଫୁଲ ଫୁଟିଛି । ଫୁଲ କେଶରରେ ଗୋଟିଏ ହୀରାଗଛ ଉଠିଛି, ହୀରା ଗଛରେ ଚଢ଼ି ହୀରାବତୀ କନ୍ୟା ଚମ୍ପାଫୁଲ ତୋଳୁଛି ।

(ପଦ୍ମଫୁଲ ହୀରାଗଛ) କୁ.ବି. ଗ୍ରନ୍ଥାବଳୀ ୪-ପୃ-୧୬୭ ।

**(ଘ) କନ୍ୟାର ସୌନ୍ଦର୍ଯ୍ୟ :**

'ଉଜ୍ଜଳବତୀ କନ୍ୟାଟିଏ ଯେ ତାକୁ ବଳି ତିନି ଭୁବନରେ କେହି ସୁନ୍ଦରୀ ନାହାନ୍ତି । ଖଣ୍ଡାମାନ ନାକକୁ ପଦ୍ମ ପାଖୁଡ଼ା ଆଖି । ଗାଲର ଗୋଲାପି ନାଲିକୁ ଓଠର ଶିରୀଷ ପାଖୁଡ଼ା ପରି ହସ । ତାକୁ ବାହା ହେବାକୁ କେତେ ରାଜାପୁଅଙ୍କର ମନ ।

ଉଜ୍ଜଳ ବତୀ କନିଆଁ କଥା - କୁ.ବି. ଗ୍ରନ୍ଥାବଳୀ ୪-ପୃ-୧୭୩ ।

**(ଙ) ଦାମ୍ପତ୍ୟ ସୁଖ ଦୁଃଖର ଚିତ୍ର :**

"ରାଜା ରାଣୀ ଭାରି ଦେଖି ପାରନ୍ତି । ଘଡ଼ିଏ ନଦେଖିଲେ ବାଉଳା ହୋଇଯାଆନ୍ତି । ରାଣୀ ଗେରସ୍ତ ପୁଅ ଝିଅ ନେଇ ଅଲିଅଳ ପଣରେ ଦିନ କାଟୁଥାଆନ୍ତି । ରାଜାଘର, କୋଉଥିରେ ଅବା ଉଣା ଅଛି ଯେ, ସୁଖରେ ନ ଚଳିବେ ? ହେଲେ କାହା ଦିନ କାଳ ସମାନ ଯାଏ ନାହିଁ । ରାଣୀକି କି ବେମାରି ଧଇଲା କେଜାଣି ରାଇଜ ଯାକର ବଇଦ ଗୁଣିଆ ଥକି ଗଲେ, ସେ ଅଚିହ୍ନା ରୋଗ ଚିହ୍ନି ପାରିଲେ ନାହିଁ । ଭଲ କରିବା କଥା ତେଣିକି ଥାଉ, ସାରା ମୂଲକ କନ୍ଦାଇ ରାଣୀ ମା ଚାଲିଗଲେ, ପିଲାଏ ଅନାଥା ହେଲେ । ରାଜା ରାଣୀଙ୍କି ବହୁତ ଝୁରିଲେ । ଝୁରି ଝୁରି କଣ୍ଢା ରହିଲା । ଆଉ ସିଂହାସନରେ ବସିଲେ ନାହିଁ କି ରାଜକାର୍ଯ୍ୟ ବୁଝିଲେ ନାହିଁ ।

(ସୁନା-ଝରଣା - କୁଞ୍ଜ ବିହାରୀ ଗ୍ରନ୍ଥାବଳୀ ୪-ପୃ-୫୫୧) .

**(ଚ) ଭୀତିପ୍ରଦ ପରିବେଶ :**

"ପିତା ପାଣି ବରଷିତି, ସଞ୍ଜବେଳ, ଗୋଟାଏ ମଶାଣି ପଡିଲା । ବାରିକ ଏକୁଟିଆ, ନିଛାଟିଆ ଅଜାଗା, ମଣିଷ ଖପୁରୀ, ଦରପୋଡ଼ା କୁଇକାଠ, ଛିଣ୍ଡା କତରା ଦେଖି ତା' ଛାତି ଦାଉଁ ଦାଉଁ ପଡ଼ିଲା । ଶାଳେଶ୍ୱର, ନୀଳକଣ୍ଠେଶ୍ୱର,

ଟିପ୍ପଣୀ

ଉପୁଳେଇ ଠାକୁରାଣୀଙ୍କ ନାମ ଜପି ଜପି ଭଣ୍ଡାରି ଯାଉଛି, ଗୋଟାଏ ହୟାନ୍ତ ଆମ୍ବତୋଟା ପଡ଼ିଲା, ଗଛରୁ ଦିଟା ଗୋଟାଏ ପାଚିଲା ପତର ଝଡ଼ିଲା, ତା' କାନକୁ ପଥର ପଡ଼ିଲା ପରି ଶୁଭିଲା, ସେ ଚାଉଁକିନା ଚମକି ପଡ଼ିଲା - ଉପରକୁ ଚାହିଁଦେଲା ଭୁମାଦେହ, ଏଇଟା କିଏରେ ? ଏ ଗଛରୁ ସେ ଗଛ ଗୋଡ଼ ଲୟେଇ ବସିଛି । ବାରିକ ପାଟିରୁ ଛେପ ଶୁଖିଗଲା, ଖାଇଲାରେ ।"

(ବାବନାଭୂତ କଥା - କୁ.ବି.. ଗ୍ର-୪-ପୃ-୫୬୯)

**(ଛ) ଶିଶୁର ଦୁଷ୍ଟାମିର ଚିତ୍ର :**

ଗେଟମା, ସତେ ଗେଟମାଟିଏ । ବଢ଼େ ନାହିଁ କି ଛିଡ଼େ ନାହିଁ । ଯେତିକି ସେତିକି, କିଏ କହେ ନିପଟ ସଲା, କିଏ କହେ ପକା ସିଆଣା । କିଏ କହେ ଜାଣି ସିଆଣା ପେଟରେ ପେଟେ ବୁଦ୍ଧି । ହେଲେ ସେ ଖଡ଼ିକି ନୁହେଁ କି ପେଡ଼ିକି ନୁହେଁ । ବଗୁଲିଆଙ୍କ ଗୁରୁ । ସେ କଙ୍କି ଲାଞ୍ଜରେ ଝିଙ୍କର ବାନ୍ଧି ଉଡ଼ାଏ, ପ୍ରଜାତିର ଡ଼େଣା ଛିଡେଇ ଦିଏ, ବିରାଡ଼ି ଉପରେ ବିରାଡ଼ି ଛାଡ଼େ, କୁକୁରକୁ କୁକୁର ଲଗାଏ, ଢ଼େଲା ପକାଇ ମହୁ ଫେଣା ଭାଙ୍ଗେ ।

(ଗେଟମା ନ ତାଳ ଗୋଟମା - କୁ.ବି. ଗ୍ର-୪-ପୃ-୫୮୦)

**(ଜ) ବାର୍ଦ୍ଧକ୍ୟ ବର୍ଣ୍ଣନା :**

ଏଇ ସମୟରେ ଜଣେ ବଢ଼େଇ ଆସି ପହଞ୍ଚିଲା, ଜୀବନ ଯାଉଛି କି ଆସୁଛି । ପାଟିରେ ଗୋଟାଏ ବୋଲି ଦାନ୍ତ ନାହିଁ । ପିଠିଟା କୁଜା, ଆଖିରୁ ନେଞ୍ଜେରା ବୋହୁଛି । ଗୋଡ଼ ଦିଇଟା ଗୋଦରା । ଧଇଁ ପେଲୁଛି । ରାଜା ତାକୁ ଦେଖି ସହିଲେ । ଧନ୍ୟରେ ଲୋଭ । ସେ ହୁଡ଼ାକୁ ବାଟ ଖୋଜିଲାଣି ସେ ଆସିଛି ମୂର୍ତ୍ତି ଗଢ଼ିବା ପାଇଁ ।

(ବୁଢ଼ା ବଢ଼େଇ, କୁ.ବି. ଗ୍ର-୪-ପୃ-୬୯)

**(ଝ) ଦୁର୍ଭିକ୍ଷର ଚିତ୍ର :**

ସେଠି ନଅଙ୍କ ପଡ଼ିଥାଏ, ଭୋକ ବିକଳରେ ଲୋକେ ଗଛପତ୍ର ଚୋବାଇ ଯାଉଥାନ୍ତି ମଣିଷ ମାଉଁଷ ମଣିଷ ଖାଉଥାନ୍ତି ।

(ଚାରି ସଙ୍ଗାତ ଆଉ ରାଜାଝିଅ କଥା - କୁ.ବି. ଗ୍ର-୪-ପୃ-୨୪୬)

**(ଞ) ବୀରତ୍ୱର ଚିତ୍ର :**

'ରାମ ଖଣ୍ଡେ ଦୂର ଯାଇ ଦେଖିଲା, ବାଘଟା ହୁଙ୍କା ପରି ବସିଛି - ଆଖିରେ ତା'ର ଦିଇଟା ଦିହୁଡ଼ି ଜଳୁଛି - ରଣାସାପ ସରି ଲାଙ୍ଗୁଳ ପିଟୁଛି । ରାମ କହିଲା ରେ ବାଘ ତୋ କଦର ମୋତେ ଜଣା । ବାହାଦୁରୀଟା ଆଉ କାହା ଆଗେ ଦେଖାଇବୁ । ଦେଖୁଛୁ ଏ ମୁଥକୁ, ଏକା ମାଡ଼କେ ପର୍ବତ ପ୍ରମାଣେ ହାତୀ ନାରାୟଣ ଭଜିଛି । ତୁ ଛାର ମଶାଟିଏ, ମୋ ସାଙ୍ଗରେ ଚୁପ୍ ଚାପ୍ ହୋଇ ଚାଲିଆ, ବେସି ବକ୍ ବକ୍ କଲେ ମୋ ହାତ, ତୋ ଦାନ୍ତ ।

(ରାମଢ଼ୋଲ କଥା - କୁ.ବି. ଗ୍ର-୪-ପୃ-୨୮୭)

**(ଟ) ନିର୍ଜନ ସ୍ଥାନର ଚିତ୍ର :**

ସେଠି ଗୋଟିଏ ହେଲେ ଜନ ପ୍ରାଣୀ ନାହିଁ । ଚାରିଆଡ଼ ଖାଇ ଗୋଡ଼ାଇଛି, ଏତେବଡ଼ ରାଜବାଟି, ମେଘନାଦ ପାଚେରୀ, ସିଂହ ଦୁଆରେ କଂସା କବାଟ, ନଅର ପଛକୁ ବାଗ ବଗିଚା, ବେଣ୍ଟ ପୋଖରୀ, କେହି କୁଆଡ଼େ ନାହିଁ । ବନସ୍ତ ମାଡ଼ି ଆସୁଛି, ଯୋଉଠି ଘର ଥିଲା ତେମେଣି ବସା କରିଛି, ବୁଢ଼ିଆଣୀ ଜାଲ ବୁଣୁଛି, ଯେଉଁଠି ରାଣୀମହଲ, ଯେଉଁଠି ଥିଲା

ଟିପ୍ପଣୀ

ପଣ୍ଡିତ ସଭା, ଉଠିଛି ଉଇହୁଙ୍କା । ଦିଅଙ୍କ ଦେଉଳରେ ଘରଚଟିଆ ବସା ବାନ୍ଧିଛନ୍ତି । ନାଗେଶ୍ୱର ଗଛରେ ଧମଣା ଉଠୁଛନ୍ତି, ଚଢ଼େଇ ଛୁଆ ଚେଁ ଚେଁ ହେଉଛନ୍ତି ।"

(ବୁଦ୍ଧିରେ ଯେ ଜଗତ ଜିଣେ - କୁ.ବି. ଗ୍ର-୪-ପୃ-୨୯୯)

(ଠ) ଅରଣ୍ୟର ଚିତ୍ର :

"ସଙ୍ଗାତ ଗଲା, ବେଳବୁଡ଼କୁ ଅଗନା ଅଗନି ବନସ୍ତରେ ପହଞ୍ଚିଲା । ସେଠି ପତ୍ରଟାଏ ପଡ଼ିଲେ କୁଲାଟାଏ ପଡ଼ିଲାପରି ଶୁଭୁଛି, କାଠି ଖଣ୍ଡେ ପଡ଼ିଲେ ଢ଼ିଙ୍କି ଟାଏ ପଡ଼ିଲା ପରି ଶୁଭୁଛି । ବାଘ ଭାଲୁ ପଣ ପଣ, ଅହିରାଜ ଅଜଗର ପଲ୍ଲପଲ୍ଲ ।"

(କିଲ ପାଣି କଥା - କୁ.ବି. ଗ୍ର-୪-ପୃ-୩୩୮)

(ଡ) ଅସୁରର ରୂପ :

ନଡ଼ିଆ ଗଛ ପରି ଉଞ୍ଚା ଉଞ୍ଚା ମିଣିପିଟା ମାନ, ଆସି ଘେରିଗଲେ । ମୂଳା ପରିଦାନ୍ତ, କୁଲା ପରି କାନ, ଧାନ ଉଷୁଆଁ ହାଣ୍ଡିପରି ମୁଣ୍ଡ, ହାତେ ହାତେ ଲମ୍ବ ଜିଭଟାମାନ ।

(ଖଣ୍ଡିଆ ଲାଙ୍ଗୁଡ଼ କଥା - କୁ.ବି. ଗ୍ର-୪-ପୃ-୩୨୨)

"ତାଳଗଛ ପରି ଢ଼େଙ୍ଗା, ଶାଳଗଛ ପରି ଲମ୍ବା, ତାର ହାତ ଗୋଟା ବାଉଁଶ ପୋଖରୀ ପରି ପାଟି, ଗୁଆ ଖୋଡ଼ପା ପରି ଲହ ଲହ ଜିଭ ।

(ବୁଦ୍ଧିରେ ଯେ ଜଗତ ଜିଣେ - କୁ.ବି. ଗ୍ର-୪-ପୃ-୩୦୦)

(ଢ଼) ବଣୁଆ ଲୋକର ରୂପ:

ଗୁଡ଼ାଏ ବଣୁଆ ଖେଦି ଅଇଲେ । ମୁଣ୍ଡରେ ରଙ୍ଗୀନ ପକ୍ଷୀ, ଗଳାରେ ପୋହଳା ମାଳ ଗୋଛା, ଦିହଯାକ ଚିତା କୁଟା, ଧନୁଶର ଧରି ମାଡ଼ି ଆସିଲେ ।

(ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ - କୁ.ବି. ଗ୍ର-୪-ପୃ-୩୮୬)

(ଣ) ଦାରିଦ୍ର୍ୟ ଅବସ୍ଥା :

"ଆହା ଆମର ବାସି ଓଳିକି ଦାନା ନାହିଁ, ଏଠି କିଆଁ ଜନମିଲୁ ? ସଞ୍ଜବଳିତା ବଳିବା ପାଇଁ ତ ଟିକିଏ କନା ନାହିଁ, ଏଠି ପିନ୍ଧିବୁ କ'ଣ ? ଗାଈତ ନାହିଁ ଦୁଧ ଦେବି କୋଉଠୁ ? କତରା ଖଣ୍ଡିଏତ ନାହିଁ ଶୋଇବୁ କେମିତି ? ଧୂଳିରେ ଗଡ଼ି ଗଡ଼ି କେତେ ନାରଖାର ହେବୁ ।"

(ସାରୁ କୁମର ଆଉ ନାଗ ନାଗୁଣୀ କଥା - କୁ.ବି. ଗ୍ର-୪-ପୃ-୨୫୪)

(ତ) ଦୁର୍ଭାଗ୍ୟର ଚିତ୍ର :

"ଅତପୋଇକି କାହିଁରେ ଅଣହେଳା କଲେ ନାହିଁ । ସର, ଲବଣୀ ଖଣ୍ଡ ଶାକର, କାକରା, ନାନମାନଙ୍କୁ ସେ 'ଥୁ' କରୁଥିଲା, ଟିକିଏ ଖରା ଝାସରେ ତା ଦିହ ଝାଉଁଳି ଯାଉଥିଲା, କଅଁଳିଆ ଦିହରେ ମଲ୍ଲୀ ପାଖୁଡ଼ାରେ ବି ଗାର ପଡ଼ି ଯାଉଥିଲା । ଶିରୀଷ ଫୁଲ ପରି ସୁକୁମାରୀ, କୁନି ମିରିଗ ପରି କନ କନ ହେଉଥିଲା ସେ । କାଖରେ କୋଳରେ, ସହୀ

ଟିପ୍ପଣୀ

ସଙ୍ଗାତୁଣୀ ମେଳରେ ଦିନ ଗଡ଼ି ଯାଉଥିଲା । ଦଇବ ତାର ବଇରୀ ହେଲା, ଏତେ ସୁଖ ସରଧା ବୋଧେ ତା'ର ଦିହ ସହିଲା ନାହିଁ ।

(ତଅପୋଇ କଥା - କୁ.ବି. ଗ୍ର-୪-ପୃ-୩୯୫)

**(ଥ) ପ୍ରାଚୁର୍ଯ୍ୟର ଚିତ୍ର :**

"କିଏ କହିଲା ମୋ ଲାଗି ଆଣିବ ହୀରା ମଲ୍ଲି କଡ଼ି, କିଏ କହିଲା ଆଣିବ ଅଷ୍ଟରତ୍ନ ତାରା, ସିଂହଳର ମୋତି ମାଳା, ଯବ ଦ୍ୱିପର ମରକତ କାନଫୁଲ, ବାଲିଦ୍ୱୀପର କଳାମେଘୀ ପାଟ ।

(ତଅପୋଇ କଥା - କୁ.ବି. ଗ୍ର-ପୃ-୩୯୪)

**(ଦ) ବିବାହର ଚିତ୍ର :**

"ବାହାଘର, ସାଧବପୁଅ ହାତୀଦାନ୍ତ ପାଲିଙ୍କିରେ ବଡ଼ ପଲଟନରେ ଆସିଲା, କେତେ ବାଜା, ବାଣ କେତେନାଟ ଗାଆଣ, ମୂଳକ ଉଚ୍ଛୁଳି ଉଠିଲା । ବାଜା ବାଜୁଛି, ନାଟୁଆ ପିଲା ନାଚୁଛନ୍ତି, ଗାଆଣେ ଗାଉଛନ୍ତି, ବେଦୀରେ ବାହାଘର ହେଉଛି ।"

(ସତୀ କନିଆ ଓ ସତୀଆ ବର କଥା - କୁ.ବି. ଗ୍ର-୪-ପୃ-୩୧୪)

**(ଧ) ରାଜାଙ୍କ ଅଭିଷେକ :**

"ବାଇଦ, ବଡ଼କାଠ, ଶଙ୍ଖ-ମହୁରୀ, ଦୀପ-ଦିହୁଡ଼ି, ଛତି-ଚାମର, ବାଣ-ନିଶାଣ, ଭୋଜି-ମଉଜ ଭିତରେ ନୂଆ ରାଜାଙ୍କର ଅଭିଷେକ ହେଲା ।

(ରାମ ଢ଼ୋଲ କଥା - କୁ.ବି. ଗ୍ର-୪-ପୃ-୨୮୪)

**(ନ) ଜୀବନ ନାଟି :**

ଓଲାଗୁଣି ପର୍ବତ, ତା ଗୁମ୍ଫାରେ ଗୋଟାଏ ସାପ, ସାପ ପେଟରେ ଭଅଁର ଭଅଁର ଭିତରେ ଗୋଟାଏ କଳା କାଇଁଚ, କାଇଁଚ ଭିତରେ ଗୋଟାଏ ପୋକ, ସେଇ ମୋର ଜୀବନ ନାଟି ।

(ବୁଦ୍ଧିରେ ଯେ ଜଗତ ଜିଣେ - କୁ.ବି. ଗ୍ର-୪-ପୃ-୩୦୨)

**(ପ) ଓଷା ପାଳନ ବିଧି :**

"ସାତ ଅହିଅଙ୍କୁ ଧାଡ଼ି କରି ଠିଆ କରେଇବୁ । କଂସାଏ ହଳଦୀ ପାଣିରେ ଗୋଡ଼ ଧୋଇ ଦେବୁ । ଅଢ଼େଇ ଘେରା ଯେଉଁଠି ପୂରିବ, ସେଇଠି କଂସା ଉଗାଡ଼ି ଦେବୁ । କାନି ପଣତରେ ଗୋଡ଼ ପୋଛି ଦେବୁ । ଅଢ଼େଇ ଘେରା ଅଳତା ଦବୁ, ଚୁଆ, ଚନ୍ଦନ, ସିନ୍ଦୁର ପିନ୍ଧାଇବୁ । ଅଢ଼େଇ ଘେରା ଲିଆ ତାଙ୍କ ଅଣ୍ଟିରେ ଦେବୁ । କଦଳୀ ନଡ଼ିଆ ମାହାର୍ଦ ଦବୁ । ଏମିତି ପୂଜାବିଧି ସାରି ପଣତ କାନି ଦେଇ ପୁଅ ମୁଣ୍ଡରେ ଝାଡ଼ିବୁ । ଯାହା ମାନସିକ କରି ମୁଣ୍ଡିଆ ମାରିବୁ, ତା ପ୍ରାପତ ହେବ ।

(ସୁକୁତୁଣୀ ଓଷା - କୁ.ବି. ଗ୍ର-୪-ପୃ-୪୨୧)

**(ଫ) ଅତି-ରଂଜିତ ବର୍ଣ୍ଣନା :**

"ଦିନେ କ'ଣ ହେଲା ନା, ସେ ଦେଶର ରାଜା ପାରିଧିକି ବିଜେ କରିଥିଲେ । ରଜାଝିଅ ବେଣ୍ଟ ପୋଖରୀରେ ଗାଧୋଇ ମୁଣ୍ଡବାଳ ଝାଡୁଥିଲା । ତାଙ୍କ ଆଖି ପଡ଼ିଗଲା ସେ ଘୋଡ଼ା ଉପରେ ମୋହଗଲେ, ଯେତେବେଳେ ତାଙ୍କ ଚେତା ଫେରି ଆସିଲା, ସେ ମନ ଭିତରେ ଓ ବାହାରେ କେବଳ ରଜାଝିଅର ରୂପ ଛାଇ ଦେଖିଲେ ।

(ଚାରି ସଙ୍ଗାତ ଆଉ ରଜାଝିଅ କଥା - କୁ.ବି. ଗ୍ର-୪-ପୃ-୨୪୫)

ଟିପ୍ପଣୀ

(ଚ) **ଅସମ୍ଭବର ଅବତାରଣା ଓ ଅତି କଳ୍ପନା :**

"କଟୁଆଳକୁ ଡକେଇ ବରଗଛକୁ ହାଣି ଆଣିବା ଲାଗି ରଜା ହୁକୁମ ଦେଲେ । ବରଗଛ ହଣା ହେବାର ଦେଖି ରଜା ପୁଅ ଆଉ ଘୋଡ଼ା ଗୋଟି, ବର ଫଳରେ ପଶି ନଇ ସୁଅକୁ ଖସି ପଡ଼ିଲେ ଗୋଟିଏ ବାଳିଆ ମାଛ ଆଁ କରି ପହଁରୁଥିଲା, ତାକୁ ଟାକୁ କିନେ ଗିଳିଦେଲା ।

(କିଲପାଣି କଥା - କୁ.ବି. ଗ୍ର-୪-ପୃ-୩୩୭)

ଏଇପରି ଭାବରେ କାହାଣୀରେ ବର୍ଣ୍ଣନା ଭାଗଟା ବେଳେବେଳେ ମାତ୍ରାଧିକ ହୋଇ ପଡ଼ିଥାଏ । ତଥାପି କାହାରୀ ଅତିକଳ୍ପନା ଓ ଅତିବର୍ଣ୍ଣନାକୁ ସ୍ଥାନ ଦେଲେ ମଧ୍ୟ ଏଥିରୁ ଶ୍ରୋତା ଆନନ୍ଦ ପାଇଥାଏ । ବର୍ଣ୍ଣନା ତେଣୁ କାହାଣୀକାରର ଆବଶ୍ୟକ ଉପାଦାନ । ବର୍ଣ୍ଣନାରେ ଅତିକଥନ କେବଳ ବକ୍ତବ୍ୟର ରସାଳତା ଓ ଶ୍ରୋତାର ମାନସିକ ସରସତା ଆଣିବା ଉଦ୍ଦେଶ୍ୟରେ ଅଭିପ୍ରେତ ।

## ଚରିତ୍ରର ଚିତ୍ର

କାହାଣୀରେ କଥା ଭାଗ ଓ ଘଟଣା ଭଳି ଚରିତ୍ର ମଧ୍ୟ ଆବଶ୍ୟକ ଉପାଦାନ । ପ୍ରତ୍ୟେକ କାହାଣୀରେ କିଛିନା କିଛି ଚରିତ୍ର ସ୍ଥାନ ପାଇଥାନ୍ତି । କାହାଣୀର ଚରିତ୍ର ଘଟଣାକୁ ଗତିଶୀଳ କରାନ୍ତି, ଚରିତ୍ର ମାନଙ୍କୁ କେନ୍ଦ୍ରକରି ଘଟଣା ସବୁ ଘଟେ ଓ ଘଟିତ ଘଟଣା ଗୁଡ଼ିକରୁ ଚରିତ୍ରର ସ୍ୱରୂପକୁ ମଧ୍ୟ ଅବଧାରଣା କରାଯାଇପାରେ । କାହାଣୀର ରାଜ୍ୟ କଳ୍ପିତ ରାଜ୍ୟ, ତେଣୁ କାହାଣୀରେ ଚରିତ୍ରର ବିଚିତ୍ର ରୂପ ଓ ଆଚରଣ ପରିଲକ୍ଷିତ ହୋଇଥାଏ । କଳ୍ପିତ ରାଜ୍ୟରେ ସବୁ ଅସମ୍ଭବ ମଧ୍ୟ ସମ୍ଭବ ହୋଇଥାଏ, ଅସଙ୍ଗତ ସଙ୍ଗତ ହୋଇଥାଏ । କାହାଣୀ ଚାରିଲୋକର କଥା କହେ, ତେଣୁ କାହାଣୀର ଚରିତ୍ର ଏଇ ଚାରିଲୋକର ଅଧିବାସୀ । କାହାଣୀରେ କେତେକ ନିର୍ଜୀବ ବସ୍ତୁ, ପଶୁ, ପକ୍ଷୀ, ବୃକ୍ଷ, ସରୀସୃପ, ଭୂତ, ପରୀ ମାନବ, ମାନବୀ ଦେବତା ଇତ୍ୟାଦି ବିଚିତ୍ର ଚରିତ୍ରର ବିପୁଳ ସମାବେଶ ଘଟିଥାଏ ।

କାହାଣୀ ଗୁଡ଼ିକୁ କେତେକ ସ୍ଥଳେ ଚରିତ୍ର ମାନଙ୍କ ନାମରେ ନାମକରଣ କରାଯାଇଥାଏ । କିନ୍ତୁ କାହାଣୀର କଥା ଭାଗ ଏବଂ ଘଟଣା ହେଉଛି ଚରିତ୍ର ଅପେକ୍ଷା ଅଧିକ ପ୍ରଧାନ । ଗୋଟିଏ ଗୋଟିଏ କାହାଣୀରେ ଗୋଟିଏ ମୁଖ୍ୟ ଚରିତ୍ର ସହିତ ଅନ୍ୟାନ୍ୟ ଅନେକ ଗୌଣ ଚରିତ୍ର ସ୍ଥାନ ଲାଭ କରିଥାଆନ୍ତି । ପୁଣି ଗୋଟିଏ ଗୋଟିଏ କାହାଣୀରେ ମାନବ ଚରିତ୍ର ସହିତ କେତେକ ପଶୁପକ୍ଷୀ, ସରୀସୃପ ଚରିତ୍ର ମଧ୍ୟସ୍ଥାନ ଲାଭ କରିଥାଆନ୍ତି । କାହାଣୀର ଚରିତ୍ର ସମାବେଶ ଅତି ବ୍ୟାପକ ଓ ବିଚିତ୍ର । କାହାଣୀର ଚରିତ୍ର ମାନଙ୍କୁ ନିମ୍ନକ୍ରମରେ ଆଲୋଚନା କରାଯାଇପାରେ । ଯଥା -

(କ) **ମାନବ ଚରିତ୍ର :**

କାହାଣୀରେ ବହୁ ସ୍ଥାନରେ ମାନବ ଓ ମାନବୀ ଚରିତ୍ର ସ୍ଥାନ ପାଇ ଥାଆନ୍ତି । କେତେକ ସ୍ଥଳରେ ମାନବ ଚରିତ୍ର ରୂପରେ ରାଜା, ରାଜାପୁଅ, ମନ୍ତ୍ରୀ, ମନ୍ତ୍ରୀପୁଅ, ସାଧବ, ସାଧବପୁଅ, କଟୁଆ, କଟୁଆଳପୁଅ, ବ୍ରାହ୍ମଣ, ବାରିକ, ଶଠ, ଚୋର, ଡାକୁ, ପଣ୍ଡିତ, ଓଲା, ସିଆଣିଆ ଇତ୍ୟାଦି ଅନେକ ଚରିତ୍ର ଦେଖାଯାଆନ୍ତି । କେତେକ ଗଳ୍ପରେ ରାଜାପୁଅ, ମନ୍ତ୍ରୀପୁଅ, ସାଧବପୁଅ ଓ କଟୁଆଳ ପୁଅ ସାଙ୍ଗ ହୋଇ ପାରିଧିକୁ ଯାଆନ୍ତି ଏବଂ ବେଳେବେଳେ ଅସୁରୁଣୀ ମାୟାରେ ପଡ଼ି, ସଙ୍ଗାତମାନେ ବାଟହରା ଓ ପଥହରା ହୁଅନ୍ତି, ଜଣେ ସଙ୍ଗାତ ବଞ୍ଚିରହେ ଏବଂ ବହୁ ବିପଦର ସମ୍ମୁଖୀନ ହୋଇ ସେ ଅନ୍ୟ ମାନଙ୍କୁ ମୃତ୍ୟୁ ମୁଖରୁ ରକ୍ଷା କରିଥାଏ । ରାଜାପୁଅ ଠାରୁ ମନ୍ତ୍ରୀପୁଅ ଅପେକ୍ଷାକୃତ ଚତୁର ଓ ସାହସୀ । ପୁନଶ୍ଚ କେତେକ

ଟିପ୍ପଣୀ

ଗଳ୍ପରେ ରାଜପୁତ୍ର ରାଜକନ୍ୟାର ପ୍ରେମରେ ପଡ଼େ, ମାଲୁଣୀର ଆଶ୍ରୟ ନେଇ ପକ୍ଷୀରାଜ ଘୋଡାରେ ଆଣି ସ୍ୱଦେଶକୁ ବାହୁଡ଼ି ଆସେ ।

ମାନବ ଚରିତ୍ର ଭାବରେ କାହାଣୀରେ ଅନେକ ସ୍ଥଳରେ ସାଧାରଣ ମଣିଷର ଦୁଃଖ ଦୁର୍ଦ୍ଦଶା, ଦୁର୍ଭାଗ୍ୟର କଥା ବର୍ଣ୍ଣିତ । ରାଣ୍ଡିପୁଅ ଅନନ୍ତାର ଦୁଃଖ ଅସୀମ, ସେ ଅସୀମ ଦୁଃଖ ଭିତରେ ସୌଭାଗ୍ୟ ଲାଭ କରେ । ସାଧାରଣ ଜୀବନ ଚଳଣି ଭିତରେ ଅନେକ ମାନବ ଚରିତ୍ରରେ ଦୟା, କ୍ଷମା, ତ୍ୟାଗ, ତପସ୍ୟା, ସ୍ୱାର୍ଥପରତା, ହିଂସ୍ରତା ସାହସିକତା ଇତ୍ୟାଦି ମଧ୍ୟ ପ୍ରଦର୍ଶିତ ହୋଇଥିବା ଲକ୍ଷ୍ୟ କରାଯାଏ । ଚତୁର ଓ ଶଠ ଶ୍ରେଣୀର ମାନବ ଚରିତ୍ର ମଧ୍ୟ ଅନେକ ଗଳ୍ପରେ ବର୍ଣ୍ଣିତ । ଶଠ, ଚୋର, ଠ. ଡାକୁ, ତସ୍କରଟା ଇତ୍ୟାଦି ଚରିତ୍ରର ବିଶେଷ ରୂପେ କେତେକ କାହାଣୀରେ ସ୍ଥାନ ପାଇଥାଏ । ପୁଣି କେତେକ ମାନବ ଚରିତ୍ର ଦୈବୀ ଅନୁକମ୍ପା ପ୍ରାପ୍ତ ହୋଇଥାଆନ୍ତି, କେତେକ ଅସୁର ଅସୁରୁଣୀ ମାୟାରେ ପଡନ୍ତି, କେତେକ ମଧ୍ୟ ସାହସିକତା ପ୍ରଦର୍ଶନ କରି ଅସୁରୁଣୀ ଓ ଅସୁର କବଳରୁ ଲୁକ୍ତିଲାଭ କରିଥାଆନ୍ତି । କାହାଣୀ ବର୍ଣ୍ଣିତ ମାନବ ଚରିତ୍ର କେବଳ ନରଲୋକରେ ଲୀଳା ବିସ୍ତାର କରେ ନାହିଁ ବରଂ ଦେବଲୋକ, ପିତୃଲୋକ, ମରଲୋକ ପର୍ଯ୍ୟନ୍ତ ତାହାର ଗତି । ମାନବ ଚରିତ୍ର ପୁଣି ଭୂତ, ପ୍ରେତ, ଡାହାଣୀ, ଚିରୁଗୁଣୀ, ଯାଦୁଗର, ଅସୁର, ଅସୁରୁଣୀ ସଂସ୍ପର୍ଶରେ ଆସନ୍ତି । ଲୌକିକଜୀବନ ଧାରା ଭିତରେ କେତେକ ନର ଚରିତ୍ର ଆଲୌକିକ କାର୍ଯ୍ୟକଳାପ ପ୍ରଦର୍ଶନ କରିବାର ଚିତ୍ର ମଧ୍ୟ କାହାଣୀରେ ପରିଲକ୍ଷିତ ହୁଏ ।

**(ଖ) ମାନବୀ ଚରିତ୍ର :**

କାହାଣୀରେ ନାରୀ ଚରିତ୍ରର ବିଚିତ୍ର ରୂପ ବୋଧ ପ୍ରକାଶିତ । ନାରୀକୁ ଏଇ ଜଗତରେ ବିଭିନ୍ନ ରୂପରେ ଦେଖାଯାଇଥାଏ । କେତେବେଳେ ଏଇ ନାରୀ ସର୍ବଂସହା ମାନବୀ ପ୍ରତିମା, କେତେବେଳେ ସ୍ୱାମୀ ସୋହାଗିନୀ ସନ୍ତାନବତ୍ସଳାତ, କେତେବେଳେ ନାରୀ ପୁଣି ସିଂହାରିଣୀ ମୂର୍ତ୍ତିଧାରଣ କରି ରାକ୍ଷସୀ ସାଜିଥାଏ । ସ୍ୱାମୀ, ସନ୍ତାନ ଓ ପାରିବାରିକ ମଙ୍ଗଳକାମନା କରି ଏଇ ନାରୀ ବାରବ୍ରତ ଓ ତେର ଓଷା ନିଷ୍ଠାର ସହିତ ପାଳନ କରେ, ଏହାହିଁ ତା'ର କଲ୍ୟାଣ କାମୀ ରୂପସତ୍ତା । ସେହିପରି ଭାବରେ ମଧ୍ୟ ଆପଦ ବିପଦରେ ସେ ଦୈବୀ ଅନୁକମ୍ପା ଲାଭ କରିଥାଏ ।

କେତେକ ଗଳ୍ପରେ ନାରୀର ମାୟା, ହିଂସ୍ରତା, ଅହଙ୍କାର, ଗର୍ବ, ଦମ୍ଭ ଓ ଇର୍ଷାର ଚିତ୍ର ପରିଲକ୍ଷିତ ହୁଏ । ନିଜ ପୁତ୍ରର ମଙ୍ଗଳ ମନାସି ସେ ସପତ୍ନୀ ଉପରେ ଅତ୍ୟାଚାର କରେ, ସ୍ୱାମୀଙ୍କୁ କୁପଥରେ ପରିଚାଳିତ କରି ଏଇ ନାରୀ ସପତ୍ନୀ ପୁତ୍ରମାନଙ୍କୁ ବିଷଦେଇ ହତ୍ୟାକରେ, ରୂପର ମୋହ ଭିତରେ ସେ ସମସ୍ତଙ୍କୁ ଆକର୍ଷିତ କରେ, ଗୋପନ ପ୍ରଣୟ ଭିତରେ ପରପୁରୁଷ ସହିତ ପାପ-ପ୍ରେମରେ ନିମଜ୍ଜିତ ରହେ, ପୁଣି ଭୟଙ୍କରୀ ରାକ୍ଷସୀଠାରୁ ସେ ବେଳେବେଳେ ଅଧିକ ହିଂସ୍ର ହୋଇଉଠେ । ପୁନଶ୍ଚ କେତେକ କାହାଣୀରେ ନାରୀ ଏକ ପତିବ୍ରତା ଓ ସତୀତ୍ୱର ପରାକାଷ୍ଠା ଚିତ୍ରିତ । ଅନ୍ୟପୁରୁଷ ଦ୍ୱାରା ଧୃତା ହୋଇ ସେ ବିବାହ କରିବାକୁ ଓଷା ବା ବ୍ରତର ବାହାନା କରି ସମୟ ନେଇଥାଏ ଓ ନିଜ ପୁରୁଷ ତାକୁ ଉଦ୍ଧାର କରିଥାଏ । ଲୋକ ଗଳ୍ପରେ ନାରୀ ସ୍ନେହମୟୀ ଜନନୀ, ସୋହାଗିନୀ ଭଗିନୀ, ପ୍ରେମମୟୀ ଜାୟା, ବିନାଶମୟୀ ଦାନବୀ ଇତ୍ୟାଦି ବିଭିନ୍ନ ରୂପରେ ଚିହ୍ନିତ । ପୁଣି ସମୟେ ସମୟେ ଅସୁର ଅସୁରୁଣୀ ଦାନବୀ ଇତ୍ୟାଦିଙ୍କ ସହିତ ରାଜକନ୍ୟା ଓ ସାଧବ କନ୍ୟାକୁ ଅତି ଦୁଃଖ ଓ ଅସହାୟ ଭାବରେ ସମୟ କାଟିବାକୁ ପଡେ । କର୍ମ ଓ ଦୁର୍ଭାଗ୍ୟ ଦାୟରେ ବିଲୁଆ, ମାଙ୍କଡ଼ ଇତ୍ୟାଦିଙ୍କୁ ସେ ପତିରୂପେ ବରଣ କରେ ଏବଂ ନିଜର ନିଷ୍ଠାହେତୁ ଏଇ ପଶୁମାନେ ସମୟକ୍ରମେ ତା'ପାଇଁ ସୁନ୍ଦର ପୁରୁଷରେ ପରିଣତ ହୋଇ ଯାଆନ୍ତି । ମାନବ ଚରିତ୍ର ପରି ନାରୀ ଚରିତ୍ରମଧ୍ୟ ବିଭିନ୍ନ ଜଗତରେ ବିଚରଣ କରିପାରେ ।

ସୌଭାଗ୍ୟ ଓ ଦୁର୍ଭାଗ୍ୟର ଘନଘଟା ସହିତ ସୁଖ-ଦୁଃଖର ସନ୍ତୁଳନ ଭିତରେ ନାରୀ ଚରିତ୍ରର ବୈଚିତ୍ର୍ୟ ଲୋକ କାହାଣୀରେ ପରିବ୍ୟାପ୍ତ ।

**(ଗ) ଶିଶୁ ଚରିତ୍ର :**

ନର ନାରୀ ଚରିତ୍ର ପରି କାହାଣୀରେ କେତେକ ଶିଶୁ ଚରିତ୍ର ମଧ୍ୟ ପରିଲକ୍ଷିତ ହୋଇଥାଏ । କେତେକ ସ୍ଥଳରେ ଶିଶୁ ବୟସ ତୁଳନାରେ ଯଥେଷ୍ଟ ଦୁଷ୍ଟ, ସାହସୀ ଏବଂ ବୁଦ୍ଧିମାନ । ଅନେକ କାହାଣୀରେ ଶିଶୁର ଦୁଃସାହସିକ ପଦକ୍ଷେପ, ଅସୁରୁଣୀ କବଳରୁ ଆତ୍ମରକ୍ଷା ଏବଂ ନିଜ ପିତା, ମାତାଙ୍କୁ ବଂଚାଇବାର ଚିତ୍ର ପ୍ରଦତ୍ତ । କେତେକ କ୍ଷେତ୍ରରେ ନିରୀହ ଶିଶୁକୁ ଅସୁରୁଣୀ ଖାଇ ଯାଇଛି, କାପାଳିକ ତାକୁ ବଳୀ ଦେଇଛି ଓ କେତେକ ସ୍ଥଳେ ପିତା ମାତାଙ୍କ କୁକର୍ମ ପାଇଁ ଶିଶୁକୁ ମଧ୍ୟ ଦୁର୍ଦ୍ଦଶା ଭୋଗ କରିବାକୁ ହୋଇଛି । ନର ନାରୀ ଚରିତ୍ର ତୁଳନାରେ ଶିଶୁ ଚରିତ୍ର ଗଳ୍ପରେ ପ୍ରାଧାନ୍ୟ ଲାଭ କରିପାରିନାହିଁ । ତଥାପି ସ୍ଥଳ ବିଶେଷରେ ଯେଉଁ ଶିଶୁ ଚରିତ୍ର ରହିଛନ୍ତି, ସେଗୁଡ଼ିକ ନିଶ୍ଚିତ ଭାବରେ ହୋଇଛି ଉପଭୋଗ୍ୟ ।

**(ଘ) ଅଶରୀର ଅମାନବ ଚରିତ୍ର :**

ଲୋକ କାହାଣୀରେ ଭୂତ, ପ୍ରେତ, ଡାହାଣୀ, ଚିରୁଗୁଣୀ ଇତ୍ୟାଦି ଅନେକ ଚରିତ୍ର ପରିଦୃଷ୍ଟ ହୁଅନ୍ତି । ଏମାନେ ମଣିଷ ମାନଙ୍କୁ ଭୟ ପ୍ରଦର୍ଶନ କରାନ୍ତି ଏବଂ ମଣିଷଙ୍କର କଞ୍ଚାମାଂସ ଇତ୍ୟାଦି ଖାଇଯାଆନ୍ତି । ଏଇ ଚରିତ୍ର ମାନଙ୍କୁ କାହାଣୀରେ ଅଶରୀରୀ ଚରିତ୍ର ଭାବରେ ଗ୍ରହଣ କରାଯାଏ । ଏମାନେ ଦିବସର ଆଲୋକରେ ଅନ୍ତର୍ହିତ ହୁଅନ୍ତି ଏବଂ ରାତ୍ରିର ଅନ୍ଧକାରରେ ଆର୍ବିଭୂତ ହୁଅନ୍ତି । ନିଛାଟିଆ ମଶାଣିପଦା, ଝଙ୍କାଳିଆ ବରଗଛ ଇତ୍ୟାଦିରେ ଏମାନେ ବାସ କରନ୍ତି ।

ଡାହାଣୀ, ଚିରୁଗୁଣୀ, ପିଚାଶୁଣୀ ଇତ୍ୟାଦି ବିଭିନ୍ନ ଧରଣର ନାରୀ ଅଶରୀରୀ ଯାଆନ୍ତି । ବରଷା ରାତିରେ ଏମାନେ ମଶାଣି ପଦାରେ ସଂପୂର୍ଣ୍ଣ ନଗ୍ନ ହୋଇ ଗୋଡ଼ ଦୁଇଟିକୁ ଉପରକୁ ଟେକି ତଳମୁହାଁ ହୋଇ ଆହାର ସନ୍ଧାନ କରନ୍ତି । ଆବଶ୍ୟକ ପଡ଼ିଲେ ଏମାନେ ସୁନ୍ଦରୀ ନାରୀ ବେଶ ଧାରଣ କରନ୍ତି । ଏମାନଙ୍କ କାୟାଥାଏ, ଛାୟା ନଥାଏ, ଏମାନଙ୍କ ପାଟି ମେଲାଇଲେ ରଡ଼ନିଆଁ ଜଳିଲା ପରି ଦୃଶ୍ୟ ହୁଏ । ଇହ ଜୀବନରେ ସୁକୃତ ଓ ବାଞ୍ଛିତ ବାସନା ଚରିତାର୍ଥ ହୋଇ ନପାରିଲେ ନାରୀ, ପର ଜୀବନରେ ଡାହାଣୀ ହୋଇଯାଏ ବୋଲି ବିଶ୍ୱାସ ରହିଅଛି । ଡାହାଣୀମାନେ ମଶାଣି ପଦାରେ ଗୋଡ଼ ଲମ୍ବାଇ ନିଜ ପିଲାଙ୍କୁ ଗେଲ କରେ । ଆବଶ୍ୟକ ପଡ଼ିଲେ ଏମାନେ ଅନ୍ୟନାରୀ ଉପରେ ସବାର ସାଜି ଅନେକ କ୍ଷତି ଘଟାନ୍ତି । ଏପରିକି ଅପରକୁ ମଧ୍ୟ ଏମାନେ ଜୀବନରେ ନିଃଶେଷ କରିଦିଅନ୍ତି ।

ବିବାହିତ ଓ ଅବିବାହିତ ପୁରୁଷ ଇହକାଳର ସୁକୃତ ଅଭାବରୁ ମୃତ୍ୟୁପରେ ଯଥାକ୍ରମେ ଭୂତ ଓ ବ୍ରହ୍ମରାକ୍ଷସ ପାଲଟି ଯାଆନ୍ତି । ଏମାନେ ମଶାଣି ପଦାରେ ହାଡ଼ ଧରି ବାଗୁଡ଼ି ଓ ପଶା ଖେଳନ୍ତି । ନଈକୂଳେ ବରଗଛରେ ବସି ଆର କୂଳକୁ ଗୋଡ଼ ଲମ୍ବାଇ ଥାଆନ୍ତି । ବାବନାଭୂତ, ପବନାଭୂତ ଇତ୍ୟାଦି ଭେଦରେ ଭୂତ ଅନେକ ପ୍ରକାରର । ଭୂତୁଣୀ ମାନଙ୍କ ସହିତ ଏମାନଙ୍କର ପାରିବାରିକ ସଂପର୍କ ରହିଛି । ନିଛାଟିଆ ସ୍ଥାନ, ଅନ୍ଧାର ରାତିରେ ଏମାନେ ଉପଦ୍ରବ କରନ୍ତି । ଜୀଅନ୍ତା ମଣିଷର ବେକ କଣା କରି ତାଜା ରକ୍ତ ପିଇ ଯାଆନ୍ତି ଓ ଅନେକ ଭୌତିକ କାଣ୍ଡ ସୃଷ୍ଟି କରନ୍ତି ।

ଭୂତ, ବ୍ରହ୍ମ ରାକ୍ଷସ, ଡାହାଣୀ, ଚିରୁଗୁଣୀ ଇତ୍ୟାଦି ମାନବ ସମାଜରୁ ଅଶେଷ କ୍ଷତି ସାଧନ କରିବା କଥା କାହାଣୀରେ ବର୍ଣ୍ଣିତ । ଏମାନେ କାହାକୁ ଭୟ କରନ୍ତି ନାହିଁ, କେବଳ ଗୁଣିଆ ଓ ତାନ୍ତ୍ରିକକୁ ଭୟ କରନ୍ତି । ଗୁଣିଆ ମାନେ

ଟିପ୍ପଣୀ

ମନ୍ତ୍ର କରି ଭୂତ ଛଡାନ୍ତି, ଡାହାଣୀକୁ ବିଦାୟ କରାନ୍ତି, ଗଳ୍ପ ଗୁଡିକରେ ଏହାର ଅନେକ ଚରିତ୍ର ଲକ୍ଷିତ । 'ବାବନାଭୂତ କଥା' ଇତ୍ୟାଦିରେ ଭୂତ ବାରିକର ଚତୁରତା ଦ୍ୱାରା ବଶୀଭୂତ ହେବା ଏବଂ ତା'ର ସେବକ ସାଜିବା କଥା ବର୍ଣ୍ଣିତ । ତେବେ ଅଶରୀରୀ ଅମାନବ ଚରିତ୍ର ଭାବରେ ଭୂତ, ପ୍ରେତାଦି ଚରିତ୍ର ଓଡ଼ିଆ ଲୋକ କାହାଣୀରେ ଅନେକ ଭୟ ସଂଚାର କରିଥାଏ ।

**(ଙ) ଶରୀରୀ ଅମାନବ ଚରିତ୍ର :**

ଶରୀର ଥିବା ଅମାନବ ଚରିତ୍ର ଭାବରେ ଲୋକଗଳ୍ପର ଅନେକ ଅସୁର ଓ ଅସୁରୁଣୀ ଚରିତ୍ରର ଚିତ୍ର ପ୍ରଦାନ କରାଯାଇଅଛି । କାହାଣୀରେ ଅସୁର ସମାଜ ସହିତ ମଣିଷ ସମାଜର ଅନେକ କ୍ରିୟା କଳାପର କଥା ବର୍ଣ୍ଣିତ । ଏମାନଙ୍କ ଚରିତ୍ରର କେତେକ ବିଶେଷ ଗୁଣ ଓ ଲକ୍ଷଣ ପରିଦୃଷ୍ଟ । ଏମାନେ ଆକାରରେ ଅତି ଦୀର୍ଘ, ବିକଟାଳ ଏମାନଙ୍କ ରୂପ ଅତି ଭୀତିପ୍ରଦ । ତାଳଗଛ ପରି ଅସୁରର ଉଚ୍ଚତା, ଶାଳଗଛ ପରି ହାତ ପୋଖରୀ ପରି ମାଟି, କେଶଗୁଡ଼ିକ ବାଉଁଶ, ଗଛ ଗୁଆ ଖୋଳପା ପରି ଜିଭ, ମୂଳାପରି ଦାନ୍ତ । ଏମାନେ ଭରଣ ଭରଣ ଚାଉଳର ଭାତ ଖାଇ ଯାଆନ୍ତି, ନଈକି ପାଣି ପିଇଯାଆନ୍ତି ବହୁ ଭୋଜନ ଏମାନଙ୍କ ଚରିତ୍ରର ଏକ ବିଶେଷତ୍ୱ ।

ଅସୁର ଅସୁରୁଣୀମାନେ କେବଳ ବହୁଭୋଜୀ ନୁହନ୍ତି, ଏମାନେ ମାଂସଭୋଜୀ ଓ ବିଶେଷତଃ ମନୁଷ୍ୟଭୋଜୀ । ମଣିଷ ମାଂସ ଖାଇବା ଓ ମଣିଷ ରକ୍ତ ପାନ କରିବାରେ ଏମାନଙ୍କର ଯଥେଷ୍ଟ ଆନନ୍ଦ ଆଉ ଆଗ୍ରହ । ଏଥିପାଇଁ ଏମାନେ ମାୟାକରି ମଣିଷମାନଙ୍କୁ ଭୁଲାଇ ଆଣନ୍ତି ଓ ଏମାନଙ୍କ ରକ୍ତ ମାଂସ ଆହାର କରନ୍ତି । ଅସୁରମାନେ ମାୟାବେଶୀ, ଏମାନେ ଇଚ୍ଛା କଲେ ଯେ କୌଣସି ରୂପ ପରିବର୍ତ୍ତନ କରି ପାରନ୍ତି ଓ ମଣିଷ ସମାଜ ସହିତ କପଟ ସଖ୍ୟ ସ୍ଥାପନ କରନ୍ତି । ଅନେକ ଗଳ୍ପରେ ବୁଢ଼ୀ ଅସୁରୁଣୀ ସୁନ୍ଦରୀ ରାଜକନ୍ୟା ବେଶରେ ଅସହାୟଭାବରେ ବସି କାନ୍ଦେ, ରାଜା ତାକୁ ନେଇ ବିବାହ କରନ୍ତି, ରାଜବାଟୀରେ ପଶୁ ସମ୍ପଦକୁ ସେ ସବୁରି ଅଜ୍ଞାତରେ ଆହାର କରିଥିବାର ଚିତ୍ର କାହାଣୀରେ ବର୍ଣ୍ଣିତ ।

ଅସୁର ଓ ଅସୁରୁଣୀ ଚରିତ୍ରର ମୃତ୍ୟୁର ଚିତ୍ର ଅତି ବିଚିତ୍ର । ପ୍ରତ୍ୟେକ ଅସୁର, ଅସୁରୁଣୀଙ୍କର ଜୀବନନାଟୀ ଥାଏ । କେଉଁଠାରେ ସାତତାଳ ପାଣି, ସାତତାଳ ପାଙ୍କ ଭିତରେ ଥିବା ସିନ୍ଦୁକ, ଏହା ଭିତରେ ଥିବା ଫରୁଆ, ଫରୁଆଭିତରେ ଥିବା ଭଅଁର ଏମାନଙ୍କ ଜୀବନନାଟି । ଏଇ ଭଅଁରକୁ ଚିପିଦେଲେ ଅସୁର ମରିଯାଏ । କେଉଁଠାରେ ପକ୍ଷୀଟିଏ ଅଥବା ଫୁଲ ଏମାନଙ୍କର ଜୀବନାଟୀ । କେଉଁଠାରେ ବୁଢ଼ୀ ଅସୁରୁଣୀର ମୁଣ୍ଡ ପାଚିଲା କେଶ ଜୀବନନାଟୀ । ଜୀବନନାଟୀକୁ ନଷ୍ଟ କରିଦେଲେ ଅସୁର ବା ଅସୁରୁଣୀ ମୃତ୍ୟୁ ବରଣ କରନ୍ତି । ଏହା ବ୍ୟତୀତ କେତେକ ସାହସୀ ଯୁବକଙ୍କର ତୀକ୍ଷ୍ଣ ଅସ୍ତ୍ରାଘାତରେ ଅସୁର ଓ ଅସୁରୁଣୀମାନେ ମୃତ୍ୟୁବରଣ କରନ୍ତି ।

ଶରୀରୀ ଅମାନବ ଭାବରେ ଅସୁର ସମାଜର ଚିତ୍ର କାହାଣୀରେ ଅତି ଅବାସ୍ତବ ରୂପେରେଖ ପାଇଥିଲେ ତାହା ବୈଚିତ୍ର୍ୟ ବିମଣ୍ଡିତ ହୋଇଅଛି । କାହାଣୀରେ ଅନେକ ଅସୁରୁଣୀଙ୍କୁ ସର୍ବାଙ୍ଗ ସୁନ୍ଦରୀ ରାଜକନ୍ୟା ରୂପେ ଦେଖିବାକୁ ମିଳେ । ଅସୁର ରାଜକନ୍ୟାକୁ ବିବାହ କରିବାର ଚିତ୍ର ଅପେକ୍ଷା ଅସୁରୁଣୀ ରାଜକନ୍ୟା ରୂପରେ ରାଜାଙ୍କୁ ବିବାହ କରିବାର ଚିତ୍ର ବରଂ ଅଧିକ । ଅସୁରମାନଙ୍କର କାୟା ବିରାଟ, ମାୟା ଅସୀମ, ହେଲେ ବୁଦ୍ଧି ଅତି ଅଳ୍ପ । ଏମାନେ ମଣିଷ ମାନଙ୍କ ଦ୍ୱାରା ବୁଦ୍ଧିରେ ପରାସ୍ତ ହୁଅନ୍ତି ଓ ମଣିଷ ବୁଦ୍ଧିବଳ ଦ୍ୱାରା ଅସୁରକୁ ଜୟ କରିବାର ଚିତ୍ର ଅନେକ କାହାଣୀରେ ସ୍ଥାନ ପାଇପାରିଛି ।

ଟିପ୍ପଣୀ

### (ଚ) ଜୀବଜନ୍ତୁଙ୍କ ଚରିତ୍ର :

ଲୋକ କାହାଣୀରେ ଅନେକ ଜୀବଜନ୍ତୁ ଚରିତ୍ର ସ୍ଥାନ ପାଇଥାଆନ୍ତି । ଜୀବଜନ୍ତୁ ମାନେ ମଣିଷ ତୁଲ୍ୟ ଆଚରଣ କରନ୍ତି, ଆଚାର ଆଚରଣରେ ପୁଣି ମନୁଷ୍ୟ ସହିତ ବିଭିନ୍ନ ଦୃଷ୍ଟିରୁ ସଂପୃକ୍ତ ହୋଇଥାଆନ୍ତି । ଜୀବଜନ୍ତୁ ଗୁଡିକ କୃତଘ୍ନ ଓ ଅବିଶ୍ୱାସୀ ନୁହଁନ୍ତି, ଏମାନେ ବିଶ୍ୱାସୀ ଏବଂ ଉପକାର ପ୍ରତ୍ୟୁପକାର କରିଥାଆନ୍ତି । କାହାଣୀରେ ଜୀବଜନ୍ତୁଙ୍କର ମାନବୀୟ ଆଚରଣ ବେଶ କୌତୁହଳ ସୃଷ୍ଟି କରିଥାଏ । କେତେକ ସ୍ଥଳରେ ଜୀବଜନ୍ତୁଙ୍କୁ ମଣିଷ ପୁତ୍ର ଓ କନ୍ୟା ରୂପେ ଗ୍ରହଣ କରନ୍ତି, କାହାଣୀରେ ଯାଦୁବିଦ୍ୟା ବଳରେ କେତେକ ଜୀବଜନ୍ତୁ ମଧ୍ୟ ମାନବ ସ୍ୱରୂପ ଲାଭ କରନ୍ତି । ସ୍ଥଳ ବିଶେଷରେ ଜୀବଜନ୍ତୁମାନେ ମାନବର ପତ୍ନୀ ଏବଂ ନାରୀର ସ୍ୱାମୀ ରୂପେ ଗୃହୀତ ହୁଅନ୍ତି । ଜୀବଜନ୍ତୁ ପଶୁପକ୍ଷୀ ଓ ସରୀସୃପ ଇତ୍ୟାଦି କେତେକଙ୍କୁ ଲୋକ କାହାଣୀରେ ଚରିତ୍ର ରୂପେ ଗୃହୀତ ହୁଅନ୍ତି । ଜୀବଜନ୍ତୁ ପଶୁପକ୍ଷୀ ଓ ସରୀସୃପ ଇତ୍ୟାଦି କେତେକଙ୍କୁ ଲୋକ କାହାଣୀରେ ଚରିତ୍ର ରୂପେ ଗ୍ରହଣ କରାଯାଇଛି । ଏମାନଙ୍କ ଭିତରେ ବାଘ, ଛେଳି, ମଇଁଷି, ଗାଈ, ବଳଦ, କୁକୁର, ନେଉଳ, ମୂଷା, ସାପ, ଗଧିଆ, ଶୁଆ, ଶାଗୁଣା, କାଉ, ମାଟିଆ ଚିଲ ଇତ୍ୟାଦି ପଶୁପକ୍ଷୀ ଓ ସରୀସୃପ ଇତ୍ୟାଦି ବହୁ ସଂଖ୍ୟାରେ ସ୍ଥାନ ପାଇପାରିଛନ୍ତି ।

କାହାଣୀ ବର୍ଣ୍ଣିତ ପଶୁପକ୍ଷୀମାନେ ଆକାର ଦୃଷ୍ଟିରୁ ଠିକ୍ ପକ୍ଷୀ ହେଲେ ମଧ୍ୟ ଆଚରଣରେ ଏମାନେ ଭିନ୍ନ । କାହାଣୀରେ ହାତୀ ସବୁ ସମୟରେ କଳସ ଧରି ବୁଲେ ଓ ଯାହା ମୁଣ୍ଡରେ ସୁନାକଳସ ଢ଼ାଳିଦିଏ ସେ ରାଜା ହୁଏ । ରାଜ ପରିବାରର କନ୍ୟାର ବିବାହ କାଳରେ ମଧ୍ୟ ହାତୀ ସୁନା କଳସ ଢ଼ାଳିଦେଇ ବର ନିର୍ବାଚନ କରେ । ଭାଗ୍ୟ ନିର୍ଦ୍ଧାରଣ କରିବାରେ କାହାଣୀରେ ହାତୀ ଚରିତ୍ରଟି ବ୍ୟବହୃତ । କାହାଣୀରେ ବାଘ ଅତି ଭୟଙ୍କର ଜୀବ ରୂପେ ସ୍ଥାନ ପାଇଥାଏ, ମଣିଷଙ୍କୁ ଖାଇବାକୁ ବାଘ ଚେଷ୍ଟାକରେ, କିନ୍ତୁ ମଣିଷର ଚତୁରତା ନିକଟରେ ବାଘ ସତେ ଯେମିତି ହାର ମାନିଯାଏ । ସେହିପରି ବାଘ ଗୁମ୍ଫାରେ ବେଳେବେଳେ ଛାଗ ପ୍ରବେଶ କରେ, ଏବଂ ଛାଗର ଉପସ୍ଥିତ ବୁଦ୍ଧି ହିଁ ତାକୁ ବାଘ କବଳରୁ ବଞ୍ଚାଇ ରଖିଥାଏ । ହଡ଼ାବଳଦ ଓ ବାଘ ମଧ୍ୟରେ କଥୋପକଥନ ଘଟେ, ବାଘ ବେଳେବେଳେ ନିଜ କନ୍ୟାକୁ ସାଧବ ଓ ରାଜାପୁଅ ସହିତ ବିବାହ କରାଉଥାଏ ।

କାହାଣୀରେ ସର୍ପର କେତେକ ବିଶେଷତ୍ୱ ରହିଥାଏ । ସର୍ପ ମଥାରେ ମଣି ରହିଥାଏ । ଏ ମଣି ଖୁବ୍ ଉଜ୍ଜ୍ୱଳ ଦିଶେ, ଆଡ଼ ଦୀର୍ଘରେ କୋଶେ ପରିମିତ ବାଟ ଉଜଳା ଦିଶେ । ସର୍ପ ପ୍ରସବ କରିବା ସହିତ ସମୟେ ସମୟେ ମନୁଷ୍ୟପତ୍ର ଓ ମନୁଷ୍ୟ କନ୍ୟା ପ୍ରସବ କରେ, ସେଇ ପୁତ୍ର ଓ କନ୍ୟାଙ୍କ ହିତ ପାଇଁ କ୍ଷୀର ମଧ ଦିଏ । ଚକୁଳିଆ ପଣ୍ଡା କଥାରେ ଅଛି – "ଦିନକର ଚକୁଳିଆପଣ୍ଡା ନଈକୁ ଗାଧୋଇବାକୁ ଯାଇଥିଲା । ନାଗଲୋକ ରାଜାର ପୁଅ ହଳାହଳ କୁମରର ଏ ମର୍ତ୍ତ୍ୟ ଦେଖିବାକୁ ବଡ଼ ଇଚ୍ଛା । ସେ ନଈରେ ସାପ ଛୁଆଟିଏ ହୋଇ ଖେଳୁଥିଲା । ଚକୁଳିଆ ପଣ୍ଡାର ଡ଼ାଳ ଭିତରେ ପଶି ତା ଘରକୁ ଆସିଲା । ଚକୁଳିଆ ପଣ୍ଡାର ଭାରିଜା ପାଣି ଢ଼ାଳିଲା ବେଳେ ଦେଖିଲା ଯେ ସାପ ଛୁଆଟି ଗୋଟିଏ ଉତ୍ତମ ସୁନ୍ଦର ବାଳକଟିଏ ହୋଇ ଡ଼ାଳରେ ଅଛି ।"

କାହାଣୀରେ ମାଙ୍କଡ଼ର ମଣିଷ ସୁଲଭ ଆଚରଣ ମଧ୍ୟ ସ୍ଥାନ ପାଇଛି । କୁଳମଣି ନାମକ ମାଙ୍କଡ଼ ଛୁଆକୁ ସାନରାଣୀ ଅପୁତ୍ରିକା ଥିବାରୁ ଅତି ସ୍ନେହ ଓ ଆଦରରେ ପାଳନ କରିଛି । କୁଳମଣି ଅସୁର ରାଜ୍ୟରେ ପହଞ୍ଚି ସେଠାରେ ଥିବା ରାଜ କନ୍ୟାକୁ ସାହସର ସହିତ ଉଦ୍ଧାର କରିଛି ମାଙ୍କଡ଼ ଜନ୍ମରୁ ମୁକ୍ତି ପାଇ ସୁନ୍ଦର ରାଜପୁତ୍ରରେ ପରିଣତ ହୋଇଛି । ଏଇପରି ଭାବରେ କାହାଣୀରେ ଅନେକ ପଶୁ ମାନବ ସୁଲଭ ଆଚରଣ କରିଥିବା ଦେଖାଯାଏ ।

ଟିପ୍ପଣୀ

କାହାଣୀରେ ପଶୁପକ୍ଷୀ ଚରିତ୍ର ସମାବେଶ ଅତି ଚରିତ୍ର ଆକାରରେ ଦେଖାଦେଇଥାଏ । କେତେକ ଗଳ୍ପରେ କେବଳ ପଶୁପକ୍ଷୀ ଚରିତ୍ର ରୂପେ ଦେଖାଦେଇଥାଆନ୍ତି, ପୁଣି କେତେକ ଗଳ୍ପରେ ପଶୁ ସହିତ ମଣିଷ, କିମ୍ବା ପକ୍ଷୀ ସହିତ ମଣିଷ ଚରିତ୍ର ସ୍ଥାନ ପାଇଛନ୍ତି । ପୁନଶ୍ଚ ଅନ୍ୟ କେତେକ ଗଳ୍ପରେ କେବଳ ମଣିଷ ଚରିତ୍ର ଗୁଡ଼ିକ ସ୍ଥାନ ପାଇଥିଲେ ବି ଏଥିରେ ପଶୁପକ୍ଷୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କେତେକ ଗଳ୍ପରେ ପଶୁ ପକ୍ଷୀମାନେ ମଣିଷକୁ ଅନେକ ବିପଦରୁ ରକ୍ଷା କରିଥାଆନ୍ତି । ବଗ ବଗୁଲି କଥା, ମୂଷା କନିଆଁ କଥା, ମାଙ୍କେଡ଼ି ଓ ମହାଜନ ଝିଅ କଥା, ଧୂନ୍ଦୁ ମାଙ୍କଡ଼ କଥା, ଅରଣା ମଇଁଷି ପୋଷା ମାନିଲେ, କାପେତା କାପେତୀ କଥା ଇତ୍ୟାଦି କାହାଣୀରେ ପଶୁପକ୍ଷୀ ଓ ଜୀବଜନ୍ତୁ ଚରିତ୍ରର ମାନବୀୟ ଭାବବୋଧ ପ୍ରକାଶ ପାଇପାରିଛି ।

**(ଛ) କେତେକ ଅଚେତନ ବସ୍ତୁ :**

ଲୋକ କାହାଣୀରେ ମଣିଷ, ଅସୁର, ଭୂତପ୍ରେତ ଓ ଜୀବଜନ୍ତୁ କେବଳ ଚରିତ୍ର ନୁହଁନ୍ତି, ଏହା ସହିତ କେତେକ ଅଚେତନ ବସ୍ତୁ ଭାବରେ ଠେଙ୍ଗା, ବଟୁଆ, ମଣି, ଠୋକ, ମୁଗୁର, ଶଙ୍ଖ କୁହୁକ କରାଟ ଇତ୍ୟାଦି ଚରିତ୍ର ରୂପେ ଦେଖା ଦେଇଥାଆନ୍ତି । କାରଣ ଏମାନଙ୍କୁ ନେଇ ଗଳ୍ପରେ ଅସାଧାରଣ ଘଟଣା ଘଟିଥାଏ ଓ ଅନ୍ୟ ଚରିତ୍ର ମାନଙ୍କର କେତେକ ଗତି ଭଙ୍ଗୀରେ ମଧ ଏସବୁ ସାହାଯ୍ୟ କରିଥାଆନ୍ତି । ସୁତରାଂ ଗଳ୍ପରେ ଏଇ ସବୁ ଅଚେତନ ବସ୍ତୁ ବେଳେବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଲକ୍ଷ୍ୟ କରାଯାଇଥାଏ ।

ଅଚେତନ ବସ୍ତୁଗୁଡ଼ିକ ଭିତରେ ରହିଛି ଅସମ୍ଭବ କ୍ଷମତା । ଏମାନେ ଯଥା ସମୟରେ ମଣିଷକୁ ବିଭିନ୍ନ ଦୃଷ୍ଟିରୁ ସାହାଯ୍ୟ କରନ୍ତି । 'ଠୋକ୍ ମୁଗୁର କଥା'ରେ ଏ ଦୃଷ୍ଟିରେ ସରଳ ଓ ନିରୀହ ବ୍ରାହ୍ମଣକୁ ସାହାଯ୍ୟ କରିଛି ଦୈବୀ ପ୍ରଦତ୍ତ ପଲମ ପେଟରା ଏବଂ ଏହା ପରେ ଠୋକ ମୁଗୁର । ପିଲାମାନେ ବ୍ରାହ୍ମଣ ଠାରୁ କୌଶଳରେ କୁହୁକ ପଲମ ଏବଂ କୁହୁକ ପେଟରା ନେଇଗଲେ ଓ ଶେଷରେ ଠୋକ ମୁଗୁର ଦ୍ୱାରା ସେମାନେ ବହୁ ଆଘାତ ପ୍ରାପ୍ତ ହେଲେ । ଶଙ୍ଖ କଥାରେ ଅକର୍ମା ମାଧିଆ ସମୁଦ୍ରଠାରୁ ଶଙ୍ଖ ପ୍ରାପ୍ତ ହେବା ଓ ରାଜା ତାକୁ ନେଇଯିବା, ମାଧିଆ ତାଠାରୁ ପୁନର୍ବାର ଶଙ୍ଖ ପ୍ରାପ୍ତ ହେବା ପରେ ତା'ର ଜୀବନ ଧାରା ବଦଳିଯିବା ଇତ୍ୟାଦି ବର୍ଣ୍ଣିତ ।

କାହାଣୀର ଅଚେତନ ବସ୍ତୁଗୁଡ଼ିକ ମଣିଷ ସହିତ କଥାବାର୍ତ୍ତା କରନ୍ତି ଓ ମଣିଷକୁ ଭଲ ସମ୍ପର୍କରେ ସୂଚନା ଦିଅନ୍ତି, ବିପଦ ସମୟରେ ମଧ ସଚେତନ କରିପାରନ୍ତି । କୁହୁକ ମଣି ଗଳ୍ପରେ ମଣିର କଥୋପକଥନ ପ୍ରତି ଦୃଷ୍ଟି ଦିଆଯାଇ ପାରେ । "ମହାଜନ ପୁଅ ମଣିକୁ ପଚାରିଲା ହଇରେ ମଣି ତୁ କାହାର ? ମଣି କହିଲା – "ମୁଁ ଯାହା ହାତରେ ଅଛି ତା'ର ।" ମହାଜନ ପୁଅ କହିଲା "ତୁ କ'ଣ କରିବୁ" ? ମଣି କହିଲା ରାତିକ ଭିତରେ ଏ ରାଜ ନଅର ଆଗରେ ହୀରା, ନୀଳା, ମୋତି, ମାଣିକରେ ଏକ ନଅର ହେବ, ଏ ରାଜ ପୋଖରୀ ଆଗରେ ଶଙ୍ଖ ମଲ ମଲ ପଥରର ଏକ ପୋଖରୀ ହେବ, ଏ ରାଜା ବଗିଚା ଆଗରେ ରୂପା ଗଛର ସୁନା ଫୁଲ ବଗିଚା ହେବ ।" ସତରେ ମଣି ଏଇ ଅନୁଯାୟୀ ମଧ କାର୍ଯ୍ୟ କରିଥିଲା ।

**(ଜ) ଦୈବୀ ଚରିତ୍ର :**

କେତେକ ଗଳ୍ପରେ ଦେବ ଓ ଦେବୀ ମୁଖ୍ୟ ଚରିତ୍ର ଏବଂ ଗୌଣ ଚରିତ୍ର ଭାବରେ ଦେଖା ଦେଇଥାଆନ୍ତି । ଏଇ ଚରିତ୍ର ମାନଙ୍କର ଗତି କ୍ରମରେ ବୈଚିତ୍ର୍ୟ ନାହିଁ ହେଲେ ଗଳ୍ପର ଗତିଭଙ୍ଗୀରେ ଏମାନେ ପରିବର୍ତ୍ତନ ସୃଷ୍ଟି କରିଥାଆନ୍ତି ।

ଟିପ୍ପଣୀ

ଓଡ଼ିଆ କାହାଣୀ ଉପରେ ପୁରାଣର ଅଖଣ୍ଡ ପ୍ରଭାବ ହେତୁ ଅନେକ ପୁରାଣ ବର୍ଣ୍ଣିତ ଦେବ ଓ ଦେବୀଙ୍କୁ କାହାଣୀକାର ନିଜର କାହାଣୀର ସ୍ଥାନ ଦେଇଅଛନ୍ତି । କାହାଣୀରେ ଅନ୍ୟାନ୍ୟ ଦେବ ଦେବୀଙ୍କଠାରୁ ବିଶେଷ କରି ଲକ୍ଷ୍ମୀ-ନାରାୟଣ ଓ ଶିବ-ପାର୍ବତୀ ଅଧିକତର ଭାବରେ ଚିତ୍ରିତ । ଶିବ ପାର୍ବତୀ ନିଶାର୍ଦ୍ଧରେ ଆକାଶ ମାର୍ଗରେ ଘୁରିବୁଲନ୍ତି । ଏତେବେଳେ କାହାର ଦୁଃଖ ଦୁର୍ଦ୍ଦଶା ଦେଖିଲେ ଦେବୀ ପାର୍ବତୀଙ୍କର ହୃଦୟ ଗଭୀର ଦୁଃଖରେ ତରଳିଯାଏ । ଦେବୀ ପାର୍ବତୀ ଦୁଃଖୀର ଦୁଃଖ ମୋଚନ କରିବା ପାଇଁ ଶିବଙ୍କୁ ଅନୁରୋଧ କରନ୍ତି, ଏଥିରେ ଶିବ ସନ୍ତୋଷ ପ୍ରକାଶ କରନ୍ତି ଏବଂ ତାଙ୍କରି କରୁଣାରୁ ଅସହାୟ ଅନୁକୂଳ ପ୍ରାପ୍ତ ହୁଏ ଦୁର୍ଭାଗାର ଭାଗ୍ୟୋଦୟ ଘଟେ । ଦେବୀଙ୍କ କରୁଣାରୁ ବିପଦ ସବୁ ଦୂରେଇଯାଏ ।

ଦେବ ଦେବୀଙ୍କୁ ନେଇ ଆମ ସଂସ୍କୃତିରେ ଅନେକ ଓଷାବ୍ରତର ବିଧି ବିଧାନ ରହିଛି । ତେଣୁ ଓଷା ଓ ବ୍ରତ କାହାଣୀ ମାନଙ୍କରେ ଦେବଦେବୀଙ୍କ ଚରିତ୍ର ଚିତ୍ରିତ । ଏମାନଙ୍କର କେତେକ ମାହାତ୍ମ୍ୟ, କେତେକ ଗୁଣ ଏବଂ କେତେକ ଦକ୍ଷତା ବିଭିନ୍ନ ଓଷା ଓ ବ୍ରତ କାହାଣୀ ମାନଙ୍କରେ ପରିସ୍ଫୁଟିତ ହୋଇଅଛି । 'ଅନନ୍ତବ୍ରତ କଥା', ସୁକୁତୁଣୀ ଓଷାକଥା', ଏବଂ 'ନାଗଲ ଚଉଠି କଥା' ପରି କେତେକ ଓଷା କାହାଣୀରେ ଦେବଦେବୀଙ୍କ ମାହାତ୍ମ୍ୟ ପ୍ରଖ୍ୟାପିତ । ଏହା ବ୍ୟତୀତ ଓଡ଼ିଶାରେ ବହୁ ଦେବ ପୂଜାର ପ୍ରଚଳନ ରହିଛି । ବିଭିନ୍ନ ସ୍ଥାନରେ ଏଥିପାଇଁ ଦେବ ଦେବୀ ମନ୍ଦିର ରହିଛି । ଏହି ମନ୍ଦିର ଗୁଡିକର ନିର୍ମାଣକୁ ନେଇ କେତେକ କିମ୍ବଦନ୍ତୀ ମଧ୍ୟ ରହିଛି । ଲୋକ କାହାଣୀରେ ଅନେକ କିମ୍ବଦନ୍ତୀ ମଧ୍ୟ ଗଳ୍ପରୂପେ ସ୍ଥାନ ପାଇଛି । ଏଇ କିମ୍ବଦନ୍ତୀ ଆଧାରିତ ଗଳ୍ପ ଯଥା – ଇନ୍ଦ୍ରଦ୍ୟୁମ୍ନ ଓ ଗାଲୁମାଧବ, ଧବଳେଶ୍ୱର, ନୀଳମାଧବ, ସାକ୍ଷୀଗୋପାଳ, ରାମଚଣ୍ଡୀ, ଲଡୁବାବା, ଆଖଣ୍ଡମଣି ଇତ୍ୟାଦି । କେତେକ ଦେବତାଙ୍କ ମହାତ୍ମ୍ୟ ପ୍ରଖ୍ୟାପନ ଏଇ କାହାଣୀର ଉଦ୍ଦେଶ୍ୟ । ଲୋକ ଗଳ୍ପରେ ଦେବ ଦେବୀ ଚରିତ୍ରର ଅବତାରଣା, ମାନବର ଭକ୍ତିଭାବନାର ପରିଚୟ ପ୍ରଦାନ କରିଥାଏ ।

**(ଝ) ଦେବ-ଅଧିବାସୀ ଚରିତ୍ର :**

କାହାଣୀରେ ଅନେକ ସମୟରେ ଦେବ ଦେବୀଙ୍କୁ ବାଦ ଦେଇ, ସେମାନଙ୍କର ପାର୍ଶ୍ୱଚର, ତଥା ସେମାନଙ୍କ ସେବକ ସେବିକାମାନଙ୍କୁ ଚରିତ୍ର ଭାବରେ ଗ୍ରହଣ କରାଯାଏ । ଏଇ ଚରିତ୍ରମାନ ହେଲେ ଅପସରା, ଗନ୍ଧର୍ବ, ଯକ୍ଷ, କିନ୍ନର, କନ୍ନରୀ ଇତ୍ୟାଦି । ଏଇ ଧରଣର ଚରିତ୍ର ଭିତରେ ଦେଖାଦିଅନ୍ତି ଅନେକ ପରୀ । ଏମାନଙ୍କୁ ଅପସରା ବୋଲି ମଧ୍ୟ କୁହାଯାଇପାରେ । ଏଇ ଅପସରାମାନେ ବିଶେଷତଃ ଦେଖିବାକୁ ସୁନ୍ଦରୀ, ନୃତ୍ୟ, ଗୀତ ନିପୁଣା । ଏମାନେ ଆକାଶରେ ଉଡ଼ିପାରନ୍ତି, ନିଜ ଇଚ୍ଛା ଅନୁଯାୟୀ ମଧ୍ୟ ଏମାନେ ରୂପ ପରିବର୍ତ୍ତନ କରିପାରନ୍ତି । ବେଳେବେଳେ ସବୁରି ଅଦୃଶ୍ୟରେ ରହି ନିଜ ନିଜ କାର୍ଯ୍ୟ ସମ୍ପାଦନ କରନ୍ତି । ରାଜପୁତ୍ର ଓ ସାଧବପୁତ୍ର ମାନଙ୍କ ସହିତ ମଧ୍ୟ ଏମାନେ ବିବାହ ସୂତ୍ରରେ ଆବଦ୍ଧ ରହିଥାଆନ୍ତି । ଏମାନେ ଇନ୍ଦ୍ରଜାଲ ଜାଣନ୍ତି ଏବଂ ଏହା ଦ୍ୱାରା ଅସମ୍ଭବକୁ ସମ୍ଭବ କରନ୍ତି ଓ ଅସାଧ୍ୟ ସାଧନ କରନ୍ତି । ବେଳେବେଳେ ମଣିଷର ଆଚରଣରେ ସନ୍ତୁଷ୍ଟ ହୋଇ ଏମାନେ ମଣିଷକୁ ଧନ ରତ୍ନ ପ୍ରଦାନ କରନ୍ତି । ବିରକ୍ତ ହେଲେ ଅନେକ କ୍ଷତି ଘଟାନ୍ତି । ଏମାନଙ୍କର ବାସସ୍ଥାନ ହେଉଛି ସ୍ୱତନ୍ତ୍ର । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ଏମାନେ ବିଚରଣ କରିପାରନ୍ତି ।

## ଲୋକ କାହାଣୀରେ ରସସଂବେଶ

ଲୋକଗୀତରେ ଯେପରି ବିବିଧ ରସର ଅବତାରଣା ଘଟିଛି, ଲୋକ ଗଳ୍ପରେ ମଧ୍ୟ ଅନୁରୂପ ଭାବରେ ବିଭିନ୍ନ ରସପରିବେଷିତ ହୋଇ ରସାମୋଦୀ ଶ୍ରୋତାମାନଙ୍କୁ ଆମୋଦିତ କରିବା ସହିତ ଲୋକକଥକର ରସିକତାକୁ ପ୍ରକାଶ

ଟିପ୍ପଣୀ

କରିପାରିଛି । ଲୋକ କାହାଣୀର ବୈଚିତ୍ର୍ୟ ମଧ୍ୟରେ ପ୍ରାୟ ସବୁ ପ୍ରକାରର ରସସମାବେଶ ଘଟିଥିଲେ ହେଁ, ବୀର, ହାସ୍ୟ, ଶୃଙ୍ଗାର, କାରୁଣ୍ୟ, ଅଦ୍ଭୁତ, ବାତ୍ସଲ୍ୟ ଓ ବୀଭତ୍ସ ରସାଦି ଏଥିରେ ପ୍ରମୁଖ ଅଂଶ ଗ୍ରହଣ କରିପାରିଛି । ଯଥା -

**କ) ବୀରରସ :**

ଅଧିକାଂଶ ଲୋକ ଗଳ୍ପରେ ସ୍ଥାନପାଇଛି ନାୟକ ନାୟିକା କ୍ରମରେ ସାଧବପୁତ୍ର, ମନ୍ତ୍ରୀ ପୁତ୍ର, ରାଜପୁତ୍ର ମାନଙ୍କ ସହିତ ସୁନ୍ଦରୀ କନ୍ୟାମାନଙ୍କର ପ୍ରେମ ଓ ବିବାହର କାହାଣୀ । ପ୍ରେମକ୍ଷେତ୍ରରେ ଅନ୍ତରାୟ ସୃଷ୍ଟିକରିଛନ୍ତି କେତେକ ରାକ୍ଷସ । ଏଇ ଅସୁରମାନଙ୍କ ସହିତ ପ୍ରେମିକ ନାୟକମାନେ ଘୋରତର ସଂଗ୍ରାମରେ ପ୍ରବୃତ୍ତ ରହିବା ସମୟର ବର୍ଣ୍ଣନା ଲୋକଗଳ୍ପରେ ବୀରରସ ଉଦ୍ରେକ କରିଥାଏ । ଏ ଦୃଷ୍ଟିରୁ ଉଜ୍ଜଳବତୀ କନିଆଁ କଥା, କିଳପାଣି କଥା, ଯା ବାପ ଚଢ଼େ ଘୋଡ଼ା କଥା, ବୁଢ଼ୀ ଅସୁରୁଣୀ କାହାଣୀ ଇତ୍ୟାଦିରେ ସାଧବପୁତ୍ର, ରାଜପୁତ୍ରମାନଙ୍କର ସାହସିକ ପଦକ୍ଷେପମାନ ବୀରରସର ଯଥାର୍ଥ ଦୃଷ୍ଟାନ୍ତ ।

**ଖ) ଶୃଙ୍ଗାର ରସ :**

ଲୋକକଥକ ଅନେକ ପ୍ରେମମୂଳକ କାହାଣୀ ଅବତାରଣା କରି ଜନମନୋରଞ୍ଜନ କରିଥାଏ । ପ୍ରେମମୂଳକ କାହାଣୀ ଗୁଡିକରେ ଲୋକ କଥକ ଅତି ଚମତ୍କାର ଶୈଳୀରେ ସୁନ୍ଦରୀ ରାଜକନ୍ୟା, ସାଧବକନ୍ୟା ଇତ୍ୟାଦିଙ୍କର ସୌନ୍ଦର୍ଯ୍ୟର ଯେଉଁ ବର୍ଣ୍ଣନା ବାଢ଼ିଥାଏ, ତାହା ଶୃଙ୍ଗାର ରସଦ୍ୟୋତକ । ପୁନଶ୍ଚ ବର-କନ୍ୟାରେ ମିଳନ, ମଧୁରାତ୍ରୀ ଯାପନର ଚିତ୍ର ମଧ ଆଦିରସପ୍ରଧାନ । ଏ ଦୃଷ୍ଟିରୁ ଚତୁରୀ ରତ୍ନାବତୀ, ଯେ ଝିଅ ଲଙ୍କା ଜିଣିଲା, ଚାରିସଂଗୀତ ଓ ରାଜାଝିଅକଥା, ଯାହା ଲାଖି ଯିଏ, ରଙ୍ଗବତୀ କଥଣ, ଅଜଣାଦେଶର ଅଶୁଣା କଥା, ବିଭାଇ କଥା ଇତ୍ୟାଦିରେ ବର୍ଣ୍ଣିତ ପ୍ରେମଚିତ୍ର ଗୁଡିକରେ ଶୃଙ୍ଗାର ରସର ଅବତାରଣା ଘଟିଥିବା ଦେଖାଯାଏ ।

**ଗ) ହାସ୍ୟରସ :**

ଓଡ଼ିଆ ଲୋକ ଗଳ୍ପରେ ହାସ୍ୟରସ ଏକ ପ୍ରମୁଖ ଧାରା ରୂପରେ ଦେଖାଦେଇଛି । ଲୋକ ସମାଜ ଥିଲା ହାସ୍ୟକୌତୁକ ପ୍ରିୟ । ତେଣୁ ଓଡ଼ିଆ ଲୋକଗଳ୍ପରେ ହାସ୍ୟ ରସର ଚମତ୍କାର ଅବତାରଣା ଲକ୍ଷ୍ୟ କରାଯାଇପାରେ । ବୋଧହୁଏ ଏଇ ଧରଣର ଗଳ୍ପରେ ବର୍ଣ୍ଣନାର ଅସଂଗତି ବିମଳ ହାସ୍ୟ, ପରିବେଷଣ କରିବାରେ କ୍ଷମ ହୋଇଅଛି । "ଗେଟମା ନା ତାଳ ଗୋଟମା କାଳକୋଇଁ", "ଫୁଲ ଶୁଙ୍ଘତୀ", "ଅଳସୁଆ କଥା", "ଘରକୁ ପୁଅ ଚତୁର ହୁଅ", ଇତ୍ୟାଦି ଗଳ୍ପକୁ ଏହାର ସାର୍ଥକ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ । ଯଥା କାଳ କୋଇଁ, ଗଳ୍ପରେ କାଳକୋଇଁକୁ ମାଆ ଶ୍ୱଶୁର ଘର ଯିବା ସମୟରେ କିଛି ଶୁଭୁ ନଥିବାରୁ 'ଭଲହେଲା' ବୋଲି କହିବାକୁ ଶିକ୍ଷା ଦେଇଛି । କାଳକୋଇଁ ଶ୍ୱଶୁର ଘରେ ପହଞ୍ଚି, ଶ୍ୱଶୁର ନିଜର ଦୁଃଖ ଯନ୍ତ୍ରଣାର ଚିତ୍ର ବାଢ଼ିଛନ୍ତି ଓ କୋଇଁ କହିଛଇ ଭଲ ହେଲା । ଯଥା -

ଶ୍ୱଶୁର - ବଡ଼ ଶଳା ପୁରୀ ଯାଇ ପୋଖରୀରେ ମଲା ।

କାଳକୋଇଁ - ଭଲ ହେଲା ।

ଶ୍ୱଶୁର - ଚାରିଦିନ ତଳେ ପୋଢ଼ହଳକ ସାପ କାମୁଡ଼ାରେ ମଲେ ।

କାଳକୋଇଁ - ଭଲ ହେଲା ।

ଟିପ୍ପଣୀ

ଶ୍ୱଶୁର – କୋଠିକଯାକ ଧାନ, ଅଳଂକାରସବୁ ଚୋରୀ ଗଲା ।

କାଲଜୋଇଁ – ଭଲ ହେଲା ।

ଶେଷରେ ଶ୍ୱଶୁର ଘର ଲୋକେ ଜୋଇଁଙ୍କୁ ଉତ୍ତମ ମଧ୍ୟମ ଦେଲେ ।

ସେଇପରି 'ଅଳସୁଆ' କଥାରେ ଜୋଇଁ ଶ୍ୱଶୁର ଘର ଯାଇଛି । ଏଇ ସମୟରେ ଶଳା ସଂଧ୍ୟାରେ ହଳ ଆଣି ବଳଦ ଦୁଇଟିକୁ ବାନ୍ଧିବାକୁ ଯାଇ କହିଛି "ବୋଉ କୁଣିଆକୁ ବାନ୍ଧ, ମୁଁ ଠେଙ୍ଗା ଆଣୁଛି ।" ଶଳା ପୁଣି କହିଲା 'ଦେଖିଲି' - ଏଠାରେ ଠେଙ୍ଗା, କୁଣିଆ ଓ ଦେଖିଲି ଯଥାକ୍ରମେ ଦୁଇ ବଳଦ ଓ କୁକୁରର ନାମ । ମାତ୍ର ଜୋଇଁ ବନ୍ଧା ହେବା ଭୟରେ ପଳାୟନ କରିବା ଏଠାରେ ଯଥେଷ୍ଟ ହାସ୍ୟ ସୃଷ୍ଟି କରିଛି ।

ଏଇପରି ଭାବରେ ଲୋକ ଗଳ୍ପରେ ହାସ୍ୟରସର ବିମଳତା ଲକ୍ଷ୍ୟ କରାଯାଏ । ଲୋକ କଥକର ପରିବେଷଣ ଶୈଳୀରେ ନାମକରଣ ଓ ପ୍ରକାଶ ଭଙ୍ଗୀ ଭିତରେ ହାସ୍ୟରସର ସଫଳ ପରିପ୍ରକାଶ ଦେଖାଦେଇ ଶ୍ରୋତାମାନଙ୍କୁ ଆମୋଦିତ କରିଅଛି ।

**ଘ) କରୁଣ ରସ :**

ବହୁ ସଂଖ୍ୟକ ଲୋକ ଗଳ୍ପରେ ପ୍ରେମ, ବିବାହ ଓ କାରୁଣ୍ୟର ଚିତ୍ର ପରିବେଷିତ । ଗଳ୍ପସାଗର ଯେମିତି ହାସ୍ୟରସ ପରିବେଷଣ କରି ପେଟଫଟା ହସ ଉପହାର ଦେଇଥାଏ, ସେଇପରି ଭାବରେ ମମଧ ସେ ଗଳ୍ପ ଗୁଡ଼ିକରେ ଅସୀମ କାରୁଣ୍ୟ ସୃଷ୍ଟି କରି ଶ୍ରୋତା ମାନଙ୍କର ହୃଦୟକୁ କରୁଣରସରେ କରିଥାଏ ଦ୍ରବୀଭୂତ । ଏ ଦୃଷ୍ଟିରୁ ଯାହା ଲାଖିଯିଏ, ତଅପୋଇ, କୁଁ କୁଁ କୁଁ କୁଁ ବାଜିଲା କେନ୍ଦରା, ବଣମଲ୍ଲୀ, ଯୋଜନୀ କଥା, ଚାଟ ଘରପୁଅ ଚାଟ, ଏବଂ ସୁନାଝରଣା ଇତ୍ୟାଦି ଗଳ୍ପ ଗୋଟିଏ ଗୋଟିଏ ସୁନ୍ଦର୍ ସୃଷ୍ଟି । ଯୋଜନୀର ମୃତ୍ୟୁରେ ବିକଳ ଭାବରେ ପୁତ୍ର ଶୋକାତୁରା ଯୋଜନୀମାତାର କାରୁଣ୍ୟ, ତପପୋଇ ପ୍ରତି ଭାଉଜମାନଙ୍କର ଅତ୍ୟାଚାର ଜନିତ ତା'ର ତୀବ୍ର ଅସହାୟତା, ବନ ମଧ୍ୟରେ ଅତି ନିରେଖ ଭାବରେ ଜୀବନଯାପନ କରିବାର କାରୁଣ୍ୟର ଚୂଡ଼ାନ୍ତ ପର୍ଯ୍ୟାୟକୁ ଗତି କରିଛି । ସେଇପରି ଭାବରେ ସାବତ ମାଆର ଘୋର ଅତ୍ୟାଚାର ସୁନାଝରଣା ଗଳ୍ପରେ ସୃଷ୍ଟି କରିଛି କରୁଣତା । କରୁଣ ରସ ପରିବେଷଣରେ ଲୋକକଥକ ଅନେକ ସମୟରେ କେତେକ ଗୀତ ମଧ୍ୟ କାହାଣୀ ଭିତରେ ଯୋଡ଼ି ଦେଇଛି । ଏହା ଫଳରେ କାହାଣୀରେ ସ୍ଥାନ ପାଇଥିବା କରୁଣରସ ଅଧିକ ପ୍ରଭାବଶାଳୀ ହୋଇପାରିଛି । ତଅପୋଇ ଅଲିଅଳୀ ସାଧବକନ୍ୟା, କିନ୍ତୁ ସେ ଭାଉଜମାନଙ୍କ ଦ୍ୱାରା ଅତ୍ୟାଚାରିତ ହେବାପରେ ବିକଳ ହୋଇଛି । ତା'ର କାରୁଣ୍ୟ ବର୍ଣ୍ଣନା କରି ଲୋକକଥକ କହିଛି –

"ବାପ ମଲା ଅଧା ଚାନ୍ଦେ
ମା ମଲା ପୂରା ଚାନ୍ଦେ ।
ସାତ ଭାଇ ବୋଇତ ବଣିଜଗଲେ
ଭାଉଜ ନାରୀ ଅନେକ ଦୁଃଖ ଦେଲେ ।

ଆଉ ଏ ଜୀବନ ରଖିବି କାହିଁକି ? ଘରକୁ କାହିଁକି ଯିବି । ତଅପୋଇକାନ୍ଦିଲା ଦିନସାରା କାନ୍ଦିଲା, ତା' ଦୁଃଖରେ ବନସ୍ତର ଗଛ ପତ୍ର କାନ୍ଦିଲେ, ପଶୁପକ୍ଷୀ କାନ୍ଦିଲେ । ଚାରିଆଡ଼େ କାନ୍ଦଣାର ସ୍ୱର ଉଚ୍ଛୁଳିଲା ।

ଏଇପରି ଭାରେ ଯୋଜନୀର ମୃତ୍ୟୁରେ ଯୋଜନୀ ମାତାର ଯେଉଁ କାରୁଣ୍ୟ ବର୍ଣ୍ଣନା କରାଯାଇଛି, ପ୍ରକୃତରେ ତାହା ପାଠକ ମାନଙ୍କ ପ୍ରାଣକୁ କରୁଣ ରସରେ କରେ ରସାଣିତ ।

ଟିପ୍ପଣୀ

**ଙ) ଭୟାନକ ଓ ବୀଭତ୍ସ ରସ :**

ଲୋକ କାହାଣୀରେ ଅସୁରୁଣୀଙ୍କ ସଂପର୍କୀୟ ବହୁ ଗପ ସ୍ଥାନ ପାଇଛି । ସେମାନଙ୍କର ରୂପ ବର୍ଣ୍ଣନାରେ କଥାକାର ଅତି ଭୟଙ୍କର ଦୃଶ୍ୟ ପ୍ରକାଶ କରିଛନ୍ତି । ଅସୁର ଅସୁରୁଣୀଙ୍କ ଭୟଙ୍କର ରୂପ ସହିତ ସେମାନଙ୍କରେ ଭୟଙ୍କର କାର୍ଯ୍ୟକଳାପ ମଧ୍ୟ ଅତି ଭୟଙ୍କର ଭାବ-ପ୍ରକାଶ କରିଥାଏ । ଅସୁରଙ୍କର ରୂପ ବର୍ଣ୍ଣନା କରି ଲୋକକଥକ କହେ -

"ନଡ଼ିଆ ଗଛ ପରି ଉଞ୍ଚ ଉଞ୍ଚ ମିଣିପଟା ମାନ, ମୂଳାପରି ଦାନ୍ତ, କୁଲାପରି କାନ । ଧାନ ଉଷୁଆଁହାଣ୍ଡି ପରି ମୁଣ୍ଡ । ହାତ ହାତେ ଲମ୍ବ ଜିଭଟା ମାନ ଦେଖି ଯାଙ୍କ ଆଖି ବୁଜି ହୋଇଗଲା ।"

ଏହା ବ୍ୟତୀତ ରାକ୍ଷସୀମାନଙ୍କର ଖାଦ୍ୟପେୟ, ଭୂତପ୍ରେତଙ୍କର ଆଚରଣ ଇତ୍ୟାଦିର ବର୍ଣ୍ଣନା ଭୟାନକ ଓ ବୀଭତ୍ସ ରସର ସୂଚନା ଦେଇଥାଏ ।

**ଚ) ବାତ୍ସଲ୍ୟ ରସ :**

ଲୋକ କାହାଣୀରେ ଅନେକ ବାତ୍ସଲ୍ୟ ଭାବାସଂବଳିତ କାହାଣୀ ସ୍ଥାନପାଇଛି । ଯୋଜନୀକଥାରେ ଯୋଜନୀ ପ୍ରତି ତା' ମାଆର ବାତ୍ସଲ୍ୟ, ମାଙ୍କଡ଼ ଛୁଆ କଥାରେ ମଣିଷର ମାଙ୍କଡ଼ ପ୍ରତି ରହିଥିବା ମମତା, ଇତ୍ୟାଦିରୁ ବାତ୍ସଲ୍ୟ ରସର ସୂଚନା ମିଳିଥାଏ । ଏଇ ଗଳ୍ପମାନଙ୍କରେ ରହିଛି ମାତୃ ହୃଦୟର ସନ୍ତାନପ୍ରତି ବିମଳ ବାତ୍ସଲ୍ୟଭାବ । ଏହାବ୍ୟତୀତ କାହାଣୀ ବର୍ଣ୍ଣିତ କେତେକ ପଶୁପକ୍ଷୀଙ୍କ ଚରିତ୍ରରେ ମଧ୍ୟ ଏଇ ବାତ୍ସଲ୍ୟ ଭାବର ପରିଚୟ ମିଳିଥାଏ ।

**ଛ) ଅଦ୍ଭୁତ ରସ :**

ଲୋକ କାହାଣୀରେ କୁହୁକ ଓ ଗୁଣୀଗାରେଡ଼ି ଭିତ୍ତିକ ଅନେକ ଗଳ୍ପ ସ୍ଥାନ ପାଇଛି । ଏଇ ଗଳ୍ପ ମାନଙ୍କରେ ରହିଛି କୁହୁକ ବସ୍ତୁମାନଙ୍କର ଅଦ୍ଭୁତ କର୍ମ । ମନ ପବନ କଠଉ, କୁହୁକ ପେଣ୍ଡୁ, କୁହୁକ ହାଣ୍ଡି, କୁହୁକ ଫୁଲ, କୁହୁକ ଖଣ୍ଡା, କୁହୁକ ଶଙ୍ଖ ଇତ୍ୟାଦି ବ୍ୟବହାର କରି ଅନେକ ଅଦ୍ଭୁତ କାର୍ଯ୍ୟ ସାଧନ କରିବାର ବର୍ଣ୍ଣନା କାହାଣୀମାନଙ୍କରେ ଅଦ୍ଭୁତ ରସର ଅବତାରଣା କରିଥାଏ ।

**ଜ) ଭକ୍ତିରସ :**

ଲୋକ କାହାଣୀରେ ଦେବଦେବୀ ବିଷୟକ ଅନେକ କାହାଣୀ ସ୍ଥାନ ପାଇଛି । ଓଷା ବ୍ରତର କାହାଣୀ ଗୁଡ଼ିକ ଶ୍ରୋତ ଚିତ୍ତକୁ ଭକ୍ତି ଭାବରେ ଉଦ୍‌ବୁଦ୍ଧ କରିଥାଏ ।

ଏଇଭଳି ଭାବରେ ବିବେଚନା କରାଗଲେ ଓଡ଼ିଆ ଲୋକ କାହାଣୀରେ ଯେ ଭିନ୍ନ ଭିନ୍ନ ରସ ମାନଙ୍କର ଉପଯୁକ୍ତ ସମାବେଶ ଘଟିଥିବା କଥା ଅତି ସହଜରେ ଜଣାଯାଏ ।

## କାହାଣୀରେ ସମାଜ ଓ ସଂସ୍କୃତି

ଓଡ଼ିଆ ଲୋକ କାହାଣୀ ହେଉଛି ଓଡ଼ିଆ ଜନଜୀବନର ମହାଭାଷ୍ୟ । କାହାଣୀରେ ଓଡ଼ିଆର ଜୀବନ ଚଳଣି, ଓଡ଼ିଆର ଧର୍ମବିଶ୍ୱାସ, ଓଡ଼ିଆର ପୂଜା, ପାର୍ବଣ, ଓଷା, ବ୍ରତ, ସାଧୁସନ୍ଥ, ମନ୍ଦିର, ପୁଷ୍କରିଣୀ, ନଦୀ, ପର୍ବତ, ଓଡ଼ିଆର ଆଚାରବିଚାର, ଖାଦ୍ୟପେୟ, ଓଡ଼ିଆର ପାରିବାରିକ ଜୀବନ ଇତ୍ୟାଦିର ବ୍ୟାପକ ଚିତ୍ର ପ୍ରକାଶ ପାଇଛି । ଏଥିରୁ ଓଡ଼ିଆର ସାମାଜିକ ଓ ସାଂସ୍କୃତିକ ଭାବଧାରାକୁ ସହଜରେ ଆକଳନ କରାଯାଇ ପାରେ । ଓଡ଼ିଆ ଲୋକ କାହାଣୀ ଓଡ଼ିଆ ଲୋକ

ଟିପ୍ପଣୀ

କଳ୍ପନାରେ ବିଶ୍ୱସ୍ତ ପ୍ରତିନିଧି ଓ ଏହା ଲୋକଙ୍କର ଅତିପ୍ରିୟ, ଅତି ଆତ୍ମୀୟ ଓ ଅତି ନିକଟତମ । ତେଣୁ ଏଥିରେ ଓଡ଼ିଆର ସମାଜ ଓ ସଂସ୍କୃତି ସହଜରେ ଧରାପଡ଼େ ।

**୧ । ଅତିଥି ସେବା :**

ଲୋକ କାହାଣୀରେ ବିଭାଗୀକରଣ ପର୍ଯ୍ୟାୟରେ ଯେଉଁସବୁ ବିଭାଗର ଅବତାରଣା କରାଯାଇଛି, ତନ୍ମଧ୍ୟରୁ ଅଳ୍ପ କେତୋଟି ବିଭାଗକୁ ବାଦଦେଲେ, ପ୍ରାୟ ପ୍ରତ୍ୟେକ ବିଭାଗରେ ଓଡ଼ିଆର ସମାଜ ଓ ସଂସ୍କୃତିର ସ୍ୱରୂପ ପ୍ରକଟିତ । ଓଡ଼ିଆ ଅତିଥିପ୍ରିୟ, ଧର୍ମ କର୍ମରେ ବିଶ୍ୱାସୀ, ଭାଗ୍ୟ ଓ ଭଗବାନଙ୍କ ଉପରେ ତା'ର ଭରସା ଅଖଣ୍ଡ । ତା'ର ପରିବାର ଜୀବନଠାରୁ ସମାଜ ଜୀବନ ପର୍ଯ୍ୟନ୍ତ ଏଇ ଅଭ୍ୟାସ ପରିଲକ୍ଷିତ ହୋଇଥାଏ । ଧନ ଅର୍ଜନ ନିଜପାଇଁ ନୁହେଁ, ଧର୍ମପାଇଁ । ଧର୍ମ କହିଲେ କୌଣସି ସଂପ୍ରଦାୟ ପ୍ରତି ଆନୁଗତ୍ୟ ପ୍ରକାଶ ନୁହେଁ, ବରଂ ରୋଗୀ, ଭୋକୀ, ଦୁଃଖୀ, ଆର୍ତ୍ତ ଓ ପୀଡ଼ିତଙ୍କ ପ୍ରତି ସମ୍ବେଦନଶୀଳତା ପ୍ରକାଶ ଓ ତାଙ୍କର ସେବା ସମ୍ପାଦନ । ଓଡ଼ିଆ କାହାଣୀରେ ଓଡ଼ିଆ ଅତିଥିପାଇଁ ନିଜର ଆହାର ମଧ୍ୟ ଦାନ କରିଦିଏ । କେତେକ କାହାଣୀରେ ଏଇକଥା ପ୍ରକାଶିତ 'ଯା ମନ ଯେମିତି, ତା' ଫଳ ସେମିତି' ଗଳ୍ପରେ ବୁଭୁକ୍ଷାର ଦହନ ଭିତରେ ଜୀବନ ପ୍ରତି ଶଙ୍କା ରହିଥିବା ବୁଢ଼ୀଟି ବଣ ମଝିରେ କୁଡ଼ିଆରେ ରହି ଅତିଥିକୁ ନିଜର ଆହାର ଦାନ କରିବା ଓ ଏହାର ଅନୁରୂପ ଫଳ ସ୍ୱରୂପ ଧନଲାଭ କରିବା ଘଟଣା ଅତିଥିପ୍ରାଣତାର ପରିଚୟ ଦେଇଥାଏ ।

**୨ । ଦୈବୀ ବିଶ୍ୱାସ :**

ଓଡ଼ିଆ ଦେବ ବିଶ୍ୱାସ, ସେ ବହୁ ଦେବତାଙ୍କୁ ବିଶ୍ୱାସ କରେ । କାହାଣୀରେ ବହୁ ଦେବତାଙ୍କ କଥା କୁହାଯାଇଛି । ଦେବତାମାନେ ଦୁଃଖୀର ଦୁଃଖ ଏବଂ ଆର୍ତ୍ତିର ବିପଦ ଦୂର କରନ୍ତି, ଏ ବିଶ୍ୱାସ କେତେକ ଲୋକ କାହାଣୀରେ ସ୍ଥାନ ପାଇଛି । କାହାଣୀରେ ଓଷା, ବ୍ରତର କଥା ସ୍ଥାନ ପାଇଛି । କେଉଁ ଓଷା, କିପରି ପାଳିତ ହୁଏ, ଏହା ପାଳନରେ କିଫଳ ମିଳେ, ଦେବ ଅବମାନନାରେ କିପରି ଅଶେଷ କ୍ଷତି ଘଟେ, ତାହା ଅନେକ ଓଷାବ୍ରତ କାହାଣୀରେ ପ୍ରକାଶିତ । ତପପୋଇ କଥା, ନାଗଲ ଚଉଠୀ ଓଷାକଥା, ଅନନ୍ତ ବ୍ରତ କଥା, କଉଡ଼ିଆ ବିନାୟକ ବ୍ରତକଥା, ଶ୍ରୀ ଷଠୀଓଷା କଥା ଇତ୍ୟାଦିରୁ ଓଡ଼ିଆର ଧର୍ମାଚାର ସମ୍ପର୍କରେ ଅବଧାରଣା କରାଯାଇପରେ । ଓଷା ବ୍ରତର ଉପାସ୍ୟ ଦେବତାଙ୍କୁ ନାନାବିଧ ଉପଚାରରେ ପୂଜା କରଯାଏ, ଏଥିପାଇଁ ବିଭିନ୍ନ ପ୍ରକାରର ଫୁଲ, ଫଳ ଆସେ, ଗଭୀର ଧର୍ମନିଷ୍ଠା, କଠୋର ସଂଯମ ଓ ଦୃଢ଼ ସଂକଳ୍ପ ଭିତରେ ଓଷା ପାଳନ ସମ୍ଭବ ହୁଏ । ଏହାର ଭିତରେ ପ୍ରକାଶ ପାଏ ଓଡ଼ିଆର ଧାର୍ମିକ ଭାବନା, ଓଡ଼ିଆର ପୂଜା ପାର୍ବଣ ବିଧି ଏହା ମାଧ୍ୟମରେ ହିଁ ପ୍ରକାଶ ପାଏ ।

ଓଷାବ୍ରତ କଥାମାନଙ୍କରେ ଲୌକିକ ଦେବତା ମାନଙ୍କୁ ଓ ପୌରାଣିକ ଦେବତାଙ୍କୁ ପୂଜା କରାଯାଏ । କାହାଣୀ ମାନଙ୍କରେ ଓଷାବ୍ରତରେ ଅନେକ ଦୃଷ୍ଟାନ୍ତ ରହିଛି । ବିବାହିତା ରାଜକନ୍ୟା ଅଥବା ସାଧବ କନ୍ୟାକୁ ଅନ୍ୟ କୌଣସି ରାଜା ବା ସେନାପତି ଜବରଦସ୍ତ ନେଇ ରଖନ୍ତି, କିନ୍ତୁ ତାକୁ ବିବାହ କରିବାକୁ ପ୍ରସ୍ତାବ ଦେଲେ ମଧ୍ୟ ସେ ରାଜିହୁଏ ନାହିଁ । ସେଇ ରାଜକନ୍ୟା ବା ସଧାବକନ୍ୟା ଛ'ମାସ, ବାରବର୍ଷ ଓଷା ପାଳନ କରିବ, ଏବଂ ବ୍ରତ ପାଳନ ଶେଷରେ ଦାନ ଧ୍ୟାନ କରିଥାଏ । ତାହାର ଏଇ ଦାନ ଧ୍ୟାନ କାର୍ଯ୍ୟକୁ ରଖିଥିବା ରାଜା ବା ସେନାପତି ମାନେ ମଧ୍ୟ ସମର୍ଥନ କରନ୍ତି । ତେଣୁ ଓଷା ବ୍ରତ ପରି ପ୍ରାଚୀନ ଓ ପାରମ୍ପରିକ ସଂସ୍କାରକୁ ଅନେକ କାହାଣୀ ସ୍ଥାନ ଦେଇଛି ଓ ସମର୍ଥନ କରିଛି । ଓଷା ବ୍ରତ କାହାଣୀ ଗୁଡ଼ିକରେ ଦେବତାଙ୍କ ପ୍ରତି ମାନ୍ୟତା, ଋଷି, ବ୍ରାହ୍ମଣଙ୍କପ୍ରତି ସମ୍ମାନ, ଦାନ ଧର୍ମ ଇତ୍ୟାଦି ବିବରଣୀ ଓଡ଼ିଆର ନିଷ୍ଠାପର ଜୀବନ-ଧାରଣା ସମ୍ପର୍କରେ ଅବହିତ କରେ ।

ଟିପ୍ପଣୀ

**୩। ପାରିବାରିକ ଜୀବନ :**

ଓଡ଼ିଆର ପାରିବାରିକ ଜୀବନ ଚଳଣିର ଚିତ୍ର କାହାଣୀରେ ସୁନ୍ଦର ଭାବରେ ସ୍ଥାନ ପାଇଛି । ଓଡ଼ିଆର ବିବାହ, ବ୍ରତାଦି ସାମାଜିକ ଅନୁଷ୍ଠାନ କାହାଣୀରେ ଅତି ଜୀବନ୍ତ । କନ୍ୟାର ବିବାହ ପାଇଁ କନ୍ୟା ଗୃହଯୋଗ୍ୟା ହେବାପରେ କନ୍ୟାପକ୍ଷ ବରପାତ୍ର ଖୋଜନ୍ତି । ବେଳେବେଳେ ବଧୂର ଆବଶ୍ୟକତା ନେଇ ବରପକ୍ଷ ମଧ୍ୟ କନ୍ୟା ଖୋଜନ୍ତି । କନ୍ୟାର ବିବାହ ପାଇଁ ବର, ବରଯାତ୍ରୀ ଆସନ୍ତି, ଏମାନଙ୍କୁ ଠା'ପିଢ଼ା କରାଯାଏ । ବଡ଼ ସଳଟଣରେ ବଡ଼କାଠ, ମହୁରୀ ରୋଷଣୀ କରି ବର ଆସେ, ଛାମୁଣ୍ଡିଆ ତଳେ ବିବାହ ସମ୍ପନ୍ନ ହୁଏ, ବରକନ୍ୟା ବିଦାୟ ନିଅନ୍ତି । ଏଇ ଚଳଣିର ଚିତ୍ରଦେଇ ଲୋକକଥକ କହନ୍ତି -

'ଦୂର ଗାଆଁକୁ ଗଲା, ପାଖ ଗାଁରେ ଡାକ ବୁଲିଲା, ଲହୁଣୀର ବେଦି କଲେ ପାନର ଛାମଣ୍ଡିଆ କଲେ । ଭାରଥୋର ଅଇଲା, କୁଣିଆ ମଇତ୍ର ଅଇଲେ, ଦେଣ, ଦେଣ ଖାଆଣ ପିଅଣ, ଚାଲିଲା, ବାଇଦ ବଡ଼କାଠ ଶଙ୍ଖ ମହୁରୀ ବାଜିଲା । ପୁରୋହିତ ହାତଗଣ୍ଠି ପକାଇଲେ ।" ଏସବୁ ଚିତ୍ର ଓଡ଼ିଆର ବିବାହ କାଳୀନ ଦୃଶ୍ୟର ଯଥାର୍ଥ ପ୍ରତିଛବି ।

**୪। ବୈବାହିକ ଜୀବନ :**

ଓଡ଼ିଆର ବୈବାହିକ ଜୀବନରେ ରାଜା ରାଜୁଡ଼ାଙ୍କର ବହୁପତ୍ନୀ ଗ୍ରହଣର ଅଧିକାର ରହିଛି । କିନ୍ତୁ ଓଡ଼ିଆ ନାରୀ ପ୍ରତିବ୍ରତ । ସେ କେବଳ ଜଣକୁ ବିବାହ କରିପାରେ, ଏବଂ ନାରୀର ଚାରିତ୍ରିକ ବୈଶିଷ୍ଟ୍ୟ ଫୁଟିଉଠେ । "କାହାଣୀର ନାରୀ ସୁପ୍ରିୟା, ସୁପତ୍ନୀ, ସୁମାତା ଆଶ୍ୱାରୋହଣରେ ସେ ଯେପରି ଧୁରନ୍ଧରା, ପ୍ରେମ ରକ୍ଷାରେ ଅକାତରା, ରାଜ୍ୟ ଶାସନରେ ସେହିପରି କୁଶଳିନୀ । ଚତୁରତା ଓ ଛଳନା ତା'ର ଦୁଇଟି ଅସ୍ତ୍ର । ତା, ବଳରେ ସେ କାମୁକ ଭୀରୁ, ସହଜବିଶ୍ୱାସୀ, ନାୟକମାନଙ୍କ ମଧ୍ୟରେ ପ୍ରତିଯୋଗିତା ଲଗାଇ ଖସିଯାଏ । ବ୍ରତ ଉପବାସ, ଦାନ, ଧ୍ୟାନ ପ୍ରତିକୂଳ ପରିବେଶରୁ ଖସି ନିଜକୁ ଖସାଇ ନେବାର ଗୋଟିଏ ଗୋଟିଏ ଉପାୟ । ରାଜକନ୍ୟା ପ୍ରାୟ ଏଇ ଉପାୟ ଅବଲମ୍ବନକରେ । ସେ ଛ' ମାସ, ବାରବର୍ଷ ବ୍ରତ ପାଳନ କରେ । ବହୁ ଦାନ ଖଇରାତ କରେ, ତା' ଉପରେ ପୁରୁଷର ଛାଇ ପଡ଼େ ନାହିଁ । ପରବର୍ତ୍ତୀ ନାୟକ ତାକୁ ପୂରାପୂରି ବିଶ୍ୱାସ କରେ । ଏଇ ସୁଯୋଗରେ ତା'ର ପ୍ରିୟ ବା ସ୍ୱାମୀ ଆସି ତାକୁ ଉଦ୍ଧାର କରେ ।୨୦

**୫। ପ୍ରେମ :**

କାହାଣୀରେ ପ୍ରେମ ଅଛି, କାମୁକତା ଅଛି, ମାତ୍ର ବ୍ୟଭିଚାର ନାହିଁ । ପରପୁରୁଷ ସଂସର୍ଗ ପାଇଁ ନାରୀ କେଉଁଠାରେ କାମୁକତା ପ୍ରକାଶ କରିନାହିଁ, ବରଂ ପୁରୁଷ ବହୁ ସ୍ଥଳରେ ନାରୀର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ତାକୁ ପତ୍ନୀ ରୂପେ ପାଇବାକୁ ବହୁ ସମୟରେ ବିପଦର ସମ୍ମୁଖୀନ ହୋଇଛି । ଏଥିପାଇଁ ପୁରୁଷ ଅନେକ କାହାଣୀରେ ବହୁ ସାହସ ପ୍ରଦର୍ଶନ କରିଛି । ଓଡ଼ିଆର ସାହସ ଓ ବୀରତ୍ୱ ଏରୂପେ ଅନେକ କାହାଣୀରେ ପ୍ରମୂର୍ତ୍ତି ।

**୬। କର୍ମ ବିଶ୍ୱାସ :**

ଓଡ଼ିଆ ଧର୍ମଭୀରୁ କର୍ମ-ଦେବ ଇତ୍ୟାଦି ଉପରେ ଯେପରି ତା'ର ଅଖଣ୍ଡ ବିଶ୍ୱାସ ସେହିପରି ଭାବରେ ପରଜନ୍ମ ବା ପୁନର୍ଜନ୍ମରେ ତାର ଭରସା । ତେଣୁ କାହାଣୀରେ ପୁନ ର୍ଜନ୍ମ ନବଜନ୍ମ ରୂପାନ୍ତରତ ଚିତ୍ର ସ୍ଥାନ ପାଇଛି । ଓଡ଼ିଆ ଚେତନାରେ ବୃକ୍ଷ ମଧ୍ୟ ଦେବତା, ସେ ବିପଦ ଗ୍ରସ୍ତକୁ ଆଶ୍ରୟ ପ୍ରଦାନ କରେ । ବେଳେବେଳେ ଅସୁର ବା ଅସୁରୁଣୀଙ୍କ ଦ୍ୱାରା ଆକ୍ରାନ୍ତ ହୋଇ କାହାଣୀର ନାୟକ ଓ ନାୟିକା ବୃକ୍ଷ ଭିତରେ ଅନାୟାସାରେ ଆଶ୍ରୟ ନିଅନ୍ତି, ବୃକ୍ଷ ସେମାନଙ୍କ ପ୍ରାଣରକ୍ଷା କରିବାରେ ସହାୟତା କରେ ।

୭। ପଶୁ ପକ୍ଷୀ : 



ଓଡ଼ିଆରେ ଦେଖା ଦେଉଥିବା ପଶୁପକ୍ଷୀ କାହାଣୀ ଜଗତର ଚରିତ୍ର ଭାବରେ ସ୍ୱଚ୍ଛନ୍ଦରେ ବିଚରଣ କରନ୍ତି । ପଶୁ, ପକ୍ଷୀ ଓ ଜୀବଜନ୍ତୁ ମାନେ ମଣିଷକୁ ବହୁ କ୍ଷେତ୍ରରେ ସାହାଯ୍ୟ କରନ୍ତି ମାତ୍ର ଅନ୍ୟ କେତେକ କାହାଣୀରେ ମଣିଷ ପଶୁପକ୍ଷୀ ଓ ଜୀବଜନ୍ତୁଙ୍କ ଦ୍ୱାରା ନିହତ ହେବା ଦେଖାଯାଏ । ବାଘ, ସିଂହ, ହାତୀ, ଭାଲୁ, ବାରହା ଓ ମଇଁଷି ଗଣ୍ଡା, ଗୟଳ, ଘୋଡ଼ା, ସାପ, ମାଙ୍କଡ଼, କୁକୁର, ଗାଈ, ବୃଷଭ, ବିଲୁଆ, ନେଉଳ, ସାପ, ବିରାଡ଼ି, କୁମ୍ଭୀର, ଗଧିଆ, ବଗ, ମୟୂର, କାଉ, ଶୁଆ, ସାରୀ, ବଣି, ପାରା, ବେଙ୍ଗ, ମୂଷା ଇତ୍ୟାଦି ଅନେକ ପଶୁପକ୍ଷୀ ଏବଂ ଜୀବଜନ୍ତୁ ଓଡ଼ିଆ କାହାଣୀରେ ଦେଖା ଦିଅନ୍ତି । ଏମାନଙ୍କ ସହିତ ଅନେକ ସମୟରେ ମଣିଷ ବନ୍ଧୁତା ସୂତ୍ରରେ ଆବଦ୍ଧ ରହିଥାଏ । ପ୍ରାଣୀଙ୍କୁ ଆଶ୍ୱାସନା କରି ମଣିଷ ଏମାନଙ୍କ ଦ୍ୱାରା ଉପକୃତ ହୋଇଥାଏ ।

୮। ନୌ ବାଣିଜ୍ୟ :

ଓଡ଼ିଆମାନେ ଯେପରି ସାହସୀ ସେପରି ବାଣିଜ୍ୟ ପ୍ରିୟ । ଦୂର ବିଦେଶକୁ ଜଳଯାତ୍ରା ଦ୍ୱାରା ସେଇପରି ଏମାନେ ନୌବାଣିଜ କରିବାକୁ ଯାଉଥିଲେ । ଏମାନଙ୍କ ବାଣିଜ୍ୟ ଦ୍ୱାରା ଦେଶ ସମୃଦ୍ଧ ହୋଇଥିଲା । ସାଧବ ଓ ସାଧବ ପୁଅ କାହାଣୀମାନଙ୍କରେ ଏଇ ଚିତ୍ର ପରିବେଷିତ । "ତଅପୋଇ" କଥାରେ ସାଧବ ପୁଅମାନଙ୍କର ବାଣିଜ୍ୟ କରିବା, ସାଧବାଣୀମାନଙ୍କର ବୋଇତ ବନ୍ଦାଣ କରିବା, ଏବଂ ଅମାପ ପ୍ରାଚୁର୍ଯ୍ୟରେ ଚିତ୍ର ସ୍ଥାନ ପାଇଛି । ସାଧବ ଜୀବନର ପ୍ରାଚୁର୍ଯ୍ୟପୂର୍ଣ୍ଣ ଚଳଣି କେତେକ କାହାଣୀରେ ଅତିସୁନ୍ଦର ଭାବରେ ମଧ୍ୟ ସ୍ଥାନ ପାଇଛି । ସାଧବର ସନ୍ତାନ ହେଲେ ସୁବର୍ଣ୍ଣ ଛୁରୀକାରେ ନାଭିଚ୍ଛେଦନ କରାଯାଏ, ଚନ୍ଦନ କାଠରେ ଏକୁଡ଼ିଜଳେ, ଗୁଆ ଘିଅରେ ଜାଗର ଜଳାହୁଏ, ଇନ୍ଦ୍ରଗୋବିନ୍ଦ ଚାନ୍ଦୁଆ ଟଣାହୁଏ, ତିନି ଦିନରେ ଦୁଧ ତରଣ ହୁଏ, ପାଞ୍ଚୁଆତି ହୁଏ । ସାଧବ ଝିଅ ସୁନା କୁଲେଇ ଓ ରୂପା କୁଲେଇରେ ଖେଳେ, ଘିଅପିଇ ଦୁଧରେ ମୁହଁ ଧୁଏ । ଏମିତି ଅନେକ ପ୍ରାଚୁର୍ଯ୍ୟ ଚିତ୍ରରେ ଭରା ପ୍ରାଚୀନ କାହାଣୀ ଓଡ଼ିଆର ବିଭବର ସୂଚନା ପ୍ରଦାନ କରିଥାଏ ।

୯। ବୀରତ୍ୱ ଓ ସାହସିକତା :

ସାଧବ ମାନଙ୍କ ପରି ରାଜା-ରାଜୁଡ଼ାଙ୍କର ପ୍ରାଚୁର୍ଯ୍ୟପୂର୍ଣ୍ଣ ଜୀବନ କାହାଣୀର ଚିତ୍ର ମଧ୍ୟ କାହାଣୀ ଉପସ୍ଥାପନ କରିଥାଏ । ରାଜକନ୍ୟାର ବିବାହ ସାଧାରଣ ରୀତିରେ କରାଯାଏ ନାହିଁ । ଏଥିପାଇଁ କେତେ ବେଳେ ସ୍ୱୟଂବରର ଆୟୋଜନ କରାଯାଏ ତ ଅନ୍ୟ କେତେବେଳେ ପୁଣି ବିଭିନ୍ନ ପଣ ରଖାଯାଏ। ରାଜକନ୍ୟା ଗାର କାଟି ବସିଥାଏ, କେତେବେଳେ ମଧ୍ୟ ଶରପୋତି ରଖିଥାଏ, ଏଇ ଶରକୁ ଉତ୍ପାଟନ କଲେ ସର୍ତ୍ତପୂରଣ ହୁଏ । ତେଣୁ ସହଜରେ କୌଣସି ସୁନ୍ଦରୀ ନାରୀକୁ ପ୍ରାପ୍ତହେବା ସଂଭବ ନୁହେଁ, ଏଥିପାଇଁ ନାୟକକୁ ସର୍ତ୍ତପୂରଣ କରିବାକୁ ହୁଏ । ପୁଣି ବହୁ ସମୟରେ ନିଜର ସାହସିକତାର ପରିଚୟ ମଧ୍ୟ ପ୍ରଦାନ କରିବାକୁ ହୋଇଥାଏ । ଏ ରୂପେ ବିଚାର କଲେ ବୀରତ୍ୱ ଓ ସାହସିକତାକୁ କାହାଣୀରେ ସମ୍ମାନିତ କରାଯାଇଛି ।

୧୦। ନୀତି ଓ ଆଦର୍ଶ :

ସତ୍ୟ-ନ୍ୟାୟ, ନୀତି ବିଚାର ଇତ୍ୟାଦି ଓଡ଼ିଆର ନୈତିକତାକୁ କେତେକ କାହାଣୀରୁ ଅନୁସଂଧାନ କରାଯାଇପାରେ । ସତ୍ୟପ୍ରିୟ ଓଡ଼ିଆର ହୃଦୟ ବାର୍ତ୍ତା କେତେକ କାହାଣୀରୁ ସୂଚିତ । ସାଧାରଣ ମଣିଷ ଜୀବନରେ ସତ୍ୟ ରକ୍ଷା କରିବା ଏକ

ଟିପ୍ପଣୀ

ଗୌରବ । ଓଡ଼ିଶାର ବହୁପ୍ରଚାରିତ ଓ ବହୁଜନପ୍ରିୟ "ବଉଳା ଗାଈ କଥା"ରେ ମହାବଳ ବାଘ ହାବୁଡ଼ରେ ପଡ଼ିଥିବା ବଉଳାର ସତ୍ୟ ରକ୍ଷା, ମହନୀୟ ସ୍ତରକୁ ଉନ୍ନୀତ ହୋଇପାରିଛି । ଦୟା, କ୍ଷମା, ତ୍ୟାଗ, ତିତିକ୍ଷା, ଇତ୍ୟାଦି ମହନୀୟ ଗୁଣରାଜିକୁ ଓଡ଼ିଆ କାହାଣୀ କଥକ କେତେକ କାହାଣୀରେ ଅତି ଉପାଦେୟ ଭାବରେ ଉପସ୍ଥାପନା କରିଛି । ଏଥିପାଇଁ କେତେକ କାହାଣୀରେ ମଣିଷ ଓ କେତେକ କାହାଣୀରେ ପଶୁପକ୍ଷୀ ଚରିତ୍ରକୁ ସେ ମାଧ୍ୟମ ରୂପେ ଗ୍ରହଣ କରିଛି । ଅନ୍ୟଠାରେ ବିଶ୍ୱାସ ରଖିବା ବିଶ୍ୱାସୀଙ୍କୁ ଆଶ୍ରୟ ଦେବା, ଆଶ୍ରିତଙ୍କର ସକଳ ମଙ୍ଗଳ ବିଧାନ କରିବା ଉପକାରୀର ପ୍ରତ୍ୟୁପକାର କରିବା, ନ୍ୟାୟ ରକ୍ଷା କରିବା ଇତ୍ୟାଦି କେତେକ ଆଖ୍ୟାନ କାହାଣୀକୁ ନୀତିଗର୍ଭିତ କରିଛି ।

**୧୧ । ଭୂତପ୍ରେତ :**

ଓଡ଼ିଆ ଲୋକ ଚଳଣିରେ ଭୂତ ପ୍ରେତାଦି ଉପରେ ଗଭୀର ବିଶ୍ୱାସ ରହିଛି ଓ ଏସବୁ ଭୟଙ୍କର କାହାଣୀ ଓଡ଼ିଆ ଲୋକକଥକ ତୁଣ୍ଡରେ ଅଧିକତର ଭୟଙ୍କର ଭାବରେ ବିବୃତ ହୋଇଥାଏ । ଲୋକବିଶ୍ୱାସ କହେଯେ, ମଣିଷର ଆତ୍ମା ଇହକାଳରେ ପରିତୃପ୍ତ ନହେଲେ ପରକାଳରେ ସେ ଭୂତ, ପ୍ରେତ, ବ୍ରହ୍ମରାକ୍ଷସ, ଡାଆଣୀ, ଚିରୁଗୁଣୀରେ ପରିଣତ ହୋଇ ତା'ର ବାସନା ଚରିତାର୍ଥ କରିବାପାଇଁ ଚେଷ୍ଟାକରେ । ତାପରେ ଡାଆଣୀ ପ୍ରେତାଦି ନିଛାଟିଆ ସ୍ଥାନରେ ରହନ୍ତି, ବହୁ ସମୟରେ ନାରୀମାନଙ୍କ ଉପରେ ଭୂତ ବା ପିଶାଚୁଣୀ ସବାର ସାଜନ୍ତି ଓ ପୁରୁଷମାନଙ୍କୁ ଭୂତଲାଗେ । ଏପରି ସମୟରେ ନାରୀ ଓ ପୁରୁଷମାନେ ଆଦୌ ନିଜ ଆୟତ୍ତରେ ରହିପାରନ୍ତି ନାହିଁ ବରଂ ଏମାନେ ବହୁ ଅସ୍ୱାଭାବିକ ଆଚରଣ କରନ୍ତି । ଗୁଣିଆ ବା ମନ୍ତ୍ରିବିତ୍‌ମାନଙ୍କୁ ଡକାଇ ଭୂତ ବା ଡାଆଣୀ ଛଡ଼ାଇବା ଘଟଣା ଏବେ ମଧ୍ୟ ଲୋକ ସମାଜରେ ପ୍ରଚଳିତ । ଭୂତ ଲାଗିଲେ ଲୋକ ଆଖିନାଲ ହୋଇଯାଏ ସେ ଆଖି ତରାଟେ, କଟମଟ କରି ଚାହେଁ, ବିପର୍ଯ୍ୟସ୍ତ ହୋଇଯାଏ ତାର ବସନ ଭୂଷଣ - ଗୁଣିଆ ଆସି ମନ୍ତ୍ରବୋଲେ, ପୂଜା କରେ, ମନ୍ଦାର ଫୁଲ ଧୂପ ଓ ଝୁଣା ଧୂଆଁ ଦିଏ । ଗୁଣିଆ ବୋଲେ -

"ନୁଣି ପାଣି ଯେ ଦଇବ ଆଣି, ଆପଣା ଦୃଷ୍ଟି, ପରଦୃଷ୍ଟି, ଡାହାଣୀ ଦୃଷ୍ଟି, ଚିରୁଗୁଣୀ ଦୃଷ୍ଟି, ବିଲେଇ ଦୃଷ୍ଟି, କୁକୁର ଦୃଷ୍ଟି, ହି ହି କଣ୍ଟା, ହା ହା କଣ୍ଟା, ଚା ଚା କଣ୍ଟା, ଖଡ଼ ଖଡ଼ କଣ୍ଟା, ମାଛ କଣ୍ଟା, ଗଛ କଣ୍ଟା, ସର୍ପ କଣ୍ଟା, ମହାଭାରତ ସୁନ୍ଦର ମହା କଣ୍ଟା, ବାହାର ବାହାର କଣ୍ଟା, ହସାଇ ଖେଳାଇ ବାହାର, ରସାଇ ରସାଇ ନ କନ୍ଦାଇ ବାହାର, ପୂର୍ବରୁ ବାହାର, ଚାରିଆଡୁ ବାହାର, ନାଭି ମୁଣ୍ଡଳରୁ ବାହାର, ଶୂନ୍ୟ ମଣ୍ଡଳାରୁ ବାହାର, ହୃଦୟ କମଳରୁ ବାହାର, କାଳୀଙ୍କ ଆଜ୍ଞାରୁ ବାହାର, ନ ବାହାର ବୋଲି କାହାର ଆଜ୍ଞା ? କୀଟେଇ ମା ପତ୍ର ସଉତୁଣୀର, ଜ୍ଞାନଦେବୀ ମାଲୁଣୀର କୋଟି କୋଟି ଆଜ୍ଞା ।"

**୧୨ । ଗୁଣିଗାରେଡ଼ି :**

ଗୁଣିଆ ମନ୍ତ୍ର ବୋଲି ଭୂତ ଛଡ଼ାଏ, କାହାଣୀ ଝଡ଼ାଏ, ଛାଞ୍ଚୁଣି ମାଡ଼ଦିଏ, ଭୂତ ଲାଗିଥିବା ଲୋକ ଦାନ୍ତରେ ପାଣି ଗରାଏ ଧରି ଦୌଡ଼ିବାକୁ ଆରମ୍ଭ କରେ, ଗୁଣିଆ ତାକୁ ବାଡ଼ାଏ । ଗାଁ ମୁଣ୍ଡର କୌଣସି ଗଛ ପାଖରେ ବେହୋସ ହୋଇ ଲୋକଟି ପଡ଼ିଯାଏ, ଭୂତକୁ ସେଇ ଗଛରେ କଣ୍ଟାମାରି ଗୁଣିଆ କିଳିଦିଏ । ଓଡ଼ିଆ ଲୋକ ଚଳଣିରେଭୂତ କାର୍ଯ୍ୟକଳାପ ଓ ଗୁଣି ଗାରେଡ଼ି ଇତ୍ୟାଦିର କେତେକ ଘଟଣା ଗଳ୍ପରେ ବିବୃତ । ମନ୍ତ୍ର, ତନ୍ତ୍ର ଦ୍ୱାରା ରୂପ ପରିବର୍ତ୍ତନ କରିବା, ମନ୍ତ୍ର ଦ୍ୱାରା ମୃତ ଦେହରେ ଜୀବନୀ ଶକ୍ତିର ସଞ୍ଚରଣ ଘଟିବା, ଇତ୍ୟାଦି ଚିତ୍ର କାହାଣୀରେ ପ୍ରଦତ୍ତ । ଏ ସବୁ ଭିତରେ ଓଡ଼ିଆ ଲୋକ ଜୀବନର ସାମାଜିକ ଚଳଣି ପରିସ୍ଫୁଟ ହୋଇଥାଏ । ଅଶରୀରୀ ଆତ୍ମା ପ୍ରତି ରହିଥିବା ପ୍ରଚ୍ଛନ୍ନ ଭୟ, ଏଇ ଧରଣର କାହାଣୀ ମାଧ୍ୟମରେ ବିବୃତ ହୋଇଥାଏ ।

ଟିପ୍ପଣୀ

**୧୩। କିମ୍ବଦନ୍ତୀ :**

କାହାଣୀପ୍ରିୟ ଓଡ଼ିଆ ନିଜ ଚଳଣି ଓ ବିଶ୍ୱାସକୁ ଅନେକ କିମ୍ବଦନ୍ତୀ ଆକାରରେ କାହାଣୀରେ ରୂପ ଦେଇଥିବା ଲକ୍ଷ୍ୟ କରାଯାଏ । ଦେଶର ବିଭିନ୍ନ ସ୍ଥାନର ମହାତ୍ମ୍ୟ କିଂବଦନ୍ତୀରେ ଯେମିତି ଫୁଟି ଉଠିଛି, ସେହିପରି ଭାବରେ ମଧ୍ୟ ଓଡ଼ିଆର ରାଜା, ପ୍ରଜା, ମହାଜନ, ସାଧୁ, ସନ୍ଥ ଓ ସେମାନଙ୍କ କୃତି ଓ କୀର୍ତ୍ତିରାଜି ମଧ୍ୟ ଓଡ଼ିଶାର କିଂବଦନ୍ତୀ ହୋଇ ରହିଛି । ସାଧାରଣ କପୋତ ପକ୍ଷୀର ବାହୁନା ଯେମିତି କିଂବଦନ୍ତୀ, ରାଜା ପୁରୋଷତ୍ତମଙ୍କ କାଞ୍ଚିବିଜୟ ଏଠି ସେମିତି କିଂବଦନ୍ତୀ । କିମ୍ବଦନ୍ତୀ ଭିତରେ ଫୁଟିଉଠେ ଓଡ଼ିଆର ସାଂସ୍କୃତିକ ଚେତନା । କୋଣାର୍କ ମନ୍ଦିର ନିର୍ମାଣ କାଳରେ ଶିବେଇ ସାମନ୍ତରା ବୁଢ଼ୀ ଘରେ ଯାଇ ଥାଳି ମଝିରେ ହାତ ପୂରାଇ ସମୁଦ୍ର ପୋତାର କୌଶଳ ଜାଣନ୍ତି । ନିଜେ ଜଗନ୍ନାଥ ବୁଢ଼ା ବଢ଼େଇ ବେଶରେ ଆସି ଜଗନ୍ନାଥ ମୂର୍ତ୍ତି କରୁ କରୁ ଶ୍ରୀଗୁଣ୍ଡିଚା ରାଣୀଙ୍କ ଧୈର୍ଯ୍ୟ ଭଂଗ ହୁଏ ଓ ମହାପ୍ରଭୁ ତିରିଲା ବୁଦ୍ଧିରେ ଖଣ୍ଡିଆ ହୋଇଯାଆନ୍ତି, କଳା ବଳଦକୁ ଧଳା କରି ଧବଳେଶ୍ୱରଙ୍କ ସିଦ୍ଧି ପ୍ରଚାରିତ ହୁଏ, ଭକ୍ତ ପାଇଁ ଗୋପାଳ ସାକ୍ଷୀ ଦେବାକୁ ବାହାରନ୍ତି, ଭକ୍ତ ପାଇଁ ନିଜେ ଗୋପୀନାଥ କ୍ଷୀର ଚୋରାଇ ଆଣନ୍ତି, କଳାପାହାଡ଼କୁ ଦେଖି ଦେବୀ ରାମଚଣ୍ଡୀ ମାଠିଆ ଧରି ପାଣି ଆଣିବାକୁ ବାହାରି ଯାଆନ୍ତି, ବାରଶ ବଢ଼େଇ ପାଇଁ ଶିଶୁ ଧରମା ଏଠି ପ୍ରାଣ ବିସର୍ଜ୍ଜନ କରେ ଏମିତି ରାଶି କିମ୍ବଦନ୍ତୀକୁ ନେଇ ଓଡ଼ିଆ ଲୋକକାହାଣୀ ଓଡ଼ିଆର ସଂସ୍କୃତିକୁ ପରିପୁଷ୍ଟ କରିଥାଏ ।

**୧୪। ଆନନ୍ଦ ଉତ୍ସବ :**

ଓଡ଼ିଆର ପରିବାର ତା'ର ଖାଦ୍ୟପେୟ, ଓଡ଼ିଆର କଳାଚେତନା ଇତ୍ୟାଦି କାହାଣୀରେ ସ୍ଥାନ ପାଇଛି । ଓଡ଼ିଆର ରାନ୍ଧଣା ସମ୍ପର୍କରେ ମଧ୍ୟ କେତେକ ବିବରଣୀ ଲୋକାକାହାଣୀରେ ରହିଛି । କନ୍ୟା ଦେଖିବାକୁ କୁଣିଆ ଯାଇଛନ୍ତି । କୁଣିଆଁ ଉଦ୍ଦେଶ୍ୟରେ ଛ'ତିଅଣ ନ'ଭଜାରେ ବ୍ୟବସ୍ଥା ରଖାହୋଇଛି । ମୂଷା କନିଆଁ କୁଣିଆ ପାଇଁ ସୁଆଦିଆ ଖିରି, ମହୁର, ଭଜା, ଆମ୍ବିଳ ଇତ୍ୟାଦି ଖାଦ୍ୟ ପ୍ରସ୍ତୁତ କରିଛି । ଓଡ଼ିଆ ଘରର ବିବାହ ସମୟର ଚିତ୍ର ଅନେକ କାହାଣୀରେ ସ୍ଥାନ ପାଇଛି । ଉପଯୁକ୍ତ ତିଥିରେ ବର ଆସେ ବିବାହ ସଂପନ୍ନ ହୁଏ । ମୂଷା କନିଆଁର ବିବାହର ଚିତ୍ର ଦେଇ କୁହାଯାଇଛି - "ପୁନିଅଁ ଦ୍ୱିତୀୟା ଦିନ ବାଇଦ ବାଡ଼ବାଠ ବଜାର ବର ଆସି ପହଞ୍ଚିଲା, କେତେ ଚମ୍ପା ବାଣଜଳିଲା, ଚେଙ୍ଗା ଉଠିଲା, ଗଛବାଣ ଫୁଟିଲା, ଚକ୍ର ବୁଲିଲା, ଢ଼ୋଲିଆ ନାଚିଲେ, ଆଖେଡ଼ାପିଲା ଗାଇଲେ, ପଇସା ବୁଣା ହେଲା । ବୁଢ଼ ବାଟରୁ ବର ବରଣୀ କରିଆଣିଲା ହୁତ୍ ହୁତ୍ ହୋଇ ହୋମ ଜଳିଲା । ଭୋଜି ମଉଜରେ ବିଭାଘର ଶେଷ ହେଲା । ବୁଢ଼ା ବହୁ ଅଳଙ୍କାର, ଭାରଥୋଉ, ଧନରତ୍ନ, ଯାନିଯଉତୁକ ଦେଇ କନ୍ୟାକୁ ବିଦା କରିଦେଲା ।"

**୧୫ । ଖାଦ୍ୟପେୟ :**

ଓଡ଼ିଆ ଘରେ ନାନା ଉତ୍ସବ, ପୂଜା-ପାର୍ବଣ ପ୍ରଭୃତି ଅନୁଷ୍ଠିତ ହୁଏ । ଏଥିପାଇଁ ବିଭିନ୍ନ ପୁଣ୍ୟ-ପର୍ବରେ ବିଭିନ୍ନ ଖାଦ୍ୟପେୟର ବ୍ୟବସ୍ଥା ରଖାଯାଇଛି । ଭାତ, ତରକାରୀ, ଭଜା, ଆମ୍ବିଳ, ଖିରି, ଖେଚୁଡ଼ି, ରାଇ, ବେସର, ଚକୁଳି, ସରୁ, ଚକୁଳି, ନୀନମାନ, ଖଇ, ମୁଢ଼ି, ଚୁଡ଼ା, ଚୁଡ଼ାଘସା, ମହୁର, ମାଛବେସର ଇତ୍ୟାଦି ବିବିଧ ଖାଦ୍ୟ ବିଷୟରେ ଲୋକଗଳ୍ପ ସଚେତନତା ପ୍ରଦାନ କରିଥାଏ । ଓଡ଼ିଆ ଘରେ ପିତୃପିଣ୍ଡ ଦାନ କରାଯାଏ । ପିଣ୍ଡଦାନର ଚିତ୍ର "ସିଂହ ରାଜାଙ୍କ ଶିରାଧ" ଗପରେ ଦେଖା ଯାଇଛି ।

ଟିପ୍ପଣୀ

୧୬। ରାଜତନ୍ତ୍ର :

ଓଡ଼ିଆର ରାଜତନ୍ତ୍ରର ଚିତ୍ର କେତେକ କାହାଣୀରେ ପମୂର୍ତ୍ତ । ଓଡ଼ିଆ ରଜା ପୁଅ ରଜା ହେବା ପୂର୍ବରୁ ପାରିଧିକରେ, ଦେଶ ପର୍ଯ୍ୟଟନ କରି ବିଭିନ୍ନ ଅନୁଭୂତି ସଂଗ୍ରହ କରେ । ଏଇ ଅନୁଭୂତି ହି ତାକୁ ବିଶେଷ ଭାବରେ ପରିପକ୍ୱ କରେ, ପ୍ରଶାସନ ପରିଚାଳନା ପାଇଁ ତାକୁ ବହୁ ଭାବରେ ଗ୍ରହଣ କରିଥାଏ । ପୁଣି ରାଜପୁତ୍ର ବିଭିନ୍ନ ସମୟରେ ଘୋର ସଙ୍କଟରେ ସମ୍ମୁଖୀନ ହେବା, ସାହସିକତା ଏବଂ ବୁଦ୍ଧିମତା ପ୍ରଦର୍ଶନ କରି ଏଇ ସଙ୍କଟରୁ ରକ୍ଷା ପାଇବା ପରେ ସିଂହାସନ ଆରୋହଣ କରିବାର ଚିତ୍ର ଅନେକ ଲୋକ କାହାଣୀରେ ପ୍ରମୂର୍ତ୍ତ ।

ଉପସଂହାର :

ଓଡ଼ିଆ ଲୋକ କାହାଣୀରେ ଓଡ଼ିଆର ସାମାଜିକ ଜୀବନ ଯେମିତି ପ୍ରକାଶ ପାଇଛି ସେମିତି ମଧ୍ୟ ସ୍ଥାନପାଇଛି ଓଡ଼ିଆର ସାଂସ୍କୃତିକ ଚେତନା । ପଲ୍ଲୀ ଜୀବର ବିଶ୍ୱସ୍ତ ରୂପଚିତ୍ର ହିଁ ଓଡ଼ିଆ ଲୋକକାହାଣୀ । କାହାଣୀଗୁଡ଼ିକରେ କଳ୍ପନା ଓ ଅତିକଳ୍ପନା ସ୍ଥାନ ପାଇଛି, ତଥାପି, କାହାଣୀର ବାସ୍ତବ ଆବିମୁଖ୍ୟ, କିନ୍ତୁ ସର୍ବାଧିକ ଆବେଦନ ସୃଷ୍ଟି କରିଥାଏ । ଓଡ଼ିଆର ଘରକରଣା, ଖାଦ୍ୟ-ପେୟ, ଆଚାର, ଆଚରଣ, ପୋଷାକ-ପରିଚ୍ଛେଦ, ଓଷା-ବ୍ରତ, ପୁଣ୍ୟ-ପର୍ବ, ବାହାପୁଆଣି, ରାଜା-ପ୍ରଜା, କୃଷି-ବାଣିଜ୍ୟ, ଧନୀ-ଦରିଦ୍ର, ଓଡ଼ିଶାର ନଦନଦୀ, ବନ-ପାହାଡ଼, ପ୍ରାସାଦ-କୁଟୀର ସହିତ ସମାଜ ଓ ସଂସ୍କୃତିର ସ୍ୱଚ୍ଛନ୍ଦ ଓ ବିଶ୍ୱସ୍ତ ଚିତ୍ର ଅଙ୍କନ କରିବାରେ ଏହା କ୍ଷମ ହୋଇପାରିଛି ।

## ପ୍ରଶ୍ନାବଳୀ

ପ୍ର.୧। ଲୋକକଥାର ସ୍ୱରୂପ ଓ ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କର।

ପ୍ର.୨। ଓଡ଼ିଆ ଲୋକଗଳ୍ପର ଉତ୍ପତ୍ତି ଓ କ୍ରମବିକାଶ ଆଲୋଚନା କର।

ପ୍ର.୩। ଓଡ଼ିଆ ଲୋକକାହାଣୀର ପ୍ରକାର ନିର୍ଣ୍ଣୟ କର।

କିମ୍ବା, ଓଡ଼ିଆ ଲୋକକାହାଣୀର ପରିସର ବ୍ୟାପକ ଏବଂ ବିଭିନ୍ନତାରେ ପୂର୍ଣ୍ଣ, ପ୍ରତିପାଦନ କର।

ପ୍ର.୪। ଲୋକ କାହାଣୀରେ ସାମାଜିକତାର ସ୍ୱରୂପ ନିର୍ଣ୍ଣୟ କର।

■■■